
# ଦିଗନ୍ତ

## ଜାନୁୟାରୀ ୨୦୨୧



**ISSN NO – 2582-208X**

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ବେଦାନ୍ତୀ ପରିବାର ତରଫରୁ ଆପଣମାନଙ୍କୁ ଇଂରେଜୀ ନବବର୍ଷର ଅନେକ ଅନେକ ଶୁଭେଚ୍ଛା । ଏହି ବର୍ଷ ଆପଣଙ୍କ ପାଇଁ ସୁଖ, ଶାନ୍ତି ଓ ଖୁସିର ବର୍ଷ ହେଉ, ଏହା ହିଁ ଆମର କାମନା ।

ପୁରୁଣା ଦିନକୁ, ମାସକୁ ଆଉ ବର୍ଷକୁ ପଛରେ ପକାଇ ଆମେ ପ୍ରବେଶ କରିଥାଉ ନୂତନ ଦିନ ଆଉ ବର୍ଷରେ  ନୂଆ ବର୍ଷରେ ଅନେକେ ଅନେକ ପ୍ରକାରର ସଂକଳ୍ପ ନେଇଥାନ୍ତି । କିନ୍ତୁ ଧିରେ ଧିରେ ତାହା ଭୁଲି ଯିବାକୁ ହିଁ ଠିକ୍ ଭାବିଥାଆନ୍ତି କିମ୍ବା ଭୁଲିଯାଆନ୍ତି ମଧ୍ୟ  । କାରଣ ଆଜିକାଲିର ସମାଜରେ କରିଥିବା ସଂକଳ୍ପର ମୂଲ୍ୟ କିଛି ନାହିଁ କହିଲେ ଚଳେ । ଏହା ଠିକ୍ ଯେ ଏହି ନବବର୍ଷ ଓଡିଆ ବା ଭାରତର ନବବର୍ଷ ନୁହେଁ। କିନ୍ତୁ ଭାରତ ଏକ ଉଦାରବାଦୀ ଦେଶ ଏବଂ ଏଠାର ବାସ କରୁଥିବା ସମସ୍ତ ଜନସାଧାରଣଙ୍କ ମନ ମଧ୍ୟ ଅନେକ ଉଦାର । ଏଠାରେ ବିଭିନ୍ନ ଧର୍ମ ଏବଂ ସଂପ୍ରଦାୟର ଲୋକେ ବାସ କରନ୍ତି ଆଉ ଏନେକ ପ୍ରକାର ପର୍ବପର୍ବାଣୀ ଉତ୍ସାହପୂର୍ବକ ପାଳନ କରାଯାଇଥାଏ, ଏହା ଯେଉଁ ଧର୍ମର ହେଇଥାଉ ପଛେ । ଆଉ ଇଂରେଜୀ ନୂଆବର୍ଷ ଏଥିରୁ ବାଦ ଯିବ ବା କିପରି?

ନୂଆ ବର୍ଷ ପାଳନ ତ ଠିକ୍ ଅଛି । କିନ୍ତୁ ଏହାକୁ ପାଳନ କରିବା ସଙ୍ଗେ ସଙ୍ଗେ ଆମକୁ ଆମ ନିଜ ସଂସ୍କୃତିକୁ ମଧ୍ୟ ମନେପକାଇବା ଆଉ ଆଦରିନେବା ନିହାତି ଦରକାର । କୌଣସି ଜାତି ବା ଧର୍ମର ସଂସ୍କୃତି ଅନୋଖା ଏବଂ ଏହା  ସର୍ବଦୈବ ଆଦରଣୀୟ ।  ଏହି ସଂସ୍କୃତି ହିଁ

ମାନବ ଜୀବନର ମୂଲ୍ୟବୋଧ ଶିଖାଇଥାଏ । ଆଉ ଓଡିଆ ଜାତି ଏକ ମହାନ ଜାତି ଏବଂ ଏହାର ସଂସ୍କୃତି ମଧ୍ୟ ଅତ୍ୟନ୍ତ ମହାନ ଏଥିରେ ସନ୍ଦେହ ନାହିଁ ।

ପ୍ରକୃତରେ ଦେଖିବାକୁ ଗଲେ ନୂଆ ବର୍ଷ ବୋଲି କଛି ନଥାଏ । ପ୍ରତିଟି ଦିନ ହେଉଛି ଆମପାଇଁ ନୂଆ ଆଉ ଏହାକୁ ମାନ ଆମକୁ କଛି ନୂତନ ଚନ୍ତା, ନୂତନ ବା ଭଲ କାର୍ଯ୍ୟ କରିବା ପାଇଁ ପ୍ରେରଣା ନେବା ଆବଶ୍ୟକ ।

୨୦୨୦ ମସିହା କୁ ଅନେକ  ଲୋକେ ଭୁଲିଯିବାକୁ ଗ୍ଚହାଁନ୍ତି । ଏହାର କାରଣ ଏହି ବର୍ଷଟି ହେଉଛି ବିପର୍ଯ୍ୟୟର ବର୍ଷ । ଅନେକ ପ୍ରକାର ବିପର୍ଯ୍ୟୟ ଦୁନଆର ସହସ୍ରାଧିକ ଜନସାଧାରଣଙ୍କର ଜୀବନର ଅନ୍ତ କରିଛି । କରୋନା ଭୂତାଣୁ ହେଉଛି ଏଥିମଧ୍ୟରୁ ଅନ୍ୟତମ । କନ୍ତୁ ଖୁସିର କଥା ଯେ ମନୁଷ୍ୟ ଏହି ମହାମାରୀରୁ ମୁକ୍ତି ପାଇବା ପାଇଁ ଅନେକ ପ୍ରଚେଷ୍ଟା ଦ୍ୱାରା ଟୀକା ବାହାର କରିସାରିଛି ଯାହାଦ୍ୱାରା ଏହି ନୂଆବର୍ଷରେ ଅନେକ ଜନସାଧାରଣଙ୍କର ଜୀବନ ବଞ୍ଚାଇ ହେବ ।

ଇଂରାଜୀ ନବବର୍ଷ ୨୦୨୧ ଆପଣ ଏବଂ ଆପଣଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧି ଆଣିଦେଉ, ଏହାହିଁ ଆମର କାମନା ।

ଜୟ ଓଡିଆ, ଜୟ ଓଡିଶା ।

ଅରବିନ୍ଦ ମିଶ୍ର



# ଭିତର ପୃଷ୍ଠାରେ....


| | | |
|---|---|---|
| ଫୁଟାଣିଆ | ଡକ୍ଟର ବିଜ୍ଞାନୀ ଦାସ | ୧୩ |
| ଫର୍ଦ୍ଦେ..ନୂଆବର୍ଷ ପାଇଁ | ପ୍ରାଧାପିକା ଜ୍ୟୋତ୍ସ୍ନା ରାୟ | ୨୨ |
| ସୁ ସ୍ୱାଗତମ୍ ଦୁଇହଜାର ଏକୋଇଶ | ଶାନ୍ତିଲତା ମିଶ୍ର | ୨୫ |
| ଆସିଛି ନୂଆ ବରଷ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୨୬ |
| ଅପେକ୍ଷା | ସୁଲୋଚନା ପଟ୍ଟନାୟକ | ୨୭ |
| ଶାପମୁକ୍ତ ଅହଲ୍ୟା ମୁଁ | ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ | ୩୫ |
| ସରି | ସୁବାସ ଚନ୍ଦ୍ର ମୁଦୁଲି | ୩୭ |
| ସ୍ୱାଗତମ୍ ୨୧ | ସରୋଜ ଲକ୍ଷ୍ମୀ ମହାନ୍ତି | ୩୮ |
| ଅସାଧାରଣ ସୁନ୍ଦରବନ | ଅଶୋକ ବିଶ୍ୱାଳ | ୪୦ |
| ଜୀବନ ସତ୍ୟ | ଡ. ପ୍ରସନ୍ନ କୁମାର ବଳ | ୫୦ |
| ଜୀବନ ର ଖେଳ | ଆଶୁତୋଷ ମେହେର | ୫୨ |
| ପୁରୁଷ | ଭାସ୍କର ଚନ୍ଦ୍ର ଖଣ୍ଡା | ୫୩ |
| ଡ଼ାଏରୀର ଶେଷପୃଷ୍ଠା | ଲୋପାମୁଦ୍ରା ମିଶ୍ର | ୫୬ |
| ମୋତେ ଜନ୍ମ ଦେ ମାଆ | ଅସୀମା ସାହୁ | ୬୨ |
| ଇର୍ଷା | ପ୍ରିୟଦର୍ଶିନୀ ପଣ୍ଡା | ୬୪ |
| ଆଞ୍ଜୁଳାଏ ଆକାଂକ୍ଷା | ସାଗରିକା ମହାନ୍ତି | ୬୬ |
| ପଣତକାନର ଲୁହ | ମୈତ୍ରେୟୀ କମିଳା | ୬୭ |
| କଇଁ କହେ ଜହ୍ନକୁ | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୬୯ |
| ଫୁଲ ହୋଇ ଝରିଯାଉ | ରାଜକିଶୋର ସାଇଁ | ୭୦ |

| | | |
|---|---|---|
| କରୋନା ର କେତୋଟି ସ୍କେଚ | ସୁବଳ ମହାପାତ୍ର | ୭୨ |
| ଜହ୍ନ ରାଇଜରେ ଜାଗା କଣିଛି | ହାସ୍ୟମୟୀ ରାଜ୍ | ୭୭ |
| ଶସ୍ୟ ଶ୍ୟାମଳା ଦେଶ | ନନ୍ଦିନୀ ରାଉତ | ୭୮ |
| ନଆର୍ ଅଟେ ଏ ପ୍ରେମ | ଅଶୋକ କୁମାର ପ୍ରଧାନ | ୭୯ |
| ଆ କା ମା ବୈ..... | ପ୍ରଫେସର ସୁଚରଣ ଚନ୍ଦ୍ର ମିଶ୍ର | ୮୦ |
| ମିଳନ ମାୟା | ସନାତନ ମହାକୁଡ | ୮୫ |
| ନୀଳ ଆକାଶ | ମଧୁସ୍ମିତା ପୃଷ୍ଟି | ୮୬ |
| ମଣିଷ-ଓଟ | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୮୭ |
| ନଟ ଓ ନାଟୁଆ | ବିନୟ ମହାପାତ୍ର | ୮୯ |
| ପୁରୁଣା ଈଶ୍ୱର | ବିଦ୍ୟାଧର ମିଶ୍ର | ୯୧ |
| ତୁ | ଡଃ. କଶୋର ମହାନ୍ତି | ୯୨ |
| କେଶବତୀ କନ୍ୟା | ଆରତୀ ସାହୁ (ଆଶା) | ୯୩ |
| କବିତା ଓ ମୁଁ | ଶେଷଦେବ ପଣ୍ଡା | ୯୮ |
| ଅନ୍ତଃହୀନ ଅନ୍ୱେଷଣ | ବିନୟ ଭୂଷଣ ପାଣିଗ୍ରାହୀ (ମିଟୁ) | ୧୦୦ |
| ଦରମା ବୃଦ୍ଧି ଫେରସ୍ତ | ଶଶଧର ମହାପାତ୍ର | ୧୦୩ |
| ପ୍ରେମ ର ଅନ୍ୟ ନାମ ମରୀଚକା | ରଶ୍ମିତା ସାହୁ | ୧୧୦ |
| ଜୟ ଜଗନ୍ନାଥ | ରଞ୍ଜନ କୁମାର ଖଣ୍ଡା | ୧୧୧ |
| ଦୁଃଖ | ପ୍ରତିମା ମେହେର | ୧୧୩ |
| ସେଇ ଅନ୍ଧାର ରାତିରେ | ବିଜୟ କୁମାର ପଣ୍ଡା | ୧୧୪ |
| ନାରୀ ରୂପୀ ନାରାୟଣୀ | ସୁନୀତା ଶତପଥି | ୧୧୬ |

| | | |
|---|---|---|
| ଦହନର ତିନୋଟି ସ୍କେଚ୍ | ତନୟା ଦାସ | ୧୧୮ |
| ସମାଧି | ଅମ୍ବିକା ସ୍ୱାଇଁ | ୧୨୦ |
| ଏ କ ବେଳ କାଳ ଆସିଲ୍ | ପ୍ରଶାନ୍ତ କୁମାର ନାଥ | ୧୨୩ |
| ମାଟି | ଭଗିରଥୀ ଯାନୀ | ୧୨୫ |
| ଉତ୍କଟ ବେକାରୀ ସମସ୍ୟା ଓ ତାର ସମାଧାନ | ବାସନ୍ତୀ ଲତା ଜେନା | ୧୨୭ |
| କେଉଁଦିନ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୩୦ |
| ଓଁ ଗଣପତୟେ ନମଃ | ସୌମ୍ୟ ରଞ୍ଜନ ପାଲ | ୧୩୧ |
| ତୁମେ  କ ସେଇ | ସମ୍ୟଜିତ ପାତ୍ର | ୧୩୨ |
| ଅଭଗିନୀ ପ୍ରୀତି | ମନୀଷା ପଣ୍ଡା | ୧୩୩ |
| ବାପା | ବିନ୍ଧ୍ୟାରାଣୀ ଦାଶ | ୧୩୬ |
| ବୃନ୍ଦାବନ ବନବିହାରୀ | ଡ. ଅର୍ଜୁନ ଚରଣ ବାରିକ୍ | ୧୩୮ |
| କରୋନା ଭଗବତ | ଶମ୍ଭୁନାଥ ଦାସ | ୧୪୦ |
| କଣ୍ଢେଇ | ଝରଣା ବାରିକ | ୧୪୧ |
| ଗାଁ'ର ଚର୍ଚ୍ଚା | ସସ୍ମିତା ପଟ୍ଟନାୟକ | ୧୪୪ |
| ବାସ୍ ସେତିକି ଥାଉ | ଛବିରାଣୀ ପତି | ୧୪୬ |
| ସୂର୍ଯ୍ୟୋଦୟ | ଅନାଦି ସେଠ | ୧୪୮ |
| ଦୀପାବଳି | ସୌମ୍ୟାଶ୍ରୀ ନାୟକ | ୧୫୦ |
| ସିପାହୀ ବିଦ୍ରୋହର ଦେଢଶ ବର୍ଷ ପରେ କେମିତି ଅଛି ଲକ୍ଷ୍ନୌର ରେସିଡେନ୍ସି | ପ୍ରିୟବ୍ରତ ପାତ୍ର | ୧୫୨ |
| ଶାଶୁ ଶ୍ୱଶୁର | ସୌଭାଗ୍ୟବତୀ ଗିରି | ୧୫୮ |
| କରୋନା | ଜୟଶ୍ରୀ ମେହେର | ୧୬୧ |
| ଶୀତରେ ଶୀତରେ | ସତ୍ୟବ୍ରତ ସାହୁ | ୧୬୨ |

| | | |
|---|---|---|
| ଏମିତି ବି ହୁଏ | ଡ. ଜ୍ଞାନେଶ୍ୱର ମିଶ୍ର | ୧୬୪ |
| ଯୋଦ୍ଧା | ତ୍ରିପତି ପ୍ରଧାନ | ୧୬୬ |
| ଘଟଗାଁ ତାରିଣୀ | ରାମ ଚନ୍ଦ୍ର ପ୍ରଧାନ | ୧୬୭ |
| ଧୂଳ ମଣିଷ | ବୈଦ୍ୟନାଥ ପଣ୍ଡା | ୧୬୮ |
| ରିଠା ପତ୍ର | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୭୦ |
| କୁଆଡ଼େ ଗଲ୍ ସେ ଦିନ | ଶିଶିର କୁମାର ପଣ୍ଡା | ୧୭୫ |
| କାର୍ତ୍ତିକ ମାହାତ୍ମ୍ୟ | ଅମରନାଥ ବାରିକ | ୧୭୬ |
| ବର୍ଷା | କୀର୍ତ୍ତି ଦେବୀ | ୧୭୮ |
| ଅଚହ୍ନା ବନ୍ଧନ | ଜୟଲକ୍ଷ୍ମୀ ସେଠୀ | ୧୮୦ |
| ଜୀବନ | ରୀତାରାଣୀ ତ୍ରିପାଠୀ | ୧୮୬ |
| କାଳିଆ ଠାକୁର | ପ୍ରତାପ ମିଶ୍ର | ୧୮୭ |
| ଜୀବନ | ମଧୁଲିତା ନାୟକ | ୧୮୯ |
| ପ୍ରତିବିମ୍ବ | ଅଳକା ମହାନ୍ତି | ୧୯୧ |
| ପ୍ରେମ | ଅଲେଖ ମେହେର | ୧୯୬ |
| ମୋ ଓଡିଶା | ନିରଞ୍ଜନ ସାହୁ | ୧୯୮ |
| ଅଯଥା ପ୍ରଶଂସା କରୁଥିବା ଲୋକ ବିପଜ୍ଜନକ | ନରେନ୍ଦ୍ର ପ୍ରସାଦ ବେହେରା | ୨୦୦ |
| ସ୍ୱାଧୀନ  ଜୀବନ  କାନ୍ଦେ | ବିଶ୍ୱ ରଞ୍ଜନ ମହାନ୍ତି | ୨୦୨ |
| ଅବଶୋଷ | ଲଲାଟେନ୍ଦୁ ବାରିକ | ୨୦୩ |
| କରୋନା ଭାଇରସ୍ ଉପରେ ଆଧାରିତ ଗଳ୍ପ- ଅଲୋଡ଼ା ମଣିଷ | ପ୍ରିୟରଞ୍ଜନ ଭାରତୀ | ୨୦୪ |
| ଧୁତୁରା ଫୁଲ | ସରୋଜ କୁମାର ସାହୁ | ୨୦୭ |
| ପ୍ରତ୍ୟାଶୀ ମାଲ୍ୟବନ୍ତ | ଦିନବଂଧୁ ବେଜ | ୨୦୮ |
| ପ୍ରୀତିର ସେଇ ଗାଁ ନଇ | ନବ କୁମାର ଦାସ | ୨୦୯ |

| | | |
|---|---|---|
| ଛୋଟ ମୋର ନାଆଟି | ପ୍ରଫେସର ଅନନ୍ତା ପଣ୍ଡା | ୨୧୦ |
| ମାଁ ମହାଲକ୍ଷ୍ମୀ | ବିଶ୍ୱନାଥ ସେଠୀ | ୨୧୯ |
| ଅଙ୍କ | ସୁଲୋଚନା ବେହେରା | ୨୨୧ |
| ବାସ୍ତବତା | ଅଜିତ ପାଢ଼ି | ୨୨୨ |
| ନିଷ୍ଠୁର ସମାଜରେ ଅସହାୟ ପିତା ମାତା | ଶକୁନ୍ତଳା ପରିଡ଼ା | ୨୨୩ |
| ଜୟ ତ୍ରିରଙ୍ଗା ପତାକା | ନଲେଶ କୁମାର ଷେଇ | ୨୨୮ |
| ମୋ ସ୍ୱପ୍ନର ସାଥୀଟିଏ | ମୃଣ୍ମୟୀ ପ୍ରଧାନ | ୨୨୯ |
| ଧନ୍ୟା ସେ ଜନନୀ | ବିଜୟ କୁମାର ଛାଟୋଇ | ୨୩୧ |
| ମୁଇଁ ତ ଦାଦନ | ମହେଶ୍ୱର ସାହୁ | ୨୩୨ |
| ଏତେ ଅନ୍ତର | ଖଗେଶ୍ୱର ବାଗ | ୨୪୦ |
| ଦେଖ ମୋ ମନର ଛବି | ସିଦ୍ଧେଶ୍ୱର ତ୍ରିପାଠୀ | ୨୪୨ |
| ରାସ୍ତା କଡର ପିଲାଟି | ଲକ୍ଷ୍ମୀ ଆଗ୍ରୱାଲ୍ | ୨୪୩ |
| ମାରାଥନ୍... | ଜୁମର ନାଥ ପାତ୍ର | ୨୪୫ |
| ମାଁ ପାଇଁ ପଦେ | ତ୍ରିଲୋଚନ ସାହୁ | ୨୪୬ |
| କଥା ଥିଲା | ଲିପ୍ସା ଆଗ୍ରୱାଲ୍ | ୨୪୭ |
| ତୁମେ ଆଉ ମୁଁ... | ଅମୂଲ୍ୟ କୁମାର ପଣ୍ଡା | ୨୪୯ |
| ପ୍ରେମ ର ପରିଭାଷା | କେଶରୀ ପ୍ରସାଦ ମହାନ୍ତି | ୨୫୧ |
| ଚପଲା ଗୋ !! | ହରେରାମ ପଣ୍ଡା | ୨୫୩ |
| ହେ ମାଁ ଦୁର୍ଗେ | ବେବୀ ନାଏକ | ୨୫୪ |
| ବାପା | କରଣ ମନୀଷା ମହାନ୍ତି | ୨୫୬ |
| ଦୃଶ୍ୟ ଆର ପାରି ର | ପ୍ରକାଶ ସାହୁ | ୨୫୯ |
| ମୁଖା | ସନାତନ ଦାସ | ୨୬୨ |
| ପୋଲିସ ଅଫିସର | ସଙ୍ଗୀତା ମହାନ୍ତି | ୨୬୩ |

| | | |
|---|---|---|
| ତୋ ପ୍ରେମରେ | ଶୁଭଲକ୍ଷ୍ମୀ ସାହୁ | ୨୬୪ |
| ବିଜ୍ଞାନ ଆଲୁଅରେ ନୈତିକତାର ମୂଲ୍ୟାଙ୍କନ | ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ | ୨୬୬ |
| ଚଲ୍ପଥ | ମନୋରଞ୍ଜନ ସୁରୁଜାଲ | ୨୬୮ |
| ଆସନ୍ତା କାଲି | ଗୁପ୍ତେଶ୍ୱର ଗ୍ୱନ୍ | ୨୬୯ |
| ହଜିଗଲ୍ ମୋ ପିଲ୍ଦିନ | ଜନ୍ମଜୟ ନାୟକ | ୨୭୧ |
| ଉଦବୋଧନ | କୌସ୍ତୁଭ ଜାଲ | ୨୭୨ |
| କରୋନା ପ୍ରତି ଦୃଷ୍ଟି | ସରୋଜ କୁମାର ଜେନା | ୨୭୫ |
| ଛାଡଖାଇ | ଶ୍ୟାମସୁନ୍ଦର କୁମ୍ଭାର | ୨୭୭ |
| କଏ କେଉଁଠି | ମେନନ୍ ସାହୁ | ୨୭୯ |
| ଆସ୍ତିକବାଦର ଅହେତୁବାଦୀ ପକ୍ଷ | ବାଲ୍ମୀକ ନାୟକ | ୨୮୧ |
| ତୁମେ ଅଛ ବୋଲି | ତପନ କୁମାର ସାହୁ | ୨୮୫ |
| ଭସା ଶବ | ସନ୍ଦୀପ ମହାରଣା | ୨୮୬ |
| ପ୍ରକୃତିର ଖେଳ | ସଂଜୀବ ମେହେର | ୨୮୭ |
| (ସୁନାଯୋଡ଼ି ର ଗପ) ରାଜନୈତିକ ସତ୍ୟ | ବିଜୟ କୁମାର ଜେନା | ୨୮୯ |
| ଗାଁ ରୁ ସହର ଯାଏଁ | କୃଷ୍ଣ ଚନ୍ଦ୍ର ବାରିକ୍ | ୨୯୬ |
| ମାନସ ନାୟକ | ଶୋଭଗିନ ବିଶି | ୨୯୮ |
| ମୋ 'ବାପାଙ୍କୁ ଯେପରି ଜାଣେ | ଆଲୋକ କୁମାର ପଣ୍ଡା | ୨୯୯ |
| ମନର ଭାବନା | ଅନାମ ଚରଣ ସାହୁ | ୩୦୦ |
| ଆହତ ପ୍ରେମିକାର ଅନ୍ତର୍ଦାହ | ଅଞ୍ଜଳି ଭୋଇ | ୩୦୧ |
| ଅନ୍ତରୀକ୍ଷରେ ସ୍ୱପ୍ନପାଦ | ସୁଭଦ୍ରା ରାଉତ | ୩୦୩ |
| ପ୍ରତ୍ୟାଶା-ଏକ ନୂଆ ଆଶା | ଆୟୁଷ୍ମାନ ତ୍ରିପାଠୀ | ୩୦୬ |
| ମାଟିର ମଣିଷ | ବେଣୁଧର ସୂତାର | ୩୦୮ |

| | | |
|---|---|---|
| ଉତ୍କଳ ସଂସ୍କୃତି | ଟୁକୁନା ସାହୁ | ୩୧୦ |
| ପାଗଳ | ସୁଶୀଲ କୁମାର ମହାପାତ୍ର | ୩୧୧ |
| ସେ ଦୁନିଆ କୁ ଯିବା ଫେରି | ଶାନ୍ତନୁ କୁମାର ରାଉତ | ୩୧୨ |
| ସାଜିଛି ଅଭିମନ୍ୟୁ | ଶରତ କୁମାର ନାଏକ | ୩୧୩ |
| ଅଦିନିଆ ମୌସୁମୀ | ରୁଦ୍ର ନାରାୟଣ ଦାଶ | ୩୧୫ |
| ମା | ରୋହିତ୍ ନାଏକ | ୩୧୮ |
| ସାଧବବୋହୂ | ପ୍ରକାଶ କୁମାର ଗୃନ୍ଦ | ୩୧୯ |
| ଗୃଲିଗଲୁ ତୁ | ସମ୍ବିତ ଦାଶ | ୩୨୦ |
| ବ୍ୟସ୍ତ ସହର | ଦୁଷ୍ମନ୍ତ ବେହେରା | ୩୨୧ |
| ବରଷା | ପବିତ୍ର ବେହେରା | ୩୨୫ |
| ତୁମେ | ନେପାଳ କୁମାର ବେହେରା | ୩୨୬ |
| ଦେବଦୂତ | ନବୀନ କୁମାର ପଧାନ | ୩୨୭ |
| ଗୃରୁ ନବବର୍ଷ | ଲକ୍ଷ୍ମଣ ମହାନ୍ତି | ୩୨୮ |
| ସୂର୍ଯ୍ୟ | ଚନ୍ଦ୍ରଶେଖର କୁଅଁର | ୩୨୯ |
| ଇନ୍ଦୁ | ଦେବାଶିଷ୍ ସାଗର | ୩୩୧ |
| ପ୍ରିୟତମା | ଟିକେରାଜ ସାହୁ | ୩୩୪ |
| ଶ୍ରୀମଦ୍ ଭଗବତ୍ ଗୀତାର ଅଷ୍ଟାଦଶ ଅଧ୍ୟାୟର ସାରକଥା | ନରେନ୍ଦ୍ର ପ୍ରସାଦ ବେହେରା | ୩୩୫ |
| ସାଉଁଟା ସ୍ମୃତି | ପ୍ରମୋଦ କୁମାର ସାହୁ | ୩୩୯ |
| ଅନାହାର ସତ ମହାଭାରତ | ଏମ୍.ବିଜୟ କୁମାର | ୩୪୦ |

# ଆଞ୍ଚଳିକ

| | | |
|---|---|---|
| ଛୁଟି ର୍ ଲାଗି | ସତ୍ୟନାରାୟଣ ମିଶ୍ର | ୩୪୨ |
| ମାଁର ହୁରୁଦ୍ | ଡିସମ୍ବର ମେହେର | ୩୪୪ |
| ଏକତା ହିଁ ବଲ୍ | ଶୁକଦେବ ସାହୁ | ୩୪୬ |
| ତଲସିଆ | ସହଦେବ ଧରୁଆ | ୩୪୮ |
| ଦୁଇ ଦିନଆ ମୁନୁଷ୍ ଜୀବନଟା ତୋର | ସଞ୍ଜୟ କୁମାର ନାଏକ | ୩୫୦ |
| ହାବଡେ | ସୁନୀଲ କୁମାର ଅଗସ୍ତି | ୩୫୧ |
| ମୁଇଁ ହେଇ ଯାଏଁତି କେଁ | ବାଙ୍କାବିହାରି ମହାକୁର | ୩୫୨ |
| ଭାବ୍ | ଡ. ସୁଧାଂଶୁ ମେହେର | ୩୫୪ |

# ଶିଶୁ ବିଭାଗ

| | | |
|---|---|---|
| ପୋଡ଼ା କନ୍ଦମୂଳର ଦିନ | ଡ଼ଃ ରଞ୍ଜିତ କୁମାର ସାହୁ | ୩୫୬ |
| କୀଟପତଂଗ ଓ ପରିବେଶ | ନୀଳମାଧବ ସାହୁ | ୩୬୧ |
| ହସ୍ତାକ୍ଷର | ଅଚ୍ୟୁତାନନ୍ଦ ବିଶ୍ୱାଳ | ୩୬୫ |
| ଭକ୍ତି ପୁଷ୍ପ | ଧରିତ୍ରୀ ଦାସ | ୩୬୬ |
| ଅକଲ ମକଲ ଟକଲ ଟିଆଁ | ଶ୍ରୀ ସତ୍ୟବ୍ରତ ସାହୁ | ୩୬୯ |
| ମନେ ରଖିବା ଜିଲ୍ଲା ତିରିଶି | ରୋହିତ ସେଠୀ | ୩୭୦ |
| ଜହ୍ନ | ନରଞ୍ଜନ ସାହୁ | ୩୭୧ |
| ଚନ୍ଦ୍ର | ରିୟାନ୍ସ ପଣ୍ଡା | ୩୭୩ |

| | | |
|---|---|---|
| ଜାନୁୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୭୪ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୩୭୫ |

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

# ଫୁଟାଣିଆ



ଡକ୍ଟର ବିଜ୍ଞାନୀ ଦାସ

ଅମରେଶର ଏ ଫୁଟାଣିଆ ପ୍ରକୃତି ଏପର୍ଯ୍ୟନ୍ତ ଅଛି । କଥାରେ ଅଛି ପରା, "ପ୍ରକୃତି ନୈବ ମୁଚ୍ୟତେ, ଯଦି ମୁଚ୍ୟତେ କଞ୍ଚିତ୍ କଞ୍ଚିତ୍" | ଆଜି ଏତେ ବଡ ଲୋକ ହେଲେ ବି, ଏତେ ଶିକ୍ଷିତ ହେଲେ ବି, ଏତେ ସ୍ୱଚ୍ଛଳ ହେଲେ ବି ତାର ସେହି ଫୁଟାଣିଆ ପ୍ରକୃତି ଏପର୍ଯ୍ୟନ୍ତ ଗଲାନି । ଲୋକଙ୍କୁ ସବୁ ଜିନିଷ ବଡ କରି ଦେଖେଇବା, ନିଜ କାମିକା ପଣର ଦେଖେଇହେବା ଓ ଯେତେଯେତେ ବିଶିଷ୍ଟ ବ୍ୟକ୍ତି ତାଙ୍କ ସହିତ ଫଟୋ ଉଠେଇ ସେମାନଙ୍କ ସହିତ ନିଜ ସଂପର୍କର କାହାଣୀ ଗପିବା ତାର ସେସବୁ ଫୁଟାଣିଆ ପ୍ରକୃତିର ଉଜ୍ଜ୍ୱଳ ଦୃଷ୍ଟାନ୍ତ। ତେବେ କରୋନା ଭଳି ଭୂତାଣୁକୁ ନେଇ ଏମିତି ଫୁଟାଣି ଦେଖେଇବା କେତେଦୂର ଯୁକ୍ତିଯୁକ୍ତ ବୁଝିପାରୁନଥିଲା ଛନ୍ଦା ।

ଅମରେଶର ଝିଅର ବାହାଘର । ନଭେମ୍ବର ୨୮ ତାରିଖ । ନଭେମ୍ବର ୨୭ ତାରିଖରେ ମଙ୍ଗଳପାଗ ଓ ସଂଗୀତ । ଅତି ସୁନ୍ଦର ଡିଜାଇନ୍‌ର ନିମନ୍ତ୍ରଣ ପତ୍ର କରି ପଠେଇଥିଲା । ଆକାଶ ତାକୁ କହିଥିଲେ, "ହଁ, ଆମେ ଆସିବୁ । ତୁ ଚିନ୍ତା କରନି । କେତେକେତେ ଲୋକ ତ ପୁଣି ଦେଶ ବାହାରକୁ ଯିବାଆସିବା କରୁଛନ୍ତି । ଆଉ ଆମେ ଏଇ ଏକା ଦେଶରେ,ପାଖରେ ଥାଇ ଯିବୁନି ।" ଇଏ ଥିଲା ଅଗଷ୍ଟ ମାସର କଥା । ସେତେବେଳେ କରୋନା ଟିକେ ନିୟନ୍ତ୍ରଣରେ ଥିଲା । ତାପରେ ତା ପାଇଁ ପ୍ରତିଷେଧକ ଟିକା ଶୀଘ୍ର ବାହାରିଯିବାର ଆଶା ବି ଥିଲା । ସେଥିପାଇଁ ସେତେବେଳେ ଛନ୍ଦା କିଛି କହିନଥିଲା । ହୁଏତ ନଭେମ୍ବର ବେଳକୁ ଅବସ୍ଥା କିଛି ସୁଧୁରି ଯାଇଥିବ ।

ଅକ୍ଟୋବର ମାସରୁ କରୋନା ବଢିବାରେ ଲାଗିଛି । ସେଥିପାଇଁ ଛନ୍ଦା ସ୍ଥିର କରିନେଇଛି ଯିବନି ବୋଲି । ହେଲେ, ଦେଖୁନ ସେ ଫୁଟାଣିଆ ଅମରେଶକୁ । ତିନି ଚାରିଦିନ ତଳେ ତାଙ୍କ ଅତି ବାଧ୍ୟ କରି ଗୁଣ ନୟମ ପକେଇ କହିଲା । "କଣ ଭାଉଜ, ତମେ ଏତେ ଡରିଯାଉଛ କଣ ପାଇଁ ? ଜାଣିଛ, ଆମେ ଭାରତୀୟ ମାନେ ଏମିତି ସବୁ ମସଲା ଖାଇଛନ୍ତି ଯେ, କରୋନା କଣ, ତା ବାପା ବି ଦୂରେଇ ରହିବ । ତେବେ ତମେ ଜମା ଚିନ୍ତା କରନି । ସବୁ ବ୍ୟବସ୍ଥା ହିଲ୍ଟନ୍ ରେ ହେବ । ସେମାନେ ସବୁ ସ୍ୱାସ୍ଥ୍ୟ ସଚେତନତାକୁ ଆଖି ଆଗରେ ରଖି ବ୍ୟବସ୍ଥା କରିବେ । ସେଥିପାଇଁ ତାଙ୍କୁ ସବୁ ଅର୍ଥ ଦିଆସରିଛି ।"

ଛନ୍ଦା ପଚାରିଲା, "ସେମିତି କୁହନି । ତାହେଲେ ଓଡିଶାରେ ପୁଣି କରୋନାରେ ଲୋକ ମରୁଛନ୍ତି କେମିତି ? ଆଛା କୁହତ, କେତେ ଜଣଙ୍କୁ ନିମନ୍ତ୍ରଣ କରିଛ ?"

ଅମରେଶ ସେମିତି ଫୁଟାଣି ଦେଖେଇ କହିଲା, "ତମେ ତ ଜାଣିଛ, ଆମର ସବୁ କେତେ ସାଙ୍ଗ, ବନ୍ଧୁବାନ୍ଧବ । ପ୍ରଥମେ ତ ଛଅଶହ ଲୋକଙ୍କୁ ଡକା ଯାଇଥିଲା । ତେବେ କରୋନା ପାଇଁ ଟିକେ କଟକଣା କରିଦେଇଛୁ । ଏବେ ସବୁ କାଟିକୁଟି ଦେଢଶହ ଅତିଥି ଆସିବେ । ବରପକ୍ଷର ପାଖାପାଖି ୭୦ ଜଣ ଆଉ ଆମ ପକ୍ଷରୁ ସେଇ ୮୦ ଜଣ ।"

"ଦେଢ ଶହ ଲୋକ, ଏ କରୋନା ସମୟରେ ? ତମେ ଜାଣିନ କି ଏବେ କରୋନା ସଂକ୍ରମଣ ବହୁତ ବଢିଯାଇଛି । ସେଥିରେ ତମେ ଏତେ ଲୋକଙ୍କୁ କେମିତି ଡାକପାରିବ ? କଣ ତମ ରାଜ୍ୟ ଟେନେସିରେ କଟକଣା ନାହିଁ ?" ଅମରେଶ କହିଲା, "ଜାଣିଲ ଭାଉଜ, କରୋନା ଯେତେ ସାଙ୍ଘାତିକ ନୁହେଁ, ଏମାନେ ସେତେ କରି ଡରେଇ ଦେଉଛନ୍ତି। ଆରେ ଲୋକ ତ ପ୍ରତିଦିନ ମରନ୍ତି ଆଉ ମରିବେ । ଏ କରୋନା ନଥିଲେ ବି ଆଉ କୌଣସି ରୋଗରେ ଆକ୍ରାନ୍ତ ହୋଇ ମରିବେ । କରୋନା ଚାଲିଛି ବୋଲି, ଏବେ ଯିଏ ଯେମିତି ମରୁଛି, ତାକୁ କରୋନା ନାରେ ପକେଇ ଦେଉଛନ୍ତି ।ଖାଲି ଲୋକଙ୍କୁ ଡରେଇବା ପାଇଁ ।"

ଛନ୍ଦା କିଛି ଉତ୍ତର ଦେବା ପୂର୍ବରୁ ଅମରେଶ ତରତର ହୋଇ କହିଲା, "ଭାଉଜ, ମୁଁ ପରେ ଡାକିବି । ଏବେ ମେୟରଙ୍କ ଅଫିସ୍‌ରୁ ଗୋଟିଏ କଲ୍ ଆସିଛି ।"

ଛନ୍ଦାର ମୁଣ୍ଡ ଖରାପ ହୋଇଗଲା । ସିଏ କଛି ବୁଝିପାରୁନଥିଲା । ଏବେ ସବୁ ରାଜ୍ୟରେ ଏତେ କଟକଣା ଜାରି ହୋଇଛି । ହେଲେ କେମିତି ଟେନେସିରେ କଛି କଟକଣା ନାହିଁ ? ପୁଣି ଦେଢଶହ ଲୋକ । ଇଏ ତ ଅତି ମାରାତ୍ମକ କଥା । ତା' ଭିତରେ କାହାରିକୁ ଯଦି କଛି ହୋଇଥିବ, ସମସ୍ତଙ୍କୁ ବ୍ୟାପିବ । ତାପରେ ଖାଇବା, ପିଇବା ବନ୍ଦୋବସ୍ତ କରୁଥିବା କର୍ମଚାରୀ ମାନେ ବି ଥିବେ । "ହେ ଭଗବାନ, ଜମା ନୁହେଁ । ସିଧା ନା କହିଦେବା ଦରକାର ।" ତେବେ ଅମରେଶ ଆକାଶଙ୍କ ଦାଦାଙ୍କ ପୁଅ । ଦାଦା ଓ ଖୁଡୀ ତିନିମାସ ହେଲା ଅନ୍ତର୍ଜାତୀୟ ବିମାନ ଯାତ୍ରା କରି ଆସି ସେମାନଙ୍କ ପାଖରେ ବାହାଘର ପାଇଁ ଅଛନ୍ତି। ସେମାନେ କେତେଥର ଡାକଲେଣି । "ଆମେ ଭାରତରୁ ଚାଲିଆସିଲୁ । ଆଉ ତୁ ଏଇ କେତେ ଘଣ୍ଟା ଦୂରରେ ଥାଇ ଆସିବୁନ । ନା ମ । କଛି ହବନ । ତାପରେ ଯାହାର ଯେମିତି ମରିବାର ଥିବ, ସେକଥାକୁ କଣ କଏ ଟାଳପାରିବ । ଆସିବୁ ।"

କାଳେ ଛନ୍ଦା ଡରୁଥିବ ବୋଲି ସେମାନେ ସମସ୍ତେ ଆକାଶଙ୍କୁ ବାରମ୍ବାର ଫୋନ୍ କରୁଥିଲେ ଓ ଆସିବାକୁ ଚାପ ପକାଉଥିଲେ । ଆକାଶ ବି ମନ ସ୍ଥିର କରିଦେଇଥିଲେ ଯିବେ ବୋଲି । "ଦେଖ, ଏତେ ଯେଉଁ ଲୋକ ସବୁ ଆସିବେ, ସେମାନଙ୍କର କଣ ଜୀବନ ପ୍ରତି ଲୋଭ ନାହିଁ? ନା, ସେମାନେ ଅଶିକ୍ଷିତ, କଛି ବୁଝି ପାରୁନାହାନ୍ତି । ଏତେ ବଡ ହୋଟେଲରେ ହେଉଛି ମାନେ କଛି ତ ସୁରକ୍ଷା ବ୍ୟବସ୍ଥା ଥିବ ।"

ପୁଅ ରାଜେଶକୁ ସେମାନେ ସ୍ୱତନ୍ତ୍ର ନିମନ୍ତ୍ରଣ କରିଥିଲେ ଓ ରାଜେଶ ନଗଲେ ଭାଇ ଦ୍ୱାରା ଯେଉଁ ବିଧି ସବୁ ହେବାର କଥା ହୋଇପାରିବନି ବୋଲି ଚାପ ପକାଉଥିଲେ । ରାଜେଶ ଯିବାକୁ ପ୍ରସ୍ତୁତ ହୋଇଯାଇଥିଲା । ହେଲେ କାହିଁକି କେଜାଣି ଛନ୍ଦାର ମନ ମାନୁନଥିଲା । "ଖାଲି ପରିବାର ଲୋକଙ୍କୁ ନେଇ ଘରେ ବାହାଘର କରିଦେଲେନି । ଏତେ ବଡ ହୋଟେଲ୍ ନେଇ ଏତେ ଲୋକଙ୍କୁ ଡାକ ଦେଖେଇହେବାର କଣ ଦରକାର ? ଖାଲି ପରିବାର ଲୋକଙ୍କୁ ଡାକଥିଲେ ହୁଏତ ଏତେଟା ଡର ଲାଗିନଥାନ୍ତା ।"

ଅମରେଶ ସେମିତି ଲୋକ । ସବୁବେଳେ ବଡବଡ କଥା କହିବ ଓ କରାଇବାକୁ ଅନ୍ୟମାନଙ୍କ ଉପରେ ବି ବେଳେବେଳେ ଚାପ ପକେଇଦେବ । ଏଇତ ଗତବର୍ଷ ସେମାନେ

ସବୁ ଓଡିଶା ଯାଇଥିଲେ । ଅମରେଶ ନିଜ ଜୁଆଁଇ ଓ ତାଙ୍କ ପରିବାର ସମସ୍ତଙ୍କୁ ନିମନ୍ତ୍ରଣ କରି ଓଡିଶା ନେଇଗଲ୍ । କଣ ନା, ନିର୍ବନ୍ଧ ପୁରୀରେ ହେବ । ଜୁଆଇଁ ଓ ସମ୍ବନ୍ଧୀ ସମସ୍ତେ ଜଗନ୍ନାଥ ମନ୍ଦିର ଦର୍ଶନ କରିବେ । ପୁରୀ ବେଳାଭୂମି ଉପଭୋଗ କରିବେ । କୋଣାର୍କ ଡ୍ୟାନ୍ସ୍ ଫେଷ୍ଟିଭାଲ୍ ଦେଖିବେ । ଆକାଶ ଓ ଛନ୍ଦା ମଧ୍ୟ ସେଥିରେ ଛନ୍ଦି ହୋଇପଡିଲେ । ଯାହା ହେଲେ ବି ଅମରେଶର ଝିଅ ରେଣୁକୁ ସେମାନେ ନିଜ ଝିଅ ଭଳି ଦେଖନ୍ତି । ଏମିତି ସଂଯୋଗ ଯେ ସେମାନଙ୍କର ଗୋଟିଏ ପୁଅ ଓ ଅମରେଶର ଗୋଟିଏ ଝିଅ| ସେଥିପାଇଁ ନିଜ ତରଫରୁ ଆଗ୍ରହ କରି ଛନ୍ଦା ଓ ଆକାଶ ବି କିଛି ଦାୟିତ୍ୱ ଗ୍ରହଣ କରିବାକୁ ଗ୍ଚହିଁଥିଲେ। ଏମିତିରେ ସମ୍ବନ୍ଧୀ ପରିବାରଙ୍କ ପୁରୀ ଯାତ୍ରା ସମୟରେ ସମସ୍ତ ହୋଟେଲ୍ ଖର୍ଚ୍ଚ ବି ସେମାନେ ବହନ କରିଥିଲେ ।

ହେଲେ ଅମରେଶ ସେତିକରେ ସନ୍ତୁଷ୍ଟ ହେଲ୍‌ନ । କହିଲ୍, "ଆମେ ସମସ୍ତେ ଗାଁକୁ ଯିବା । ସେଠି ବି ଗୋଟିଏ ଭୋଜି ଦେବା । ବାହାଘର ପରେ ଝିଅ, ଜୁଆଁଇ ଓଡିଶା ଆସୁଆସୁ କେତେବର୍ଷ ବିତିଯିବ କିଏ ଜାଣେ ?"

ଆକାଶ କହିଲେ, "ଠିକ୍ କଥା । ତୁ କେମିତ କଣ ହେବ ବୋଲି ଭାବୁଛୁ କହ ?"

ଅମରେଶ କହିଲ୍, "ମୁଁ ଭାବୁଛି ତମେ ଆଜି ଗାଆଁକୁ ଯାଇ ଗାଆଁରେ ବ୍ୟବସ୍ଥା କର । ଭୋଜି ପଅରିଦିନ କରିବା । ମୁଁ ଏଠି କିଛି ସାଙ୍ଗସାଥୀଙ୍କୁ ନିମନ୍ତ୍ରଣ କରୁଛି । ସେମାନେ ବି ପଅରିଦିନ ସନ୍ଧ୍ୟାବେଳକୁ ପହଞ୍ଚିଯିବେ । ଜାଣିଛ ତ ଭାଇ, ମୋ ସାଙ୍ଗମାନେ ସବୁ ଏଠି ବଡବଡ ପୋଜିସନ୍ ରେ ଅଛନ୍ତି । କିଏ ଡିଷ୍ଟ୍ରିକ୍ଟ କଲେକ୍ଟର୍ ତ କିଏ କେଉଁ ସଂସ୍ଥାର ଡାଇରେକ୍ଟର୍ । ସେଇଭଳିଆ ବ୍ୟବସ୍ଥା କରିବ | ମୁଁ କାଲି ସକାଳୁ ଯାଇ ପହଞ୍ଚିଯିବି । ସମ୍ବନ୍ଦୀଙ୍କ ପରିବାର ଯାଇ ପଅରିଦିନ ଅପରାହ୍ନରେ ପହଞ୍ଚିବେ ।"

କଣ ଆଉ କରିବେ । ଛନ୍ଦା ଓ ଆକାଶ ଗାଁକୁ ଯାଇ ସମସ୍ତ ବ୍ୟବସ୍ଥା କରେଇଲେ । ବ୍ୟବସ୍ଥା ତ ଖାଲି ହୁଏନ । ତାପାଇଁ ଅର୍ଥ ଖର୍ଚ୍ଚ କରିବାକୁ ପଡେ । ସେସବୁ ବି ଆକାଶ କଲେ । ଯିଏ ଯେଉଁଠି ବନ୍ଧୁବାନ୍ଧବ ଥିଲେ, ସମସ୍ତଙ୍କୁ ଜଣେଇଲେ । କେତେ ଜଣଙ୍କ ଘରକୁ ଶଙ୍ଖୁଳିବା ପାଇଁ ଗାଁର ପିଲ୍ମାନଙ୍କୁ ପଠେଇଲେ । ତେବେ ଗୋଟିଏ ଭଲକଥା ହୋଇଥିଲ୍ କି

ଗ୍ରେଷେଇବାସ ପାଇଁ ଅଧିକ ଝଞ୍ଜଟ ନଥିଲା । ଏବେ ସବୁ ଗାଁ ଗାଁରେ ବି ଗ୍ରେଷେଇ ପାଇଁ କ କୌଣସି ମହୋତ୍ସବ ଆୟୋଜନ କରିବା ପାଇଁ ସଂସ୍ଥା ସବୁ ରହିଛି । ସେମାନଙ୍କୁ ଖାଲି ଜଣେଇଦେବ ଓ ଅର୍ଥ ଜମା କରିଦେବ । ତାପରେ ସବୁ ଆପେଆପେ ହୋଇଯିବ । ଛନ୍ଦାର ସେତିକବେଳେ ମନେ ପଡୁଥିଲା ହାଇସ୍କୁଲରେ ପଢିଥିବା ଗପରୁ ମର୍ମକଥା ଟିଏ, "ଆବେ ପରଶୁ, ଯାବେ ପରଶୁ, ବାବୁ ପରଶୁଗ୍ରମ; ପୈସା କ୍ୟା ନକରେ କାମ ।" ଆଉ ସତରେ ପଇସା ଖର୍ଚ୍ଚ କରିଲେ ଏବେ ଗାଁରେ ସବୁକଛି ସହଜଲଭ୍ୟ । ଏତେ କମ୍ ସମୟରେ ଏତେ ସବୁ ବନ୍ଦୋବସ୍ତ ହୋଇଗଲା ଯେ ବିଶ୍ୱାସ ବି ହେଲାନ । ଏମିତି କ ମେଲୋଡି ପାର୍ଟିର ବ୍ୟବସ୍ଥା ମଧ୍ୟ ହୋଇଗଲା । ପ୍ରଥମେ ଆକାଶ ଓ ଛନ୍ଦା ମେଲୋଡି ପାର୍ଟି ପାଇଁ ଏତେଟା ଆଗ୍ରହୀ ନଥିଲେ । ତେବେ ସେ ଇଭେଣ୍ଟ ମ୍ୟାନେଜେମେଣ୍ଟ ସଂସ୍ଥାର ଏଜେଣ୍ଟ କହିଲେ, "ସାର୍, ଆପଣଙ୍କର ଗାଁରେ ଏତେ ସମ୍ମାନ । ଝିଅର ନର୍ବନ୍ଧ କରୁଛନ୍ତି ଆଉ ମେଲୋଡି ପାର୍ଟି ରଖିବେନ । ଏଇଟା ସୁନ୍ଦର ଦିଶିବନ । ତାପରେ ଆମର ଗାୟକ, ଗାୟିକାମାନେ ସମସ୍ତେ ଏକ ନମ୍ବର । ଆପଣ ଜମା ବି ନିଗ୍ଶ ହେବେନ ।"

ଆକାଶ ଅମରେଶ ଓ ଅନୁଙ୍କୁ ଫୋନ୍ କରି ପଗ୍ଚରି ବୁଝିଲେ । ଅମରେଶ ଅତି ଖୁସି ହୋଇ ସ୍ୱୀକୃତି ଦେଇଦେଲା । ଆଉ ପଗ୍ଚଶ ହଜାର ଟଙ୍କା ଅଧିକ ଯୋଡିଗଲା । ଅବଶ୍ୟ ଗାୟକ ଗାୟିକା ଦୁଇଜଣ ଅତି ସୁନ୍ଦର ଗ୍ରେମାଣ୍ଟିକ୍ ଗୀତ ସବୁ ଗାଇ ଶୁଣେଇଲେ ଓ ଗାଁର ସମସ୍ତେ ସେସବୁ ଉପଭୋଗ କଲେ, ତେବେ ଦାୟିତ୍ୱ ଅନେକ ପଡି ଯାଇଥିଲା ଆକାଶ ଓ ଛନ୍ଦାଙ୍କ ଉପରେ । ଖାଲି ତ ଦାୟିତ୍ୱ ନୁହେଁ, ଖର୍ଚ୍ଚ ମଧ୍ୟ । ପରେ ଅବଶ୍ୟ ଅମରେଶ ସେଥିପାଇଁ ଅର୍ଥ ଯାଚଥିଲେ । ହେଲେ ଆକାଶ ନେଲେନ । "ଆରେ ରେଣୁ କଣ ଆମ ଝିଅ ନୁହେଁ ? ତାପାଇଁ କଛିଟା ଖର୍ଚ୍ଚ କରିବାର ଅଧିକାର କଣ ଆମର ନାହିଁ ?"

ଆଉ ଗାଁରେ ସେଦିନ ନର୍ବନ୍ଧ କାର୍ଯ୍ୟକ୍ରମ ଠାରୁ କେବଳ ଅମରେଶର ସାଙ୍ଗମାନଙ୍କୁ ଦେଖେଇବା ଅଧିକ ହେଲା । ଛନ୍ଦା ଓ ଆକାଶ ହିଁ ସମସ୍ତ ପୂଜା ବ୍ୟବସ୍ଥା କରି ବନ୍ଧୁବାନ୍ଧବଙ୍କ କଥା ବୁଝୁଥିଲେ । ଅମରେଶ ଓ ତା ପତ୍ନୀ ଅନୁ ନଜର ସମସ୍ତ ଉଚ୍ଚ ପଦପଦବୀରେ ଥିବା ସାଙ୍ଗମାନଙ୍କୁ ନେଇ ନଜ ସମ୍ବନ୍ଧୀମାନଙ୍କ ସହିତ ପରିଚତ କରାଉଥିଲେ ।

ଏଇମିତି ଅମରେଶ । ତା ଘରେ ଟେନେସିରେ ବର୍ଷରେ କେତେକେତେ ବଡ ପାର୍ଟିର ଆୟୋଜନ କରେ । ଆକାଶ ଓ ଅନୁଙ୍କୁ ପରିଚୟ କରେଇଦିଏ ଅତିଥି ମାନଙ୍କ ସହିତ । "ଇଏ ହେଲେ ଏ ରାଜ୍ୟର ସିନେଟର୍ । ସିଏ ହେଲେ ହସ୍‌ପିଟାଲ୍‌ର ସର୍ଜରୀ ବିଭାଗ ମୁଖ୍ୟ। ଅମକ ହେଲେ ରାଜସ୍ଥାନର ଜଣେ ରାଜକୁମାର । ସମକ ହେଲେ ସେ ମନ୍ତ୍ରୀଙ୍କ ସଂପର୍କୀୟ।" ଏମିତି କେତେକେତେ ଫଟୋ ତାର ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସହିତ, ଏବେକାର ପ୍ରଧାନମନ୍ତ୍ରୀ ମୋଦିଙ୍କ ସହିତ, ପ୍ରଣବ ମୁଖାର୍ଜୀଙ୍କ ସହିତ । ସେଥିପାଇଁ ସିଏ ଅନେକ ଅର୍ଥ ବି ଖର୍ଚ୍ଚ କରେ, ବିଭିନ୍ନ ସଂସ୍ଥାକୁ ଡୋନେସନ୍ ଦିଏ । ହେଲେ ଏ କରୋନା ସମୟରେ ଏତେଟା ରିସ୍କ ନେବାଟା କଣ ଭଲ ? ଦେଢଶହ ଅତିଥି ? ହୁଏତ ସାଧାରଣ ପରିବେଶରେ ଏ ସଂଖ୍ୟା ଅତି କମ୍ । କିନ୍ତୁ କରୋନା ସମୟରେ ଏ ସଂଖ୍ୟା ଅତି ଅଧିକ । ଆଠ ମାସ ହେଲାଣି ଛନ୍ଦା ଘରୁ ହିଁ କାମ କରୁଛି । ଅଫିସ୍ ସମସ୍ତ ବନ୍ଦ । ଯାହାବି ଟିକେ ଅଗଷ୍ଟ, ସେପ୍ଟେମ୍ବର ମାସରେ କଟକଣା କୋହଳ ହୋଇଯାଇଥିଲା, ତେବେ ଏବେ କାହିଁକି କେଜାଣି ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରତିଦିନ ହୁହୁ ହୋଇ ବଢୁଛି । ଆକାଶ ଓ ରାଜେଶ ବରଂ ଯାଆନ୍ତୁ, ସିଏ କିନ୍ତୁ ଯିବନି ।

ପୁଣି ମନକୁ ଆସୁଥିଲା, ଯଦି ଆକାଶ ଓ ରାଜେଶ ଯିବେ ଏବଂ ଦୁର୍ଭାଗ୍ୟବଶତଃ କରୋନା ଧରି ଘରକୁ ଫେରିବେ, ତେବେ ବି ତ ଛନ୍ଦାର ନିସ୍ତାର ନାହିଁ । ଏବେ ସବୁ କେତେକେତେ ଖବର ପ୍ରତିଦିନ ଆସୁଛି । ପରିବାରର ଜଣକୁ ହେଲେ, ସମସ୍ତେ ହିଁ ଆକ୍ରାନ୍ତ ହୋଇଯାଉଛନ୍ତି । ଛନ୍ଦାର ଆଖି ଆଗରେ ଭାସି ଆସୁଥିଲା ହସ୍‌ପିଟାଲ୍ ରେ କରୋନା ରୋଗୀ ମାନଙ୍କର ଦୃଶ୍ୟ, ଶରୀରରେ କେତେକେତେ ନଳୀ, ସାଲାଇନ୍ ପାଇଁ ନଳୀ, ଅମ୍ଳଜାନ ପାଇଁ ନଳୀ, ସେମାନଙ୍କ ଆଖିରେ ମୃତ୍ୟୁର ଭୟ, ମୁହଁରେ ବେଦନାର ଛାପ, ଶରୀରରେ ଅସହାୟତାର ଚିହ୍ନ । "ନା, ଜାଣିଶୁଣି ଛନ୍ଦା ନିଜ ପରିବାରକୁ ଏମିତି ବିପଦ ମୁହଁକୁ ଠେଲି ଦେଇପାରିବନି । ବରଂ ସଂପର୍କ ଖରାପ ହେଉ ଅମରେଶ ସହିତ, ବରଂ ଅନୁ ସେମାନଙ୍କୁ କ୍ଷମା ନକରୁ, ବରଂ ରେଣୁ ସେଥିପାଇଁ ସେମାନଙ୍କୁ ସାରାଜୀବନ ଖରାପ ଭାବୁ, ହେଲେ ଛନ୍ଦା ଜାଣିଜାଣିହାଣ ମୁହଁକୁ କେବେ ବି ଯିବନାହିଁ ।"

ପରିବାରର ସଂପର୍କ ଏତେ ସରଳ ନୁହେଁ । ଟିକେଟିକେ କଥାରେ ସମସ୍ତେ ସମସ୍ତଙ୍କୁ ସୂକ୍ଷ୍ମଭାବେ ବିଗ୍ଭର କରନ୍ତି । ସେଥିରେ ପୁଣି କେତେ ମାନ, ଅଭିମାନ ମିଶି ଯାଏ । ଗାଁରୁ ଛନ୍ଦାର ଶାଶୁ, ଶ୍ୱଶୁର ତାଗିଦ୍ କରି କହିଥିଲେ, "ରେଣୁ ବାହାଘରକୁ ନିଷ୍ଚୟ ଯିବୁ । ନହେଲେ କଥାଟା ଭଲ ହେବନି । ତାପରେ ତୁ ତ ଜାଣିଛୁ ତୋ ଖୁଡିକୁ, କେତେ କଥା ଫେରିକି ମତେ ଶୁଣେଇବ ।" ସେମିତି ବି ଅନେକ ଅନେକ ଅଭିଜ୍ଞତା ଛନ୍ଦାର ଅଛି । ଗାଁ ଘରେ କେବେ ଯଦି କୌଣସି କଥାରେ ଛନ୍ଦା ଟିକେ ନିୟନ୍ତ୍ରଣ ଶବ୍ଦଟି ବ୍ୟବହାର କରିଦିଏ, ସେତେବେଳେ, ସମସ୍ତେ ଦେଖେଇ ଶିଖେଇ କହନ୍ତି ।"ମଲ୍, ଗରୀବ ଘରେ ତ ବଢିଆସିଛି, ଏତେ ସବୁ ବଡବଡ କଥା, ଶହଶହ ଲୋକ ଖାଇବା, ଯାନିଯାତର୍ ମହୋତ୍ସବ ସିଏ କଣ ବୁଝିବ ?" ବେଳେବେଳେ ଛନ୍ଦା ବି ଅନୁଭବ କରିଛି, ହୁଏତ ସିଏ ସେ ଘରକୁ ଫିଟ୍ ନୁହେଁ। ନହେଲେ ସମସ୍ତେ ଖର୍ଚ୍ଚପାତିକୁ ଖାତର ନକରି, ସମୟ, ଜଞ୍ଜାଳ ଓ ପରିଶ୍ରମକୁ ଖାତର ନକରି କେତେଲୋକଙ୍କୁ ଖୁଆଇଲେ ଖୁସି ହୋଇ ଗଣିବା ବେଳେ ସିଏ କାହିଁକି ଖୁସି ହୋଇପାରେନି । ଅମରେଶ ଯେମିତି ଫୁଟାଣିଆ, ତାକୁ ବି ସେମିତି ମିଳିଛି ଅନୁ । ଅମରେଶ ଯଦି ହଠାତ୍ କୌଣସି ପାର୍ଟିର ଆୟୋଜନ ପାଇଁ ବାହାରିଲା, ତେବେ ଅନୁ ତା କାଗ୍‌ଓକେ ଗୀତ ଗାଇବା ପାଇଁ ଅଭ୍ୟାସ କରିବାରେ ଲାଗିଯିବ । ଆକାଶ କିନ୍ତୁ ଅନୁକୁ ବହୁତ ତାରିଫ୍ କରନ୍ତି । "ଦେଖ, କେତେ ହସଖୁସିଆ ଝିଅଟା । ଯେଉଁଠି ଥିବ, ସେ ପରିବେଶକୁ ଜୀବନ୍ତ କରି ରଖିଦେବ । ଜଣାପଡେନି ଯେ ସେ ଜଣେ ପୋଲିସ୍ ଅଫିସର୍‌ର ଝିଅ ବୋଲି । ନହେଲେ ତ ଗମ୍ଭୀର ରହୁଥାଆନ୍ତା । ହେଲେ ସବୁବେଳେ ଖୁସି, ହସହସ, ସମସ୍ତଙ୍କ ସହିତ ମିଶିଯିବ ।"

ଆକାଶଙ୍କ କହିବାରେ ସତ୍ୟତା ଅଛି, ତେବେ ବି ଅନୁଟା ବେଳେବେଳେ ଅତି ଫୁଲେଇ ହୁଏ। ଅବଶ୍ୟ ଏହି ଫୁଲେଇ ଗୁଣ ପାଇଁ ଅନୁ ଘରେ ଥିଲେ, କେହି କେତେବେଳେ ବିରକ୍ତ ହେବାର ଅବକାଶ ପାଆନ୍ତିନି । ତାର ଯେହେତୁ ଗୀତ ଉପରେ ସଉକ, ପିଲାଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସିଏ ଗୀତ କାର୍ଯ୍ୟକ୍ରମ, କାଗ୍‌ଓକେ କାର୍ଯ୍ୟକ୍ରମରେ ମଜେଇ କରି ରଖେ । ରେଣୁ ବାହାଘର ପାଇଁ ନିଷ୍ଚୟ ସିଏ ନାଚ, ଗୀତ କିଛି କରି ଦେଖେଇବା ପାଇଁ ଯୋଜନା କରିଥିବ ।

ଛନ୍ଦା ବି କେତେ ଯୋଜନା କରିଥିଲେ । କେଉଁଦିନ କଣ ପିନ୍ଧିବେ, କେମିତି ମେକ୍‌ଅପ୍ ରଖିବେ, କେଉଁ ଗହଣା ପିନ୍ଧିବେ, ତାର ତାଲିକା କରିଥିଲେ । ଯାହାହେଲେ ବି ରେଣୁ ତାଙ୍କ ଝିଅ ଭଳ । ଅନୁ ବି କହିଥିଲା, "ଅପା, ମୁଁ ରେଣୁ ପାଇଁ ତ ମେକ୍‌ଅପ୍ କରିବାକୁ ସ୍ୱତନ୍ତ୍ର ଝିଅଟିଏ ରଖିଛ । ଆମମାନଙ୍କ ପାଇଁ ବି ଦୁଇଜଣଙ୍କୁ ବଇନା ଦେଇଛି । ଆମର ଆଉ ନଟା ନା ଛଟା । ଝିଅ ବୋଲି ତ ସେଇ ଗୋଟିଏ । ତାପରେ କେବେ ସ୍ୱକେଶର ବାହାଘର ହେବ, ସେତେବେଳେ ମଜା କରିବା ।" ଯଦିଓ ରେଣୁ ପାଇଁ ଅନେକ ଖରାପ ଲାଗୁଥିଲା, ବାପା, ମାଙ୍କର ଗୋଟିଏ ବୋଲି ଝିଅ, କେଡେ ଧୁମ୍‌ଧାମ୍ ରେ ବାହାଘର କରିବାପାଇଁ ଯୋଜନା ହୋଇଥିଲା, ଏବେ କଣନା, ଜମା ଦେଢଶହ ଲୋକ ରହିବେ । ବାହାଘର ଘୁଞ୍ଚେଇଦେଲେ ଭଲ ହୋଇଥାଆନ୍ତା କ ? ରେଣୁ ଓ ସେ ଜୁଆଁଇ ତ ସାଙ୍ଗ ହୋଇ ଏମିତି ବର୍ଷଟିଏ ହେଲା ରହୁଛନ୍ତି, ଆଉ କିଛିଦିନ ଅପେକ୍ଷା କରିବେ, କଣ ବା ବେଦ ଅଶୁଦ୍ଧ ହୋଇଯିବ ? ହେଇହେଇ, ଆଉ ବର୍ଷକ ପରେ ବାହାଘର ହେବ । କଣ ଅସୁବିଧା ହେବ?

ଏମିତି ଅନେକ କିଛି ଛନ୍ଦା ଭାବୁଥିଲେ ବି କିଛି କହିପାରୁ ନଥିଲା । ଯେତେବେଳେ ଛନ୍ଦା କିଛି ବି ପରାମର୍ଶ ଦେବାପାଇଁ ଆକାଶଙ୍କୁ କହିବ, ସିଏ କହିବେ, "ତମେ କଣ ଭାବୁଛ, ସେମାନେ ଛୋଟପିଲା, ଅଜ୍ଞାନୀ, କିଛି ବୁଝିପାରୁନାହାନ୍ତି । ଆରେ ସେମାନେ ପୋଖତ ମଣିଷ, ଉଚ୍ଚଶିକ୍ଷିତ, ଦୁନିଆରେ କଣ ଚାଲିଛି, ଏ କରୋନା ଜୀବାଣୁ କେମିତି ସବୁ କଣ କରୁଛି, ସେମାନେ ସବୁ ଜାଣିଛନ୍ତି । ସେମାନେ ନିଶ୍ଚୟ ଭାବିଚିନ୍ତି ଏ ନିଷ୍ପତ୍ତି ନେଇଥିବେ । ନହେଲେ ଜୀବନକୁ କାହାର ଭୟ ନାହିଁ । ତାପରେ ଅମରେଶକୁ ତ ତମେ ଜାଣିଛ । ଏ ଦେଢଶହ ଅତିଥିଙ୍କ ଗହଣରେ ବାହାଘର କରିବ, ତାକୁ କଣ କମ କଷ୍ଟ ଲାଗୁଥିବ । ତଥାପି ସେମାନେ ଗୋଡଭିଡି ବାହାରିଛନ୍ତି ଯେତେବେଳେ, ଆମେ ତାଙ୍କର ସହଯୋଗ କରିବା ଉଚିତ ନା ନୁହେଁ ?

ଛନ୍ଦା କିଛି ବି ନିର୍ଣ୍ଣୟ କରିପାରୁନଥିଲା । ଯିବ କି ନଯିବ, ଯିବ କି ନଯିବ ଏମିତି ଦୋଦୁଲ୍ୟମାନ ଅବସ୍ଥାରେ ଆସି ନଭେମ୍ବର ୨୧ ହୋଇଗଲା । ସେଦିନ ମେରୀଲାଣ୍ଡରେ ପାଖାପାଖି ୨୯୦୦ ନୂଆ କରୋନା ସଂକ୍ରମଣ ହୋଇଥିଲା । ସେମାନଙ୍କର ନଭେମ୍ବର ୨୫ରେ ଯିବାପାଇଁ ଫ୍ଲାଇଟ୍ ବୁକିଙ୍ଗ୍ ହୋଇଥିଲା । ଯାତ୍ରାର ଦିନ ଯେତେ ପାଖେଇ ଆସୁଥିଲା,

ଛନ୍ଦାର ହୃତ୍ସ୍ପନ୍ଦନ ସେତେ ବଢି ଗ୍ଲୁଥିଲା । ମନେମନେ ସିଏ ଭଗବାନଙ୍କ ନକଟରେ ପ୍ରାର୍ଥନା କରୁଥିଲା, ଏମିତି ପରିସ୍ଥିତିରୁ କେମିତି ମୁକୁଳପାରନ୍ତା କ ?

ନଭେମ୍ବର ୨୩ ତାରିଖ । ହଠାତ୍ ଖବର ଆସିଲା ଅମରେଶ ପାଖରୁ, ସମୁଦୀଙ୍କ ସାନଭାଇଙ୍କୁ କରୋନା ହୋଇଯାଇଛି । ତାଙ୍କ ସାନଭାଇ ଜଣେ ସାମ୍ବାଦିକ । ସମ୍ବାଦ ସଂଗ୍ରହ କରିବାକୁ ତାକୁ ବିଭିନ୍ନ ସ୍ଥାନକୁ ଯିବାକୁ ପଡେ । ହୁଏତ ସେଥିପାଇଁ। ହେଲେ ତାଙ୍କ ଦେହ ହଠାତ୍ ଏତେ ଗମ୍ଭୀର ଓ ଜଟିଳ ହୋଇଗଲା ଯେ, ସମସ୍ତେ ଚକତ ହୋଇ ରହିଗଲେ । ଘଟଣା ବୁଝୁବୁଝୁ ଗୋଟିଏ ଦିନ ତଳେ ତାଙ୍କର ଟେଷ୍ଟ ରେଜଲ୍ଟ୍ ପଜିଟିଭ୍ ବୋଲି ପହଞ୍ଚିଥିଲା । ତାଙ୍କ ଦେହରେ ହଠାତ୍ ସବୁ ଏମିତି ପ୍ରତିକ୍ରିୟା ହେଲା ଯେ, ସାଙ୍ଗେସାଙ୍ଗେ ତାଙ୍କୁ ହସ୍‌ପିଟାଲ୍‌କୁ ନେବାକୁ ପଡିଲା ।

ନଭେମ୍ବର ୨୪ ତାରିଖରେ ଅମରେଶ ଫୋନ୍ କରି ଜଣେଇଲା । ଏବେ ବାହାଘର ସ୍ଥଗିତ ରଖିବାକୁ ପଡୁଛି । କାରଣ ସମୁଦୀଙ୍କ ସାନଭାଇ ଗୋଟିଏ ସପ୍ତାହ ତଳେ ପରିବାରର ସମସ୍ତଙ୍କୁ ଭେଟିଥିଲେ । ଏବେ ସମୁଦୀଙ୍କ ପରିବାରର ସମସ୍ତେ କରୋନା ଟେଷ୍ଟ କରାଇବାକୁ ଯିବେ ଓ ଫଳାଫଳ ପାଇଁ ଅପେକ୍ଷା କରିବେ । ସିଏ ତ ଆଉ ଏତେ ଶୀଘ୍ର ସରିବନ । ତାପରେ ସାନ ସମୁଦୀଙ୍କ ସ୍ୱାସ୍ଥ୍ୟକୁ ନେଇ ପରିବାରରେ ଆତଙ୍କ ଖେଳଯାଇଛି ।

ଅମରେଶ ଅତ୍ୟନ୍ତ ଦୁଃଖିତ ଥିଲା । ତାର ସେ ଫୁଟାଣିଆ ସ୍ୱର କାହିଁ କେଉଁଠି ହଜି ଯାଇଥିଲା । ଛନ୍ଦା ଅନୁକୁ ଫୋନ୍ କରି କହିଲା, "ଟିକେ ଅମରେଶକୁ ସମ୍ଭାଳେ"।

ଛନ୍ଦା ମନେମନେ ସାନ ସମୁଦୀଙ୍କ ଆରୋଗ୍ୟ କାମନା କରି ଭଗବାନଙ୍କୁ ପ୍ରାର୍ଥନା କଲା । ଆକାଶଙ୍କୁ କହିଲା, "ଭାବ ତ, ଏବେ କେତେବଡ ଅଘଟଣ ଘଟିବାକୁ ଯାଉଥିଲା । ଏବେ ବାହାଘରରୁ ସମସ୍ତେ କରୋନାକୁ ଉପହାର ସ୍ୱରୂପ ଧରି ଘରକୁ ଫେରିଥାନ୍ତେ ।"

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ଫର୍ଦ୍ଦେ..ନୂଆବର୍ଷ ପାଇଁ



ପ୍ରାଧାପିକା ଜ୍ୟୋସ୍ନା ରାୟ

ସାରା ବିଶ୍ୱରେ ମହାମାରୀର ଆତଙ୍କ
ମୁହୂର୍ତ୍ତ ମୁହୂର୍ତ୍ତ ମରଣ ସହ ଯୁଝୁଛି ଜୀବନ
ଗ୍ରାସିଛି କରୋନାର କୋକୁଆ ଭୟ
ଛଡେଇ ନେଇଛି ସୁଖ-ଶାନ୍ତି
ସ୍ନେହ-ପ୍ରୀତି, ହସ-ଖୁସିର
ଅମୂଲ୍ୟ ପୁଞ୍ଜି ଟିକକ ଏ ମଣିଷ ହାତରୁ
ଗୋଟେ ଅସହ୍ୟ ଅସହାୟତାର
କରୁଣ ଆର୍ତ୍ତନାଦରେ ସଢୁଛି  ସେ ଏକାଏକା
ହଜିଯାଉଛି ସ୍ୱପ୍ନ ଆଉ ସମ୍ଭାବନା
ଭସିଯାଉଛି ତେଲଲୁଣର ସଂସାର
ସମ୍ପର୍କର ଭଗ୍ନଈରେ ଭସୁଛି ଏବେ
ଅବିଶ୍ୱାସର ଚକମିକ୍ ସୁନାମାଛ
ତିଳତିଳ ହୋଇ ମରୁଛି ମାନବିକତା
ଅଚହ୍ନା ଅଛୁଆଁ ରୋଗର କଟାଳରେ
ଜୀଅନ୍ତା ଛଟପଟ୍ ଏଠି ଆତ୍ମୀୟତା
ନା  ଅଛି ମାୟା ନା ମୋହ
ଶ୍ମଶାନ ପରି ଶୂନଶାନ୍  ଜୀବନ

ଗତି ପାହିଲେ ଶବଙ୍କର ଶୋଭାଯାତ୍ରା
ମୁଖାଗ୍ନି ଦେବାକୁ କେହି ନାହିଁ କାହାର
ବାପା ମାଆ, ଭାଇ ଭଗ୍ନୀ ପତି ପତ୍ନୀ,
ପୁତ୍ର କନ୍ୟା, ବନ୍ଧୁବାନ୍ଧବ
ଯାହା ଗହଣରେ ବଞ୍ଚୁଥିଲା ପ୍ରାଣ
ମହ୍ଲାର ତୋଳୁଥିଲା
ଛାଏଁ ଛାଏଁ ଆପଣାପଣ
ସଭିଏଁ ଏବେ ଛପି ଗଲେଣି ଦୂରରେ
ଅପହଞ୍ଚ- ଅନାତ୍ମୀୟ ତାଲିକାରେ ।

ଏବେ ତ ସମୟ
କେବଳ ନିଜକୁ ଚହ୍ନିବାର ..
ନିଜକୁ ଭେଟିବାର..
ସମ୍ପର୍କକୁ ପରଖିବାର..
ଆଉ ଏକାନ୍ତରେ ଭାଗ୍ୟ ଆଉ
ଭଗବାନ ସହ ସନ୍ଧି କରିବାର
ଏଠି କଏ କାହାର ଯେ!

ଏମିତି ଏକ ସଙ୍ଗୀନ୍ ବେଳାରେ
କରାଳ କରୋନାର ଏ କଟକଣା ଭିତରେ
ତୁ ଆସିବୁ ଏ କଥା
ଗ୍ରହଣ କରି ହେଉନ ସହଜରେ
ତେବେ ତତେ କଣ ଅଟକେଇ ହୁଏ?
ମୁଁ ଜାଣେ ତୁ ନିଶ୍ଚୟ ପହଁରିପହଁରି
ଆସିବୁ କାଳର ସ୍ରୋତରେ

ଆନନ୍ଦଲହରୀ ତୋଳବୁ ବିଷାଦଯୋଗରେ
ଯଦିଓ  ଖାସ୍ ତାରି ଭୟରେ
କୁରୁଳ ଉଠୁନ ପ୍ରାଣ
ଭରି ଯାଉନ ଆନନ୍ଦ ଉଲ୍ଲାସ
ତୋ ନବୀନବରଣୀ ପାଇଁ  ମନରେ
ଶୁଭ୍ରଶଂସୀ ଅର୍ଘ୍ୟଥାଳ ନାହିଁ ମୋ ହାତରେ
ତୁ ଜାଣୁ,ମୁଁ ଅନେକ ଦିନରୁ
ଅପେକ୍ଷମାଣା କେବଳ
ତୋରି ପ୍ରତୀକ୍ଷାରେ....

ବାଲେଶ୍ୱର, ଓଡ଼ିଶା

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ ।
ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ସୁ ସ୍ୱାଗତମ୍ ଦୁଇହଜାର ଏକୋଇଶ



ଶାନ୍ତିଲତା ମିଶ୍ର

ଯେତେ ଶିଘ୍ର ପାର ଗ୍ଭଲିଯାଅ ଦୁଇହଜାର କୋଡିଏ
ଗ୍ଭହିଁବାକୁ ମୁହଁ ତୁମ, ଇଛା କାହାର ନାହିଁ ହୁଏ ।
ଲକ୍ଷେ ଯୋଜନ ଦୂର ଠୁ ଯେତେ ପାର ଅଧିକ ଯାଅ
ଏ ଜନ୍ମରେ ଏ ଧର୍‌ଧାମେ କେବେ ଆଉ ପାଦ ନଦିଅ ।

ସଦର୍ପେ ଆସିଥିଲ ତୁମେ ଦୁଇହଜାର କୋଡିଏ ଯେପରି
ତୁମ ଗୁପ୍ତଚର ମାନଙ୍କ ସାଥେ ଫେରିଯାଅ ପଶ୍ଚାଦପଦେ ସେପରି ।
କାହିଁ ଛାରଖାର କରିଦେଇ ଗଲ ଜଗତବାସୀଙ୍କ
ଏବେ ଯାଅ ଗ୍ଭଲି କଳଙ୍କର ଟୀକା ମଥା ପରେ ନେଇକ ।
କେହି ଦିନେ ଝୁରିବେନ, କେହି ଗୁଣ ଗାଇବେନ ତୁମରି
ଅତୃପ୍ତ ପ୍ରେତ ଆତ୍ମା ତୁମ, ଅଟେ ସମସ୍ତଙ୍କ ବଇରି ।
ଗତ ବର୍ଷର ଆଦର ସତ୍କାର ସବୁ ହୋଇଛି ବୃଥା
ସମ୍ମାନ ସଯତ୍ନ ବଦଳେ ଜଗତବାସୀଙ୍କୁ ମିଳଲ୍ ବିଭତ୍ସତା ।
କନ୍ତୁ ଦୁଇହଜାର ଏକୋଇଶ ତୁମକୁ ସସମ୍ମାନେ ସ୍ୱାଗତ କରୁଛୁ ସତ
ସଂସୟ ଭର୍ ମନେ ଅନେକ ପ୍ରଶ୍ନ ଆସି ହୁଏ ଆନ୍ଦୋଳତ ।
ଏବର୍ଷ ତୁମେ କ ଆଣି ଆସିବ ପୂର୍ବ ବର୍ଷର କ୍ରୁରତା, ନା...
ଦୟାଭ୍ବ ନେଇ ଆର୍ବିଭ୍ବ ହେବ, ମନେ ନରଖି ଆବିଳତା ।
ଭୀତତ୍ରସ୍ତ ଧର୍‌ବାସୀଙ୍କୁ ଦେଇ ପାରିବକ କଛି ଆଶ୍ୱସନା ।
ଦୁଇହଜାର ଏକୋଇଶ ତୁମଠାରୁ ଆଶା ରଖିଛୁ ଅନେକ କଛି ।
ତୁମ ଶକ୍ତିବଳେ ପର୍‌ହତ କରି ପାରିବକ ଆମ ଅଦୃଶ୍ୟ ଶତୃକୁ ।
ପୁନର୍ବାର ଫେର୍‌ଇ ଆଣିବ ଶାନ୍ତି ମୈତ୍ରୀଭ୍ବ ଏଇ ଧର୍‌କୁ ॥

ରଚେଷ୍ଟର, ମିନେସୋଟା,
ଯୁକ୍ତର୍‌ଷ୍ଟ୍ର ଆମେରିକା

# ଆସିଛି ନୂଆ ବରଷ



ଡକ୍ଟର ମନୋରଞ୍ଜନ ବିଷୋୟୀ

ଅବଧି ପୂର୍ଣ୍ଣ କରିଛି
ଗୋଟିଏ ବରଷ
ପୁଣି ଆସି ପହଞ୍ଚିଛି
ଆଉ ଏକ ନୂଆ ବରଷ ।
ଏବେ କ'ଣ
କଢ଼ ଲେଉଟାଇବ ଦୁଃଖ ?
ରାହୁ ଗ୍ରାସରୁ ମୁକ୍ତ ହୋଇ
ଫେରି ଆସିବ କି
ମୋ ଜୀବନେ ସୁଖ ?
ଏଠି ତ ଗାଈଆଳ
ପିଲ୍ ମୁଣ୍ଡରେ
ହାତୀ ଢାଳେ ସୁବର୍ଣ୍ଣ କଳସ
କିନ୍ତୁ ପାଇଥିବା ସୌଭାଗ୍ୟ
ମୋ ପାଇଁ ଆଜି ଅପହଞ୍ଚ ।
ତଥାପି
ମୋ ଅନାସକ୍ତ ଆଶାମାନେ
ଆସକ୍ତିର ଖଞ୍ଜଣି ପିଟି
ଗାଉଛନ୍ତି ଗୀତ ।

ସ୍ନାତକୋତ୍ତର ଓଡିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# ଅପେକ୍ଷା



ସୁଲୋଚନା ପଟ୍ଟନାୟକ

ସୁବ୍ରତ ଭାରତ ଆସି ପ୍ରଥମେ ଦିଲ୍ଲୀରେ ଓହ୍ଲାଇଥିଲେ । ସେଠି କାରଲବାଗରେ ହୋଟେଲରେ ରହିବା ପାଇଁ ବୁକ୍ କରିଥିଲେ ରାତିଟିଏ, ପ୍ରାୟ ଦିନଟି ରାସ୍ତାରେ କଟାଇଥିବାର ହାଲିଆ ମାରିବା ପାଇଁ । ଭାରତକୁ ଆସିଲେ ସିଏ ସବୁବେଳେ ଦିଲ୍ଲୀ ବା ମୁମ୍ବାଇରେ ରାତି ଦୁଇ ରାତି କଟାଇଥାନ୍ତି । ଏ ଥର କିନ୍ତୁ ଦିଲ୍ଲୀରେ ତିନି ଦିନ ରହିବାକୁ ସ୍ଥିର କରିଥିଲେ । ସେଠି ଆନୀ ସହ ଦେଖା ହେବାର ଆଗରୁ ଯୋଜନା ଥିଲା । ଆନୀ ଆମେରିକାନ୍ ଏଆର୍‌ଲାଇନସେ୍‌ର ଆସି ଆଜି ରାତିରେ ପହଞ୍ଚିବା କଥା । ସିଏ ସିଧା ଟାକ୍ସି ନେଇ ହୋଟେଲକୁ ଆସିଯିବ । ଆନୀ ହୋଟେଲରେ ଓହ୍ଲାଇବା ପରେ ସୁବ୍ରତର ଖୁସି କହିଲେ ନ ସରେ । ଯେମିତି ହାତ ଗୋଡରେ ଡେଣା ଲାଗିଛି । ଦିଲ୍ଲୀ ବୁଲିବା ପୂର୍ବରୁ ଆଗ୍ରା ଆସି ତାଜମହଲ ଦେଖା ଶେଷ କରିଦେଲେ ଆନୀର ଭାରତ ଆସିବାର ବୃହତ ମନୋସ୍କାମନା ପୂରି ଯିବ ନିଶ୍ଚୟ । ସୁବ୍ରତକୁ ତାଜମହଲର ସୌନ୍ଦର୍ଯ୍ୟ ଅପେକ୍ଷା ଫତେପୁର ଶିକ୍ରୀ ନିଶ୍ଚୟ ଅଧିକା ଭଲ ଲାଗେ । କାରୁକାର୍ଯ୍ୟରେ ଭରା ଏହି ଦୂର୍ଗର ପ୍ରାଚୀର ମନକୁ ମୋହି ଦିଏ । ତାଜମହଲରେ ସିଏ କାରୂକାର୍ଯ୍ୟ ଦେଖିପାରେନା, ସିଏ ଭାବେ ଧଳା ମାର୍ବଲରେ ତିଆରି ଏହି କବରସ୍ଥାନ କେମିତି ପୃଥିବୀର ସପ୍ତାଶ୍ଚର୍ଯ୍ୟଠାରୁ ଅନ୍ୟତମ ହେଲା ? ଧଳା ମାର୍ବଲ ପଥରରେ ତିଆରି ଏହି କବରସ୍ଥାନର ମର୍ମ ଅପେକ୍ଷା ମୁଗଲ ରାଜା ସାହାଜାହାନ୍‌ଙ୍କ ପତ୍ନୀ-ପ୍ରେମର କାହାଣୀକୁ ଇତିହାସରେ ଲିପିବଦ୍ଧ କରିବା ଛଡା, ଭାରତର ସ୍ଥାପତ୍ୟ କଳା କାରୁକାର୍ଯ୍ୟର ଉଚ୍ଚସ୍ତରୀୟ ମୂଲ୍ୟାୟନର ପ୍ରମାଣ ଦେଇଥିଲେ ମଧ୍ୟ ଫତେପୁର ଶିକ୍ରୀର ସୌନ୍ଦର୍ଯ୍ୟ ତାକୁ ଅଧିକା ଭଲ ଲାଗେ, ଆହୁରି ଭଲ ଲାଗେ ଓଡିଶାର ବାରଶହ ବଢେଇଙ୍କ ଦ୍ୱାରା ନିର୍ମିତ କୋଣାର୍କ ଯାହା ଏ ଯାଏଁ, ଅର୍ଦ୍ଧଭଗ୍ନ ଅବସ୍ଥାରେ ଓଡିଆ ଶିଳ୍ପୀର କଳା ସ୍ଥାପତ୍ୟର ମୂକ ସାକ୍ଷୀ ହୋଇ ପ୍ରମାଣ ଦେଉଛି । ଆନୀକୁ ଭୁବନେଶ୍ୱରର

ମନ୍ଦିର ନଗରୀ ବୁଲାଇ ନେଇ କୋଣାର୍କ ଯିବାର ପ୍ରସ୍ତାବ ମନେ ମନେ କରିନେଇଥିଲା ସୁବ୍ରତ ।

ସୁବ୍ରତର ମନ ଭିତରେ ଏମିତି ଅନେକ କଥା ବାରମ୍ବାର ଆସିଯାଉଛି । ଆନୀକୁ ନେଇ ନିଜର ପରିଚିତ ସ୍ଥାନ ଦେଖାଇବାରେ ଗର୍ବ ଅନୁଭବ କରୁଛି ସିଏ । ଦିଲ୍ଲୀର ପ୍ରସିଦ୍ଧ ସ୍ଥାନମାନଙ୍କୁ ନିଜର ଖୁସି ପାଇଁ ବୁଲି ଯିବା ଛଡା ଆନୀକୁ ଦେଖାଇବାର ଆନନ୍ଦ ବି ନିଆରା। ଏ ଭଳି ଐତିହାସିକ ସ୍ଥାପତ୍ୟକୁ ବାରମ୍ବାର ଦେଖିଲେ ମଧ୍ୟ ଆଖି ଆହୁରି ଦେଖିବାକୁ ଚାହେଁ। ସୁବ୍ରତ ଓ ଆନୀ ସାରାଦିନ ବୁଲାବୁଲି କରନ୍ତି । ସହରର ପ୍ରସିଦ୍ଧ ରେଷ୍ଟୁରାଣ୍ଟରେ ଖିଆପିଆ କରି ଦିନ କଟାଇ ହୋଟେଲରେ ରାତିରେ ବିଶ୍ରାମ ନିଅନ୍ତି । ରାତିରେ ଶୋଇବା ପୂର୍ବରୁ ସେଇ ସ୍ଥାନ ମାନଙ୍କ ବିଷୟରେ ଅନେକ ଚର୍ଚ୍ଚା କରନ୍ତି । ଏମିତିରେ ତିନି ଦିନ କୁଆଡେ ଚାଲିଗଲା । ଦିଲ୍ଲୀ ଦେଖା ସରିଗଲା । ବର୍ତ୍ତମାନ ସେମାନେ ଓଡିଶା ଗସ୍ତରେ ଯିବାକଥା ଭାବି ସୁବ୍ରତର ଛାତି ଭିତରେ ଏକ ଅନନ୍ୟ ସ୍ପନ୍ଦନର ସୃଷ୍ଟି ହେଉଥାଏ । ଓଡିଶା ଯିବ, ନିଜ ଗାଁକୁ ଯିବ, ଘରେ, ଗାଁରେ ଛାଡି ଆସିଥିବା ନିଜର ଆତ୍ମୀୟମାନଙ୍କୁ ଦେଖିବ, ସର୍ବୋପରି ନିଜ ମାଆକୁ ଦେଖିବାର ଆଗ୍ରହ ନେଇ ରାସ୍ତା ଖୁବ ଦୂର ଓ ସମୟ ଯେମିତି ଅସରନ୍ତି ମନେ ହେଉଥାଏ ସୁବ୍ରତର । ବିଶେଷ କରି ପ୍ରଥମ ଥର ପାଇଁ ଆନୀକୁ ନେଇ ଗାଁ ଘର, ମାଆ, ଦାଦା ଖୁଡି, ଭାଇ ଭଉଣୀଙ୍କ ସହ ପରିଚୟ କରାଇବାର ଆଗ୍ରହରେ ଛାତି ଭିତରେ ଏକ ପ୍ରକାର ଅସ୍ଥିରତା ସୃଷ୍ଟି ହେଉଥାଏ ।

ଦିଲ୍ଲୀରୁ ଓଡିଶା ଆସିବାକୁ ଦୁଇ ଘଣ୍ଟା ଲାଗେ ଉଡାଜାହାଜରେ । କିନ୍ତୁ ଟ୍ରେନରେ ଆସିଲେ ଦିନ ଗୋଟାଏ ଲାଗିଯାଏ । ସୁବ୍ରତ ଠିକ କଲା ଟ୍ରେନରେ ଯିବ । ସେଥିପାଇଁ ଦୁଇ ଦିନ ପୂର୍ବରୁ ଦୁଇଟି ଟିକେଟ କଣିଥିଲା ଉତ୍କଳ ଏକ୍ସପ୍ରେସରେ । ହାତରେ ସମୟ ନଥିଲେ ନିଶ୍ଚୟ ଉଡାଜାହାଜରେ ଯାଇଥାଆନ୍ତେ । ଟ୍ରେନରେ ଆରାମରେ ବସି ଝରକାବାଟେ ବାହାରର ଦୃଶ୍ୟ ଦେଖିବାକୁ ନିଶ୍ଚୟ ଭଲ ଲାଗିବ ଭାବି ଟ୍ରେନରେ ଯିବା ପାଇଁ ସିଏ ଠିକ କରିଥିଲା । ଆନୀ ଖୁବ ଖୁସି ଥାଏ । ଝରକା ବାହାରର ଧାନ ଖେତର ଦୃଶ୍ୟ ଖୁବ ମନୋରମ । କେତେବେଳେ ସ୍ଥିର ତ କେତେବେଳେ ମନ୍ଦ ମନ୍ଦ ପବନରେ ନାଚ ଯାଉଥାଏ ସୁନେଲି ଖେତ। ମନକୁ ତା' ସହ ଦୋହଲାଇ ଦେଉଥାଏ । କେଉଁଠି ତାଜମହଲର ଅପୂର୍ବ ସୌନ୍ଦର୍ଯ୍ୟ ତ କେଉଁଠି ସୁନେଲି ଧାନଖେତର ଅନନ୍ୟତା । ଦୁଇ ପ୍ରକାର ଖୁସି । ଆଶ୍ଚର୍ଯ୍ୟ ଅପ୍ରାକୃତିକ

ଦୃଶ୍ୟ ଅବା ସହଜ ସୁନ୍ଦର ସରଳ ପ୍ରକୃତି ଠିଆ ହୋଇଥାଏ ସାମନାରେ । ଟ୍ରେନ୍ ଗ୍ଭଲିଥାଏ ନର୍ଦ୍ଦିଷ୍ଟ ସମୟ ଅନୁଯାୟୀ । ବାଟରେ, ସ୍ୱଳ୍ପ ସମୟ କେଉଁ ଷ୍ଟେସନରେ ରହିଗଲେ କେତେ ବିକାଳୀମାନେ ଆସିଯାନ୍ତି । ପତ୍ର ଠୁଙ୍ଗାରେ ବଗ୍ଭ ଗୁଗୁନ, ଦହିବଗ୍ଭ ଆଳୁଦମ୍ ବା ମୁଢି ମିକଷ୍ଚର ଖାଇବାର ମଜା ଅଲଗା । ବାହାରେ ଖାଇବାକୁ ଡର ଥାଏ ସୁବ୍ରତର । ତେଣୁ ଲୋଭ ହେଉଥିଲେ ମଧ୍ୟ ପାଣିପୁରି ଖାଇବାର ଇଚ୍ଛାକୁ ଦମନ କରିବାକୁ ପଡୁଥାଏ । କନ୍ତୁ ସବୁଜ କଦଳୀ ଖାଇବାରେ କଛି ଅସୁବିଧା ନାହିଁ । ଟ୍ରେନର ସେଇ ଛୋଟ ଷ୍ଟେସନର ସ୍ୱଳ୍ପ ରହଣୀ ଭିତରେ ଦଶ ଟଙ୍କା ଦେଇ ସିଏ କଛି କଦଳୀ କଣିଲ୍ଲା । ଦୁହେଁ କଦଳୀ ଖାଇ ଗ୍ଭୋପାକୁ ନଜ ଜରି ବ୍ୟାଗ ଭିତରେ ରଖିଲେ । କନ୍ତୁ ଦେଖିଲେ ପାଖରେ ବସିଥିବା ଯାତ୍ରୀମାନେ ତାଙ୍କୁ ଅନାଇ ହସୁଛନ୍ତି, ଆଉ କଦଳୀଗ୍ଭୋପାକୁ ଟ୍ରେନର ଝରକାବାଟେ ସେମାନେ ଫୋପାଡି ଦେଲେ । ଦ୍ୱିଧା ନାହିଁ, ସଙ୍କୋଚ ନାହିଁ, ଚନ୍ତା ନାହିଁ । ଏ ଭିତରେ ସୁବ୍ରତକୁ କେତେବେଳେ ନଦ ଆସିଗଲ୍ଲା । ଗ୍ଭରିଜଣିଆ ପ୍ରଥମ ଶ୍ରେଣୀର ଶୋଇବା ବଗିଟିଏ। ଅନ୍ୟ ଦୁଇଜଣ ମହିଳା ଯାତ୍ରୀ ଥିଲେ ସେ ବଗିରେ । ସେମାନେ ଅନୁରୋଧ କଲେ ତଳ ଦୁଇ ବେଞ୍ଚରେ ଶୋଇପାରିବେ କ ? ଆନୀକୁ ଉପର ବେଞ୍ଚରେ ଚଢି ଶୋଇବାକୁ ସାମାନ୍ୟ ଅଶ୍ୱସ୍ତି ଲ୍ଭଗିଲେ ମଧ୍ୟ ଗ୍ଭତିଟିକର କଥା ଭ୍ଭବି ସିଏ ଉପରକୁ ଉଠିଗଲ୍ଲା। ବାଟରେ ଖାଇବା ପାଇଁ କଣିଥିବା ଛୋଲେ ଭଟୁରେକୁ ବାହାର କଲ୍ଲା ସୁବ୍ରତ, ନଜେ ଖାଇ ଆନୀକୁ ଦେଲ୍ଲା । ଦୁହେଁ ପାଣି ବୋତଲଟିଏ କୋଡିଏ ଟଙ୍କାଦେଇ କଣି ପରସ୍ପର ଭିତରେ ଭ୍ଭଗ କରି ପିଇ ଦେଇ ଶୋଇଗଲେ । କେତେବେଳେ କଟକ ଷ୍ଟେସନ ଆସି ପହଞ୍ଚିଗଲ୍ଲା ଜଣା ପଡିଲ୍ଲାନ ।

ଗ୍ଭଡି ଗ୍ଭରିଟା ବାଜିଥାଏ । ସେମାନେ ଓହ୍ଲାଇଗଲେ । ପାଖରେ ଠିଆ ହୋଇଥିବା ଛୋଟ ପିଲ୍ଲାଟିଏ ତାଙ୍କୁ କହିଲ୍ଲା, "ବାବୁ ମୁଁ ଆପଣଙ୍କ ଜିନଷ ନେଇ ଗାଡିରେ ପହଞ୍ଚାଇ ଦେବି' । ଆନୀ ପିଲ୍ଲାଟି ମୁହଁକୁ ଓ ସୁବ୍ରତ ମୁହଁକୁ ଅନାଇଲ୍ଲା । ପିଲ୍ଲାଟି ମୁହଁରେ ଅଳ୍ପ ଆଶା, ଅଳ୍ପ ହସ। ଆଖିରେ ନଦର ଇସାଗ୍ଭ ନାହିଁ । ଖୁବ ସହଜରେ ମୁଣ୍ଡ ଉପରେ ଦୁଇ ସୁଟକେସ ଓ ହାତରେ ଛୋଟ ହାତଗଡା ସୁଟକେସ୍ ଧରି ଆଗେ ଆଗେ ଗ୍ଭଲିଥାଏ । ଆନୀ ଓ ସୁବ୍ରତ ନଜ ହାତ ବ୍ୟାଗ ଛଡା ଆଉ କଛି ଧରି ନ ଥାନ୍ତି । ପିଲ୍ଲାଟି ତଥାପି ତାଙ୍କ ଆଗେ ଆଗେ

ଚାଲିଥାଏ । ଟାକ୍ସିଷ୍ଟାଣ୍ଡରୁ ଟାକ୍ସିଟିଏ ପାଇ ସେମାନେ ବସିଲେ । ପିଲାଟି ଟାକ୍ସିର ଟ୍ରଙ୍କରେ ବ୍ୟାଗ ସବୁ ରଖିଦେଲା । ସୁବ୍ରତ ତାକୁ ଶହେ ଟଙ୍କିଆ ନୋଟଟିଏ ବଢାଇ ଦେଲା । ପିଲାଟି

କହିଲା, "ବାବୁ ମୋ' ପାଖେ ଖୁଚୁରା ନାହିଁ । ଟିକଏ ଅପେକ୍ଷା କରନ୍ତୁ, ମୁଁ ନେଇ ଆସୁଛି" । ସୁବ୍ରତ ସାମାନ୍ୟ ହସି କହିଲେ, "ନାଇଁରେ ପୁଅ, ସେ ଖୁଚୁରା ତୋର' । ପିଲାଟି ହସି ପକାଇଲା । ଦୁଇ ହାତ ଟେକ ନମସ୍କାର କରି "ଭଲରେ ଭଲରେ ଯାଆନ୍ତୁ' କହି ବିଦାୟ ନେଲା । ସୁବ୍ରତର କଅଣ ମନେ ହେଲା କେଜାଣି, ପିଲାଟିକୁ ପଚାରିଲା, "ପୁଅ ତୋର ମୋବାଇଲ ଫୋନ୍ ଅଛି କ ? ନମ୍ବର ଦେଲେ ଫେରିବା ବେଳେ ତୁ ଥିଲେ ତୋତେ ଡାକବି'। ପିଲାଟି ହସି କହିଲା, "ବାବୁ ମୋ' ନାଁ ଗୋପାଳଆ, ନମ୍ବରକୁ ଟିପି ରଖନ୍ତୁ, ମୋତେ ଡାକଲେ ମୁଁ ନିଶ୍ଚୟ ଆପଣଙ୍କୁ ସାହାଯ୍ୟ କରିବି' । ନମ୍ବରଟିକୁ ନିଜ ମୋବାଇଲେ ଟିପି ରଖି ସେମାନେ ବାହାରିଗଲେ । ଗୋପାଳଆ ଆଉଥରେ ନମସ୍କାର କରି ଅନ୍ୟ ଦିଗରେ ଚାଲିଗଲା । ତା' ଚାଲିବାଟକୁ ଚାହିଁ ରହିଥିଲେ ସୁବ୍ରତ । ଗୋପାଳଆର ବୟସ ପନ୍ଦର ଶୋହଳ ଭିତରେ ହେବ । ମୁହଁରେ ହସ । ଷ୍ଟେସନରେ କୁଲି କାମ କଲେ ମଧ୍ୟ ସବୁବେଳେ ଖୁସି ମିଜାଜର ଥାଏ । ଖାଇଛି କ ନ ଖାଇଛି କଛିରେ ଚନ୍ତା ନାହିଁ । ଯେମିତି ସିଏ ଜଗତ ଜିଣିଛି । ଶହେଟି ଟଙ୍କା ମନେ ହେଉଛି ସ୍ୱର୍ଗ ପ୍ରାପ୍ତି ପରି । ବାବୁଜଣକ ଅନ୍ୟ ମାନଙ୍କ ପରି ମନେ ହେଲ ବି ଶହେ ଟଙ୍କା ପାଇଁ ତା' ସହ ତର୍କ କରି ନାହାନ୍ତି । ଟଙ୍କାଟା ହାତକୁ ବଢାଇ ଦେଇ, ଫୋନ୍ ନମ୍ବରଟା ନେଇ ସେମାନେ ପଛକୁ ଫେରି ଅନାଇ ନାହାନ୍ତି । ଆନୀ ସୁବ୍ରତକୁ ପ୍ରଶ୍ନିଳ ଆଖିରେ ଚାହିଁଥାଏ । ଭାବୁଥାଏ ଆମେରିକାରେ ସେ ସବୁ ନ ଥାଏ। ଯିଏ ଯାହାର ନିଜ କାମ କରିଥାନ୍ତି, କୁଲିର ଆବଶ୍ୟକତା ପଡେ ନା । ଭାରତ ଏକ ଭିନ୍ନ ରାଜ୍ୟ । ଏଠି ଲୋକଙ୍କର ଭିଡ ସବୁଆଡେ । ଲୋକମାନେ ସତର୍କ ଥାଆନ୍ତି ସବୁବେଳେ । ପକେଟ୍ ଚୋରିର ଭୟ ଥାଏ । ଏଭଳି କଥା ସିଏ ଆସିବା ପୂର୍ବରୁ ସାଙ୍ଗ ମାନଙ୍କଠାରୁ ଶୁଣିଥିଲା । ଯଦିଓ ସେକଥା ତାର କେବେ ସତ ମନେ ହୋଇନଥିଲା । ମନେ ମନେ ଭାବିଲା, ଲୋକ ଏତେ କଥା କୁହନ୍ତି, କନ୍ତୁ ଗୋପାଳ ପରି କୁଲିଙ୍କ କଥା କୁହନ୍ତି ନାହିଁ । କେତେ ଖରାପ ଭିତରେ ଭଲ ବି ଥାଏ । ଯାହା ହେଉ, କଟକରୁ ଆସି ଗାଁରେ ସେମାନେ ପହଞ୍ଚିଗଲେ । ଗାଁ ମୁଣ୍ଡରୁ ଛୋଟ ଛୋଟ ଲଙ୍ଗଳା, ଅର୍ଦ୍ଧଲଙ୍ଗଳା ପିଲାଏ ଗାଡି ପଛେ ପଛେ ଆସି ତାଙ୍କ ଘର ପାଖରେ ପହଞ୍ଚି ଯାଇଥାନ୍ତି । କାହିଁକି ଗାଡି ପଛରେ ଆସିଛନ୍ତି ତା'ର

କୌଣସି କାରଣ ନ ଥାଏ । ଅଜଣା କୌତୁହଳ ନେଇ ସେମାନେ ଖୁସି । ଖୁସିର କାରଣ ନାହିଁ । କାହାଠୁ କଛି ପାଇବାର ଆଶା ନାହିଁ । ଆନୀକୁ ସବୁ ଆଶ୍ଚର୍ଯ୍ୟ ଲାଗୁଥାଏ । ଆଖିରେ ପ୍ରଶ୍ନ ଥାଏ କନ୍ତୁ ପାଟିକୁ ଆସେ ନାହିଁ । ସୁବ୍ରତ ବି ପଗ୍ଛରେ ନାହିଁ । ଗାଁରେ ପହଞ୍ଚିବା ପରେ ଘରର ବାରଣ୍ଡା ପାଖରେ ସେଇ କେଉଁ ଦିନରୁ ଲାଗିଥିବା ଟଗର ଗଛରେ ସେମିତି ତାର୍ ଫୁଲ ଭଳ ଟଗର ଫୁଲ ଫୁଟିଥାଏ । ଅନ୍ୟମନସ୍କ ଭାବରେ ଗୋଟେ ଫୁଲ ସିଏ ଛିଠାଇଦେଲା । ଫୁଲରେ ବାସ୍ନା ନଥାଏ, କନ୍ତୁ ସୌନ୍ଦର୍ଯ୍ୟରେ କଛି କମି ନଥାଏ । ସୁବ୍ରତର ମନେପଡିଲା, ବୋଉ ସକାଳୁ ଉଠି ଫୁଲ ତୋଳ, ଫୁଲର ମାଳ କରି ଠାକୁରଙ୍କୁ ଦିଏ। ସେଇଥିରେ ତା'ର ମନ ଖୁସି ହୁଏ । ବୋଉର ଖୁସି ଏମିତି ସବୁ ଛୋଟ ଛୋଟ କଥାରେ । ତାର ଟଙ୍କା ପଇସା, ପ୍ରାଚୁର୍ଯ୍ୟରେ ଇଛା ନ ଥାଏ । ସହଜ ଜୀବନ ।ସରଳତାର ଜୀବନ । ସ୍ୱଳ୍ପରେ ଖୁସି ହେବାର ଜୀବନ । ସୁବ୍ରତ ଓ ଆନୀଙ୍କ ଆସିବା କଥା ଶୁଣିଲା ବେଳଠୁ ତା'ର ଯେମିତି ଗୋଡ ତଳେ ଲାଗୁ ନଥାଏ । ବିନା କାରଣରେ ବାହାର-ଘର ହେଉଥାଏ । ପ୍ରତି ଅଧଘଣ୍ଟାରେ ଆସି ଦାଣ୍ଡକୁ ଦେଖି ଯାଉଥାଏ । ସୁବ୍ରତ ପହଞ୍ଚିଲା ବେଳକୁ ଦେଖିଲା ବୋଉ ଦାଣ୍ଡର ଛିଡା ହୋଇଛି । ସୁବ୍ରତ ବୋଉକୁ ମୁଣ୍ଡିଆ ମାରିଲା । ବୋଉର କାହିଁକ କେଜାଣି ଆଖିରେ ଲୁହର ଧାର ବହି ଗ୍ଲିଥାଏ । ପୁଅକୁ କୁଣ୍ଢାଇ ପକାଇ କେତେ କଅଣ ବିଳ ବିଳ ହୋଇ କହି ଗ୍ଲିଥାଏ । ସୁବ୍ରତ ବୋଉର ଆଖି ଲୁହ ପୋଛି ଦେଲା । ବୋଉକୁ ଜୋରରେ କୁଣ୍ଢାଇ ଧରିଲା । ସୁବ୍ରତର ଆଖି ଲୁହ ଛଳ ଛଳ । ଆନୀ କଛି ବୁଝି ପାରୁ ନ ଥାଏ । ମନେମନେ ଆଶ୍ଚର୍ଯ୍ୟ ହୋଇ ଗ୍ହିଁଥାଏ । ଏତେ ଦିନ ପରେ ମାଆକୁ ଦେଖି ଖୁସି ହେବା କଥା । କନ୍ତୁ ସେମାନେ ଦୁହେଁ କାନ୍ଦୁଛନ୍ତି କାହିଁକ ? ବଡ ଅଜବ କଥା । ଏ କାନ୍ଦ କଅଣ ଖୁସିର ଅନ୍ୟ ଏକ ରୂପ ? ମାଆ ପୁଅଙ୍କ କାନ୍ଦ ଦେଖି ଆନୀର ବି ମୁହଁ ସୁଖି ଯାଇଥାଏ । କାହାକୁ କଛି କହି ନପାରି ଚୁପଗ୍ପ ଇଆଡକୁ ସିଆଡକୁ ସିଏ ଗ୍ହୁଁଥାଏ । ବାହାରପଟ ବାରିରେ ସୁବ୍ରତର ମାଆ କଛି ବାଇଗଣ ଗଛ ଲଗାଇଥାନ୍ତି । ଭାଡି କରି ଦୁଇ ଗ୍ରିଟା କଖାରୁ ଓ ଜହ୍ନି ଗଛ ବି ସୁସ୍ଥ ଭାବରେ ବଢୁଥାନ୍ତି । ସତେ ଅବା କାହାର ଆର୍ଶୀବାଦ ପାଇ ଛୋଟ ତାଙ୍କ ଜୀବନକୁ ଖୁସିର ସମ୍ଭାରରେ ଭରି ଦେଇଛନ୍ତି । ଆଗାମୀ ଦିନରେ ସେ ପ୍ରତିଦାନ ଦେବାର ପ୍ରତିଶୃତି ଦେଉଛନ୍ତି । ଫୁଲ ଫଳ ହେବାର ପ୍ରତିଶୃତି ଆନୀ ଦେଖିଲା, ଯାହା କେବେ ସିଏ ଦେଖି ନ ଥିଲା । କେବଳ ଦୋକାନରୁ ବାଇଗଣ ସିଏ କଣିଥିଲା । ଏଠି ଦେଖିଲା ଧଳା ଛୋଟ ଛୋଟ ଗୋଲ ବାଇଗଣ

ଆଉ କଛି ପେନ୍ଥା ପେନ୍ଥା ଲମ୍ବା ବାଇଗଣ । ସବୁଜତାର ସ୍ପର୍ଶ ସବୁ ଗଛରେ । ସମସ୍ତେ ଯେମିତି ଏକାଠି ଅଛନ୍ତି, ଖୁସିରେ ଅଛନ୍ତି । ହୃଦୟରେ ପୂର୍ଣ୍ଣତା ଭରି ରହିଛି ସବୁଠାରେ । ସୁବ୍ରତର ମାଆଙ୍କ ହାତର ସ୍ପର୍ଶ ଘର ବାହାର ସବୁଠାରେ ପ୍ରତୀୟମାନ । ଦିଲ୍ଲୀ ଭଳି ବଡ ସହରର ସୌନ୍ଦର୍ଯ୍ୟଠାରୁ ଏ ଭଳି ଛୋଟ ଗାଁଆର ସୌନ୍ଦର୍ଯ୍ୟ ଅଲଗା ହେଲେ ବି ତା ରୂପର ସରଳତାରେ ସେ ସୌନ୍ଦର୍ଯ୍ୟ ଯେମିତି ଅଧିକା ବଢି ଯାଇଛି । ଆନୀ ଯେ ଗାଁକୁ ଦେଖି ଖୁସି ଅଛି ତା ସୁବ୍ରତ ଜାଣିପାରିଲା ।

ସେଦିନଟା ଭଲରେ କଟିଗଲା । ଦିନର କ୍ଲାନ୍ତି ମିଟାଇ ସେମାନେ ଶୋଇଗଲେ । କେତେବେଳେ ଦିନ ଯାଇ ରାତି ହେଲାଣି ଜାଣିନାହାନ୍ତି । ବୋଉ ଦୁଇଥର ଯାଇ ଦୁଆରେ ଉଠି ଦେଖି ଆସିଥାଏ । ଯେମିତି ଅଚେତ ନଦ । ନଷ୍ଟୟ ଭାରି ହାଲିଆ ହୋଇଛନ୍ତି ଭାବି ସିଏ ତାଙ୍କୁ ଉଠାଇଲାନ । ଶେଷରେ ସନ୍ଧ୍ୟା ହେବାରୁ ଆଉ ରହି ପାରିଲାନ । ଗାଁ ଗହଳ କଥା । ସନ୍ଧ୍ୟାରେ ଶୋଇବା ଭଲ ନୁହେଁ ବୋଲି ଲୋକକଥା ଅଛି । ଅନେକ ଚନ୍ତା କରି ଶେଷକୁ ସନ୍ତର୍ପଣରେ ଯାଇ ଉଠାଇଲା । ସୁବ୍ରତ ଉଠି ଆନୀକୁ ଉଠାଇଲା । ଆନୀ ଏତେ ସମୟ ଶୋଇ ଯାଇଛି ଭାବି ଅପରାଧୀର ସ୍ୱର ନେଇ ସୁବ୍ରତକୁ ଦୁଃଖିତ ବୋଲି କହିଲା । ଦୁହେଁ ଉଠି ବୋଉ କରିଥିବା ଚାହାରୁ ଦୁଇ କପ ଚାହା ପିଇଲେ । ବୋଉ ଘରେ ରଖିଥିବା ଥିନ୍ ଆରାରୁଟ୍ ବିସ୍କୁଟରୁ ଚାରିଟା ଆଣି ପ୍ଲେଟରେ ରଖିଲା । ଭୋକ ନାହିଁ କହି ଦୁହେଁ ଖାଇଲେ ନାହିଁ । ସନ୍ଧ୍ୟା ସଂପୂର୍ଣ୍ଣ ନଇଁ ଆସିବା ପୂର୍ବରୁ ବୋଉ ଠାକୁରାଣୀଙ୍କ ପାଖେ ଦୀପ ଦେଇ ଆସିବ ବୋଲି ଲୁଗା ବଦଳ ବାହାରିଲା । ତାକୁ ଦେଖି ସୁବ୍ରତ ମଧ ଯିବ, ଗାଁ ଠକୁରାଣୀଙ୍କୁ ମୁଣ୍ଡିଆ ମାରି ଆସିବ ବୋଲି କହି ବାହାରିଲା । ଗଛରେ ଫୁଟିଥିବା ଦୁଇଟା ନାଲି ମନ୍ଦାର ଓ କଛି ଟଗର ଫୁଲ ଧରି ସେମାନେ ବାହାରି ପଡିଲେ । ଠାକୁରାଣୀଙ୍କ ପାଖକୁ ଗଲା ବେଳକୁ ଘର ପୂଝାରୀ ନାରଣନନାଙ୍କ ସହ ଦେଖା ହୋଇଗଲା । ନାରଣନନା ପୂଜା ଓ ଦୀପ ଦେଇଦେବେ କହି ତାଙ୍କ ସଙ୍ଗେ ସଙ୍ଗେ ଚାଲିଲେ । ମନ୍ଦିରରେ ସନ୍ଧ୍ୟା ଦୀପ ପାଇଁ କଛି ଲୋକ ବି ଆସି ଯାଇଥାନ୍ତି । ପାଖ ପଡିଶା, ନରୂନାନୀ ସୁବ୍ରତକୁ ଦେଖି "କେବେ ଆସିଲୁ, କେମିତି ଅଛୁ' ବୋଲି କହି ପ୍ରଶ୍ନ ଆରମ୍ଭ କଲେ । ଗାଁରେ ନରୂପମାଙ୍କୁ ସମସ୍ତେ ଖୁବ ମାନ୍ୟ କରନ୍ତି, ହେଲେ କେହି ତାଙ୍କ ସହିତ କଥା କହିବାକୁ ଆରମ୍ଭ କରିବାକୁ ଚାହାନ୍ତି ନାହିଁ । କାରଣ ଥରେ କଥା ଆରମ୍ଭ ହୋଇଗଲେ ସେ କଥାର ଶେଷ ହେବା ପରି ଲାଗେନା ।

ନରୂନାନୀ ଢିଙ୍କି ଶାଳରୁ ଢେଙ୍କାନାଳ ପର୍ଯ୍ୟନ୍ତ ପ୍ରଶ୍ନ କରି ଶେଷରେ ନିଜ ଦୁଃଖୀ ଜୀବନର କଥା ଆରମ୍ଭ କରିଦିଅନ୍ତି । ତେର ବର୍ଷରୁ ବାହା ହୋଇ ସତର ବର୍ଷରେ ସ୍ୱାମୀକୁ ହରାଇଥିଲେ ନରୂପମା । ସ୍ୱାମୀ ମୂରଲୀ ମିଶ୍ର ହଇଜାରେ ଚାଲି ଯାଇଥିଲେ । କେତେ ଚେରମୂଳ କରି, କେତେ ବଇଦଙ୍କୁ ଦେଖାଇ ଔଷଧ ଖାଇଥିଲେ । କେହି ତାଙ୍କୁ ରକ୍ଷା କରି ପାରିନଥିଲେ । ନରୂନାନୀ କାନ୍ଦି କାନ୍ଦି ହେଁସ କତରାରେ ପଡି ରହିଲେ । ଖିଆ ପିଆ କିଛି ଦିନ ଛାଡି ଦେଲେ । ମାସ ଦୁଇଟା ପରେ ପୁଣି ଝାଡି ଝୁଡି ଉଠିଲେ । ମନକୁ ଦମ୍ଭ କଲେ । ବିଧବା ମୁଁହ ଚାହିଁଲେ ଖରାପ ହେବ କହି ଲୋକମାନେ ଅନ୍ୟ ଆଡକୁ ମୁହଁ ଫେରାଇ ଦିଅନ୍ତି ତାଙ୍କୁ ଦେଖିଲେ । ସତର ବର୍ଷର ନରୂପମା ବୁଝି ପାରନ୍ତିନି । ଦୋଷ ନଥାଇ ତାଙ୍କୁ ସବୁ ସହିବାକୁ ପଡେ । ଲୋକମାନେ କେତେ ନିଷ୍ଠୁର ହୋଇପାରନ୍ତି ସେ କଥା ସିଏ ବୁଝି ପାରନ୍ତିନି । ଶାଶୁ ସୁଶୀଳା 'ମୋ' ପୁଅକୁ ଖାଇଲୁ, ରାଣ୍ଡ ହେଲୁ' କହି କେତେ ଗଂଜଣା ଦିଅନ୍ତି । ନରୂପମା, ସ୍ୱାମୀଙ୍କ ସ୍ନେହ ଶ୍ରଦ୍ଧା ଚାଲିଗଲା ପରେ ବି ଶାଶୁଘରେ ସେମିତି ପଡିରହିଥିଲେ । ବାପ ଘରକୁ ଯିବାକୁ ସାହସ କୁଳାଇ ପାରି ନଥିଲେ । ଭାଗ୍ୟକୁ ହଇଜା ବ୍ୟାଧି ଆଉ ଘରର କାହାକୁ ଖାଇ ନାହିଁ । ଗାଁ ମୁଣ୍ଡର ଶିବ ମହାପୁରୁଙ୍କ ପାଖେ ପାଣିଲାଗି କରିବାରୁ ବୁଢି ଠାକୁରାଣୀର କୋପ କମିଗଲା ଭାବି ଲୋକେ ଶାନ୍ତିରେ ନିଶ୍ୱାସ ମାରିଲେ । ସତର ବର୍ଷର ନରୂ କପାଳରୁ ସିନ୍ଦୁର ଲିଭିଗଲା । ଦିନେ କାଳେ ଅଳତା ସିନ୍ଦୁର ଲଗାଇବାର ସ୍ୱପ୍ନ ଚାଲିଗଲା । ସମ ବୟସୀ ଝିଅ ବୋହୁଙ୍କ ସଂଗେ ହସ ଖୁସି କରିବା ଆଉ ହୋଇ ପାରିଲାନି । ଗାଁର ଅନ୍ୟ ବିଧବା ବୁଢୀ ମାଉସୀଙ୍କ ସଙ୍ଗେ ସିଏ ଜଣେ ହୋଇ ମିଶିଗଲା । ଜୀବନରୁ ସବୁ ରଙ୍ଗ ଲିଭିଗଲା । ରଜ, କୁମାରପୂର୍ଣ୍ଣମୀ, ସାବିତ୍ରୀ ଅମାବାସ୍ୟାର ପୂଜା ମଉଜ ଖାଲି ଦେଖିବାର ହୋଇ ରହିଗଲା । ଜୀବନ ଦୁଃଖ ଦୁର୍ବିସହରେ ଭରିଗଲା । ମାଗଣାରେ ବସି ଖାଉଛି କହି ଶାଶୁ ସୁଶୀଳା ଖୁବ ଯନ୍ତ୍ରଣା ଦେଉଥିଲେ । କେଉଁ ଦିଗକୁ ଯିବ ସିଏ ଠିକ୍ କରି ପାରେନି । ଦିନମାନ ଚାଲିଥାଏ । ରାତିରେ ଶୋଇବାକୁ ଗଲେ ସବୁ ଚିନ୍ତା ଘାରେ । ନିଦ ହୁଏନା । ପହଡ ଗଣି ଗଣି ରାତି ପାହିଯାଏ । ସକାଳୁ ଉଠିବାର ଭୟ ମନ ତଳେ ଛାଇ ହୋଇ ପଡି ରହିଥାଏ । ଘର ଭିତରେ ପରିବାର ବର୍ଗ ତାକୁ ଅଛୁଆଁ ପରି ବ୍ୟବହାର କରନ୍ତି । ସେଇ ଦୁଃଖକୁ ଊଣା କରିବାକୁ ନରୂପମା ଠିକ୍ କଲା ପାଖ ପଡିଶାଙ୍କ ଘରେ କାମ କରିବ । ଘର ଓଳା, ଅଗଣା ଓଳା, ଲିପାପୋଛା କରି କିଛି ରୋଜଗାର କରିବ। ଲୋକମାନେ ଆସ୍ତେ ନରୂକୁ ଆଦରି ନେଲେ । ବ୍ରାହ୍ମଣ ଘରର ଝିଅ ବୋହୁ ହୋଇ

ଆଉ କାହାଘରେ କାମ କରି ପାରିବ ନାହିଁ ବୋଲି, କେବଳ ବ୍ରାହ୍ମଣ ସାଇର ମା ମାଉସୀଙ୍କୁ ହାତ ବଢାଇ ଦେଇ ସମୟ କଟାଇଲା । ସତର ବର୍ଷର ଭରପୂର ଯୌବନ । ଗୋଲ ଗାଲିଆ ମୁହଁ, ଟଣା ଟଣା ଆଖି । ଛାତିରେ ଯୌବନ ଛୁଇଁ ଯାଇଛି । ଖାଇବା ନ ଖାଇବାର ଫରକ ସେ ଦେହରେ ପଡେନ । କେତେ ଲୋକଙ୍କର ଲାଳୁଆ ଆଖି ସେ ଦେହରେ ପଡେ, ତାକୁ ଦେଖି ଲାଳ ବୋହିଯାଏ । ଆଖିକୁ ତଳକୁ କରି ଚାଲିବାର ଅଭ୍ୟାସ କଲା ନରୁପମା । ମୁହଁ ଉପରକୁ କରିବାର ଅଭ୍ୟାସ ଆପେ ଆପେ ଉଭେଇ ଗଲା ନରୁର ।

ଏ ଭିତରେ ନରୁର ବୟସ ହୋଇଯାଇଛି । ଅର୍ଦ୍ଧ ବୟସ୍କ ନରୁନାନୀ ଗାଁର ଭେଣ୍ଡିଆ ପୁଅ ମାନଙ୍କୁ ତାଠାରୁ ବଡ ହୋଇଥିଲେ ମଧ୍ୟ ନିଜ ପୁଅ ପରି ମଣୁଛି । ସମସ୍ତଙ୍କର ସିଏ ନରୁନାନୀ ହୋଇ ଯାଇଛି । ସୁବ୍ରତ ଘରେ ସୁଶୀଳାଙ୍କ ହାତକୁ ହାତ ବଢାଇ ଦେଇ ସିଏ କାମରେ ସାହାଯ୍ୟ କରେ । ଏବେ ଆନୀକୁ ଦେଖି ଆଶ୍ଚର୍ଯ୍ୟ ହୁଏ । ସମୟର କେତେ ପରିବର୍ତ୍ତନ ହୋଇଛି ଏ ଭିତରେ । ଲୋକ ବି ପରିବର୍ତ୍ତନ ହୋଇଛନ୍ତି । ଆନୀକୁ ଅଜବ ଜୀବଟିଏ ଭାବି ଦେଖି ପରଖିବାକୁ ଆସିଲେ ବି କୁମନ୍ତବ୍ୟ କରିବାକୁ ଦ୍ୱିଧା ମଣୁଛନ୍ତି । ସମାଜ ସମୟ ସହ ତାଳ ଦେଇ ଧୀରେ ପରିବର୍ତ୍ତନ ହୋଇଛି । ନରୁ ମା' ବୁଢୀ ଠାକୁରାଣୀ ପାଖେ ସିନ୍ଦୁର ଚଢାଇବାକୁ ଭାବିଲେ ମଧ୍ୟ ହାତରେ ସିନ୍ଦୁର ଧରିବାର ସାହସ କରିପାରେନା। ସ୍ମୃତିମାନେ ଝରି ଆସନ୍ତି । ଚାରିବର୍ଷର ସୁଖ ସ୍ମୃ ତି କୁ ସାଁଉଟି ନେଇ ସିଏ ମନକୁ ସାନ୍ତ୍ୱନା ଦିଏ । ହେଉ ପଛେ ଚାରୋଟି ବରଷ । ମନରୁ ତଡି ତାକୁ ଦୂର କରିପାରେନ । ଛାଇକୁ କଅଣ ତଡି ହୁଏ ? ସିଏ ତ ନିଜର ଅବିଚ୍ଛିନ୍ନ ଅଙ୍ଗ । ମୂରଲୀ ତା ସଙ୍ଗେ ତା ଦେହର ଛାଇ ହୋଇ ରହିଛନ୍ତି । ସେଇ ସା ନ୍ତ୍ୱନା ନେଇ ସିଏ ବଞ୍ଚିଛି । ଆକାଶକୁ ଆଲୋକିତ କରି ନୂଆ ସୂର୍ଯ୍ୟ ଉଇଁଛି । ନରୁ ହାତଯୋଡି ନମସ୍କାର କରି ନୂଆ ସୂର୍ଯ୍ୟ ଭିତରେ ନୂଆ ସମ୍ଭାବନାର ଅପେକ୍ଷା କରିଛି ।

ଏଲକରିଜ, ମେରିଲାଣ୍ଡ, ଆମେରିକା

# ଶାପମୁକ୍ତ ଅହଲ୍ୟା ମୁଁ



ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ

ଉଜ୍ଜ୍ୱଳ ଆକାଶ ଆଉ ଚନ୍ଦ୍ରାତପ ତଳେ
ବନ୍ଦିନୀ ମୁଁ ଅଭିଶାପ ଛଳେ
ନିଷିଦ୍ଧ ମୋ ଲାଗି ଆକାଶ ଓ ପୃଥିବୀର ସୀମା
ନିଶ୍ଚେତନାର ଭୂମିରେ ଚେତନାର ଓମକାର
ଲୁହ ସବୁ ଶେଷ ଆଉ ଶେଷ ଲୁହ
ଝରିନାହିଁ କେବେଠୁ କେଜାଣି ପଥର ଚକ୍ଷୁରୁ
ନିଦ୍ରା ନୁହେଁ ଜାଗରଣ ନୁହେଁ
ଅପମାନେ ଜର୍ଜରିତ ମୁଁହି
ବିପୁଳା ଏ ପୃଥ୍ୱୀ ମଧ୍ୟେ ଅଭିଯୋଗ ନାହିଁ
କାହା ପାଖେ ମୋର,
ମୁଁ ଅହଲ୍ୟା, ପଥୁରେଇ ଯାଇଥିବା ଆତ୍ମାଟିଏ
ବିନା ଦୋଷେ, ବିନା ପ୍ରତିବାଦେ
ଭୋଗିଛି ଅସହ୍ୟ ଯନ୍ତ୍ରଣା
ଲହୁଲୁହାଣ ଆତ୍ମା ମୋର ବର୍ଷ ବର୍ଷ ଧରି
ଦେଖିନାହିଁ ସୂର୍ଯ୍ୟ ଚନ୍ଦ୍ର ତାରାର ଆକାଶ
ଅନୁଭବି ନାହିଁ ବର୍ଷା ବସନ୍ତ ଓ ବୈଶାଖ
ଡାକିନାହିଁ ରାଜା ଜନକଙ୍କୁ ଉଦ୍ଧାରିବାକୁ
ଅଥବା ପତି ଗୌତମଙ୍କୁ ନେହୁରା ହୋଇନି
ରାଜ ପୁରୋହିତ ପୁତ୍ର ସଦାନନ୍ଦଙ୍କୁ ବି
ଆତ୍ମହତ୍ୟା, ଅଗ୍ନିଦାହ କରିନି ନିଜକୁ
କାରଣ ନିଷ୍କଳଙ୍କ ଆତ୍ମା ମୋର
ଅସମର୍ଥ ପୃଥିବୀର ସମର୍ଥ ସହିଷ୍ଣୁ ରମଣୀ ମୁଁ

ଯନ୍ତ୍ରଣାର ଜତୁଘରେ ଜଳୁଥିବି ସିନା
ଭଙ୍ଗିଯିବି ନାହିଁ ଅପବାଦେ
ମୋ ପ୍ରେମର ତୀର୍ଥ ମନ୍ଦିରରେ
କେବଳ ଗୌତମ ଓ ଗୌତମ
ନାହିଁ ସେଠି ନାରୀଭୋଗୀ କାପୁରୁଷ ଇନ୍ଦ୍ର
ରୂପ ବଦଳାଇ ନଷ୍ଟଭ୍ରଷ୍ଟ କରେ ସତୀତ୍ୱକୁ
ବାରବାର ଚେଷ୍ଟା ଜାରିରଖେ ଲମ୍ପଟ ମଦ୍ୟପ
ପଦବୀର ଅପବ୍ୟବହାର କରନ୍ତି ଏମାନେ
ସୁନ୍ଦରୀ ହେବା ଅପରାଧ ଲାଗେ
ଦୋଷ କଣ ସୌନ୍ଦର୍ଯ୍ୟର ନା ଚରିତ୍ରର
ଠିକ୍ ବୁଝିଥିଲେ ବିଶ୍ୱାମିତ୍ର ମୋତେ
ସମାଜ ଭୟରେ ମୂକ ହୋଇଥିଲେ
ଡକାଇ ଆଣିଲେ ସାଥେ ନୟନାଭିରାମ
ଲୋଡାଥିଲା ସ୍ପର୍ଶଟିଏ ମାତ୍ର
ବିଚିତ୍ରବର୍ଣ୍ଣା ପୃଥିବୀରେ ଫାଲଗୁନ ଆସିଲା
ସୁବର୍ଣ୍ଣ ରଙ୍ଗରେ ରଙ୍ଗାୟିତ ହେଲା ଧରା
ଅନେକ ପାଦର ଗୋଇଠା ଠାରୁ
ନଆରା ଥିଲା ଏ ପାଦର ସ୍ପର୍ଶ
ଜୀବନ୍ୟାସର ଶତଦଳ ପଦ୍ମ ବିକଶିତ -
ହେଲା ସେ ପାଦ ସ୍ପର୍ଶରେ
ହେ ମୋର ଉଦ୍ଧାରକାରୀ ପରମ ବାନ୍ଧବ
ମୁଁ ଏବେ ସୁବିପୁଳା ଶାପମୁକ୍ତ ନଦୀଟିଏ
ମିଶିବାକୁ ଧାଉଥିବି ଚିରକାଳ ସମୁଦ୍ର ବକ୍ଷରେ
ଶ୍ରୀରାମଙ୍କ ରଙ୍ଗା ଚରଣରେ
ଶାପମୁକ୍ତ ଅହଲ୍ୟା ମୁଁ ।

ପ୍ଲଟ ନ. ୪୭୧୯/୨୧, ପୋଖରୀପୁଟ ଭିଲେଜ
ପୋ. ଚନ୍ଦ୍ରଶେଖର ପୁର, ଭୁବନେଶ୍ୱର – ୭୫୧୦୧୬

# ସରି



ସୁବାସ ଚନ୍ଦ୍ର ମୁଦୁଲି

ଏତେ ସରି ତୋତେ କଏ କଲା
ଦୁନଆ କହୁଛି
ଦୁଇ ଆଖି ଥାଇ
ହାତ ପାଦ ତୋର କାହିଁ ଗଲା
ଗୋରା ଦେହ ତୋର
କଳା ବଦନରେ
ଅଧର ତୋ ନାଲି କେମିତି ହେଲା
ପଥର ଦେଉଳେ
କାଠର ଦେବତା
ଭିନ୍ନକ୍ଷମ ତୋତେ କଏ କଲା
ନଜ ପାଦେ ନଜେ
କୁରାଢ଼ି ମାରିଲୁ
ଏତେ ବୁଦ୍ଧି ତୋର କେବେ ହେଲା
ଦୁନଆ ଯାକରେ
ଏତେ ଦିଅଁ ଥାଇ
ତୋ ସରି କଏ ହେବ ଭଲା ॥

ପ୍ରାକ୍ତନ ବରିଷ୍ଠ ପ୍ରୟୋଗଶାଳା ପ୍ରାଯୁକ୍ତିକ
ଜିଲ୍ଲା ମୁଖ୍ୟ ଚକସ୍ଵାଳୟ , ସମ୍ବଲପୁର

# ସ୍ୱାଗତମ୍ ୨୧



ସରୋଜ ଲକ୍ଷ୍ମୀ ମହାନ୍ତି

ବିଭ୍ବରୀ ଆଜି ନବବଧୂ ସାଜି
ନାଲି ଓଢଣୀରେ ହସୁଛି
ଆକାଶ ଟା ସତେ ବେଶୀ ନୀଳ ଦିଶେ
ପତର ସବୁଜ ଲ୍ଗୁଛି
ପବନ ଯେ ଆଜି ଧିମା ଧିମା ପାଦେ
ହେନାର ମହକ ବାଣ୍ଟୁଛି
ସବୁ ସ୍ୱଚ୍ଛ ଆଜି ନୂଆ ବରଷରେ
ନୂଆ ଉନ୍ମେଷ ଯାଗୁଛି
ଧର୍‌ ଲ୍ଗେ ସତେ କେଡ଼େ ମନୋରମ
ଶ୍ୟାମଳନୀ ମୁଗ୍ଧ ଆବେଗେ
କଟିଛି ଆଜି ସେ ଘୋର ଅମା ର୍‌ତ୍ରି
ଉଲ୍ଲସିତ ଅୟମାରମ୍ଭେ
ପ୍ରାଣେ ପ୍ରାଣେ ଆଜି ପ୍ରୀତି ର ଲହରୀ
ମଧୁର ତିଥି ର ଆଗମେ
ଅପସରିଛି ସେ ଭୟ ଭୀତି ମନୁ
ନୂଆ ବିଶ୍ୱାସ ର ଆହ୍ୱାନେ
ପ୍ରକୃତି ହସେଓଠ ଚପି ଚପି
ବନ ପର୍ବତ ଗହଳେ
ଧରଣୀ ସତେକ ଖୁସି ମନଉଛି
ନାନାଜାତି ଫୁଲ ବଉଳେ
ସବୁ ଭୁଲି ଆସ ଏକ ହୋଇ ଆମେ

ସୁନ୍ଦର ପୃଥିବୀ ଗଢିବା
ନଥିବ ଯେଉଠି ଈର୍ଷା, ଦ୍ୱେଷ ଭୟ
ଡରାଇବ ନାହିଁ କରୋନା
ମନ କୁଞ୍ଜବନେ ନୂଆ ନୂଆ ଆଶା
ଚନ୍ମୟ ଚେତନା ଜାଗୁଛି
ସମୟ ବୀଣାର ମହ୍ଲାର ଗାଇ
ଫଗୁଣ ସ୍ୱାଗତ ବାଢୁଛି
ନୂଆ ବରଷ ରେ ଭଲ ଭଲ କାମ
ଆମେ ମିଳମିଶି କରିବା
ନଜ କଥା ଭୁଲି ସଭିଏଁ ସଭିଙ୍କ
ସୁଖ ଦୁଃଖ ଆମେ ବାଣ୍ଟିବା
ଜଗନ୍ନାଥ ମୟ ହୋଇଯାଉ ସବୁ
ସବୁ ପ୍ରାଣେ ପ୍ରଭୁ ବିରାଜ
ସବୁ ଦୁଃଖ ର ଅନ୍ତ ହେଉ ଏବେ
ଶୁଭମୟ ହେଉ ବରଷ ।

271/3, ଏ.ଭି. ରେସିଡେନ୍ସି,
ପୋ-କଟ୍, ଭୁବନେଶ୍ୱର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନଶ୍ଚିତ ରୂପେ ବଢିପାରିବ

# ଅସାଧାରଣ ସୁନ୍ଦରବନ- ୪



ଅଶୋକ ବିଶ୍ୱାଳ

ପାଓଲିଙ୍କର ଏବେ ଏକମାତ୍ର ଆକର୍ଷଣ ବାଘ ।

ସୁନ୍ଦରବନରେ ଏତେ ବୁଲିବା ଆଉ ଗାଁ ଲୋକମାନଙ୍କ ସହ କଥାବାର୍ତ୍ତାପରେ ବାଘ ପ୍ରତି ତାଙ୍କର ଆକର୍ଷଣ ବହୁତ ବଢିଯାଇଛି । ସେ ମ୍ୟାନ ଆନମଲ କନଫ୍ଲିକ୍ଟ ର ମୁଖ୍ୟ ଚରିତ୍ର ବାଘ ଉପରେ ନଜର ଅନୁସନ୍ଧାନରେ ବ୍ୟସ୍ତ ଅଛନ୍ତି । ତାଙ୍କର ପ୍ରାୟ କଥାବାର୍ତ୍ତରେ ବାଘ ଉପାଖ୍ୟାନମାନ ଆସୁଛି । ଏ ଭିତରେ ସୁନ୍ଦରବନର ବାଘ ବିଷୟରେ ବହୁତ ରିସର୍ଚ୍ଚ ପେପର ପଢି ନେଇଛନ୍ତି । ବହୁତ ବୁଲି ସାରିଲେଣି । କୁହାଯାଇପାରେ ସୁନ୍ଦରବନର ସବୁ ଅଞ୍ଚଳ ବୁଲିସାରିଛନ୍ତି । ସାଙ୍ଗରେ ସପନବାବୁ ପ୍ରାୟ ସମୟରେ ରହିଛନ୍ତି । ଏଥର ମଧ୍ୟ ସାଥିରେ ରହିବେ । ସପନବାବୁ ତ ଆଗରୁ ସୁନ୍ଦରବନରେ ଅନେକ ସମୟ କଟାଇଛନ୍ତି । ସେମାନେ ଦୁଇଜଣ ଆଉଥରେ ବାଘ ଆଉ ସୁନ୍ଦରବନର ଅନ୍ୟ ଜୀବଜନ୍ତୁଙ୍କର ସନ୍ଧାନରେ ବାହାରିଗଲେ । ଏଥର ଆଉ କିଛି ନୂଆ ତଥ୍ୟ ସଂଗ୍ରହ କରିବେ । ରିସର୍ଚ୍ଚ କଥାଟା ତ ଏମିତି । ଦିନକରେ ସରେନା । ବାରମ୍ବାର ସେଇ ଯାଗାମାନ ବୁଲିବାକୁ ପଡେ । ସବୁବେଳେ କିଛି ଅଲଗା ତଥ୍ୟ ଖୋଜିହୋଇଯାଏ, ନୂଆକଥା ମିଳଥାଏ । ଏଥର କାମ ଆରମ୍ଭ କରୁକରୁ ସକାଳ ଟିକେ ଆଗେଇ ଗଲାଣି । ସୁନ୍ଦରବନରେ ଏମିତିତ ଖୁବ୍ ସକାଳୁ ଲୋକ କର୍ମତତ୍ପର ହୋଇଯାଆନ୍ତି । ଡଙ୍ଗାଗୁଡିକ ସକାଳୁ ସକାଳୁ ନଜର ଜାଲକୁ ପାଣିରେ ଓହ୍ଲାଇ ଦିଅନ୍ତି । ଜଣେ ଲୋକ ଗୋଟିଏ ହାତ ତିଆରି ଜାଲ ଟାଣୁଥିଲା । ଚାରିପଟେ ବାଡିଦିଆଯାଇଛି । ଲାଗିବ ଯେମତି ଗୋଟେ ଖଟିଆ ଆଉ ସେଥିରେ ମଶାରି ଜାଲ ବାନ୍ଧି ଦିଆଯାଇଛି । ଏମତିଆ ଜାଲକୁ ଟାଣି ଟାଣି ନେଲେ ତା' ଭିତରେ ଛୋଟ ଛୋଟ ମାଛ ଆଉ

ଚଙ୍ଗୁଡି ପଶିଯାଆନ୍ତି । କୂଳରେ ଛୋଟ ମାଛ ଚଙ୍ଗୁଡି ମିଳିବାର ସମ୍ଭାବନା ଅଧିକ । ଆଉ ଜଣେ ବୟସ୍କା ମହିଳା ପାଣିରେ ପଶି ସେମତି ଜାଲଟିଏ ଟାଣୁଥିଲେ । ତାଙ୍କଠୁ ପାଞ୍ଚ ଖୋଜ ଦୂରରେ ଜଙ୍ଗଲ । ସେଇଠୁ ବାଘ କେତେବେଳେ ବାହାରି ଆସିବ ଠିକଣା ନାହିଁ । ବାଘ ବାହାରି ଆସିଲେ ତାଙ୍କର ବଂଚବାର ସମ୍ଭାବନା ନାହିଁ । କିନ୍ତୁ ସିଏ କିଛି ନଭାବି ଜାଲ ଟାଣି ଚାଲିଥିଲେ । ଆଉ କୁମ୍ଭୀର । ପାଣିରେ କୁମ୍ଭୀର ଥାଇପାରେ ବୋଲି ହେତୁ ଥିଲା ଭଳି ଲାଗୁ ନଥିଲା ।

ଚଙ୍ଗୁଡିଧରା ବର୍ଷସାରା ଚାଲେ । ଏହା ସୁନ୍ଦରବନର ଲୋକଙ୍କର ଏକ ପ୍ରଧାନ ଜୀବିକା । ଭଲ ଆମଦାନୀ ହୁଏ । ଏ ଚଙ୍ଗୁଡି ଧରାଳୀମାନେ ପ୍ରାୟ ସ୍ତ୍ରୀ ଲୋକ । କିଛିଘଣ୍ଟା ଜାଲ ଟାଣିଲେ ଯେତିକି ଆମଦାନୀ ହୁଏ ତାହା କାହା ଜମିରେ କାମ କରି ଉପାର୍ଜ୍ଜନ କରୁଥିବା ଅର୍ଥଠାରୁ ଅଧିକ । ଚଙ୍ଗୁଡିଜାଲ ଡଙ୍ଗା ବା ମଣିଷଦ୍ୱାରା ଟଣାଯାଏ । ଚଙ୍ଗୁଡିମାନେ ପାଣିତଳେ କାଦୁଅ ଉପରେ ବସି ଥାଆନ୍ତି । କୂଳଆଡକୁ ବେଶି ଚଙ୍ଗୁଡି ମିଳେ । ଏଣୁ ଏ ସ୍ତ୍ରୀଲୋକମାନେ କୂଳରେ ଚଙ୍ଗୁଡିଧରା ଜାଲ ଟାଣନ୍ତି । ଅବଶ୍ୟ ଏ ମହିଳାମାନେ ଘରୁ ବେଶି ଦୂରଯାଇ ଜାଲ ଟାଣନ୍ତିନ ।

ଏମିତି ଟଣାଜାଲ ଦ୍ୱାରା ମାଛଧରା ସେମାନେ ବହୁଥର ଦେଖିଥିଲେ । ଏଇଟା ଆଉଥରେ । ପାଖରେ ସପନବାବୁ ଅଛନ୍ତି । ତେଣୁ କଥା ଆରମ୍ଭ କରିବା ପାଇଁ ଏକ ବିଷୟବସ୍ତୁ ମିଳିଗଲା ।

“ଏ ଲୋକମାନେ କ’ଣ ଜୀବନକୁ ପାଣି ଛଡେଇ ଦେଇଛନ୍ତି? ବାଘ, କୁମ୍ଭୀର କଥା ମୋଟେ ଭାବୁ ନାହାନ୍ତି? ଦେଖୁନ ସେ ମୋଟେ କୂଳକୁ ଅନାଉନି ନାହିଁ ।”-ପାଓଲି କହିଲେ । ଏମିତି କୂଳରେ ଜାଲ ଟାଣିବା ବଡ଼ ବିପଦପୂର୍ଣ୍ଣ । ନଦୀରେ କୁମ୍ଭୀର ଆଉ କୂଳରେ ବାଘ । ପାଣିରେ ଶାର୍କ ମଧ୍ୟ ଅଛନ୍ତି । ବେଳେବେଳେ ବିଷାକ୍ତ ସାପ ମିଳିଯାଆନ୍ତି । ତେଣୁ ଏ ମହିଳାମାନଙ୍କୁ ମରଣର ଡର ଲାଗି ରହିଥାଏ ।

ସେ ମହିଳାଟିକୁ ଅନେଇଥିଲେ । ଶାଢୀପିନ୍ଧା ମହିଳା ମୁଣ୍ଡ ଉପରେ ଗାମୁଛାଟିଏ ପକାଇ ବେକକୁ ଢାଙ୍କିଦେଇଛି । ଟିକେ ଟିକେ ଶୀତ ସକାଳୁ ତ ଲାଗୁଥିବ । ଗାଲଗୁଡିକ ଭିତରକୁ

ପଶିଯାଇଛି, ହନୁହାଡ ଦେଖାଯାଉଛି । ପୌଷ୍ଟିକ ଆହରର ଅଭାବ ନଷ୍ଟିତ ଭାବରେ ଜଣାପଡୁଛି । ମହିଳାଟି କୁଆଡେ ନଅନାଇ ଜାଲ ଟାଣି ଗ୍ଭଲିଥିଲା ।

ଏମିତି ଏକ କାହାଣୀ ସପନବାବୁ ଜାଣିଥିଲେ । ଗ୍ଭରିଜଣ ମହିଳା ମିଶିକରି ଜାଲ ଟାଣୁଥିଲେ । ସେଦିନ ସେମାନେ ୪ ଘଣ୍ଟା ଜାଲ ଟାଣି ସାରିଥିଲେ । କନ୍ତୁ ପାଣିରେ ମରଣ ଛପି ରହିଥିଲା । ଏକ ବଡ଼ କୁମ୍ଭୀର ଏକ ସ୍ତ୍ରୀଲୋକର ଗୋଡ ଧରିନେଲା । ସେ ସ୍ତ୍ରୀଲୋକଟି ଅତି ଜୋରରେ ଚତ୍କାର କଲା । ସ୍ତ୍ରୀଲୋକଟାର ବୟସ ବେଶି ନୁହଁ । ପ୍ରାୟ ତରୁଣୀ । ସେ ଜୋରରେ ଜାଲରେ କୁମ୍ଭୀରକୁ ପଟି ଗ୍ଭଲିଲା । କୁମ୍ଭୀର କ ଛାଡିବା ଜନ୍ତୁ । ତା'ର ସାଙ୍ଗମାନେ କୁମ୍ଭୀରକୁ ଯାହାକଛି ପାଖରେ ଥିଲା ସେଥିରେ ପିଟିଲେ । କୁମ୍ଭୀର କାମୁଡାରେ ସ୍ତ୍ରୀ ଲୋକର ଜଙ୍ଘର ହାଡ ଭାଙ୍ଗିବାର ଶବ୍ଦ ଶୁଣାଗଲାଆଉ କୁମ୍ଭୀର ତା'କୁ ଗୋଳଆ ପାଣି ଭିତରକୁ ଟାଣିନେଲା । ସେମାନେ ଚେଷ୍ଟାକରି ତା'କୁ ବଞ୍ଚେଇ ପାରିଲେନ ।

ସେମାନଙ୍କ କାନ୍ଦଣା ଆଉ ଆର୍ତ୍ତ ଚତ୍କାର ଗାଁରେ ପହଞ୍ଚିଲା । ଗାଁ ପାଖରେ ଲାଗି ସେମାନେ ଜାଲ ଟାଣୁଥିଲେ । ତେଣୁ ଲୋକେ ଦୌଡାଦୌଡି ହୋଇ ଆସିଲାବେଳକୁ ସେ ମହିଳାକୁ କୁମ୍ଭୀର ପାଣି ଭିତରକୁ ଟାଣିନେଲାଣି । ପାଣିରେ ରକ୍ତଧାର ଭାସୁଥିଲା । ତା'ର ଚିରା ଶାଢୀ ଭାସି ଯାଉଥିଲା । ଶବ ଉଦ୍ଧାର ହୋଇ ପାରିଲାନ ।

"ପେଟପାଟଣାର କଥା | ପେଟରେ ଭୋକଥିଲେ ଆଗରେ ବିପଦ ଦେଖାଯାଏନ ।" – ସପନବାବୁ କହିଲେ ।

ଅଧିକାଂଶ କୁମ୍ଭୀର ଆକ୍ରମଣ ଜଙ୍ଗଲ ପରିସୀମା ବାହାରେ, ପ୍ରାୟ ଗ୍ରାମ ପାଖରେ ଘଟିଛି । ନଦୀ ନାଳରେ ବାଗଦା ଚଙ୍ଗୁଡି ଧରିବାପାଇଁ ଜାଲ ଟାଣୁଥିବା ମହିଳାମାନଙ୍କୁ କୁମ୍ଭୀରମାନେ ଆକ୍ରମଣ କରିଥାନ୍ତି । କୁମ୍ଭୀରର ଦାନ୍ତ ଶିକାରକୁ ଧରିବାପାଇଁ ତିଆରି ହୋଇଛି । ବାଘଭଳ କୁମ୍ଭୀର ମାଂସକୁ ସହଜରେ କାଟିପାରେ ନାହିଁ । କୁମ୍ଭୀର ବହୁତ ଜୋରରେ କାମୁଡି ଶିକାରକୁ ଧରିନଏ । ମାଂସ ଛିଡାଇବାପାଇଁ ତା'କୁ ଜୋରରେ ଥୋବଣୀକୁ ଛିଞ୍ଚାଡିବାକୁ ପଡେ କମ୍ବା ଗୋଲ ହୋଇ ଗଡିଯିବାକୁ ପଡେ । କନ୍ତୁ ମାଂସ ଖାଇବାକୁ ହେଲେ କୁମ୍ଭୀରକୁ ଥୋବଣୀକୁ ପାଣି ଉପରକୁ ଉଠାଇବାକୁ ପଡେ ନହେଲେ ତା'ର ଫୁସଫୁସ ଭିତରକୁ ପାଣି

ପଶିଯିବ । ତେଣୁ ବଡ଼ ଯନ୍ତ୍ରଣାର ସହ ଶିକାରର ମୃତ୍ୟୁ ହୋଇଥାଏ । କୁମ୍ଭୀର ଆକ୍ରମଣମାନ ପ୍ରାୟ ମେ ମାସରୁ ଅକ୍ଟୋବର ମାସରେ ଭିତରେ ହୋଇଥାଏ । ଜୀବନ୍ତ ଶିକାରରୁ କୁମ୍ଭୀର ବଡେ ଖଣ୍ଡେ ମାଂସ ଛିଡାଇ ଢୋକଦେବ । କି ଯନ୍ତ୍ରଣା ହେଉଥିବ? ପାଓଲି ପ୍ରାୟ ଶିହରିଗଲେ । ସେ ମହିଳାମାନେ କି କି ବିପଦ ଭିତରେ ଅଛନ୍ତି!

କୁମ୍ଭୀର ଆକ୍ରମଣ ଛଡା ଅଣ୍ଟାଏ ପାଣି ପର୍ଯ୍ୟନ୍ତ ପାଣିରେ ଶାର୍କ ଆକ୍ରମଣ ମଧ୍ୟ ହୋଇଥାଏ । ଏହି ଆକ୍ରମଣଗୁଡିକ ପ୍ରାୟ ଚଙ୍ଗୁଡି ଧରୁଥିବା ଲୋକଙ୍କ ଉପରେ ହୋଇଥାଏ । କିନ୍ତୁ ଏମିତି ଆକ୍ରମଣ ଅତି ବିରଳ । ଶାର୍କମାନଙ୍କୁ ଭଲକରି ଦେଖାଯାଏନି । କିନ୍ତୁ ସେମାନଙ୍କ କପାଳରେ ସେନସର ଅଛି । ଏହାଦ୍ୱାରା ଶାର୍କ ଶିକାର ଆଉ ଅନ୍ୟ ପଦାର୍ଥର ଉପସ୍ଥିତି ଠଉରାଇପାରେ । ଶାର୍କ ଦାନ୍ତ ବ୍ଲେଡ ଭଳି ଧାରୁଆ । ଜୀବନକାଳରେ ଏକ ଶାର୍କର ପ୍ରାୟ ୫୦ ହଜାର ପର୍ଯ୍ୟନ୍ତ ଦାନ୍ତ ଝଡି ପୁଣି ଉଠିଥାଏ । ସୁନ୍ଦରବନରେ ଶାର୍କମାନେ ସକାଳ ବା ସଂଧ୍ୟା ସମୟରେ ଆକ୍ରମଣ କରିଥାନ୍ତି ।

"ଏତେ ବିପଦ ପାଣିରେ"- ପାଓଲି ଏତିକି କହି ରହିଗଲେ | ମନେମନେ ସେହି ଭୟଙ୍କର ଶାର୍କ ଆଉ କୁମ୍ଭୀରମାନଙ୍କ କଥା ଭାବୁଥିଲେ । କେତେ ବିପଦ ଭିତରେ ଏ ମହିଳାମାନେ ନିଜର ଜୀବନକୁ ଆଗେଇ ନେଉଛନ୍ତି । ଆଗର ସ୍ତ୍ରୀ ଲୋକଟିର ମୁହଁର ହାଡସବୁ ବାହାରି ପଡିଛି । ପେଟରେ ଭଲଭାବରେ ବୋଧହୁଏ ଦାନା ପଡୁନି । ଘରେ ଅନେକ ଛୁଆ ପିଲା ଥିବେ । ବଡ଼ ସଂସାର ହୋଇଥିବ । ସ୍ୱାମୀ ଅଛି କି ଅପଙ୍ଗ ହୋଇଯାଇଛି? ଛୁଆମାନେ ଅନାଇ ବସିଥିବେ । ମା ଚଙ୍ଗୁଡି ଧରି ଘରକୁ ଗଲେ କିଛି ପଇସା ମିଳିବ । ବାକି ଜିନିଷ ଘରେ କିଣାହେବ ।

"ପେଟରେ ଭୋକ ଥିଲେ ଆଗରେ ଆହାର ବିନା ଆଉ କିଛି ଦେଖାଯେ ଯାଏନା । କଥାଟା ସଂପୂର୍ଣ ସତ ।"-ସପନବାବୁ ତା'କୁ ଅନାଇ କହୁଥିଲେ ।

ଭୋକ ଉପରେ କହିବା ପାଇଁ କି ଆକର୍ଷଣୀୟ କଥା ଅଛି ? ଏକ ଭୋକିଲା ମହିଳା ଯାହାକୁ କିଛି ଦେଖା ଯାଉନାହିଁ । ଆଗରେ ଅନେକ ଡଙ୍ଗା, ଡଙ୍ଗାରେ ଲୋକମାନେ ବସିଛନ୍ତି । ଗୋଟିଏ ଡଙ୍ଗାରୁ ଜାଲ ତଳକୁ ଓହ୍ଲାଇ ଦିଆଯାଉଥିଲା । ସାଧାରଣ ସରୁଆ ଡଙ୍ଗା, ଡଙ୍ଗାର

ଦିପଟେ ଉଠିଯାଇଛି । ବାହାରପଟ ଆଲକାତର୍‌ା ମାରିଦିଆଯାଇଛି, ଜଲଦି କାଠ ସଢିବନ, ଟିକଏ ଲମ୍ବା ଯିବ । ପାଣି କାଦୁଆ ସବୁଜିଆ । ଉପର ଆଡକୁ କଛିଦୂରରେ ଜଙ୍ଗଲ ଆରମ୍ଭ ହେଇଯାଇଛି । ମଝିରେ କାଦୁଆ ମାଟି, ତା'ପରେ ପାଣି । ଡଙ୍ଗାଟି କୂଳରୁ ପ୍ରାୟ ୩୦ଫୁଟ ଦୂରରେ ନଜର ଜାଲକୁ ଓହ୍ଲାଉଥିଲା । ସବୁଆଡେ ଜଙ୍ଗଲର ଆରମ୍ଭରେ କଏ ନା କଏ ଲୋକ ।

ଜଙ୍ଗଲ ଏ ପଟେ ଆଉ ନକାଞ୍ଚନ କେଉଁଠି? ଏସବୁ ଜନମାନବର ଅରଣ୍ୟରେ ଦର୍ଶନ ହେବାକଥା ନୁହେଁ । କନ୍ତୁ କଥାଟା ଏ ପାଖରେ ସତ ନୁହେଁ । ଆଉ କେଉଁଠି ଜଙ୍ଗଲ ଅଗମ୍ୟ ହୋଇପାରେ । କନ୍ତୁ ଏଠି ପାଣିରେ ଏତେ ଲୋକ । ବାଘକୁ ନର୍ଜ୍ଜନ ଯାଗା ମିଳୁ ନଥିବ । ବାଘ ବ୍ୟସ୍ତ ହୋଇଯାଉଥିବ ।

"ଏମାନେ ବାଘ ଖାଇବାରେ ଯେ ବାଧା କରୁଛନ୍ତି ।ଜଣେ ଖାଇବା ଥାଳରେ ବସିଛି ଆଉ ଜଣେ ସେହି ସମୟରେ ବିରକ୍ତ କରୁଛି । ବାଘ ଭଳ ରାଗୀ ପ୍ରାଣୀ କଣ ସ୍ଥିର ବସିବ?"- ପାଓଲି ମନକୁ ମନ ପ୍ରଶ୍ନ କଲେ । ଜଙ୍ଗଲ ପାଖରେ ଏତେ ଲୋକ ଦେଖି ତାଙ୍କୁ ବ୍ୟସ୍ତ ଲାଗୁଥିଲା । ମନଟା ଅସ୍ଥିର ହେଉଥିଲା । କାହାସହ କେତେବେଳେ କଣ ଘଟିଯିବ? ସେ ଏକ ଦୀର୍ଘନିଃଶ୍ୱାସ ନେଲେ ।

"ତେଣୁ ବାଘକୁ ମଣିଷଖିଆ କହିବା କେତେ ଦୂର ଠିକ୍ ହେବ?"- ପାଓଲି ସପନବାବୁଙ୍କୁ ପଚ୍ଚରିଲେ ।

ପାଓଲିଙ୍କ କଥାଟା ବହୁତ ଗଭୀର ଥିଲା । ଏମତିଆ ପ୍ରଶ୍ନର ଉତ୍ତର ଦେବା ଏତେ ସହଜ ନୁହେଁ । ଲୋକ ତ ସବୁଆଡେ । କେବଳ ବାଘ ଲୋକଙ୍କୁ ଧରୁଛି ବୋଲି କାହିଁକ କୁହାଯିବ? ବାଘ ମୁହଁକୁ ଲୋକେ ଜାଣିଆସୁନାହାନ୍ତି କ? ସେମାନେ ଜାଣି ଜାଣି ବାଘର ଶିକାରରେ ବାଧା କରୁନାହାନ୍ତି କ?

"ଲୋକଙ୍କ କଥା ଶୁଣିଲେ ନଶ୍ଚିତ ଭାବରେ ସାଙ୍ଗେ ସାଙ୍ଗେ ଲାଗିବ ସୁନ୍ଦରବନର ସବୁ ବାଘଗୁଡା ମଣିଷଖିଆ ।"- ସପନବାବୁ ଟିକଏ ରହିଗଲେ । ତାଙ୍କ ଆଖିଦୂର ଜଙ୍ଗଲକୁ

ଗ୍ଭଲିଗଲ୍ । ପାଣିରେ ଅନେକ ଲୋକ ମାଛ ମାରୁଛନ୍ତି । କିନ୍ତୁ ଏ ସ୍ଥାନଟା ତ ବାଘର । ସେ ବୁଲି ପାଓଲିଙ୍କୁ ଅନେଇଲେ । ପାଓଲିଙ୍କ ଆଖି ପାଣି ଉପରେ ଜାଲ ଓହ୍ଲାଉଥିବା ସେଇ କେଉଟମାନଙ୍କ ଉପରେ ଥିଲା । ଜାଲ ଟାଣୁଥିବା ମହିଳାଅନେକ ଅନେକ ପଛରେ ରହିଗଲେଣି ।

"ଏକଦମ ସଠିକ୍ ଭାବରେ ଉତ୍ତର ଦେଇ ହେବନି । ମୋତେ ଲାଗୁଛିଏ ବାଘଗୁଡା କିଛି ଅଂଶରେ ତ ମଣିଷଖିଆ । କିନ୍ତୁ ସେମାନେ ମଣିଷ ମାରୁଛନ୍ତି କେଉଁଠି? କେତେଟା ଲୋକ ଜଙ୍ଗଲ ବାହାରେ ମାରିଛନ୍ତି? ଲୋକମାନେ ଯେତେବେଳେ ଜଙ୍ଗଲକୁ ଆସୁଛନ୍ତି ତ । ପ୍ରାୟ ତ ଲୋକ କେଉଟ ।"- ଏତିକି କହି ସପନବାବୁ ନଜର ଛେପ ଢୋକିଲେ । ସେ ଅବଶ୍ୟ ବହୁତ ଭାବିକି କହିଛନ୍ତି କିନ୍ତୁ ମନରେ ତ କିଛି ସନ୍ଦେହ ଥିଲା ।

"ତଥାପି ବି ଲୋକ ବିଶ୍ୱାସ ତ ଏତେ ଭୁଲ୍ ନହୋଇପାରେ ।"- ପାଓଲି କହିଲେ । ସପନବାବୁ ମୁଣ୍ଡ ହଲାଇଲେ ।

"ଏ ବାଘଗୁଡାକୁ ସମ୍ପୂର୍ଣ୍ଣଭାବେ ମଣିଷଖିଆ କହିବା ଠିକ୍ ନୁହେଁ ।"-ପାଓଲି କହିଲେ । ସେ ସପନବାବୁଙ୍କ କଥାରେ ସହମତ ଥିଲେ । କିନ୍ତୁ ସବୁ ସନ୍ଦେହର ଉତ୍ତର କେବଳ ମଣିଷ ପାଖରେ ପହଞ୍ଚୁଛି ବୋଲି ବାଘ ମଣିଷଖିଆ ହୋଇଯାଇଛି କହିବା ପୁରା ଠିକ ହେବନି ।

"ଲୋକମାନେ ତ ବାଘଙ୍କ ଅଞ୍ଚଳକୁ ଆସୁଛନ୍ତି । ତୁମେ ଦେଖୁନ ଏସବୁ ଯାଗାକୁ ଆସିବାକୁ ଲୋକଙ୍କୁ ମନା କରାଯାଇଛି କିନ୍ତୁ ସେମାନେ ଲୁଚିଛପି ଆସିଯାଉଛନ୍ତି କାରଣ ଏପଟେ ଭଲ ମାଛ ମିଳିବ । ଯେତେବେଳେ ମାଛ ନେବାପାଇଁ ଆସୁଛନ୍ତି ସେତେବେଳେ ବାଘ ସହିତ ସାକ୍ଷାତ ହେବ । ଆଉ ଏଇ ସାକ୍ଷାତର ଅର୍ଥ ହେଉଛି ଆକ୍ରମଣ । ବାଘ ନିଜ ଅଞ୍ଚଳରେ କେଉଁ ଲୋକଙ୍କୁ ପ୍ରବେଶ କରିବାପାଇଁ ଦେବନାହିଁ । ତା' ଛଡା ଏଇ ଲୋକମାନେ ବାଘର ଖାଦ୍ୟରେ ଭାଗ ବସାଉଛନ୍ତି ।"-ପାଓଲି କହିଲେ ।

“ପ୍ରତି ବାଘର ନିଜ ଅଧିକାର ଅଞ୍ଚଳ ଅଛି । ସେଠି ସେ ଅନାଧିକାର ପ୍ରବେଶ ବରଦାସ୍ତ କରେନା ।”– ସପନବାବୁ ପାଓଲିଙ୍କ କଥାକୁ ମାନୁଥିଲେ । ଦୁହେଁ ଦୁହିଁଙ୍କର ପରିପୂରକ ଥିଲେ । କଥାରେ କାମରେ ଦୁହେଁ ଦୁହିଁକୁ ଉତ୍ସାହିତ କରୁଥିଲେ ।

ଦୁଇଜଣଯାକ ବିଷୟବସ୍ତୁ ଭଲ ଭାବରେ ବୁଝିଛନ୍ତି । କଥାଟା ମଧ୍ୟ ସତ । ଏ ଲୋକଗୁଡିକ ମାଛ କଙ୍କଡା ଧରି ନେଇଯାଉଛନ୍ତି । ହୁଏତ ଗୋଟାଏ ଛୁପାରେ ହରିଣ ଶିକାର କରୁଥିବେ । ବାଘର ଖାଇବା ତ କମି ଯାଉଥିବ । ଭୋକଲା ବାଘ ନିଶ୍ଚିତ ଭାବେ ଆକ୍ରମଣ କରିବ । ଖାଇବା ତ ନାହିଁ, ଅନେକ କମିଯାଉଛି ।

“ଏ ସବୁ ଯାଗାରେ ବାଘ ମଣିଷକୁ ସହଜରେ ଶିକାର କରିବ । ମଣିଷର ପ୍ରାକୃତିକ ପ୍ରତିରକ୍ଷା ଶକ୍ତି ବାଘର ଶକ୍ତି ଆଗରେ ଅତି ନଗଣ୍ୟ ।”- ସପନବାବୁ କହିଲେ । ସେ ଜଙ୍ଗଲ ଆଡକୁ ଅନାଇଥିଲେ । କେତେ ଘଞ୍ଚ ଲାଗୁଛି ଏ ଜଙ୍ଗଲ ।

ଏକ ଛୋଟ ନାଳରୁ ଗୋଟାଏ ପତଳା ଡଙ୍ଗା ବାହରି ଆସିଲା । ସେଥିରେ ଦୁଇଜଣ ମହିଳା ଆଗରେ ଆଉ ପଛରେ ବସି ଜୋରରେ ଆହୁଲା ମାରୁଥିଲେ । ମଝିରେ ଏକ ପୁରୁଷ ବସିଥିଲେ । ସେମାନଙ୍କ ପାଖରେ କିଛି ଜାଲ ଥିଲା । ଏଇ ଦଳଟା ଏକ ବିପଦଭରା ପତଳା ନଦୀରେ ଜଙ୍ଗଲ ଭିତରକୁ ଯାଇଥିଲା । ସେ ନଦୀରେ ଏମାନେ କେମିତି ଯାଇଥିବେ ବୋଲି ଭାବି ପାଓଲି ଆଶ୍ଚର୍ଯ୍ୟ ହୋଇଗଲେ । ନଦୀର ଦୁଇପଟେ ଗଛ । ଗୋଟିଏ ଗଛରୁ ଆଉ ଗୋଟିଏ ଗଛକୁ ଆରାମରେ ଜଣେ ଯାଇପାରିବ । ମାଙ୍କଡ ତ ଅତି ସହଜରେ ଯାଇପାରିବ ଭଳି ଲାଗୁଥିଲା । ଯେମିତି ମଝିରେ ଏକ ପାଣି ରାସ୍ତା ଆଉ ଉପରେ ଗଛଗୁଡା ସେ ରାସ୍ତାକୁ ଢାଙ୍କି ଦେଇଛି । ଏତେ ପାଖରେ କୂଳ, ମାତ୍ର କେଇଫୁଟ ଦୂରରେ । ଆଉ ଏମତିଆ ପାଣି ନାଳକୁ ଜଣେ ଅତିକ୍ରମ କରୁଛି । ବାଘ ପକ୍ଷରେ ଏ ସହଜିଆ ନାଳକୁ ଅତିକ୍ରମ କରିବା ତ କିଛି କଷ୍ଟନୁହେଁ । ଏମତି ଚ୍ୟାନେଲରେ ଭଲ କଙ୍କଡା, ଚିଙ୍ଗୁଡି ମିଳିବେ । କିନ୍ତୁ ବିପଦ । ଏ ଲୋକମାନଙ୍କୁ ଦେଖି ପାଓଲି ଏକଦମ୍ ଆଶ୍ଚର୍ଯ୍ୟ ହେଇଯାଉଥିଲେ । ସେ ସେମାନଙ୍କୁ ଅଟକିବାକୁ କହିଲେ । କିନ୍ତୁ ସେମାନେ ଅଟକିଲେନି ।

“ପାଖରେ ବାଘ ଅଛି ।”-ଏତିକ କହି ସେମାନେ ଜୋରରେ ଆହୁଲ୍ ମାରିଲେ ଆଉ କଛି ମିନଟ୍ ପରେ ଆଖି ଆଗରୁ ଉଭେଇଗଲେ ।

ପାଓଲି ସେହି ଲୋକମାନଙ୍କ ନୌକା ଆଉ ବାଘ କଥା ଭାବୁଥିଲେ । ଏମାନେ ଏତେ ଭିତରେ ଆସି ବାଘର ଚଲାବୁଲା ସ୍ଥାନ ଭିତରେ ଅଛନ୍ତି | ଏ ଲୋକମାନେ ନୌକାକୁ ପାଣିରେ ରଖିଦେଇ ମାଛ ଧରୁଛନ୍ତି । ବାଘ ଏମିତି ନୌକାକୁ ଦେଖି ସହଜରେ ପାଣିକୁ ଓହ୍ଲାଇବ ନାହିଁ । ଫଳରେ ତା’ର ଯାତାୟତ ପଥ ବହୁତ ଦୂର ପର୍ଯ୍ୟନ୍ତ ବନ୍ଦ ହୋଇଯିବ । ବାଘ ଏକ ଦ୍ୱୀପରୁ ଆଉ ଏକ ଦ୍ୱୀପ ପର୍ଯ୍ୟନ୍ତ ସହଜରେ ନଦୀପାର ହୋଇପାରିବ ନାହିଁ । ଏମିତିଆ ପାଣିରେ ନୌକା ରହିବା ଦ୍ୱାରା ବାଘର ଶିକାର ପଦ୍ଧତି ବଦଳଯାଏ । ବାଘର ଶିକାରମାନେ ଯଥା ହରିଣ ବା ବାରହାମାନେ ମଧ୍ୟ କ୍ରମାଗତ ଦ୍ୱୀପ ପରିବର୍ତ୍ତନ କରି ପାରନ୍ତି ନାହିଁ ।

ବାଘର ମୁଖ୍ୟ ଶିକାର ହେଉଛି ହରିଣ । ସୁନ୍ଦରବନରେ ହରିଣ ଗହନ ଜଙ୍ଗଲରେ ରହିବାକୁ ପସନ୍ଦ କରେ ନାହିଁ । ହରିଣ ପ୍ରାୟ ଜଙ୍ଗଲ ଦାଢରେ ରହେ ଆଉ ଘାସ ପଡିଆରେ ଚରେ । ସୁନ୍ଦରବନରେ ସେମିତି ବଡ଼ ଘାସ ପଡିଆ ନାହିଁ । ସମୁଦ୍ରକୂଳ ଆଡକୁ ଘାସ ଟିକଏ ଅଧିକ । ଏ ହରିଣମାନେ ୫-୮ ଜଣିଆ ଦଳରେ ଚରନ୍ତି । ଅନ୍ୟ ସ୍ଥାନରେ ଖୋଲା ଯାଗାରେ ଦଳ ବେଶ ବଡ, ପ୍ରାୟ ୧୦-୩୦ ପର୍ଯ୍ୟନ୍ତ ହରିଣ ଏକ ଦଳରେ ରୁହନ୍ତି।

ଏ ହରିଣମାନେ ଜୁଆର ଭଟ୍ଟା ହିସାବରେ ନଜର ଚରା ସମୟ ପରିବର୍ତ୍ତନ କରନ୍ତି । ଭଟ୍ଟା ସମୟରେ ସେମାନେ କୂଳକୁ ଆସି ଲୁଣାଗଛରୁ ଡାଳପତ୍ର ଆଉ ଘାସ ଜମିରୁ ଘାସ ଖାଆନ୍ତି। ସେହି ସମୟରେ ବାରହାମାନେ ମଧ୍ୟ ଚରା କରନ୍ତି । ଏହି ଭଟ୍ଟା ସମୟ ମଧ୍ୟ ବାଘର ଶ୍ରେଷ୍ଠ ଶିକାର ସମୟ । ଏହି ସମୟରେ କେଉଁ ନୌକା ପାଖରେ ରହିଲେ ହରିଣ ଆଉ ବାରହାମାନେ ସହଜରେ ଚରା କରିପାରନ୍ତି ନାହିଁ । ତେଣୁ ବାଘର ଶିକାରରେ ମଧ୍ୟ ବାଧା ପଡେ | ଫଳରେ ବାଘ ମଣିଷପ୍ରତି ବହୁତ ଆକ୍ରମଣମୁଖୀ ହୋଇଯାଏ |

ପାଓଲି ନୌକାର ପଛରେ ବସିଥିବା ସେ ମହିଳାଟି କଥା ଭାବୁଥିଲେ । ଦେହରେ ପଳେ ମାଂସ ନାହିଁ । କଳା ଦେହ । ହାତରେ ଧଳା ଚୁଡି କେଇପଟ ଆଉ ଛାପା ଶାଢୀ, ପିନ୍ଧିଛି

ନାଲି ବ୍ଲାଉଜ । ସେ ପୁରୁଷ ଲୋକଟିର ଆଖିରେ ମରଣର ଡର ଦେଖିଥିଲେ । ସ୍ତ୍ରୀ ଲୋକଟି ଯେତେ ବଳ ଥାଏ ସେତେବଳରେ ଆହୁଲା ମାରୁଥିଲା । ପାଓଲି ନିଜ ମନଭିତରେ ସେହି ଡଙ୍ଗାର ଲୋକମାନଙ୍କର ଛବି ଆଙ୍କି ନେଇଥିଲେ । ଡରରେ ଲୋକେ କେତେ ଜଲଦି ପଳାୟନ କରନ୍ତି । ବାଘ ଅର୍ଥ ହେଉଛି ମୃତ୍ୟୁ । ଆଉ ମୃତ୍ୟୁ ତ ଏତେ ପାଖରେ ।

ସେମାନେ ଅବଶ୍ୟ ଖୋଜି ବାଘ ପାଇଲେନ । ବାଘ ଦେଖିବାକୁ ସେମାନଙ୍କର ଆଖି ସବୁ ଅନ୍ଧି କନ୍ଦିରେ ଘୁରି ବୁଲୁଥିଲା ।

ଆଗରେ ହରିଣ ଆଉ ବାରହାମାନେ ଦେଖାଗଲେ । ଏ ଜଙ୍ଗଲରେ ଶ୍ୱାସମୂଳ ଭରି ରହିଥିଲା। ଏମତିଆ ଗୋଜିଆ ଟୁମାଟୋଫର ବା ପେନସିଲ୍ ମୁନଆ ଶ୍ୱାସମୂଳର ଭିତରେ ଗ୍ଲଲିବାଟା ଏକଦମ୍ ସହଜ ନୁହେଁ । ଏହା ଭିତରେ ଜୋରରେ ଦୌଡି ଶିକାର କରିବାଟା ଅତୀବ କଷ୍ଟଦାୟକ । ଲମ୍ବା ଦୌଡି ହେବନ । ହରିଣର ଦଳ ଆଗଭଳ ଗଛତଳେ ଠିଆ ହେଇଥିଲେ | ମଝିରେ ମଝିରେ ଏଣେତେଣେ ଉଠିଥିବା ଘାସ ଖାଉଥିଲେ ଆଉ ଗୋଟିଏ ଦିଇଟା ହରିଣ ଗୋଡ ଉଠେଇ ଦେଇ ତଳକୁ ଓହଳ ଆସିଥିବା ଶାଖାରୁ ପତ୍ର ଖାଉଥିଲେ । ବାରହାଟିଏ ଥୋବଣିରେ ମାଟି ଖୋଳ ଗଛମୂଳ ଇତ୍ୟାଦି ତାଡି ଖାଉଥିଲା ।

ଏକ ମାଙ୍କଡ ବାହରି ଆସିଲା । ତା'ର ଆଗ ହାତ ଆଉଗୋଡ ପଙ୍କଭିତରେ ବୁଡିଯାଇଥିଲା। ମୁହଁ ପାଖରେ କଛି ପଙ୍କ ଲାଗିଥିଲା । ସେ ହରିଣ ଆଉ ବାରହାଗୁଡିକ ଲୁଣିଆ ପାଣି ପିଇନେଉଥିଲେ । ପାଓଲିଙ୍କୁ ଟିକେ ଆଶ୍ଚର୍ଯ୍ୟ ଲାଗିଲା । ସେ ଏ ପର୍ଯ୍ୟନ୍ତ ପଶୁଙ୍କର ପାଣିପିଆ ଦେଖିନଥିଲେ । କଥାଟା କେବଳ ଶୁଣିଥିଲେ । ଏସ ଟି ଆର୍ ଭିତରେ ମିଠାପାଣିପାଇଁ କଛି ପୋଖରୀ ଖୋଳାଯାଇଛି ।

"ଏମାନେ ତ ଲୁଣିଆ ପାଣି ପିଉଛନ୍ତି । ଭିତର ଖୋଳାଯାଇଥିବା ପୋଖରୀର ମିଠାପାଣି ପିଉନାହାନ୍ତି **?"–** ସେ ସପନବାବୁଙ୍କୁ ପଚାରିଲେ ।

"ଆଉ ଉପାୟ କ'ଣ? ସବୁଆଡେ ମିଠା ପାଣି କାହିଁ ? ଏ ଜୀବଜନ୍ତୁଗୁଡିକ ଅଳ୍ପ ଲୁଣିଆ ପାଣି ପିଇବା ଶିଖି ନେଇଛନ୍ତି । ଏଇଟାକୁ କୁହାଯାଏ ଆଡାପ୍ଟେସନ ବା ବଞ୍ଚିବାର ଶୈଳୀ । ନ ହେଲେ ଏ ଲୁଣା ଜଙ୍ଗଲରେ ବଞ୍ଚିବା ଅସମ୍ଭବ ।"-ସପନବାବୁ କହିଲେ ।

"ସତକଥା । ଜଙ୍ଗଲରେ ପିଇବା ପାଣି କାହିଁ, ମିଠା ପାଣି କାହିଁ ? ସବୁଆଡେ ପାଣି କନ୍ତୁ ପିଇବା ପାଣି ନାହିଁ । ସାଧାରଣ ଜନ୍ତୁଙ୍କ ପିଇବା ପାଇଁ ମିଠା ପାଣି ଆବଶ୍ୟକ କନ୍ତୁ ଏଠି ଜୁଆରିଆ ପାଣି ଲୁଣିଆ । ତେଣୁ ଏ ଲୁଣିଆ ପାଣି ପିଇ କଛି ଜୀବଙ୍କୁ ବଞ୍ଚିବାକୁ ହେବ । ଏହା ହରିଣ, ମାଙ୍କଡ, ବାରହା ଆଦି ସବୁ ଜୀବ ଶିଖି ନେଇଛନ୍ତି ।ବାଘ ପାଇଁ ଏଠି ଖାଇବାକୁ ବେଶୀ କଛି ନାହିଁ । କେତେଟା ମାଙ୍କଡ, ଗୋଧି, ହରିଣ । ବାଘ ଖାଇବାକୁ ବେଶି ପାଏନା । ତେଣୁ ସୁନ୍ଦରବନର ବାଘ ଏ ସବୁ ଶିକାର ଛଡା ମାଛ, କଙ୍କଡା, ଗୋଧି, କଇଁଛ ଇତ୍ୟାଦିକୁ ଖାଇ ନେଇଥାଏ । ବେଳେବେଳେ ପକ୍ଷୀ ଶିକାର କରିନଏ । ଏମିତି କ ଏକ ମଲା ବାଘର ପେଟରୁ ସାପର ଅବଶେଷ ମିଳଥିଲା । ବଡ଼ ଆଶ୍ଚର୍ଯ୍ୟର କଥା ।"-ସପନବାବୁ କହୁଥିଲେ ।

"ପାଓଲି, ଷ୍ଟାଟିଷ୍ଟିକ୍ସ ଆଉ ଗବେଷକମାନଙ୍କ ଗବେଷଣା କହୁଛି ସୁନ୍ଦରବନର ବାଘ ପ୍ରାୟ ୫୩ ପ୍ରତିଶତ ହରିଣ ଶିକାର କରେ । ବାରହା ତା'ର ଭୋଜନର ପ୍ରାୟ ୨୦ ପ୍ରତିଶତ । ବାଘ ଏ ଚତୁର ମାଙ୍କଡମାନଙ୍କୁ ମଧ ସହଜରେ ଶିକାର କରିନଏ । ମାଙ୍କଡ ତା'ର ଭୋଜନର ୭ ପ୍ରତିଶତ, ପାଣି ଗୋଧି ୯ ପ୍ରତିଶତ, ମାଛ ୪ ପ୍ରତିଶତ, କଙ୍କଡା ୫ ପ୍ରତିଶତ। ବାକ ଅଂଶ ଅନ୍ୟ ଶିକାର ।"- ସପନବାବୁ ବିସ୍ତୃ ଭାବେ ବୁଝାଇଦେଲେ । ଏ ଗବେଷଣାସବୁ ବାଘର ଜୀବନ ଉପରେ ଗଭୀର ଆଲୋକପାତ କରେ । ପାଓଲି ଜଙ୍ଗଲକୁ ଅନାଇଥିଲେ । ଏ ଜଙ୍ଗଲରେ କେଉଁଠି ଏ ଜୀବମାନେ ଛପିଛନ୍ତି ଆଉ ବାଘ ସେମାନଙ୍କୁ ବୁଦ୍ଧିରେ ହରାଇଦେଇ ଶିକାର କରି ନେଉଛି ।

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

# ଜୀବନ ସତ୍ୟ



ଡ. ପ୍ରସନ୍ନ କୁମାର ବଳ

ମନର ବେଦନା ମନ ହିଁ ତ ଜାଣେ
ଦୁଃଖର ଯନ୍ତ୍ରଣା କଏ ବା ନ ଜାଣେ? ।୧।
ଦୁଃଖ ଓ ସୁଖ ତ ଜୀବନର ସତ୍ୟ,
ଆଦରୀ ପାରିଲେ ଜୀବ ପାଏ ମୋକ୍ଷ ।୨।
ସୁଖ ମିଳେ ପୁଣି ପରିବାର ଠାରୁ
ହସ ଖୁସି ମିଳେ ସମୟ ନ ଜାଣୁ ।୩।
ପିଲାମାନେ ଥିଲେ ଘର ପୂରିଉଠେ,
ପୂରିଲା ପୂରିଲା ଗ୍ଭରିଆଡେ ଲାଗେ ।୪।
ପିଲା ବଡ ହେଲେ ଦୂରେ ଗ୍ଭଲିଯାଏ,
ଗ୍ଭକରୀ ଲାଗି କେ ପାଖେ ରହିପାରେ? ।୫।
କରୋନା କାଳରେ ସ୍ଥିତି ତ ଅଲଗା,
"ୱାର୍କ ଫ୍ରମ୍ ହୋମ୍" ନୀତି ତ ଅଲଗା ।୬।
ଏହି ପରିସ୍ଥିତି ଦେଲା ତ ସୁଯୋଗ,
ସମ୍ଭବ ହୋଇଲା ମିଳନର ଯୋଗ ।୭।
ବେଶ କଛି ଦିନ ଘର ସ୍ୱର୍ଗ ହେଲା
ସୁଖ ହସ ଖେଳ ମନେ ଭରିଦେଲା ।୮।
ହେଲେ ଧିରେ ଧିରେ ସମୟ ଗଡିଲା,
ସରକାର ନୀତି ବଦଳ ବି ଗଲା ।୯।
କର୍ମ ସ୍ଥଳୁ ପୁଣି ଆସିଲା ଆହ୍ୱାନ,
ବାହୁଡିବା ଲାଗି କରିଲେ ଯେ ମନ ।୧୦।
ପ୍ରାୟ ଆଠ ମାସ ଏ ଭିତରେ ଗଲା,
ଆଠ ଦିନ ପରି ଶିଘ୍ର ଗ୍ଭଲିଗଲା ।୧୧।

ବୟସ ଆମର ହୋଇତ ଯାଇଛି,
ପିଲାଙ୍କୁ ପାଇବ ଆଶା ସଞ୍ଚାରିଛି ।୧୨ ।
କର୍ମକ୍ଷେତ୍ରକୁ ଯେ ବାହୁଡା ହେଉଛି,
ମନ ଆମ ପୁଣି ଭାଙ୍ଗି ତ ଯାଉଛି ।୧୩ ।
ରୋଗ ସମୟରେ ପିଲାଙ୍କର ସେବା,
ଭୂଲି ତ ହେବନ ଏ ଜୀବନ ସାରା ।୧୪ ।
ଲାଗୁଛି ଯେମିତି ଆମେ ଅସହାୟ,
ଆମ ଦୁଃଖେ ପୁଣି କେ ହେବ ସହାୟ ।୧୫ ।
ବୋଧହୁଏ ଏହା ବୟସ ପ୍ରଭାବ,
ଅସହ୍ୟ ହିଁ ହୁଏ ପିଲାଙ୍କ ଅଭାବ ।୧୬ ।
ହେଲେ ସେମାନେ ତ ଦୂରକୁ ହିଁ ଯିବେ,
ନିଜ ଭବିଷ୍ୟତ ନିଜେ ହିଁ ତୋଳିବେ ।୧୭ ।
ହାତୀ ବନସ୍ତରେ ଥିଲେ ବି ରାଜାର,
ଯେତେ ଦୂରେ ଥିଲେ ସଂପତ୍ତି ଆମର ।୧୮ ।
କରୋନା କାଳରେ ଏହି ମାତ୍ର ଲାଭ,
ସବୁରୀ ମିଳନ ସୁଯୋଗ ହିଁ ଦେବ ।୧୯ ।
ବିଚ୍ଛେଦ ଅବଶ୍ୟ କଷ୍ଟକର ଅଟେ,
ଉପାୟ ବିହୀନ ସମୟ ହିଁ କାଟେ ।୨୦ ।
ଅତିକ ଗୁହାରୀ ଜଗନ୍ନାଥ ପାଶେ,
ଆଶୀଷ ଢାଳନ୍ତୁ ପିଲାଙ୍କ ନିକଟେ ।୨୧ ।

ଉପ ମହାପ୍ରବନ୍ଧକ,
ପଞ୍ଜାବ ନେସନାଲ୍ ବ୍ୟାଙ୍କ, କୋଲକତା

# ଜୀବନ ର ଖେଳ



ଆଶୁତୋଷ ମେହେର

ବଢି ଗ୍ଲ ବନ୍ଧୁ ଦେଖି ନଅ ଆଗେ
ଜୀବନ ର ଜଳଛବି
ଲଢି ଗ୍ଲ ତୁହିଁ କାମେ ଅହରହ
ହୋଇ ଜଣେ ଭ୍ବ କବି ।
ଶ୍ରମରେ ଖୋଳଲେ ରତ୍ନ ଗର୍ଭା ମାଟି
ଢାଳ ଦେବ ତା'ର ସାର
ଅଳସୁଆ ହୋଇ ନନ୍ଦଇ କର୍ମକୁ
ବୋହି କ୍ଷୋଭ୍ସିକ୍ତ ଭ୍ର ।
ରହିଯାଏ ଯେବେ ଭୁଲ କେଉଁ ବେଳା
ଚନ୍ତି ବାର ନାହିଁ ତିଳେ
ଲଢିବା ଭ୍ବନା ବଢାଇବ ଆଗେ
ନଜର ଅସୀମ ବଳେ ।
ଶୋଚବା କାହିଁକି ଆଗେ ମାଡିଯିବା
ଉଡାଇ ବିଜୟ ବାନା
ଜୀବନ ନୁହେଁ ତ ହାରିବାର ଖେଳ
ନ ଶୁଣି କାହାରି ତାନା ।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# ପୁରୁଷ



ଭାସ୍କର ଚନ୍ଦ୍ର ଖଣ୍ଡା

ଦେଇ ନିଜ ସୁଖକୁ ଜଳାଞ୍ଜଳି
ଯାଇ ଭୁଲି ଦୁଃଖ ଶୋକ
ମେଣ୍ଟାଇ ଥାଏ ଯିଏ ପରିବାରର ଆବଶ୍ୟକତା
କୋମଳତାର ହୃଦୟ କୁ ନେଇ
ବାହାରେ ଦିଶେ ତା'ର ନିଷ୍ଠୁରତା
ନାରୀ ପରି ନୁହଁ ସିଏ ସୁନ୍ଦର ସରସ
ସମାଜର ଆଖ୍ୟାରେ ତା ନାମ ପୁରୁଷ |୧|

ସହିଥାଏ ଲାଜ ଅପମାନ
ହୋଇଥାଏ କେତେବେଳେ ଲାଡଲା ମା'ର
ପାଇଥାଏ କେତେବେଳେ ଆଖ୍ୟା
ଗୁଲାମ ଜୋରୁର
ବୋଝ ନେଇ କାନ୍ଧରେ ତାହାର
କରିଥାଏ ସମସ୍ୟାର ଉପଚାର |୨|

ନକହି ସେ ନିଜ ମନ କଥା
ବୁଝିଥାଏ ସଭିଙ୍କର ବ୍ୟଥା
ବେଦନାର ଅଶ୍ରୁରେ ଗାଧୋଇ

ଦିଏ ନିଜ ଦୁଃଖକୁ ଭୁଲାଇ
ଇଛା ହୁଏ ତାଆର ବି
ଯିବାକୁ ଢଳ ଅସ୍ତଗାମୀ ସୂରୁଜ ପରି
ରଖି ଦେଇ ତା ମଥାକୁ କୋଳରେ କାହାରି
କରିବାକୁ ଗୃହେଁ କାନ୍ଧର ବୋଝକୁ ଅତିକ୍ରମ
ହେଲେ ମିଳେନା ତାକୁ ଟିକଏ ବିଶ୍ରାମ |୩|

ମନ କଥା ମନରେ ଛୁପାଇ
ଦିଏ ସେ କାମ ଭିତରେ ନିଜକୁ ଭୁଲାଇ
ସନ୍ଧ୍ୟାର ଅଭୁଲା ବାଟରେ
ପକ୍ଷୀଟିଏ ଫେରିବା ପରି
ଆସିଥାଏ ସିଏ ତା ନୀଡକୁ ଫେରି
ଦେଖି ନିଜ ସନ୍ତାନ, ପ୍ରିୟଜନ ମୁଖ
ପାଇଥାଏ ସରଗର ସୁଖ |୪|

ନୁହଁତ ପୁରୁଷ କେବେବି ନିଷ୍ଠୁର
ପ୍ରତୀକ ସେ ଗଭୀର ପ୍ରେମର
ପାଇଥାଏ ଯେବେ ପ୍ରେରଣାର ଉତ୍ସ
ଦେଇଥାଏ ଅଜାଡି ନିଜର ସର୍ବସ୍ୱ
କରି ସବୁ ବାଧାବିଘ୍ନ ଅତିକ୍ରାନ୍ତ
ତୋଳି ଆଣେ ସରଗରୁ ପାରିଜାତ |୫|

କରିବାକୁ ଗ୍ରହେଁନା ସେ ପ୍ରାଧାନ୍ୟ ବିସ୍ତାର
ତୋଳ ଧରି ବିଶାଳ ହୃଦୟ

ଦେଇଛି ନାରୀକୁ ସମାନତାର ଅଧିକାର
ପ୍ରଗତିର ପଥେ
ରହିଛି ପୁରୁଷ ନାରୀର ସାଥେ ସାଥେ
ପାଥେୟ କରି ସେବା ମନୋବୃତ୍ତି
ଗଢିବାକୁ ତୋଳ ସମାଜର ପ୍ରଗତି
ନେଇ ସାଥେ ଜୀବନର ସାଥି
ଅଗ୍ରସର ନାରୀ ସହ ଏ ପୁରୁଷ ଜାତି
ଅଗ୍ରସର ନାରୀ ସହ ଏ ପୁରୁଷ ଜାତି |୬|

ଲେନ୍ ନମ୍ବର ୩,
ଜଗନ୍ନାଥ ନଗର, ଭୁବନେଶ୍ୱର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଡ଼ାଏରୀର ଶେଷପୃଷ୍ଠା



ଲୋପାମୁଦ୍ରା ମିଶ୍ର

--ମାମା ! ମାମା ! ମୋତେ ସତରେ ତୁମେମାନେ ପର ଭାବିଦେଲ | ନୁହେଁ ? ମୋ ରୁମ୍ ର ଅବସ୍ଥାଟା କଣ କରିଛ ତୁମେ ? କୋଉଟା ବି କୋଉଠି ଠିକରେ ରଖା ହେଇନାହିଁ | ସବୁ ଜିନଷ ଏପଟ୍ ସେପଟ୍|ମୁଁ ମୋ ପୁରୁଣା ଜିନଷ କଛି ବି ପାଉନ |

--ଆରେ କ'ଣ ଖୋଜୁଛୁ କହୁନୁ ? ତୁ ତ ଭାରି ସାଇତି ରଖୁଥିଲୁ ସବୁ? ତୁ ପା ତୋ ରୁମ୍ କୁ ମୋତେ ପଶେଇ ଦେଉନା | ମୁଁ ଆହୁରି ତୁ କଲେଜ୍ ଗଲ୍ ପରେ ଆସିକ ସବୁ ସଜାଡ଼ି ରଖେ | ହଉ କ'ଣ ଖୋଜୁଛୁ କହ, ମୁଁ ହେଲ୍ପ କରିବି |

ପ୍ରଣତି ମୁହଁକୁ ଫୁଲେଇ କହିଲ୍, "କଛି ଦରକାର ନାହିଁ, ତୁମେ ଯାଅ | ମୁଁ ନଜେ ଖୋଜିନେବି | "

ବାହାଘର ଗ୍ଯରିମାସ ପରେ ଅରୁଣଙ୍କ ସହ ଜର୍ମାନୀ ପଳେଇଥିଲ୍ ପ୍ରଣତି | ବର୍ଷକ ପରେ ଇଣ୍ଡିଆ ଫେରିଛି | ଏଇଠି ବାପଘରେ ପନ୍ଦରଦିନ ରହି ଶାଶୂଘରକୁ ଯିବ| ସେଠି ଆଠ ଦିନ ରହି ପୁଣି ଫେରିଯିବ ସ୍ୱାମୀଙ୍କ ସହ ସୁଦୂର ଜର୍ମାନୀ | ଏହି ପନ୍ଦର ଦିନର ସମୟକୁ କାହା ସହ କପରି ବିତେଇବ ତା'ର ସେ ଏକ ସମ୍ପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରିଆସି | ଆଜି ତା' ସାଙ୍ଗ ମଧୁର ମ୍ୟାରେଜ୍ ରିସେପ୍ସନ୍ ମୟୁର୍ ହୋଟେଲରେ | ସେଠିକୁ ସେ ସନ୍ଧ୍ୟାରେ ଯିବ | ତା' ଫିଜିକ୍ସ ଡିପାର୍ଟମେଣ୍ଟର ପ୍ରାୟ ସବୁ ଫ୍ରେଣ୍ଡସ୍ ଙ୍କ ସହ ବହୁତ ଦିନ ପରେ ଆଜି ଦେଖା ହେବ | "ଆର୍.ଜୀ କଲେଜ୍ ରୟାଲ ଫିଜିକ୍ସ ୨୦୧୭ ବ୍ୟାଚ୍" ହ୍ୱାଟ୍ସଅପ ଗ୍ରୁପର ସବୁ ମେମ୍ବର୍ ଆଜି ପ୍ରଣତିକୁ ଅପେକ୍ଷା କରିଛନ୍ତି ଭେଟିବା ପାଇଁ| ପ୍ରଣତି କନ୍ତୁ

ମାମାଙ୍କ ଉପରେ ରାଗୁଛି କାହିଁକି ସେ ତା ରୁମ୍ ଟାକୁ ଆଗୁଆ ସଫା କରି ରଖିଲେନାହିଁ ବୋଲି ।
ପ୍ରଣତି କପବୋର୍ଡରୁ ସବୁ ପୁରୁଣା ଡ୍ରେସ୍ ବାହାର କରି ଲଣ୍ଡ୍ରି ବ୍ୟାଗ୍ ରେ ଭର୍ତ୍ତି କଲା, ସତେଯେମିତି ଘରୁ ବେଘର କରି କାହାକୁ ବିତାଡ଼ିତ କରିଦେଉଛି, ସେମିତି । ଯେଉଁଟା ପସନ୍ଦ ଆସୁଥିଲା, ତାକୁ ଅଲଗା ରଖି ଟ୍ରାଏ କରି ଦେଖୁଥିଲା ଫିଟ୍ ହେଉଛି କି ନାହିଁ । ବେଶି ଟିକେ ଟାଇଟ୍ ଲାଗୁଥିଲେ ରାଗିକି ହାତରେ ମୋଡ଼ି ମାଡି ଫିଙ୍ଗି ଦେଉଥିଲା ସେହି ଲଣ୍ଡ୍ରି ବ୍ୟାଗ୍ ଉପରକୁ ।

ରୁମ୍ ସାରା ସବୁ ଜିନଷ ଖେଳେଇ ପକେଇ ସାରିଲା ପରେ ସେ ତା ବୁକ୍ ସେଲ୍ଫ ପାଖକୁ ଗଲା। ଗ୍ରାଜୁଏସନ୍ ଫାର୍ଷ୍ଟ ଇଅର୍ ର ପ୍ରାକ୍ଟିକାଲ ରେକର୍ଡ ଖାତାଟେ ଆଖି ସାମ୍ନାକୁ ଆସିଲା। ସେଇଟି ଓଲଟେଇ ପକେଇଲା । ସଫେଦ୍ କାଗଜଟେ ତଳକୁ ଖସିପଡ଼ିଲା । ପ୍ରଣତି ନଇଁ ପଡ଼ି ଉଠେଇଲା । କାଗଜଟା ସତରେ କନ୍ତୁ ଆଉ ସଫେଦ୍ ନଥିଲା, ଅନେକଟା ମସିଆ ପଡ଼ିଗଲାଣି । କାଗଜରେ ଅଙ୍କା ହେଇଥିବା ଚନ୍ଦ୍ରଟା କନ୍ତୁ ଆଜି ବି ଲାଗୁଛି ଜୀବନ୍ତ ଆଉ ସତେଜ । ଚନ୍ଦ୍ରକର ସତରେ କେଡ଼େ ଯତ୍ନରେ, କେଡ଼େ ବାଗରେ ଫିଜିକ୍ସ ଅନର୍ସର ସେହି ପ୍ରଥମ ବର୍ଷର ଛାତ୍ରୀଟିର ନରୀହ ମୁହଁଟାର ସବୁଯାକ ନରୀହତା, ନର୍ବୋଧତାକୁ କାଗଜ ଉପରେ ସାମାନ୍ୟ ଗୋଟେ ପେନସିଲ ସାହାଯ୍ୟରେ ଆଙ୍କି ଉତ୍ତାରି ପକେଇଥିଲେ !!

ପ୍ରଣତି କାଗଜ ଟିକୁ ଧରି ମନୋଜ ମନସ୍କ ହେଇଗଲା । ହ୍ୱାଟ୍ସଅପ୍ ଗ୍ରୁପରେ ମନୋଜ ନାହିଁ। କେହି ଜାଣନ୍ତିନ ସେ ଏବେ କୋଉଠି । ଯେମିତି ଗୋଟେ ପିଲା ଝଡ଼ ପରି ଆସି କେଇଟା ସେକେଣ୍ଡ ରେ ସମସ୍ତଙ୍କୁ ପ୍ରଭାବିତ କରି ଅନ୍ତର୍ଧ୍ୟାନ ହେଇଗଲା, ଠିକ୍ ସେମିତି । ପ୍ରଣତି କାଗଜଟି ଯୋଉଠି ଥିଲା ସେଇଠି ରଖିଦେଇ ଆହୁରି ଆହୁରି ପୁରୁଣା ଜିନଷ ସବୁ ଅଣ୍ଡାଳବାରେ ଲାଗିପଡ଼ିଲା । ୨୦୧୫ ମସିହାର ଡ଼ାଇରୀଟା ଧରି ବେଡ୍ ଉପରେ ବସିଲା । ପୃଷ୍ଠା ପରେ ପୃଷ୍ଠା ଓଲଟେଇ ପକେଇଲା । ଗୋଟେ ଜାଗାରେ ଅଟକ ଗଲା।

"ପ୍ରଣତି ! ତୁମେ ଏହି ନୂଆ ଡ଼ାଏରୀ ଟାର ପ୍ରଥମ ପୃଷ୍ଠା ହେଲେ ମୁଁ ଛାଡ଼ି ଆସିଥିବା ଗତବର୍ଷର ଶେଷ ଫର୍ଦ । ତୁମେ ପଛକୁ ଫେରିପାରିବନ, ମୁଁ ଗୃହୁଁନ। ମୁଁ ବି ଆଗକୁ ଯାଇପାରିବିନ । ତୁମେ ଆଗେଇ ଯାଅ ପ୍ରଣତି। ଯାଅ । ଖୁବ ଆଗକୁ ଯାଅ ।"

ମନୋଜ ସହ କଲେଜ୍ ଜୀବନରେ ବିତି ଥିବା ଦୁଇବର୍ଷ ଭିତରେ ସେ ଦୁଇଟି ନୂତନବର୍ଷର ଆଗମନରେ ତାକୁ ଡ଼ାଏରୀ ଦୁଇଟି ଉପହାର ସ୍ୱରୂପ ଦେଇଥିଲା | ଦୁଇଟି ଯାକ ଡ଼ାଏରୀର ପ୍ରଥମ ପୃଷ୍ଠାରେ ଦୁଇଧାଡ଼ି ପେନସିଲରେ ଲେଖିକରି ଦେଇଥିଲା|କହିଥିଲା, "ପଢ଼ିସାରି ଇରେଜର୍ ରେ ଲିଭେଇ ଦେବ | ଶବ୍ଦଗୁଡ଼ା ଏହି କାଗଜରୁ ଲିଭିଗଲେ ଦୁଃଖ ନାହିଁ | "

ମନୋଜର କଥା ମନକୁ ଆସିବା କ୍ଷଣି ପ୍ରଣତି ନିଜ ଭରପୁର ସୁଖୀ ଜୀବନ ଭିତରେ ବିରାଟ ଏକ ଫାଙ୍କାପଣ ଅନୁଭବ କଲା | ସେ କ ଚମତ୍କାର ଚନ୍ଦକର ! ପାର୍କରେ ବସି ସାରାଟା ରୋମାଣ୍ଟିକ ମୁହୂର୍ତ୍ତକୁ ଚନ୍ଦରେ ତୋଳି ଧରିପାରେ ତା' ଯାଦୁଗରୀ ଚନ୍ଦକର ହାତରେ | ସୁନ୍ଦର କବିତା ବି ଲେଖେ ମନୋଜ | ତା' କବିତା ମାଟି, ନଦୀ , ଆକାଶ, ଜହ୍ନ ଓ ତାରାଙ୍କ ମନ କଥା କହେ | ମନୋଜ ପ୍ରଣତିକୁ ସୁନ୍ଦର ଭାବେ ବର୍ଣ୍ଣନା କରି ବୁଝେଇ କୁହେ ସମ୍ବାଳୁଆରୁ ପ୍ରଜାପତି ହେବାର ସୁନ୍ଦର,ସୁଖଦ ମୁହୂର୍ତ୍ତକୁ | ତା'ର ଏତେ ଅଳ୍ପ ବୟସରୁ ଏତେ ପରିପକ୍ୱତା ଦେଖି ସାଙ୍ଗମାନେ ଏବଂ ତାକୁ ଭଲ ଭାବେ ଚହ୍ନିଥିବା ଜାଣିଥିବା ଅଧ୍ୟାପକ ଅଧ୍ୟାପିକାମାନେ ଆଶ୍ଚର୍ଯ୍ୟ ହୁଅନ୍ତି | ପ୍ରଣତି କେବେ କେବେ ପଚାରିଲେ କୁହେ, "ବୋଧେ ଜୀବନକୁ ଖୁବ୍ ଜଲ୍ଦି ବୁଝି, ଖୁବ ଶୀଘ୍ର ଯାତ୍ରାଟା ଶେଷ କରିବାରେ ଅଛି " | ପ୍ରଣତି ଅଧା ବୁଝେ, ଅଳ୍ପ ଅବୁଝା ରହିଯାଏ |

ମାମା ଆସି ଦେଖିଲେ ଝିଅ ତାଙ୍କର ରୁମ୍ ସାରା ନୂଆ ପୁରୁଣା ଜିନିଷ ପତ୍ର ଅଜାଡ଼ି ପକେଇଛି | ପ୍ରଣତି ସଜାଡ଼ିବା ଦାୟିତ୍ୱଟା ମାମାଙ୍କ ଉପରେ ଲଦି ଦେଇ ମୋବାଇଲ୍ ଧରି ବାଲକୋନୀକୁ ଉଠିଗଲା |

ଫେସବୁକ ଖୋଲି 'ମନୋଜ ରାୟ' ନାଁଟା ସର୍ଚ୍ଚ କଲା | ଅନେକ ଗୁଡ଼ିଏ ମନୋଜ ରାୟ ଗୋଟିଏ ପରେ ଗୋଟିଏ ତଳକୁ ତଳକୁ ମୋବଇଲ ସ୍କ୍ରିନ୍ ରେ ସଜେଇ ହେଇଯାଉଥିଲେ | ସେଥିରେ କିନ୍ତୁ ତା' ମନୋଜ ନଥିଲା | ପ୍ରଣତି ନିରାଶ ହୋଇ ପୁଣି ଡ଼ାଏରୀଟା ଖୋଲୁଥିଲା| ସେହି କେଇଧାଡ଼ି ବାରମ୍ବାର ପଢୁଥିଲା | "ଡାଏରୀର ଶେଷ ପୃଷ୍ଠା !!!...କାହିଁକି ସେ ଏମିତି ନିଜକୁ କହେ? ", ପ୍ରଣତି ମନେ ମନେ ଭାବିଚାଲିଲା |

ହଠାତ୍ ତାର ଗୋଟେ ପୁରୁଣା ମାଗାଜିନ୍ କଥା ମନେ ପଡ଼ିଲା ଯେଉଁଥିରେ ମନୋଜ୍ ର କବିତାଟେ ପ୍ରକାଶ ପାଇଥିଲା | ପୁରୁଣା ବହି ଥାକରୁ ସେଇଟି ଖୋଜି ପାଇଗଲା |

କବିତାର ଶୀର୍ଷକ ଥିଲା 'ମୁଠାଏ ଜୀବନ' | "ଜୀବନ କେମିତି ପୁଣି ମୁଠାଏ ହେଇପାରେ ? ଧେତ୍.." ଫିଜିକ୍ସ ଛାତ୍ରୀର ମୁଣ୍ଡ ଗୋଳମାଳଆ ହେଇଯାଏ | ମନୋଜ ପରି କବିତାରେ ଜୀଉଁଥିବା ପିଲାଟେ ପଦାର୍ଥ ବିଜ୍ଞାନରେ କେମିତି ରୁଚ ରଖିଲା ଭାବି ପ୍ରଣତି ବି ଆଶ୍ଚର୍ଯ୍ୟ ହୁଏ |

ସେହି 'ମୁଠାଏ ଜୀବନ' କବିତାର କବି ମନୋଜ ରାୟଙ୍କ ଠିକଣାଟି ତଳେ ଲେଖା ହେଇଛି | ପ୍ରଣତି ଅନେକ ଦିନ ହେଲା ଖୋଜିଲା ପରେ ଆଜି ବହୁତ କଛି ପାଇଗଲା | "ଏହି ଠିକଣାରେ ସମ୍ପର୍କ କଲେ କ'ଣ ମନୋଜ ମିଳଯିବ? ", ପ୍ରଣତି ଭାବିଲା | ମନୋଜର ଠିକଣାଟା ହ୍ୱାଟ୍ସଅପର ସେହି ଗ୍ରୁପରେ ସେୟାର୍ କଲା | ଉତ୍ତର ଆସିଲା,"ଆରେ ଏଇଟା କୋଉଠୁ ପାଇଲୁ? ଆମେ ବୁଝିଥିଲୁ, ଏଟା ଭୁଲ ଆଡ୍ରେସ୍ |"

ମନୋଜ ହଜିଯିବା ପୂର୍ବରୁ କହିଥିଲା, "ପ୍ରଣତି ! ତୁମେ ମୋତେ ଯେତେବେଳେ ଖୋଜିବ, ତୁମରି ଭିତରେ ହିଁ ପାଇବ| ମୋତେ ବାହାରେ କୁଆଡ଼େ ଖୋଜି ନଜର ସମୟ ଅପଚୟ କରିବନ | "

ବର୍ଷେ ଯାଏଁ ପାଗଳ ପରି ପ୍ରଣତି ମନୋଜକୁ ଖୋଜିଲା | ଖୋଜି ଖୋଜି ସତରେ ନୟାନ୍ତ ହୋଇଗଲା | କୌଣସି ସନ୍ଧାନ ମିଳଲାନାହିଁ ତା'ର | ପିଲାଟା ହଷ୍ଟେଲରେ ରହୁଥିଲା | ଲୋକାଲ୍ ଗାର୍ଡିୟାନ୍ ଥିଲେ ବଟାନ ଡିପାର୍ଟମେଣ୍ଟର ଡେମୋନଷ୍ଟ୍ରେଟର ରଞ୍ଜନ ସାର୍| ତାଙ୍କଠୁ ମଧ ମନୋଜର ଠିକଣା ମିଳନଥିଲା | ସେ କହିଥିଲେ, "ମୁଁ ତ ସତରେ ଜାଣିନ ଏ ଅସାମାନ୍ୟ ପ୍ରତିଭାଟି ଆସିଥିଲା କେଉଁଠୁ ? ମୁଁ ସେଣ୍ଟ୍ରାଲ ହଷ୍ଟେଲ ର 'ବସନ୍ତ କବିତା ଆସର'କୁ ଯାଇଥିଲି | ତାର 'କଳା ସୂର୍ଯ୍ୟ' କବିତା ଆବୃତ୍ତି ଶୁଣି ମନ୍ତ୍ରମୁଗ୍ଧ ହେଲି | ସେଇଠୁ ତା' ପରିଚୟ ମାଗନ୍ତେ, ସେ ମୋତେ ହିଁ ତା'ର ପରିଚୟ କରିଦେବାକୁ ଗ୍ରହିଁଲା | 'କକା' କହି ମୋ ପାଦ ଛୁଇଁ ଥିଲା | " ଏତକ କହିବା ଭିତରେ ରଞ୍ଜନ ସାର୍ ଙ୍କ ଆଖି ତଳୁ ସରୁଆ ପାଣିର ଦୁଇଟି ଧାର ବହି ଆସୁଥିଲା | ସେ ଆହୁରି ମଧ କହିଥିଲେ ଅନ୍ୟ ମାନଙ୍କ ପରି ମନୋଜ ଗଲା ପୂର୍ବରୁ ତାଙ୍କୁ ମଧ ଯିବା ସମ୍ବନ୍ଧରେ କଛି କହିନଥିଲା |

କଲେଜ୍ ଓ ହଷ୍ଟେଲରେ ତା' ଆବେଦନପତ୍ର ଫର୍ମ୍ ରେ ତା'ର ଯେଉଁ ଠିକଣା ଲେଖା ହେଇଥିଲା ସେଇଟି ଥିଲା ତା'ର ବହୁ ପୁରୁଣା ଆଡ୍ରେସ୍ । ତା ବାପାଙ୍କ ସରକାରୀ ବାସଭବନର ଠିକଣା, ଯେଉଁଟାକୁ ସେମାନେ ଅନେକ ବର୍ଷ ଆଗରୁ ଛାଡ଼ି ଆସିଥିଲେ ।

ମନୋଜ ୨୦୧୭ ଜାନୁଆରୀର ପ୍ରଥମ ସୂର୍ଯ୍ୟ ଉଇଁବା ପୂର୍ବରୁ ଶୂନ୍ୟରେ ମିଳେଇଗଲା ପରି ମିଳେଇଗଲା । ନୂଆ ଡ଼ାଏରୀଟେ କଣି କରି ଆଣିଥିଲା ।ଡିସେମ୍ବର ତିରିଶର ଡିପାର୍ଟମେଣ୍ଟ ପିକନକ୍ ହିଁ ଥିଲା ତାହାର ସମସ୍ତଙ୍କ ସହ ଶେଷଦେଖା । ଏକତିରିଶ ରାତିରେ ହଷ୍ଟେଲ୍ ର ଛାତ ଉପରେ ପିଲାମାନେ ଜିରୋ ନାଇଟ୍ ପାର୍ଟୀ ରେ ମସଗୁଲ ଥିଲା ବେଳେ ମନୋଜ ଡ଼ାଏରୀରେ କ'ଣ ଲେଖୁଥିଲା । ତହିଁ ଆରଦିନ ସକାଳୁ ତା' ବେଡ୍ ଉପରେ ବେଡିଙ୍ଗ୍ ଗୁଡ଼ା ହୋଇ ରହିଥିଲା । ସେ ଆଉ ଫେରିଲା ନାହିଁ ବାକି ଲଗେଜ୍ ନେଇଯିବାକୁ ।

ମନୋଜ ଚାଲିଗଲା ପରେ ପ୍ରଣତି ଆଉ ଆଗକୁ ପଢିବାକୁ ଇଚ୍ଛା କଲାନାହିଁ । ଏମିତି କି ସେ ଗ୍ରାଜୁଏସନ୍ ଶେଷ ସେମେଷ୍ଟର୍ ପରୀକ୍ଷା ଦେବାକୁ ମଧ୍ୟ ନିଜକୁ ପ୍ରସ୍ତୁତ କରିପାରୁନଥିଲା। ସେ ଭିତରେ ଅଭିଷେକଙ୍କ ଘରୁ ପ୍ରସ୍ତାବ ଆସିଲା । ମାମା, ପାପାଙ୍କ ଧମକଚମକରେ ବ୍ୟତିବ୍ୟସ୍ତ ହେଇ ପ୍ରଣତି ବିବାହ ପାଇଁ ସମ୍ମତି ଜଣେଇଦେଲା । ଅଭି ହିଁ ତା' ଜୀବନକୁ ଏହି କିଛି ଦିନ ଭିତରେ ଏକଦମ ବଦଳେଇ ଦେଇଛନ୍ତି । ତଥାପି ତା' ମନ ଭିତରେ କୋଉଠି ନା କୋଉଠି ଡ଼ାଏରୀର ଶେଷ ପୃଷ୍ଠା ଆଜି ବି ଉଙ୍କି ମାରୁଛି।

ବୁଲାବୁଲି, ସାଙ୍ଗମାନଙ୍କ ସହ ଭେଟାଭେଟି, ଗେଟଟୁଗେଦର୍ ସରିଗଲା । ପ୍ରଣତି ଶାଶୂଘରକୁ ଯିବାକୁ ବାହାରିଲା ।

ଅନେକ ଦିନ ହେବ ସେ ଶାଶୂଘରକୁ ଯାଇନାହିଁ । ବାହାଘର ପରେ ପରେ ଯେଉଁମାନଙ୍କୁ ସହ ଦେଖାହେଇଥିଲା, ସେମାନଙ୍କ ନାଁ ସବୁ ଠିକରେ ମନେଅଛି କି ନାହିଁ ସେ ଗାଡି ଭିତରେ ବସି ଭାବି ଭାବି ଯାଉଥିଲା । ଗାଡି ଗେଟ୍ ପାଖରେ ରହୁ ରହୁ ପାଖକୁ ଦୌଡ଼ିଆସିଲା ଲିଲିମା, ଅଭିଙ୍କ ମାଉସୀ ଝିଅ ।

--ଭାଉଜ ଦେଖ ଦେଖ ମୁଁ ମୁଁ ଭଲ ହେଇଯାଇଛି । ବିଲକୁଲ ଭଲ ହେଇଯାଇଛି ।

ପ୍ରଣତି ଲିଲିମାର ହାତ ଧରି ଆସ୍ତେ ଆସ୍ତେ ଘର ଭିତରକୁ ପଶୁଥିଲା ଆଉ ଛୋଟ ଲିଲିମାର ତରବରିଆ କଥା ସବୁ ଶୁଣୁଥିଲା ।

ଲିଲିମାର ହୃତପିଣ୍ଡରେ ସମସ୍ୟା ଥିଲା । ସେ ସେଥିପାଇଁ ଚଲାବୁଲା ବେଶି କରିପାରୁନଥିଲା। ହାର୍ଟ ଟ୍ରାନ୍ସପ୍ଲାଣ୍ଟ କରିବାକୁ ଡାକ୍ତର କହିଥିଲେ । କନ୍ତୁ ଡୋନର୍ ମିଳୁନଥିଲେ । ଏତେ ଶୀଘ୍ର କେମିତି ଲିଲି ଠିକ୍ ହେଇଗଲା ? ପ୍ରଣତି ଜାଣିବାକୁ ପାଇଲା ଯେଉଁ ହସ୍ପିଟାଲରେ ଲିଲିର ଚକସ୍ତା କରାଯାଉଥିଲା, ସେଇଠି ଗୋଟେ ପିଲା ଚକସ୍ତିତ ହେଉଥିବା ଅବସ୍ଥାରେ ମରିଗଲା । ସେ ପିଲାର ମର ଶରୀରର ଦାବିଦାର କେହିନଥିଲେ । ସେହି ପିଲା ମୃତ୍ୟୁ ପୂର୍ବରୁ ନଜର ଛଅଟି ଅଙ୍ଗ ଦାନ କରିଦେଇଯାଇଥିଲା । ତାହାର ବ୍ଲଡ୍ ଗ୍ରୁପ୍ ଲିଲି ସହ ମ୍ୟାଚ୍ କଲା । ସେହି ପିଲାର ହୃତପିଣ୍ଡ ଲାଗିଛି ଲିଲିଠାରେ। ଲିଲିମା ଏବେ ସମ୍ପୂର୍ଣ୍ଣ ସୁସ୍ଥ ।

ଲିଲିମା ଏବଂ ମାଉସୀ ରୁହନ୍ତି ପ୍ରଣତିର ଶାଶୂଘରେ, ଲିଲିମାର ବାପାଙ୍କ ଅଗ୍ନନକ୍ ମୃତ୍ୟୁ ହେଇଯିବା ପରେ ପରେ । ସନ୍ଧ୍ୟାରେ ପ୍ରଣତି ମାଉସୀଙ୍କ ରୁମ୍ କୁ ଯାଇଥିଲା ଲିଲିମା ସାଙ୍ଗରେ । ମାଉସୀଙ୍କ ରୁମ୍ ର ଗୋଟେ କୋଣକୁ ଯେଉଁଠି ମଉସାଙ୍କ ଫୋଟୋ ଟଙ୍ଗା ହେଇଥାଏ, ସେଇଠି ଆଉ ଜଣଙ୍କ ଫୋଟୋରେ ଫୁଲମାଳଟେ ଝୁଲୁଛି । ପ୍ରଣତି ଆଶ୍ଚର୍ଯ୍ୟ ହେଇ ପାଖକୁ ଗ   । ଆଖି ତାହାର ଲୁହରେ ଭର୍ତ୍ତି । ମାଉସୀ ପାଖକୁ ଆସିଲେ । ପ୍ରଣତି ଥରି ଥରି କହିଲା, "ମାଉସୀ.. ଏ ପିଲା.. ଇଏ ତ.. "

--ହଁରେ ମାଆ, ଏଇ ଛୋଟିଆ ପିଲାଟା ଆମ ପାଇଁ ଭଗବାନ ପାଲଟିଗଲା । ତାହାରି ହୃତପିଣ୍ଡ ଲିଲିର ଛାତିରେ ଧକ୍ ଧକ୍ କରୁଛି ।

ପାଖରେ ଠିଆ ହେଇଥିବା ଲିଲିକୁ ପ୍ରଣତି ନଜ ପାଖକୁ ଟାଣି ଆଣିଲା । ତା'କୁ ଛାତିରେ ଜାକ ଧରିଲା ଓ କାନ୍ଦିଲା । ଲିଲିମା କଛି ବୁଝିପାରୁନଥିଲା । ପ୍ରଣତି କାନ୍ଦୁ କାନ୍ଦୁ ଆସ୍ତେ କରି କହିଲା, "ମାଉସୀ, ଡ଼ାଏରୀର ଶେଷପୃଷ୍ଠାରେ ଅନେକ କଛି ଲେଖିହୁଏ । "

ନନ୍ଦିପୁର, ଦଶରଥପୁର, ଯାଜପୁର

# ମୋତେ ଜନ୍ମ ଦେ ମାଆ



ଅସୀମା ସାହୁ

ମାଆ....
କନ୍ୟା ଭ୍ରୂଣଟିଏ ମୁଁ
ମୋ ହୃଦୟରେ ତୋ ମମତାର ସ୍ପନ୍ଦନ
ତୋ ଜରାୟୁରେ
ମୋ ଆଲୁଅ ଦେଖିବାର ସ୍ୱପ୍ନ
ତଥାପି ବୁଝିହୁଏନା
କନ୍ୟା ବୋଲି କାହିଁକ ଯେ
ମୋ ଜନ୍ମ ହେବା ମନା
ମା ସତ କହନା ......

ଖୁବ୍ ଅପରିପକ୍ୱ ମୁଁ..ଗୋଟେ ପିଣ୍ଡୁଳା
କାହାର ଦୁଇଟି ନଷ୍ଟୁର ପାପୁଲି
ତୋ ପେଟରୁ କାଢି
ପଲିଥିନ୍ ରେ ବାନ୍ଧି ଡ୍ରେନ୍ ରେ କ
ମାଟିରେ ଫିଙ୍ଗି ଦେବା ଆଗରୁ
କହ.....
ତୋ ଦେହର ସୁରକ୍ଷାବଳୟ ଭିତରେ
ନେସି ଯାଇ ପାରିବିକ.....

ଜାଣେନା ମୁଁ କେମିତି ଆସିଛି
ସଂଚରିଛି ତୋ ଇଚ୍ଛାରେ କ ଅନଚ୍ଛାରେ
ଯୋଜନାରେ କ ଜବରଦସ୍ତି

ହେଲେ ବୋଝ କହି ମୋ
ଅସ୍ତିତ୍ୱକୁ ମାରିଦିଆ ଯାଇପାରେ
ମୁଁ କ ତୋ ଛୁଆ ନୁହେଁ ମାଆ.....

ତୁ ବେ ତ ମୋ ପରି
ଆଉ କହା ନୟନ ପିତୁଳା
ତୋତେ ବି ଦେଇଛି କେ ଜନ୍ମ
ଦେଖିବାକୁ ସୁନ୍ଦର ଦୁନଆ

ତେଣୁ ମାଆ ଗୋ
ମରଣ ଆସିବା ଆଗରୁ
ମୋ କୁନ ପାପୁଲି ମେଲି
ତୋତେ ହିଁ ଜାବୁଡି ଧରିବି ନଶ୍ଚିତ
କାହିଁକନା
କେବଳ ଏଇ ଭରସାରେ ଯେ
ତୋଛଡା ଆଉ କେହି ମୋ ବଞ୍ଚିବା ଗ୍ଭହେଁନା

ମଧୁବନ, ବାରିପଦା, ମୟୂରଭଞ୍ଜ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ ଏହା ପଠାନ୍ତୁ । ଏହାଦ୍ୱାର୍ ଓଡିଆ ଭ୍ଷାର ଲୋକପ୍ରିୟତା ନଶ୍ଚିତ ରୂପେ ବଢିପାରିବ

# ଇର୍ଷା



ପ୍ରିୟଦର୍ଶିନୀ ପଣ୍ଡା

ସେ ଆକାଶର ଖୋଲା ଛାତିରେ,
ସବୁ ଦିଗବଳୟ କୁ ବେଖାତିର୍ କରି
ମାଡି ଚଲେ ମନ ପବନ ଡେଣା ।
ପଥରେ ଗ୍ଭଲୁଥିବା ସବୁ ଇଲାକା ରେ
ଜାହିର କରେ ଅନାବଶ୍ୟକ ଅଧିକାର
ଦସ୍ତାବିଜ ର କେଇ ଖଣ୍ଡ ଟୁକୁଡା ଧରି,
ବାହାରି ପଡେ କରିବାକୁ ଗ୍ଭଜିନାମା ।
ଗଣି ଗଣି ସାଇତି ରଖେ ସବୁ ପାଦ ଚ଼ିହ୍ନ,
ପୁଣି ଧରେଇ ଦିଏ ଏକ ଲମ୍ବା, ଚଠା,
କଏ ଆସିଲା, କଏ ରହିଲାର ହିସାବ ।
କେବେ ବର୍ଷା ହେଲେ ଦୌଡ଼ି ଯାଏ,
ଢାଙ୍କିବାକୁ ବାହୁର ସେ ଚଉଡା ଗ୍ଭଦରରେ
କେବେ ଜାଳଦିଏ ନଜକୁ, ଅଦିନ ଜାଡ଼ରେ
ବର୍ଷା, ଶୀତ, ଗ୍ରୀଷ୍ମ ସବୁ ତାର, ସେଠି ନାହିଁ,
କାଣିଗ୍ଭଏ ବି କାହାର ଅଧିକାର ।
କେଜାଣି, କାହାର କାଲ୍ପନିକ ପାଦ ଚ଼ିହ୍ନ ବି
ବରଦାସ୍ତ ନୁହେଁ ଘଡ଼ିଏ,
ଅଗ୍ଭନକ ଏ ଅଭିମାନୀ ଛାତି ଟା
ଇର୍ଷା ରେ ଲାଲ୍ ପଡି ଥରିଯାଏ ।

ନାଲି ଆଖି ଦେଖାଏ ସେ ଦୂର ଜହ୍ନ କୁ ବି,
ତାଗିଦ କରି କୁହେ, ଆଲୋକିତ କେବଳ,
ସେ କରିବ ନିଜେ ଜଳି ଯାଉ ପଛେ ।
ଅଜାଡି ଦିଏ ସାଉଁଟି ଥିବା ସବୁ
ମାଟି, ବାଲି ଆଖିରୁ
ଉଜାଡି ଦିଏ ନିଜେ ପୁଣି
ମଜି ରାସ୍ତାର ପ୍ରସସ୍ତ ।
ଲଦି ଦିଏ ଅଭିଯୋଗ ର,
ମେଞ୍ଚାଏ ଶୁଷ୍କ ଜାଗିରି
ଓହୋ! କି ଅଜବ କଥା!
ସାମାନ୍ୟ ବାଟୋଇ ଟେ ହେଇ,
ଏତେ କାହିଁକି ମ ବହପ !
ସେ ତ କୋଳେଇ ନିବାକୁ ରାଜି,
ପରଦେଶୀ ହୋଉ କି ସ୍ୱଦେଶୀ
ଏତେ ଇର୍ଷା ତୋର କାଇଁ ତୁଚ୍ଛାଟାରେ?
ସେ ଯେଉଁ ଅଧିକାରର ଠେଙ୍ଗା ଧରି,
ଜଗୁଆଳି ସାଜି ବସିଛୁ,
ଦିନେ ଅଗ୍ନିକ ଉଭେଇ ଯିବ
ସବୁ ଅମ୍ମୀୟତା ।
ଏତେ ଲମ୍ବା ରାସ୍ତାରେ,
କେବଳ ବାକି ରହିଯିବ ଧୁଳାଏ ନୀରବତା ।।

ଜୟପୁର

# ଆଞ୍ଜୁଳାଏ ଆକାଂକ୍ଷା



ସାଗରିକା ମହାନ୍ତି

ମୁଠାଏ ଆବେଗ, ଅସରନ୍ତି ପ୍ରଶ୍ନ,
ଆଞ୍ଜୁଳା ଆଞ୍ଜୁଳା ଆକାଂକ୍ଷା ସହ ନାନ୍ଦନକ ଜିଜ୍ଞାସା ।
ଏତିକରେ କଣ ସରିଯିବ ସ୍ୱପ୍ନ !!!
ଯାହାର ଆଶା ବଡ, ତା ପାଇଁ ରାତିଟା ଆହୁରି  ବଡ ।
ସେ ଅନ୍ଧାର ଭିତରେ  ମଲ୍ ନଇ ରୁ ବି ଗୀତ ଶୁଣି ପାରେ ।
ଶୁଖିଲା ଆକାଶରେ ଇନ୍ଦ୍ରଧନୁ ଆଙ୍କି ପାରେ ।
ଯୋଡି ହେଇଯିବାର ଗତାନୁଗତିକ ଆବେଗରେ ଗଢିବାର ପ୍ରବଣତା ନଥିଲେ ବି ହୃଦୟର
ଭାବ ଏତେ ପ୍ରଖର ଥାଏ ଯେ କାହାକୁ ଅପେକ୍ଷା ନକରି ନିଜ ଉପରେ ଭରସା ରଖିପାରେ ।

ହଁ, ଆଶାଟା  ମୋର ଖୁବ ବଡ,  ସମୁଦ୍ରଠୁ  ବଡ ।
ତେଣୁ ସେତୁବନ୍ଧ ବାନ୍ଧିବାର  ସାମର୍ଥ୍ୟ ବି  ମୋର ବହୁତ ବଡ଼ ।
ଏଇ ସବୁ ଛୋଟ ଛୋଟ ଗୋଡି ଉପରେ ଅଛି ଅଗାଧ ବିଶ୍ୱାସ ।
ଆଉ କାହା ପଥରରେ ଲୋଭ ନାହିଁ ମୋର, ନଥିଲା ବି କେବେ ।

ଏବେ ତ ଭୋର ହେଲାଣି, କାଉ ରାବିଲାଣି ।
ଏତେ ସଂଘର୍ଷ ଭିତରେ ବଞ୍ଚିବାର ଆଧାର ସ୍ୱର ତୋଳିଲାଣି
ମଣିଷ ପଣିଆ ଭିତରେ ଦର୍ଶନର ଅଭାବ ନା
ଦର୍ଶନ ଭିତରେ ମଣିଷ ପାଣିଆର, ସେକଥା ବୁଝିବାର ବେଳ ସରିଲାଣି ।

ନଭୀ ମୁମ୍ବାଇ, ମହାରାଷ୍ଟ୍ର

# ପଣତକାନର ଲୁହ



ମୈତ୍ରେୟୀ କମିଳା

ତିନଦିନ ବାପଘରେ ରହିବା ପରେ ଆଜି ସର ଘରକୁ ଯିବାକୁ ବାହାରିଛି । ପଣତକାନରେ ମୁହଁ ପୋଛୁ ପୋଛୁ ବୋଉ ତା ହାତକୁ ନୂଆ ଛିଟ ଶାଢ଼ୀଟା ବଢ଼େଇ ଦେଇ କହିଲା, "ଏଇଟା ପିନ୍ଧିପକା, ବାପା ତୋ ପାଇଁ ହାଟରୁ ଆଣିଥିଲେ" । ଭାଉଜ ଅଳତା ଗିନା ଧରି ପହଞ୍ଚିଲେ । ଆଖିରେ ଆଖିଏ ଲୁହ ନେଇ ସର ଶାଢୀଟାକୁ ଏକ ରକମ ଗୁଡେଇ ହୋଇ ଭାଉଜ ଆଗରେ ବସିଲା । ଏଇତ ଖୁସି । ଆଖିରୁ ଲୁହ ଝରି ପଡୁଛି ହେଲେ ତିନଦିନର ବାପଘରର ସ୍ମୃତି ଉକୁଟି ମାରୁଛି । କେମିତି ଏତେ ଶୀଘ୍ର ଦିନ ସରିଗଲା । ସତୁରାକୁ କହି ସମସ୍ତଙ୍କୁ ଦେଖିବ ବୋଲି ଚାଲିଆସିଥିଲା ।

ଦୁଇଟା ସାହି ଟପିଲେ ଶାଶୁ ଘର । କାହା ଘରେ ସଞ୍ଜବତୀ ନ ଲାଗୁଣୁ ଭାଇ  ନେଇ ଘରେ ଛାଡ଼ି ଦେଇ ଆସିଲା । ଘରେ ପହଞ୍ଚି ସଞ୍ଜବତୀ ଜାଳଦେଲା ତୁଳସୀ ଚଉରା ମୂଳେ, ଠାକୁର ଘରେ । ଶଙ୍ଖ ଫୁଙ୍କି ହାତ ଯୋଡ଼ିଲା । ଶାଶୁ  ବିଲରୁ ଆଣିଥିବା ମୁଗ, ବିରି ସବୁକୁ ସାଇତି ରଖୁଥିଲେ ।

ହଠାତ ବର୍ଷା ପବନ ଆସିଯିବାରୁ ଲାଇନ ଚାଲିଗଲା । ଲଣ୍ଠନ ଲଗେଇ ମଝି ବାରଣ୍ଡାରେ ରଖି ନାଲି ଚା ବସେଇବାକୁ ଗଲା । ଲଣ୍ଠନର ତେଜରେ ଶାଶୁଙ୍କ ମୁହଁଟା ଉଜ୍ଜ୍ୱଳ ଦିଶିଲା ସରକୁ । ଏତେ ବେଳଯାଏ ଚୁପ ଥିବା ମୁହଁଟା ଥମ ଥମ ଲାଗିଲା । କିଛି ବୁଝି ନପାରି ସର କାଚ ଗିଲାସରେ ଚା ଧରି ଆସି ପଚାରିଲା "ମାଆ ଦେହ ଭଲ ନାହିଁ କି"? ଶାଶୁ ସରୋଜିନୀ କାନରେ ଆଖି ମଲୁ ମଲୁ କହିଲେ ସତୁରା କହୁଥିଲା ଏ ବର୍ଷାଟା କୁଆଡେ ଦୁଇଦିନ ଲାଗି ରହିବ। ମନେପଡ଼ିଲା ଗଲା ସନ କଥା । ଭୁଦ ସଂକ୍ରାନ୍ତିକୁ ଦି ଦିନ ଥାଏ, ତିନ ଦିନ ବର୍ଷା ଲାଗି ରହି ହଠାତ ରାତି ଅଧରେ ପାଣି ମାଡି ଆସିଲା। ଯିଏ ଯୁଆଡେ ଡକା ଡକ ହୋଇ

ଇସ୍କୁଲ ଘରେ କାହା ଛାତ ଉପରେ ସବୁ ରହିଲେ । ହେଲେ ଆମ ଗୁହାଳରେ ଗୁନ୍ଦ ଆଉ ତା ବାଛୁରୀ ଛୁଆ । ମୁ ଅଧରାତିରେ ଲଣ୍ଠନ ଧରି ଗୁହାଳକୁ ଗଲି ବେଳକୁ ଗୁନ୍ଦ ଆଣ୍ଠୁଏ ପାଣିରେ ଛିଡା ହୋଇଛି । ପଘାଟାକୁ ଖୋଲି ଉଞ୍ଚାକୁ ନେଇଗଲି । ତାପରେ ଯେ ଗୁ କୁଆଡେ ହଜିଗଲା ଆଉ ମିଳିଲାନି । ଦି ଦିନ ପରେ ବାଛୁରୀଟା ମିଳିଗଲା । ଗୁନ୍ଦ କଥା ଭାବୁଥିଲି ।

ପବନରେ ଝର୍କା ସବୁ ପିଟି ହେଉଥିଲେ । ସର ସବୁ ଝରକା ବନ୍ଦ କରି ଓ୍ବେଷେଇ ଘର ଖିଡ଼ିକରେ ଲଣ୍ଠନଟା ତେଜ କରି ଗୁହାଳ ଆଡ଼କୁ ଅନେଇଲା । ଗୁନ୍ଦର ବାଛୁରୀଟା ଚୁପ ଗୁପ ଲାଞ୍ଜ ପିଟୁଛି । ସର ଆଉ ଅନ୍ଧାରକୁ ଖାତିର ନକରି ଲଣ୍ଠନ ନେଇ ମାଆ ନଥିବା ବାଛୁରୀ ପାଖରେ ଘାସ ପୁଳେ ଦେଇ ଆଉଁସି ଦେଲା

ମୁମ୍ବାଇ, ମହାରାଷ୍ଟ୍ର

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **10** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /

editor.vedantimagazine@gmail.com

ହ୍ୱାଟସଆପ୍ ନଂ-9594993733

# କଇଁ କହେ ଜହ୍ନକୁ



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

ହେ ଜହ୍ନ..........
ମୁଁ ତ ସରସୀର ଏକ ନୀଳ କଇଁ
ତୁମକୁ ସଦା ରହିଛି ଗ୍ଵହିଁ
ଇଚ୍ଛାକରେ ଭିଜିବାକୁ ତୁମ ଜୋଛନାରେ ମୁହିଁ
ହେଲେ ଭିଜିପାରେନା ଜମା କାହିଁ ପାଇଁ
ହେ ଜହ୍ନ.......
ରହିଛ ତୁମେ ଯେ ନୀଳ ଆକାଶରେ
ରହିଛି ମୁଁ ତ ସରସୀ ଜଳରେ
ଟିକେ ଭିଜାଇ ଦିଅନା ତୁମ ମଧୁ ଜୋଛନାରେ
ଆଜି ହଜାଇଦିଅ ମୋତେ ତୁମ ପ୍ରୀତି ପୁଲକରେ
ହେ ଜହ୍ନ.......
ତୁମର ସେଇ ଟିକକ ଜୋଛନା ପାଇବା ପାଇଁ
ଆଜି ମୁଁ ଆଶାୟୀ ହୋଇ ରହିଛି ଗ୍ଵହିଁ
କେତେବେଳେ ଆସି ଝରିଇବ ଜୋଛନାକୁ ଉପରେ ମୋର**?**
ଅପେକ୍ଷା କରିଛି ସେହି ସମୟକୁ ମୁଁ ତୁମର

ମଠସାହି, ତୁଳସିପୁର

# ଫୁଲ ହୋଇ ଝରିଯାଉ



ରାଜକିଶୋର ସାଇଁ

ଆହେ ସଙ୍କଟମୋଚନ ଶ୍ରୀରାମ ଦୂତ
ଘେନ ବାରେ ମୋ ପ୍ରଣତି ଫେଡ ମୋ ଆରତ ।
ତୁମ୍ଭେ ତ ମଙ୍ଗଳମୟ ଏ ସଂସାରେ ସାର
ତୁମ୍ଭ ବିନୁ ଭବସିନ୍ଧୁ ହୋଇବ କେ ପାର ।୧।

ଭକତି ଅନ୍ତରେ କଲେ ତୁମ୍ଭ ଜୟଗାନ
ରାମ କୃପା ମିଳେ ରିଷ୍ଟ ହୁଅଇ ଖଣ୍ଡନ ।
ରାମ ବିନା ପରା ତୁମ୍ଭେ ଜାଣନାହିଁ କିଛି
ତୁମ୍ଭ ପରି ପ୍ରଭୁ ଭକ୍ତ ସଂସାରେ କେ ଅଛି ।

ସବୁ ଅମଙ୍ଗଳ ପରା ତୁମ୍ଭେ କର ଦୂର
ତୁମ୍ଭ ପଦେ ଥିଲେ ମତି କାହାକୁ ବା ଡର ।
ମହାନ ହେଲେ ତୁଳସୀ ରାମ କୃପା ଲଭି
ଆଜି ବି କରେ ମୋହିତ ତାଙ୍କର ସୁରଭି ।୩।

ଭକତି ପ୍ରଦୀପ ମୋର ହୃଦେ ଦିଅ ଜାଳ
ମିଛ ଅହମିକା ସବୁ ଯାଉ ପୋଡି ଜଳ ।
ଫୁଲ ହୋଇ ଝରିଯଉ ମୋ ଆଖିର ଲୁହ
ଚରଣ କମଳେ ତବ ଆହେ ଆଞ୍ଜନେୟ ।୪।

ଅଜ୍ଞାନ ଅଧମ ମୁହିଁ ଗାଏ ତୁମ୍ଭ ସ୍ତବ
କୁବୁଦ୍ଧି ନବାରି ଦିଅ ଦିବ୍ୟ ଅନୁଭବ ।
ତୁମ୍ଭ ପଦକଞ୍ଜେ ଆହେ ରାମ ପ୍ରିୟତମ
ସକାଳ ସଞ୍ଜରେ ନତି କରେ ମୁଁ ପ୍ରଣାମ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **10** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# କରୋନା ର କେତୋଟି ସ୍କେଚ...



ସୁବଳ ମହାପାତ୍ର

୧.

ବଢି ଚାଲିଥିଲା ରାସ୍ତା, ବଢି ଚାଲିଥିଲା ପାଦ। ରାସ୍ତା ସରୁ ନଥିଲା, ବାଟ ଲମ୍ବା ହୋଇ ଚାଲିଥିଲା। ତଥାପି ଚାଲିଥିଲେ କଛି ଛୋଟ ଛୁଆ, କାନ୍ଧେଇ ହୋଇଥିବା ଶିଶୁ, ଶିଶୁ ଙ୍କୁ କାନ୍ଧେଇ ଥିବା ବାପା ମା, କଛି ବୟସ୍କ ଓ କଛି ଆସବାବପତ୍ର ଆଉ ଶୁଖିଲା ପେଟ। କେଉଁଠି ଚୁଡା, ଚନ ଟିକେ ମିଳୁଥିଲା ତ, କେଉଁଠି ପାଣି ମୁନ୍ଦେ। କେଉଁଠି ଅବା ନଜ ପେଟରୁ କାଟି ସଞ୍ଚୟ କରିବାକୁ ପଡୁଥିଲା ବାପା ମା ଙ୍କୁ। ବଡ ଲୋକମାନେ ମୁନ୍ଦେ ପିଇ, ଦଣ୍ଡେ ଜିଇଁ ଭାବେ ଚାଲିଥିଲେ।

ଲକ୍ଷ୍ୟ ଗୋଟିଏ ହିଁ ଥିଲା, ଗାଁ ରେ ପହଞ୍ଚିବା। ମୋକ୍ଷ ମିଳଯିବ। ଏ ହିନୀମାନ ର ଜୀବନ ରୁ ରକ୍ଷା ମିଳଯିବ। ନଥାଉ କଛି, ନାହିଁ ନାହିଁ ର ଜୀବନ ରେ ସନ୍ତୁଷ୍ଟି ମିଳବ ନଜ ଲୋକଙ୍କୁ ଦେଖିଦେଲେ। କଛି ନହେଲେ ମରିଗଲେ ବି, ଶବ ତ ପୋଡାହେବ ଗାଁ ମଶାଣି ରେ। ଚରନଦ୍ରା ରେ ଶୋଇବୁ ସେଇ ମା, ମାଟି କୋଳରେ। ଏଠି ଲାଭ କଣ?

ଲାଭ, କ୍ଷତି ର ହିସାବ ନଥିଲା...କେବଳ ଯାହା ରାସ୍ତା ଲମ୍ବି ଲମ୍ବି ଚାଲିଥିଲା....

୨.

ଷ୍ଟେସନ ବାହାରେ ଅପେକ୍ଷା କରିଥିଲା ପରିଆ। ଦୁଇଟି ଛୋଟ ଛୁଆ, ସ୍ତ୍ରୀ ଓ ବୁଢା ବାପା କୁ ନେଇ। ସରକାର ପ୍ରବାସୀ ଙ୍କୁ ରାଜ୍ୟ କୁ ନେବେ ବୋଲି ଶୁଣିଲା ପରଠୁ, ଗୋଡ ତଳେ ଲାଗୁନଥିଲା ତା'ର। ଦୁଇମାସ ହେବ କାମ ବନ୍ଦ। ପେଟରୁ କାଟି ସଞ୍ଚୟ କରିଥିବା ପଇସା

ତକ, ସରି ସରି ଆସୁଥିଲା। ଏ ସମୟ ରେ ଭଗବାନ ସମ ଉଭା ହୋଇଥିଲେ ସରକାର। ଘୋଷଣା କରିଥିଲେ, "ପଞ୍ଜିକରଣ କର, ସମସ୍ତେ ନିଜ ରାଜ୍ୟ କୁ ଫେରିବ"।

ଭଡା ଘର ଛାଡ଼ି ଦେଇ ସପରିବାର ଆସି ଯାଇଥିଲେ ଷ୍ଟେସନ। ହେଲେ ପଞ୍ଜିକରଣ କରିଥିବା ଲୋକଙ୍କ ସଂଖ୍ୟା ଦିନକୁ ଦିନ ବଢି ଚାଲିଥିଲା। ତାଲିକା ଲମ୍ବା ହୋଇ ହୋଇ ଚାଲିଥିଲା। ପାତର ଅନ୍ତର ନୀତି ଓ ଘୁସ ପାଇଁ ପରିଆ ର ନମ୍ବର ପଛକୁ ପଛକୁ ଠେଲି ହୋଇ ଯାଉଥିଲା, ଦିନ ଲମ୍ବା ହୋଇ ଚାଲିଥିଲା।

ଆଉ**?**

ସେ ପଡିଥିଲା ଷ୍ଟେସନ ବାହାରେ ସେଇ ଗଛ ମୂଳରେ, ଯେଉଁଠି ସବୁଦିନ ପୋଲିସ ଆସି ଲାଠି ଦେଖେଇ ତାକୁ ତାଗିଦ କରି ଯାଉଥିଲା ଏ ଜାଗା ଛାଡିବା ପାଇଁ, ନଚେତ ଲାଠି ପାହାର**....**

ପରିଆ ପାଖରେ ପଇସା ନଥିଲା ଘୁସ ଦେବାପାଇଁ କି ସାହସ ନଥିଲା ପୁଣି ଥରେ ଭଡା ଘରକୁ ଫେରିଯିବା ପାଇଁ।

ଏବେ ସେ ଭୋକଲାପେଟ, ଖାଲି ପକେଟ ଆଉ ବୁଢା ବାପା ସହ ଛୋଟ ଛୁଆଙ୍କୁ ଧରି ଚାଲିବା ଆରମ୍ଭ କଲା।

ମନରେ ସାହସ ଥିଲା, ଜେଜେବାପା ତ ପୁଣି ତାଙ୍କ ସମୟ ରେ ଗାଁ ରୁ ପୁରୀ ଯାଇ ଜଗନ୍ନାଥ ଙ୍କ ଦର୍ଶନ ସାରି ଫେରିଥିଲେ**...**ତେବେ ସେ କଣ ପହଞ୍ଚି ପାରିବନି ଓଡିଶା ରେ**???** କେତେ ବାଟ କି**??...**

**୩.**

ଭଗବାନ ଙ୍କ ଦୟାରୁ ଟ୍ରେନ ରେ ଘରକୁ ଫେରିବାକୁ ସିଟ ମିଳିଯାଇଥିଲା ନଟ କୁ। ସରକାର ଙ୍କ ତରଫରୁ ସବୁ ପ୍ରକାର ସୁବିଧା କରାଯାଇଥିଲା। ଘରୁ ଷ୍ଟେସନ ବସ ରେ, ସେଠି

ପ୍ରାଥମିକ ଚେକଂ ପରେ ଟ୍ରେନ ରେ ନଜ ରାଜ୍ୟ କୁ ଫେରିବା ପାଇଁ ସବୁ ସୁବିଧା, ଟ୍ରେନ ଭିତର ସାନଟାଇଜେସନ, ଖାଇବା, ପାଣି ଭଳ ସୁବିଧା। ପଇଁଗ୍ଭଲିସ ଦିନ ପରେ ତିରିଶ ଘଣ୍ଟା ର ରାସ୍ତା କେମିତି କଟି ଯାଇଥିଲା ଜଣା ପଡି ନଥିଲା। ଏବେ ପହଁଚଲା ପରେ ପୁଣି ଥରେ ଚେକ ଆଉ ତା ପରେ ସରକାରୀ ବସ ରେ କ୍ୱାରେଣ୍ଟାଇନ ସେଣ୍ଟର। ସେଠି **14** ଦିନ ର ସଂଗରୋଧ ପରେ ଫେରିବ ଘରକୁ। ରହିବା, ଖାଇବା, ବ୍ରସ, ପେଷ୍ଟ, ଖାଉବା ଟ୍ରେ ରୁ ଆରମ୍ଭ କରି ସାବୁନ ଯାଏଁ ସବୁ ମାଗଣା।ଏପରିକ ଜଣ ପିଛା ଦୁଇ ହଜାର ଟଙ୍କା ଚଉଦ ଦିନ ପରେ। ସବୁ ସୁବିଧା ହୋଇ ସାରିଥିଲା।

ଗାଁ ପାଖ ଦେଇ ଟ୍ରେନ ଯାଉଥିଲା। ମନ ସମ୍ଭାଳ ପାରୁ ନଥିଲା ଆଉ। ଏଇଯେ ଆମ ଗାଁ, ଏଇ ପୋଖରୀ, ଏଇ ଠାକୁର ଗାଡ଼ିଆ, ଏଇ ବରଗଛ, କାମନା ଘର, ମଣ୍ଡପ...ଆଉ ସମ୍ଭାଳ ପାରୁ ନଥିଲା ସେ, ଗାଁ ଯେତେ ପାଖ ହେଇ ଆସୁଥିଲା, ସେତେ ଡାକୁଥିଲା ତାକୁ.... ହଠାତ ସେ ଉଠିଗଲା ଟ୍ରେନ ର ଚେନ ଟାଣି ଟ୍ରେନ କୁ ଅଟକେଇ ଦେବାକୁ...

୪.

ପୋଲିସ ତନାଘନା କରି ଖୋଜୁଥିଲା ପନ୍ଦର ଜଣ ଲୋକଙ୍କୁ ଯେଉଁମାନେ ସବୁ ଫେରାର ହୋଇ ଯାଇଥିଲେ କ୍ୱାରେଣ୍ଟାଇନ ସେଣ୍ଟର ରୁ। ତାଙ୍କ ବିରୁଦ୍ଧ ରେ ଗୃର୍ଜ ସିଟ ଫାଇଲ ହୋଇ ସାରିଥିଲା। ବାରମ୍ଭାର ଗାଁ କୁ ଆସି, ସେମାନଙ୍କୁ ନ ପାଇ ପୋଲିସ ଗାଡି ଫେରି ଯାଉଥିଲା। ଗାଁ ବାହାର ଜଙ୍ଗଲ ଭିତରେ ଫସି ଯାଇଥିଲେ ପନ୍ଦର ଜଣ ଲୋକ।

ନା ଖାଇବାକୁ ଖାଦ୍ୟ ଥିଲା, ନା ଶୋଇବାକୁ ଜାଗା। ଏପଟେ ଜନ୍ତୁ ଭୟ ସାଙ୍ଗକୁ ସେପଟେ କାଳ ବୈଶାଖୀ। ଦୂରରୁ ମା କୁ ଦେଖି ପାରୁଥିଲେ ବି ଗାଁ କୁ ଆସି ପାରୁ ନଥିଲେ। ଗାଁ ଲୋକଙ୍କ ବିରୋଧ ସାଙ୍ଗକୁ ପୋଲିସ ର ଭୟ ତାଙ୍କୁ ଘାରି ପଡୁଥିଲା। ସଂଗରୋଧ ରେ ନ ରହି, ବନବାସ ରେ ରହିବା ଅଧିକ କଷ୍ଟ ଦେଉଥିଲା।

ଲଗାତାର ଦୁଇଦିନ ଭୋକ ଓପାସ ରେ ରହି, ପାଣି ଟିକେ ନ ପାଇ, ମଶା ଡାଁଶଙ୍କ ଭୋଜି ହେଲାପରେ ସମସ୍ତେ ମିଳମିଶି ପୁଣି କ୍ୱାରେଣ୍ଟାଇନ ସେଣ୍ଟର କୁ ଫେରିଯିବାକୁ ନଷ୍ପତ୍ତି ନେଉଥିଲେ...

୫.

ସଂଗରୋଧ ରେ ରହିବା ପାଇଁ ସମସ୍ତଙ୍କୁ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ସରକାର ମାଗଣା ରେ ଦେଲାପରେ, ଖଟ, ଗଦି ସବୁ ବିଛା ଯାଇଥିଲା ପ୍ରାୟ ଦଶ ଫୁଟ ଅନ୍ତର ରେ। ହେଲେ ସଂଗରୋଧ କୁ ଫୁ କରି କିଛି ଜଣ ଟିକ ଟକ ଭିଡିଓ, ପାଲା, ଯାତ୍ରା ସବୁ ଆୟୋଜନ କରୁଥିଲେ ତା ଭିତରେ...

ଠିକ ସେତିକି ବେଳେ ତିନିଦିନ ଖାଲି ଖାଲି ରେ ବସି ବସି ବିରକ୍ତ ହୋଇଯାଇଥିବା କିଛି ପରିଶ୍ରମୀ ଲୋକ, ସ୍କୁଲ ର ଆସବାବପତ୍ର ଠିକ କରିବା, ଗଛ ଲଗେଇବା, ସ୍କୁଲ ଘର ରଙ୍ଗ କରିବା, ଭାଙ୍ଗି ଯାଇଥିବା ଆଜବେଷ୍ଟସ ଠିକ କରିବା, ଖାଲ ଢ଼ିପ ଜମି କୁ ସମତୁଲ କରିବା କାମରେ ଲାଗିଥିଲେ... ଅବଶ୍ୟ ସେଥିପାଇଁ ସରପଞ୍ଚ ଙ୍କ ତରଫରୁ ତାଙ୍କୁ ସବୁ ଜିନିଷ ଯୋଗାଇ ଦିଆ ଯାଇଥିଲା।

ଟିକ ଟକ କରୁଥିବା ଲୋକଙ୍କୁ ପୁରା ଦେଶ ତରଫ ରୁ ଛି ଛାକର ଶୁଣିବାକୁ ମିଳୁଥିଲା ବେଳେ, ସ୍କୁଲ ର ପରିବେଶ କୁ ସୁନ୍ଦର କରିଥିବା ଲୋକଙ୍କୁ ପୁରା ରାଜ୍ୟ ତରଫ ରୁ ବାଃ ବାଃ ଶୁଣିବାକୁ ମିଳୁଥିଲା। ସେମାନଙ୍କ କହିବା କଥା ହେଲା, " ଏ ସ୍କୁଲ ଆମର, ଏଠି ଆମ ଛୁଆ ତ ପଢୁଛନ୍ତି। ତେଣୁ ଆମେ କରିବୁନି କିଏ କରିବ**??**"

୬.

ଚଉଦ ଦିନ କ୍ଵାରେଣ୍ଟାଇନ ରେ ରହି ନିଜ ଘରକୁ ଫେରିଥିଲେ ହଜାର ହଜାର ଲୋକ। ଦିନେ ଯେଉଁ ଗାଁ ଲୋକମାନେ ସେମାନଙ୍କୁ ଗାଁ ମୁଣ୍ଡରୁ ଘଉଡେଇ ଦେଇଥିଲେ, ସେମାନେ ଆଜି ଫୁଲ ପକେଇ ସ୍ଵାଗତ କରୁଥିଲେ। ସ୍ଵାଗତଂ ସ୍ଵାଗତଂ ଧ୍ଵନିରେ ଫାଟି ପଡୁଥିଲା ସେ ଅଞ୍ଚଳ। ଘର ଲୋକ, ଗାଁ ଲୋକ, ବନ୍ଧୁ ବାନ୍ଧବ ସବୁ ଏକାଠି ହୋଇଥିଲେ।

ସ୍ଵାଗତ ଓ ହସ ଖୁସି ର ମାହୋଲ ଭିତରେ ସେମାନେ ଭୁଲି ଯାଉଥିଲେ ସବୁ କଷ୍ଟ। ତଥାପି ଆଖି କୋଣ ରୁ ଝରି ଯାଉଥିବା ଲୁହ ଭିତରେ ସେମାନେ ଦେଖି ପାରୁଥିଲେ...

-- ରାସ୍ତା ରେ ଚାଲି ଚାଲି ଆସିବା ବେଳେ ଖାଇବାକୁ ନ ପାଇ ଲୋକ ମରିଯିବାର ଦୃଶ୍ୟ।

-- ଘରମୁହାଁ ହୋଇ ଟ୍ରେନ ରେ କଟି ଯାଇଥିବା ଖଣ୍ଡ ବିଖଣ୍ଡିତ ଶବ।

-- ହଜାର ହଜାର କମି ଗ୍ଭଲିଲ୍ ବେଳେ ଥକ ପଡୁଥିବା ଶରୀର, ଫୋଟକା ହେଇ ଯାଇଥିବା ପାଦ।

-- ଅନ୍ୟ ଉପାୟ୍ ନ ପାଇ ସିମେଣ୍ଟ ମିକ୍ସଚର ମେସିନ ଭିତରେ ପଶି ଆସିଥିବା ଲୋକ।

-- ସଜାଡି ହେଇ ଯାଉଥିବା ଘର।

-- ମନୋମାଳନ୍ୟ ଦୂର କରି ସ୍ୱାଗତ କରିବାକୁ ଠିଆ ହୋଇଥିବା ଭାଇ।

ଆଜି କନ୍ତୁ ଥିଲା ଆନନ୍ଦ ର ଦିନ.... 14 ଦିନ ପରେ ନିଜକୁ ସଂକ୍ରମିତ ନୁହେଁ ବୋଲି ପ୍ରମାଣ କରି ପାରିଥିବାର ଖୁସି...

ଖଲ୍ଲରୀ, ଅନୁଗୁଳ, ଓଡିଶା

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଜହ୍ନ ରାଇଜରେ ଜାଗା କିଣିଛି



ହାସ୍ୟମୟୀ ରାଜ୍

ଜହ୍ନ ରାଇଜରେ ଜାଗା କିଣିଥିଲି
କରିବାକୁ ଟିକି ଘର
ତାରା ହସୁଥିବେ ଚକ୍ ମିକ୍ କରି
ଚାହୁଁଥିବି ବାର ବାର ॥

ବୋଉଦ ଫାଙ୍କରେ କଣେଇ ଚାହିଁକି
ବର୍ଷା ଯାଉଥିବ ଲୁଚ
ରୂପେଲି ଜୋଛନା ଗାଉଥିବ ଗୀତ
ତା ସାଥୀରେ ନାଚ ନାଚ ॥

ନଶ୍ୱାସ ପାଇଁ ବିଶ୍ୱାସ ପବନ
ଭରୁଥିବ ସଦା ପ୍ରୀତି
ଆଶା ଫୁଲବନ ଝୁଲି ଝୁଲି ଦୋଳି
ଖେଳୁଥିବ ଗାଇ ଗୀତି ॥

ଅହଂକାରର ରାଜପଣ କେବେ
ଖେଳାଉ ନଥିବ ଭୀତି
ଅରାତିର ଅମା ଅନ୍ଧକାରରେ
ହଜି ଯିବିନାହିଁ ରାତି ॥

ସ୍ୱପ୍ନର ଘର ମିଳିଯିବ ମୋତେ
ମିଳିବ ମନର ସାଥୀ
ଅଶାନ୍ତି ଅନ୍ତରେ ତୃପ୍ତି ଝର ଝରି
ଆତ୍ମା ଲଭିବ ଶାନ୍ତି ॥

ଓରାଳି, ହାଟଡିହି, କେନ୍ଦୁଝର

# ଶସ୍ୟ ଶ୍ୟାମଳା ଦେଶ



ନନ୍ଦିନୀ ରାଉତ

କଙ୍କାଳ ଆଜି ଛିଡା ହୋଇଛି
କହିବା ପାଇଁ ଗୋଟିଏ କଥା,
ଆସୁ ପଛେ ଯେତେ ଝଡ଼ବତାସ
ନୁଆଁଅ ନାହିଁ କେବେରେ ମଥା ।।

ଅମୃତ ରୁ ସମ୍ଭବ ଆମେ
ଏକଥା ରଖିବି ମନେ,
ଅସାଧ ନୁହେଁ ଆମ ପାଇଁ କଛି
ରଖିଥାଅ ଏହା ଧ୍ୟାନେ ।।

ପୁଞ୍ଜିବାଦ୍ ର ଖୋଳପା ତଳୁ
ସଭିଏଁ ବାହାରି ଆସ,
ସଭିଏଁ ଆମେ ଏକ ହୋଇଗଲେ
ଗଢ଼ିବା ସୁନାର ଦେଶ ।।

ଓଁମ କାର ଧ୍ୱନ ଯେଉଁ ଦେଶର
ଶାନ୍ତିର ବାରତା ଦିଏ,
ବିଶ୍ୱେ ମାନବ ସଜ୍ଜଳ ଦୃଷ୍ଟିରେ
ଯା ଉନ୍ନତି ଗୃହିଁରହେ ।।

ସେହି ପୁଣ୍ୟ ଭୂମି କୋଳରେ ଜନାମୀ
ପାପ ଅନ୍ୟାୟକୁ ଧ୍ୱଂସ,
ସୁଜଳା ସୁଫଳା ଶସ୍ୟଶ୍ୟାମଳା
କରିଦିଅ ଏଇ ଦେଶ ।।

ବାଲିପଟା, ଅନୁଗୁଳ

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ନଆର୍ ଅଟେ ଏ ପ୍ରେମ



ଅଶୋକ କୁମାର ପ୍ରଧାନ

ବିକ୍ଷିପ୍ତ ମନର ସଂକ୍ଷିପ୍ତ ଭାବନା କେମିତି କହିବି ପ୍ରିୟା
ତୁମେ କଥା ହୃଦେ ଖେଳଗଲେ ପ୍ରିୟା ଆପେ ଲାଗିଯାଏ ନଆଁ
ନଆଁ ନୁହେଁ ସିଏ ନୈସର୍ଗ ଭାବନା ଖେଳେ ମୋର ଶରୀରରେ
ନଲିଭୁ ସେ କେବେ ଜଳୁଥାଉ ସିଏ ଯୌବନର ଜଉଘରେ ।

ଜଳୁଛି କେବେଠୁ ଜାଳୁଛି ମୋହର ସୂକ୍ଷ୍ମ ଚେତନା ଯେତେ
ପଗ୍ବରିନ କେବେ ତାହାର ଠିକଣା ରଖିନ ହିସାବ କେତେ
କେମିତି କେଜାଣି ବସା ବାନ୍ଧି ଅଛି ଏଇ ମୋର ଚିତ୍ତ ପୁରେ
ତାହା ଲାଗି ମୋର ପ୍ରେମର ବଂଶୀ ବାଜେ ନିତି ନୂଆଁ ସୁରେ ।

ତା ସ୍ପର୍ଶରେ ପାଏ ନଆର୍ ଆନନ୍ଦ ଖେଳାଏ ଅପୂର୍ବ ମଜା
ତାହା ପାଇଁ ମୁହିଁ ଭୋଗିଛି ଭୋଗିବି ଜୀବନ ଯନ୍ତ୍ରଣା ସଜା
ସବୁ ସହିଯିବି ହସି ହସି ମୁହିଁ କରିବିନ ପ୍ରତିବାଦ
ସେ ପର୍ ମୋର ଜୀବନ ତନ୍ତ୍ରର ଶତାୟୁଷ ଶତଶବ୍ଦ ।

ଶାଶ୍ୱତ ଚେତନା ସାମଗ୍ରିକ ସତ୍ତା ସାଥିରେ ସର୍ବଦା ଥାଏ
ପ୍ରେମ ହିଁ ପ୍ରତିଟି ପ୍ରାଣ ତନ୍ତ୍ର ରେ ପୀୟୁଷର ଗୀତ ଗାଏ ।

ଶିକ୍ଷକ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ଗ୍ବେହିଗାଁ, ଗଞ୍ଜାମ

# ଆ କା ମା ବୈ.....

ପ୍ରଫେସର ସୁଚରଣ ଚନ୍ଦ୍ର ମିଶ୍ର

କାର୍ତ୍ତିକ ପୂର୍ଣ୍ଣିମା ଓଡିଆମାନଙ୍କର ଏକ ପ୍ରଧାନ ପର୍ବ। ଏହିଦିନ ଓଡିଶାର କୋଣକୋଣରେ ବୋଇତବନ୍ଦଣ ପର୍ବ ବା ଡଙ୍ଗାଭସା ପର୍ବ ପାଳନ କର୍‌ାଯାଇଥାଏ। ଏହି ପର୍ବ କେବେଠାରୁ ଆରମ୍ଭ ହୋଇଥିଲା ତାହା ଜଣାନାହିଁ। ହୁଏତ ଏହି ପର୍ବ ଏକ, ଦୁଇ କିମ୍ବା ତିନ ହଜାର ବର୍ଷ ହେଲା ପାଳିତ ହୋଇ ଆସୁଛି। ଆଜି ଏ ପର୍ବ ଦକ୍ଷିଣ ଓଡିଶା, ପଶ୍ଚିମ ଓଡିଶା, ଉତ୍ତର ଓଡିଶା ଓ ଉପକୂଳ ଓଡିଶାରେ ହର୍ଷ ଓ ଉଲ୍ଲାସର ସହ ପାଳିତ ହୋଇଥାଏ। ଏହିଦିନ ବଡି ଭୋରରୁ ପିତା, ମାତା, ପିଲାମାନେ ସାରା ପରିବାର ସହ ପୁଷ୍କରଣୀ, ନଦୀ, ହ୍ରଦ ବା ସମୁଦ୍ର କୂଳକୁ ଯାଇ କଦଳୀପଟୁଆ ଡଙ୍ଗାରେ ଦୀପ ବା ମହମବତି ଜଳାଇ ପାନଗୁଆ ଥୋଇ ପାଣିରେ ଭସାଇଥାଆନ୍ତି। ଡଙ୍ଗା ଭସାଇବା ସମୟରେ ସମସ୍ତଙ୍କ କଣ୍ଠରେ ଗୋଟିଏ ଗୀତ ଥାଏ:

ଆ କା ମା ବୈ ପାନ ଗୁଆ ଥୋଇ
ପାନଗୁଆ ତକ ତୋର ମାସକ ଧରମ ମୋରେ ॥

ଏ ପର୍ବ ଓଡିଆ ସାଧବର ସାତ ସମୁଦ୍ରକୁ ଜାହାଜରେ ପାରିହୋଇ ବାଣିଜ୍ୟ କରିବାର ସ୍ମୃତିରେ ପାଳନ କର୍‌ାଯାଇଥାଏ। ଓଡିଆ ଅତୀତର ଗର୍ବର କଥା। କଳିଙ୍ଗ ରାଜ୍ୟ କହିଲେ ଦକ୍ଷିଣ ଓଡିଶାକୁ ବୁଝାଇଥାଏ। ଉପକୂଳବର୍ତ୍ତୀ ଓଡିଶାକୁ ଉତ୍କଳ ବୁଝାଏ। କଳିଙ୍ଗ, ଉତ୍କଳରୁ ଓଡିଆ ସାଧବ ସମୁଦ୍ରରେ ଦୂରଦେଶକୁ ଯାଇ ବାଣିଜ୍ୟ କରୁଥିଲେ। ୨୫୦୦ ବର୍ଷ ଆଗରେ ଓଡିଶାରୁ ବୋଇତ ସିଂହଳ ଯାଇଥିଲା। ଇତିହାସରୁ ଜଣାଯାଏ, ଓଡିଆ ବୋଇତ ଦକ୍ଷିଣପୂର୍ବ ଏସିଆ – ସୁମାତ୍ରା, ଜାଭା, ବାଲି ଦ୍ୱିପ, ମାଳୟ ଦ୍ୱିପପୁଞ୍ଜ, ବ୍ରହ୍ମଦେଶ, ଶ୍ୟାମଦେଶ – ଏବଂ ପୂର୍ବରେ ଚୀନ ଦେଶ ପର୍ଯ୍ୟନ୍ତ ଯାଇଥିଲା। ପଶ୍ଚିମରେ ଓଡିଆ ସାଧବ ମଧ୍ୟ ପ୍ରାଚ୍ୟ ଦେଶ, ଆଫ୍ରିକା ଏବଂ ରୋମ ଦେଶ ସହ ବାଣିଜ୍ୟ କରିବାର ସୂଚନା ମିଳେ। ଏହିସବୁ ଦେଶ ସହ ବାଣିଜ୍ୟ କାରବାର କେବେଠାରୁ ଥିଲା, ତାହାର ସଠିକ ବିବରଣୀ

ଜଣାନାହିଁ । ଥାଇଲାଣ୍ଡ ବା ଶ୍ୟାମ ଦେଶରେ “ଲୟ କାଥ୍ରୋଙ୍ଗ” ପର୍ବ କାର୍ତ୍ତିକ ମାସରେ, ଇଂରାଜୀ ନଭେମ୍ବର ମାସର ମଧ୍ୟ ଭାଗରେ ପାଳନ କରାଯାଏ । ଏହି ପର୍ବ ନାମର ଓଡିଆ ଅର୍ଥ ହେଉଛି “କାର୍ତ୍ତିକ ମାସ ଡଙ୍ଗାଭସା” ପର୍ବ । ଏହି ପର୍ବରେ ଆମପରି ସେଠାର ଲୋକେ କଦଳୀ ପଟୁକାରେ ଡଙ୍ଗା ତିଆରି କରି ସେଥିରେ ଦୀପ ଓ ଫୁଲ ଥୋଇ ପାଣିରେ ଭସେଇ ଥାଆନ୍ତି ।

ପୂର୍ବ ଭାରତର କଳଙ୍ଗ ସାଧବ ସହିତ, ତାମିଲ ସାଧବ ମଧ୍ୟ ଦୂର ରାଇଜକୁ ଯାଇ ବାଣିଜ୍ୟ କରୁଥିଲେ । ତାମିଲ ସାହିତ୍ୟ ଓ ଇତିହାସରେ ଏହାର ପ୍ରମାଣ ମିଳେ । କିନ୍ତୁ ତାମିଲନାଡୁରେ ବୋଇତବନ୍ଦାଣ ଭଳି ପର୍ବର କୌଣସି ସୂଚନା ନାହିଁ ।

“ଆ କା ମା ବୈ” ଗୀତ କେତେ ପୁରୁଣା ଏବଂ ଏହାର ତାତ୍ପର୍ଯ୍ୟ କଅଣ? ଲୋକ କଥା ଅଛି, ଘରର ମହିଳାମାନେ ଏହି ଗୀତ ଗାଇ ପତି, ପିତା, ପୁତ୍ରମାନଙ୍କୁ ହସିହସି ବିଦାୟ ଦେଉଥିଲେ । ସମୁଦ୍ରର ଆରପାରିକୁ ଯାଇ ବେପାରବଣିଜ କରିବାପାଇଁ । ଆଶୁତୋଷ କୁମାର ପଟ୍ଟନାୟକ ତାଙ୍କର “ଆ କା ମା ବୋଇ” **(Friends Publishers, Cuttack, 2nd Edition, 2017)** ବହିରେ ପ୍ରସିଦ୍ଧ ଲେଖକ ଗୋପୀନାଥ ମହାନ୍ତିଙ୍କର ସନ୍ଦର୍ଭ ଆଧାରରେ ଲେଖିଛନ୍ତି ଯେ, ଏ ଗୀତରେ ୩ଟି ଶବ୍ଦ ଅଛି: “ଆକା”, “ଆମା” ଓ “ବୋଇ” । ତାମିଲ ଭାଷାରେ ଏହା ଅପା, ମା ଓ କୁମାରୀ କନ୍ୟାକୁ ବୁଝାଏ । ତାଙ୍କ ମତରେ ଏହି ଗୀତଟି ତାମିଲ ପରମ୍ପରା ଅନୁଯାୟୀ, ଭାରତର ଦକ୍ଷିଣ ଅନ୍ତରୀପର ଦେବୀ କନ୍ୟାକୁମାରୀଙ୍କୁ ଉଦ୍ଦିଷ୍ଟ । ସାଧବଘରର ଲଳନାମାନେ ଏହି କନ୍ୟାକୁମାରୀଙ୍କୁ ପାନଗୁଆ ଦେଇ ପୂଜା କରି ସାଧବମାନଙ୍କୁ ବିଦାୟ ଦେଉଥିଲେ । ଜାଣିହୁଏ ନାହିଁ କାହିଁକି ଏତେ ଦୂରରେ ଥିବା କନ୍ୟାକୁମାରୀ ଙ୍କୁ ଓଡିଆ ସାଧବଘରେ ପୂଜା ଦିଆ ହେଉଥିଲା । ସାଧାରଣତଃ ଏ କଥା ଭଲଭାବରେ ଜଣା ଯେ ସମୁଦ୍ରରେ ବୋଇତଯାତ୍ରା ଆରମ୍ଭ ସମୟରେ ବୋଇତକୁ ଏବଂ ଗ୍ରାମ ଦେବୀ, ଦେବତାଙ୍କୁ ଆରାଧନା କରାଯାଏ ଏବଂ ଯିବା ସମୟରେ ମଧ୍ୟ ରାସ୍ତାରେ ଥିବା ଦେବଦେବୀଙ୍କୁ ଆରାଧନା କରାଯାଏ ସୁରକ୍ଷା ଏବଂ ବିପତ୍ତିଶୂନ୍ୟ ଯାତ୍ରାପାଇଁ । ତା ଛଡା ଓଡିଆ ସାଧବ ତ ଖାଲି ଦକ୍ଷିଣକୁ ଯାଉନଥିଲା, ସେ ପୂର୍ବ ଓ ପଶ୍ଚିମକୁ ମଧ୍ୟ ଯାଉଥିଲା । ତେଣୁ “ଆ କା ମା ବୋଇ” ର ଏହି ଅର୍ଥ ଅଯୌକ୍ତିକ ମନେହୁଏ ।

ଓଡିଆ ଲୋକକଥା ଅନୁସାରେ, ଆକାମାବେ ବର୍ଷର ୪ ମାସ, ଆଶ୍ୱିନ, କାର୍ତ୍ତିକ, ମାର୍ଗଶିର ଓ ବୈଶାଖ କୁ ବୁଝାଏ । ସାଧାରଣତଃ ଯେ କୌଣସି ଆରାଧନାରେ ଯାହାକୁ ଆରାଧନା

କରାଯାଏ ତାହାର ନାମ ନିଆ ଯାଇଥାଏ । କିନ୍ତୁ ଏ ଆରାଧନା କାହାପାଇଁ କରାଯାଇଛି? ଓଡିଆରେ ଜାହାଜକୁ ବୋଇତ କୁହାଯାଏ । ଏ ଆରାଧନା କଅଣ "ବୋଇତ" ପାଇଁ, ଯାହା ଅପଭ୍ରଂଶ ହୋଇ "ବୋଇ" ବା "ବୈ" ହୋଇଛି? ଏହା ସମ୍ଭବ ଯେ, ଆଶ୍ୱିନ, କାର୍ତ୍ତିକ ଓ ମାର୍ଗଶିର ମାସରେ ବୋଇତକୁ ପୂଜା କରାଯାଏ ପାନ ଗୁଆ ଉତ୍ସର୍ଗ କରି । ତେଣୁ "ପାନ ଗୁଆ ତକ ତୋର", ଏହା ଉତ୍ସର୍ଗ କରି ସାଧବମାନଙ୍କର ସୁରକ୍ଷା କାମନା କରି ଯେଉଁ ପୂଣ୍ୟ ଅର୍ଜନ ହେଲା, ତାହା ଘରର ସ୍ତ୍ରୀ ଲୋକମାନଙ୍କର, ତେଣୁ "ମାସକ ଧରମ ମୋର" । ତେବେ ବି ଆଶ୍ୱିନ, କାର୍ତ୍ତିକ, ମାର୍ଗଶୀର (ଏବଂ ବୈଶାଖ) ମାସର ତାତ୍ପର୍ଯ୍ୟ କଅଣ?

ଆଗକାଳରେ ନାବିକମାନେ ଯେଉଁ ବୋଇତ ଚଳାଉଥିଲେ, ସେଥିରେ କୌଣସି ଯାନ୍ତ୍ରିକ କୌଶଳ ବୋଇତର ଗତି ନିୟନ୍ତ୍ରଣ କରିବାପାଇଁ ନଥିଲା । ବୋଇତ ସବୁ ଆହୁଲା ଏବଂ ପାଲ ବ୍ୟବହାର କରି ପବନ ଓ ପାଣିର ଗତି ସାହାଯ୍ୟରେ ଯାତାୟାତ କରୁଥିଲେ । ନାବିକ ମାନଙ୍କ ପାଲଟଣା ବିଦ୍ୟା ଏବଂ ସୂର୍ଯ୍ୟ ଓ ଧ୍ରୁବତାରା ଅନୁଧ୍ୟାନ କରି ଦିଗନିର୍ଣ୍ଣୟ କରିବାର ବିଦ୍ୟା ଭଲଭାବରେ ଜଣାଥିଲା । ସୁରକ୍ଷିତ ଯାତ୍ରା ପାଇଁ ହୁଏତ ନାବିକମାନେ ଯେତେ ଦୂର ସମ୍ଭବ ସ୍ଥଳଭାଗ କୁଳେକୁଳେ ଯାଉଥିଲେ । ବୋଧହୁଏ ବୋଇତର ଗତି ୧୦-୧୧ କି.ମି. ପ୍ରତି ଘଣ୍ଟାରେ ହୋଇଥିବ । ଏହାଠାରୁ ବେଶୀ ହେବା ସମ୍ଭବ ହୋଇନଥିବ । ଏହି ଅନୁସାରେ କଳଙ୍ଗରୁ ସିଂହଳ ଦ୍ୱୀପକୁ ଯିବାକୁ ଏକ ସପ୍ତାହ, କଳଙ୍କରୁ ଉତ୍ତର ପୂର୍ବକୁ ଯାଇ ମ୍ୟାନମାର ର ପଶ୍ଚିମ ଉପକୂଳକୁ ଦେଇ ୟାଙ୍ଗୁନ ବନ୍ଦରକୁ ଏକ ସପ୍ତାହ, କଳଙ୍ଗରୁ ମାଲାକ୍କା ପ୍ରଣାଳୀ ଦେଇ ବାଲିଦ୍ୱୀପକୁ ୩ ସପ୍ତାହ ଏବଂ ଚିନ କୁ ଏକମାସରୁ ଅଧିକ ସମୟ ଲାଗିଥାଇପାରେ । ସେହିପରି ପଶ୍ଚିମ ଦିଗକୁ ଯିବାକୁ ହେଲେ, ପ୍ରଥମେ ଦକ୍ଷିଣକୁ ଯାଇ ଶ୍ରୀଲଙ୍କା ଅତିକ୍ରମ କରି ପଶ୍ଚିମ ଦିଗକୁ ଯାଇହେବ ଏକ ମାସରୁ ଉର୍ଦ୍ଧ୍ୱ ସମୟରେ ।

ବୋଧ ହୁଏ ସେ କାଳର ଜଳବାୟୁ ଆଜିର ଜଳବାୟୁଠାରୁ ବିଶେଷ ପୃଥକ୍ ନଥିଲା ତେଣୁ ଆମେ ଆଜିର ଜଳବାୟୁ ଆଧାରରେ ଓଡିଆ ସାଧବର ବୋଇତଯାତ୍ରା କଥା ଚିନ୍ତା କରିପାରିବା । ଯେହେତୁ ଯାନ୍ତ୍ରିକ ବଳ ନଥିଲା, ବୋଇତ ଏବଂ ନାବିକମାନଙ୍କର ସୁରକ୍ଷା ପାଇଁ ନାବିକ ମାନେ କେବେହେଲେ ଝଡବର୍ଷା ଓ ପବନରେ ବୋଇତ ନେଉନଥିବେ । ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦ୍ୱାରା ଓଡିଶାରେ ଭିଷଣ ବର୍ଷା ହୁଏ । ବଙ୍ଗୋପ ସାଗରରେ ଝଡିବର୍ଷା ଲାଗିରହେ ଏବଂ ଏହାର ପ୍ରଭାବ ମ୍ୟାନମାରର ପଶ୍ଚିମ ଉପକୂଳରେ ଏବଂ ଭାରତ ମହାସାଗରରେ ମଧ୍ୟ ପଡିଥାଏ । ଏହି ବର୍ଷାଋତୁ ଆଶାଢ ମାସରୁ ଆରମ୍ଭ ହୁଏ ଏବଂ ଆଶ୍ୱିନ

ପ୍ରଥମ ଭାଗରେ ଏହାର ପ୍ରକୋପ କମେ । ଏହି ସମୟରେ ସମୁଦ୍ର ଯାତ୍ରା ଆରମ୍ଭ ହେବା ପ୍ରାୟତଃ ଅସମ୍ଭବ ।

ପବନର ଗତିର ଦିଗ **(Wind direction)** ଏବଂ ପାଣିର ଗତିର ଦିଗ **(Current direction)** ଦେଖିଲେ ଜଣାଯାଏ ଯେ, ପ୍ରତ୍ୟାବର୍ତ୍ତନଶୀଳ ଉତ୍ତର ପୂର୍ବ ମୌସୁମୀ ବାୟୁ ଦ୍ୱାରା ପବନ ଓ ପାଣିର ଗତିର ଦିଗ ଆଶ୍ୱିନ, କାର୍ତ୍ତିକ, ମାର୍ଗଶୀର ମାସରେ ଉତ୍ତର ପୂର୍ବ ଦିଗରୁ ଭାରତରେ ପୂର୍ବ ଉପକୂଳ ଦେଇ ଦକ୍ଷିଣ ପଶ୍ଚିମ ଦିଗକୁ ଯାଏ । ତେଣୁ ସମ୍ଭବତଃ ଏହି ସମୟରେ ଓଡିଆ ସାଧବ ଶ୍ରୀଲଙ୍କା ଯାଇ ବଣିଜ କରୁଥିଲେ । ଭାରତର ଦକ୍ଷିଣରେ ଭାରତ ମହାସାଗରରେ ଏହି ସମୟରେ (ଶୀତ ଋତୁରେ) ପାଣି ଓ ପବନର ଗତିର ଦିଗ ପୂର୍ବରୁ ପଶ୍ଚିମକୁ ଥାଏ, ଯାହାକି ସିଂହଳ ଦ୍ୱୀପ ପରିକ୍ରମ କରି ପଶ୍ଚିମ ଦିଗରେ ମଧ୍ୟ ପ୍ରାଚ୍ୟ ଓ ପୂର୍ବ ଆଫ୍ରିକା ଉପକୂଳକୁ ଯିବାରେ ସହାୟକ ହୋଇଥାଏ । ଏହି ସମୟରେ ମ୍ୟାନମାରର ପୂର୍ବ ଉପକୂଳରେ ଉତ୍ତର ପୂର୍ବ ମୌସୁମୀ ବାୟୁର ଦିଗ ଉତ୍ତର ପଶ୍ଚିମରୁ ଦକ୍ଷିଣ ପୂର୍ବକୁ ହୋଇଥାଏ । ଏହାର ଦକ୍ଷିଣରେ ପାଣି ଓ ପବନର ଗତି ପଶ୍ଚିମରୁ ପୂର୍ବକୁ ହୋଇ ମାଲାକ୍କା ପ୍ରଣାଳୀ ଦେଇ ଯାଇଥାଏ । ଓଡିଆ ସାଧବର ଯାତ୍ରା ଏହି ସମୟରେ କଳଙ୍ଗରୁ ବାହାରି ପଶ୍ଚିମରେ ମ୍ୟାନମାର କୁଳ ଦେଇ ୟାଙ୍ଗୁନ, ମାଳୟ ଦୀପପୁଞ୍ଜ, ଶ୍ୟାମଦେଶ ଏବଂ ଇଣ୍ଡୋନେସିଆର ଦ୍ୱୀପପୁଞ୍ଜ (ବାଲିଦ୍ୱୀପ ସହିତ) ଏବଂ ଏହିଠାରୁ ଉତ୍ତରପୂର୍ବ ଦିଗରେ ଚୀନ ଦେଶକୁ ଯିବା ମଧ୍ୟ ସମ୍ଭବ ହୋଇଥାଇପାରେ । ବଣିଜ ଶେଷ କରି ଓଡିଆ ସାଧବ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜନତ ଝଡବର୍ଷାରୁ ରକ୍ଷା ପାଇ ସୁରଖୁରରେ ଘରେ ପହଞ୍ଚିବାର ଚେଷ୍ଟା କରେ । ପବନ ଓ ପାଣିର ଗତିର ଦିଗ ବଦଳ ବିପରିତ ହୋଇଗଲେ, ସାଧବ ପୁଅ ଘର ବାହୁଡା ଆରମ୍ଭ କରେ ଏବଂ ଘରେ ପହଞ୍ଚୁ ପହଞ୍ଚୁ ଶୀତ ସରି ଆସିଥାଏ ଚୈତ୍ର ଓ ବୈଶାଖ ମାସରେ । ଏହିପରି ଯଦି ହୋଇଥାଏ ତାହାହେଲେ ଆଶ୍ୱିନ, କାର୍ତ୍ତିକ, ମାର୍ଗଶୀର ମାସରେ ସମୁଦ୍ର ଯାତ୍ରାର ଶୁଭାରମ୍ଭ ହେଉଥିଲା ଏବଂ ବୈଶାଖ ମାସରେ ଘରେ ଘରେ ସାଧବର ଫେରିବାର ଖୁସି ମନାଉଥିଲେ ।

କାର୍ତ୍ତିକ ପୂର୍ଣ୍ଣିମା ଦିନଠାରୁ କଟକରେ ମହାନଦୀ କୁଳ ଗଡଗଡିଆ ଘାଟରେ ବାଲିଯାତ୍ରା ଆରମ୍ଭ ହୋଇ ଦଶଦିନ ଚାଲେ । ଏହା ମଧ୍ୟ ଇତିହାସରୁ କେବେ ଆରମ୍ଭ ହୋଇଥିଲା ଜଣାନାହିଁ । ତାହାହେଲେ ବାଲିଯାତ୍ରାରେ ବିଦେଶରୁ ଆସିଥିବା ଜିନଷପତ୍ରର କଣାବିକା ସମ୍ଭବ ହୋଇନଥିବ । କନ୍ତୁ ଏହି ସମୟରେ ରପ୍ତାନୀ ହେବାକୁ ଥିବା ଜିନଷପତ୍ରର

କଣାବିକା ସମ୍ଭବ ହୋଇଥିବ । ବୋଧହୁଏ ଦୂରଦୁରାନ୍ତରୁ କାରିଗରମାନେ ଏବଂ ବେପାରୀମାନେ ବିଭିନ୍ନ ଜିନଷ ଆଣି ବାଲିଯାତ୍ରାରେ ସାଧବମାନଙ୍କୁ ବିକୁଥିଲେ ଏବଂ ସାଧବମାନେ ଏହି ଜିନଷ ମମୁଦ୍ର ଆରପାରିବେ ବିକ୍ରିକରି ଲାଭବାନ ହେଉଥିଲେ । ଏହି ବାଲିଯାତ୍ରାରେ ଓଡିଶାର ଅଭ୍ୟନ୍ତରୁ ଜିନଷପତ୍ର ମହାନଦୀ ଏବଂ ତାର ଉପନଦୀ ଓ ଶାଖାନଦୀ ଦେଇ ଆସି କଟକରେ ହାଟ ବସେଇ ବିକ୍ରୀ କରାଯାଉଥିବ । ବୋଧହୁଏ ଏହାହିଁ ବାଲିଯାତ୍ରାର ପରମ୍ପରା ।

ପ୍ରେସିଡେଣ୍ଟ, FROST, ପ୍ରାକ୍ତନ ପ୍ରଫେସର, ଆଇ.ଆଇ.ଟି. ଖଡଗପୁର,
ପ୍ରାକ୍ତନ ଡାଇରେକ୍ଟର, ଆଇ.ଏମ୍.ୟୁ, ବିଶାଖାପାଟଣା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ମିଳନ ମାୟା

ମୂଳ ରଚନା ବଙ୍ଗଳା: ଶଙ୍ଖ ଘୋଷ
ଓଡିଆ ଭାଷାନ୍ତର: ସନାତନ ମହାକୁଡ


ସନାତନ ମହାକୁଡ

ତୁମ ଦୁଃଖ ପାଶେ ବସି ଅଛି ।

ବସି ବସି ଦେଖେ

ଦିଗନ୍ତ ବିସ୍ତାରୀ ଦୁର୍ବାଦଳ

ପ୍ରତି ଶୀର୍ଷେ ଧରି ଅଛି ସ୍ନିଗ୍ଧ ଯେମିତି କଣ ରକ୍ତବିନ୍ଦୁ

ଲାଲ ନୀଳ ସବୁଜର ମୋହଭରା ମିଳନମାୟାରେ ଯେମିତି ଭରି ଅଛି ଚକ୍ଷୁ ।

ଆଉ କଛି ଦୃଶ୍ୟ ନାହିଁ, ଶବ୍ଦ ନାହିଁ ଆଉ କେଉଁଠାରେ ।

ତୁମ ଦ୍ୱାର ପାଶେ ବସିଅଛି ।

ଘୁମନ୍ତ ସେ-ମୁଖେ ଏକ ଆଭା

ଛଡାଇ ରଖିଛି ଯେମିତି ମୋର ଦୁଃଖର ପ୍ରତିଛବି ।

ବ୍ୟର୍ଥ ଆଉ ସବୁ ।

ବେରୁଆଁବାରୀ, ନୟାଗଡ, ଓଡିଶା

# ନୀଳ ଆକାଶ



ମଧୁସ୍ମିତା ପୃଷ୍ଟି

ନୀଳ ଆକାଶର ନୀଳମା ଭିତରେ
ନିଜକୁ ହଜାଇ ଦେବି,
ମନହୁଏ ଆଜି ପକ୍ଷୀଟିଏ ହୋଇ
ଜହ୍ନ ରାଇଜ ବୁଲିବି ।

ଆହା କି ସୁନ୍ଦର ସୁନୀଳ ଆକାଶ
ସୂର୍ଯ୍ୟ,ଚନ୍ଦ୍ର,ତାରା ମେଳେ,
ଦିଗହରା ହୋଇ ଉଡିଯିବି ଥରେ
ଖେଳିବି ଆକାଶ କୋଳେ ।

ଜହ୍ନ ଆଲୁଅରେ ତାରାଙ୍କ ଗହଣେ
ନିଜକୁ ହଜାଇ ଦେବି,
ଜୀବନର ସବୁ ଦୁଃଖ ଅବଶୋଷ
ମନରୁ କାଢି ଫିଙ୍ଗିବି ।

ଭସା ବାଦଲର ମେଘମାଳା ଦେଖି
ଆନନ୍ଦେ ହେବି ମଗନ,
ଆକାଶ ବୁକୁରେ ଇନ୍ଦ୍ରଧନୁ ରଙ୍ଗେ
ରଙ୍ଗେଇବି ମନ ପ୍ରାଣ ।

ସୁନ୍ଦର ସୃଷ୍ଟିର ସୁନ୍ଦର ଶୋଭାରେ
ତୃପ୍ତହେବ ମୋର ମନ,
ନୀଳାମ୍ବୁ ଗଗନ ନିଳୟରେ ହଜି
ଜୀବନ କରିବି ଧନ୍ୟ ।

ଭୁବନେଶ୍ୱର, ଖୋର୍ଦ୍ଧା

# ମଣିଷ-ଓଟ



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି

ମରୁଭୂମି ବିସ୍ତୀର୍ଣ୍ଣ ବାଲୁକା-ପଠା
ଜନପଦ ଶୂନ୍ୟ,
ଯନ୍ତ୍ରଣା ଦାୟକ ଯହିଁ ବଞ୍ଚିବାର ସ୍ପୃହା;
ମରିଚୀକା ସୃଜିଥାଏ-
ମୃଗତୃଷ୍ଣା ଜଳ;
ବିଚରୁ ଓଟଟା ସେଠି ଏକମାତ୍ର ସାହା ।
ଦିଗହଜା ମରୁଭୂମି ଉତ୍ତପ୍ତ ବକ୍ଷରେ-
ଉଠେ ମରୁଝଡ,
ସଦା କରେ ମରୁଯାତ୍ରୀ ଜୀବନ ବିପର୍ଣ୍ଣ;
ଆତ୍ମ ବଳଦାନ ଦେଇ-
ବିଶ୍ୱସ୍ତ ଓଟଟା,
ସର୍ବଦା ବଞ୍ଚାଇ ଥାଏ ମାଲିକ ଜୀବନ ।
ଓଟ କନ୍ତୁ ଖୋଜିନଏ-
ତା ମାଲିକ ପାଇଁ,
ମରୁଦ୍ୟାନ ପରି ଏକ ନିରାପଦ ସ୍ଥାନ;
ବୋହିନଏ ସେଥିପାଇଁ-
ଝଡର ଗତିରେ,
ନିଜର ଜୀବନ ପ୍ରତି ନଥାଏ ତା ଧ୍ୟାନ ।
ମଣିଷ-ଓଟ ଗୁଡାକ
ଆମ ସମାଜରେ,

ଢୋକେ ପିଇ, ଗଣ୍ଡେ ଖାଇ ବଞ୍ଚି ରହିଥାନ୍ତି;
ଓଟ ପରି ପ୍ରଭୁଭକ୍ତ ସାଜି
ନିଜ ସୁଖ ସବୁ ଭୁଲି-
ପେଟ ଭୋକ ପେଟରେ ଲୁଚେଇ ବହେ ହସୁଥାନ୍ତି ।
ଆରେ ପାନ୍ଥ ! ନିଜ ସ୍ୱାର୍ଥ ପାଇଁ
ବାରମ୍ବାର କର ତୁମେ ଗୁବୁକ-ପ୍ରହାର,
ପୋଷା ମାନିଥିବା ସେହି ଓଟର ପିଠିରେ;
ବାଲୁକା ଶଯ୍ୟାକୁ ଛାଡି
ବାଧ୍ୟ କର ତାକୁ-
ଚାଲିବାକୁ ପିଚୁବୋଳା-କଂକ୍ରିଟ-ରାସ୍ତାରେ ।
ରେ ମଣିଷ ଭାଇ!
ଭାବି ଥରେ ଦେଖ; ତୋର ସୁଖ ପାଇଁ-
ଆଉ ଜଣେ ଦିଏ ଆତ୍ମବଳୀ;
ତୁମେ ସବୁ ବିରାଡି ବୈଷ୍ଣବ ସାଜି-
ଅହିଂସା ଆଚର,
ଠିକ ଏକ ହିଂସ୍ର ଗୃଧ୍ର ଭଳି ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
ରାଉରକେଲା, ଓଡିଶା

ଚଳନ୍ତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ନଟ ଓ ନାଟୁଆ



ବିନୟ ମହାପାତ୍ର

ମାଙ୍କଡ ମଦାରୀର ବନ୍ଧୁତା କେବଳ ଆବଶ୍ୟକତାର । ଆବଶ୍ୟକତା ନଥିଲେ ମାଙ୍କଡ ଆଉ ମଣିଷର ସମ୍ପର୍କ କଣ ? ମଣିଷ ତାର ଡୁଗୁଡୁଗି ବଜାଏ, ବିଚର୍ ମାଙ୍କଡ ଡମ୍ବରୁର ତାଳେ ତାଳେ ନାଚେ, କେବେ ନୂଆ ବୋହୂ ହୋଇଯାଏ ତ କେତେବେଳେ ମଦୁଆ ସ୍ୱାମୀର ଅଭିନୟ କରେ । କିଛି କ୍ଷଣ ପାଇଁ ମଣିଷ ପାଲଟିଯାଏ ନଟ, ଆଉ ମାଙ୍କଡ ନାଟୁଆ । ମାଙ୍କଡ ନାଚ ସରିଲେ ନଟର ଚର୍ ଗାମୁଛା ଉପରେ କିଛି ଟଙ୍କେ ଦିଟଙ୍କିଆ କଏନ ଏକାଠି ହୋଇଯାଏ । କଏନ ତକ ସାଉଣ୍ଟି ନେଇ ଗାମୁଛାର ବାନ୍ଧି ନିଏ, ମାଙ୍କଡକୁ କାନ୍ଧରେ ବସାଇ ନଟ ବାହାରିପଡେ ନୂଆ ଜାଗାକୁ ।

ବିଚର୍ ଏଇ ନାଟୁଆ ଦୟାରୁ ନଟର ଘର ଚଳେ । ଚୁଲିରେ ହାଣ୍ଡି ଚଢେ । ନଟର ସ୍ତ୍ରୀ ଦେହ ଢାଙ୍କିବାକୁ ଶସ୍ତା ହେଉ ପଛେ ଶାଢିଖଣ୍ଡେ ମିଳିଯାଏ । ନଟ ତ ନିମିତ୍ତ ମାତ୍ର, ନାଟୁଆ ଭରସାରେ ଦୁନିଆ ଚଳେ । ନାଟୁଆର ଅବସ୍ଥା ତାଠାରୁ ଆହୁରି ଖର୍ପ, ନଟର ଦୟା ନହେଲେ ବିଚର୍ ନାଟୁଆର ପେଟରେ ଦାନା ପଡିବନି । ବେକରେ ବନ୍ଧା ପଟିରେ ଲୁହାର ଚେନ । କିନ୍ତୁ ନାଚ ଦେଖାଇ ପାରେ ବୋଲି ନଟ କାନ୍ଧରେ ନାଟୁଆ ବସି ପାରେ । ନହେଲେ ଧୁରନ୍ଧର ନଟର ଔକାତ୍ କେତେ । ଦର୍ଶକ ମାଙ୍କଡର ନାଚ ଦେଖିବାକୁ ଆସନ୍ତି। ନଟର ହାଡୁଆ କଦର୍ଯ୍ୟ ମୁହଁଟାର ମୂଲ୍ୟ କେତେ ମାଙ୍କଡକୁ ସିନା ଜଣା । ନହେଲେ ସାମାନ୍ୟ ମାଙ୍କଡର ଏତେ ବହପ ମଣିଷ କାନ୍ଧରେ ବସିଯିବ ?

ସବୁ ଯୁଗରେ ନଟର ଏହି ଦୂରବସ୍ଥା । ନଟ ଦୁନିଆଁକୁ ନଚେଇ ପାରେ, ହେଲେ ସବୁବେଳେ ନାଟୁଆ ହାତରେ କାଠପୁତୁଳି ହୋଇ ରହେ । ବେଳେ ବେଳେ ଜଣା ପଡେନି ନଟ କିଏ ନାଟୁଆ କିଏ । କାହା ଭରସାରେ ଦୁନିଆ ଚଳେ ? ଭଗବାନଙ୍କୁ ନଟିଆ ନାଗର କହନ୍ତି, ହେଲେ ବୁଝି ହୁଏନା ପ୍ରକୃତ ନଟ କିଏ ନାଟୁଆ କିଏ । ଭଗବାନ ବଡ ନା ମଣିଷ ବଡ,

ବୁଝି ହୁଏନା । ଭଗବାନ ମଣିଷ ଗଢିଲେ ନା ମଣିଷ ଭଗବାନଙ୍କୁ ଗଢିଛି ? ଏଠି ଜନତା ବଡ ନା ନେତା ବଡ ? ଜନତା ନେତା ବନାନ୍ତି ନା ନେତାଏ ଜନତା ବନାନ୍ତି ?

ସତକଥା ହେଉଛି କେହି କାହାକୁ ସୃଷ୍ଟି କରନ୍ତି ନାହିଁ। ଦୁନିଆରେ ଯେତେକ ସମ୍ପର୍କ, ସବୁ କେବଳ ଆବଶ୍ୟକତାର । ଆବଶ୍ୟକତା ନଥିଲେ କେହି କାହାର ନୁହେଁ । ମଣିଷ ଆବଶ୍ୟକତା ଅନୁଶାରେ ଭଗବାନ ବଦଳାଏ, ଦୁଃଖ ବେଶି ବଳପଡିଲେ ଧର୍ମ ବି ବଦଳାଇ ନିଏ । ନହେଲେ ତେତିଶ କୋଟି ଦେବା ଦେବୀ ପରେ ବି ହଜାର ହଜାର ବାବା ମାତାଙ୍କ ମନ୍ଦିର ତୋଳା ହୁଅନ୍ତାନି । ଆବଶ୍ୟକତା ଅନୁସାରେ ନେତାଏ ଦଳ ବଦଳ କରନ୍ତି, ଜନତା ନେତା ବଦଳାନ୍ତି, କେବେ ନେତାଏ ମୁହଁ ମୋଡି ନିଅନ୍ତି । ନିର୍ବାଚନ ଆଗରୁ ଜନତା ନେତାଙ୍କୁ ନଚାନ୍ତି ଆଉ ନିର୍ବାଚନ ପରେ ନେତାଏ ନିଜ ହିସାବରେ ମନ ଭରିବା ପର୍ଯ୍ୟନ୍ତ ଜନତାଙ୍କୁ ମାଙ୍କଡ ବନେଇ ବାଡି ଦେଖାଇ ନଚାନ୍ତି । ବଡ ବିଚିତ୍ର ଏଇ ନଟ ନାଟୁଆଙ୍କ ଚରିତ୍ର ଏବଂ ତା ଠାରୁ ଅଧିକ ବିଚିତ୍ର ସେମାନଙ୍କର ସମ୍ପର୍କ ।

ପଟିଆ, ଭୁବନେଶ୍ୱର

# ପୁରୁଣା ଈଶ୍ୱର



ବିଦ୍ୟାଧର ମିଶ୍ର

ଈଶ୍ୱର ବୋଧେ ପୁରୁଣା ହେଲେଣି
ଆଉ କଣ ଗୋଟେ ବରିବା
ମଣୁଷ ପୁରୁଣା ହେଲେ – ଅଦରକାରୀ ହୁଏ
ଘର ପୁରୁଣା ହେଲେ – ମରାମତି ହୁଏ
ଖାଦ୍ୟ ପୁରୁଣା ହେଲେ – ଫୋପଡା ଯାଏ
ଲୁହା ପୁରୁଣା ହେଲେ – କଳଙ୍କି ଲାଗେ
ଈଶ୍ୱର ତ ସବୁଠୁ ପୁରୁଣା
ଆମ ଚିନ୍ତା, ଆମ ଚେତନା
ଆମ ସଭ୍ୟତା, ଆମ ଚଳଣି
ଆମ ଲେଖନୀ, ଆମ କାହାଣୀ
ଆମ କଥା, ଆମ ବ୍ୟଥା
ଆମ ରୋଗ, ଆମ ଔଷଧ
ସବୁ ନୂଆ ହେଲାଣି
ଈଶ୍ୱର ତ ସବୁଠୁ ପୁରୁଣା
ତାଙ୍କୁ କଣ କରାଯାଇପାରେ
ଆସ ସମସ୍ତେ ଭାବିବା ॥

ଯାଜପୁର ଟାଉନ

# ତୁ



ଡଃ. କଶୋର ମହାନ୍ତି

ତୁ ନଥିଲେ
ଶବ୍ଦମାନେ ଧରା ଦିଅନ୍ତେ କପରି
ଶବ୍ଦର ସ୍ପର୍ଶ ରେ ତୁ ପାଲଟି ଯାଉ
ଏକ କବିତା.... !!!
ଓଠରେ ତୋର କଥା କଛି ଗୁଣୁଗୁଣେଇ ହେଲେ
ହେଇଯାଏ ରାଗ ମହ୍ଲାର ଅବା
ଗୋଣ୍ଡକରି ରାଗ...
ମୁଁ ଗଢେ ଗୋଟିଏ କବିତା...
ଶବ୍ଦର କୋଣାର୍କ !!!
ତୋ ପାଦ ପାଉଁଜି ରେ
ଉଠି ପଡେ ନଟୀ
ନାଚେ ବେଦମ ନାଚେ
ପଥର ରେ ଫୁଲ ଫୁଟେ
ଶବ୍ଦମାନଙ୍କ ଭିତରେ କକ ଅନ୍ତରଙ୍ଗ
ଅନୁରାଗ ସତେ ତୋ ପଞ୍ଚୁବନୀ ମନ
କରିଦିଏ କବିତାକୁ ନସର୍ଗ ସୁନ୍ଦରୀ
ତୁ ନଥିଲେ
କବିତା ନ ଥାନ୍ତା
ଭାବନାର ଶୀର୍ଷ ବିନ୍ଦୁରେ ତୁ ତୋ ଦେହରେ
ଖୋଜୁଥାଏ
ଶବ୍ଦର ମାଧୁର୍ଯ୍ୟ...କବିତାର ମିଠାମିଠା ବାସ୍ନା

କଟକ

# କେଶବତୀ କନ୍ୟା



ଆରତୀ ସାହୁ (ଆଶା)

"""""କାଉ ରଡ଼ିଲା ବେଲ ପଡ଼ିଲା """"

ଏକଥା ସମସ୍ତେ ଜାଣିଥିବେ । ଏହିପରି ଏକ ନଗ୍ରଟ  ସତ୍ୟ ଘଟଣା ।

ଧାନ ପେଣ୍ଡି, ଧାନ ଚଅଁର, ରୂପାର ଖଟୁଲି, ତମ୍ବା ଗଉଣି, ପିତ୍ତଳର ଚମ୍ ଚମ୍ ମାଣ, ତମ୍ବା ଟୋକେଇ, ଓଃ । ସେ ଧାନ ପେଣ୍ଡିର ଚଅଁର ପାଇଁ ଧଳା ଧାନ, କସମ କସମର ଧାନ ବେଣୀ, ରଘୁନାଥ ଭାଇ (ବିଲରେ ଜଗୁଆଳ) ତିଆରି କରିଥିବ । ସେ ତ ଆହୁରି କେତେ କଣ ତିଆରି କରୁଥିଲା ଲମ୍ବା ଘାସର କଣ୍ଟାଳଆ ଫୁଲ କେଣ୍ଡାରେ । ହାତୀ ଘୋଡ଼ା, ମଣିଷ, ଛୁଆ କରେଇ, ଛୁଆ ତାବା ଇତ୍ୟାଦି । ଅନନ୍ୟ ତାର ପ୍ରତିଭା । ଧନ୍ୟ ତାର ଧୈର୍ଯ୍ୟ ।

କେଶବତୀ କନ୍ୟା, ତାର ଟୋକେଇ ଆକାରର ଜୁଡ଼ା । ଟୁଷିନାନୀ, ଏତେ ଗହଳଆ ତାର କେଶ ଯେ ପାନଆ ଖୁବେ ନାହିଁ । ସପ୍ତାହରେ ଥରେ ତିନ ଗ୍ଯରିଜଣ ମିଶି ତାର କେଶ ବାନ୍ଧନ୍ତି । ଗହଳଆ ଯେମିତି ଲମ୍ବା ବି ତାଠୁ ଅଧିକ । ପାଞ୍ଚଫୁଟିଆ ଟୁଷିନାନୀର ସାଢ଼େ ପାଞ୍ଚଫୁଟ ଲମ୍ବ କେଶ । ଲମ୍ବା ପିଣ୍ଡାର ଏ ମୁଣ୍ଡରେ ସେ ବସିଥିବ ଯେ, ଜାନକୀ ଝି ତାର ବେଣୀ ବାନ୍ଧି ବାନ୍ଧି ସେ ମୁଣ୍ଡ ପର୍ଯ୍ୟନ୍ତ ଯିବ ।

ମୁଁ ଭାବେ, ଇଏ କଣ ରୂପ କାହାଣୀର ରପୁଞ୍ଜେଲ୍ । ଉପର ମହଲାରେ ରପୁଞ୍ଜେଲ୍ ଲମ୍ବେଇଦେବ ତାର ଲମ୍ବା ଚୁଟିକୁ ତଳକୁ, ରଜାପୁଅ ତାକୁ ଧରି ଧରି ଚଢ଼ିକ ଯିବ ତା ପାଖକୁ । ଦୁହିଁଙ୍କ ଗାନ୍ଧର୍ବ ବିବାହ ହେବ । ଚହଟିବ ତାଙ୍କର ପ୍ରେମ୍ର ପିରତୀ । ବଢ଼ିବ ରାତି, ଖୋଲା ଛାତରେ ଜହ୍ନ ତାରାଙ୍କ ସାକ୍ଷ୍ୟରେ ହେବ ତାଙ୍କର ଗୁପ୍ତ ମିଳନ ।

ତାର ଲମ୍ବା କେଶର ପୁଣି କେତେ କେତେ କାହାଣୀ ।

ଖରାଦିନ, ଖୋଲା ବାହାରେ ଖଟ ଉପରେ ଶୋଇଥିଲା ଟୁଷିନାନୀ । କେତେବେଳେ କୋଉ ଛଟକରେ ତାର ଟୋକେଇ ପରିକା ଜୁଡ଼ା ଭିତରେ ପଶି ଯାଇଛି ଢମଣାଟିଏ । ତାକୁ ମାଲୁମ ପଡ଼ିନ । ସକାଳୁ ଉଠିଲା ବେଳକୁ ମୁଣ୍ଡ ସଲସଲ । ଝଟକ କରି ସେ ଖୋଲିଦେଲା ତାର ଜୁଡ଼ା । ତଳେ ବିଞ୍ଚି ହେଇଗଲା ତାର କେରା କେରା ଚୁଟି । ସର୍ରର କନା ବାହାରି ପଳେଇଲା ଢମଣା । ଦେଖି ଶିହରି ଗଲା ସମସ୍ତଙ୍କ ସର୍ବାଙ୍ଗ । ତା ମାଆ ଗୋବରଡୁବା ମୁଣ୍ଡି ବାଢୁଣୀରେ ପହଁରି ଆଣିଲା ତାର ଦେହସାରା । ତାର ଜେଜୀ ଛେପ ଥୁ ଥୁ କରି ତିନ୍ତେଇଦେଲା ତାକୁ ।

ଆଉଥରେ ସେମିତି ଖଟରୁ ଓହଳ ପଡ଼ି ଥିଲା ତାର କଳାଗୁମର କେଶ । ଚୁଟିଆ ମୂଷା ଟୁଉକ୍ କନା ଟିକେ କାଟିନେଇ ପୁରେଇ ଦେଲା ଅମାରରେ ଖୋଳଥିବା ତାର ଗାତରେ ତା ଛୁଆଙ୍କୁ ଉଷୁମେଇବ ବୋଲି ।

ଥରେ ବାଘନଖୀ କଣ୍ଟାଫଳକୁ ମୋ ସାଙ୍ଗ ଦିପୁନ୍ ମେଞ୍ଚା କରି ମୋ ଆଡ଼କୁ ଫୋପାଡୁଥିଲା, ମୁଁ ଲୁଚଗଲି ଟୁଷିନାନୀ ପାଖରେ । କଣ୍ଟା ଆସି ଲାଗିଲା ତାର ପଖାଳଥିବା ଖୋଲା ଚୁଟିରେ। ଛନ୍ଦି ହେଇଗଲା ମେଞ୍ଚେ ଚୁଟି । କାନ୍ଦି ପକାଇଲା ନାନୀ । କାନ୍ଦି ପକାଇଲି ମୁଁ, କାନ୍ଦିଲା ବି ଦିପୁନ୍ ମାଡ଼ ଭୟରେ । ରସିପରି ଲମ୍ବା ମେଞ୍ଚେ ଚୁଟି କାଟିବାକୁ ପଡ଼ିଲା । ଟୁଷିନାନୀ କିନ୍ତୁ ଦିପୁନ୍ ନାମ ନେଲା ନାହିଁ ।

ସାଇରେ ଟୁଷି ନାନୀ, ବନୁ ନାନୀ ବହୁତ ସାଂଗ, ସମ ବୟସୀ ।

ହେଲେ ବନୁ ନାନୀ ର ହିଂସା ଭିତରେ ଭିତରେ, କାହିଁକି ଟୁଷି ନାନୀ ର ଏତେ ଗହଳା ଲଂବା ଚୁଳ, ସେଥିପାଇଁ ସବୁବେଳେ ତାକୁ ଲକ୍ଷ୍ମୀ ପୁରାଣ ପଢିବାକୁ ଡକା ହୁଏ ।

ଆମର ବାଡ଼ି ପିଣ୍ଡାରେ ମୋର ମାଆ, ଖୁଡ଼ୀ, ଆଖପାଖର, ଖୁଡ଼ୀ, ଦେଠେଇ ମାଉସୀ ପିଇସୀ ସବୁ ଗୋଲ ଘେରରେ ବସିଥିବେ । ମଝିରେ ଲକ୍ଷ୍ମୀ ଠାକୁରାଣୀ ପରି ଝୁଲି ଝୁଲି ଲକ୍ଷ୍ମୀ ପୁରାଣ ଗାଉଥିବ ଟୁଷିନାନୀ । ଲହରେଇ ଯାଉଥିବ ତାର ଚୁଟି । ବାଡ଼ି ଆଡ଼କୁ ଥିବା ପାଚେରୀ ସେପାଖେ ଆମ୍ବଡ଼ା ଗଛରେ ଚଢ଼ି ନ ଦେଖିଲା ପରି ଦେଖୁଥିବେ ପଣ୍ଡାଘର ମନୋଜ ଭାଇ । ମଝିରେ ମଝିରେ ଟୁଷିନାନୀର ମୀନ ପରି ଟଣା ଟଣା କଜ୍ଜଳଗାରିଆ ସଲ୍ଲଜ ଆଖି ଉଠି ଯାଉଥିବ ଆମ୍ବଡ଼ା ଗଛ ଡାଳକୁ । ଘୁରି ଆଖିର ମିଳନ ସମସ୍ତଙ୍କ ନଜରକୁ ଫାଙ୍କି ଦେଇ ।

ବନୁ ନାନୀ ଜଳୁଥିବ ମନେ ମନେ, ନଜର ମୂଷା ଲାଙ୍ଗୁଡ଼ିଆ କହର୍ ଚୁଟିକୁ ଝୁଣି ପକାଉଥିବ । ହେଲେ ଉପାୟ ନାହିଁ ।

ସୁଯୋଗ ଆସିଲା, ଦିନେ ଟୁଷୀ ନାନୀ, କହିଲା ଆଲୋ ବନୁ, ମୋ ଚୁଳ ଗୁଡା ଟିକେ ସାଇଜ କରି ଦେଲୁ । ତଳୁ ଦୋମୁହାଁ ହେଇଗଲାଣି ।

ବନୁ ନାନୀ ଖୁସି, ମିଳଛି ଆଜି ସୁଯୋଗ ।

କଇଁଚ ଆଣି କଚ୍ କଚ୍ କରି ସାଇଜ୍ କରୁ କରୁ ସିଧା, ତର ତର ହୋଇ ଅଢେଇ ଫୁଟ ଖଂଡେ ଅବାଗିଆ କରି କାଟି ଦେଲା,

ଏହା ପରେ ମାଡ ମର୍‌ମରି, ଚୁଟି ଝୁଣାଝୁଣି, କନ୍ଦାକଟା, ବିଗ୍ଭର ପାଇଁ ବଡ ଦାଦାଙ୍କ ପାଖରେ ଫେର୍‌ଦ।

ଆମେ ବହୁତ ସାନ, କୋଳଶିଆଳ ପରି ଦେଖୁଥାଉ କଣ ବିଗ୍ଭର ହେଉଛି।

ଶେଷରେ ବନୁ ନାନୀ ଦୋଷୀ, ବେତ ର ବଂକୁଲି ବାଡି, ଗର୍ଜନ, ବନୁ ନାନୀ ପିଠିରେ, ମରି ଗଲି, ମରି ଗଲି, ଚକ୍ରାର ବନୁ ନାନୀ ର।

ମାଇପି ମାନେ ସବୁ ଭୟରେ କବାଟ କୋଣରୁ ଜୁଳୁଜୁଳୁ ଅନେଇ ଥାଆନ୍ତି । ସମସ୍ତେ ଭୟ କରନ୍ତି ବଡ଼ଦାଦାଙ୍କୁ ।

ଖୁବ୍ ତାଳ ମାରି ଆମେ ବଗୁଲିଆ ପିଲା ମାନେ ସବୁ ଚଡାଇଲୁ ବନୁ ନାନୀକୁ ।

- ଏ ବନୁନାନୀ, ବନୁନାନୀ ଗୋ, ହେ ହେ, ମରି ଗଲି, ମରି ଗଲି । ଆଉ କାଟିବୁ ନା ତାର ଚୁଟି ?

ସେ ଆମକୁ ବଜାରୀ, ଛତର୍ ଟୋକା କହି ମାରିବାକୁ ଧାଏଁ, ହେଲେ ପାରେନା। ଅବଶ୍ୟ ଟୁଷିନାନୀର ଚୁଟି ବଢ଼ି ପୁଣି ଭୂଇଁରେ ଲୋଟିବାକୁ ସମୟ ନଏନା । ମାସ ଛଅଟାରେ ପୁଣି ବଢ଼ି ଯାଏ ।

କନ୍ତୁ କେହି କେହି ପୁରୁଖା ଟପ୍ -କହି ବୁଢ଼ୀ କହୁଥିଲେ, ଏତେ ଲମ୍ବା ଚୁଟି ଶୁଭଙ୍କର ନୁହେଁ । ଚୁଟି ଲମ୍ବି ଜଙ୍ଘକୁ ଛୁଇଁଲେ ଅଶୁଭ ପରା । ଟୁଷିନାନୀର କାନରେ ସେସବୁ ବାଜୁଥିଲା କି ନାହିଁ କେଜାଣି ।

ଛୁଆବେଳ ଗଲା, ଭୁଲି ହେଇଗଲା ରୂପ କାହାଣୀ, ରଜାପୁଅ, ଘୋଡ଼ା ଗୁହାଣୀ । ବାସ୍ତବତାର ଧରାତଳରେ ବର୍ତ୍ତମାନ ଚନ୍ଦ ଏଇଆ ।

ଟୁଷୀ ନାନୀର ସ୍ୱାମୀ driver ଥିଲେ, IG ନୃସିଂହ ସୋଇଁ କଂର । ବନୁ ନାନୀର ପତି ଯୁଗଳ ଭାଇନା, state bank ରେ କାମ କରୁଥିଲେ । ବନୁନାନୀ ଖାଇପିଇ ମୋଟୀ ହେଲା ।

ମନୋଜ ଭାଇ ଦିଲ୍ଲୀ ୟୁନିଭର୍ସିଟିରେ ପ୍ରଫେସର । ତାଙ୍କର ସୁଖି ସଂସାର କଲିଗ୍ ସଞ୍ଜନା ଗୁପ୍ତା ସହିତ । ଟୁଷିନାନୀ ତାଙ୍କର ମନରେ ଅଛି କି ନାହିଁ କିଏ ଜାଣିବ ।

ଲକ୍ଷ୍ମୀ ପରି ଲମ୍ବା ଚୁଳବାଲି ଟୁଷୀ ନାନୀ ବି ଏଡ଼ କରି ମାଷ୍ଟରାଣୀ ହେଲା । ତା ସ୍ୱାମୀ ମଦ ପିଇ ପିଇ ଲିଭର୍ ଖରାପ ହେଇ ମଲା । ଛୁଆଟାଏ ପେଟରେ ଥିଲା ଯେ ସେ ବି ମୃତ ଜନ୍ମ ହେଲା ।

ଥରେ ଯାଇଥିଲି ଗାଁ କୁ, ଦେଖିଲି ବସରୁ ଓହ୍ଲେଇଲା ଟୁଷୀ ନାନୀ, ତିରତୋଲ ରେ, ହାତରେ ଭାରି ବେଗ୍ ।

ବାପ ଘରକୁ ଆସିଛି ପରା?

ଧଳା ଶାଢ଼ୀ ପିଂଧିଛି ଟୁଷୀ ନାନୀ । ମନ କଣ ହେଇଗଲା । ମନେ ପଡ଼ି ଗଲା ଗାଁ ଦାଣ୍ଡରେ ଧାଉଁଥିବା ଟୁଷିନାନୀ ଆଉ ବନୁନାନୀ । ପୁଚ ଖେଳୁଖେଳୁ ଖୋଲି ଯାଉଥିବା ଟୁଷିନାନୀର ଜୁଡ଼ା ।

ମୋ କାର ତା ପାଖରେ ଅଟକାଇ ରଖି କହିଲି, - ବସ କାରରେ । ମୁଁ ବି ଯାଉଛି ତିରତୋଲ୍ ।

ଦୁଇପାଦ ପଛେଇ ଯାଇ ପଚାରିଲା,- ସାର୍, ତମେ କିଏ?

ସଂକୁଚତ ହେଉଥିଲ୍ **front seat** ରେ ବସିବାକୁ ଗୋଟେ ଅଜଣା ପୁରୁଷ ସହ। ପରିଚୟ ପାଇ କୁଣ୍ଢେଇ ପକାଇଲ୍ ।

- ସପନ୍, ତୁ କରେ **?** କେତେ ଦିନ ପରେ ଦେଖୁଛି ତୋତେ ରେ ଭାଇ ।

ବନୁ ନାନୀ କେଉଁଠି କଟକରେ ରହିବାର ଖବର ପାଇଛି। ଫଳପୁଷ୍ପ ଭାର୍ରେ ପତିପୁନ୍ର ଧରି ସୁଖି ସଂସାର କରୁଛି ବନୁନାନୀ ।

ଆଉ ଏପଟେ କେଶବତୀ କନ୍ୟା, ସନ୍ତାନ ବିହୀନା, ସଂସାରବିହୀନା ଟୁଷିନାନୀ ଟାଣୁଛି ଜୀବନକୁ ଲକ୍ଷ୍ୟ ହୀନ ଭାବେ ପାରୁ ପର୍ଯ୍ୟନ୍ତ କେବଳ ମରି ପାରୁନ ବୋଲି ସିନା ।

""""ଭାଗ୍ୟ ଫଳତି ସର୍ବତ୍ର, ନ ବିଦ୍ୟା ନଃ ଚଃ ପୌରୁଷାତ୍ ।"""

ସତରେ କ **?** ନା ସେଟା ପ୍ରାରବ୍ଧ **??????**

ବସନ୍ତ ବିହାର, ନୂଆ ଦିଲ୍ଲୀ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।

ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# କବିତା ଓ ମୁଁ



ଶେଷଦେବ ପଣ୍ଡା

କବିତା ମୋର ପ୍ରାଣର ପ୍ରାଣ, ଶରୀରର ଛାଇ, ହାତର ଢାଲ,
ବକ୍ଷର ସାଞ୍ଜୁ, ଶିରର ଶିରସ୍ତ୍ରାଣ,
କବିତା ଲେଖିଲେ ଇ ମେଣ୍ଟିଯାଏ
ପ୍ରାଣର ଭୋକ, ଦେହର ଶୋଷ,
ସମର୍ପିତ ସର୍ବାଙ୍ଗ ମୋ କବିତା ମଣ୍ଡପରେ ଶୁଦ୍ଧାନ୍ତକରଣେ, କବିତା-
ମନସ୍କ ମୋର ସମଗ୍ର ସମୟ ।।

ବିତା ଦୂର କରେ ମୋର ତମାମ ନିଃସଙ୍ଗତା,
କବିତା ପରମ ଆତ୍ମୀୟା ମୋର ସକଳ ମୁହୂର୍ତ୍ତର,
ନୂତନ କବିତାର କୁଆଁରବ ଶୁଣିଲେ
ଉଚ୍ଛାଟିତ ହୁଏ ଦେହମନ ସକଳ ପର୍ବଣ ଅସମାପ୍ତ ହରଷରେ ।।

ଅନ୍ତରର କଥା ଯେତେ ବ୍ୟଥା ଯେତେ କହିପାରେ କବିତାରେ,
ସ୍ବପ୍ନ ଦେଖେ କବିତାରେ ମୁହିଁ,
ନିଜ ପାଇଁ,ଦେଶ ପାଇଁ,ମାନବ ସମାଜର ଉତ୍ତରଣ ପାଇଁ ,
କବିତା ନାଆରେ ବସି ଦୁଃଖର ସାଗର ପାରି ହୁଏ, କବିତା ଚହ୍ଲାଏ
ମୋତେ ଅଜଣା ମୂଲକରେ ।।

କେହି ଯଦି ମୋତେ ଆବେଗ ଚଞ୍ଚଳ କରେ ସିଏ ତ କବିତା,
ମୋତେ କ୍ଷତାକ୍ତ-ଉତଫୁଲ୍ଲିତ କରେ ଏ  କବିତା,
ସେ ଛୁଇଁଲ୍ କ୍ଷଣି ଶବ୍ଦ

ମାନେ ଶିଡି ବାନ୍ଧନ୍ତି ଅଜଣା ଗ୍ରହକୁ,
ଦିଗବିଜୟ ଆରମ୍ଭ ହୁଏ ମୋ କଲମର, ମୋ ଚନ୍ତା ଓ ଚେତନାର ।।

ଏଇ କବିତା ତ ମୋତେ ନକାଞ୍ଚନ ଦ୍ୱୀପର ନାୟକ କରିଛି,
ତା' ବିନା ପ୍ରଖର ଶୂନ୍ୟତା, ଚରମ ବିବଶତାରେ ଜୁଡୁବୁଡୁ ମୁଁ ,
କବିତାକୁ ସବାର କରି ମୁଁ ପ୍ରେମ କରେ, ସଭ୍ୟକୁ ଯାଏ,
ମଶାଣିକୁ ବି ଯିବି ଅଦୃଷ୍ଟର ଇଙ୍ଗିତ ଆସିଲେ ।।

"ସୃଷ୍ଟିନୀଡ"
ମୁଦଲସର, ପାଟଣାଗଡ
ବଲାଙ୍ଗିର

ବେଦାନ୍ତୀ ର ଆଗାମୀ ସଂସ୍କରଣରେ ସ୍ଥାନ ପାଇବା ପାଇଁ ଲେଖା ପଠାନ୍ତୁ । ଲେଖା ପଠାଇବାର ଶେଷ ତାରିଖ ହେଉଛି ୧୦/୦୧/୨୦୨୧ । ଗଳ୍ପ, ଅଣୁଗଳ୍ପ, ପ୍ରବନ୍ଧ, ରମ୍ୟ ରଚନା ଏବଂ ଓଡିଶା ସଂସ୍କୃତି ଓ ପର୍ଯ୍ୟଟନ ଉପରେ ଲେଖା ପଠାଇବାକୁ ଅନୁରୋଧ । ଲେଖା ପଠାଇବାର ଠିକଣା:

editor.vedantimagazine@gmail.com /
vedantimagazine@gmail.com

# ଅନ୍ତଃହୀନ ଅନ୍ୱେଷଣ



ବିନୟ ଭୂଷଣ ପାଣିଗ୍ରାହୀ (ମିଟୁ)

ଏଇଠି ଆମ ଗହଣରେ
ଉପରକୁ ଠିକ୍ ଆମ ପରି ବଂଚୁଥିବା
ଏମିତି କାହିଁ କେତେଲୋକ
ଖୋଜୁଥାନ୍ତି ଅନବରତ
ଅବ୍ୟକ୍ତ ଅନେକ ପ୍ରଶ୍ନର ଉତ୍ତର
ନୀରବରେ ନ ଜଣାଇ ନିଜେବି ନିଜକୁ ।
ଆମ ଏଇ ଦୁନିଆ ଭିତରେ
ମହୁମାଛି ଫେଣା ପରି
ସେମାନଙ୍କ ନିଜ ଦୁନିଆରେ
ନିର୍ବିକାରେ ଭୋଗନ୍ତି ସେମାନେ
ନିଜନିଜ ଭାଗର ଦୁଃଖକୁ
ପଥୁରିଆ ଛାତିରେ ଜଡାଇ ।

କେହିକେହି ଖୋଜୁଥାନ୍ତି
ସହରର ସେହି ସ୍ଥାନ ସବୁ
ପ୍ରଥମେ ଯେଉଁଠୁ
ଦୁନିଆକୁ ଶୁଭିଥିଲା
ସେମାନଙ୍କ କୁଆଁକୁଆଁ ଶବ୍ଦ
ଗଲାଆଇଲା ଲୋକେ
ଘୃଣାରେ ଟେକଥିଲେ ନାକ
ପାପର ସନ୍ତକ କହି ।

ଆଉ କିଛି ଖୋଜୁଥାନ୍ତି  ଏମିତି କିଛି
ଯାହା ଆଦୌ ଖୋଜିବା ଜରୁରୀ ନୁହେଁ
ତମ ଆମପରି ଅନେକଙ୍କ ପାଇଁ
ଅଥଚ,
ସବୁଠୁଁ ଜରୁରୀ ସେମାନଙ୍କ ପାଇଁ;
କଏ ସେହି ମହାନ ପୁରୁଷଗଣ
ଯୋଉମାନେ ଅନ୍ଧାରରେ ଶୁକ୍ର ଫିଙ୍ଗିଦେଇ
ବିସ୍ମରି ଯାଇଛନ୍ତି
ସେସବୁ ଭ୍ରୁଣର ଭୁତ ଭବିଷ୍ୟତ
ଆଉ, ସେହି ମହିୟସୀ ମା'ମାନେ,
ଯେଉଁମାନେ ଦୁନିଆର ଆଖି ଆଢୁଆଳେ
ପାଳଥା'ନ୍ତି ସାତ-ଆଠ ମାସ,
କେବେକେବେ ପୁରା ନଅ ମାସ
ସ୍ୱଗର୍ଭରେ ନାଗୁରପଣରେ
ଜନ୍ମ ମଧ୍ୟ ଦେଇଥାନ୍ତି ବାଧ୍ୟହେଇ
ମୁକ୍ତି ଲଭିବାପାଇଁ
ଭାଲୁପରି ଜାବୁଡ଼ି ଧରିଥିବା
କ୍ଷଣିକ ସୁଖରୁ ପ୍ରାପ୍ତ ପାପ କବଳରୁ।
ମା'କଇଁଛ ଅଣ୍ଡା ଦେବା ପରେ
ଥରୁଟିଏ ପଛକୁ ନ ଚାହିଁ
ଗଭୀର ସମୁଦ୍ରରେ ହଜିଗଲା ପରି
ହଜେଇ ଦେଇଥାନ୍ତି ନିଜକୁ ସେମାନେ
ଏକାପରି ଦିଶୁଥିବା ନାରୀ ସମାଜରେ।
ସେମାନେବି ଭୁଲି ଯାଇଥାନ୍ତି;
ଏମିତିବି କେହି ଥିବେ ଦୁନିଆ ଭିତରେ
ଯେଉଁମାନେ ଖୋଜୁଥିବେ ତାଙ୍କୁ
ମା'ବୋଲି ଡାକିବାକୁ ଥରେ,

ଥରୁଟିଏ ଲଭିବାକୁ ହାତର ପରଶ,
ଛୁଇଁବାକୁ ଦି'ହାତରେ
ନଦାରୁଣ ସେ ଛାତିର ସ୍ୱର୍ଗକୁ
ଯାହା କେବେ ହୋଇଥିଲା
ପାଷାଣଠୁ ଅଧିକ କଷ୍ଟୁର,
ନର୍ବାସିତ କରିଥିଲା ତାଙ୍କୁ
ସ୍ୱାଭିବିକ ଜନ୍ମରୁ,
ନ୍ୟାଯ୍ୟ ସ୍ନେହମମତାରୁ,
ସ୍ମୃ ତି,ସ୍ୱପ୍ନରୁ,ସମଗ୍ର ସୃଷ୍ଟିରୁ
ଦୁନଆ ଆଖିର ନର୍କକୁ।।
ନରନ୍ତର ପ୍ରକ୍ରୀୟାଟେ ପରି
ତାଙ୍କର ଏ ଖୋଜିବା ସରେନା
ସରିଯାଏ ଜୀବଦଶା,
ଉତ୍ତର ମିଳବା ତ ଦୂର
ପ୍ରଶ୍ନ ସବୁ ଛନ୍ଦିହେଇ ଲମ୍ବି ଯାଉଥାନ୍ତି
ପିଢିରୁ ପିଢିକୁ ।।।।।।।।।

ହରସିଂହ ପୁର, ପୀରହାଟ ବଜାର
ଭଦ୍ରକ, ଓଡିଶା-୭୫୬୧୩୧

“ବେଦାନ୍ତୀ” ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଦରମା ବୃଦ୍ଧି ଫେରସ୍ତ



ଶଶଧର ମହାପାତ୍ର

ଯେଉଁଦିନ "ମାଇକଲ ଉଇଲିୟମସ୍' ନାଁ ସବୁ ଖବରକାଗଜରେ ଛପା ହେଲା ଓ ସବୁ ଟିଭି ଚ୍ୟାନେଲରେ ପ୍ରଚାରିତ ହେଲା ସେତେବେଳେ ସମସ୍ତେ ଜାଣିବାକୁ ଚାହିଁଲେ ଯେ ଏ "ମାଇକଲ ଉଇଲିୟମସ୍' ଜଣକ କିଏ ?

ତାଙ୍କ ନାଁ ରେ ୫୫ କାଉଣ୍ଟ "ଚାଇଲ୍ଡ ଆବ୍ୟୁଜ' କେସ୍ ଥି ୧୯୯୫ ରୁ ୨୦୧୦ ମସିହା ପର୍ଯ୍ୟନ୍ତ ଓ ସେଥିରୁ କୋର୍ଟ ତାଙ୍କୁ ୪୨ କେସ୍‌ର କନଭିକ୍ଟ କଲା । ସେଥିପାଇଁ ଜୁନ୍ ୨୨, ୨୦୧୭ କୋର୍ଟ ଶୁଣାଣିରେ ତାଙ୍କୁ ଅତିକମ ରେ ୩୦ ବର୍ଷ ଓ ଅତି ବେଶୀରେ ୭୦ ବର୍ଷ ଜେଲ୍ ଦଣ୍ଡର ଦଣ୍ଡିତ କରାଗଲା । "ମାଇକଲ' ଥି "ପେନ୍ ଷ୍ଟେଟ ୟୁନିଭରସିଟି' ର ଫୁଟବଲ ଟିମ୍‌ର "ହେଡ କୋଚ୍ । "ଚାଇଲ୍ଡ ମଲେଷ୍ଟେସନ' ସେ' ଏତେ ବର୍ଷ ଧରି କରି ଆସୁଥିଲେ ସୁଦ୍ଧା କେମିତି ଏଯାଏ ସେ' କଥା ଲୋକ ଲୋଚନକୁ ଆସିପାରୁ ନଥିଲା, ତାହା ସମସ୍ତ ଜନସାଧାରଣଙ୍କୁ ବିଚଳିତ କରିଥିଲା । ମୂଳ କଥା ହେଲା "ମାଇକଲ' ର ସଂପର୍କ ୟୁନିଭରସିଟି ର ପ୍ରେସିଡେଣ୍ଟ, ଭାଇସ୍ ପ୍ରେସିଡେଣ୍ଟ ଓ ଆଥେଲେଟିକ୍ ଡିରେକ୍ଟର ସଙ୍ଗେ ବହୁତ ଘନିଷ୍ଠ ଥିଲା । ୟୁନିଭରସିଟିର ବଦନାମ ହେଇଯିବ ବୋଲି ସେମାନେ "ମାଇକେଲ'କୁ ବଡ ଭାଇ ଭଳି ଘଣ୍ଟ ଘୋଡେଇ ରଖୁଥିଲେ । ସତ କଥା କେତେ ଦିନ ଲୁଚି ରହିବ ? ଦିନେ ନା ଦିନେ ତ ପ୍ରକଟିତ ହେବ ? ସେଇଆ ହିଁ ହେଲା । ଅନେକ ଦିନର ଧୂଆଁ କୁହୁଳିକୁହୁଳି ଦିନେ ଏକ ବଡ ନିଆଁରେ ରୂପ ନେଲା ଥି କେବଳ ଆମେରିକା ନୁହେଁ ସାରା ଦୁନିଆ ଲୋକେ ଛୁଆଠୁଁ ବଡ ସମସ୍ତେ ଜାଣିଲେ । ଏ' ଇନ୍‌ଭେଷ୍ଟିଗେସନର ଦାୟିତ୍ୱ ଦିଆ ଯାଇଥିଲା ଜଣେ ରିଟାୟର୍ଡ "ଏଫ୍ . ବି. ଆଇ.' ଡିରେକ୍ଟରଙ୍କୁ ଓ ଶେଷ ହେବାକୁ ବହୁତ ବର୍ଷ ପଯ୍ୟର୍ନ୍ତ ଲାଗିଥିଲା ।

କଲେଜ ଫୁଟବଲପାଇଁ "ପେନ୍ ଷ୍ଟେଟ ୟୁନିଭରସିଟି' ଆମେରିକା ଦେଶରେ ବେଶ୍ ପରିଚିତ। ସେମାନଙ୍କର ଟିମ୍ ନାଁ ହେଉଛି "ଲାୟନସ୍' । କଲେଜ ଫୁଟବଲ ପ୍ରତିଯୋଗୀତାରେ ସେମାନେ ସବୁଠୁଁ ବେଶୀ ଥର "ନ୍ୟାସନାଲ କଲେଜିଏଟ ଆଥ୍ଲେଟିକ ଆସୋସିଏସନ (ଏନ୍.ସି.ଏ.ଏ.)" ଚ୍ୟାମ୍ପିଅନ ହେଇଛନ୍ତି । ଆମ ଦେଶ ଭାରତରେ ଆମେ ଯାହାକୁ ଫୁଟବଲ କହୁ, ଆମେରିକାରେ ତାହାକୁ 'ସକର' କୁହନ୍ତି । ତାଙ୍କର ଯାହାକୁ ଫୁଟବଲ କହନ୍ତି, ତାହା ଏକ ଫୁଟ ଲମ୍ବା ହେଇଥିବାରୁ ସେ' ଗେମ୍ସ ନାଁ ଆମେରିକାନ ଫୁଟବଲ । ସେ' ଫୁଟବଲଟି ଦେଖିବାକୁଗଲେ "ଏଲିପ୍ଟିକାଲ', ତେଣୁ ଫୋପାଡିବା ଓ ଧରିବା ସେତେ ସହଜ ନୁହେଁ । "ପେନ୍ ଷ୍ଟେଟକୁ ଭଲଭଲ ଖେଳାଳି ଛାତ୍ର ଆସନ୍ତି ଯେଉଁମାନଙ୍କର ଫୁଟବଲକୁ କାରିଅର କରିବାକୁ ଲକ୍ଷ୍ୟ ଥାଏ, କାରଣ ସେମାନଙ୍କର ଭଲ ନାଁ ଓ ଖ୍ୟାତି ପାଇଁ । ଅତି ଟ୍ୟାଲେଣ୍ଟେଡ୍ ହେଇନଥିଲେ ସିଲେକ୍ସନ୍ ରେ ପାଇବା ସେମାନଙ୍କପାଇଁ କଷ୍ଟକର ହେଇଥାଏ । ପୁଣି ଷ୍ଟେଟସ୍ ସ୍କଲାରସିପ୍ ପାଇବା ସେମାନଙ୍କପାଇଁ ବଡ ଚ୍ୟାଲେଞ୍ଜ। ଏଠୁ ଭଲ ଖେଳାଳି ହେଇ ବାହାରିଲେ ସେମାନଙ୍କୁ ପ୍ରଫେସନାଲ କୌଣସି ଏକ "ନ୍ୟାସନାଲ ଫୁଟବଲ ଲିଗ୍ (ଏନ୍.ଏଫ୍.ଏଲ.)" ଟିମ୍ ରେ ଖେଳିବାର ସୁଯୋଗ ମିଳିଯାଏ ଏବଂ ମିଲିୟନସ୍ ଅଫ୍ ଡଲାର କମେଇବାର ସୁଯୋଗ ମିଳେ ।

ହେଡ କୋଚ "ମାଇକଲ ଉଇଲିୟମସ୍' ସସ୍ପେଣ୍ଡ' ହେବାରୁ ଆସିଷ୍ଟାଣ୍ଟ କୋଚ "ଏରନ ବ୍ରାଉନ' ଗୁର୍ଜରେ ରହିଲେ । ସେ' ଆଥେଲେଟିକ୍ ଡିରେକ୍ଟର "ଅଲିଭର ଜୋନ୍ସ୍" ଙ୍କୁ ରିପୋର୍ଟ କରେ । ଦିହିଁଙ୍କ ଭିତରେ ଖୁବ୍ ବିଶ୍ୱାସ ଜନ୍ମି ଯାଇଥିଲା । ଏହାର କାରଣ ହେଇପାରେ ଯେ "ଏରନ' ଜଣେ ସାଧା ସିଧା ଲୋକ, କଠିନ ପରିଶ୍ରମୀ, ବିଶ୍ୱାସୀ ମଣିଷ । ସବୁଠାରୁ ଭଲ ଗୁଣ ହେଉଛି ତାଙ୍କ ନାଁ ରେ କୌଣସି ସ୍କାଣ୍ଡାଲ ନଥିଲା । "ଏରନ' ର ଏକ ଛୋଟ ପରିବାର । ଘରେ ତା'ର ସ୍ତ୍ରୀ, ଦୁଇଟି ପିଲା । "ଏରନ'କୁ ୫୦ ବର୍ଷ ଓ ତା' ସ୍ତ୍ରୀ' କୁ ୪୫ ବର୍ଷ । "ଏରନ'ର ସ୍ତ୍ରୀ ନାଁ ହେଉଛି "ଜେମି' । ସେ' ଜଣେ ପକ୍କା ଗୃହିଣୀ । ପୁଅଟିଏ ୧୭ ବର୍ଷର, ନାଁ ହେଉଛି "ଜେସନ' ଓ ଝିଅଟିଏ ୧୪ ବର୍ଷର, ନାଁ ହେଚୁଛି "ଶେରୀ' । "ଏରନ' ଯେତିକି ଦରମା ଟଙ୍କା ଘରକୁ ଆଣେ ସେ' ସବୁ ତା' ସ୍ତ୍ରୀକୁ ଧରେଇ ଦିଏ। ତା' ସ୍ତ୍ରୀ ତାକୁ ସେଥିରୁ ପ୍ରତି ମାସ ଯାହା ହାତ ଖର୍ଚ୍ଚ କଛି ଦିଏ । ଘରେ ଯେହେତୁ ଦୁଇଟି ଟିନେଜର, ସେମାନଙ୍କର ବେଶୀ ଡିମାଣ୍ଡ । ସେ' ଯାହାହେଉ, ଘରଟି ଯେନତେନ ଚଳିଯାଏ । ବେଳେବେଳେ ବଜେଟ ନିଅଣ୍ଟ ହୁଏ ପଛେ ବଳକା ହେବାର ପ୍ରଶ୍ନ ନାହିଁ ।

ଦିନେ "ଜେମି" ମୁଣ୍ଡର ବିଛା ପଶିଲା । ତା'ର ପିରିୟର୍ଡ ନ ହେବାରୁ ସେ' ଚନ୍ତାରେ ପଡିଲା। ସେ' ଭାବିଲା ଯେ ସେ' ବୋଧହୁଏ କନ୍‌ସିଭ୍ କରିଛି ଓ ତାଙ୍କର ତୃତୀୟ ପିଲାଟିଏ ହେବାକୁ ଯାଉଛି। ଏ' କଥା ସେ' "ଏରନ"କୁ ଏପ୍ରିଲ୍ ମାସ ପହିଲା ଦିନ ଜଣେଇଲା । "ଏରନ" ସେ' କଥା ଶୁଣି ପ୍ରଥମେ ବିଶ୍ୱାସ କଲାନାହିଁ । ଦିହେଁ ସବୁ ପ୍ରକାର ପ୍ରିଭେନଷ୍ଟିଭ ଆକ୍ସନ ନେଉଥିଲେ । ଏହା କେମିତି ସମ୍ଭବ ହୋଇପାରେ ? ସେ' କଳ୍ପନାରେ ଏ' କଥା ଭାବି ପାରୁନଥିଲା । ସେ' ହସିହସି ବେଦମ ହେଇଗଲା । "ଏମି" ଏପ୍ରିଲ ଫୁଲ୍ କରୁଛି କ ? କନ୍ତୁ, "ଏମି" ମିଛ ନକହି ସତ କହୁଛି ବୋଲି କହିଲା ଓ "ଏରନ" ହସିବାର ଦେଖି ସେ' ରାଗିଗଲା । ସେ' ଭାବୁଥିଲା ସେ' ସିରିୟସ ହୋଇ କଥାବର୍ତ୍ତା କଲାବେଳେ ତା' ସ୍ୱାମୀ ହାଲ୍‌କାରେ କଥାଟିକୁ ନେଇ ଯାଉଛି । ଘରେ ଦୁଇଟି ପିଲା । କେଡେ ବଡବଡ ହେଇଗଲେଣି । ସେମାନେ ଶୁଣିଲେ କ'ଣ ଭାବିବେ ? ସାହି ପଡିଶା, ସାଙ୍ଗ ସାଥୀ, "ଏରନ" "ଏମି" ଘରେ ଯିଏ ଶୁଣିବ ସେ' ବି ଥଟ୍ଟା, ପରିହାସ କରିବେ । ଏ' କଥା ତ ବେଶୀ ଦିନ କାହାକୁ ଲୁଚେଇ ହେବନାହିଁ । କାହାକୁ ଏ' ଖବର ଜଣେଇବା ଆଗରୁ ଟିକଏ ପ୍ରେଗନାନ୍‌ସି ଟେଷ୍ଟ କରି କନଫର୍ମ କରିଦେବା କଥା । "ସି.ଭି.ଏସ୍." ଫାର୍ମାସି ଷ୍ଟୋରମାନଙ୍କରେ କାଉଣ୍ଟରରେ ମିଳୁଥିବା "ଓ୍ୱାନ୍ ଷ୍ଟେପ ପ୍ରେଗନାନ୍‌ସି ଟେଷ୍ଟ କଟ୍" କଣି ଆଣି "ଏମି" ତା'ର ପରିସ୍ରା ଦ୍ୱାରା ଟେଷ୍ଟ କଲାରୁ ପଜେଟିଭ୍ ରେଜଲ୍‌ଟ ଆସିଲା । ଏ' ଟେଷ୍ଟ ଦୁଇ ମିନଟ୍ ଲାଗେ ଜାଣିଯିବାକୁ ଜଣେ ପ୍ରେଗନାଣ୍ଟ ଅଛ କ ନାହିଁ । ସେ' ପ୍ରାୟ ନଶ୍ଚିତ ହେଇଗଲା ଯେ ସେ' ପ୍ରେଗନାଣ୍ଟ ଅଛି ବୋଲି । ତଥାପି ମନରେ କେଉଁ କୋଣରେ ଟିକଏ ଅବିଶ୍ୱାସ ଭରି ରହିଥିଲା । ସେ' ତା' ପ୍ରାଇମେରି କେୟାର ଡାକ୍ତର "ଏଲିଜାବେଥ୍ ଥୋମାସ" ଙ୍କ ସହ ଆପଏଣ୍ଟମେଣ୍ଟ କରି ପୁଣି ଥରେ ଚେକ୍ କରିବାକୁ ଗଲା । "ଡଃ ଥୋମାସ" ଜେମିର ରକ୍ତ ପରୀକ୍ଷା କରି ଜଣେଇ ଦେଲେ ଯେ ସେ' ସତରେ ପ୍ରେଗନାଣ୍ଟ ଅଛି ଓ ସେ' ଏମିକୁ ସେଥିପାଇଁ ବଧେଇ ଜଣାଇଲେ ଓ ମିଠା ଖୁଆଇବାକୁ କହିଲେ । ପ୍ରେଗନାନ୍‌ସି ପାଇଁ ରକ୍ତ ପରୀକ୍ଷା ହିଁ ସଠିକ୍ ପରୀକ୍ଷା । "ଏମି" ଖୁସି ହେବ କ'ଣ ବରଂ ମନ ଦୁଃଖରେ ସେ' ଦିନ ଘରକୁ ଫେରିଆସିଥିଲା ।

ସେ' ଦିନ ରାତିରେ ରାତ୍ରୀ ଭୋଜନ ପରେ "ଏମି" ତା' ସ୍ୱାମୀ ଓ ଦୁଇ ପିଲାଙ୍କୁ ଏ' ବିଷୟରେ ଅବଗତ କରାଇଲା । ସେ' ନଜେ କରିଥିବା ଟେଷ୍ଟ ଓ "ଡଃ ଥୋମାସ" କରିଥିବା ଟେଷ୍ଟ ଦୁଇଟିରୁ ପଜେଟିଭ୍ ରେଜଲ୍‌ଟ ଆସିଥିବା ଖବର ଶୁଣେଇଲା । ତା' ପାଟିରୁ କଥା ନସରୁଣୁ "ଏରନ" ପିଲାଟିକୁ ନଷ୍ଟ କରିଦେବାକୁ ମତ ଦେଲା । ପୁଅ ଓ ଝିଅ ଦିହେଁ ବାପାର କଥାରେ

ଅସମତ ହେଲେ ଓ "ଏମି" କ'ଣ ଚାହୁଁଛି ବୋଲି ପ୍ରଶ୍ନ କଲେ । "ଏମି" ତା' ପିଲାମାନେ ଯାହା ଚାହୁଁଛନ୍ତି ସେ ସେଇଆ ଚାହୁଁଛି ବୋଲି କହିଲା । ଯେହେତୁ ତାକୁ ବୟସ ୪୫ ବର୍ଷ ହୋଇଯାଇଥିଲା, ଏ' ବୟସରେ ପ୍ରେଗ୍ନାଣ୍ଟ ହେବା ବେଶୀ ରିସ୍କ ଓ ତାକୁ ସେଥିପାଇଁ କଷ୍ଟ ବହୁତ ସହିବାକୁ ପଡିବ ବୋଲି ସିଏ ଜାଣିଥିଲେ ସୁଦ୍ଧା ସେ' ଭ୍ରୁଣହତ୍ୟା କରିବାକୁ ରାଜି ନଥିଲା । "ଏମି" ଓ "ଏରନ" ସେମାନଙ୍କର ବାପ-ମା' ଙ୍କୁ ଏ' ବିଷୟରେ ଜଣାଇଲେ । ଯେହେତୁ ଦୁଇ ପରିବାର "କାଥୋଲିକ୍" ପରିବାରରୁ ଆସିଛନ୍ତି, ସେମାନେ ମଧ୍ୟ ପିଲାଟିକୁ ରଖିବାକୁ ଚାହିଁଲେ । ସବୁଆଡୁ ଚାପ ପଡିଲା ପରେ "ଏରନ" ମଧ୍ୟ ସେଥିରେ ରାଜି ହେଲା । ସର୍ବ ସମ୍ମତି କ୍ରମେ କେବଳ ପରିବାର ଭିତରେ ଏକ ଛୋଟିଆ ୱେଲ୍‌କମ୍ ସେରିମୋନ ମଧ୍ୟ ପାଳନ କରାଗଲା ।

କିଛି ଦିନ ବିତିଗଲା । ପେଟ ଭିତରେ ପିଲାଟି ବଢିବାକୁ ଲାଗିଲା ବେଳେ "ଏମି" ମୁଣ୍ଡର ଚିନ୍ତା ବଢିବାକୁ ଲାଗିଲା । "ଏରନ" ଯେତିକି ଦରମା ଘରକୁ ଆଣୁଛି, ସେଥିରେ ଚାରି ଜଣ ପ୍ରାଣୀ ଚଳିଯାଉଛନ୍ତି । ଆଉଜଣେ ଅତିଥୀ ଘରକୁ ଆସିଗଲେ, ତା' ପାଇଁ "ଡାଏପର", "ବେବି ଫୁଡ୍", "ଡ୍ରେସ୍" ଇତ୍ୟାଦି ଖର୍ଚ୍ଚ ବହୁତ ବଢିଯିବ । ଏ' ଦେଶରେ ଛୋଟ ପିଲାଙ୍କ ପାଇଁ ବହୁତ ଖର୍ଚ୍ଚ କରିବାକୁ ପଡେ । ପିଲାଟିଏ ଜନ୍ମ କରିବା ପୂର୍ବରୁ ବାପ-ମା'ମାନେ ବହୁତ ଭାବିଚିନ୍ତି ସିଦ୍ଧାନ୍ତ ନେଇଥାନ୍ତି । ତେଣୁ ଏ' ପିଲାଟି ଜନ୍ମ ହେଲେ ଅର୍ଥ ଆସିବ କୁଆଡୁ ? ସେ' ତ ଜଣେ "ହାଉସ୍‌ୱାଇଫ୍"। ଦିନେ ସେ' "ଏରନ"କୁ ପ୍ରସ୍ତାବ ଦେଲା ତା' ସୁପରଭାଇଜର ଓ ଆଥେଲେଟିକ୍ ଡିରେକ୍‌ଟର "ଅଲିଭର ଜୋନ୍‌ସ"ଙ୍କୁ ଏ' ବିଷୟରେ ଜଣେଇବାକୁ ଓ ତା'ର ଦରମା ବଢେଇବାକୁ । "ଏରନ" ତାଙ୍କୁ ଏ' ବିଷୟରେ କହି ପାରିବନାହିଁ ବୋଲି କହିବାରୁ ତା' ପୁଅ "ଜେସନ" ଓ ଝିଅ "ଶେରୀ" ତାକୁ ଅଟକେଇଦେଲେ। "ଜେସନ" ଆରମ୍ଭକଲା - "ଆମ ଦେଶରେ କୁହନ୍ତି ତୁମେ ଯଦି ତୁମର ଦରମା ବୃଦ୍ଧିହେଉ ବୋଲି ନିଜକୁ ଯୋଗ୍ୟ ଭାବୁଛ ତେବେ ତୁମେ ମାଗିବା କଥା, ନମାଗିଲେ କେହି ତୁମ କଥା ଶୁଣିବେ ନାହିଁ ।" ଯେହେତୁ ତୁମକୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ଏବଂ ତୁମର ଆଉ ଗୋଟିଏ ପିଲା ହେବାକୁ ଯାଉଛି ଓ ସେଥିପାଇଁ ଖର୍ଚ୍ଚ ବଢିବ, ତେଣୁ ଦରମା ବୃଦ୍ଧି କରାଯାଉ ବୋଲି "ଶେରୀ" କହିଲା । ନିଜ ପରିବାରରୁ ସମସ୍ତଙ୍କର ଚାପ ପଡିବାପରେ ଦିନେ ସାହସ କରି "ଏରନ" "ଅଲିଭର" ଅଫିସକୁ ଯାଇ ସେ' ଖୁସୀ ଥିଲା ସମୟରେ ତା'ର ଦରମା ବଢେଇବାପାଇଁ ପ୍ରସ୍ତାବଟି ଦେଲା । ସେ' ଏକ ପ୍ରକାର ନିଶ୍ଚିତ ଥିଲା ଯେ "ଅଲିଭର" ରାଜି ନହୋଇ ମନା କରିବ କାରଣ ଏବେ ୟୁନିଭରସିଟି ଯେଉଁ ମାନ୍ଦା ଅବସ୍ଥାଦେଇ ଗତି

କରୁଛି । ଅନେକ ପରିବାର ୟୁନଭରସିଟି ନାଁ ରେ କୋର୍ଟ କେସ୍ କରିଛନ୍ତି ଯେଉଁମାନଙ୍କର ପିଲମାନେ "ଗ୍ୟଇଲ୍ଡ ଆବ୍ୟୁଜ୍' ର ଶୀକାର ହେଇଛନ୍ତି । କନ୍ତୁ, ବାସ୍ତବରେ ଓଲଟା ଘଟିଲା। "ଅଲିଭର' ଗୋଟିଏ ମୁହୂର୍ତ୍ତ ଅଟକ ଗଲା ଏବଂ ତା' ଚେୟାରରୁ ଉଠିପଡି "ଏରନ' ସହ କର ମର୍ଦ୍ଦନ କରି ତାକୁ ସ୍ୱାଗତ ଜଣେଇଲା ।ତା' ଦରମା ୧୫ ପରସେଣ୍ଟ ବଢେଇବ ବୋଲି ପ୍ରତିଶ୍ରୁତି ଦେଲା ।

"ଏରନ' ଖୁସି ହେଇ "ଅଲିଭର'କୁ ଧନ୍ୟବାଦ କହି ତା' ଅଫିସ୍‌ରୁ ଫେରିଆସିଲା । ସେ' କେବେ ଭାବିପାରିନଥିଲା ଯେ "ଅଲିଭର' ତା'ର ଦରମା ବଢେଇଦେବ ଏବଂ ଏତେ ପରିମାଣରେ ବଢେଇଦେବ ବୋଲି । ୧୫ ପରସେଣ୍ଟ ବୃଦ୍ଧି ଖୁବ୍ ବଡ ତା'ପାଇଁ । ତା'ର ଆନନ୍ଦର ସୀମା ରହିଲା ନାହିଁ । ଅତି ଆନନ୍ଦରେ ଘର ମୁହାଁ ହେଇ ଗ୍ଲିଲା । ବାଟସାରା ଭାବୁଥାଏ କ'ଣ କରିବ ବୋଲି । କାହାକୁ ଆଗ ଏ' ଶୁଭ ଖବର ଦେବ ? ପ୍ରଥମେ ତା' ସହକର୍ମୀମାନଙ୍କୁ ନା ତା' ପରିବାର ଲୋକଙ୍କୁ ? ଶେଷରେ ନଷ୍ପତ୍ତି ନେଲା ନା ଏ' ଖୁସି ଖବରଟି ଆଗ ତା' ସ୍ତ୍ରୀ "ଜେମି' ଓ ପିଲା ଦିହିଁଙ୍କୁ ଦେବାକୁ ହିଁ ହେବ । ସେଇମାନେ ହିଁ ପ୍ରଥମ ଯିଏକ ତାକୁ ପ୍ରବର୍ତ୍ତାଇଥିଲେ "ଅଲିଭର'କୁ କହିବାକୁ । ସେଇମାନଙ୍କପାଇଁ ସେ' ଆଜି ଗଡ ଜିତିଛି । ଘରେ ପହଞ୍ଚିଲାକ୍ଷଣି ଆଉ ଡେରି ନକରି ଏ' ଖବରଟି ସମସ୍ତଙ୍କୁ ଜଣେଇ ଦେଲା । ସମସ୍ତେ ଶୁଣି ଖୁବ୍ ଖୁସି ହେଲେ । କାହିଁକ ସେ' ଆରମ୍ଭରୁ ମୁହଁ ମୋଡୁଥିଲାବୋଲି ଅଯଥାରେ ତା' ଉପରକୁ ଓଲଟା ପ୍ରଶ୍ନ ବାଣ ଛାଡିଲେ ।

ପ୍ରାୟ ପାଖାପାଖି ମାସେ ବିତିଗଲା । ସବୁ ଠିକ୍‌ଠାକ୍ ଗ୍ଲିଥିଲା । ସମସ୍ତେ ଖୁସିରେ ଦିନ କାଟୁଥିଲେ । ଦିନେ "ଏମି' କଛି ବିଚନ୍ଦ୍ର ଘଟଣା ଘଟିଥିବାର ଅନୁଭବ କଲା ତା' ପେଟରେ। ସାଧରଣତଃ ମା' ମାନଙ୍କୁ ଏ' ସବୁ ବିଷୟରେ ଭଲ ଜଣା । ସେ' ଯାହା ଭାବୁଥିଲା ସେଇଆ ହିଁ ଘଟିଥିଲା । ସେ' ଅନୁଭବ କରିପାରୁଥିଲା ଯେ କୌଣସି କାରଣରୁ ତା' ପେଟରେ ବଢୁଥିବା ଶିଶୁଟି ନଷ୍ଟ ହେଇଯାଇଛି । ଅତ୍ୟଧିକ ବୟସ ମଧ ଗୋଟିଏ କାରଣ ହେଇପାରେ । ତାକୁ ୪୫ ବର୍ଷ ପୂରିଯିବା ଉପରେ । ୪୦ ବର୍ଷରୁ ବେଶୀ ବୟସରେ ସ୍ତ୍ରୀ ଲୋକଙ୍କର ପିଲା ଜନ୍ମ ହେବାକୁ ଥିଲେ ରି ଫାକ୍ଟର ବଢିଯିବା ଯୋଗୁ "ମିସ୍ କ୍ୟାରେଜ୍', "ଷ୍ଟିଲ୍ ବାର୍ଥ', "ଡାଉନ୍ ସିଣ୍ଡ୍ରୋମ' ହେବାର ବହୁତ ଗ୍ଞନ୍ସ ଅଛି ବୋଲି ସିଏ ନଜେ "ଗୁଗୁଲ୍' ରୁ ରିସର୍ଚ୍ଚ କରି ଜାଣିଛି । ମା' ମନ । ତା'ର ସନ୍ଦେହ ଜନ୍ମିଲା । ଆଗରୁ ସିଏ ଦିଓଟି ପିଲାର ମା' ହେଇସାରିଛି । ସେ' ଅନୁଭବ କେବଳ ମା' ଯିଏ ସିଏ ଜାଣିପାରିବ, ଆଉ

କେହି ନୁହେଁ ! କାହାରିକୁ ଏ' ଦୁଃସମ୍ବାଦ ଦେବା ପୂର୍ବରୁ ତାକୁ ପ୍ରଥମେ ଏ' ଘଟଣାର ସତ୍ୟାସତ୍ୟ ଜାଣିବାକୁ ହେବ । ସେଥିପାଇଁ ସେ' ତା' ପ୍ରାଇମେରୀ କେୟାର ଡାକ୍ତର "ଏଲିଜାବେଥ୍ ଥୋମାସ' ଙ୍କ ଅଫିସ୍ କୁ ଫୋନ୍ କରି ତାଙ୍କ ସହ ଆପଏଣ୍ଟମେଣ୍ଟ କଲା । କାହାରିକୁ ନକହି ସେ' ମନ ଦୁଃଖରେ ଥାଏ । ଯେଉଁ ଦିନ ତାକୁ "ଡଃ ଥୋମାସ'ଙ୍କ ସହିତ ଭେଟିବାର ଥିଲା ସେ' ଦିନ ଠିକ୍ ସମୟରେ ତାଙ୍କ ମହିଳା କ୍ଲିନିକ୍ ରେ ପହଞ୍ଚିଗଲା । "ଡଃ ଥୋମସ' ତା'ର ଗୋଟିଏ ସୋନୋଗ୍ରାମ କରିବାକୁ ଅର୍ଡର କଲେ । ସୋନୋଗ୍ରାମ ତାଙ୍କ ନିଜ କ୍ଲିନିକରେ ହୁଏ । ବାହାରକୁ ଯିବାର ନାହିଁ । ଟେକ୍ନିସିଆନଟି "ଏମି'କୁ ରୁମ୍କୁ ନେଇ ଗୋଟିଏ ଟେବୁଲ ଉପରେ ଶୁଆଇପକେଇ ସୋନୋଗ୍ରାମ କଲାବେଳେ ଖବର ଦେଲାରୁ "ଡଃ ଥୋମାସ' ଆସି ପହଞ୍ଚିଗଲେ ଓ କୌଣସି ହାର୍ଟବିଟ୍ ହେଉନଥିବାର ଦେଖିଲେ । "ଡଃ ଥୋମସ ଦୁଃଖ ପ୍ରକାଶ କରି ଏ' ଖବରଟି "ଏମି'କୁ କହିଲେ । ଏମି ମଧ୍ୟ ନିଜେ କମ୍ପ୍ୟୁଟର ସ୍କ୍ରିନ୍ ଉପରେ ଦେଖିପାରିଲା । "ଏମି' ଯେହେତୁ ଏକୁଟିଆ ଡ୍ରାଇଭ୍କରି ତାଙ୍କ କ୍ଲିନିକ୍କୁ ଆସିଥିଲା ଓ କାଳେ ସେ' ଏ' ଘଟଣାଟି ଶୁଣିଲାପରେ ଭାଙ୍ଗି ପଡିଥିବ ବୋଲି, "ଡଃ ଥୋମାସ' ତାକୁ କହିଲେ ତା' ସ୍ୱାମିକୁ ଫୋନ୍ କରି କହିବାକୁ ସେ' ଆସି "ଏମି'କୁ ତାଙ୍କ କ୍ଲିନିକ୍ରୁ ଘରକୁ ନେଇଯିବାକୁ । କିନ୍ତୁ, "ଏମି' ସେଥିରେ ରାଜି ହେଲାନାହିଁ । ସେ' ତା' ସ୍ୱାମିକୁ ଡିଷ୍ଟର୍ବ ନକରି ନିଜେ ଏକୁଟିଆ ଘରକୁ ଚାଲିଯିବ ବୋଲି କହିଲା ।

"ଏମି' ଘରେ ଭଲରେ ପହଞ୍ଚିଥିଲା । ରାତିରେ ଡିନର ଟେବୁଲରେ ବସି ସମସ୍ତେ ଡିନର ଖାଉଥିଲେ । ଖାଇବା ସରିସରି ଆସୁଥାଏ । ଏହି ସମୟରେ ସେ' ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ନିଜ ଚେୟାର ଉପରୁ ଛିଡା ହେଇଗଲା ଓ କିଛି ଦୁଃସମ୍ବାଦ ଦେବ ବୋଲି କହିବାରୁ ସମସ୍ତେ ତା' ମୁହଁ ଆଡେ ଚାହିଁ ରହିଥାନ୍ତି । ସେତେବେଳକୁ ତା' ମୁହଁ ଶୁଖି ଆସିଥାଏ । ଶେଷରେ ତା'ର "ମିସ୍କ୍ୟାରେଜ' ହେବା ଓ "ଡଃ ଥୋମସ'ଙ୍କ ଅଫିସ୍କୁ ଯାଇ ସୋନୋଗ୍ରାମ କରିବା କଥା କହିଲା । ତା' ଆଖିରୁ ଲୁହ ଧାରଧାର ହେଇ ଗାଲ ଦେଇ ବହିଯାଉ ଥାଏ । ସତେ ଯେମିତି କେହି ତା' କଥା ବିଶ୍ୱାସ କରିପାରୁନଥିଲେ । ଏହି ସମୟରେ "ଏରନ' ଚେୟାରରୁ ଉଠି ଆସି ତା' ପିଠି ଆଉଁସି ଦେଉଥିଲା ।

ପିଲାମାନେ ଆସି ମା' କୁ କୁଣ୍ଢେଇ ପକାଇ ନକାନ୍ଦିବାକୁ ଅନୁରୋଧ କରୁଥିଲେ । ଯେଉଁମାନେ ଘରକୁ ନୂଆ ଶିଶୁଟିଏ ଆସିବ ବୋଲି ଶୁଣି ଦିନେ ଅତି ଆନନ୍ଦିତ ହେଉଥିଲେ ଆଜି ଏ' ଖବରଟି ସମମସ୍ତଙ୍କୁ ମର୍ମାହତ କରିଥିଲା । ଏ' ଖବରଟି ବିଜୁଳି ବେଗରେ

ଗ୍ରରିଆଡେ ଖେଳଗଲା । "ଏରନ" ଓ "ଏମି"ର ବାପା-ମା' ସମସ୍ତେ ଖବର ଶୁଣି "ଏମି"କୁ ସାନ୍ତ୍ୱନା ଦେବାକୁ ଘରେ ପହଞ୍ଚି ଗଲେ । ଦି'ଦିନ ରହି ତାକୁ ବୁଝେଇ ଶୁଝେଇ ଫେରି ଯାଇଥିଲେ । "ଏରନ" ର ସବୁ ସହକର୍ମୀ ଓ ତା'ର ଡିରେକ୍ଟର "ଅଲିଭର ଜୋନ୍ସ" ନିକଟରେ ମଧ୍ୟ ଏ' ଖବର ପହଞ୍ଚି ଯାଇଥିଲା । ତାଙ୍କର ପଡୋଶୀ "ମିସେସ୍ ଆଟ୍‌କନ୍ସ" ଫୁଲତୋଡା ଧରି ତା' ପରଦିନ ଆସି ପହଞ୍ଚି ଥିଲେ ଗପସପ ହେବାକୁ ଓ "ଏମି"କୁ ଜଣେଇ ଦେବାକୁ ଯେ ସେ' ଏଥିରେ ସମଦୁଃଖୀ । ଏ' ଘଟଣାଟି ଘଟିବାର ପରଦିନ "ଏମି" ଗ୍ରତିରେ ବିଛଣାରେ ଶୋଇଥିଲା ବେଳେ କହିଲା "ଏରନ"କୁ ଯିବାକୁ ଏବଂ ତା'ର ଆଥେଲେଟିକ୍ ଡିରେକ୍ଟର "ଅଲିଭର ଜୋନ୍ସ୍" ଙ୍କୁ ଭେଟି ଏ' ଖବର ଦେବାକୁ ଯେ ସେମାନଙ୍କର ଯେଉଁ ପିଲାଟିଏ ଜନ୍ମ ହେବାର ଥିଲା ସେ' ମା' ପେଟରେ ନଷ୍ଟ ହେଇଯାଇଛି । ତେଣୁ ପିଲାଟିଏ ହେବ ବୋଲି ଓ ସେଥିପାଇଁ ସେମାନଙ୍କର ଖର୍ଚ୍ଚ ବଢିଯିବା ଆଳରେ ସେ' ଯେଉଁ ଦରମା ବୃଦ୍ଧିପାଇଁ ତାଙ୍କୁ ଅନୁରୋଧ କରିଥିଲା ଓ ଦରମାରେ ୧୫ ପରସେଣ୍ଟ ବୃଦ୍ଧି ପାଇଥିଲା ତାକୁ ଫେରେଇ ନେବାକୁ ।

"ଏରନ" ସେଥିରେ "ହଁ" ଭରିଲା ଓ ଶପଥ କଲା ନିଶ୍ଚେ ତା' ପରଦିନ "ଅଲିଭର" ଅଫିସ୍‌କୁ ଯାଇ ଏ' ସମ୍ବାଦ ଦେବ । "ଏରନ" "ଅଲିଭର" ଅଫିସକୁ ଯାଇ ଦେଖେ ତ ସେ' ଏକ ଚିନ୍ତାରେ ଖୁବ୍ ମଗ୍ନ ଥିଲାଭଳି । କହିବ କି ନକହିବ ଦ୍ୱନ୍ଦରେ ପଡିଗଲା । ନକହି ଗଲେ ମୁକ୍ତି ନାହିଁ । "ଏମି" ତାକୁ ବାରମ୍ବାର ପ୍ରଶ୍ନ କରି ତା' ମୁଣ୍ଡ ଖାଇଯିବ, ତା' ଉପରେ ଚଢିବ । ସାହସ ବାନ୍ଧି "ଅଲିଭର" କୁ ସବୁ କଥା କହିଲା ଓ ସେ' ଯେଉଁ ଦରମା ବଢେଇଥିଲେ ତାକୁ ଫେରସ୍ତ ନେବାକୁ ମଧ୍ୟ ବାଧ୍ୟ କଲା, ନିଜର ଦୁଃଖ ପ୍ରକାଶ କଲା । ସବୁ ଶୁଣିସାରି "ଅଲିଭର" ଚେୟାରରୁ ଉଠିପଡି "ଏରନ" ନିକଟକୁ ଯାଇ ତାକୁ କୋଳାଗ୍ରତ କଲା ଓ ସେ' ଅନ୍ୟ ଷ୍ଟାଫମାନଙ୍କଠାରୁ ଏ' ଖବରଟି ପାଇଛି ଓ ସେଥିପାଇଁ ସେ' ବିଶେଷ ଦୁଃଖିତ ବୋଲି ମନ୍ତବ୍ୟ ଦେଲା । ଏବଂ କହିଲା ଯେ "ଏରନ" ଭଳି ସଚ୍ଚୋଟ କର୍ମଗ୍ରରୀ ପାଇ ସେ' ଯେତିକି ଗର୍ବୀତ ସେତିକି ଭାଗ୍ୟବାନ । ଏ' ଦେଶ, ଏ' ମାଟି ଗ୍ରହେଁ ଏକ ନୁହେଁ ତା' ଭଳି ଲକ୍ଷ ଲକ୍ଷ "ଏରନ" ସୃଷ୍ଟି ହୁଅନ୍ତୁ । ସେ' "ଏରନ"ର ଯେଉଁ ଦରମା ବୃଦ୍ଧି କରିଥିଲା ସେ'କଥା ସଂପୂର୍ଣ୍ଣ ଭାବେ ଭୁଲିଯିବାକୁ "ଏରନ"କୁ କହିଥିଲା ।

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ପ୍ରେମ ର ଅନ୍ୟ ନାମ
# ମରୀଚକା



ରଶ୍ମିତା ସାହୁ

ଯିବାର ତ ଥିଲ୍ ଚାଲି ଗଲୁ ତୁହି,
ପୁଣି ମୋ ସପନେ ଆସି ଅତୀତ ସ୍ମୃ ତି କୁ ଉଜ୍ଜୀବିତ କରୁ କାହିଁ.
ଚେଷ୍ଟା ରେ ଥିଲି ତୋତେ ଭୁଲିବାକୁ,
ପୁଣି ମୋ ମନରେ ଅସ୍ତିର ଭଟ୍ଟା ସୃଷ୍ଟି କଲୁ କାହିଁ..
ପ୍ରାୟସ ରେ ଥିଲି ହୃଦୟୁ ତୋର ସବୁ ଛବି ପୋଛିଦେବାକୁ,
ଏହି ସମୟେ ପୁଣି ମୋ ଛାତିରେ ରଙ୍ଗ ଭରୁଛୁ କାହିଁ..
ଅମାନଆ ଭଅଁର ଥିଲି ଉଡ଼ିବା ଭୁଲିଲିଣି
ପୁଣି ତୋ ସୁଗନ୍ଧରେ ମୋତେ ଟାଣୁଛୁ କାହିଁ...
ତୋ ବିନା ମୁଁ ଚାଲିଶିଖିଗଲିଣି,
ପୁଣି ମୋ ହାତକୁ ଟାଣୁଛୁ କାହିଁ...
ମରୁଭୂମି ପରି ଶୁଷ୍କ ହୋଇଗଲିଣି,
ଅଦିନଆ ବର୍ଷା ହୋଇ ମୋତେ ଭିଜଉଛୁ କାହିଁ...
ଗରଳ ମୁଁ ପାନ କରି ବଞ୍ଚି ଶିଖିଲିଣି
ପୁଣି ମୋ ପ୍ରାଣରେ ସଂଜୀବନୀ ଭରୁ କାହିଁ...
ଜାଣି ମୁଁ ଗଲିଣି ତୁ ଯେ ମରୀଚକା ବୋଲି,
ପୁଣି ସେଇ ଗ୍ଲେର୍ ବାଲି ରେ ମତେ ବୁଡ଼ାଉଚୁ କାହିଁ.. ।।।

ଛତ୍ରପୁର (ଗଞ୍ଜାମ)

# ଜୟ ଜଗନ୍ନାଥ



ରଞ୍ଜନ କୁମାର ଖଣ୍ଡା

ନୀଳକନ୍ଦରରେ ବସିଛ ହେ ପ୍ରଭୁ
ଦୁଃଖୀର ଦୁଃଖକୁ ତାରିବା ପାଇଁ
ମାତର ପ୍ରଭୁ
ସଂସାର କଳକୁ ହାତରେ ଧରି
ବସିଛ କମ୍ପା ହେ ପ୍ରଭୁ ଆଜି ଗୁମୁରି ॥

ଜୟ ଜଗନ୍ନାଥ ଜୟ ଜଗନ୍ନାଥ
ଡାକଲେ ଭକତ
ଆସୁ ତୁ ରତ୍ନ ସିଂହାସନ ଛାଡି
ସାର୍‌ ଜଗତ ଉଦ୍ଧାର କରୁ
ପତିତପାବନ ବାନାକୁ ଉଡାଇ ॥

କବା ଆଜି ତୁମ ମୁଖ ମଣ୍ଡନ
ରଖିଛ ହେ ପ୍ରଭୁ
କେତେ ଯେ ଅଜଣା ଅତିଥି ଏଇଠି
ଆସି କରୁଛନ୍ତି କେତେ ପାର୍ଟି ।
ସଭ୍ୟ ମଣିଷର ରକ୍ତରେ ନଜକୁ
ସୁବେଶ କର୍‌ଇ ପାଉଛନ୍ତି କେତେ ଖୁସି ॥

ମଣିଷ ହାତରୁ ମଣିଷ ମରୁଛି
ଏହା ତ ଲେଖିଛି ବିହି
କଏ ଅବା ତାକୁ ଟାଳବାକୁ ଯିବ
ସଂସାର ସାଗରୁ ଓହରି ॥

ଭକତର ନାଥ ବୋଲି ବୋଲାଅ ଜଗତେ
ଭକତର କଷ୍ଟ ତାରିବା ପାଇଁ
ହେଲେ ଆଜି କାହିଁ ଆହେ ଜଗନ୍ନାଥ
ବସିଅଛ ହାତଗୋଡ କୁଣ୍ଢାଇ ॥

ଚୀନାରୁ ଆସିଛି ଅଜଣା ବେପାରୀ
କରୁଛି ବେପାର ଭଲ
ଭାରତ ଛଡା ଏ ବିଶ୍ୱ ଦରବାରେ
ଦଉଅଛି ମାଗଣା ସେବା
ଆଉ କେତେ କେତେ ନଜର ହେବାକୁ
ଯାଉଛନ୍ତି ବିଭିନ୍ନ ଢାବା ॥

ତେଣୁ ହେ ଜଗତର ନାଥ
ଆକୁଳେ ଡାକୁଛି
ଶୁଣ ଥରେ ମୋର ଗୁହାରୀ
ବଞ୍ଚାଅ ଜଗତ ଆହେ ବିଶ୍ୱନାଥ
ଯାଉ ଏ ବିଶ୍ୱରୁ ଅଜଣା ବେପାରୀ ॥

# ଦୁଃଖ



ପ୍ରତିମା ମେହେର

ଏକ ନୀରବ ଯନ୍ତ୍ରଣା ଘର କରିଛି
ଆଜି କାଲି ମୋ ଆଖେ ପାଖେ
ନିମନ୍ତ୍ରଣ ବିନା ମାଡ଼ି ବସିଛି
କିଛି ଇଲ୍‌କା..

ନିତି ନିତି ଦେଖା ସାକ୍ଷାତ ତା'ର ମୋର
ଅହେତୁକ ଅନାଗତ ବନ୍ଧୁତ୍ୱ ବୋଝରେ
ଅଣନିଃଶ୍ୱାସୀ ସାର୍ ଅବୟବ
ଫିଟି ଗ୍ଳିଯିବାର ଯୁ'ନାହିଁ;
ଅସହାୟ ମୁଁ ତା' ଆତିଥ୍ୟରେ....

ଲେ୍ଡ଼ା ନାହିଁ ବୋଲି କହିବି କେମିତି?
ଦୂରେଇଲେ ଯେତିକି, ସେତିକି ନିକଟ
ତା'ର ମୋ'ର ତିକ୍ତ ସମ୍ପର୍କ
ବହେ କାନ୍ଦିଛି ନିଛାଟିଆ ବେଳେ...

ପାଉଁଶ ତଳ'ର ଅଲିଭ ନିଆଁକୁ
ଖୁବ୍ ଚହ୍ନିଛି "ଦୁଃଖ"
ତେଣୁ ତ ଜୋର୍ କରି ଧସେଇ ପଶିଛି
ମୋ ଶୂନ୍ୟ ଜୀବନକୁ....

# ସେଇ ଅନ୍ଧାର ରାତିରେ: ଭାଗ - ୩



ବିଜୟ କୁମାର ପଣ୍ଡା

ଏହା ଏକ ଧାରାବାହିକ କାହାଣୀ,
କାହାଣୀକୁ ସମ୍ପୁର୍ଣ୍ଣ ବୁଝିବା ପାଇଁ ପୂର୍ବଭାଗ ପଢ଼ିବାକୁ ଅନୁରୋଧ ।

ଟର୍କିଶରେ ମୁହଁ ପୋଛିଲା ପରେ ମୋର ମୁଣ୍ଡଟା ବୁଲେଇଲା ପରି ଲାଗୁଥିଲା । ସେଇ ମଧ୍ୟ ବୟସ୍କ ମହିଳା ଜଣଙ୍କ ମୁଣ୍ଡ ଉପରେ ମୁହଁ ରଖି ମୁଁ ଆଉଜି ପଡ଼ିଥିଲି ।ଆଉ ତାପରେ ମୋତେ କଛି ଜଣା ନାହିଁ । ହୋସ ଆସିଲା ପରେ ଦେଖିଲି କେଉଁ ଗୋଟେ ଅଜଣା ଘରେ ମୁଁ ଏକ ବିଛଣାରେ ଶୋଇଛି ।

ମୋ ପିନ୍ଧା ଲୁଗା ସବୁ ଅସଜ୍ଜିତ ଅବସ୍ଥାରେ, ଅନ୍ତବସ୍ତ୍ର ସବୁ ଖୋଲା ପଡ଼ିଥାଏ । ଓଠରୁ ବକ୍ଷ ଏବଂ ଆଂଠୁ ଯାଏଁ କ୍ଷତ ଆଉ ଯନ୍ତ୍ରଣା । କୁଆଁରୀ ଜୀବନରେ ଏମିତି ଏକ ଯନ୍ତ୍ରଣା ଦାୟକ ଅନୁଭବ ସ୍ୱପ୍ନରେ ବି କେବେ କଳ୍ପନା କରିନଥିଲି । ଅସହାୟ ଭାବେ ନାରୀ ଜୀବନର ଅସମର୍ପିତ କୁଆଁରୀତ୍ୱ କୁ ଆକଳନ କରିବାକୁ ଚେଷ୍ଟା କରୁଥିଲି ।

ବୋଧେ ରାତି ଅନେକ ହେଇଯାଇଥିଲା। ଝରକାଆଡୁ ବାହାରକୁ ଦେଖି ନିଜ ଅସ୍ତିତ୍ୱର ଅନୁମାନ କରିବାକୁ ଚେଷ୍ଟା କରୁଥିଲି। ସହରର କୋଳାହଳର ବହୁଦୂରରେ ଥିଲା ପରି ଅନୁମାନ ହେଉଥିଲା। ନିଘୋଡ଼ ଅନ୍ଧକାର ନିଶା ଗର୍ଜନ, ପବନର ସଇଁ ସଇଁ ଶବ୍ଦ, ଝିଙ୍କାରିର ଝିଂ ଝିଂ ଶବ୍ଦ ମୋ ଚେତନାକୁ ଦୋହଲାଇଦେଉଥିଲା । ଦେହରେ ଶିହରଣ ଖେଳଯାଉଥିଲା ।

ମୁଁ ବାହାର ଆଡୁ ମୁହଁ ଫେରାଇ ମୁଁ ଏବେ ଘର ଭିତରଟାକୁ ନିରେଖି ଅନୁଧ୍ୟାନ କରିବାକୁ ଚେଷ୍ଟିତ। ଘର ଭିତରେ ଆଲୁଅର କୌଣସି ସମ୍ଭାବନା ନଥିଲା । ମୋ ବ୍ୟତୀତ ଅନ୍ୟ କୌଣସି ଲୋକର ଉପସ୍ଥିତି ଜାଣିବାକୁ ମୁଁ ପ୍ରୟାସ କରି ବିଫଳ ହେଉଥିଲି ।

ଦେହର ଯନ୍ତ୍ରଣା ସାଙ୍ଗକୁ ପେଟର ଭୋକ.. ବନ୍ଦ ହେବାକୁ ଦେଉନଥାଏ । ଶୋଷ ମେଣ୍ଟାଇବାକୁ ପାଣିଟୋପେ ର ଆଶାବି ମରିଯାଉଥିଲା ।

କିଛି ଘଣ୍ଟା ପରେ ହଠାତ କାହାର ପାଦଶବ୍ଦ ଶୁଣି ମୋ ମନରେ ଆହୁରି ଭୟ ସଂଚରିତ ହେଲା । ସେ ପାଦ ସବୁ ମୋ ଆଡ଼କୁ ଅଗ୍ରସର ହେଲା ଭଳି ଲାଗୁଥିଲା ।

ଧିରେ ଧିରେ କବାଟଟା କେଁ କରି ଖୋଲିଲା ବେଳକୁ ମୋ ହୃତସ୍ପନ୍ଦନ ଅତିତୀବ୍ର ଗତିରେ ବଢିଚାଲିଥାଏ । ମନରେ ଟିକେ ଦମ୍ଭ ଛଡ଼ା ମୋ ପାଖେ ଆଉ କିଛି ନଥିଲା ଆତ୍ମରକ୍ଷା କରିବାକୁ । ଫୁସ ଫାସ ଶବ୍ଦରୁ ଜଣାପଡୁଥିଲା ସେମାନେ ଦୁଇଜଣ ଥିଲେ ।

ଜଣେ ଆଉଜଣକୁ କହିଲା "ମୋ ମୁହଁଟା କଣ ଦେଖୁଛୁ !! ବୋତଲଟା ଧରିଛୁ ତ! ଲାଇଟ ଟା ପକା ଆଉ ଶୀଘ୍ର ଠିପି ଖୋଲେ । ଜଲ୍ଦି ଜଲ୍ଦି କାମ ସାରିକି ୟାର ସାଙ୍ଗ ଲିପୁନକୁ ଜଣେଇବାକୁ ପଡ଼ିବ ।"

ତାପରେ ସେମାନେ ମୋ ଦେହ ସହ ଖେଳଥିଲେ । ମୋତେ ଏତେ ଯନ୍ତ୍ରଣା ଦେଇଥିଲେ ଯେ ମୁଁ ବଂଚବା ମରିବା ସମାନ ଥିଲା । କିଛି ସମୟ ମଧ୍ୟରେ ସାଥିରେ ଆଣିଥିବା ପେଟ୍ରୋଲ ମୋ ଉପରେ ଢାଳଦେଇ ମୋ ଦେହରେ ନିଆଁ ଲଗେଇ ଦେଇଥିଲେ ।

ଆଖିରୁ ଧାର ଧାର ଲୁହ ଦୁଇ ଜଣଙ୍କର। କଥା ଛଡେ଼ଇ ନେଇ ବୁବୁ ପଚାରିଲା.. "ଲିପୁନ ..!! ତମେ କେଉଁ ଲିପୁନ କୁ ଜାଣିଛ କି ?"

:" ଆମ କ୍ଲାସର ଲିପୁନ, ସେ ଯେଉଁ ନେତାଙ୍କର ପୁଅ।"

ତମେ ଗାଁ କୁ ଯାଇଥିବା ବେଳେ କଣ ଗୋଟେ ବାହାନା କରି ମୋ ପଛେ ପଛେ ସବୁବେଳେ ଘୁରି ବୁଲୁଥିଲା । ଖରାପ ଇଙ୍ଗିତ କରି ତା ସାଙ୍ଗ ମାନଙ୍କ ସହ ମୋ ମଜାକ ଉଡାଉଥିଲା। ଲଗାତାର ଏମିତି ତାର ଉପଦ୍ରବ ବଢିଚାଲିଲା । ସେଦିନ ସକାଳେ ହିଁ ମୁଁ ଡିନ କୁ ଯାଇ ତା ନାଁ ରେ କମ୍ପ୍ଲେନ ଦେଇଦେଲି । ଡିନ ତାକୁ ଡାକି ମୋତେ ଭୁଲ ମାଗିବାକୁ କହିଲେ । ମୁଁ କ୍ଲାସକୁ ପଳେଇଥିଲି । ଆଉ ସେ କଲେଜରୁ କୁଆଡ଼େ ବାହାରକୁ ଚାଲିଗଲା ତା ସାଙ୍ଗ ମାନଙ୍କ ସହ ।

**(କ୍ରମଶଃ... ଚତୁର୍ଥ ଭାଗରେ)**

ସମ୍ପାଦକ "କନକପ୍ରଭା"
ସବଙ୍ଗ, ସିମୁଳିଆ, ବାଲେଶ୍ୱର

# ନାରୀ ରୂପୀ ନାରାୟଣୀ



ସୁନୀତା ଶତପଥି

ନାରୀ କେବେ ପୁଣି ଜନନୀ ଯାମିନୀ, ଭଗିନୀ ର ପ୍ରତିଦାନ,,
ଏ ସଂସାରର କଛି ଅସଭ୍ୟ ମଣିଷ, ବୁଝେନ ତା ବଳଦାନ !! (୧)

ରଙ୍ଗ ମଞ୍ଚ ପରେ ଅଭିନେତ୍ରୀ ସାଜି, ଅଭିନୟ ର ସେ ଗ୍ରଣୀ,,
ଅଭିନୟ ତାର ଜୀବନ୍ତ ସଂଗ୍ରର,, ପ୍ରକୁତିର ସେ କାହାଣୀ !!(୨)

କେବେ ଫୁଲ ହେଇ ଫୁଟେ ବଗିଗ୍ଚରେ, ସଭିଙ୍କର ସୁଖ ପାଇଁ,,
ଠାକୁରଙ୍କ ପାଦେ ପଡି ପୁଣି କେବେ, ମଙ୍ଗଳ ମନାଶୁଥାଇ !! (୩)

ରୂପତା ଅନେକ ଅସରନ୍ତି ଗପ, ବାସ୍ତବ ଅମୃତ ଧାର,,
ପ୍ରକୁତିର ସେ ଜୀବନ୍ତ କାହାଣୀ, ଭ୍ବୁକର ଭ୍ବ ଧାର !! (୪)

ପିତା ମାତାଙ୍କର ସୁଖ ଶାନ୍ତି ପାଁଇ, କବରୀ ଦିଏ ସ୍ୱପ୍ନ କୁ,,
ଶାଶୁଘରେ ସାଜେ ଏହି ସୁଲକ୍ଷଣି, ଉଚ୍ଛର୍ଗ କରେ ନଜକୁ !! (୫)

ମୃତ୍ୟୁର ସଜ୍ୟାରେ ଶୋଇଯାଏ ପୁଣି, ଲୌହ ଯେ ଲେ୍ତକ ଧାର,,
କୋମଳ ଫୁଲକୁ ଦୁନଆ ଦେଖାଏ, ସନ୍ତାନ ନାଁ ତାହାର ,, (୬)

ଅକୁହା ଯନ୍ତ୍ରଣା ସହ୍ୟ କରି ନଜେ, ମୁକକ ଯାଇଛି ହେଇ,,
ପ୍ରଚଣ୍ଡ ଉତ୍ତାପ ଚର୍ ମରୁଭୂମି, ସବୁତ ଯାଉଛି ସହି !!(୭)

କେବେ ଅଭିନେତ୍ରୀ କେବେ ସେ ଦର୍ଶକ, କେବେ ପୁଣି ଅନୁଭବୀ,,
କେବେ କେବେ ପୁଣି ନିମଗ୍ନ ଯେ ଥାଏ, ଲୁହରେ ଭିଯାଏ ଆଖି !! (୮)

କେବେ ସୁକୁମାରୀ ଅଲିଅଳ ସିଏ, କେବେ ଯେ ଜାୟା ଯାମିନୀ,,
ଦୁର୍ଗତି ନାଶିନୀ ଦୁର୍ଗା ହେଇପୁଣି, ସାଜିଥାଏ ସଂହାରିଣୀ !! (୯)

ନାରୀ ପୂଜନୀୟା ନାରୀ ସଂମ୍ମାନୟା, ନାରୀ ସୃଷ୍ଟିର ଉତପତ୍ତି,,
ଯୁଗେ ଯୁଗେ ନାରୀ ଚରନମଶ୍ୟା ଯେ,,
ସେ ପର୍ ସୌଭ୍ଗ୍ୟ ବତୀ
ସେ ପର୍ ସୌଭ୍ଗ୍ୟ ବତୀ !! (୧୦)

ମୁକୁନ୍ଦ ମିଶ୍ର ନଗର, ଭି.ଆଇ.ପି. କଲୋନୀ, ପୁରୀ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାର୍ ଓଡିଆ ଭ୍ଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଦହନର ତିନୋଟି ସ୍କେଚ୍



ତନୟା ଦାସ

୧

ଘରର ମଧ୍ୟଭାଗରେ
ଦିକ୍ ଦିକ୍ ହୋଇ ଜଳୁଥିଲା ଦୀପଟିଏ
ଅପସରି ଯାଉଥିଲା ଅନ୍ଧକାର,
କଅଁଳୁ ଥିଲା କିଛି ଆଶା
ଝଲସି ଉଠୁଥିଲା ପବିତ୍ରତା
ତା ତେଜୋମୟ ଜ୍ୟୋତିରୁ,
ତରଳ ଯାଉଥିଲା କିଛି ପୀଡ଼ା
ବରଫର ସୌଧ ଭଳି ।

୨

ଘରର କେଉଁ କୋଣରେ
ଲୁଚ ଲୁଚ ଜଳୁଥିଲା ସିଗାରେଟ୍ ଟିଏ
ଚହଲୁ ଥିଲା କିଛି ଭାବନା,
ଚେଇଁ ଉଠୁଥିଲା କିଛି ସ୍ମୃତି
ଧୂଆଁ ହୋଇ ଉଡ଼ି ଯାଉଥିଲା
କିଛି ଅବସୋସ,
ଝରି ପଡୁଥିଲା ନଅାଁ ଝୁଲ
ମଉଳା କିଛି ସ୍ୱପ୍ନ ଭଳି ।

୩

ଲିଭିଗଲା ସଳତା
ଲିଭିଗଲା ସିଗାରେଟ୍
ରାତି ପାହିଗଲା ପରେ,
ଦୁହେଁ ଅଧାଜଳା ହୋଇ ପଡ଼ିଥିଲେ
ଗୋଟିଏ କୋଣରେ
ଏକଦମ୍ ପାଖାପାଖି
ହେଲେ, ଚୁପ୍ ଚାପ୍ ଏବେ ବି ଜଳୁଥିଲା
ଉଦାସ ହୃଦୟ ଟିଏ...

ରାୟଗଡ଼ା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ସମାଧି



ଅମ୍ବିକା ସ୍ୱାଇଁ

ସେଦିନ "ପୂଜା" ସ୍ନେହ ମମତାର ପସରା ଧରି କଟକ ରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ବସ ରେ ବସିପଡ଼ିଲା ଏକାକିନୀ । ମନରେ ଅଫୁରନ୍ତ ଆନନ୍ଦ ତା"ର ପ୍ରିୟ ମଣିଷ କୁ ଦେଖା କରିବାକୁ ଯାଉଛି । ଝରକା ପାଖ ସିଟ୍ ରେ ବସି ଭାବନା ରାଜ୍ୟରେ ସ୍ୱପ୍ନ ରେ ମସ ଗୁଲ୍ । ସ୍ନେହ ପ୍ରେମ ମମତା ର ଡୋରିରେ, ତିଆରି କରିଥିବା ଭିନ୍ନ ଏକ ମଧୁର ସମ୍ପର୍କର ବନ୍ଧନ।

ମନେ ମନେ ବେଶ୍ ଆନନ୍ଦିତ ଅଜସ୍ର ଖୁସିମୁହଁ ରେ ଉଦ୍ଭାସିତ ହେଉଥାଏ । ଓ୍ୱାଜ୍ୱଲ୍ୟତା ଫୁଟି ଦିଶୁ ଥାଏ ମୁହଁରେ...ଉତ୍ଫୁ ଲିତ ହେଉ ଥାଏ ମନ। ଆବେଗ ଭରା ଶିହରଣ ଖେଳ ଯାଉଥାଏ ମନ ହୃଦୟ ରେ....ବସ୍ ଯେତେ ଆଗକୁ ଆଗ ଗ୍ଲୁଲି ଥାଏ, ସାକ୍ଷାତର ସମୟ ଯେତେ ପାଖେଇଆସୁଥାଏ ତା" ମନରେ ଭରି ଯାଉଥାଏ ଉତ୍କଣ୍ଠା ।

କେତେବେଳେ ଆସିବ ସେ ଶୁଭ ମୁହୂର୍ତ୍ତ । ବସ କେତେବେଳେ ପହଞ୍ଚିବ ବାଲେଶ୍ୱର ବସ୍ ଷ୍ଟାଣ୍ଡରେ... ତା"ସ୍ନେହ ମମତା ସମ୍ପର୍କ ର ପ୍ରତୀକ ତାକୁ କେମିତି ଭାବରେ ସ୍ୱାଗତ କରିବ, ବସ୍ ରୁ ହାତ ଧରି କେଡେ ସରାଗରେ ପାଛୋଟି ନେବ ତାକୁ ଏସବୁ ଭାବି ଭାବି ସେ ଭାବନାମୟ "ଭାବ" ରେ  ଆତ୍ମହରା । ଅକୁହା ପୁଲକ ରେ ଭିଜି ଯାଉଥାଏ, ମନ ଶରୀର, ହୃଦୟ ଆତ୍ମା ।

ହେଲେ ଏ କଣ ହେଲା ? ପୂଜା ଭଦ୍ରକ ବସଷ୍ଟାଣ୍ଡ ରେ ପହଞ୍ଚିବା ପୂର୍ବରୁ ତା" ଆଗମନର ସରପ୍ରାଇଜ ଟା ତା"ପ୍ରିୟ ମଣିଷ କୁ ଫୋନ୍ କରି ଜଣାଇ ଦେବ ବୋଲି ଭାବିଲା । ବହୁତ ଖୁସିରେ ଫୋନ ଲଗାଇଲା, ଫୋନ କଲ୍ସ ୱେଟିଂ ଦେଖାଇଲା । ଟିକେ ସମୟ ଅପେକ୍ଷା କରି  ପୁଣି ଲଗାଇଲା ସେହି ୱେଟିଂ ଆସିଲା, ଭାବିଲା "ସେ" କଥା ହୋଇସାରି ସେ ପଟୁ କଲ୍ ବ୍ୟାକ୍ କରିବ ନଷ୍ଟୟ । ଏମିତିରେ ଅଧଘଣ୍ଟା କଟିଗଲା ପୂଜା ପୁଣିଥରେ ଫୋନ

ଲଗାଇଲା ଫୋନ ରିଙ୍ଗ ହୋଇ ହୋଇ ରହିଲା ଫୋନ କଟ୍ଟ, ସେ ପଟୁ ଆଉ ଆସିଲା ନାହିଁ । ପୂଜା ମନରେ ଟିକେ ସନ୍ଦେହ ଆସିଲା କଣ କଛି ଘଟଣା ଘଟିଲା କ ! ସେ ଫୋନ୍ ନ ଉଠାଇବାର କାରଣ କଣ ହୋଇଥାଇ ପାରେ, କଛି ବୁଝି ପାରିଲା ନାହିଁ । ନ୍ତା ପାଖ ସିଟ୍ ରେ ବସିଥିବା ଝିଅଟିକୁ ଅନୁରୋଧ କଲା ତା"ଫୋନ ରୁ ଫୋନ ଲଗାଇବା ପାଇଁ, ଝିଅ ନଂବରରୁ ଲଗାଇଲା ମାତ୍ରେ ସଙ୍ଗେ ସଙ୍ଗେ ସେ ପଟୁ "ହାଲୋ" ଶୁଣି ପୂଜା କହିଲା ଆରେ ମୋ ଫୋନ କାହିଁକ ରେସ୍ପନ୍ସ କରୁନା ଯେ ? ହଁ ଶୁଣ ମୁଁ ଯାଉଛି ତୁମ ଘରକୁ, ବର୍ତ୍ତମାନ ଭଦ୍ରକ ବସଷ୍ଟାଣ୍ଡ ରେ ଅଛି, ଆଉ କଛି ସମୟ ଭିତରେ ବାଲେଶ୍ୱର ବସଷ୍ଟାଣ୍ଡ ରେ ପହଞ୍ଚି ଯିବି ତୁମେ ଆସି ଅପେକ୍ଷା କରିଥିବ । ଏକ ନିଃଶ୍ୱାସ ରେ କହି ପକାଇଲା ପୂଜା । ସେ ପଟୁ ଅଗ୍ନି ବର୍ଷୀ ବର୍ଷଣ........ ତୁମେ ମୋତେ ପଚ୍ଚରି ଅସିଥିଲ? ଆରେ ଏମିତି ରାଗୁଛ କଣ ଯେ? ମୁଁ ପରା ତୁମକୁ ସରପ୍ରାଇଜ୍ ଦେବା ପାଇଁ ଆସିଛି । ନା ନା ମୁଁ ତୁମକୁ କୌଣସି ମତେ ଦେଖା କରି ପାରିବିନ, ତୁମେ ସେହି ଠାରୁ ଫେରି ଯାଅ । ପୂଜା ଅନୁନୟ ବିନୟ ହୋଇ ବ୍ୟାକୁଳ ମନରେ କହୁଥାଏ ଆରେ ଏ କଣ କହୁଚ ମୁଁ ଫେରିଯିବି? ତୁମେ ବୁଝି ପାରୁଛ ତ କଣ କହୁଛ ?

ହଁ, ହଁ ମୁଁ ଏ ଦମ ସୁସ୍ଥ ମସ୍ତିଷ୍କ ରେ କହୁଚ। ଆରେ ଥରେ ତ ଶୁଣ । ମୁଁ ଏତେବାଟ ରୁ ଦୌଡି ଆସିଛି, ତୁମ ପାଇଁ ଡ୍ରେସ, ମୋ ହାତ ତିଆରି କେକ ଆଉ ଧୋକଲା ବି ଆଣିଛି, ପ୍ଲିଜ୍ ତୁମେ ସେମିତି କୁହନ ମୋତେ ତୁମ ପାଖକୁ ଯିବାକୁ ଦିଅ ।ଖୁବ୍ କମ୍ ସମୟ ପାଇଁ ପଛେ ହେଉ, ତୁମକୁ ସେହି ବସ୍ ଷ୍ଟାଣ୍ଡ ରେ ଦେଖା କରି ଆଣି ଥିବା ଜିନଷ ଦେଇକ ସଙ୍ଗେ ସଙ୍ଗେ ପଳେଇ ଆସିବି ।

ସେପଟୁ ପୁଣି ଗର୍ଜନ ତର୍ଜନ ନା ନା। କହିଲି ପରା ଦେଖା କରି ପାରିବିନ, ତୁମେ ଫେରି ଯା ମୁଁ ମିଟିଂ ରେ ଅଛି, ତୁମେ କଣ ମୋ ଜୀବନ ବର୍ବାଦ୍ କରିବ ନା କଣ? ପୂଜା ଏପରି ଆତ୍ମଘାତୀ ଶବ୍ଦରେ ସ୍ତବ୍ଧ.....ମୁହଁରେ ଆଉ ଭାଷା ନାହିଁ, ଫୋନଟି କଟିଗଲା ।

ଏ ସବୁ କ"ଣ ହେଲା କାହିଁକ ହେଲା ପୂଜା କଛି ବୁଝି ପାରୁ ନଥାଏ । ବୈଶାଖ ମାସର ଧୂ, ଧୂ ମୁଣ୍ଡ ଫଟା ଖରାରେ ବି ଯେମିତି କାଳ ଅନ୍ଧାର ଘୋଟି ଆସିଲା, ମୁଣ୍ଡ ଘୂରାଇ ଦେଲା ପୂଜାର । ଭଦ୍ରକ ବସ୍ ଷ୍ଟାଣ୍ଡ ରୁ ଓହ୍ଲାଇ ପୂଜା ପାଗଳନୀ ପରି ଏଣେତେଣେ ଘୂରି ବୁଲିଲା, ବୁଦ୍ଧି ବାଟ କଛି ଦିଶିଲା ନାହିଁ । ଆଖିରୁ କେବଳ ବହି ଗଲିଲା ଲୋତକ ର ବନ୍ୟା, ନଜକୁ ସମ୍ଭାଳ ପାରୁ ନଥାଏ ପୂଜା। ଅଚହ୍ନା, ଅଜଣା ଜାଗାରେ କିଏ ବା ଦେବ ତାକୁ ଆଶ୍ୱାସନା ।

ସେ ବିଚାରୀ ଭଗ୍ନ ହୃଦୟ ରେ, ଭୟାତୁର ଅବସ୍ଥାରେ ଅନ୍ୟ ମନସ୍କ ଭାବେ କଟକ ଅଭିମୁଖେ ଆସୁଥିବା ବସ୍ ରେ ଆସି ବସି ପଡ଼ିଲା, ଆଖିରୁ ତା"ର ସେମିତି ଅମାନିଆ ଅଶ୍ରୁ ବହି ଚାଲିଥାଏ । ପାଖ ସିଟ୍ ରେ ବସି ଥିବା ସ୍ତ୍ରୀ ଲୋକ ଟି ପୂଜାର ଏ ଅବସ୍ଥା ଦେଖି କେବଳ ଏତିକି ପଚାରିଲା ତୁମର କିଛି ଅସୁବିଧା ହେଲା କି **?** ଏତେ କାନ୍ଦୁଛ ଯେ **!!!**

ପୂଜା କିନ୍ତୁ ନିରୁତ୍ତର **!!** ତା" ହୃଦୟ ର କୋହ ଚାପି ରଖି ନୀରବ ରେ ଲୁହ ଝାରୁଥାଏ । ମନରେ ଉଙ୍କି ମାରୁଥାଏ ଅନେକ ପ୍ରଶ୍ନବାଚୀ **!!!** ମନପ୍ରାଣ କୁ ଆନ୍ଦୋଳିତ କରୁଥାଏ ଏ ମିଛ ସମ୍ପର୍କର ପ୍ରତିଶ୍ରୁତି **!!!!!!!** ସେ ଅତି ସନ୍ତର୍ପଣରେ ତିଆରି କରିଥିବା ତା"ସ୍ନେହ, ପ୍ରେମ ଭଲ ପାଇବା ର ପବିତ୍ର ବନ୍ଧନର ସମ୍ପର୍କ ଡୋରି କୁ, ତା" ଅଜଣାତରେ କିଏ ଚୋରୀ କରି ନେଇଛି ବୋଲି ଶତ ପ୍ରତିଶତ ହୃଦବୋଧ ହେଲା। ସେଦିନ ସେହି ମୁହୂର୍ତ୍ତ ରେ ସବୁ ଦିନ ପାଇଁ ସେ ଭଦ୍ରକ ମାଟିରେ ସମାଧି ଦେଇ ଚାଲିଆସିଲା, ତା ଅନାବିଳ ସ୍ନେହ, ମମତା ଓ ସମ୍ପର୍କର ପସରା କୁ **.......!!!!!!!!**

ସେଦିନର ସେହି ବେଦନା ସିକ୍ତ ଅପମାନ ବୋଧେ ସ୍ମୃତି ର ଗ୍ଲାନିରେ ତିଳ ତିଳ ଜଳୁଛି ଆଜି ଯାଏ ପୂଜା**.........!!!!!!!!!!!!!!!!!!!!**

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଏ କ ବେଳ କାଳ ଆସିଲ୍



ପ୍ରଶାନ୍ତ କୁମାର ନାଥ

ଏ କ ବେଳ କାଳ ଆସିଲ୍
ଡାଲି ସାରୁଠୁ ଆଳୁ ପିଆଜର
ଦର ବଢିଲ୍,
ତେଲ ହଳଦୀ ଆଉ କଣ ପଛେ ପଡିଲ୍!
ଗୁଡ ମାଠିଆକୁ ଚଢ ଦର ବି...
ହୁ ହୁ ହୋଇ ଗଛ ଚଢିଲ୍ ।

ଘର ଘରଣୀର ମୋର ଚନ୍ତା ବଢିଲ୍
ସବୁବେଳେ ଖାଲି ଗାରୁ ଗାରୁ ହୋଇ
ୟାଡୁ ସିଆଡୁ ଗପିଲ୍
ଭାବିଲି: ରୋଜଗାରଟା ତ ମୁଁ କରୁଛି
ଘର ଚଳେଇବି ମୁଁ, ତେବେ
ଭେଳକ ଦେଖେଇ ଘରଣୀର ମୁଣ୍ଡ କାହିଁ ବିନ୍ଧୁଛି ଭଲ୍?

ଯେତେ ବୁଝେଇଲି ନ ଶୁଣିଲ୍
ବାସନକୁସନ ଫୋପଡା କଚଡା କଲ୍
ରାଗ ତମତମ ୟାଡୁ ସିଆଡୁ ଗପିଲ୍,
ମୁହଁ ହଲେଇ କହିଲ୍: ଜମାରୁ ଛିଗୁଲେଇ ହୁଅନା
ବେଶୀ କହିଲେ ବାପଘର ଯିବି;
ହାତେ ରାନ୍ଧି ଖାଉଥିବ ବସି ଭାତ ଡାଲମା!

ପରଦିନ ଅଫିସ୍ ରାସ୍ତାରେ ସକାଳୁ ସକାଳୁ
ପ୍ରସନ୍ନ ବଦନେ ଦେଖାହେଲେ ଦାଶେ
ପୁଷମାସେ ବି ଛତାକୁ ହାତେ ଧରିଥିଲେ ଝୁଲା,
ଶୁଖିଲା ମୁହଁ ମୋ ଦେଖ ପଚାରିଲେ –
ନାଥେ କଣ ହେଲା;
ମୁଖମଣ୍ଡଳଟା କାହିଁ ଦିଶୁଛି ଶୁଖିଲା!

ଭିତରେ ଚହିଲି ପୁଣି ଉତ୍ତରେ କହିଲି:
ଭଳକ ଭଳକ ଭେଳକ ଦେଖଉଛି ସବୁବେଳେ
ଘରଣୀ କ ମୋର ପାଗଳୀ ପ୍ରାୟ ହେଲା,
ମୋର କଥା ଶୁଣିନ କ
ଆଚାର-ବ୍ୟବହାର କଛି ବୁଝିନ-
କାହିଁ ଏମିତି ରୂପ ସେ ଧଇଲା ।

ସବୁ ଶୁଣି ଦାଶେ ହୋ ହୋ ହସିଲେ
କହୁ କହୁ କହିଦେଲେ –
ଏ ବେଳକାଳେ ସମ ବେହଦଶା ପଡିଲା,
ଚନ୍ତା କାହୁଁକର ନାଥେ ଆପଣେ
ଜାଣିରଖ,
ଏବେଠୁ ବିପତ୍ତି କାଳ ଯେ ଆଇଲା ।

ଦାଶେଙ୍କ କଥା ଶୁଣି ବୁଧିଆଙ୍କ ପରି ଲାଗିଲା:
ନାଠେ ତୁମେ ଘରଣୀ କଥା ବୁଝିପାରୁନା?
ବ୍ୟାଗ୍ ଭର୍ତ୍ତି ପରିବାକୁ କମେଇ କମେଇ
ତୁମେ ଅଧା ବ୍ୟାଗ ନେଇ ଘରକୁ ଯାଆନା!
ଘରଣୀ ତୁମର ବେଲ୍ ଭର୍ତ୍ତି ତରକାରୀ ଖୁଆଇ
ସପ୍ତାହେ ପର୍ଯ୍ୟନ୍ତ କେମିତି ଘର ଚଳାଇବ କୁହନା?

ଗୋବିନ୍ଦପୁର, ଟାଙ୍ଗି, କଟକ

# ମାଟି



ଭଗିରଥୀ ଯାନୀ

ପାଦ ଦୁଇଟିକୁ ଧରିଛି
ମୋର ଜୀବନ ଯାକ,
ସଭିଙ୍କ ମଧ୍ୟରେ ସେ ସାର
ଅଟେ ସୃଷ୍ଟି ରକ୍ଷକ।।

ସୃଷ୍ଟି ସ୍ଥିତି ହୁଏ ବିଲୟ
ତାଙ୍କ ହୃଦ ପ୍ରଦେଶେ,
ଧ୍ୱଂସ କ ବିଧ୍ୱଂସ ଯେତେକ
ତାଙ୍କ ଦେହରେ ମିଶେ।।

ମଧୁର ମୂର୍ଛ    ଁ    ନନନାଦେ
ବହେ ହୃଦେ ଝରଣା,
ଅମୃତର ନୀର ଦିଏ ସେ
କେବେ ନକରେ ଊଣା।।

ନାନାଜାତି ବୃକ୍ଷ ଲତାରେ
ପରିପୂର୍ଣ୍ଣ ସମ୍ଭାର,
ଶସ୍ୟ ଶ୍ୟାମଳରେ ସଜ୍ଜିତ
ତା'ର ପୃଷ୍ଠ କନ୍ଦର।।

ଆଦ୍ୟ ଆଷାଢର ସ୍ମରଣେ
ବରଷା ଘୋଟି ଆସେ,
ଓଦାରେ ତା' ବାସ ମହକେ
ସାଗ୍ ସଂସାର ହସେ।।

ସମ୍ପଦର ଗନ୍ତାଘର ସେ
ଅଟେ ପ୍ରକୃତି ଗ୍ରଣୀ,
ତାଙ୍କ ସେବା ଦାନ ପାଇ କ
ସର୍ବେ ହୁଅନ୍ତି ଋଣୀ।।

ଘାତ ପ୍ରତିଘାତ ସହନ୍ତି
କେବେ ନଯାନ୍ତି ହାରି,
ସମସ୍ତ ଜୀବଙ୍କୁ ପାଳନ୍ତି
ବିଶାଳ ବକ୍ଷେ ଧରି।।

ପ୍ରାଣୀଙ୍କ ମଧ୍ୟରେ ଅଟଇ
ଶ୍ରେଷ୍ଠ ଜାତି ମାନବ,
ମାଟିକୁ ନେଇ ସେ କରିଛି
ଅସମ୍ଭବ ସମ୍ଭବ।।

ପ୍ରାଚୀର ନଗର ଉଦ୍ୟାନ
ଶୋଭିତ ନାନାରଙ୍ଗେ,
ଗ୍ରସ୍ତା ଘାଟ କୋଠା, ପ୍ରାନ୍ତର
ଗଢା ମାଟିର ଅଙ୍ଗେ।।

ଦଳପଡା,ଖଜୁରୀପଡା, ଫୁଲବାଣୀ

# ଉତ୍କଟ ବେକାରୀ ସମସ୍ୟା ଓ ତାର ସମାଧାନ



ବାସନ୍ତୀ ଲତା ଜେନା

ମଣିଷ ସ୍ରଷ୍ଟାଙ୍କର ସର୍ବଶ୍ରେଷ୍ଠ ଉପହାର । ସେ ସବୁବେଳେ ଚାହେଁ ଭଲରେ ରହିବ, ଭଲରେ ଗଣ୍ଡେ ଖାଇ ଶାନ୍ତିରେ ନିଃଶ୍ୱାସ ମାରିବ । କିନ୍ତୁ ଆଜିର ସମାଜରେ ତାହା ଦେଖିବାକୁ ମିଳେନି । ଉଚ୍ଚ ଡିଗ୍ରୀ ଧାରି ଶିକ୍ଷିତ ଯୁବକ / ଯୁବତୀ ଆଜି ବେକାର ହୋଇ ଘରେ ବସି ଛନ୍ତି ।

ତାଙ୍କ ପାଇଁ ଚାକରୀ ନାହିଁ । କିଛି ଦିନ ଘରେ ବସି ରହିବା ପରେ ସେ ଲକ୍ଷ୍ୟ କରେ ଘରର ଦୁରବସ୍ଥା । ବାଧ୍ୟ ହୋଇ ସେ ନିଜ ଅଞ୍ଚଳରେ କିଛି କାମ ଧନ୍ଦା କରି ଥାଏ ତ ଆଉ ଯେତେକ ବାହାର ରାଜ୍ୟ ବା ବିଦେଶକୁ ଯାଇ କିଛି କାମ କରି ଘରକୁ ପଇସା ପଠାନ୍ତି । ଆଉ କେତେକ ଛୋଟ ଛୋଟ କମ୍ପାନୀ ମାନଙ୍କର କାମ କରିଥାନ୍ତି । ତାଙ୍କର ଯୋଗ୍ୟତା ଅନୁଯାୟୀ ତାଙ୍କୁ କାମ ମିଳି ନଥାଏ । କେତେକ ଶିକ୍ଷିତ ପିଲା କୁକାର୍ଯ୍ୟରେ ଲିପ୍ତ ହୋଇଥାନ୍ତି । ଚୋରୀ, ଡକାୟତି ହତ୍ୟା ପରି ଜଘନ୍ୟ କାର୍ଯ୍ୟରେ ଲିପ୍ତ ରହନ୍ତି । ଅଳ୍ପ ପରିଶ୍ରମରେ ବେଶୀ କିଛି ପାଇ ଯିବାକୁ ଆଶା କରନ୍ତି । ଶେଷ ପରିଣତି ପୋଲିସ ହାତରେ ଧରାପଡି ଜେଲ ଯାଆନ୍ତି । ଯିଏ ଭଲ ପାଠ ପଢି ଦେଶକୁ ଗଢିବାକୁ ସ୍ୱପ୍ନ ଦେଖିଥିଲା, ସେ ଆଜି ଜେଲର ହାଣ୍ଡି ଖାଉଛି ।

ଆଜି ଓଡ଼ିଶାର କୋଣ ଅନୁକୋଣରେ ଉତ୍କଟ ବେକାରୀ ସମସ୍ୟା ଦେଖା ଦେଇଛି । ସମୟର ପେଶାଘାତରେ ପେଶି ହୋଇ ବେକାର ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଛି । ଯୁବକ / ଯୁବତୀ ନିଜ ରାଜ୍ୟରେ କାମ ନ ପାଇ ଅନ୍ୟ ରାଜ୍ୟ ଅନ୍ୟ ଦେଶକୁ ଯାଉଛନ୍ତି ପେଟ ପାଟଣା ପାଇଁ । ମୁଠାଏ ଅନ୍ନ ପାଇଁ ପରିବାରରେ ଦୁଃଖ ଦେଖି ନ ପାରି ଦେଶାନ୍ତର ହୋଇ ଯାଉଛନ୍ତି । ଆଜି ସାମ୍ପ୍ରତିକ ସ୍ଥିତି ବଡ଼ ସଂଘାତିକ । ସାରା ବିଶ୍ୱରେ କରୋନା ରୂପକ ମହାମାରୀ ଗ୍ରାସ କରିଛି । ହାହାକାର ପକାଇ ଦେଇଛି ଜନ ଜୀବନରେ । ଓଡ଼ିଆ ପ୍ରବାସୀ

ଦାଦନ ଶ୍ରମିକ କାମରୁ ଛୁଟି ପାଇ ସାରିଛନ୍ତି । ବର୍ତ୍ତମାନ ହାତରେ କାମ ନାହିଁ କ ପେଟକୁ ଦାନା ନାହିଁ । ଖାଇବାକୁ ନ ପାଇ ସରକାରଙ୍କୁ ବିକଳ ନିବେଦନ କରନ୍ତି ନିଜ ଘର, ନିଜ ଗ୍ରାମକୁ ଫେରି ଆସିବାକୁ । ସରକାର ନିୟମ ଅନୁଯାୟୀ ନାମ ପଞ୍ଜିକରଣ କରିଛନ୍ତି । ସରକାର କେତେକ ପ୍ରବାସୀ ଦାଦନଙ୍କୁ ଆଣିଲେ ତ ଆଉ କେତେକ ରହି ଗଲେ । ନିଜ ନିଜ ଖର୍ଚ୍ଚରେ ସୁନା ରୁପା ବିକି କିଏ ଆସିଲ୍ ତ, କିଏ ଭୋକଲ୍ ପେଟରେ, ଟାଇଁ ଟାଇଁ ଖରାରେ, ତାତିଲ୍ ପିଚୁ ରାସ୍ତାରେ ଚାଲି ଚାଲି ଘରକୁ ଫେରି ଆସୁଛନ୍ତି । କିଏ ଆସୁ ଆସୁ ବାଟରେ ମରୁଛି ତ କିଏ ଅଧାମରା ହୋଇ ଘରେ ପହଞ୍ଚି କରେଣ୍ଟାଇନ ରହୁଛି । ଟି. ଭି., ଖବର କାଗଜ, ପ୍ରତିଦିନ ଏହି ବାର୍ତ୍ତା ମିଳୁଛି । ଏହି କଥା ଶୁଣି ଶୁଣି ହୃଦୟ ଉଦବେଳିତ ହେଉଛି । ଭାବିଲେ ଆଖିରୁ ଅଶ୍ରୁ ଝରି ପଡୁଛି ।

କେତେ ଆଶା କରି ପାଠ ପଢାଇଲେ
ପିତା ମାତା ମୋର ଦୁଇ
ଅର୍ଥର ଅଭାବ ସତ୍ତ୍ୱେ ମଣିଷ କରିଲେ
କଷଣ ତ ଗଲା ନାହିଁ ॥

ସରକାର ବେକାର ସମସ୍ୟା ଦୂର କରିବା ପରିବର୍ତ୍ତେ ଯୋଜନା ଉପରେ ଯୋଜନା କରି ଚାଲିଛନ୍ତି । ଯଥା : କାଳିଆ ଯୋଜନା, ମମତା ଯୋଜନା, ବାର୍ଦ୍ଧକ୍ୟ ଭର୍ତ୍ତା ଯୋଜନା, ମଧୁସୂଦନ ଯୋଜନା ଏହିପରି କେତେ କଣ । ବେକାର ଯୁବକ ଘରେ ବସି ବସି ଖାଉଛି । ଅଳସୁଆ ପଣରେ କର୍ମଭୀରୁ ହୋଇଯାଉଛି । ବାପା ମା ତାକୁ ଜୋରରେ କିଛି କହି ପାରୁ ନାହାନ୍ତି । ଯେଉଁ ଦିନ ପଦେ କହିଲେ, ସେଦିନ ଘର ଅଶାନ୍ତି । କବିଙ୍କୁ ଭାଷାରେ :-

"ଭେଣ୍ଡା ପୁଅ ଘରେ ବସିକି ଖାଉଛି
ବଢେ ପିତା ମାତା ଚିନ୍ତା
ପଦୁଟେ କହିଲେ ଦ୍ୱିପଦ କହୁଛି
ହୃଦେ ଭରି ଯାଏ ବ୍ୟଥା ॥
ଆଖି ପତା ଭିଜେ ପୁତ୍ରର କଥାରେ
ସହି ହୁଏନା କଷଣ

ପୁତ୍ର ଜନ୍ମ କରି କ ସୁଖ ପାଇଲି
ହରାଉଛି ମୋର ମାନ ॥

ବେକାର ସମସ୍ୟା ଦୂରୀକରଣ :-

ବେକାର ସମସ୍ୟା ଦୂର କରିବା ପାଇଁ ସରକାର ବିଶେଷ ପଦକ୍ଷେପ ନେବା ଉଚତ । ବିଦ୍ୟାଳୟ ଶିକ୍ଷା ଠାରୁ ଆରମ୍ଭ କରି କଲେଜରେ କିଛି ବୈଷୟିକ ଶିକ୍ଷା, କଳା କୌଶଳ ଦେଇ ପିଲା ମାନଙ୍କୁ କର୍ମଠ କରିବା ଶିକ୍ଷା ଦେବା ଉଚତ । ସତ୍ୟ, ଧର୍ମ, ନ୍ୟାୟ, ପରୋପକାରିତା ଆଦି ବିଷୟରେ ଆଧାତ୍ମିକ ଶିକ୍ଷା ଦେବା ଉଚତ । କାରଣ, ଆଜିର ଶିଶୁ ଭବିଷ୍ୟତରେ ନାଗରିକ । ନିଜର ଚରିତ୍ର ଉତ୍ତମ ରୂପେ ଗଠନ କରି ପାରିଲେ ସେ ନିଜର ଉନ୍ନତି ସଙ୍ଗେ ସଙ୍ଗେ ଦେଶର ସେବା କରିପାରିବ । ଏହା ଦ୍ୱାରା ଭବିଷ୍ୟତରେ ପିଲା କର୍ମ କରିବାକୁ ପଛ ଘୁଞ୍ଚା ଦେବ ନାହିଁ । କାମକୁ ଛୋଟ ବଡ଼ ଭାବିବ ନାହିଁ । ପରିସ୍ଥିତି ପରିବେଶ ସହିତ ନିଜକୁ ଖାପ ଖୁଆଇ ଚଳିବାକୁ ଚେଷ୍ଟା କରିବ । ତା ମନରେ ନିରାଶାର ଭାବ ଉଦ୍ରେକ ହେବ ନାହିଁ । ସେ ଯେକୌଣସି କର୍ମ କରିବାକୁ କୁଣ୍ଠା ବୋଧ କରିବ ନାହିଁ । କବିଙ୍କ ଭାଷାରେ :-

"ନିଜ କର୍ମ ବଳେ ହୁଅ ବଳୀୟାନ
ଶ୍ରମ ଭୀରୁ ନ ହୋଇବ
ଦୁଃଖୀ ରଙ୍କୀଙ୍କର ସେବା କରୁଥିବ
ମଣିଷରେ ଗଣା ହେବ "

ନୀତିବାଣୀ : ନିଜର ଉତ୍ତମ ଚରିତ୍ର ଗଠନ କରିବା ସଙ୍ଗେ ସଙ୍ଗେ । ଯେକୌଣସି କର୍ମକୁ ଛୋଟ ବଡ଼ ନ ଭାବି କର୍ମରତ ହେଲେ ନିଜର ଓ ଦେଶର ମଙ୍ଗଳ ହେବ ।

ଶିକ୍ଷୟିତ୍ରୀ
ଗାନ୍ଧୀନଗର, ନବରଙ୍ଗପୁର

# କେଉଁଦିନ



ପ୍ରକାଶ ଚନ୍ଦ୍ର ପଣ୍ଡା

କେଉଁ ଦିନ ଆମ ଭାଗ୍ୟ ଆକାଶରେ
ନୂତନ ସୁରୁଜ ଉଇଁ,
ସକାଳ କଅଁଳ କରଣ ସ୍ପର୍ଶରେ
ପିଣ୍ଡ ନୂଆ ପ୍ରାଣ ପାଇ ।
ଖୁସିରେ କାକଳ ପ୍ରକମ୍ପିତ ହେବ
ବିହଙ୍ଗେ ଯିବେ ଗାଇ,
ଏଡାଳୁ ସେ ଡାଳ ଉଡିଯିବେ ଆଜି
ଆନନ୍ଦେ ବିଭୋର ହୋଇ ।
କଳା ବାଦଲର ଘନ ଅନ୍ଧକାର
ଆଜିବି ଆକାଶେ ଭାସି,
ଦୁଃଖ ଯାତନାରେ ଘାଣ୍ଟୁଅଛି ସର୍ବେ
ସଭିଙ୍କ ହୃଦୟେ ପଶି ।
କଟୁନାହିଁ ଦିନ ବିତୁ ନାହିଁ ରାତି
ସେଇ ଗୋଟେ କଥା ନିତି
ସକାଳରୁ ସନ୍ଧ୍ୟା, ସନ୍ଧ୍ୟାରୁ ସକାଳ
ସେଇ ଗୋଟେଇ ପୁଣି ଭିତି ।
ଛୋଟିଆ ଗୋଟିଏ ଭୂତାଣୁର ଦାଉ
ଛଡାଇ ଦେଇଛି ନିଦ
ସଭ୍ୟତାର ଚକ ଗଡୁନାହିଁ ଆଉ
ପାଉନି ବିଜ୍ଞାନ ଭେଦ ।

ଖାଆଁ ଖାଆଁ ଲାଗେ ଗାଆଁ ଦାଣ୍ଡ ଆଜି
ଶୁଭୁନି କେଏଁ କଟର,
ରାସ୍ତା ଘାଟ ଆଜି ଫାଙ୍କା ଫାକା ଲାଗେ
ଦିଶୁନି ଗାଡି ମଟର ।
ସତେକି ମାନବ ସ୍ଥାଣୁ ପାଲଟିଛି
ଦିଶୁନି ବଞ୍ଚିବା ରାହା,
କିଂକର୍ତ୍ତବ୍ୟ ସେ ବିମୁଢ ସାଜିଛି
ହୋଇବ କେ ତାର ସାହା ।
ବେଶି ନୁହେଁ ଦୂର ଏ ଅମାଅନ୍ଧାର
ଭାଗ୍ୟ ଆକାଶରେ ଆମ,
ନୂଆ ସକାଳର ନୂଆ କରଣରେ
ହସିବ ଏ ଧରା ଧାମ.....

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

# ଓଁ ଗଣପତୟେ ନମଃ



ସୌମ୍ୟ ରଞ୍ଜନ ପାଲ

ଗଜମୁଖଧାରୀ ହେ ପାଳନହାରୀ ତୁମେ ହିଁ ଦେଖାଅ ବାଟ
ଉଦର ତୁମ୍ଭର ପରିପୂର୍ଣ୍ଣ ଏଠି ପେଟ ପାଇଁ ଚାଲେ ନାଟ
ଏକଦନ୍ତ ସାଜି ହୋଇଗଲ ରାଜି ଲେଖିଲ ମହାଭାରତ
ପ୍ରଥମ ସମ୍ମାନ ଅଧିକାରେ ପୂଜେ ଭବ'ରେ ସାରା ଜଗତ ।।

ଆସନ ତୁମ୍ଭର ବାହନ ତୁମ୍ଭର ସହଜ ମୂଷିକରାଜ
ସେଇ ମୂଷିକ ହିଁ ବୈଜ୍ଞାନିକ ପାଇଁ ପ୍ରଥମ ପସନ୍ଦ ଆଜ
ରିଦ୍ଧି ସିଦ୍ଧି ପତ୍ନୀ ପୁତ୍ର ଶୁଭ ଲାଭ ବିରାଜ ସପରିବାରେ
ସ୍ୱସ୍ତିକ ସାଥିରେ ଆଶିଷ ମିଳଲେ ବିପଦ ବି ହାରିପାରେ ।।

ନାଲି ରଙ୍ଗ ସାଥେ ଭାବ ଯେ ନିବିଡ଼ ମୋଦକରେ ଅଛି ମନ
ଫାଶ ଅଙ୍କୁଶକୁ ଦେଖି ଦୁଇହାତେ ଭୟେ କମ୍ପଇ ଦୁର୍ଜନ
ଏକ ନଜରରେ ଚାହିଁଦେଲେ ଥରେ ସମର୍ପଣ ଆସିଯାଏ
ପିତାମ୍ବର ସତେ ହୃଦୟେ ସ୍ପନ୍ଦନେ ମାଦଳ ହିଁ ବାଜୁଥାଏ ।।

ଦୁବଟିଏ ହେଲେ କରିଦିଅ ପ୍ରଭୁ ବନିବି ତୁମର ପ୍ରିୟ
ଗଣ୍ଠି ପଡ଼ିଗଲେ ଅଡୁଆ ସୂତାରେ ତୁମେ କାଢ଼ିଦବ ଖିଅ ।।

ବଡ଼ଶୋଳ, ମୟୂରଭଞ୍ଜ

# ତୁମେ କି ସେଇ



ସମ୍ୟଜିତ ପାତ୍ର

ତୁମେ ଉଙ୍କିମାର ମୋର ମନ ଅଗଣାରେ
ଅଳସୀ ଜହ୍ନଟି ପରି
ଧୀର ଗୁହାଁଣିରେ ମନ ଜିଣିନଅ
ଆନାମନା ମତେ କରି ।

କେବେ ପୁଣି ସୁନ୍ଦରତାର ଜାଲରେ ଛନ୍ଦି
ବିମୋହିତ କର
ପୁଣି ତୁମେ କେବେ ବିରହ ବେଦନାରେ
ଛଟପଟ କର ।

ଗ୍ରୀଷ୍ମ ମରୁ ପଥେ ତୃପ୍ତିଦେଉଥିବା ଅଦିନଆ ମେଘର
ବରଷା ବିନ୍ଦୁ ଟେ ତୁମେ
ନୀଳ ଆକାଶରେ ସାତରଂଗ ଭରା
ଇନ୍ଦ୍ରଧନୁ ଟିଏ ତୁମେ ।

ଶ୍ରାବଣ ର ମେଘେ ନାଲି ଟୁକୁଟୁକୁ
ସାଧବ ବୋହୁ ଟେ ତୁମେ
ପୁନେଇଁ ଆକାଶେ ଫୁଲେଇ
ଜହ୍ନ ଟେ ତୁମେ ।

ଗ୍ରାମ/ପୋଷ୍ଟ-ଗଡିଆ
ଜିଲ୍ଲା-ମୟୂରଭଞ୍ଜ

# ଅଭଗିନୀ ପ୍ରୀତି



ମନୀଷା ପଣ୍ଡା

ଗ୍ରୀଷ୍ମ ଅବକାଶ ର ଶେଷ ହୋଇଛି । ପ୍ରାୟ ଦେଢ଼ମାସ ଧରି ବିଦ୍ୟାଳୟ ଛୁଟି ଥିଲା। ଛୁଟି ପରେ ଆଜି ପ୍ରଥମ ଦିନ । ପାଗ ମଧ୍ୟ ଟିକେ ବଦଳବା ଅନୁଭୂତ ହେଉଛି। ବର୍ଷା ଅସରାଏ ଦି ଅସରା ପଡି ନିଦାଘ ପ୍ରକୋପ ରେ ଅତିଷ୍ଠ ବିଦ୍ୟାଳୟ ର ଲଣ୍ଡା ଶୁଷ୍କ ପରିବେଶ ଟିକେ ସବୁଜିମା ଦେଖା ଯାଉଛି।

ପଦ୍ମଜା ଙ୍କ ମନରେ ଅନେକ ଉତ୍ସାହ ଆଜି ଏତେ ଦିନ ପରେ ପୁଣି କର୍ମ ଭୂମି ଅଭିମୁଖେ ଆଗମନ। ସହକର୍ମୀ ଓ କୁନି କୁନି ଛାତ୍ର ଛାତ୍ରୀ ଙ୍କ ସହ ସାକ୍ଷାତ ହେବା ର ଅହେତୁକ ଆଗ୍ରହ । ଦିନ ଟି ନୂଆ ନୂଆ ଲାଗୁଥାଏ ପଦ୍ମଜା ଙ୍କୁ।

ବିଦ୍ୟାଳୟ ବାରଣ୍ଡା ରେ ଚଉକି ଟିଏ ପକାଇ ବସିଥାନ୍ତି ପଦ୍ମଜା ଅନୁଧ୍ୟାନ କରୁଥାନ୍ତି ପରିବେଶ ଆଉ ଛାତ୍ରଛାତ୍ରୀ ଙ୍କୁ। ପିଲାମାନେ ଯେମିତି ସେମିତି ଲାଗୁଛନ୍ତି। ନଜର ପଡିଲା ପଦ୍ମଜା ଙ୍କ ର ଝିପି ଝିପି ବର୍ଷା ରେ ବାରଣ୍ଡା ତଳେ ଠିଆ ହୋଇଥିବା ପ୍ରୀତି ଉପରେ। ଟିକେ ଦେହ ଲାଗି ଗଲା ଭଳି ଲାଗୁଛି, ଡେଙ୍ଗା ହୋଇ ଯାଇଛି । ହେଲେ ମୁହଁ ଶୁଖାଇ ଠିଆ ହୋଇଛି ମନ କୁ ମାରି। ପାଖକୁ ଡାକଲେ ପଦ୍ମଜା। ନିମିଷକେ ଦଉଡ଼ି ଆସିଲା ପ୍ରୀତି। ବର୍ଷା ଚୋପା ଗୁଡା ନୀଳ ଫ୍ରକ୍ ରେ ଟିପ୍ ଟିପ୍ ହୋଇ ପଡ଼ିଛି।

ପଦ୍ମଜା ପଚାରିଲେ_"ପ୍ରୀତି ତୋ ବୋଉ ଟିକେ ଭଲ ହୋଇ ଗଲାଣି ନା??"

ପ୍ରୀତି ଉତ୍ତର ଦେଲା_"ଦିଦି! ବୋଉ ମରି ଗଲାଣି ଗୋଟେ ମାସ ହେବ ।"

ନିରୁପାୟ ପଦ୍ମଜା। କଣ କହିବେ? କଣ ବୁଝାଇବ?? ଏ ବିଚାରୀ ଅଭଗିନୀ କୁ । ଲୁହ କୁ ଲୁଚାଇ କେବଳ ଏତିକି କହିଲେ ତୁ ଯାଆ ଖେଳବୁ। ମୁଁ ତତେ ପରେ ଡାକଲେ ଆସିବୁ।

ଏବେ ପ୍ରୀତି ର ପରିଚୟ ଟା କରେଇ ଦେବା ର ଉଚତ୍ ସମୟ । ପ୍ରୀତି ପଦ୍ମଜା ଶିକ୍ଷା ଦାନ କରୁଥିବା ବିଦ୍ୟାଳୟ ର ଜଣେ ଛାତ୍ରୀ। ଏବେ ପଞ୍ଚମ ଶ୍ରେଣୀରେ ପଢ଼େ। ଦ୍ୱିତୀୟ ପଢ଼ିବା ବେଳ ଠୁ ପଦ୍ମଜା ପ୍ରୀତି କୁ ଆଦର କରେ । ଅଜଣା ଆକର୍ଷଣ ଟିଏ ପ୍ରୀତି ପାଇଁ ଥାଏ ପଦ୍ମଜା ଙ୍କ ମନରେ । ଝିଅ ଟି ଚକ୍କଣ କଳା ହେଲେ ମଧ ମୁହଁ ଟି ଠିକ୍ ହାତ ଗଢା ପ୍ରତିମା ଟିଏ ଭଳ।

ଏବେ ଜାଣିବା ପଦ୍ମଜା ର ପ୍ରୀତି ପ୍ରତି ଆକର୍ଷଣ କଥା.....

ଦ୍ୱିତୀୟ ଶ୍ରେଣୀ ପଢୁଥିବା ବେଳେ ପ୍ରାର୍ଥନା ସଭ୍ ରେ କ୍ରମାଗତ ଦେଖେ ପଦ୍ମଜା ପ୍ରୀତି କୁ ସଫା ହୋଇ ନଥିବା ପୋଷାକ ରେ। ବାରମ୍ବାର କହିବା ପରେ ବି କୌଣସି ପରିବର୍ତ୍ତନ ନ ଥାଏ। ହଠାତ୍ ଦିନେ ପଦ୍ମଜା ପ୍ରୀତି କୁ ପାଖକୁ ଡାକ କାରଣ ଜାଣିବା କୁ ଇଛା କଲ୍। ପ୍ରୀତି ର ଉତ୍ତର ଥିଲ୍ ପଦ୍ମଜା ର ଭ୍ବନା ବାହାରେ। ପ୍ରୀତି ଉତ୍ତର ଦେଲ୍_"ଦିଦି! ମୋତେ ବି ଏ ଅସନା ପିନ୍ଧି ସ୍କୁଲ୍ ଆସିବାକୁ ଇଛା ହୁଏନା। ହେଲେ କଣ କରିବି? ଜନ୍ମ ର ଗୋଟିଏ ବର୍ଷ ଠାରୁ ମା ତ ପକ୍ଷାଘାତ ର୍ରୋଗ ରେ। ବେମାର ମା'। ଶଯ୍ୟାଶାୟୀ ମାଆ ର ସବୁ ଦାୟିତ୍ୱ ସାରି ବାପା ଯା'ନ୍ତି ମଜୁରୀ ପାଇଁ। ବାପା ଦିନ ମଜୁରିଆ। ଦି'ପଇସା ଆଣିଲେ ଆମେ ଚଳବୁ।

ମୁଁ ପଖାଳ ଖାଇ ସ୍କୁଲ୍ ଆସେ । ପଡିଶା ଘର ଖୁଡ଼ୀ ମୋ ପାଇଁ ବାଇଗଣ କେବେ ବିଲ୍ତି କେବେ ପୋଡ଼ି ଦେଇଥାଏ ତ କେତେ ବେଳେ ପୁଣି ସେ ସୁବିଧା ନ ପାଇଲେ ଦୁଇ ଟଙ୍କା ର ଆଗ୍ବର କଣି ଆଣେ ପାଖ ବାବୁଲ୍ ଦୋକାନ ରୁ। ମୁଁ ମୋ ବାସନ ମାଜି ପାରେ ହେଲେ ପୋଖରୀ କୁ ଯାଇ ଜାମା ସଫା କରି ପାରେନ, ଶୁଣି ଥିଲି ପୋଖରୀ ରେ ଡାହାଣୀ ରହୁଛି। ଏକା ଯିବାକୁ ଡର ଲ୍ଗେ। ବାପା ଯୋଉ ଦିନ କାମ ବନ୍ଦ ରଖିବେ ସେଦିନ ମୋ ଜାମା ସଫା କରିଦେବେ କହିଛନ୍ତି।

ବାପା ଠିକା କାମ କୁ ଯାଉଛନ୍ତି। ଦିନେ ନ ଗଲେ ସାହୁକାର କାମ ରୁ କାଢି ଦେବ। କାମ ନ ମିଳଲେ ମାଆ ଓଷଧ ଖାଇବ କେମିତି? ଭଲ ହେବ କେମିତି କୁହ ତ??"

ପ୍ରୀତି ଉତ୍ତର ରେ ପଦ୍ମଜା ଚୁପ୍ । ପଦୁ ଟିଏ କଥା କହିବା ର ଶକ୍ତି ନଥିଲ୍ । ବ୍ୟାଗ୍ ରୁ ବିସ୍କୁଟ ପ୍ୟାକେଟ ଟି ବାହାର କରି ହାତରେ ଧରେଇ ଦେଇ ଯିବାକୁ କହିଲେ ପଦ୍ମଜା।

ସତରେ କେତେ ଦୁଃଖଦ ଏ ଅସନା ଜାମା ପଛର କାହାଣୀ। ସେଇ ଦିନଠାରୁ ପ୍ରୀତି ପ୍ରତି ପଦ୍ମଜା ଙ୍କ ର ଅଜଣା ଆକର୍ଷଣ।

ସବୁ କଛି ମନେ ପଡ଼ିଗଲା ପଦ୍ମଜା ଙ୍କ ର । ତିନ ବର୍ଷ ତଳେ ପ୍ରୀତି ସହ ପ୍ରଥମ ସାକ୍ଷାତ ର କଥା। ହେଲେ ମାଆ ତା'ର ଆଉ ନାହିଁ। ଦୁଃଖ ର ବୋଝ ଆହୁରି ଭାରି ହୋଇ ଯାଇଛି ପ୍ରୀତି ପାଇଁ।

ବଡ଼ ଅଭାଗିନୀ ଟିଏ। କୁନ ମନ ରେ କେତେ ମାନ, ଅଭିମାନ, ଯନ୍ତ୍ରଣା ଦୁଃଖ ପରେ ଆହୁରି ଦୁଃଖ । ମାତୃହରା ହୋଇ ଗଲା ପ୍ରୀତି।

ଉପର କୁ ଗୃହିଁ ଈଶ୍ୱର ଙ୍କ ପାଖେ ହାତ ଯୋଡିଲି। କଣ ପ୍ରଭୁ **!!** ଏ ଝିଅ ଟି ଖାଲି ଦୁଃଖ ସହିବ**??** ତା ପାଇଁ କାଣିଗ୍ଧଏ ସୁଖ କଣ ତୁମେ ରଖିନ ଈଶ୍ୱର। କେବଳ ସଂଘର୍ଷ ହିଁ ତା ପାଇଁ ଜୀବନ**??** ଏମିତି ବି କ'ଣବଞ୍ଚିବା କୁ ହୁଏ**??** ଅନେକ ଅସମାହିତ ପ୍ରଶ୍ନ ର ଉତ୍ତର ଖୋଜୁ ଥିଲେ ଆଉ ଗଡି ଆସିଲା ପଦ୍ମଜା ଙ୍କ ଆଖିରୁ ଟପ୍ ଟପ୍ ଲୁହ ବର୍ଷା ଟୋପା ସହ ସମ ତାଳ ରେ ।

ଶିକ୍ଷୟିତ୍ରୀ
ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,
ଅଙ୍କରାନ୍ତିପୁର, ଢେଙ୍କାନାଳ

# ବାପା



ବିନ୍ଧ୍ୟାରାଣୀ ଦାଶ

ବହୁ ଥର ସାଜିଛି ତୁମ ଅଭିଜ୍ଞତା
ମୋ ପାଇଁ ଅନୁଭୂତି
ଯେତେବେଳେ ନଇଁ ଆସେ
ସ୍ୱପ୍ନର ମିନାର, ଖୋଜି ପାଏ ଗୋଟେ
ସରଳ ହୃଦୟ ଠିକ ତୁମ ପରି
ଘନୀଭୂତ କର ପ୍ରଖର ଶୁନ୍ୟତା
ନିରୀମାଖି ମନରେ,
ଏକଲା ପଣର ମହା ଶୂନ୍ୟରେ
ଯୋଡି ଦିଅ ସ୍ୱପ୍ନର ଆଶ୍ୱସ ।
ଗୋଟିଏ ମୁହୂର୍ତ୍ତ ଦୂରେଇ ଗଲେ
ଆଖି ସାମ୍ନା ରୁ ତୁମେ ପାଗଳ ପ୍ରାୟ
ମୋର ଅପବ୍ୟୟ ମାନସିକ ପାଇଁ
ଖର୍ଚ୍ଚିତ ତୁମର ସମସ୍ତ ପାରିଶ୍ରମିକ
ଏ ଜୀବନ ର ନାଆ ରେ
ଚନ୍ତିତ ନାଉରି ତୁମେ
ହେଲେ ହଜାରେ ଚନ୍ତା ମଧ୍ୟରୁ
ଗୋଟିଏ ବି ଚନ୍ତା ନିଜ ପାଇଁ ନଥାଏ
ନିସଙ୍ଗ ଗ୍ରନ୍ଥିର ଖୋଲା ବହି ପରି ତୁମେ
ଅନେକ ପ୍ରଶ୍ନର କେବଳ ତୁମେହି ଉତ୍ତର
ଅନ୍ଧାର ପରେ ଯେବେ ଦରକାର ପଡ଼େ ଉଜ୍ଜଳ ଆଲୋକର

ସେଇ ଆଲୋକ ତୁମେ
ମେଘ ବରଷା । ମୁଁ ଜାଣେନା କଛି
ତୁମେ ହିଁ ପରିସର ଆଶ୍ରୟର
କାନ୍ଦିବାରେ ଜାଣେ ମୁ ହସିବାର ମାଦକତା
ପଥ ଗ୍ଭଲବାରେ ମୋ ହାତରେ
ତୁମ ହାତର ସ୍ପର୍ଶ ଭଙ୍ଗ କରିଦିଏ ମୋର ନିସଙ୍ଗତା
ଜୀବନରେ ବହୁତ ସମସ୍ୟା
ହେଲେ ବାପା...ସମସ୍ତ ସମସ୍ୟା ର ସମାଧାନ ତୁମେ
ଭଗବାନ ଦୁଃଖ ଦିଅନ୍ତି ମଣିଷ କୁ ବାଟବଣା ନ କରିବା ପାଇଁ
ହେଲେ ବାପା... କେବଳ ସୁଖ ହି ଅଜାଡି ଦେଇ ଥିବା ଭଗବାନ ତୁମେ ।

କମିର୍, ସୁବର୍ଣ୍ଣପୁର

ବେଦାନ୍ତୀର ଆଗାମୀ ସଂଖ୍ୟା  ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **10** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ବୃନ୍ଦାବନ ବନବିହାରୀ



ଡ. ଅର୍ଜୁନ ଚରଣ ବାରିକ୍


ବୃନ୍ଦାବନ ବନ ବିହାରୀ ଶ୍ରୀହରୀ ମୋହନ ମୂରଲୀ ଧାରୀ ।
ବୃନ୍ଦାବନ ଗୃନ୍ଦ ମୁର୍‌ରୀ ମୁକୁନ୍ଦ ନୀଳମଣି ମଧୁହାରୀ ।୧ ।
ବୃନ୍ଦାବନେଶ୍ୱରୀ ଶ୍ରୀର୍‌ଧା ମାଧବ ଭ୍‌ବରେ ମନ ମୋହରି ।
ବୃନ୍ଦାବନ କଳା ଗୃନ୍ଦ ଆଦିକନ୍ଦ ନର ହରି ଦାନବାରୀ ।୨ ।
ବୃନ୍ଦାବନେଶ୍ୱର ଦେବ ବଂଶୀଧର ର୍‌ଧା ସାଥେ ଦଇତାରୀ
ବୃନ୍ଦାବନ ବନମାଳୀ କ୍ଷେତ୍ରମୌଳୀ ବିଜୟତି ନୀଳଗିରି ।୩ ।
ବୃନ୍ଦାବନ ଠାକୁର ନନ୍ଦ କୁମର ଶିରେ ଶିଖି ପୁଚ୍ଛଧାରୀ ।
ବୃନ୍ଦାବନ ବନଗ୍ବରୀ ଦନୁଜାରୀ ଶ୍ରୀର୍‌ଧା ରମଣ ଗୌରୀ ।୪ ।
ବୃନ୍ଦାବନ କୁଞ୍ଜବନ ଅଧିକାରୀ ନୀଳମାଧବ ଶ୍ରୀହରି ।
ବୃନ୍ଦାବନ ପାଣି ପବନ ପାବନ ନାହିଁ କଛି ତାର ସରି ।୫ ।
ବୃନ୍ଦାବନ ବନ ଉପବନ ଭ୍ରମ ହରି ତମ ଅଘ ହାରୀ ।
ବୃନ୍ଦାବନ ମଦନ ମୋହନ କୃଷ୍ଣ କେଶବ ହରି ସଂସାରୀ ।୬ ।
ବୃନ୍ଦାବନ ଧାମ କର ପର୍ଯ୍ୟଟନ ଯମ ନ ହେବ ଭଗାରୀ
ବୃନ୍ଦାବନ ବୃନ୍ଦାବତୀର ରମଣ ଶଙ୍ଖ ଚକ୍ର ଗଦାଧାରୀ ।୭ ।
ବୃନ୍ଦାବନେଶ୍ୱର ମୂରଲୀଅଧର କମ୍ବୁ କଟକ ବିହାରୀ ।
ବୃନ୍ଦାବନ କୃଷ୍ଣ କରଇ ଆକୃଷ୍ଟ ଦେଖ ସର୍ବ ନରନାରୀ ।୮ ।
ବୃନ୍ଦାବନ ବନ ତୁଳସୀ ରସିଆ (ହରି) ଭକ୍ତ ଭ୍‌ବର ଭୀକାରୀ ।
ବୃନ୍ଦାବନେଶ୍ୱରୀ ହୃଦୟ ବିହାରୀ ଚନ୍ତ ଦିବସ ଶବରୀ ।୯ ।
ବୃନ୍ଦାବନ ର୍‌ସେଶ୍ୱରୀ ପ୍ରାଣଧନ ଶ୍ରୀହରି ବାଙ୍କ ବିହାରୀ ।
ବୃନ୍ଦାବନ କଳାଭ୍‌ନୁ ବେଣୁପାଣି ଶ୍ରୀର୍‌ଧା ଯା ମନୋହାରୀ ।୧୦ ।

ବୃନ୍ଦାବନ ସୁରେଶ୍ୱର ବଂଶୀଧର ନଟବର ଦନୁଜାରୀ ।
ବୃନ୍ଦାବନ କଳା କାଇଁଚମାଳଆ ବୃନ୍ଦା ହୃଦୟ ବିହାରୀ ।୧୧ ।
ବୃନ୍ଦାବନ କଳା କାହ୍ନୁ ଭଜମନ ଶମନର ଦଣ୍ଡହାରୀ ।
ବୃନ୍ଦାବନ ଯମୁନା ପୁଳୀନେ ଭ୍ରମେ ଶ୍ରୀହରି କୁଞ୍ଜ ବିହାରୀ ।୧୨ ।
ବୃନ୍ଦାବନ ଗୁରୁ ଗୋସାଇଁ କହ୍ନାଇ ନଟରାଜ ପୁତନାରୀ ।
ବୃନ୍ଦାବନ ଧାମ ପରମ ପାବନ ଥାଅ କୃଷ୍ଣ ଅନୁସରି ।୧୩ ।
ବୃନ୍ଦାବନ ପୁରୁଷ ଉତ୍ତମ ଘନଶ୍ୟାମ ମୁକୁନ୍ଦ ମୁରାରୀ ।
ବୃନ୍ଦାବନ ମଧୁସୂଦନ ମୋହନ ଗୋବର୍ଦ୍ଧନ ଗିରିଧାରୀ ।୧୪ ।
ବୃନ୍ଦାବନେଶ୍ୱର ଶ୍ରୀପଦେକଙ୍କର ଶିଶୁ ଅର୍ଜୁନ ଭିକାରୀ ।
ବୃନ୍ଦାବନ ରାଧା ଧବ ସୁମାଧବ ସାଧବେ ଚନ୍ତ ନୃହରି ।୧୫ ।

ଅଧାପକ, ଇଂରାଜୀ ଭାଷା ସାହିତ୍ୟ,
ସା:ପୋ-ମହୁ, ଜି-କେନ୍ଦ୍ରାପଡା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ
ପତ୍ରିକାଟି ପଢିସାରିବା ପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# କରୋନା ଭାଗବତ-୬



ଶମ୍ଭୁନାଥ ଦାସ

ପଚାଶ ଦିନ ହେଲା ଅନ୍ତ ।
ଯେ ତାଲା ବନ୍ଦରେ ଭାରତ ॥
କରୋନା ଭୟ ବ୍ୟାପୁଅଛି ।
ଆର୍ଥିକ ସ୍ଥିତି ଭୁଷୁଡୁଛି ॥
ଔଷଧ ଆବିଷ୍କାର ନାହିଁ ।
କରୋନା ମରିବ କମ୍ପାଇଁ ॥
କରୋନା ନ ମରିବ ଯେବେ ।
ସୁସ୍ଥ ନ ହେବ ଦେଶ ତେବେ ॥
କରୋନା ସଙ୍ଗେ ବଞ୍ଚିବାକୁ ।
ଆଦେଶ ହେଲାଣି ଲୋକଙ୍କୁ ॥
ନାରଦ ହେଲେ ବ୍ୟତିବ୍ୟସ୍ତ ।
କାରଣ ସଭିଙ୍କ ସଙ୍ଗତ ॥
ଗତି ସର୍ବଦା ତ୍ରିଭୁବନ ।
ସ୍ୱଭାବ କଳର ଭିଆଣ ॥
କରୋନା ମଲେ ତ ନାରଦ ।
କରିବେ ଡମ୍ବରୁ ର ନାଦ ॥
ତହୁଁ ଚଳଲେ ମୁନବର ।
ପହଞ୍ଚିଗଲେ ଯମପୁର ॥
ଚନ୍ଦ୍ରଗୁପ୍ତଙ୍କୁ କଲେ ଭାଷ ।
କୁହନ୍ତୁ କରୋନା ଆୟୁଷ ॥
ଜାତକ ଦେଖେ ଚନ୍ଦ୍ରସେନ ।
ତା ଜନ୍ମ ସହର ୟୁହାନ ॥
ଚୀଇନା ହୁବେଇ ପ୍ରଦେଶ ।
ଦୁଇ ହଜାର ଉଣେଇଶ ॥
ନଭେମ୍ବର ସତର ଦିନ ।
କରୋନା ହୋଇଅଛି ଜନ୍ମ ॥
ହାତ-ଚକର ରେଖାମାନ ।
ଖୋଲି ତ ନାହିଁ ସ୍ପଷ୍ଟ ଜାଣ ॥
ଆୟୁଷ ଉତ୍ପାତ ଉଭୟ ।
ମାନବ ପାଇଁ ବଡ ଭୟ ॥
ବସନ୍ତ କଲେରା ହଇଜା ।
ଏମାନେ ହେଲେ ଆଈ-ଅଜା ॥
ତାଙ୍କର ବାର୍ଦ୍ଧକ୍ୟର କାଳେ ।
କରୋନା ନାତି କାୟା ମେଲେ ॥
ଏମନ୍ତ ବୋଲେ ଚେନ୍ଦ୍ରଗୁପ୍ତ ।
ଶୁଣି ନାରଦ ଯେ କାକୁସ୍ଥ ॥
ଷଷ୍ଠ ଭାଗର ଭାଗବତ ।
ବୋଲନ୍ତି ଦାସ ଶମ୍ଭୁନାଥ ॥

ମୁଖ୍ୟ ସଂପାଦକ:"ଅଭିଯାନ"
୧୭୫-ଏ/୧, ବିଶ୍ୱଲକ୍ଷ୍ମୀ ତାଲା ରୋଡ, କୋଲକତା

# କଣ୍ଢେଇ



ଝରଣା ବାରିକ

ସକାଳୁ ବାସୀ ପାଇଟି ସାରି କ୍ଳାନ୍ତ ଅନୁଭବ କରୁଥାଏ  କଣ୍ଢେଇ । ଟିକେ ବିଶ୍ରାମ ନେଇ ସାରିଲେ ନଜର ନତ୍ୟକର୍ମ ସାରି ସକାଳ ର ଜଳଖିଆ ପ୍ରସ୍ତୁତ କରିବା ପାଇଁ ପଡିବ । ଭରି ଅଳସ ଅଳସ ଲାଗୁଥାଏ ତାକୁ । ଶାଶୁଙ୍କର ଡାକ ତା କାନରେ ବାଜିଲା, ଆଲୋ ଏ କଣ୍ଢେଇ  କାମ ସାରିଲୁଣି ନାଁ ନାହିଁ ? ହଁ ବୋଉ ସରିଲାଣି ଯାଉଛି ଯାଉଛି  । ତରତର ହୋଇ ଉଠି ପଡିଲା କଣ୍ଢେଇ । ଦିପାଦ ଯାଇଛିକ ନାହିଁ, ଶଶୁର କହିଲେ ଆରେ ବୋହୁ ଖବର କାଗଜ ଟା ଆଣିଲୁ ଗୃ ଟିକେ ବି ଦେ ।  ଖବର କାଗଜ ଟା ବଢେଇ ଦେଇ, ଏଇ ନଅ ବାପା ଗୃ ଏଇ ସାଂଗେ ସାଂଗେ କରି ଆଣୁଚ ।

ଦଶ ମିନଟ ରେ ବାଥରୁମ ରୁ ଆସି ଗୃ ଟିକେ ବସେଇ ଦେଇ। ଟିଫିନ୍ ପାଇଁ ଯୋଗାଡ଼ କରି ଦେଲା  କଣ୍ଢେଇ। ଗୃ ଦେଇ କ ଆସିଲା ପରେ ତେଣେ ବାବୁ ଙ୍କର ଡାକ, ଟିକେ ଆସିଲ ମୁଁ କଛି ପାଉନ । ସାର୍ଟ ପ୍ୟାଂଟ ମୋର ଜଲଦି ଦିଅ ଅଫିସ ଟାଇମ୍ ହେଲାଣି । ସବୁ କାମକୁ ନଖୁଣ ଭବେ ତୁଲେଇ ପାରୁଥିଲା କଣ୍ଢେଇ । ସବୁ ପରେ ବି ତାକୁ କେହି ବି ଭଲ ପାଉନଥିଲେ। ସବୁର ମୁଖ୍ୟ କାରଣ ଥିଲା ଯୌତୁକ । ଗରିବ ଘର ବୋଲି ସେତିକ ସମ୍ମାନ ର ଅଧିକାର ପ୍ରାପ୍ତ ହେଇ ପାରୁନଥିଲା । ଯେତିକ ପାଇବାର ଯୋଗ୍ୟ ଥିଲା ସିଏ । ଶାଶୁ, ଶ୍ୱଶୁର, ନଣନ୍ଦ ଏମିତି କ ନଜ ସ୍ୱାମୀ ଙ୍କ ପାଖରୁ ବି ବହୁତ କଛି ଶୁଣିବାକୁ ପଡୁଥିଲା ତାକୁ। ସବୁ କଥା କୁ ହସି ହସି ସହି ଯାଉ ଥିଲା କଣ୍ଢେଇ । ଆଖି ର ଲୁହକୁ ସାଥି କରି ତା କର୍ତ୍ତବ୍ୟ ରେ କେବେବି ହେଳା କରୁନଥିଲା ସେ ।

କ'ଣ ହେଇଛି କେଜାଣି ଆଜି ସକାଳୁ କଣ୍ଢେଇ ପାଉଁଜି ର ଶବ୍ଦ ଶୁଭୁନାହିଁ । ଘରଟା ଶୁନଶାନ୍ । ମଝିରେ ମଝିରେ ଶାଶୁ ଙ୍କର ଆଲୋ କ'ଣ ହେଇଛି ବା ମରିଗଲୁ ନାଁ କ'ଣ

ରଡି ଶୁଭୁ ଥାଏ । ଯିଏ ଯାହା କାମରେ ଗ୍ଲଲି ଗଲେ । ସକାଳୁ ଘର ଭିତରେ ପଡି ରହିଥାଏ କଣ୍ଢେଇ । ଆଖି ଲୁହ ଛଡ଼ା କେହି ବି ତାକୁ ବୁଝନ୍ତି ନାହିଁ । ଶ୍ରାବଣ ର ବାରି ଧାର୍ ପରି ବହି ଗ୍ଲଲୁଥାଏ । ସ୍ୱାମୀ ଅଫିସ ରୁ ଫେରିଲେ କଣ୍ଢେଇ କୁ ଦେଖି କାହିଁକ ଟିକେ ଦରଦ ଆସିଲା । ଡାକ୍ତରଖାନାକୁ ନେଇ ଗଲେ । ଡାକ୍ତର ଚେକ୍ ଅପ୍ କରିଲା ପରେ କହିଲେ । କଣ୍ଢେଇ ମାଆ ହେବାକୁ ଯାଉଛି, ବହୁତ ଦୁର୍ବଳ ଅଛି ଦେହରେ ଟିକେ ଜର ବି ଅଛି । ମେଡ଼ିସିନ ଦଉଛି  ଖାଇବ କଛି ଦିନ ରେଷ୍ଟ ନେଲେ ଠିକ ହେଇଯିବ । ଘରକୁ ଆସି କଛି ଖାଇବାକୁ ଦେଇ ମେଡିସିନ ଦେଲେ ସ୍ୱାମୀ । କଣ୍ଢେଇ ମାଆ ହେବାକୁ ଯାଉଛି ଏ କଥା ଶୁଣି ଶାଶୁ ଶ୍ୱଶୁର ଙ୍କ ଗୋଡ଼ ତଳେ ଲାଗୁନଥାଏ । ଭାରି ଆଦର କରୁଥାନ୍ତି ତାକୁ । ଏମିତି ପରିବର୍ତ୍ତନ ଦେଖି କଣ୍ଢେଇ ଭାରି ଖୁସି ହେଉଥାଏ । ମନେ ମନେ ଠାକୁର ଙ୍କୁ ଧନ୍ୟବାଦ ଦେଉଥାଏ । ହେ ପ୍ରଭୁ ଏତେ ସୁଖ ପୁଣି ମୋ ଭାଗ୍ୟରେ ଥିଲା। ବେଳେବେଳେ ଖୁସି ରେ ଲୁହ ଟୋପାଏ ବି ଝରିଆସେ ।

ଦିନ ପରେ ଦିନ ଗଡି ପାଞ୍ଚ ମାସ ହେଲା । ଶାଶୁ ଙ୍କର ଏକା ଜିଦ୍ ବୋହୂ ଗର୍ଭ ରେ ଥିବା ଶିଶୁଟି ପୁଅ ନା ଝିଅ ଜାଣିବା ପାଇଁ । ମାଆ ର କଥାକୁ କାଟି ପାରିଲେନ ସ୍ୱାମୀ । ଡାକ୍ତରଖାନାରେ ଲିଙ୍ଗ ନରୂପଣ କରି ଝିଅ ଟିଏ ଅଛି ବୋଲି ଜାଣିଲେ । ସମସ୍ତ ଙ୍କ ମନ ଭାଙ୍ଗିଗଲା । ଏତେ ସବୁ ଖୁସି ପାଞ୍ଚ ମିନଟ୍ ରେ କୁଆଡେ ଉଭେଇ ଗଲା । ଆଗଭଳ କଣ୍ଢେଇ କୁ ନର୍ଯ୍ୟାତନା ଦେବା ଆରମ୍ଭ କରିଦେଲେ । ବାରମ୍ବାର ଘରୁ ବାହାରି ଯିବାପାଇଁ କୁହନ୍ତି । ମୋର ଦୋଷ କ'ଣ କହିଲେ । ମୁହଁ ଉପରେ ଜବାବ ଦେଉଛୁ କହି ମାଡ଼ ବି ଦିଅନ୍ତି ।

ଦୁନଆଁ ଦେଖିବା ପୂର୍ବରୁ ଏ ପିଲାକୁ ଯଦି ମାରି ଦବୁ ତେବେ ତୋର ଭଲ ମଙ୍ଗଳ କହି ତାଗିଦ କରନ୍ତି ଶାଶୁ । ପୁଅ ଝିଅ ଆଜି କାଲି ସମସ୍ତେ ସମାନ କହି ବୁଝେଇ ବାକୁ ଚେଷ୍ଟା କରେ କଣ୍ଢେଇ । ତା କଥା କେହି ବି ବୁଝନ୍ତି ନ । ସମସ୍ତ ଙ୍କର ଗୋଟିଏ ଜିଦ୍ ପିଲାଟି କୁ ନଷ୍ଟ କରିଦେ। ଏଥିରେ ମୋର କଛି ଦୋଷ ନାହିଁ କହି, ସମସ୍ତ ଙ୍କ ଗୋଡ଼ ତଳେ ପଡି କାକୁତି ମିନତି କରେ କଣ୍ଢେଇ । କନ୍ତୁ ସଫଳ ହୁଏ ନାହିଁ ।ବାଧ୍ୟ ହୋଇ ଡାକ୍ତର ଖାନା ଯାଏ କଣ୍ଢେଇ ।ସେଇଠି ଜଣେ ଲେଡି ଡକ୍ଟର ଙ୍କୁ ସବୁ କହିଦିଏ । ଏଇ ସମୟରେ ମୁହଁ ନ

ଖୋଲିଲେ ସବୁଦିନ ପାଇଁ ତା ପିଲ୍ଟିକୁ ହରେଇଦବ । ଏକଥା ଶୁଣି ଡକ୍ଟର ଥାନାକୁ ଫୋନ କରନ୍ତି । ଥାନାରେ ଥିବା ଆଇ ଆଇ ସିଏ ବି ଜଣେ ଝିଅ ।

ଆଇନ ବିରୋଧ ରେ ଯାଇ କନ୍ୟା ଭ୍ରୁଣ ହତ୍ୟା ଅଭିଯୋଗରେ  ଆରେଷ୍ଟ କରନ୍ତି ତିନ ଜଣଙ୍କୁ । ଏକଥା  କଣ୍ଡେଇ ଯମା ସହିପାରେ ନାହିଁ । ସେମାନଙ୍କୁ ଛାଡି ଦେବାକୁ ଅନୁରୋଧ କରେ । ଆଇ ଆଇ ସି ମାଡମ ବହୁତ ଭଲ । କଣ୍ଡେଇ ର କଥା ରଖି ତାଙ୍କୁ ଛାଡି ଦିଅନ୍ତି। ବୁଝେଇ ଦିଅନ୍ତି ପୁଅ ଝିଅ ସମସ୍ତେ ସମାନ । ପୁଅ ଝିଅ ଜନ୍ମ ପାଇଁ କେବଳ ପୁରୁଷ ହିଁ ଦାୟୀ । ନାରୀ କେବଳ ଗର୍ଭସ୍ଥ ଶିଶୁ କୁ ଜନ୍ମ ଦିଏ । ଏକଥା ସମସ୍ତେ ବୁଝିଲେ । କଣ୍ଡେଇ କୁ ନେଇ ଘରକୁ ଗଲେ ।ତାର ଯତ୍ନ ନେଇ ସୁନ୍ଦର କନ୍ୟା ରତ୍ନ ଟିଏ ପାଇଲେ ।

ସମାଜରେ ସମସ୍ତେ ଏକଥା ଯେବେ ବୁଝି ପାରିବେ କନ୍ୟା ସନ୍ତାନ ଟି ଅବହେଳତ ହେବନାହିଁ।

ସମଲ, ତାଳଚେର, ଅନୁଗୋଳ

# ଗ୍ଲ'ର ଚର୍ଚା



ସସ୍ମିତା ପଟ୍ଟନାୟକ

ଗ୍ଲ ତ ଗ୍ଲ ନୁହଁ ସେ ସମସ୍ତଙ୍କ ପ୍ରିୟତମ,
ତା ବିନା ଦିନ, ହୁଏନ ଯେମିତି ଆରମ୍ଭ,
ତା'କୁ ଦେଇ ଦେଲ୍ ପରେ ଏକ ଚୁମ୍ବନ,
ହୃଦୟକୁ ଯେମିତି ମିଳଥାଏ ଅପାର ଆନନ୍ଦ !! (୧)

ଗ୍ଲ ତ ଯେମିତି ସର୍ବେସର୍ବା ....
ମନ ଦୁଃଖ ହେଲେ,
କ ଛୋଟ ଛୋଟ ଖୁସିରେ ଦରକାର ପଡେ ଗ୍ଲ;
ମୁଣ୍ଡ ବିନ୍ଧା ହେଲେ ଅବା,
ଢେ଼କ ମାରିବାକୁ ହେଲେ ଗ୍ଲ;
ସମୟ ବିତେଇବାକୁ ହଉ,
କମ୍ବା କୋଉ ବଡ଼ ଆଡମ୍ବର, ଖୋଜା ଗ୍ଲଲେ ସେଇ ଗ୍ଲ;
ସକାଳର ଆରମ୍ଭ କ ଦିନର ଶେଷରେ,
ନାହିଁ ତାର ବାଛ ବିଗ୍ଲର, କଛି ବି ସେଥିରେ !! (୨)

ବର୍ଷାର ଟିପ୍ ଟିପ୍ ପାଣିରେ, ଉଷ୍ମତା ଆଣେ ଗ୍ଲ,
ଶୀତରେ ଗରମର ଅନୁଭୁତି ଦିଏ ଗ୍ଲ,
ଶୁଖିଲା ତଣ୍ଟିକୁ ଓଦା କରିଦିଏ ଗ୍ଲ,
ଗରମରେ ବି କଏ ବା ଭୁଲୁଚ ଗ୍ଲ !! (୩)

ପ୍ରେମର ପ୍ରଥମ ଗୁପ୍ ଶୁପ୍ ର ଆରମ୍ଭରେ ଗପ୍ପ,
ବିଚ୍ଛେଦର ଶାନ୍ତନ୍ୱାରେ ବି ଗପ୍ପ,
ଆନନ୍ଦର କୋଳାହଳରେ ଗପ୍ପ,
ବିସାଦର ଗପ୍ପା ଅଶ୍ରୁମୋଚନରେ ବି ଗପ୍ପ **!! (୪)**

ଗପ୍ପ ବିନା ଲାଗେ, କେମିତି ଟିକେ ଅଧୁରା ଅଧୁରା,
କଥା ଯେ ନଗ୍ନଟ ସତ ନୁହେଁ କହିଛି ମନ ଗଢ଼ା,
ଛୋଟରୁ ବଡ଼ ସମସ୍ତଙ୍କ ହେଇପାରେ ତାର ଦରକାର,
ସିଏ ପୁଣି ଆଣିଥାଏ, ଅଜଣା ଲୋକଙ୍କ ଭିତରେ ବନ୍ଧୁତାର ସମ୍ଭାର **!! (୫)**

ଗପ୍ପ କୁ ନ ମଣିବ ପର ସେ ଯେ ପରମ ଈଶ୍ୱର,
ଧନୀ ହଉ କ ଗରୀବ କାହାକୁ ନ ମଣଇ ପର,
ସଦା ସର୍ବଦା ରଖିବ ମର୍ଯ୍ୟାଦା ତାର,
କଏ ଜାଣେ, କାଲି ତମକୁ ପଡ଼ି ଯାଇପାରେ, ଆବଶ୍ୟକତା ତାର **!! (୬)**

# ବାସ୍ ସେତିକି ଥାଉ



ଛବିରାଣୀ ପତି

"ବଜାରରେ ସିନା ସିନ୍ଦୁରର ଅଭାବ ନାହିଁ ! ହେଲେ ଏ ଅଭାଗିନୀ କପାଳରେ ନାହିଁ, କୁହନ୍ତି ସାଇପଡିଶା । ସିଲି କିନ୍ତୁ ଏପରି ସମାଲୋଚନାରେ ନା ଦୁଃଖିତ ନା କ୍ଷୁବ୍ଧ । ଟିଲି, ଝିଲ୍ଲି, ମିଲି, ଗେଲି, ଶିଲି ଆଉ ସାନଭାଇ ବାବୁଲି ଭାଇ ଭଉଣୀ ହେଇ ସେମାନେ ଛଅଜଣ । ସିଲି ନିଜେ କହେ; ... ବାପା ଜୀବିତ ଥାଇବି ମାଆ ତାଙ୍କର ସ୍ୱୀକାର କରିନେଇଛନ୍ତି ବୈଧବ୍ୟତା ! ପୁଣି ନିଜ ଖୁସିରେ । ସିନ୍ଥି ଭର୍ତ୍ତି ଝଟକୁଥିବା ସିନ୍ଦୁରର ମଥା ଆଜି ଶୂନ୍ୟ । କାରଣ ସେ ସିନ୍ଦୁର ଥିଲା ଅଯୋଗ୍ୟ ଅସମର୍ଥ ସାତପ୍ରାଣୀଙ୍କର ପେଟ ଗୁଖଣ୍ଡଙ୍କ ଲାଗି । ଅଫେରା ପଥର ପଥିକ ସାଜିଗଲେ ଆଜିକୁ ଦୀର୍ଘ ୧୨ ବର୍ଷ ହୋଇଯିବ ବାପା । ହିଡମାଟି ହିଡରେ ଲଦିବା କଷ୍ଟକର ହେଲାରୁ ଦାଦନକୁ ଯାଇଛନ୍ତି ଯେ ଯାଇଛନ୍ତି ।

ସବୁ ତ' ଏହି ସିନ୍ଦୁରର ଖେଳ !! । କେତେ ଦୁଃଖକଷ୍ଟ ସହି ପର ବାଡିଘରେ ବୋଲାହାକ କରି ପାଳିଛି ଓ ପାଠ ଦିଅକ୍ଷର ପଢେଇ ବାହାସାହା କରିଛି ବୋଉ ଆମର । ଅଭାବି ସଂସାରକୁ ପେଲିଛି ନିଜ ଦେହ ଓ ପେଟର ଭୋକକୁ ନିଜ ଭିତରେ ଚପେଇ ରଖି । ତଥାପି ଅପେକ୍ଷା କରିଥିଲା ଏକ ଅସରନ୍ତି ପିପାସାରେ ବାପାଙ୍କ ବାଟକୁ । ହେଲେ ବାପା ବିଦେଶରେ ଆଉଏକ ସଂସାର ଗଢିବାର, ଆଉ ଗାଁର ସୁକୁଟା ଦାଦା କହିଗଲେ ଯେବେ ଆସି ଆଖିଦେଖା କଥା ! ବୋଉ ମୋର ନିଃସଂକୋଚରେ ପୋଛିଦେଲା ମଥାରୁ ସିନ୍ଦୂର ଆଉ ଭାଙ୍ଗିଦେଲା ହାତରୁ ଶଙ୍ଖା । ହେଲେ ସବୁବେଳେ ନିଗୁଡୁଥିବା ଲୁହଧାର ଧାର ଆଖି ତାର ଟିକେବି ହୋଇନଥିଲା ଓଦା ସେଦିନ । ବରଂ ମନ ତାର ହୋଇଯାଇଥିଲା ଆହୁରି ଶକ୍ତ । ଏମିତିବି ଯନ୍ତ୍ରଣା ଛଡା କଣ ଦେଇଥିଲା ତାକୁ ତା'ର ସିନ୍ଦୁର ?? କଣ ଆମପରି ପୁଳାଏ ପିଲା ଜନ୍ମ କରିବାର ସୁଖ ଖାଲି !!!

ବଡ଼ ଭଉଣୀ ଟିଲିଅପାକୁ ସମାଜରୁ ବାଛନ୍ଦ ହେବା ଭୟରେ ମାମୁଁ ଛନ୍ଦି ଦେଲେ ଗୋଟେ ଦୁବେଇ ବରସହ । ବୋଉବି ନରୁପାୟ ହୋଇ ଯାଇଥିଲା ସେତେବେଳକୁ । ମନ୍ଦିରରେ ମାଳ ବଦଳେଇ ସିନ୍ଦୁର ପିନ୍ଧି ଚୁପଚୁପ୍ ଚାଲିଗଲା ଶାଶୁ ଘର ଅପା । ହେଲେ ତାର ସାବତ ପିଲା ତାକୁ ମା ବୋଲି ଗ୍ରହଣ କରିପାରିଲେନ । ଏପରି ଅଶାନ୍ତି ରେ,, ନଶାଗ୍ରସ୍ତ ଭିଣେଇ ଅକାଳରେ ଚାଲିଗଲେ । କ ସୁଖ ପାଇଲା ମୋ ଅପା ! ସେଇ ପରିସ୍ଥିତିର ଭୟ ଓ ଆଶଙ୍କାରେ ଝିଲ୍ଲିଅପା ନଜ ପସନ୍ଦରେ ଓ ସମସ୍ତଙ୍କ ସମ୍ମତିରେ ବେଦିରେ ବସି ବାହାହେଲା ସତ! ଶାଶୁଘରେ ପାଦ ଦେଉଦେଉ ଆସିପହଞ୍ଚିଲେ ନତି ନତି.... ଲୋଫର୍ ସ୍ୱାମୀ ହାତରୁ ମିଛିମିଛିକା ସିନ୍ଦୁର ପିନ୍ଧିଥିବା କେତେ କେତେ ଗୋପୀ । ନଜେ ନଜ ଗୋଡ଼ରେ କୁରାଢ଼ି ମାରିସାରିଲା ପରେ ଲଢ଼ିବ ତ କେତେ ଆଉ କହାକାହା ସାଙ୍ଗେ ! ସେବେଠୁ ଅସି ଏଇଘରେ। ସିନ୍ଦୁରକୁ ଖେଳଘର ମାନୁଥିବା ଅନ୍ୟ ଏକ ଉପାଦାନ ଯୌତୁକଲୋଭି, ଆମ ଏକମାତ୍ର ଭାତହାଣ୍ଡିର କ୍ଷେତକୁ ବନ୍ଧାରଖି ବୋଉ ବାହା ଦେଇଥିଲା ମିଲିଅପାକୁ । ସେ ସେଠି ଏବେ ଗୋଟେ ଚାକରାଣୀ ଛଡା ଆଉ କଛି ବି ନୁହେଁ । ତା'ରି ଭିତରେ ହେତୁ ନପାଉଣୁ ବାବୁଲି ଗୋଟେ ଝିଅକୁ ଉଠେଇ ଆଣି ମନ୍ଦିରରେ ସିନ୍ଦୁର ଦେଇ ଘରେ ରଖିଲା ଆଉ ଗେହ୍ଲିଅପା କୁଆଡେ କାହା ସାଥୀରେ ଗଲାଯେ ଗଲା । ମଲାକ ଗଲା କଛି ପତ୍ତାନାହିଁ ତା'ର। ସେଇ ସିନ୍ଦୁର ଟାଣରେ ଭାଉଜ ସବୁଥିରେ ଜାହିର କରେ ତା'ର ଏକଚାଟିଆ ଅଧିକାର । ଦିଏନାହିଁ କାହାରିକୁ ରକ୍ଷାବାସ ।

"ସିନ୍ଦୁର..... ରଙ୍ଗ ଏକ ରୂପ ଅନେକ"। ଏହି ଉପଲବ୍ଧିରେ ସିଲି ଦୃଢମନା ହୋଇ ସ୍ଥିର କରିଛି .... ହେଉପଛେ ସମାଜର ନୀତିବିରୁଦ୍ଧ ! ଭାଙ୍ଗିଯାଉ ପଛେ ପ୍ରଥା ପରମ୍ପରା ! ସେ କନ୍ତୁ ଏଇଠି ରହିବ,, ସାହାରାହୋଇ ନଜ ମା ଓ ଭଉଣୀଙ୍କର । କେଉଁ ପୁରୁଷ ଏସବୁ ସତ୍ତ୍ୱେ ଯଦି ତା' ମଥାରେ ସିନ୍ଦୂର ଦେବାକୁ ଆଗେଇ ଆସେ, ସିଲି ତାକୁ ଗ୍ରହଣ କରିବାକୁ ଚନ୍ତା କରିପାରେ । କାରଣ ସବୁ ପରିସ୍ଥିତିକୁ ସାମ୍ନା କରିବାକୁ ସେ ଏବେ ନହାତି ଯୋଗ୍ୟ ଓ ସକ୍ଷମ ମଧ୍ୟ ।

ମଧୁଶାସନ
ବିରିଡ଼ି, ଜଗତସିଂହପୁର

# ସୂର୍ଯ୍ୟୋଦୟ



ଅନାଦି ସେଠ

ସୂର୍ଯ୍ୟ ନାରାୟଣ ଜଗତ କାରଣ
ତୁମେ ସକଳ ଶକ୍ତି ଆଧାର
ରାତ୍ରୀ ନିବାରଣେ  ଅନ୍ଧାର ନାଶନେ
ଜଗତେ ନାମ ତବ ଦିବାକର !!
ଋତୁଚକ୍ରର ତୁମେ ପରିଚାଳକ ହେ
ସୃଷ୍ଟି ସର୍ଜନ୍ତି ତବ କରଣେ
କେବେ ପ୍ରଚଣ୍ଡ ତ କେବେ ଶୀତଳ
ପାଳ ତ୍ରିଭୁବନ ସ୍ୱାଭିମାନେ !!
ଗ୍ରୀଷମ ନିଦାଘ ରୁଦ୍ରରୂପ ତବ
ପ୍ରାଣୀଏଁ ତପନ୍ତି ହା ହା କାରେ
ଅନଳେ ପତଙ୍ଗ ଝାସ ଦେଲା ପରି
ମାନବେ ନାଶଯାନ୍ତି ବୈଶାଖରେ !!
ବରଷା ଋତୁରେ ମେଘାଚ୍ଛନ୍ନ ହୁଏ
ବରଷେ ମୁଷଳ ଧାରାରେ ଜଳ
ବନ୍ୟା ଜଳେ ଧରା ପ୍ଲାବିତ ହୁଏଟି
ହୁଏ ଧ୍ୱଂସ ସବୁରି ସମ୍ବଳ !!
ଶରତରେ ମହୀ ଶୁଶୋଭିତ ହୁଏ
ଶୁଭ୍ର କାଶତଣ୍ଡୀ ଶୁକ୍ଳବର୍ଣ୍ଣେ
ପୁଷ୍ଟ ସୂର୍ଯ୍ୟତାପେ ଭଲ୍ଲଗି ବିକଶେ
ହୁଏ ପରିବର୍ତ୍ତିତ ସେ ଅନ୍ନେ!!
ଶରତ ବିଗତ ଶୀତଳ ଆଗତ
ପ୍ରହାରେ ଅସ୍ଥିଭଙ୍ଗା ଶୀତ ନିରେ

ଏ ଦୁର୍ଦ୍ଦଶା ହରନ୍ତି ଶୀତଳ ତପନ
ପ୍ରଭାତେ ପୂରୁବ ଦିଗବଳୟେ
ସସାଗରା ଧରା ରୋମାଞ୍ଚିତ ହୁଏ
ପାଇ କୋମଳ କିରଣରୟେ!!
ହେମନ୍ତରେ ଶଷ୍ୟ ଅମଳ ପ୍ରାରମ୍ଭ
ହର୍ଷନ୍ତି କୃଷକ ଓ ଜନମନ
ରବିତେଜ ଅଳ୍ପେ ନିସ୍ତେଜ ହୁଅଇ
ମାତ୍ର ସଚଳ ରୁହେ ଜୀବନ !!
ଅବଶେଷେ ବିରାଜେ ବସନ୍ତରାଜ
ହୁଅନ୍ତି ବୃକ୍ଷରାଜି ପଲ୍ଲବିତ
କୋକିଳର କୁହୁ ତାନେ ଆମ୍ରବନ
କରେ ଯେ ଧରାକୁ ଉତ୍ଫୁଲ୍ଲିତ!!
ରାଧାକୃଷ୍ଣ ପ୍ରେମେ ନାଚଉଠେ ପୃଥ୍ୱୀ
କ୍ରୀଡ଼ନ୍ତି ଦୋଳପୂର୍ଣ୍ଣିମି ରଙ୍ଗେ
ଅର୍କ ସପ୍ତରଙ୍ଗ ରଙ୍ଗୋଲି ସାଜିଣ
ପ୍ରଦାନେ ଶାନ୍ତି ମାନବ ଅଙ୍ଗେ

ଡୁଡୁକା, ବଲାଙ୍ଗୀର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଦୀପାବଳି

ସୌମ୍ୟାଶ୍ରୀ ନାୟକ

କାର୍ତ୍ତିକ ଅମାବାସ୍ୟା ଏତ ଖୁସିର ପସର୍,
ମନେ ଭରିଯାଏ ଆଜି ଆନନ୍ଦ ଉଲ୍ଲାସ ଧାର୍,
ପ୍ରସ୍ଫୁଟିତ ହେଲ୍ ଆଜି ଆଲୋକର କଳି,
ଦୁଃଖ ଦୂର ହେଲ୍ ସଭିଙ୍କର ଏଇ ଦୀପାବଳି ।

ଗିରିଗୋବର୍ଦ୍ଧନ ରକ୍ଷା କଲେ ଗୋପବାସୀଙ୍କୁ,
ଶ୍ରୀରାମଚନ୍ଦ୍ର ଫେରିଲେ ଆଜି ଅଯୋଧ୍ୟାକୁ,
ଶାନ୍ତ ହେଲ୍ ଆଜି କାଳୀମା'ଙ୍କର ଉଗ୍ରରୂପ,
ପୁଣି ଜଳାହେଲ୍ ଲକ୍ଷ୍ମୀଙ୍କ ନିକଟେ ଧୂପ, ଦୀପ ।

କେହି କହେ ଦୀପଦୁତ୍ସବ କିଏ କହେ ଯକ୍ଷରାତ୍ର,
ଅନ୍ଧାର ଦୂରହୋଇ ଭରିଲ୍ ଆଲୋକର ପାତ୍ର,
ସ୍ୱାମୀ ରାମତୀର୍ଥଙ୍କ ଜନ୍ମ ଏଦିନେ ପୁଣି ଦୟାନନ୍ଦଙ୍କ ନିର୍ବାଣ,
ସୁଖରେ ଫୁଟୁଛି ଗାଁ ସହରରେ ଆଜି କେତେ ଯେ ବାଣ ।

ଅନ୍ଧାରି ପଶୁବଳ ବିନାଶାଦେ ଜଳାହେଲ୍ ପ୍ରଦୀପ,
"ଦୀପାବଳି" ଉତ୍ସବରେ ଆଜି ଶତ୍ରୁତା ବିଲୋପ,
ବଡବଡୁଆଙ୍କ ଦୀପଦାନ ସୁରୁଖୁରୁରେ ହେଲ୍,
କାଉଁରିଆ କାଠି ଆଜି ସ୍ୱାଗତ ସମ୍ମାନ ନେଲ୍ ।

ଆନନ୍ଦ ଉଲ୍ଲାସେ ଆଜି ସଭିଏଁ ହେଲେ ଏକାଠି,
ଦୀପଶିଖାରେ ଉଜ୍ଜ୍ୱଳିତ ଆଜି ଏ ମାଟି,

ଦୂରେଇଗଲା ଆଜି ରାଗ, ଅଭିମାନ, ଶତ୍ରୁତା,
ସଭିଙ୍କ ମଧ୍ୟେ ବଢ଼ିଲା ସମ୍ପର୍କର ବନ୍ଧୁତା ।

ଆଲୋକର ପର୍ବ ଏ ତ ପ୍ରଦୀପର ମୂର୍ଚ୍ଛନା,
ସଭିଙ୍କ ମନେ ଭରିଦିଏ ଖୁସିର ଜ୍ୟୋସ୍ନା,
ଅମା ଅନ୍ଧାର ଆଜି ହେଲା ଦୂରୀଭୂତ,
ଆଶାର ଆଲୋକ ଆଜି ହେଲା ତ୍ୱରାନ୍ୱିତ ।

ଲୋପ ପାଆନ୍ତି ଏହି ଦିନେ ବିଷାକ୍ତ ପୋକ ଜୋକ,
ଘୁରିଆଡେ ଦିଶେ ଆଜି କେତେ ଯେ ଚକମକ,
ନୂତନ ଖାତା ପୂଜା ପୁଣି ଲକ୍ଷ୍ମୀଙ୍କ ଆରତି,
ସଭିଙ୍କର ମନ ଲୋଭିନଏ ଏଇ ପୁଣ୍ୟତିଥି ।

ଜାତୀୟ ପର୍ବ ଏହି ଶୁଭ ଦୀପାବଳି,
ପ୍ରତି ଘରେ ଆଜି ଆନନ୍ଦର ଗହଳି,
ଅନ୍ଧାର ମଧ୍ୟେ ଦିଶିଲା ଆଲୋକର ବାଟ,
ଦୀପାବଳି ଫିଟାଇଲା ଖୁସିର ଫାଟକ ।

ପାପଡାହାଣ୍ଡି, ନବରଙ୍ଗପୁର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ସିପାହୀ ବିଦ୍ରୋହର ଦେଢଶ ବର୍ଷ ପରେ କେମିତି ଅଛି ଲକ୍ଷ୍ନୌର ରେସିଡେନ୍ସି

ପ୍ରିୟବ୍ରତ ପାଢ଼ୀ

ଲକ୍ଷ୍ନୌ ସହରର ଭିଡ ରାସ୍ତା ପାର ହୋଇ ଆମ ଘୋଡାଗାଡି ଯାଇ ଅଟକଲା ରେସିଡେନ୍ସି ରେ । ବହୁ ପ୍ରାଚୀନ କୋଠାବାଡି ଓ ଭଗ୍ନାବଶେଷକୁ ନେଇ ବଞ୍ଚିଥିବା ରେସିଡେନ୍ସି ଆଜି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସୁରକ୍ଷିତ । ଟିକଟ କାଟି ବୈଲି ଗେଟ୍ ପାର ହେବା ପରେ ହଠାତ୍ କରି ଏତେ ବଡ ବଡ ଭଗ୍ନପ୍ରାୟ କୋଠା ଓ ଦୁର୍ଗସମ ଉଆସ ଦେଖି ସ୍ତବ୍ଧ ହୋଇଗଲି । କ୍ୟାଲେଣ୍ଡର ରେ ଦେଖିଥିବା ରୋମ୍ ସାମ୍ରାଜ୍ୟର – କୋଲସିଅମ୍ ପରି ଏହି ଭଗ୍ନ କୋଠାସବୁ ତଥାପି ଅଟୁଟ ରହିଛି – ଆଗାମୀ ଏକ ହଜାର ବର୍ଷ ପାଇଁ ସତେକି ଏମିତି ଦମ୍ଭ ଧରି ଠିଆ ହୋଇଥିବେ । ସନ୍ତର୍ପଣରେ ପାଦ ପକେଇ ଆଗକୁ ଗଲାବେଳକୁ ପଛରୁ ଖିଲିଖିଲି ହସ ଶୁଭିଲା । ଯୋଡି ଯୋଡି ହୋଇ ଡଜନ ଡଜନ ସଂଖ୍ୟାରେ ପ୍ରେମୀ ଯୁଗଳ ବୈଲୀ ଗେଟ୍ ପାର ହୋଇ ଭିତରକୁ ଆସୁଥିଲେ । ଧୂଳି ଧୂଆଁ ଓ ଜନାକୀର୍ଣ୍ଣ ଲକ୍ଷ୍ନୌ ସହରରେ ସମୟ କଟେଇବା ପାଇଁ ରେସିଡେନ୍ସି ପରି ଜାଗା କାହିଁ**?** ସେମାନେ ଯେ ସିପାହୀ ବିଦ୍ରୋହର ସ୍ମୃତି ରୋମନ୍ଥନ ପାଇଁ ଏଠାକୁ ଆସୁଥିଲେ ତାହା ନୁହେଁ**,** ବରଂ ବିଜନତା ଭିତରେ କିଛି ଅନ୍ତରଙ୍ଗ ମୂହୁର୍ତ୍ତ କଟେଇବା ଉଦ୍ଦେଶ୍ୟ ଥିଲା । କଳା ରଙ୍ଗର ବୁର୍ଖା ପିନ୍ଧା ଝିଅ ମାନେ ଥିଲେ ସଂଖ୍ୟାରେ ସର୍ବାଧିକ । ବୈଲି ଗେଟ୍ ପାର ହେଉହେଉ ମୁହଁରୁ ପରଦା ହଟେଇ**,** ଖିଲିଖିଲି ହସି**,** ନଜର ଯୁବବନ୍ଧୁଙ୍କ ହାତ ଧରି ଦେହରେ ଡେଣା ଲାଗିଲା ପରି ରେସିଡେନ୍ସି ଭିତରେ କେଉଁଆଡେ ଉଭାନ୍ ହୋଇ ଯାଉଥିଲେ ଯେ ତାର ଟେର୍ ପାଇବା ମୁସ୍କିଲ୍ ।

କୌଣସି ବୃକ୍ଷଛାୟା ଆଚ୍ଛାଦିତ ଲନ୍ ଉପରେ ଠିଆ ହୋଇ ଏପଟ ସେପଟ ଅନାଉ ଅନାଉ ବାହାର ରାସ୍ତାରେ**,** ସମ୍ଭବତଃ ତୁରନ୍ତ ପ୍ରତ୍ୟାବର୍ତ୍ତନକୁ ଅପେକ୍ଷା କରି ଟାଙ୍ଗାବାଲା ଠିଆହୋଇଥିବା ଦେଖିଲି । ଏଠି କୌଣସି ରିକ୍ସାବାଲା ବା ଟାଙ୍ଗାବାଲାକୁ ରେସିଡେନ୍ସି କଥା ପଚାରିଲେ କହନ୍ତି – କଣ ଅଛି ସେଇଠେ ଆଜ୍ଞା**?** କିଛି ଭଙ୍ଗା ଉଜୁଡା କୋଠାବାଡି**!** ଚାଲନ୍ତୁ ବୁଲେଇ ଦେବି**,** ଲକ୍ଷ୍ନୌ ଷ୍ଟିଚ୍ ର ସୋ-ରୁମ୍ ଦେଖିବେ ।" କାରଣ ସ୍ପଷ୍ଟ**,** ସୋ ରୁମ୍

ପହୁଞ୍ଚାଇଲେ ସେମାନଙ୍କୁ କମିଶନ୍ ମିଳେ, ଏଠି ରେସିଡେନ୍ସି କୁ ଆସିଲେ ଖୁବ୍ ବେଶୀରେ ଭଡା ପଇସା ହିଁ ମିଳଥାଏ ।

ଲକ୍ଷ୍ନୌ ର କେନ୍ଦ୍ରରେ ପାଖାପାଖି ୩୩ ଏକର ପରିମିତ ଜାଗାରେ ତିଆରି ହୋଇଥିବା ରେସିଡେନ୍ସି, ତମାମ ସିପାହୀ ବିଦ୍ରୋହ ସମୟର ଏକ ଘଟଣା ବହୁଳ ପରିସର । ବିଦ୍ରୋହର ଦେଢଶ ବର୍ଷ ପରେ, ତା ଉପରେ ପାଦଦେଇ ଚାଲିଲାବେଳେ ଏକ ରକ୍ତମୁଖା ଜୀବନ ହୃଦୟ ଉପରେ ପଦଚାଳନର ଶିହରଣକୁ ଅନୁଭବ କରୁଥିଲି । ଅନ୍ତତଃ ମାନସିକ ସ୍ତରରେ ସିପାହୀ ବିଦ୍ରୋହ ସହ ଜଡିତ ଥିବା ଯେ କୌଣସି ସମ୍ବେଦନଶୀଳ ମଣିଷ ଏମିତି ହିଁ ଅନୁଭବ କରନ୍ତି । ତୋପର ଗର୍ଜନ, ବାରୁଦ ବିସ୍ଫୋରଣ, ସହସ୍ର ଅଶ୍ୱଙ୍କ ହ୍ରେସାରବ, ମୁମୂର୍ଷୁଙ୍କ ଚତ୍କାର – ଏସବୁର ପ୍ରତିଧ୍ୱନିରେ ପ୍ରକମ୍ପିତ କାନ୍ଥବାଡ ଏବେ ମୂକ ବଧିର ପାଲଟି ଯାଇଛନ୍ତି ।

ଆଜକୁ ଠିକ୍ ଦେଢଶ ବର୍ଷ ତଳେ ଭାରତରେ ଏକ ସର୍ବବୃହତ୍ ସର୍ବ ପ୍ରଥମ ଗଣବିକ୍ଷୋଭ ଓ ବିଦ୍ରୋହ ଦେଖାଦେଇଥିଲା ।ଏଥିରେ ସବୁ ବର୍ଗର ଲୋକ ଯୋଗ ଦେଇଥିଲେ ଯଦିଓ ସିପାହୀଙ୍କ ସଂଖ୍ୟା ସର୍ବାଧିକ ଥିଲା । ସ୍ୱାଧୀନତା ପାଇଁ ଲଢା ଯାଇଥିବା ପ୍ରଥମ ଜାତୀୟ ସ୍ତରରେ ଯୁଦ୍ଧ ହେଲା ଏହି ସିପାହୀ ବିଦ୍ରୋହ, ଯାହାକି ବଙ୍ଗଳାରୁ ଆରମ୍ଭ ହୋଇ ମେରଟ୍, ପଞ୍ଜାବ, ଦିଲ୍ଲୀ, ବରେଲୀ, ଲକ୍ଷ୍ନୌ, କାନପୁର, ଝାନସି ଆଦିକୁ ମାଡିଯାଇଥିଲା । ଦେଢଶ ବର୍ଷ ପୂର୍ତ୍ତି ଉପଲକ୍ଷେ ଇଂଲଣ୍ଡରେ ଖୁବ୍ ଜାକଜମକରେ ଏହି ଉତ୍ସବ ପାଳନ ହେଉଥିବା ବେଳେ – ଆମ ଦେଶରେ ସେସବୁକୁ ନେଇ ସାଧାରଣ ସଭଟିଏ ମଧ ଦେଖାଯାଉନାହିଁ । ଏମିତି ଏକ ଅବସରରେ ଏ ଲେଖକ ଲକ୍ଷ୍ନୌ ଭ୍ରମଣରେ ଯାଇ ରେସିଡେନ୍ସି ରେ ପହଞ୍ଚିଲା ।

ଇଂରାଜୀ ଭାଷାରେ ରେସିଡେନ୍ସି ଅର୍ଥ ରହିବା ଘର । ଖାସ୍ କରି ଇଂରେଜମାନେ ଏଠାରେ ରହୁଥିଲେ ବୋଲି ଅନେକ କୋଠାଘରର ସମାହାର ଏହି ଇଲାକାକୁ ରେସିଡେନ୍ସି ବୋଲି କୁହାଯାଉଥିଲା । ଆଧୁନିକ ଭାରତ ଇତିହାସରେ ଏକ ଅଲଗା ପରିଚୟ ଓ ବିଶେଷତ୍ୱ ବହନ କରି ଏହା ଠିଆ ହୋଇଛି । ଭାରତର ବିଭିନ୍ନ ଜାଗାରେ ପରାଭୂତ ରାଜା ବା ସେନାପତିଙ୍କ ଭଗ୍ନଦୁର୍ଗ, ରାଜଉଆସ ଦେଖିବାକୁ ମିଳେ, ଖୁବ୍ ବେଶୀରେ – "ଭୀଷଣ ଯୁଦ୍ଧ କରି ଶହୀଦ ହୋଇଥିଲେ" ବୋଲି ଏକ ସାନ୍ତ୍ୱନାମୂଳକ ଫଳକ ଲଗା ସ୍ତମ୍ଭ ବା ସମାଧି ଦେଖିବାକୁ ମିଳେ । କିନ୍ତୁ ଇଂରେଜମାନେ ଭୀଷଣ ଭାବେ ଆକ୍ରାନ୍ତ ହେବା, ପରାଭୂତ ହେବା ବା ଶହୀଦ୍ ହେବା

କଥା ସାରା ଭାରତରେ ଏଇ ଗୋଟିଏ ଜାଗାରେ ଦେଖିବାକୁ ମିଳେ । ତମାମ ରେସିଡେନ୍ସି ଘୁରିବା ବେଳେ ଆପଣଙ୍କୁ ଲାଗିବ – ସତେକି ଇଂଲଣ୍ଡର କୌଣସି ଉତ୍ତପ୍ତ ଜାଗା ବୁଲୁଛନ୍ତି, ଯେଉଁଠାକୁ ଭାରତୀୟ ମାନେ ଶତ୍ରୁରୂପେ ମାଡିଆସି ଆକ୍ରମଣ କରିଥିଲେ ଏବଂ ଚାରିପଟୁ ଅବରୁଦ୍ଧ କରି ଇଂରେଜମାନଙ୍କୁ ମାରି ପକେଇଥିଲେ । ସିପାହୀଙ୍କ ଦ୍ୱାରା ପାଖାପାଖି ଛମାସ କାଳ ଅବରୁଦ୍ଧ ହେବା ପରେ ଏହା ମୁକ୍ତ ହୋଇଥିଲା ଏବଂ ସିପାହୀ ଦମନ ଓ ଗଣହତ୍ୟାର ଶୋଭାଯାତ୍ରା ଏଠାରୁ ବାହାରିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ ।

ନବାବ୍ ଅସଫ୍-ଉଦୌଲାଙ୍କ ସମୟରେ ଇଂରେଜମାନଙ୍କୁ କିଛି ଘର ଦିଆଯାଇଥିଲା, ନବାବ୍ ସଦତ୍-ଉଦୌଲାଙ୍କ ସମୟରେ ଏହି ରେସିଡେନ୍ସି ପୂର୍ଣ୍ଣାଙ୍ଗ ରୂପ ନେଇଥିଲା । ପରେ ପରେ ଅନ୍ୟାନ୍ୟ ଇଂରେଜ, ରାଜା ବା କମ୍ପାନୀ ଦ୍ୱାରା ଏଠାରେ ଅନ୍ୟ ସବୁ କୋଠା ଓ ଅନୁଷ୍ଠାନ ଖୋଲାଯାଇଥିଲା । ଇଂରେଜମାନେ ନିରାପତ୍ତା ଦୃଷ୍ଟିରୁ ନିଜନିଜର ପରିବାର ଧରି ଏଠାରେ ରହୁଥିଲେ, ନିଜର ପଣ୍ୟ ସାମଗ୍ରୀ ଗୋଦାମ ଘରେ ରଖୁଥିଲେ, ନିଜର ସୁରକ୍ଷା ପାଇଁ ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ରଖୁଥିଲେ । ଯେତେବେଳେ ପରିବାର ସଂଖ୍ୟା ବୃଦ୍ଧି ପାଇଲା ତାକୁ ଧରି ଏଠାରେ ଗିର୍ଜାଗୃହ, ମାଂସ ଦୋକାନ, ପୋଷ୍ଟ ଅଫିସ୍, ଟେଲିଗ୍ରାମ୍ ଅଫିସ୍, ବଜାର, ଡାକ୍ତରଖାନା ଆଦି ତିଆରିହେଲା ।

ସିପାହୀ ବିଦ୍ରୋହ ବଣନିଆଁ ପରି ମାଡିଚାଲିଥିବା ବେଳେ, ଲକ୍ଷ୍ନୌରେ ବସବାସ କରୁଥିବା ଇଂରେଜଙ୍କ ଘର ସବୁ ଜାଳ ଦିଆଗଲା । ଫଳରେ ପିଲାଛୁଆ ନେଇ ଇଂରେଜମାନେ ରେସିଡେନ୍ସିରେ ଆଶ୍ରୟ ନେଲେ । ଚିନହଟ ଠାରେ ଇଂରେଜମାନେ ପରାସ୍ତ ହେବାପରେ ସାରା ଲକ୍ଷ୍ନୌ ସିପାହୀଙ୍କ କବଳକୁ ଆସିଥିଲା ଏବଂ ରେସିଡେନ୍ସି ର ଚାରିପଟୁ ତୋପ, ଗୁଳିଗୋଳା ବର୍ଷଣ ହେଲା । ରେସିଡେନ୍ସି ଯଥେଷ୍ଟ ଉଚ୍ଚରେ ଥିବାରୁ ଇଂରେଜଙ୍କ ପାଇଁ ଚାରିପଟର ସିପାହୀଙ୍କୁ ସାମନା କରିବା ସହଜ ଥିଲା । ରେସିଡେନ୍ସିର ଉତ୍ତର ଦିଗରେ ଅଛି ଗୋମତୀ ନଦୀ, ଅନ୍ୟ ସବୁ ଦିଗେ ଉଚ୍ଚ କାନ୍ଥ ସହ ବୈଲି ଗେଟ୍ ସହରକୁ ମୁହଁକରି ଠିଆ ହୋଇଥିଲା । କର୍ଣ୍ଣେଲ ବୈଲି ସୁରକ୍ଷା ଦାୟିତ୍ୱରେ ଥିଲେ ଏବଂ ଶେଷ ପର୍ଯ୍ୟନ୍ତ ଏହି ଗେଟ୍ କୁ ସୁରକ୍ଷିତ କରି ରଖିଥିଲେ । ତାଙ୍କରି ନାମରେ ପରବର୍ତ୍ତୀ ସମୟରେ ବୈଲୀ ଗାର୍ଡ ଗେଟ୍ କରାଯାଇଥିଲା । ସବା ଉପର ତାଳରେ ବା ଶିଖରରେ ଇଂରେଜ ପହରାଦାର ମାନେ ଦିବାରାତ୍ର ଦୂରବୀକ୍ଷଣ ଯନ୍ତ୍ର ନେଇ ବସୁଥିଲେ ଏବଂ ସିପାହୀଙ୍କ ସମସ୍ତ ଗତିବିଧିକୁ ଲକ୍ଷ୍ୟ କରିବା ସାଥେସାଥେ ଇଙ୍ଗିତ ମାଧ୍ୟମରେ ସେମାନଙ୍କୁ ସାହାଯ୍ୟର୍ଥେ ଆଗକୁ ଆସୁଥିବା

ଇଂରେଜ ସେନାଙ୍କୁ ସଙ୍କେତ ଦେଉଥିଲେ । ଆଜି ସେଇ ଉଚ୍ଚ ଶିଖରରେ ତ୍ରିରଙ୍ଗା ପତକା ଉଡୁଛି । ତମାମ ଅବରୁଦ୍ଧ ସମୟରେ ମହିଳା ଓ ଶିଶୁମାନେ ଯେଉଁ ଭୂଗର୍ଭ ଗୃହରେ ଛମାସ କାଳ ଆବଦ୍ଧ ହୋଇ ରହିଥିଲେ ସେଠାରେ ଗ୍ଢିଛି ୧୮୮୭ ସ୍ମୃତି ସଂଗ୍ରହାଳୟ । ସେତେବେଳେ ମୁଖ୍ୟ ସୁରକ୍ଷା ଦ୍ୟିତ୍ୱରେ ଥିଲେ କାନପୁର ବେଟେରୀ ଓ ରିଦେନ୍ ବେଟେରୀ । ଅନ୍ୟ ଛୋଟ ସୈନ୍ୟ ଦଳ ଟୁକୁଡାଙ୍କ ପାଇଁ ତିଆରି ହୋଇଥିବା ଘରସବୁ ହେଲା ମାର୍ଟିନ୍ ରୁବିନ୍, ଆଣ୍ଡରସନ୍ ପୋଷ୍ଟ, ବ୍ରିଗେଡମେସ୍, ଶିଖ୍ ଛକ ଇତ୍ୟାଦି । ଜୁଡିସିଆଲ୍ ଗ୍ୟାରିସନ୍ ରେ ସମସ୍ତେ ସୈନକ ଥିଲେ ଶିଖ ଓ ଶିଖ୍-ଛକରେ ଥିଲେ ଅଶ୍ୱବାହିନୀର ଦୁର୍ଦ୍ଧଷ ଶିଖ୍ ସୈନକ । ସାର୍ ହେନେରୀ ଲରେନ୍ସ ପ୍ରଥମେ ମୃତ୍ୟୁବରଣ କରିବା ପରେ ଜେ.ଇ. ଇଙ୍ଗିଲିସ୍ ଶେଷ ପର୍ଯ୍ୟନ୍ତ ସୁରକ୍ଷା ଦାୟିତ୍ୱରେ ଥିଲେ । ଏକ ହିସାବ କହେ ଅବରୁଦ୍ଧ ସମୟରେ ସେଠାରେ ଥିବା ୮୩୦ ଅଫିସର, ୭୪୦ ବ୍ରିଟିଶ୍ ସୈନ୍ୟ, ୭୦୦ ଦେଶୀ ସୈନକ, ୧୫୦ ସ୍ୱେଚ୍ଛାସେବୀ, ୨୩୭ ମହିଳା, ୨୭୦ ପିଲା, ୫୦ କଲେଜ ପିଲା, ୨୭ ଜଣ ଖ୍ରୀଷ୍ଟିଆନ୍ ସେବିକା ଆଦିକୁ ମିଶାଇ ସର୍ବମୋଟ ୨୯୯୪ ଜଣ । ଛଅମାସ ପରେ ମୁକ୍ତ ହେଲାବଳକୁ ସେଥିରେ ଥିଲେ ଇଂରେଜ ୫୭୭ ଓ ଭାରତୀୟ ୪୦୨ ।

ରେସିଡେନ୍ସିରେ ପ୍ରବେଶ କଲେ ପ୍ରଥମେ ବାମ ପଟେ ଡକ୍ଟର ଫେରେରେଙ୍କ ପ୍ରାସାଦ ତୁଲ୍ୟ ଘର । ଡାହାଣ ପଟେ ପଡେ ଟ୍ରେଜେରୀ, ଯାହାକ ଅଧୁନା ବଙ୍କଟ୍-ହାଉସ୍ ରୁପେ ପରିଚତ । ସାର୍ ହେନେରୀ ଗୁଳଗ୍ଳେଟ ଖାଇ ସର୍ଜନ ଫେରେରେଙ୍କ ଘରେ ଚକିତ୍ସିତ ହୋଇଥିଲେ ଏବଂ ଶେଷ ନିଶ୍ୱାସ ନେଇଥିଲେ । ସେଇ ଘରର ମଝିରେ ଗୋଟିଏ ଜାଗାରେ ମୃତ୍ୟୁସ୍ଥଳକୁ ନିର୍ଦ୍ଦେଶ କରି ଏକ ମାର୍ବଲ ଫଳକ ରେ ଲେଖାରହିଛି – ଏଠାରେ ସାର୍ ହେନେରୀ ଲରେନ୍ସ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଏହି ସର୍ଜନ ମହାଶୟଙ୍କ ଘରର ଦ୍ୱାର ସବୁ ଏତେ ଉଚ୍ଚା ଉଚ୍ଚା ଯେ ହାତୀ ମାନେ ଅନାୟାସରେ ଯାଆସ କରିପାରିବେ । ସେ କାଳର ଲୁହା, କଡି, ବରଗା ଏ ଯାବତ୍ ରହିଛି । ଘରର ଚଟାଣ ସବୁ ଖୁବ୍ ଗଡାଣିଆ, ପାଣି ସ୍ୱଚ୍ଛନ୍ଦରେ ଯିବା ପାଇଁ କାନ୍ଥରେ ମଣିଷ ଗଳଗଲା ଭଳି ଦୁଇଟି କଣା – ଉଦ୍ଦେଶ୍ୟ ଅସ୍ପଷ୍ଟ । କିଛି ଅକ୍ଷୁର୍ଣ୍ଣ ରହିଥିବା କାନ୍ଥରେ ପ୍ରେମିକ ପୁଙ୍ଗବ ମାନେ ପାନପତ୍ର ଓ ତୀର ଚିହ୍ନ ସବୁ ଆଙ୍କି ଜାଗାଟିର ଗାମ୍ଭୀର୍ଯ୍ୟକୁ କ୍ଷୁର୍ଣ୍ଣ କରୁଛନ୍ତି ।

ଅନ୍ୟ କିଛି ଉଜୁଡା କୋଠାରେ, କାନ୍ଥବାଡରେ ଥିବା ଖୋପ ବା କୋରଡ ଦେଖି ସେଥିରେ ସବୁଜ ରଙ୍ଗ ଟିକେ ଦେଇ ତାକୁ ଧୂପକାଠି, ଫୁଲମାଳ ଓ ଦୀପରେ ପୂଜାର୍ଚ୍ଚନା କରାଯାଉଛି ।

କଛି ଘରକୁ ଇମାମବର୍ କୁହାଯାଉଛି, ଆଉ କୋଉଠି ମସଜିଦ୍ ଗ୍ଟଲିଛି । ଲୋକ ବା ଭକ୍ତ ଦେଖାନାହିଁ, କନ୍ତୁ ସହସ୍ରାଧିକ ଗୁଣ୍ଡିଚମୂଷା ଏହି ସବୁ ଖୋପରେ ବଡ ଆନନ୍ଦରେ ଅଛନ୍ତି । ଅନେକ ମାଟିପାତ୍ରରେ ସେମାନଙ୍କୁ ପାଣି ଦିଆଯାଉଛି, କଛି ଖାଦ୍ୟ ମଧ ଦିଆଯାଉଛି । ଅନେକ ଜାଗାରେ ପ୍ରାର୍ଥନା ଜାଗା ଓ ମସଜିଦ୍ ଭଙ୍ଗିରୁଜି ଗଲ୍ଣି, କେଉଁଠି ଗଛ ଉଠିଗଲ୍ଣି । ବଡ ବଡ ଲୁହା ଖମ୍ବ ଓ ଠେସ ଦେଇ ଗମ୍ବୁଜ ସବୁକୁ ବଂଚେଇ ରଖାଯାଇଛି ।

ରେସିଡେନ୍ସି ର ଗୋଟିଏ ବଡ ବିଭ୍ଗ ହେଲ୍ ସ୍ମୃତିସ୍ତମ୍ଭ ସମୂହ, ସମାଧିମାଳା ଓ କବରସ୍ଥାନ । ଗୋଟିଏ ଚମତ୍କାର ଶିଳା ଭସ୍କର୍ଯ୍ୟର ସ୍ମୃତି ସ୍ତମ୍ଭ ତଳେ ଲେଖା ଯାଇଛି – "ଦୀର୍ଘ ୮୭ ଦିନ କାଳ ବିପୁଳ ଶତ୍ରୁସୈନ୍ୟଙ୍କ ଆକ୍ରମଣରୁ ମୁଷ୍ଟିମେୟ କର୍ତ୍ତବ୍ୟ ପରାୟଣ ସୈନକଙ୍କୁ ନେଇ ରେସିଡେନ୍ସିକୁ ସୁରକ୍ଷିତ କରିଥିବା ସାର୍ ଜନ୍ ଇଙ୍ଗିଲସ୍ ଙ୍କ ସ୍ମରଣେ" । ଏହି ସୁରକ୍ଷା ଦାୟିତ୍ୱରେ ଥିବା ଯେତିକ ଇଂରେଜ ମରିନଥିଲେ ତାଠୁ ଅଧିକ ଶିଖ୍ ସୈନ୍ୟ ମରିଥିଲେ । ଅଥଚ ଦୁଃଖର କଥା ଏତେବଡ ଜାଗାରେ ଶିଖ୍-ଶହୀଦଙ୍କ ସ୍ମରଣେ ଖମ୍ବଟିଏ ମଧ ନାହିଁ । ଏଠାରୁ ନସ୍ତାର ପାଇଥିବା କଛି ମହିଳା, ଶିଶୁ ଓ କମ୍ରେଡଙ୍କ ପାଇଁ ମଧ ସ୍ମାରକୀ ରହିଛି । ଅଜସ୍ର ଲେଖା, ଟିକାଟିପ୍ପଣି ଆଦିକୁ ପଢିଲ୍ବେଳେ ଯୁଦ୍ଧ କାଳୀନ ବିଭିଷିକା – ନୈରାଶ୍ୟରେ ମନ ବଡ ଅସ୍ଥିର ହୋଇଯାଏ । ଏକାଧିକ ବିଚତ୍ର ବିନ୍ୟାସର ସମାଧି ଥିବା କବର ସ୍ଥାନଟି ଏକ ଆବେଗ ବିଜଡିତ ଜାଗା । ମୃତ୍ୟୁ ଲଭିଥିବା ବଡବଡ ପାହ୍ୟାର ଇଂରେଜଙ୍କ ପାଇଁ ଦର୍ଶନୀୟ ସମାଧିମାଳା । କେଉଁଟି ଗମ୍ବୁଜ ଆକୃତିର, କେଉଁଟି ଚର୍ଚ୍ଚ ଆକୃତିର, କାହା ଉପରେ ରହିଛି କ୍ରସ୍ ଚହ୍ନ, କାହାର ପୁଣି ଭଟିକାନ୍ ପୋପ୍ ଙ୍କ ପ୍ରାସାଦ ଆକୃତି । ଏକଦା ଏଠାରେ ଥିଲ୍ ଏସ୍.ଟି. ମେରୀ ଚର୍ଚ୍ଚ, ଯାହାକ ଅବରୁଦ୍ଧ ବେଳେ ଶସ୍ୟାଗାର ରୂପେ ବ୍ୟବହୃତ ହେଉଥିଲ୍ । ଆଜି ତାହା ସମ୍ପୂର୍ଣ୍ଣ ନଶ୍ଚିହ୍ନ । ଚର୍ଚ୍ଚ ନକଟରେ ଛେଳମର୍ କଂସେଇ ଖାନା ଓ ମାଂସ ଦୋକାନ ଥିଲ୍ । ମୃତାହତଙ୍କ ସଂଖ୍ୟା ବୃଦ୍ଧିହେବାରୁ ଏ ଜାଗା କବର ସ୍ଥାନରେ ପରିଣତ ହେଲ୍ । ଶବ ପୋତିବାକୁ କେହି ନଥିଲେ, କାରଣ ଅନବରତ ଗୋଳଗୁଳା ବର୍ଷଣ ଗ୍ଟଲିଥିଲ୍ । ଶୁଣାଯାଏ କଏ ଜଣେ ବୃଦ୍ଧା ନଶାର୍ଦ୍ଧରେ ଗୋଟିଏ ଲଣ୍ଠନ ଆଲୁଅରେ ଗାତ ଖୋଳ ସେସବୁକୁ ପୋତୁଥିଲେ । ସବୁଠୁ ବଡ, ପାଖାପାଖି ୪୦ ଫୁଟ ଉଚ୍ଚର ସ୍ମୃତିସ୍ତମ୍ଭ ରହିଛି ଜେନେରାଲ୍ ଙ୍କ ସ୍ମରଣେ । ସ୍ତମ୍ଭ ଉପରେ ରହିଛି ଜଣେ ସ୍ୱର୍ଗପରୀଙ୍କ ଛବି ଯିଏ ପୁଣି ପାଦତଳେ ଶାୟିତ ବ୍ୟାଘ୍ର ଉପରେ ଠିଆ ହୋଇଛନ୍ତି ଏବଂ ତାକୁ ଏକ ଲମ୍ବା ଖଣ୍ଡା ମୁନରେ ଖେଞ୍ଚୁଛନ୍ତି । ଏହାର ଅର୍ଥ ଏପରି ହୋଇପାରେ – ବାଘ

ଭଳ ହିଂସ୍ର ଏହି ଭାରତୀୟମାନଙ୍କୁ ରାଜତ୍ୱ କରୁଥିବା ଇଂଲଣ୍ଡର ରାଣୀ (ଯିଏକ ସ୍ୱର୍ଗରୁ ବାର୍ତ୍ତା ନେଇ ଆସିଥିବା ପରୀ) ନଜର ଖଡଗ ଦ୍ୱାରା ପରାଭୁତ କରୁଛନ୍ତି । ଏହି ତମାମ ସମାଧି ତଳେ ଶୋଇଯାଇଥିବା ଜଣେ ମଧ୍ୟ ଇଂରେଜ ଏଠାରେ ମରିବାକୁ ଚାହୁଁନଥିଲେ କି ତାଙ୍କର ସମାଧି ଏଠାରେ ହେଉ ବୋଲି ଚାହିଁନଥିଲେ । ଅଥଚ ନତିରାତିରେ ହିନ୍ଦୁସ୍ଥାନକୁ ସ୍ୱପ୍ନ ଦେଖୁଥିବା ତଥା ବିଦ୍ରୋହର ଅନ୍ୟତମ ନେତା ଦିଲ୍ଲୀ ବାଦଶାହା ବାହାଦୁର ଶାହା ଜାଫର ହିନ୍ଦୁସ୍ଥାନରେ ଶେଷ ନିଶ୍ୱାସ ନେବା ପାଇଁ ତଥା ଏଠାରେ କବର ହେବାପାଇଁ କେତେ ବିକଳ ନ ହେଉଥିଲେ? ରେଙ୍ଗୁନ୍ ଜେଲ୍ ରେ ମୃତ୍ୟୁ ପୁର୍ବରୁ କାନ୍ଥ ଉପରେ ସେ ଲେଖିଥିବା କବିତାଟି ମନେ ପଡିଯାଏ :-

ଉମରେ ଦରାଜ୍ ଲାଇଥି ମାଂଗ୍ କେ ଚାରଦିନ
ଦୋ ଆର୍ କୁ ମେ କଟଗୟେ, ଦୋ ଇନ୍ତିଜାରମେ....
କିତିନା ବଦନସିବ୍ ହେ ଜାଫର୍ ତୁ,
ଦଫନ୍ କେଲିଏ ଦୋ ଗଜ ଜମିନ୍ ଭି ନାମିଲେ ।

ରେସିଡେନ୍ସିର ପ୍ରତ୍ୟେକ ଇଟାଖଣ୍ଡାରେ ଖୋଦିତ ହୋଇଛି ସ୍ୱାଧୀନତା ସଂଗ୍ରାମର ଗାଥା, ଦେଶାତ୍ମବୋଧର ଭାବନା । ୧୮୫୭ ମୁକ୍ତି ଯୁଦ୍ଧରେ ଝାସ ଦେଇଥିବା ଲକ୍ଷଲକ୍ଷ ଲୋକଙ୍କ ବଳଦାନର କାହାଣୀକୁ, ସେମାନଙ୍କ ଅସୁମାରୀ ଯନ୍ତ୍ରଣା ଓ କ୍ରନ୍ଦନକୁ ଏହା ମନେ ପକେଇ ଦିଏ । ସେଥିପାଇଁ ୧୮୫୭ ସ୍ମୃତି ସଂଗ୍ରହାଳୟ ପାଇଁ ସାରା ଭାରତରେ ରେସିଡେନ୍ସିକୁ ମନୋନୀତ କରାଯାଇଛି । ଅନେକ ଅନେକ ରୋମାଞ୍ଚକର ଘଟଣାର ସାକ୍ଷୀ ଓ ବିରଳ ସମ୍ପଦରେ ଭରପୁର ଏ ସଂଗ୍ରହାଳୟ ସମସ୍ତଙ୍କ ପାଇଁ ଦର୍ଶନୀୟ ।

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

# ଶାଶୁ ଶ୍ୱଶୁର



ସୌଭାଗ୍ୟବତୀ ଗିରି

ବେଳେ ବେଳେ ଭାବୁଛି
ଭଗବାନ ଏ ଶାଶୁ-ଶ୍ୱଶୁର ଶବ୍ଦ କାହିଁକି ଗଢ଼ିଲେ **??**
ଖାଲି ବାପା-ମାଆ ଗଢ଼ିଥିଲେ ହେଇ ନଥା'ନ୍ତା **???**
ହଁ....ଏଥିପାଇଁ ବୋଧେ ଗଢ଼ିଥିବେ କି କ'ଣ **!**

ଶାଶୁ ମୋ ସ୍ୱାମୀଙ୍କୁ ଦଶମାସ ଗର୍ଭରେ ଧରିବେ,
ବକ୍ଷଚିରି ଅମୃତପାନ କରେଇବେ,
ମୋ ସ୍ୱାମୀଙ୍କ ଦେହ ଖରାପ ହେଲେ ସାରା ରାତି
ଉଜାଗର ରହି ସେବା କରିବେ,
ନିଜ ପ୍ରାର୍ଥନାରେ ମୋ ସ୍ୱାମୀଙ୍କ ମଙ୍ଗଳ ମନାସିବେ,
ତାଙ୍କ ପାଇଁ ହଜାରେ ଓଷାବ୍ରତ କରିବେ ।

ଆଉ ଶ୍ୱଶୁର....ସିଏ ମୋ ସ୍ୱାମୀଙ୍କର ସବୁ ଦାୟିତ୍ୱ ନେବେ,
ନିଜେ ନଖାଇ ମୋ ସ୍ୱାମୀଙ୍କୁ ଖୁଏଇବେ,
ନିଜେ ନ ପିନ୍ଧି ମୋ ସ୍ୱାମୀଙ୍କୁ ପିନ୍ଧେଇବେ,
ପାଠଶାଠ ପଢ଼େଇ ମଣିଷ ପରି ମଣିଷଟେ କରି ଗଢ଼ିବେ,
ସମାଜରେ ପ୍ରତିଷ୍ଠିତ କରେଇବେ,
ଆଉରି ଏମିତି କେତେ କ'ଣ କାମ,
ସେସବୁର ହିସାବ କ'ଣ ଦେଇ ହେବ କି କେଇଟା ଶବ୍ଦରେ ।

ଦୀର୍ଘ ତିରିଶ ବର୍ଷ ଅବା ତତୁର୍ଦ୍ଧ ଧରି ଏମିତି କରୁଥିବେ ସେ,
ତା'ପରେ ମୁଁ ଆସିବି ସୁନାହରିଣୀଟେ ପରି,
ମିଠାମିଠା କଥା କହି ମୋ ସ୍ୱାମୀଙ୍କୁ ଛନ୍ଦିଦେବି
ମୋ ମୋହଫାଶରେ,
ତାଙ୍କ ଉପରକୁ ଫିଙ୍ଗିଦେବି ଛଳନାର ମାୟାଜାଲ,
ଦିନ କେଇଟାରେ ରଖିନେବି ମୋ କବଜାରେ,
ନଚେଇବି ମୋ ଆଙ୍ଗୁଠି ଇସାର୍‌ରେ,
ବସ୍‌ଉଠ୍ କରେଇବି ମୋ ଇଚ୍ଛା ଅନୁସାରେ ।
ଏମିତି କେତେ ସ୍ୱପ୍ନ ସବୁ ମନରେ ରଖିଛି ମୁଁ ।

ଏବେ ମୁଁ ଶାଶୁଘରେ ପାଦ ରଖି ସାରିଲିଣି,
ପୂର୍ବ ଘରଟାକୁ ନଜର କରି ସାରିଲିଣି ପର୍ ମୁଁ,
ଶାଶୁଘର ଗୋଟେ କ'ଣ ଯେ..
ଏଇଟା ମୋ ଘର, ମୋ ନିଜ ଘର ପର୍ ।
ହେଲେ ଶାଶୁଶ୍ୱଶୁରଙ୍କର କି କାମ ଆଉ ମୋ ଘରେ ?
ଏବେ ତାଙ୍କ ଠିକଣା ବଦଳିବା ଦରକାର
ବୃଦ୍ଧାଶ୍ରମ ଦେଖି ଛାଡିଦେଲେ ଚିନ୍ତା ଗଲ୍ ।

କ'ଣ କରିବି ଏବେ ??
ସ୍ୱାମୀଙ୍କୁ କେମିତି ରାଜି କରେଇବି ??
ସେ କ'ଣ ଛାଡି ପାରିବେ ତାଙ୍କ ବାପାମା'ଙ୍କୁ ??
ହଁ.. ମ... ଛାଡିବେନି କ'ଣ ହେଇଛି କି !
ଶୁଣିଛି ବାହା ହେଲ୍ ପରେ ପୁରୁଷମାନେ କାଳେ
ନିଜ ସତ୍ତା ହରେଇ ବସନ୍ତି,
ମାନବିକତାକୁ ନିଜ ମନରୁ ହଜେଇ ଦିଅନ୍ତି,

ନିଜ ବୁଦ୍ଧିସୁଦ୍ଧି ସବୁ ବିବାହବେଦୀର ସେ ହୋମନିଆଁରେ
ପୋଡି ଦିଅନ୍ତି କି କ'ଣ କେଜାଣି ?
ତା'ପରେ ତ ସ୍ତ୍ରୀ କଥାରେ ବସ୍‌ଉଠ୍ ହୁଅନ୍ତି ଖାଲି ଯାହା ।

ଏଇ ଭିତରେ ଛଅମାସ ବିତି ଗଲାଣି,
ସ୍ୱାମୀଙ୍କୁ ଶିଖେଇ ଶାଶୁଶ୍ୱଶୁରଙ୍କୁ ପଠେଇ ଦେଲିଣି ବୃଦ୍ଧାଶ୍ରମକୁ,
ହେଲେ ଏବେ ଆଉ ଗୋଟେ ଚିନ୍ତା ମୋ ନିଦ ହଜେଇ ଦେଇଛି ।
ମନଟା ଜମା ଭଲ ଲାଗୁନି,
ଇୟାଡୁ ସିୟାଡୁ କଥାଗୁଡା ଜବରଦସ୍ତି
ମନ ଭିତରକୁ ପଶି ଆସୁଛନ୍ତି,
କାହିଁକି ନା ଆସନ୍ତାକାଲି ମୋ ଭାଇର ବାହାଘର,
ମୋ ବାପାମା' ଶାଶୂ-ଶ୍ୱଶୁର ହେବାକୁ ଯାଉଛନ୍ତି ।

ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# କରୋନା

ଜୟଶ୍ରୀ ମେହେର

କରୋନାର ଆଗମନେ ପୃଥିବୀର
ମନୁଷ୍ୟ ଆଜି ଭୟଭୀତ
ଘୁରିଆଡେ ବ୍ୟାପିଛି କରୋନା ଲୀଳା
ଜଗତ ହେଲାଣି କମ୍ପିତ ।
ଡାକ୍ତର ବୈଦ୍ୟ ସବୁ ଗଲେଣି ହାରି
ଉପାୟ ପାଖେ କଛି ନାହିଁ
କରୋନା ଯୋଦ୍ଧା ଗ୍ରାସିତ ହେଲେଣି
ଭୟଙ୍କର ଏ ମହାମାରୀ ।
କରୋନା ଯେତେ ଭୟଙ୍କର ହେଲେ ବି
ମନୁଷ୍ୟକୁ ଏ ଶିକ୍ଷା ଦେଲା
ଭୂଲି ଯାଇଥିବା ପରମ୍ପରାକୁ ପୁଣି
ମନୁଷ୍ୟ ଆପଣେଇ ନେଲା ।
ଘରକୁ ଆସିଲେ ହାତ ଗୋଡ ଧୋଇ
କୁଣିଆଙ୍କୁ ପାଣି ଦେଲା
ହାତ ମିଲାଇବା ଛାଡିଦେଇ ସିଏ
ଦୁରରୁ ନମସ୍କାର କଲା ।
ଜନଗହଲିରେ ସମୟ ନକାଟି
ହରିନାମ କୁ ଜପକରି
ମନ ଭିତରେ ଅହଙ୍କାରକୁ ଛାଡି
ଭକ୍ତି ଭାବେ ଦେଲା ଭରି ।

ଯୌଥ ପରିବାର ଦୂରରେ ଥିଲା ଯେ
ଆଜି ହେଲା ପୁଣି ଏକାଠି
ବୁଝିଗଲା ମନୁଷ୍ୟ ପରିବାରର
ମଜା ନାହିଁ ଆଉ କେଉଁଠି ।
ବାହାର ଜିନଷ ଖାଇଲା ନାହିଁ ସେ
ଘରେ କଲା ସବୁ ତିଆରି
ଖେତ କାମସବୁ ନଜ ହିତେ କଲା
ଧରି ହାତରେ କୁହାରୀ ।
କରୋନା ଆସି ମନୁଷ୍ୟ ମାନଙ୍କୁ
ଶିଖାଇଲା ନୂଆ ଶିକ୍ଷା
ପରମ୍ପରାକୁ ଆପଣେଇନେଲେ
ହେବ ଏ ଜୀବନ ରକ୍ଷା ।

ବନୁପାଲି, ଜିଲ୍ଲା ବରଗଡ଼

# ଶୀତରେ ଶୀତରେ...



ସତ୍ୟବ୍ରତ ସାହୁ

ଦିଗ ବଦଳଗଲେ
ସବା ପଛରେ ଥିବା ଲୋକଟି ସବା ଆଗକୁ ଆସିଯାଏ
ମନ ବଦଳଗଲେ
ଘୃଣା କରୁଥିବା ଲୋକଟି ବି ଖୁବ୍ ଆପଣାର ହୋଇଯାଏ।
ଝିଅଟି ମୋତେ ଖୁବ୍ ଭଲଲାଗେ..
ଭଲଲାଗେ ବୋଲିତ ଜାଣିଶୁଣି ଛିଗୁଲେଇ ହୁଏ ତା' ସହ, ଚଡାଏ ଏଣୁତେଣୁ କହି
ହାଡ଼ଭଙ୍ଗା ଶୀତରେ ବି ପାଣି ଛିଞ୍ଚିଦିଏ ତା' ଉପରେ ।
ତା'ର ଇଂରାଜୀ ଭଲ ହୁଏନା
ଅଥଚ ପରୀକ୍ଷା ପୂର୍ବ ଦିନ ଶୋଇଥିଲା ନଘୋଡ଼ ନଦରେ
ମୁଁ ଟିକେ ପାଣି ଛିଞ୍ଚିଦେଲି ତା' ମୁହଁରେ
କହିଲି, ଉଠ୍.. ଇଂରାଜୀ ଘୋଷ୍...କାଲି ପରୀକ୍ଷା..
ସେ ରାଗିଗଲା ଭୀଷଣ ଜ୍ୱରରେ ଶୀତକୁ ସହି ନପାରି
ରାଗିଗଲା ଯେ...ରାଗିଗଲା.. ପୁରା ରାଗିଗଲା
ବିତିଗଲା ଅନେକ ଶୀତ,ବର୍ଷା,ବସନ୍ତ..
ମୋ' ଜୀବନ ନିଃସଙ୍ଗ... ।

ଏଇ କେତେ ଦିନ ତଳେ..
ହାଡ଼ଭଙ୍ଗା ଶୀତରେ ଥରୁଥିଲା ବେଳେ
ରାତି ଏଗାରଟାରେ ଗୋଟେ ଅଜଣା ନମ୍ବରରୁ
କଲ୍ ଆସିଲା ମୋ' ମୋବାଇଲରେ ।

ଝିଅଟିଏ କହିଲା, ମୋତେ କ୍ଷମା କରିଦେ ସତ୍ୟ..
ମୁଁ ପ୍ରୀତିପର୍ଣ୍ଣା ।
ସେଦିନ ଟିକେ ପାଣି ଢାଳଥିଲୁ ବୋଲି ରାଗିଥିଲି ସିନା
ଜାଣିଛୁ.. ମୁଁ ଆଜି ଜଣେ ଇଂରାଜୀ ଅଧ୍ୟାପିକା !
କ୍ଷମା ମାଗିବା ପାଇଁ ଅନେକ ଖୋଜିଲି ତୋତେ..
ପାଇଲିନ..
ଆଜି ଗୋଟେ ପୁରୁଣା 'ସମାଜ' ପେପରରୁ
ତୋ' କବିତା ସହ ଫୋନ ନମ୍ବର ପାଇ ଫୋନ କଲି
କାନ ଧରୁଛି... ପ୍ଲିଜ୍ କ୍ଷମା କରିଦେ ମୋତେ ।

ଖୁସି ହେଲି ମୁଁ
ଯେଉଁ ଶୀତ ଆମ ସମ୍ପର୍କ ଭାଙ୍ଗିଥିଲା ସେହି ଶୀତରେ
ଯୋଡ଼ି ହୋଇଗଲା ଆମ ସମ୍ପର୍କ ପୁଣିଥରେ ।
ଏବେ ମୁଁ ପୂରା ଜଡସଡ୍ ପ୍ରୀତିପର୍ଣ୍ଣାର ପ୍ରେମରେ
ଶୀତକୁ ଖାତିର କରିବି କ'ଣ ଯେ !
ଏବେ ସବୁଦିନ ଫୋନ କରୁଛି ସେ..
ଏଇତ ମୋ' ମୋବାଇଲ ରିଙ୍ଗ ହେଲାଣି
ପ୍ରୀତିପର୍ଣ୍ଣା ଫୋନ କରିଛି ବୋଧେ...
ରହୁଛି.....।

ପଲ୍ଲାସାହି, କମାଳପୁର,
ଅହିୟାସ, ଯାଜପୁର

# ଏମିତି ବି ହୁଏ



ଡ. ଜ୍ଞାନେଶ୍ୱର ମିଶ୍ର

ଦିନେ ସନ୍ଧ୍ୟା ବେଳେ ବସି ଟି.ଭି. ଦେଖୁଛି । ମୋବାଇଲ୍ ରିଂ ହେଲା, ଦେଖିଲି ରତିବାବୁ ଫୋନ୍ କରିଛନ୍ତି । ରତକାନ୍ତ ଜେନା ଜଣେ ଶିଶୁକବି ଓ ମୋର ପ୍ରିୟ । ସେ ମୋତେ ଫୋନ୍ କଲେ କବିତା ଗାଇ, ନହେଲେ ଢଗ ଢମାଳ ବା ଡାଇଲଗ୍ କହି ତାଙ୍କ କଥା କୁହନ୍ତି । ସେହି ଚରିତ୍ର ଢଙ୍ଗରେ କହିଲେ – "ମୋର ଗେହ୍ଲୀ ଝିଅର ଆସନ୍ତା କାଲି ଜନ୍ମଦିନ । ସକାଳେ ଖିଦିରପୁର ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ଓ ଦର୍ଶନ । ସନ୍ଧ୍ୟା ରେ କେକ୍ କଟା ଓ ଭଜନ ଭୋଜନ । ଆପଣ ନିଶ୍ଚୟ ମୋ କ୍ଷୁଦ୍ର ପ୍ରକୋଷ୍ଠରେ ପାଦ ପକାଇବେ । ମୁଁ କହିଲେ – "ନିଶ୍ଚୟ କରିବି ଗମନ, ଚିନ୍ତା କରିବାର ନାହିଁ ପ୍ରୟୋଜନ ।" ମଜାଳିଆ କଥା ସରିଲା ପରେ କହିଲା –"ସାର୍, ମୁଁ ରହୁଛି, ନିଶ୍ଚୟ ଆସିବେ । ନାନୀ (ମୋର ସହଧର୍ମିଣୀ)କୁ ସାଙ୍ଗରେ ଆଣିବାକୁ ଭୁଲିବେନି ।"

କାଲି ଜନ୍ମଦିନ । ଆମେ ବିଗୁର କଲୁ ଟଙ୍କା ଏକ ଲଫାପାରେ ଦେଇଦେବା । ପୁଣି ଭାବିଲୁ, ଟଙ୍କା ତ ଖର୍ଚ୍ଚ ହୋଇଯିବ ଗୋଟେ ଜିନିଷ କିଣିଦେବା । ଏସବୁ ଆଲୋଚନା କରି ଫ୍ୟାନ୍ସି ମାର୍କେଟକୁ ଗଲୁ । ଅଧେ ଦୋକାନ ବନ୍ଦ । ଯାହା ହେଉ ଏକ ଦୋକାନରେ ଏକ ସୁନ୍ଦର ମଡର୍ଣ୍ଣ ଡିଜାଇନର ଏକ ଥର୍ମୋଫ୍ଲାସ୍କ କିଣିଲୁ । ଘରେ ଆଣି ପ୍ୟାକ୍ କରିବା ପୂର୍ବରୁ କୌତୁହଳ ବଶତଃ ଫ୍ଲାସ୍କ ତଳେ ଏକ ଛୋଟ (J) ଲେଖିଦେଲି ଯେପରି କାହାର ନଜର ନପଡେ । ସନ୍ଧ୍ୟାରେ ଯାଇ ଝିଅକୁ ଉପହାର ଦେଲୁ । ଆଶୀର୍ବାଦ କଲୁ । ଖାଇବା ପିଇବା ମସ୍ତ ହେଲା । ରତିବାବୁଙ୍କ ପୁଅ ବିଶ୍ୱଜିତ୍ ଆଧୁନିକ ଓଡିଆ ଗୀତ ଓ ଭଜନ ଶୁଣି ଖୁସି ହେଲୁ । ରାତି ଏଗାରଟା ବେଳକୁ ଘରକୁ ଫେରିଲୁ ।

ତିନି ମାସ ପରେ ମୋ ପୁଅର ଜନ୍ମଦିନ ଯଥାବିଧି ମୋର ସାମର୍ଥ୍ୟାନୁସାରେ ପାଳିତ ହେଲା । ଖିଆପିଆ ସରିଲା ବେଳକୁ ଡେରି ରାତି ହୋଇ ଗଲା । ଘରେ ଆସି ଡ୍ରେସ୍ ବଦଳାଇ ଉପହାର ପ୍ୟାକେଟ୍ ରଖିଦେଇ ଶୋଇପଡିଲୁ । ପରଦିନ ସକାଳେ ଚା ଖାଇବା ପରେ ପୁଅ

ସବୁ ପ୍ୟାକେଟ୍ ଖୋଲିଲା । ଏକ ପ୍ୟାକେଟ୍ ରେ ଏକ ଫ୍ଲାସ୍କ ଦେଖି କହିଲା –"ବାପା, ଦେଖ ଆମେ ଏହିଭଳ ଏକ ଫ୍ଲାସ୍କ ରତି ଅଙ୍କଲଙ୍କ ଝିଅ ଜନ୍ମଦିନ ଫ୍ୟାନ୍ସି ମାର୍କେଟରୁ କଣିଦେଇଥିଲେ ନା ।" ମୁଁ ଯାଇ ଦେଖିଲି ତଳେ (J) ଲେଖାଅଛି । ମୁଁ କହିଲେ ସୁନ୍ଦର ହୋଇଛି । କଏ ଦେଇଛନ୍ତି ଦେଖତ । ପୁଅ କହିଲା – ଏଥିରେ ଲେଖାଅଛି –"ବେଷ୍ଟ ଉଇସେସ୍ ଫ୍ରମ୍ ଭୂପେଶ ମିଶ୍ର" ।

ଦିନେ ଏକ ସାହିତ୍ୟ ସଭାର ଆୟୋଜନ ପାଇଁ ରତିବାବୁ ଭୂପେଶ ବାବୁ ଆମ ଘରକୁ ଆସିଥିଲେ । ନାନାଦି କଥା ପଦିଲା । କାହାକୁ ଡାକବା କଏ ସଭାପତିତ୍ୱ କରିବେ, ପଇସା ଆୟୋଜନ କପରି କରିବା । ତା ପରେ ଚାହା ପିଇବା ସମୟରେ ମୁଁ କହିଲେ – "ଭୂପେଶ ବାଉ, ଆପଣ ମିଶ୍ରକୁ ମୁଁ ବି ମିଶ୍ର । ଆପଣଙ୍କର ଅନେକ କଥା ମୋ ସହିତ ମିଶୁଛି ।" ସେ କହିଲେ – "କପରି?" ମୁଁ କହିଲି ମୋ ପୁଅ ଜନ୍ମ ଦିନରେ ଯେଉଁ ଫ୍ଲାସ୍କଟି ଦେଇଥିଲେ ସେଟା ମୋର ଭାରି ପସନ୍ଦ| ଭୂପେଶ ବାବୁ କହିଲେ –"ଏଟା ମୋ ପୁଅ ଜନ୍ମଦିନରେ କଏ ଦେଇଥିଲା ଜାଣିନ । ପୁଅ ସବୁ ପ୍ୟାକେଟରେ କାଗଜ ଚରି ଦେଇଥିଲା । ମୁଁ ଭାବିଲି ସାର୍ ତ ସୌଖିନ ଲୋକ । ଦିନକୁ ୬/୭ ଥର ଚା ପିଅନ୍ତି । ଏଥିରେ ଗରମ କରି ରଖିଦେବେ । ଲେଖାଲେଖି ବେଳେ ପିଉଥିବେ । ମୁଁ ଜଣକୁ ଏପରି ଫ୍ଲାସ୍କ କଇ ତା ଝିଅ ଜନ୍ମ ଦିନରେ ଦେଇଥିଲି । କୌତୁହର ବଶତଃ ତା ତଳେ ଏକ ଛୋଟ (J) ଲେଖିଥିଲି । ଆପଣ ଦେଇଥିବା ଫ୍ଲାସ୍କରେ ବି (J) ଅଛି । ଭୂପେଶ ବାବୁ କହିଲେ – ବଡ ଆଶ୍ଚର୍ଯ୍ୟ କଥା ଏମିତି ବି ହୁଏନା କଣ? ଚା କପ୍ ରଖି ରତି ବାବୁ ଥରେ ମୋ ମୁହଁକୁ ଥରେ ଭୂପେଶ ବାବୁଙ୍କ ମୁହଁକୁ ଚାହୁଁଥାନ୍ତି ଓ ମୁରୁକ ମୁରୁକ ହସୁଥାନ୍ତି । ସେ ହସ ଭିତରେ ସବୁ କଥା ହୋଇଗଲା । ସେମାନେ ବିଦାୟ ପାଇଁ ଉଠିଲେ । କବାଟ ଯାଏଁ ଯାଇ ଗୁଡ୍ ନାଇଟ୍ କହି କବାଟ ବନ୍ଦ କଲି । କବାଟ ବନ୍ଦ ହେବାର ଶବ୍ଦ କହୁଥିଲା – "ଏମିତି ବି ହୁଏ" ଧନ୍ୟ ବାବୁ ମିଶ୍ରବାବୁ ।

୪୯/୫/ଏଚ୍-୫୫,
କାର୍ଲ ମାର୍କ୍ସ ସରଣୀ, କୋଲକତା

# ଯୋଦ୍ଧା



ତ୍ରିପତି ପ୍ରଧାନ

ସେ କ'ଣ ଯୋଦ୍ଧା ନୁହଁ
ଖର୍ ବର୍ଷା ଶୀତ
ଭ୍ରୂକ୍ଷେପ ନକରି
ଶରୀରକୁ ମାଟି କରି
ଯୋଗାଇଦିଏ
ସୁସ୍ୱାଦ ଆହାର
ସେ କ'ଣ ଯୋଦ୍ଧା ନୁହଁ
ଦେଶ ଓ ରାଜ୍ୟର
ଆର୍ଥିକ ବୋଝକୁ
ମୁଣ୍ଡରେ ମୁଣ୍ଡାଇ
ଖଟି ଖଟି ଦାଦନ
ପରିବାର ତୁଣ୍ଡେ
ଆହାର ମୁଠାକ ପାଇଁ
ଭୋକ, ଶୋଷ ସହ ଲଢ଼ି
ଜନ୍ମ ମାଟିର ମମତାର ଡୋରେ
ପାହାଡ଼ ଦୂରତା ଯୁଦ୍ଧେ
ସେ କ'ଣ ଯୋଦ୍ଧା ନୁହଁ
ବଞ୍ଚାଇବ ତିନ ତିନ ପ୍ରାଣ
ସୁକ୍ଷ୍ମ ଜ୍ଞାନେ ଗଢି
ଯୁଦ୍ଧି ସମୟର ସାଥେ
ସେ କ'ଣ ଯୋଦ୍ଧା ନୁହଁ
ଆଗାମୀ ଭବିଷ୍ୟତକୁ
ଚକ ମୁଣି ଉର୍ଦ୍ଧେ ଶୋଇ
କାଳର ସପ୍ତରଥୀ ସହ
ସଂଗ୍ରାମରତା
ବଞ୍ଚାଇବ ଅଭିମନ୍ୟୁ ପ୍ରାଣ
ସେ କଣ ଯୋଦ୍ଧା ନୁହଁ
ଜୀବନ ବିପନ୍ନ
କର୍ମରତ ଯୋଦ୍ଧାଙ୍କୁ ଉତ୍ସାହିତ ଭରି
ଆଣିଥାଏ ଜନ ମାନସକୁ
ସେ କଣ ଯୋଦ୍ଧା ନୁହଁ

ସଂସ୍କୃତ ଶିକ୍ଷକ, ଚକଟି

# ଘଟଗାଁ ତାରିଣୀ



ରାମ ଚନ୍ଦ୍ର ପ୍ରଧାନ

ଘଟଗାଁ ତାରିଣୀ  ଦୁଃଖ ହାରିଣୀ ମା
ସଂକଟେ ହେଉ ତୁ ସାହା
ବିପଦରେ ପଡ଼ି  ତୋତେ ସୁମରିଲେ
କରିଥାଉ ତୁହି ଆହା ।
ବିପଦ ଭଞ୍ଜନୀ  ନଡ଼ିଆ ରାଣୀ ତୁ
ମହିମା ମମତା ଭରା
ତୋ ପଣତ ଛାଇ  ସେନେହରେ ବୋଳା
କରୁଣା ପୁଣ୍ୟର ଧାରା ।
ସିନ୍ଦୂର ଶୋଭିତା  ମନ୍ଦାର ମଣ୍ଡିତା
ଜୟ ଜୟ ମା ତାରିଣୀ
ତ୍ରିପୁର ବନ୍ଦିତା  ଜଗତ ପୂଜିତା
ତୁହି ମା ବିଶ୍ୱ କଲ୍ୟାଣୀ ।
ଈଶ୍ୱର ଇପ୍ସିତା  ଇଚ୍ଛାର ସମ୍ଭୂତା
ଲୀଳା ତୋ ଜଗତଜିତା
ଦେହୁରୀ ସେବିତା  ବିଶ୍ୱ ଜନହିତା
କୃପାମୟୀ ଆଦିମାତା ।
ତୋ ପରିକା ମାଆ ସଂସାରରେ ଥିଲେ
ନ ଥାଏ କାହାର ଡର
କିଏ ନ ଜାଣିଛି  କରୁଣା ତୋହର
ଅଟେ ଅନନ୍ତ ଅପାର ।

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ

# ଧୂଳ ମଣିଷ



ବୈଦ୍ୟନାଥ ପଣ୍ଡା

ଧୂଳର ମଣିଷ  ଧୂଳରେ ମୁଁ, ଗଢ଼ା
ଏ ସାର୍‌ ଶରୀର ମୋର
ଧୂଳରେ ବଢ଼ିଲି ଖେଳ ଖେଳ କେତେ
ଧୂଳରୁ ହେଲି ମୁଁ ସାର ।
ମାଟିର ମଣିଷ ହେଇ ମୁଁ ବଞ୍ଚିଲି
ମାଟି ସାଥେ ଖେଳ ଖେଳ
ଦେଇ ଲୁହ ଲହୁ ଶ୍ରମ କରି କରି
ଅନ୍ୟ ମୁଖେ ହସ ଦେଲି ।
ବରଷା ବିଜୁଳ ଖର୍‌ କ କାକର
ତିଳେ ମୁହିଁ ଡରିନାହିଁ
ମାଟି ସାଥେ ସାଥି ହେଇ ଯାଏ ଯେବେ
ସବୁ ଭୁଲି ଯାଏ ମୁହିଁ ।
ଏ ଦେଶର ହିତେ ମୋର ହିତ ଅଛି
ଏଇ ଏକା ଲକ୍ଷ୍ୟ ମୋର
ନିଜ ସ୍ୱାର୍ଥ କଥା କେବେ ଭାବିନାହିଁ
ସଭିଏଁ ମୋର ନଜର ।
ଏ ଦେଶର ଶିଶୁ ବୃଦ୍ଧ ବୃଦ୍ଧା ଯେତେ
ଅଛନ୍ତି ଯେତେ ଯୁବକ
ମୋର ହାତଗଢ଼ା ଶସ୍ୟ ଯେତେ ପାଇ
ଭୁଲିଯାନ୍ତୁ ତାଙ୍କ ଭୋକ ।

ମେଦ ଶୂନ୍ୟ ହୋଇ ଅସ୍ଥି ରହିଥାଉ
ଏ ମୋର ମର ଶରୀରେ
ଜିଇଁ ଥିବା ଯାଏ ଯୋଗାଇବି ଶସ୍ୟ
କୁଣ୍ଠା ନକରି ମନରେ ।
ଜୀବ ଗଲେ ଗ୍ଭଲି ଏଇ ଶରୀର ରୁ
ପୋଡି ଫିଙ୍ଗିଦେବ ନାହିଁ
ପୋତିଦେଇ ମତେ ମୋ ଶରୀର ପରେ
ଗଛଟେ ଦେବ ଲଗାଇ ।
ବଢିଗଲେ ଗଛ ଫୁଲ ଫଳ ହେଇ
ମୋ ଗୁଣରେ ମହକବ
କେତେ କ୍ଷୁଧାର୍ଥ ଙ୍କ କ୍ଷୁଦା କୁ ନବାରି
ମୁହେଁ ହସ ଫୁଟାଇବ ।
ଧୂଳ ମଣିଷ ମୁଁ ମଳ ମୁଣ୍ଡିଆ ଟେ
ଏଇ ଅଳ ମୋ ରଖିବ
ଏ ଦେଶର ହିତେ ଲାଗିବ ମୋ ଦେହ
ମତେ ଭୁଲ୍ କେବେ ନବୁଝିବ ।

ଅବଦଲ ପୁର, ଯାଜପୁର

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ରିଠା ପତ୍ର

ମୂଳ ତେଲଗୁ- ଗୃସୋ
ଓଡ଼ିଆ ଅନୁବାଦ-
ସୁଧାଂଶୁ ଶେଖର ଦ୍ୱିବେଦୀ



ସୁଧାଂଶୁ ଶେଖର ଦ୍ୱିବେଦୀ

ଅପ୍ପଲ୍ ନାଇଡୁର ଝିଅ ପରମ୍ମା ଓ ଚନାଡେମୁଡୁର ଝିଅ ଗଭିରୀ ଗାଁ ବାହାରେ ଥିବା କ୍ଷେତକୁ ଯାଉଥାନ୍ତି। ନାଇଡୁ ଗୃଷୀ ଓ ଚନାଡେମୁଡୁ କ୍ଷେତରେ କାମ କରୁଥିବା ମୂଲିଆ। ପରମ୍ମା ଲହଙ୍ଗା ଓ ବ୍ଲାଉଜ ପିନ୍ଧି ଥାଏ।ଗଭିରୀ ଦେହରେ କେବଳ ଗୋଟେ ଚର୍ ଫ୍ରକ ବ୍ୟତୀତ ଆଉ କଛି ନଥାଏ।ପରମ୍ମା ଗଳାରେ ମୋତିର ହାର, ହାତ ନେଟିକା ରେ ସୁନା ବଳା, ଗୋଡ଼ରେ ରୂପା ପାଉଁଜି ପିନ୍ଧିଥାଏ। ଗଭିରୀ ସେସବୁ କଛି ପିନ୍ଧି ନଥାଏ ହେଲେ ନାକ ଫୁଡେଇ ନମ୍ବ କାଠି ପୁରେଇ ଥାଏ।ପରମ୍ମା ନାକରେ କାନରେ ସୁନା ରିଙ୍ଗ।

-ଖୁବ ବଢିଆ ଲ୍ଗୁଛି।ପରମ୍ମା କହିଲ୍

-କ ଜିନଷ? ଗଭିରୀ ପଗ୍ବରିଲ୍।

-ଆଗ୍ବର

-କୋଉଠୁ ପାଇଲୁ?

ଜମିଦାର ମୋ ବାପାକୁ ଦେଇଥିଲେ।

ପରମ୍ମାର ବାପା ଜମିଦାର କ୍ଷେତରେ କେବେ କେବେ କାମ କରେ। ତେଣୁ ଅପ୍ପଲ୍ ନାଇଡୁ କଛି ମାଗିଲେ ଜମିଦାର ତରକାରୀ ଓ ଆଗ୍ବର ଦେଇଦିଏ।

-ମୁଁ ତ ପେଟେ ଚଙ୍କୁଡ଼ି ମାଛ ଖାଇଛି। ପରମ୍ମା ସହିତ ତାଳ ମିଳାଇ  ଗଭିରୀ ମିଛ କହୁଥାଏ। ଇର୍ଷାରେ ପରମ୍ମାର ଲହଙ୍ଗାକୁ ଦେଖି ନଜେ ପିନ୍ଧିଥିବା ଚର୍ ଫଟା ଫ୍ରକରେ ଆଙ୍ଗୁଳ ଚଳାଉଥାଏ।

-ମିଛ କହନା କାଲି ରାତିରୁ ତମ ଘରେ ଚୁଲି ଜଳନ। ମୋ ବାପା କହୁଥିଲା। ତମର ବି କାଲି ରାତିରୁ ଖାଇବାକୁ ମିଳନ। ଗଭିରୀ ପରମ୍ପା ଉପରେ ରାପ ପକାଇଲା ଭଳ ସ୍ୱରରେ କହିଲା।

-ଗ୍ଲେପକର! ଏକଥା ତୋତେ କିଏ କହିଲା? ମୋ ମା'କୁ ଯାଇ ପଚାର? କାଲି ରାତିରେ ଆମେ ମାଛ ଝୋଳ ସାଙ୍ଗରେ ଭାତ, ତରକାରୀ ଖାଇଛେ।

ପରମ୍ପା ପାଖରୁ ସତ ଶୁଣିବା ପରେ ଗଭିରୀ ଧାନ କଟା ସାରିଥିବା କ୍ଷେତ ଭିତରକୁ ପଶିଲା। ପରମ୍ପା ବି ତା ପଛେ ପଛେ ଚାଲିଲା। ସ୍କୁଲ ପିଲାମାନେ ପ୍ରାର୍ଥନା କରୁଥାନ୍ତି। ପରମ୍ପା ଓ ଗଭିରୀ ସତର୍କତା ପୂର୍ବକ ଢ଼ିପ ରାସ୍ତାରୁ ତଳକୁ ଓହ୍ଲେଇଲେ। ଢ଼ିପର ଗୋଟେ କଡ଼ରେ ଚମ୍ପା ଗଛ ଥାଏ। ଚାଲୁ ଚାଲୁ ପରମ୍ପା କହିଲା, ମୁଁ କାଲିଠାରୁ ସ୍କୁଲ ଯିବି।

- ସେ ଫାଲତୁ ସ୍କୁଲକୁ ଯାଇ କଣ କରିବୁ?

- କଣ କରିବି? ଶୁଣ ଶୁଣ ପିଲାମାନେ କେମିତି ପ୍ରାଥନା ଗାଉଛନ୍ତି ଶୁଣ।

- ମାଷ୍ଟର ବି ମୋ ବାପାକୁ କହିଥିଲେ। ବାପା କହିଲା ମୂଲିଆର ପିଲା ସ୍କୁଲରେ କଣ କରିବ?

- ଠିକ କଥା ତୋ ବାପା ତ ଲୋକଙ୍କ କ୍ଷେତରେ ମୂଲିଆ କାମ କରେ ହେଲେ ମୋ ବାପା ତ ନାଇଡୁ। ପରମ୍ପା କଥାରେ ଗଭିରୀ ଦୁଃଖରେ ଅବରୁଦ୍ଧ ଓ ଆଖିରେ ଲୁହ ଛଳ ଛଳ ହେଉଥାଏ।

କଣ୍ଟା ଝାଡ଼ିରେ ଗୋଟେ ଏଣ୍ଡୁଆ ଶୁଖିଲା ପତ୍ର ଉପରେ ଖଡ଼ଖଡ଼ କରି ଚାଲିଗଲା। ଗଛମାନଙ୍କରେ କେତେପ୍ରକାର ଫୁଲ ଫୁଟିଥାଏ। ପରମ୍ପା ଦୁଇ ତିନଟା ଫୁଲ ତୋଳ ଖୋସାରେ ଖୁସିଦେଲା। ତା ଦେଖା ଦେଖି ଗଭିରୀ ବି ସେଇୟା କଲା।

- ଦେଖ ପରା ଦେଖ ମୋ ମଥାରେ କେମିତି ଖୋସା ଅଛି ଦେଖ। ତୋ ମଥାରେ ତ ବାଳ ନାହିଁ।

ପରମ୍ପ ଗଭିରୀ ମଥାକୁ ଦେଖି କହିଲା, ଏ ନଡ଼ିଆ କତାରୁ ମୋତେ କଣ ମିଳବ? ଦେଖ ମୋ ମଥାରେ କେତେ ନଡ଼ିଆ ତେଲ ଲଗା ହୋଇଛି। ତୋ ମଠାର ବାଳ ତ ନଡ଼ିଆ କତା ଭଳ ଫୁରଫୁର ହେଉଛି।

- ହଉ ତୁ ଏଇଠି ଗପୁଥା, ମୁଁ ଯାଉଛି ଶୁଖିଲା କାଠ ଖୋଜିବାକୁ। ଗଭିରୀ ଆଗକୁ ବଢିଗଲା ପରମ୍ପ ମଧ ତାକୁ ଅନୁସରଣ କରୁଥାଏ।

ଗଭିରୀର ବୟସ ୮ ବର୍ଷ ହେଲେ ତା କାନ୍ଧରେ ବହୁତ ଦାୟିତ୍ୱ। ଘରେ ପାଣିର ଯେତେ ଆବଶ୍ୟକତା ପଡେ ତାକୁ ଆଣିବାକୁ ପଡେ। ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରିବାକୁ ପଡେ। ତାଛଡା ଘରର ଅନୁସବୁ କାମ ବି କରେ।

ନକଟସ୍ଥ ମଟର କ୍ଷେତରେ ଥୁଳା ଥୁଳା ମଟର ଛୁଇଁ ଝୁଲୁଥାଏ। ପରମ୍ପ ମଟର ଛୁଇଁ ଛିଡାଇ ଖାଇଲା। ଗଭିରୀ ପେଟରେ ରାକ୍ଷସୀ ଭୋକ ହେଉଥାଏ। ସକାଳଠାରୁ କଛି ଖାଇନ। ସେ ମୂଲିଆର ଝିଅ କ୍ଷେତରୁ ଚୋରି କରିବାକୁ ସାହସ କରିପାରୁ ନଥାଏ। ପରମ୍ପ ରାସ୍ତା ସାରା ମଟର ଛୁଇଁ ଛିଡେଇ ଖାଇ ଖାଇ ଚାଲିଥାଏ। ତାକୁ କଛି ଡର ଭୟ ନାହିଁ।

- କେହି ତୋତେ ଦେଖିନେଲେ ମୁଣ୍ଡରେ ହାତୁଡି ପିଟିବେ ରହ।

- ଦେଖିବ କଏ? ଯଦି କେହି ଦେଖେ ଅପ୍ପଲା ନାଇଡୁର ଝିଅକୁ କଛି କହିବାକୁ କାହାରି ସାହସ ହେବନାହିଁ।

ଗଭିରୀ ପେଟ ଭୋକରେ କଁ କଁ ହେଉଥାଏ। ତଥାପି ସେ ଚୋରି କରି ଖାଇବାକୁ ସାହସ କରିପାରୁ ନଥାଏ। ରାସ୍ତାରେ ରିଠା ଗଛର ପତ୍ର ପଡିଥାଏ। ପତ୍ରକୁ ଦେଖି ନଜ ପେଟର ଭୋକକୁ ଭୁଲିଗଲା ସେ। ସବୁ ଗଛର ପତ୍ର ଅପେକ୍ଷା ରିଠା ପତ୍ର ବହୁତ ମୋଟା ହୋଇଥାଏ।

ଗୋଟେ ଚିଁ ପତ୍ରରେ ଟୋକେଇ ପୁରିଯାଏ। ଗଭିରୀ ପତ୍ରକୁ ଉଠେଇ ଟୋକେଇରେ ରଖିଲା। ଆଜିପାଇଁ ସେ ତା ଦାୟିତ୍ୱ ନର୍ବାହ କରିନେଲା। ତାପରେ ଦୁହେଁ ଘରକୁ ଫେରିବାକୁ ବାହାରିଲେ। ଦୁହେଁ ଜମିଦାରଙ୍କ ବଗିଚା କଡ଼ରେ ଚାଲିଥାନ୍ତି। ବଗିଚାରେ କେତେ ତେନ୍ତୁଳ ଗଛ। ପରମ୍ପ ମୁଣ୍ଡ ଉଠେଇ ଦେଖିଲା। କଞ୍ଚା କଇଁଆ ଦେଖି ତା ମୂହନ୍ତେ ପାଣି ଭରିଗଲା।

ଢେଲା ଉଠେଇ ଲକ୍ଷ୍ୟ ସାଧିଲା। ଏକାସାଙ୍ଗରେ ତିନୋଟି କଞ୍ଚା କଇଁଆ ତଳେ ପଡ଼ିଲା। ତଳୁ ଉଠେଇ ଗୋଟେ ଖାଇଲା ଓ ଆଉ ଦୁଇଟି ଅଣ୍ଟାରେ ଖୋସିଦେଲା।

- ଏ ପଗ୍ ଅଟେ ଗୋଟେ ଦେଏନା..।

- ଗଛରୁ ତୋଳ ଖାଉନୁ? ହାଏ ସେଠିକୁ ଦେଖ ଢେଲା ପଡିଛି। ପରମ୍ନ ଗଭିରୀକୁ ଢେଲା ଦେଖାଇ ଗ୍ଲିଗଲା।

ଗଭିରୀ ଉପରକୁ ଦେଖିଲା। ଥୋଳା ଥୋଳା କଇଁଆ ଓହଳ ଥାଏ।ତା ମନରେ ଭୟ ତଥାପି ଗୋଟେ ଢେଲା ଉଠେଇ ଲକ୍ଷ୍ୟ ସାଧିଲା। ଧପ୍ପ କରି ତଳେ ଢେଲା ପଡିବାର ଶବ୍ଦ ହେଲା। ସେ ଆହୁରି ଡରିଗଲା। ଗ୍ଡରିପଟକୁ ଥରେ ଦେଖିନେଲା। ପରମ୍ନ ମଟର ଛୁଇଁ ତୋଳବାକୁ ପୁଣିଥରେ କ୍ଷେତକୁ ପଶୁଥାଏ। ଗଭିରୀ ଆଉଥରେ ଢେଲା ଫିଙ୍ଗିଲା। କଇଁଆ ତ ପଡିଲାନ ତା ବଦଳରେ ଶୁଖିଲା ଡାଳଟେ ପଡିଲା। ଖୁସିରେ ଡାଳ ନକଟକୁ ଦୌଡ଼ିଗଲା ସେ। ତାକୁ ଛୋଟ ଛୋଟ ଖଣ୍ଡ କରି ଟୋକେଇରେ ରଖିଲା।

କଏ ସେଠି? ଧାନ କାଟୁଥିବା କ୍ଷେତରୁ କେହି ଜଣେ ଜୋରରେ ଡାକ ମାରିଲା। ଗଭିରୀ କାନରେ ସେଇ ଶବ୍ଦ ବଜ୍ରଧ୍ୱନ ପରି ପ୍ରତିତ ହେଉଥାଏ। ସେ ଆଖି ଉଠେଇ କ୍ଷେତକୁ ଦେଖିଲା। ସେତେବେଳକୁ କାମଭୁକ୍ତା ତା ପାଖରେ ଆସି ଠିଆ ହୋଇଥାଏ। ଗଭିରୀ ଗୋଟେ ହାତରେ କପାଳକୁ କୁଣ୍ଢେଇ ହେଉଥାଏ ଓ ଧନୁ ପରି ବଙ୍କେଇ ଠିଆ ହୋଇଥାଏ। କାମଭୁକ୍ତା ତାକୁ କୋପ ଦୃଷ୍ଟିରେ ଦେଖୁଥାଏ। ତା ଆଖି ଦୁଇଟି କୋଇଲା ଆଞ୍ଚ ପରି ଧପ ଧପ ହେଉଥାଏ।

-ଚୁଲି ଜଳେଇବା ପାଇଁ ଶୁଖିଲା ଡାଳ ଭାଙ୍ଗୁଥିଲି।

କାମଭୁକ୍ତା ଆଗକୁ ବଢ଼ିଲା। ଟୋକେଇ ଭିତରେ ରିଠା ପତ୍ର ଓ ତେନ୍ତୁଳ ଡାଳକୁ ଦେଖି କଠଉରୁ ପାଦ ବାହାର କରି ଟୋକେଇକୁ ଗୋଟେ ନାତ ମାରିଲା। ଗଭିରୀ ଭୟରେ ଥରି ଥରି ଟୋକେଇ ଉଠେଇ ରିଠା ପତ୍ରକୁ ସାଉଁଟୁଥାଏ।

- କୁତି, ତୁ ପୁଣି ତାକୁ ସାଉଁଟୁଛୁ? କାମଭୁକ୍ତା ତାକୁ ଧମକାଉଥାଏ। ସେ ଜାଣେନ ଏହି ତୁଚ୍ଛ ରିଠା ପତ୍ରର ମୂଲ୍ୟ ଗଭିରୀ ପାଇଁ କେତେ ମୂଲ୍ୟବାନ?

- ବାବୁ!ଆଉକେବେ ଏ ପଟକୁ ଆସିବିନ।

- ସେ ଟୋକେଇରେ କଣ ଛପେଇ ରଖିଛୁ?

- କଛିନାହିଁ।

କାମଭୁକ୍ତା ଠେଙ୍ଗାରେ ଟୋକେଇକୁ ପାହାରେ ପକାଇଲା। ଟୋକେଇ ଖଣ୍ଡେଦୂରରେ ଛିଟିକି ପଡିଲା।

- ଆରେ ହାରାମି ଛୁଆ,ମୁଁ କହୁଛିନା ଚ୍ଚୋରି କରିନ। ଗଭିରୀ ମୁହଁରେ ଆଶ୍ରାବ୍ୟ ଗାଳର ବର୍ଷା। କାମଭୁକ୍ତା, ଯିଏ କେତେ ଲୋକଙ୍କୁ ଧରାଶାୟୀ କରିଛି ତାକୁ ଗଭିରୀ ର ଆଶ୍ରାବ୍ୟ ଗାଳ ହଜମ ହେଲାନାହିଁ। ସେ କଠଉ ବାହାର କରି ଗଭିରୀ ପ୍ରତି ଲକ୍ଷ୍ୟ କରି ଫିଙ୍ଗିଦେଲା। କଠଉ ଗଭିରୀ ପେଟରେ ବାଜିଲା। କଟା ହୋଇଥିବା କୁକୁଡ଼ା ପରି ତଳେ ପଡି ଛଟପଟ ହେଲା ସେ। କାମଭୁକ୍ତା ଖୁସି ମନରେ ଲେଉଟିଗଲା।

କ୍ଷତାକ୍ତ ଅବସ୍ଥାରେ ତଳେ ପଡିରହି ବହୁତ ସମୟ ଯାଏ କାନ୍ଦୁଥାଏ ଗଭିରୀ। ଆଖି ଖୋଲି ଦେଖିଲା। ପାଖରେ କେହି ନାହାନ୍ତି। ବିଛାଡି ହୋଇ ପଡ଼ିଥିବା ରିଠା ପତ୍ରକୁ କଷ୍ଟେମଷ୍ଟେ ଏକତ୍ର କଲା। ତା ବିନା ଚୁଲି ଜଳବ ନାହିଁ। ମା' ବାପା କଛି ଖାଇବାକୁ ଆଣନ୍ତୁ ବା ନଆଣନ୍ତୁ ତାକୁ ହିଁ ଜାଳେଣି ସରଞ୍ଜାମ ନେଇ ଯିବାକୁ ହେବ।

- ହାରାମି ଛୁଆ, ତୋ ତେନ୍ତୁଳ ଗଛର ଡାଳଆ ମୋର ଦରକାର ନାହିଁ। କହୁ କହୁ ସେ ଶୁଖିଲା ତେନ୍ତୁଳ ଡାଙ୍ଗକୁ ସେଇଠି ଫୋପାଡ଼ି ଦେଇ ରିଠା ପତ୍ରର ଟୋକେଇକୁ ମୁଣ୍ଡରେ ବସେଇ ଆଗକୁ ବଢ଼ିଲା।

ଚ୍ଚାଲିବା ପାଇଁ ଯନ୍ତ୍ରଣା ହେଉଥାଏ ତାକୁ।ତା ପେଟରେ ଯେଉଁଠି କାମଭୁକ୍ତାର କଠଉ ବାଜିଥିଲା ନଇଁପଡ଼ି ଦେଖିଲା। କ୍ଷତ ସ୍ଥାନରୁ ରକ୍ତ ବାହାରୁଥାଏ। ରକ୍ତ ଦେଖି ସେ ପୁଣିଥରେ କାନ୍ଦି ଉଠିଲା। କାନ୍ଦ ଓ ଯନ୍ତ୍ରଣାକୁ ସହି କ୍ଷେତରୁ ବାହାରି ଢ଼ିପ ରାସ୍ତାରେ ପହଞ୍ଚିଗଲା ସେ। ସ୍କୁଲ ପିଲାମାନଙ୍କର ପଣକଆ ଶୁଭୁଥାଏ, "ଷୋଳ ଛ ଛୟନବେ।"

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା

# କୁଆଡ଼େ ଗଲ୍ ସେ ଦିନ



ଶିଶିର କୁମାର ପଣ୍ଡା

କୁଆଡ଼େ ଗଲ୍ ମୋ ସେଇ ପିଲ୍‌ଦିନ
ଭ୍‌ବିଲେ ତ ଦୁଃଖ ଆସଇ
ମଣ୍ଡା କ ଏଣ୍ଡୁରୀ ଦେଖିଲେ, ମାଆର
ହାତଗଢ଼ା ପରି ବାସଇ ।
କୁଆଡ଼େ ଗଲ୍ ସେ ଇସୁକୁଲ ପାଠ
ଚଟେଇ ଧରିକ ଧାଇଁବା
ଆଜିଦିନ ପରି ନଥିଲ୍ ସେବେଳେ
"ମଧ୍ୟାହ୍ନ ଭ୍‌ଜନ" ଖାଇବା ।
କୁଆଡ଼େ ଗଲ୍ ସେ ଚୁଲୀମୁଣ୍ଡ ଖିଆ
ଘିଅ ସାଥେ ସରୁ ଚକୁଳୀ
ସେଇ ପିଠା କଥା ଏବେବି କୁହଇ
ମାମୁଘର ଗାଆଁ ନକୁଳ ।
କୁଆଡ଼େ ଗଲ୍ ସେ ବାପାଙ୍କର ର୍‌ଗ
ଆଜି ମନେମନେ ଭ୍‌ବଇ
ସାନମାମୁ ବୋଧେ ଆସିବେ ଘରକୁ
କାଉଟା ସେବେଠୁ ର୍‌ବଇ ।

କୁଆଡ଼େ ଗଲ୍ ସେ ଗାଆଁ ଦାଣ୍ଡ, ଯାହା
ବରଷାରେ ଲ୍‌ଗେ କାଦୁଆ
ବାରିକୂଅ ପାଣି ଦଉଡ଼ିରେ ଟାଣି
ଗର୍‌ରେ ହୁଅଇ ଗାଧୁଆ ।
କୁଆଡ଼େ ଗଲ୍ ସେ ଆମ୍ବତୋଳା ଦିନ
ପାରୁନ ଯାହାକୁ ମୁରୁଛି
ପ୍ରବାସରେ ଥାଇ ସେଦିନ ଗୁଡ଼ାକୁ
ଏବେ ଖାଲି ଯାହା ଝୁରୁଛି ।

କୁଆଁସ, ମେରଦା କାଟିଆ, ଯାଜପୁର

# କାର୍ତ୍ତିକ ମାହାତ୍ମ୍ୟ



ଅମରନାଥ ବାରିକ

କାର୍ତ୍ତିକ ମାହାତ୍ମ୍ୟକୁ ଶୁଣ
ଯାହା ମୁଁ କରିବି ବଖାଣ ।
ସାଗର ପୁତ୍ର ଶଙ୍ଖାସୁର
ବେଦ ହରିଲା ବ୍ରହ୍ମାଙ୍କର ।
ପ୍ରଚଣ୍ଡ ପ୍ରଳୟ କରିଲା
ଦେବ ଗଣଙ୍କୁ ଡ଼ରାଇଲା ।
ଏହା ଦେଖିଣ ପ୍ରଭୁ ବିଷ୍ଣୁ
ନହୋଇ ରହିଲେ ସହିଷ୍ଣୁ ।
ଶଙ୍ଖାସୁରକୁ ବଧ କଲେ
କାର୍ତ୍ତିକ ମାସ ଏହା ଭଲେ ।
ବର୍ଷକେ ଏକ ମାସ ଏହି
ପ୍ରଭୁ ଥାଆନ୍ତି ଜଳେ ରହି ।
ଅବନ୍ତି ନଗର ବ୍ରାହ୍ମଣ
ଧନେଶ୍ୱର ତା ନାମ ଜାଣ ।
ଚଣ୍ଡାଳ ମହାପାପି ସେହି
ନର୍ମଦା ନଦୀ ତୀରେ ରହି ।
କାର୍ତ୍ତିକ ବ୍ରତ ଯେ ପାଳିଲା
ନର୍କ କୁଣ୍ଡରୁ ମୋକ୍ଷ ହେଲା ।
ଏ ବଡ଼ ମାହାତ୍ମ୍ୟ ବୃତାନ୍ତ
ତେଣୁ ପାଳନ୍ତି ସାଧୁ ସନ୍ଥ ।

କରିବ ଏ ବ୍ରତ ପାଳନ
ଶୁଦ୍ଧ ପବିତ୍ର କରି ମନ ।
ସ୍ନାହାନ କରିବ ପ୍ରାତରେ
ଦିଅଁ ପୂଜିବ ଭକ୍ତିଭରେ ।
ଫୁଲ ମୁରୁଜ ଝୋଟି ଦେବ
ତୁଳସୀ ଚଉଁରା ଲିପିବ ।
ପୁଣ୍ୟ କାର୍ତ୍ତିକ ଶ୍ରେଷ୍ଠ ମାସ
ଖାଇବ ଅମୃତ ହବିଷ ।
ପଂଚକ ପାଞ୍ଚ ଦିନ ପାଳ
ଘୃତ ଦୀପଟି ଦେବ ଜାଳ ।
କଣ୍ଠେ ତୁଳସୀ ମାଳ ପିନ୍ଧି
ମୁଣ୍ଡେ ତିଳକ ଟିକା ଛନ୍ଦି ।
ନାରାୟଣଙ୍କୁ ଜପୁଥିବ
ପ୍ରମାଦୁ ବଞ୍ଚିତ ଯେ ହେବ ।
ଅନେକ ଜନ୍ମ ତପ ବଳେ
ମନୁଷ୍ୟ ଜନ୍ମ ମହୀ କୋଳେ ।
ରଖିଲେ ସୁନ୍ଦର ବିଗ୍ଭର
ହୋଇବ ମନୁଷ୍ୟରେ ସାର ।
ସ୍ଥାପିଲେ ଏହି ଦିବ୍ୟ ଜ୍ଞାନ
ସନ୍ତୋଷ ହେବେ ଭଗବାନ ।

ଯାଜପୁର, ମଙ୍ଗଳପୁର, କୟାଁ

# ବର୍ଷା



କୀର୍ତ୍ତି ଦେବୀ

ପିଲାବେଳୁ ଦେଖୁଛି ତତେ, ବରଷା....
ଭାରି ମଜା ଲାଗେ
ତୋ ଦେହରେ ମିଶିବାକୁ
ହେଲେ ତୋର ଶରୀରକୁ ଦେଖିହୁଏ ନାହିଁ
ସଦା ନୂଆ ଅନୁଭବରେ ମୋ ମନ ଜାଣେ ତତେ ।

ପିଲାବେଳୁ ଦେଖୁଛି ତତେ, ବରଷା...
ଭିଜିବାକୁ କଏ ବା ଭଲ ନପାଏ
ଜଗତର ସୃଷ୍ଟି ତୋହାରି ଭିତରେ
ଆଉ, ବିନାଶ ବି ତୋରି ହାତରେ ।

ପିଲାବେଳୁ ଦେଖୁଛି ତତେ, ବରଷା
ତୁ ନଥିଲେ ସବୁଲାଗେ ସୁନା ସୁନା
ତୁ ହସିଲେ ଜନେ ହସିବେ
ତୋ ପାଇଁ ସାରା ବିଶ୍ୱରେ
ପୃଥିବୀ ଏକା ସାରେ ।

ପିଲାବେଳୁ ଦେଖୁଛୁ ତତେ, ବରଷା
ତୁ ମନ ମାରି ବସିଲେ
ସଭିଏଁ ପଡନ୍ତି ଚନ୍ତାରେ
ତୋର ହସରେ ହସେ ଏ ଦୁନଆ ।

ଏତିକ କାମନା ମୋର ତୋ ପାଇଁ ପ୍ରଭୁଙ୍କଠାରେ
ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସବୁ ସମୟେ
ତୁ ଏପରି ହସୁଥା.....ବରଷା ।

ସିଭିଲ୍ ଟାଉନ୍ ସିପ୍, ରାଉରକେଲା

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **10** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଅଚହ୍ନା ବନ୍ଧନ

## (ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ଦୀର୍ଘଶ୍ୱାସ ପକାଇ ବାଇନ ଉଠିଗଲା ପିଣ୍ଡାରୁ । ହଁ ମା.. .. ଏ ମାଇକନଆ ବୁଦ୍ଧିରେ କଛି ନାହିଁ । ପଖାଳ ଖାଇଦେ, ତା ପରେ ଯିବୁ ।

ତୁ ବାଢ ! ମୁଁ ଗୋଡ ଧୋଇ ଆସୁଛି ।

ମିତାକୁ ଦେଖେଇ – ଆଲୋ ମା ମିତା, ତୁ ବାହାରି ପଡ । ମୋ ଘରର ମଙ୍ଗଳ ପାଇଁ ତୋର ମଙ୍ଗଳ ପାଇଁ ଏମିତି କରିବାକୁ ପଡିବ । ବୁଝିଲୁ । ମିତାର ଶାଶୁ କହିଲେ ।

ଜମାରୁ ପାଟି ଫିଟେଇବୁନାହିଁ । ସେ ମୋଟା ଡାକ୍ତରଟା ଜମାରୁ ଭଲ ନୁହଁ । ସେ ଶୁଣିଲେ କଛି କରେଇ ଦେବନାହିଁ । ପୋଲିସ୍ କୁ ଡାକଦେବ ।

ମିତା କହିଲା, ମୁଁ ମାଆ ହୋଇ କେମିତି କରିବି ମା । ତୁମେ ବି ଜଣେ ମା ହୋଇ କେମିତି କହୁଛ?

ମୁଁ ତୋ ପରି ଝିଅ ଜନ୍ମ କରିନାହିଁ ଅଲକ୍ଷଣୀ ।

ପୁଅ..... ପୁଅ..... ଶାଶୁ ଜବାବ୍ ଦେଲେ, ଜନ୍ମ ହେଲାବେଳେ ଗାଆଁ ଯାକର ଲୋକ ଦେଖିବାକୁ ଆସିଗଲେ ।

ଅନେକ ପୂଜା ପାଠ କରିଥିଲି । ମିତା କହିଲା, ଝିଅ ଜନ୍ମ କଣ ପାପ । ମୋର କେବଳ ଦୋଷ ।

ବାଇକ ଭିତରୁ ଚକ୍କାର କଲା । ଆଉ କଣ ମୋର ଦୋଷ । ଅଲକ୍ଷଣୀ ଝିଅ ପରେ ଝିଅ ଜନ୍ମ କରିଚାଲିଛୁ । ପୁଣି ମୋ ମାଆକୁ ପାଠ ପଢାଉଛୁ । ହାଃ.. ମାଇକିନିଆ । ପିଟିକି ଗୋଡହାତ ଭାଙ୍ଗିଦେବି ଯେ.....

ଲୁହ ଟପ୍ ଟପ୍ କରି ଝରି ପଡିଲା ମିତାର ଆଖିରୁ । କଣ କରିବ ବୁଝିପାରିଲାନି ମିତା । ଦୁଇଟାଯାକ ଝିଅ ତାକୁ ଜାବୁଡି ଧରିଥିଲେ । ମା ଭାତ ଖାଇବି, ଭାରି ଭୋକ ଲାଗୁଛି, ବଡ ଝିଅ କହିଲା ।

ଦୁଇଦିନ ନ ଖାଇଲେ ମରିଯାଉଛୁ କି? ଜେଜେ ମା ଟାଣି ଟାଣି ଦୁଇ ନାତୁଣୀକୁ ଦାଣ୍ଡ ଅଗଣାରେ ଛାଡିଦେଇ ଆସିଲେ । ବୁଦ୍ଧି କିଛି ଦିଶୁ ନଥାଏ । ନ ଗଲେ ତାଣ୍ଡବ ଆରମ୍ଭ ହୋଇଯିବ । କୋହ ଚାପି ବାହାରି ପଡିଲା । ଦୁଇ ଝିଅକୁ ଛାତିରେ ଜାକିଧରି କଇଁ କଇଁ କାନ୍ଦି ଉଠିଲା ମିତା ।

ଯାଆ ମ ! ଝିଅ ସୁଆଗ ବାହାରୁଛି । ଡେରି ହୋଇଯିବ । ପୁଅ ଖାଇକରି ଯାଉଛି, ତୁ ଆଗେ ଯାଇ ଡାକ୍ତର ଦିଦିକୁ ଦେଖାକର । ଗାଁ ଲୋକମାନେ ଯେମିତି ନ ଜାଣିବେ । କାହା ସହ କଥା ହବା ଦରକାର ନାହିଁ । ଆଗେ ଆଗେ ଚାଲ । ଶାଶୁ କହିଲେ ।

କଣ କରିବ, କିଛି ଭାବିପାରୁନଥାଏ । ମୁଣ୍ଡ ଘୂରେଇ ଦେଉଥାଏ । ସକାଳଠାରୁ କିଛି ଖାଇନାହିଁ । ଦଶଟା ବାଜିଲାଣି । ଆଉ ସହି ପାରିଲାନାହିଁ । ସେହି ରାସ୍ତାରେ ପଡିଗଲା ମିତା । ଚାରିଆଡୁ ଲୋକମାନେ ଘେରିଗଲେ ।

କଣ ହେଲା ? ଏତେ ଲୋକ ! ହଁ ଆଜ୍ଞା!

ବାଉରି ସାହିର ମିତା ବାଉରି ମୁଣ୍ଡ ଘୂରେଇବାରୁ ପଡିଯାଇଛି । ଓଃ..... ।

ଛାଡ ! ମୁଁ ଦେଖୁଛି । ଗାଡିରୁ ଓହ୍ଲାଇ ପଡିଲେ ଡାକ୍ତରବାବୁ । ଲୋକମାନଙ୍କୁ ଦେଢେଇ ମିତା ପାଖକୁ ଆସି ଦେଖିଲେ । ଦେଖିକରି, ଆରେ.....!

ସେ ମାଆ ହେବାକୁ ଯାଉଛି । ଏହି ଅବସ୍ଥାରେ ଖରାରେ ଚାଲିବା ବିପଦଜନକ । ତାକୁ ଖାଦ୍ୟ ପାନୀୟ ଉପଯୁକ୍ତ ଦରକାର । ତାଙ୍କର ପରିବାର ଲୋକ କାହାନ୍ତି । ଥରିଲା ଥରିଲା ହାତଟି ଡାକ୍ତର ପାଦକୁ ଜାବୁଡି ଧରି କାନ୍ଦିଉଠିଲା ।

ବାବୁ! ମୁଁ ପାଠ ପଢ଼ିନ ବାବୁ, ମତେ ରକ୍ଷାକର । ମୋ ସନ୍ତାନକୁ ମାରନା ବାବୁ, ପାରିବତ ମତେ ମାରିଦିଅ । ମିତା କହି ଗ୍ଲିଥାଏ ।

ଆଗ ଚୁପ୍ ରୁହ । କଣ ଏମିତି ଗପୁଛ କ ଝିଅ? ଆରେ ତୋ ସନ୍ତାନକୁ କଏ ମାରିବ? କାହିଁକ ମାରିବ? ସେ ତ ଏ ଯାଏ ଜନ୍ମ ହୋଇନାହିଁ । କଣ ହୋଇଛି?

ହଁ ବାବୁ! ଡାକ୍ତର ଦିଦି ଟଙ୍କା ନେଇଛି, ମୋ ସ୍ୱାମୀଙ୍କ ପାଖରୁ । ମୋ ପିଲ୍ ଝିଅ ଥିଲେ ମାରିଦବ । ବାଇନ କଥା ଦେଇଛି ।

ମୃଦୁ ହସି ଡାକ୍ତର କହିଲେ, ତୋର କଛି ହେବନାହିଁ । ତୋ ପିଲ୍ର ମଧ କଛି ହେବନାହିଁ । ତୁ ଜମାରୁ ଦୁଃଖି ହଅନା ।

ବାସ ତାପରେ ମିତାର ହାତ ଧରି ନଜ ଗାଡି ଭିତରକୁ ନେଇ ଡାକ୍ତରବାବୁ ଡାକ୍ତରଖାନାକୁ ନେଇଗଲେ । ଡାକ୍ତରବାବୁ ସେଠାରେ କଛି ଔଷଧ ଲେଖିଦେଲେ । ବଡଦିଦି ଚୁପ୍ ଗ୍ପ୍ ଦେଖୁଥାନ୍ତି । କଛି କହିବାକୁ ଜିଭ ଲେଉଟୁ ନଥାଏ । ବାଇନ ମଧ ଆସି ଲୁଚଲୁଚ ଦେଖିଥାଏ ।

ବଡ ଦିଦି ଭିତରକୁ ଆସ ! ଡାକ୍ତରବାବୁ କହିଲେ ।

ଆଜ୍ଞା ସାର ।

ତୁମେ ଭ୍ରୁଣହତ୍ୟା ପାଇଁ କହିଥିଲ?

ହଁ ସାର୍ ।

ତୁମେ ଜଣେ ନାରି ହୋଇ ଆଉ ଗୋଟେ ନାରୀକୁ ହତ୍ୟା କରିବାକୁ ଲ୍ଗିଛ । ଛି! ଛିଃ..... ତୁମ ନାରୀତ୍ୱକୁ ଧିକ୍ ।

ବଡଦିଦି କହିଲେ କ୍ଷମା କରିଦିଅନ୍ତୁ ସାର୍ । ମୋର ଭୁଲ୍ ହୋଇଯାଇଛି ।

ଭ୍ରୁଣ ଚକ୍ରନ୍ତ ଓ ହତ୍ୟା ଅଭିଯୋଗରେ ତୁମକୁ ଆରେଷ୍ଟ୍ କରାଯାଇପାରିବ । ତୁମରି ଭଳଆ କେତେଜଣଙ୍କ ପାଇଁ ନାରୀ ଆଜି ନର୍ଯ୍ୟାତିତ । ସମାଜର ସୁରକ୍ଷା ପାଇଁ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେ ଗ୍ହିଁଲେ ସବୁ ଠିକ୍ କରିଦେବ । ପୁଣି ଗ୍ହିଁଲେ ନଷ୍ଟ ମଧ କରିଦେବ ।

ତୁମେମାନେ ଶିକ୍ଷିତ ହୋଇ ଯଦି ଏମିତି କୁସଂସ୍କାର କାମ କରିବ, ତେବେ ଅନ୍ୟମାନଙ୍କୁ କଣ କୁହାଯିବ । ମିତା ଅଳ୍ପ ଶିକ୍ଷିତା ହୋଇ ମଧ୍ଯ ତା ସନ୍ତାନର ସୁରକ୍ଷା ପାଇଁ ଲଢେଇ କରୁଛି । ତୁମେ ସାହାଯ୍ୟ କରିବା ତ ଦୂରର କଥା ବରଂ ତାକୁ ଆହୁରି ବିପଦକୁ ଠେଲିଦେଉଛ, ପଇସା ଲୋଭରେ ।

ମୋର ଭୁଲ ହୋଇଛି ସାର୍ ବଡ ଦିଦି ବିକଳରେ ମିତାର ପାଖକୁ ଯାଇ କ୍ଷମା ମାଗି କହିଲେ, ଭଉଣୀ ଆଜି ମୋ ଆଖି ଖୋଲିଦେଲୁ । ମୁଁ ଜାଣି ଜାଣି କେତେବଡ ଭୁଲ୍ କରିବାକୁ ଯାଉଥିଲି । "ମୋତେ କ୍ଷମା କରିଦିଅ ମିତା" ।

ମୁଁ ତୁମ ସ୍ୱାମୀଙ୍କୁ ପଇସା ଫେରାଇଦେବି । ଆଉ ଭ୍ରୁଣ ହତ୍ୟା ପରି ମହାପାପ କରିବିନାହିଁ ।

ବାଇନ ପାଖକୁ ଯାଇ, ତୁମ ପଇସା ନଅ ବାଇନ, ବଡ ଦିଦି କହିଲେ । ଗ୍ରଗ ଗରଗର ହୋଇ ହାତରୁ ପଇସା ନେଇ ସାଇକେଲ ଧରି ପଳାଇଗଲା ବାଇନ । ମିତା ଔଷଧ ଧରି ଘରକୁ ଫେରିଲା ।

ଅଲକ୍ଷଣୀ, ତୁ ନ ମରି ଆସୁଛି । ଶାଶୁ ଗର୍ଜି ଉଠିଲେ । ମିତା ଥରି ଉଠିଲା ।

ବଂଶ ନାଶିବୁ ବୋଲି ଫେରିଆସିଛୁ ।

ମିତା ଶାଶୁଙ୍କ ଗୋଡ ଧରି, ମୋତେ କ୍ଷମା କର ମାଆ, ମୋ ପିଲାକୁ ଜନ୍ମ ଦେବାକୁ ଦିଅ । ତାର କଛି ଦୋଷ ନାହିଁ । ମୁଁ ତୁମ ଝିଅ ହୋଇଥିଲେ କଣ ଏମିତି ପର କରିଦେଇଥାନ୍ତ? ମତେ ଟିକଏ ଦୟା କର ମାଆ ।

ଜମାରୁ ନୁହଁ । ବାଇନ କହି ଚୁଟି ଧରି ଟାଣି ଟାଣି ତାର କଛି ଲୁଗା ସହିତ ବ୍ୟାଗ ବାହାରକୁ କାଢି ଦେଇ କବାଟ ଦେଇଦେଲା । ତୋ ବାପ ଘରକୁ ଯା, ନ ହେଲେ ସେହି ଡାକ୍ତର ବାବୁଙ୍କ ଘରକୁ ଯାଆ । ମୋ ପାଖରେ ତୁ ରହି ପାରିବୁନାହିଁ । ଗୋଟେ ଫାର୍ସ ଲଗେଇଛି । କଣ ଭାବୁଛୁ କ ମତେ ।

ଦୁଇ ଝିଅଙ୍କୁ ବି ସାଙ୍ଗରେ ନେଇ ଯାଆ । ମୁହଁ ମୋଡିଦେଇ ଭିତରକୁ ପଳାଇଗଲେ ଶାଶୁ । ଭଲ ହୋଇଛି । ଡାକ୍ତରବାବୁ ୟାକୁ ପୋଷିବ । ଯାଉ ଯେଉଁଠିକୁ ଯାଉଛି । ତୁ ଆ ରେ ବାଇନ ।

ଇଚ୍ଛା ନଥିଲେ ବି ଦୁଇ ଝିଅକୁ ଧରି ମିତା ବାହାରକୁ ପାଦ ବଢାଇଲା । ଜୀବନର ଅନେକ ଦୁଃଖକୁ ସାମ୍ନା କରିବାକୁ ଅଛି । ବୁଝିବାକୁ ବାକ ନଥିଲା ମିତାକୁ । ଚଲାବାଟର କଣ୍ଟା ଓ ଫୁଲର ଲୁଚକାଳ ଭିତରେ କେତେ ସ୍ମୃତି ଓ ସ୍ୱପ୍ନକୁ ନେଇ ଚାଲିବାକୁ ହୋଇଥାଏ । ଅନେକ ଝଡଝଞ୍ଜା ଓ ସମସ୍ୟାକୁ ସମ୍ମୁଖୀନ ହେବାକୁ ପଡିଥାଏ । ତାକୁ ସମାଧାନ କରିବାପାଇଁ ମନରେ ଧୈର୍ଯ୍ୟ ଓ ସାହସ ଦରକାର । ଚେଷ୍ଟା ମଣିଷ କରିବା ନହାତି ଦରକାର । ଯାହା ମିତା ମନରେ ସାହସ ଭରି ନିଜ ଉପରେ ବିଶ୍ୱାସ ଭରସା ଆଶା ରଖି ବାହାରକୁ ବାହାରିଆସିଲା । ଥରୁଟିଏ ପଛକୁ ଅନାଇ ଦେଖିଦେଲା ତା ମନର ଘରଟାକୁ । କାଳେ ବାଇନ କ ଶାଶୁ ଫେରାଇ ନେବାକୁ ଇସାରା ଦେବେ । ସେମିତି କିଛି ନଥିଲା । ଆଖିରୁ ଲୁହଧାର ବହିଚାଲିଥାଏ । ସବୁ ସ୍ୱପ୍ନ ଯେମିତି ଭାଙ୍ଗି ଚୂରି ବାଲିରେ ମିଶିଯାଉଥିଲା । ସମ୍ପୂର୍ଣ୍ଣ ନିଃଶବ୍ଦ ହୋଇ ଯାଇଥିଲା ମିତା । ବର୍ଷାର ଓଢଣୀ ସାରା ପୃଥିବୀକୁ ଆଚ୍ଛାଦିକ କରିଦେଇଥିଲା । ଘଡଘଡି ସହିତ ବିଜୁଳିର ତାଣ୍ଡବ ଭୟଙ୍କର ସୃଷ୍ଟି କରୁଥାଏ । ଆଖିରେ ଲୁହ ଗୁଡାକ ଜାବୁଡି ଧରିଥାନ୍ତି । ପିଲାମାନଙ୍କ କାକୁସ୍ଥ ହୋଇ ମିତାର ହାତ ଧରି କହୁଥାନ୍ତି, ମାମା, ଚାଲ ପଳାଇଯିବା ଅଜା ଘରକୁ । ଅଜା ଘରେ ଟି.ଭି. ଅଛି ଦେଖିବା । ଏଠିତ ଜେଜେମା ଟି.ଭି ଦେଖିବାକୁ ଜମାରୁ ଦଉନାହାନ୍ତି । ଚାଲ ମାଆ, ଅଜା ଚକୋଲେଟ୍ ବି ଦେବେ । ଚାଲ ଅଜାଘରକୁ ଚାଲିଯିବା । ଗର୍ଭର ପିଲା ଏବଂ ଦୁଇ ଝିଅଙ୍କ ବିକଳତାରେ ମିତା ଅସହାୟ ହୋଇ ପଡୁଥାଏ । ଉପାୟ ଶୂନ୍ୟ ଜୀବନକୁ ଧରି ଆଗକୁ ମାଡିଚାଲିଲା ।

ଝିପିଝିପି ବର୍ଷା ପକଉଥାଏ । ବୈଶାଖୀ ପବନ ସାଙ୍ଗକୁ ଘଡଘଡି ବିଜୁଳି ମଧ ମଝିରେ ଆସି ଯାଉଥାଏ । ଦୁଇ ଝିଅକୁ ଧରି ଚାଲି ଚାଲି ଆସି ପହଞ୍ଚିଲା ବାପାଙ୍କ ପାଖରେ । ଷୋଳରାମପୁରରୁ ଅନନ୍ତପୁର ପ୍ରାୟ ଦଶ କିଲୋମିଟର ହେବ । ଛାତିରେ ଛାତିଏ ଯନ୍ତ୍ରଣା ଚାପିଧରି ଦାଣ୍ଡ ଦୁଆରେ ବସିପଡିଲା ମିତା । ହଠାତ୍ ରାଜୁଆ ଦେଖି, ଆରେ କଣ ହୋଇଛି?

ଭେଁ, ଭେଁ କରି କାନ୍ଦି ଉଠିଲା ମିତା ।

କଣ ହୋଇଛି କହ ମିତା?

ଜ୍ୱାଇଁ ତ ଆସି ନାହାନ୍ତି । ତୁ ଏ ଦୁଇଟା ପିଲାଙ୍କୁ ଧରି ବର୍ଷାରେ । କଣ ହୋଇଛି? ମୁଁ ତୋ ବାପାରେ, ସବୁ କହ । ଛାତି ତଳେ ମୁହଁ ଜାକି ମିତା ସବୁ କହି ଚାଲିଥାଏ । ରାଜୁଆ କୋହ ସମ୍ଭାଳି ପାରିଲାନି ।

ମୁଁ କେସ୍ କରିବି । ତୁ ଜମାରୁ ଦୁଃଖ କରନା ।

ନାଇଁ ବାପା; ମିତା କହିଲା ତାଙ୍କ ଉପରେ କେସ୍ କରନା, ମୋ ଭବ୍ୟ ନେଇ ବୁଁ ବଞ୍ଚିବି । ମୁଁ ଆଉ ତାଙ୍କ ପାଖକୁ ଯିବିନାହିଁ । ତୁମର ଯଦି କଛି ଅସୁବିଧା ହେଉଛି, ତାହେଲେ ମୁଁ ଏଠାରୁ ଗ୍ଳଲିଯିବି ।

ଏ କଣ କହୁଛୁ ମିତା**??**

ଏତେ ବଡ କଥା ତୁ କହିପାରୁଛି**?**

ତତେ ଛାଡି ମୋର ଆଉ କଏ ଅଛି । ତୁ ଗଲାଦିନୁ କେତେବେଳେ ଖାଏ ତ ଆଉ କେତେବେଳେ ମଶା ପଲ ଆକ୍ରେମଣରେ ଛଟପଟ ହୋଇ କ୍ଳାନ୍ତିରେ ଅବଶ ମନକୁ ଶୁଆଇ ଦେଇଥାଏ । ପୁଣି ସକାଳ ଆଲେ୍କର ଚୁମ୍ବନରେ ଉଠିପଡେ । କଛି ଖାଇ ଦେଇ କାମରେ ଗ୍ଳଲିଯାଏ । ତୁ ଆସିଗଲୁ ଭଲ ହେଲା । ମୋର ଆଉ କଛି ଚନ୍ତା ନାହିଁ ।

ଯାଆ **!** ଭିତରକୁ ଯାଆ । ପିଲାମାନଙ୍କୁ ପୋଛାପୋଛି କରିଦେ, ବର୍ଷାରେ ତିନ୍ତି ଯାଇଛନ୍ତି । କଣ ଅଛି ଦେଖ ।

ପିଲାମାନଙ୍କୁ ଭୋକ ହେବଣି । ସେମାନଙ୍କୁ ଖାଇବାକୁ ଦେଇ ଦେ । ମୁଁ ଶ୍ୟାମ ଦୋକାନରୁ ଆସୁଛି । ପିଲା ଦୁଇଟି ଖେଳ ଆରମ୍ଭ କରିଦେଲେ । ମିତା ଭିତରକୁ ଯାଇ ଗ୍ରେଷେଇର ବ୍ୟବସ୍ଥା କଲା । ଗାଁ ମାଇପଙ୍କ ଭିଡ ଜମିଲା । ମିତା, ତୋର କଣ ହୋଇଛି**?** ଏ ଅବସ୍ଥାରେ ଶାଶୁ ଘରୁ ପଳାଇ ଆସିଲୁ କାହିଁକି**?** ଅନେକ ପ୍ରଶ୍ନର ଉତ୍ତର ନଦେଇ ଆଖିରେ ଲୁହ ପୋଛି ଭିତରକୁ ଗ୍ଳଲିଗଲା ମିତା ।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର, ଟାଙ୍ଗୀ, କଟକ – ୭୫୪୦୨୨
ଭ୍ରାମ୍ୟଭାଷ – ୯୯୩୭୩୪୭୩୧୮

# ଜୀବନ



ରୀତାରାଣୀ ତ୍ରିପାଠୀ

ଏ ଜୀବନ ମୋର ଏକ ସୁଚାରୁ ବଗିଚା
ସବୁଜିମା ଭରା ଏକ ସୁନ୍ଦର ଗାଲିଚା |

ପାହାନ୍ତି କୁହୁଡି  ଆଉ କାକରର ଟୋପା
ଲାଗେ ମୋତେ ସତେ ଅବା ମୁକ୍ତାର ଟିପା |

ହଳଦୀ ବସନ୍ତର ସେ କୁ କୁ ସ୍ୱନ
ମନେ ମୋର ଭରି ଦିଏ ଅନେକ ସପନ |

ନାନା ରଙ୍ଗ  ଫୁଲ ଫୁଟେ ବଗିଚାରେ ମୋର
ଘୁରନ୍ତି ଯେ ପ୍ରଜାପତି ଅନେକ ଜାତିର |

ଶାନ୍ତ ଏଇ ଜୀବନର କ୍ଳାନ୍ତ ଅପରାହ୍ନେ
ଘୁରିବୁଲେ ମୁଁ ଯେ ଆଜି ମୋ ନିଜ ଉଦ୍ୟାନେ |

ଦେଖିଛି ମୁଁ ସକାଳର କଅଁଳଆ ଖରା
ଆଉ ପୁଣି ମଧ୍ୟାହ୍ନରେ ରୌଦ୍ରତାପ ଭରା |

ଆସିଛି ଏବେ ଯେ ମୋର ସମୟ ଗୋଧୂଳି
ରଙ୍ଗ ସବୁ ବଗିଚାର ଯାଉଛି ମଉଳି |

ପରୁନି ସାଉଁଟି ମୋତେ ମୋ ନିଜ ଭିତରେ
ବିଲୀନ ମୁଁ ଜୀବନର ଏ ଅସ୍ତରାଗରେ |

ଅନ୍ଧେରି (ଇଷ୍ଟ), ମୁମ୍ବାଇ

# କାଳଆ ଠାକୁର



ପ୍ରତାପ ମିଶ୍ର

କାଳଆ ଠାକୁର
ମୋର ଭକ୍ତି ସବୁ ଭୁଲି ତୁମେ କାହିଁ ଗଲ ।
କାଳଆ ଠାକୁର
ଭୁଲି କ ସତରେ ଏତେ ସୁଖେ ମୋତେ ରଖିଲ ।।

କହରେ କାଳଆ
ବିନା ଦୋଷେ ସତେ କମ୍ପାଇଁ ଏ ଅବିଗ୍ଭର କଲୁ ।
କହରେ କାଳଆ
କେଉଁ ଅପରାଧେ ଏତେସବୁ ଦୁଃଖ ଦେଲୁ ।।

ବେଡି ବାନ୍ଧି ଅଛ
ଗୋଡରେ ମୋହର ଖୋଲ୍ ନାହି ତୁମ
ସିଂହ ଦୁଆର ।
ପଣ କରିଅଛ ଦେବନ କ ଦରଶନ ତୁମର ।।

କେଉଁ ଜନମ ର
ଦାଉ ସାଜୁଛୁ ଯେ ଦର୍ଶନ ଟିକେ ନଦେଲୁ ।
ଏତେ ଦୁଃଖ ଯଦି
ଦେବାର ଥିଲ୍ ରେ ଜନମ କାହିଁକ ଦେଲୁ ।।

ଷାଠିଏ ପଉଟି

ଭୋଗ ତୁ ଖାଇଣ ସତରେ ରହିଲୁ ସୁଖ ରେ ।
ଏଠି ମୁଁ ଓପାସେ
ଝୁରୀ ଝୁରୀ ତୋତେ ପଡିତ ରହିଛି ଦୁଃଖ ରେ ।।

ତୋ ବିନା କାଳଆ
ଭଲ ଲ୍ଗୁନ ରେ ଏଠି ଆଉ ଜୀବନ ରେ ।
ନେଇ ଯା ରେ ମୋତେ
ଦୁଃଖ ଦେଇ ଦେଇ ତୋ କୋଳ ପରଷ ରେ ।।

ଏ ଭବ ସାଗରୁ
ଉଧାର କର ହେ ତୁମେ ଟି ଦରଦି ବଂଧୂ ।
ପାରିକର ଏଇ
ଭବ ସାଗର ରୁ ଦୟାକର ହେ କୃପାସିନ୍ଧୁ ।।

C.D.A, କଟକ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଜୀବନ



ମଧୁଲିତା ନାୟକ

ଜୀବନ କେବେ ଘାସ ଗାଲିଚ୍ଛର
କୋମଳ ସ୍ପର୍ଶ
ପୁଣି କେବେ କୋମଳମତି
ଶିଶୁର ଖିଲିଖିଲି ହସ
ଜୀବନ କେବେ
ବରଷାର ରିମ୍ ଝିମ୍ ସ୍ୱର
ପୁଣି କେବେ
ଗଗନରୁ ଝରୁଥିବା
ଆଲୋକର ବାରିଧାର
ସୂକ୍ଷ୍ମ ତାରକାର

ଜୀବନ କେବେ ହସେ
କେବେ ହସାଏ
ପୁଣି କେବେ କାନ୍ଦେ
ଆଉ କେବେ କନ୍ଦାଏ

ଜୀବନ କେବେ ସ୍ୱପ୍ନ ଦିଏ
କେବେ ସ୍ୱପ୍ନ ଭଙ୍ଗାଏ
କେବେ କୋଳେ ଆଲିଙ୍ଗନ କରେ
ପୁଣି କେବେ ହଜିଯାଏ
ସମୁଦ୍ର ର ଗଭୀରତାରେ

ଜୀବନ କେବେ ମାଆ ର କୋଳ ପରି
ଅତି ନରମ
କେବେ ସାଜେ ବାସହରା
ପଥିକର ଯାଯାବର ସପନ

ଜୀବନ କେବେ
ଫଗୁଣର କୁହୁତାନ
ପୁଣି କେବେ ନିଦାଘର
ଉଷ୍ମତାର ଅପରାହ୍ନ

ଜୀବନ କେବେ ମାଳର ବଗିଚାର
ଏକ ସୁନ୍ଦର ପ୍ରତିଛବି
ପୁଣି କେବେ ଥୁଣ୍ଟା ବରଗଛର
ଲେଲିହାନ୍ ଭାବଭଙ୍ଗୀ

ଜୀବନ କେବେ ପ୍ରେମିକାର
ଅନ୍ତରର ପ୍ରସ୍ଫୁଟିତ ମିଠା ମିଠା ବାସ୍ନା
ପୁଣି କେବେ ପ୍ରକୃତିର କରାଳ କାଳମାରେ
ଖଣ୍ଡ ବିଖଣ୍ଡିତ ଶିଳାର ବଞ୍ଚିବାର ଆଶା....... ।

ସଅଁରା, ଜଗତସିଂହପୁର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ ।

# ପ୍ରତିବିମ୍ବ



ଅଳକା ମହାନ୍ତି

ହଠାତ୍ ସେଦିନ ଭୁବନେଶ୍ୱର ଏଆରପୋର୍ଟ ରେ ଚେକ ଇନ୍ କଲା ବେଳେ, ମୋ ସାଙ୍ଗ ଦିଲିପ୍ ଦେଖା ହୋଇ ଗଲା । ସୋସିଆଲ ମିଡିଆରେ ବହୁତ ଦିନରୁ ଖୋଜା ଖୋଜି ହୋଇ କେବେ କେବେ ଭାବ ଆଦାନ ପ୍ରଦାନ ହେଉଥିଲା। ହେଲେ ଦୀର୍ଘ ଗ୍ରୀଶ ବର୍ଷ ପରେ ସାମ୍ନା ସାମ୍ନି ବସି କଥା ହେବାର ସୁଯୋଗ ମିଳଲା। ବହୁତ୍ ଖୁସି ଲାଗୁ ଥିଲା ପିଲାଦିନ ସାଙ୍ଗ କୁ ଦେଖି। ଦୁଇ ଜଣ ଯାକ ସେକୁରିଟି ଚେକ୍ କରୁ କରୁ ଜାଣି ଯାଇଥିଲୁ ଯେ ଆମେ ଏକାଠି ମୁମ୍ବାଇ ଆସୁଛୁ। ସେ ତାର ବିଜନେସ ମିଟିଂ ରେ ମୁମ୍ବାଇ ଆସୁଥାଏ। ଆଉ ମୁଁ ଗୋଟେ ସାଙ୍ଗ ର ପୁଅ ବାହାଘର ଆଟେଣ୍ଡ କରି ମୁମ୍ବାଇ ଫେରୁଥାଏ। ବୋର୍ଡିଂ ବେଳେ ସ୍ୱପିଂ କରି ଏକାଠି ବସିଲୁ ଯେମିତି ଦୁଇ ଘଣ୍ଟା ର ଜର୍ଣି ଭଲରେ ଯିବ। କଥା ବାର୍ତ୍ତା କଲେଜ୍ କଥାରୁ ଆରମ୍ଭ ହେଲା। ଦିଲ୍ଲିପ କହିଲା-

- ତୁ ଏତେ ରିଜର୍ଭ ଥିଲୁ ଯେ ଆମକୁ କଥା କହିବାକୁ ଡର ଲାଗୁଥିଲା। ସିଧା କଲେଜ, କ୍ଲାସ୍ ସରିଲେ ହଷ୍ଟେଲ କୁ ହରିଣ ଭଳଆ ଦୌଡୁ ଥିଲୁ। କଏ ତୋତେ ଅନେଇଲେ ଅଖି ବୁଲେଇ ନେଇ ଯାଉଥିଲୁ। ଭାରି ଖଣ୍ଡେ ଥିଲୁ।

- ଆଚ୍ଛା କ ଭାରି**??** ମୁଁ ତ ମୋଟେ ୪୫ କଲେ଼ ଥିଲି। କହି ହସିଦେଲି।

- ଆରେ ଓ୍ୱଜନ୍ ନୁହେଁ। ତୋ ଭାବନା ରେ ଭାରିପନ।

-- ଓଃ।

କେତେ ସମୟ ପରେ ଟିକେ ସମୟ ପରେ ଫ୍ଲାଇଟ ରେ ଦିଆ ଯାଇ ଥିବା ଖାଦ୍ୟ ଖାଉ ଖାଉ ଦିଲ୍ଲିପ ମୋତେ ପଚାରିଲା।

- ଏ ! ତୋତେ ରନ୍ଧା ବଢ଼ା ଆଦୁଛି ନା ନାହିଁ। କ ଘରେ ଯେମିତି ଅର୍ଡର୍ ମାରୁଥିଲୁ ଗୃକର ବାକର୍ ଆଉ ମାଉସୀ, ଭଉଣି, ଭାଉଜ ଙ୍କୁ। ତୁ ତ ଗୋଟେ ରାଜ ଜେମା ଥିଲୁ। କଣ ତୋ ବାବୁ ଙ୍କୁ ଅର୍ଡର୍ ମାରି କାମ କରାଉଛୁ ନା କଣ??

- ମୁଁ ଏତେ ଜୋରରେ ହସି ଦେଲି ଯେ ଆଗ, ପଛ, ସାଇଡ ବାଲେ ସବୁ ମୋ ଆଡ଼କୁ ତେରେଛା ନଜର ମାରିଦେଲେ। ନିଜକୁ ସମ୍ଭାଳ ନପାରି କାହିଲି, "ତୁ ବି ଅର୍ଡର୍ ଶୁଣୁଛୁ କି? ନା ବଡ଼ ବାବୁ ଦେଖେଇ ତୋ ସ୍ତ୍ରୀ କୁ ସବୁ କାରାଉଛୁ??

ଦିଲ୍ଲିପ ହସୁ ହସୁ କହିଲା,- ଆଉ ସେ ଯୁଗ ଅଛି! କିଏ କାହା ଉପରେ ହୁକମ୍ ଚଲାଇ ପାରିବ?? ବାସ୍ ମନ କୁ ଜଗି ରଖି ଚଳାଇବାକୁ ପଡ଼ିବ। ହଁ , ଏଇଟା ସତ ଯେ ସବୁକିଛି ଆମ ଉପରେ ନିର୍ଭର କରୁଛି। କିନ୍ତୁ ଆଶା ଆଉ ଅପେକ୍ଷା ବେଶୀ ବଢି ଗଲେ କନଫ୍ଲିକ୍ଟ ହେବ।

- ହୁଁ, ହ୍ୟୁମାନ ଓ୍ୱାନ୍ଟସ୍ ଅନ୍- ଲିମିଟେଡ଼। କାହିଁ ମାଡାମ୍ ଙ୍କ ଆଶା ବହୁତ ଭାରି ପଡୁଛି କି ତୋ ଉପରେ। ମୁଁ ବ୍ୟଙ୍ଗୋକ୍ତି ଦେଲି।

- ଶୁଣ, କହୁଛି। ମୁଁ କେମିତି ଥିଲି ଆଉ ଅଜି କେମିତି। ତୁ ମୋତେ କଲେଜ ରେ ଦେଖି ଥିଲୁ। ଗୃକରୀ କଲା ପରେ ଦେଖିନୁ କି ଆଜି ପର୍ଯ୍ୟନ୍ତ ଦେଖି ନଥିଲୁ। ମୋ ବାହାଘର ଠାରୁ ଆଜି ପର୍ଯ୍ୟନ୍ତ କେମିତି ଅଛି ଶୁଣ। ତାପରେ କହିବୁ।

ଦିଲ୍ଲିପ ତା ଅତୀତ କୁ ସାମ୍ନା କୁ ଆଣି କହିଲା--

"ମୁଁ, ବୋଉ ଓ ଭଉଣୀ ସହିତ ପ୍ରୀତି (ଦିଲ୍ଲିପ ର ସ୍ତ୍ରୀ) କୁ ଦେଖିବାକୁ ଯାଇଥିଲି ବାହାଘର ପ୍ରସ୍ତାବ ନେଇ। ଦେଖିଲି ସେ ବହୁତ୍ ଚଳ ଚଞ୍ଚଳ ଅଫୁଟା କଳି ଟିଏ ପରି ଲାଗୁଥିଲା। ବୋଉ ଆଉ ମୋ ସାନ ଭଉଣୀ ତାକୁ ବହୁତ୍ କଥା ସବୁ ପଚାରୁ ଥାନ୍ତି। ସେ ନିର୍ଭୀକ ହୋଇ ଏମିତି ଉତ୍ତର ଦେଉଥାଏ ଯେ ମୋତେ ବହୁତ୍ କନ୍ଫିଡେନ୍ଟ ଲାଗୁ ଥାଏ। ଲାଗୁ ଥାଏ ଯେମିତି ସେ ଆମ ଘର ଲୋକଙ୍କୁ ବହୁତ ଆଗରୁ ଜାଣିଛି। ମୋତେ ଖୁସି ଲାଗୁଥାଏ।

-ବୋଉ ସାନ ଭଉଣୀ ଅମିତା କୁ ଆଖି ଠାରି କହିଲା, "ଭାଇ କୁ କହ କଥା ହେବ"।

- ଅମିତା କହିଲା, ଭାଇ! ଅପାଙ୍କ ସହିତ କଥା ହେଉ ନ !

ମୁଁ ଟିକେ ଇମିତି ଚୁପଗୁପ୍ କଣ ପଗ୍ଭରିବି ଭ୍ଵବି ଘାବେରେଇ ଗଲି। ମୁଣ୍ଡ କୁ ପାଠ କଥା ପଶି ଗଲା, କହିଲି, କଣ ପଢୁଛନ୍ତି??

ସେ ଫେଁ କନା ହସିଦେଲା, କହିଲା ବାପା ସବୁ କଥା ମଉସା ଙ୍କୁ କହିଛନ୍ତି ମୁଁ ଏବେ ଗ୍ରାଜୁଏସନ ସାରି ପି .ଜି ହିଷ୍ଟରି ରେ କରୁଛି।

-- ମୁଁ ପୁଣି ଘାବରେଇ ଗଲି। ପୁଣି କଣ ପଗ୍ଭରିବି ଭ୍ଵବି ପାରୁ ନଥାଏ। କହିଲି, କେତେ ପଢ଼ିବ??

- ତୁମେ ଯେତେ ପଢାଇବ ! ପ୍ରୀତି ଉତ୍ତର ଦେଇ ହସିଦେଲା।

ମୁଁ ହଉ କହି ହସିଦେଲି। ତାପରେ ବୋଉ କୁ କହିଲି, ପ୍ରୀତି ମୋର ପସନ୍ଦ ବୋଲି। ଲାଗୁଥିଲା ସେ କେତେ ଜଜର ବୋଲି। ଗୋଟେ ଦିନରେ ସେ ଗୋଟିଏ ଶବ୍ଦ ଆଉ ଚେନାଏ ହସରେ ମୋ ମନ କିଣି ନେଇଥିଲା। ବିବାହ କିଛି ଦିନ ପରେ ହେଲେ ବି ମୁଁ ପ୍ରୀତି କୁ ତାର ଲାଣ୍ଡ ଲାଇନ ରେ କଲ କରି କଥା ହେଉଥିଲି। ସେ ମୋ ମନର ରାଜକୁମାରୀ ଥିଲା।

ଦିନେ କଥା ନହେଲେ ମୋତେ ନିଦ ହୁଏନ । ତାର ପୋଷ୍ଟ କାର୍ଡ ସାଇଜ ଫଟୋ କୁ କାଟି ମୁଁ ମୋ ପର୍ସ ରେ ଫିଟ୍ ହେବା ସାଇଜ ରେ କରି ସବୁ ବେଳେ ଦେଖୁ ଥିଲି। ଦିଜଣ ଯାକ ଚର ଇପ୍ସିତ ବିବାହ ଦିନକୁ ଗ୍ଭତକ ପରି ଅନେଇ ରହୁଥିଲୁ।

ଦୁଇ ମାସ ପରେ ବାପା ଙ୍କର ମୋ ଅଫିସ ଫୋନ ରେ ଏସ ଟି ଡି କଲ ଆସିଲା। ସେ କଲ୍ ଟିକେ ନିଆରା ଥିଲା। କହିଲେ--

" ଦିଲୁ, କୋଡ଼ିଏ ଦିନ ଛୁଟି ମିଳବ??

-- ନା ବାପା, ଏତେ କାହିଁକି?

-- ଦାଶ ବାବୁ ପ୍ରୀତି ର ଜାତକ ଦେଖାଇ ଲଗ୍ନ ଧରି ଦେଲେଣି। ତେଣୁ ତୁ ଛୁଟି ନେଇ ଆସେ।

ମୁଁ ନୂଆ ଗ୍ଭକରୀ କରିଥାଏ। ବର୍ଷେ ବି ହୋଇ ନଥାଏ। ତଥାପି ପ୍ରୀତି ର ସ୍ନେହ ପ୍ରେମ ମୋତେ ଏତେ ବିହ୍ଵଳ କରି ଥାଏ ଯେ ଗୋଟେ ଦିନ ଆଗକୁ ଘୁଞ୍ଚାଇ ବାକୁ ଇଚ୍ଛା ହେଉ ନଥାଏ। ପେଟ ଭେକ ମୁହଁ ଲାଜ ହୋଇ କହିଲି, "ହଉ ମୁଁ ଦେଖୁଛି, ଛୁଟି ମିଳୁଛି କ ନାହିଁ।

ତର ତର ହୋଇ ମୋ ମାନେଜର କୁ କହି ମାସେ ଛୁଟି ଆଣି ଦିଲ୍ଲୀ ରୁ ଭୁବନେଶ୍ୱର ଚାଲି ଆସିଲି। ତାପରେ ବିବାହ ର ସାତ ବର୍ଷ ସାତ ଫେରା ପରି କୁଆଡେ ଚାଲି ଗଲା ଜାଣି ହେଲାନ। ପ୍ରୀତି ର ପାଠ ନଶା ନାହିଁ କ ମୋର ଚାକରୀ ନଶା ନାହିଁ। ଦୁଇ ଜଣ ଚାନ୍ଦ ଚାକୋରି ପରି ଦିନ କାଟୁଥିଲୁ। ଦୁଇଟି ସନ୍ତାନ ବି ହୋଇ ସାରିଥିଲେ। ମୁଁ ଅମ୍ବ ବିଭୋର ହୋଇ ପ୍ରୀତି ଆଉ ପିଲାଙ୍କ ଛଡ଼ା କଛି ଦେଖୁ ନଥିଲି। ବଡ ଝିଅ ସ୍କୁଲ ଯିବାର ହୋଇ ଗଲାଣି। ମୋର ଚାକରୀ ରେ ଗୋଟେ ପଦୋନ୍ନି ହୋଇ ଯାଇଥାଏ। ପୁଣି ମୋର ପୁଅ ହେଲା। ମୋର ସେ ସମୟ ରେ ଦକ୍ଷିଣ ଭାରତ କୁ ରିଯୋନାଲ୍ ହେଡ୍ ହୋଇ ପ୍ରମୋସନ୍ ହୋଇଥାଏ। ସାନ ଭଉଣୀ ବହାହୋଇ କଛି ଦିନ ପରେ କାଲିଫର୍ଣ୍ଣିଆ ଚାଲି ଯାଇଥାଏ। ପୁଅ ଛୋଟ। ପ୍ରୀତି ୟା ଭିତରେ ଆଉ ଓଡ଼ିଆଣୀ ହୋଇ ନଥାଏ। ମୋର ସ୍ନେହ ଆଦର ର ଫାଇଦା ନେଇ ବହୁତ ସ୍ୱାର୍ଥପର ହୋଇ ଯାଇଥାଏ। ସବୁଥିରେ ମୋର ସହ-କର୍ମୀମାନଙ୍କ ସ୍ତ୍ରୀ କ ମୋ ସାନ ଭଉଣୀ ତାର ପ୍ରତିଦ୍ୱନ୍ଦୀ ବୋଲି ଭାବୁଥାଏ। ତାକୁ ଖୁସି ଦେଖିବାକୁ ଯାଇ ମୁଁ ଦିନ ରାତି ଏକ କରି ଷ୍ଟାଟସ୍ ବଢ଼ାଇବାରେ ଲାଗିଗଲି। ଯେତେ ଅଧିକ ପଇସା ଆସିଲା ପ୍ରୀତି ଦୂରେଇ ଦୂରେଇ ଗଲା। ବାସ୍ ଗୋଟେ ATM ମେସିନ ହୋଇ ପଡ଼ି ରହିଲି। ମନେଜମେଣ୍ଟ କଲା ବେଳେ ନଡ୍ସ ଆଉ ମୋଟିଭେସନ (ପ୍ରେରଣା) କଥା ମନେ ପକାଉ ଥାଏ। ପ୍ରୀତି ର ଲାଳସା ର ଅଧୁରା ପଣ ମୋର ଜୀବନ ର ପ୍ରେରଣା ହୋଇ କାମ କାରାଉ ଥିଲା। ତାର ସବୁ ସ୍ୱପ୍ନ ମୋ ସ୍ୱପ୍ନ ହୋଇ ଯାଇ ଥିଲା। ମୁଁ ନଜକୁ ହଜାଇ ପ୍ରୀତି ର ଆଖିରେ ମୋତେ ଦେଖୁ ଥିଲି। ନା ମାଆ ବାପା, ନା ଭଉଣୀ ଭିଣୋଇ। ମୋର ଆବଶ୍ୟକତା କେବଳ ପ୍ରୀତି ହିଁ ଥିଲା।

ପ୍ରଖ୍ୟାତ ମନୋ ବିଜ୍ଞାନୀ ଆବ୍ରାହମ୍ ମାସ୍ଲୋ ଙ୍କ ଅନୁଶାରେ ଯେତେ ବେଳେ ମନୁଷ୍ୟ ଜନ୍ମ ହୁଏ ତାର ଜୈବିକ ପ୍ରକ୍ରିୟା ଆରମ୍ଭ ହେବା ସହିତ କଛି ପ୍ରାଥମିକ ଆବଶ୍ୟକତା ଜୀବନକୁ ସୁଖକର କରିବା ପାଇଁ ଆବଶ୍ୟକ ହୋଇଥାଏ.. ସେ ସୁଖମୟ ଜୀବନ ଦାନ କରିବାରେ ଆହାର, ଜଳ, ଅମ୍ଳଜାନ (ଅକ୍ସିଜେନ) ଆଉ ଶାରୀରିକ ସମ୍ବନ୍ଧ ନହାତି ଆବଶ୍ୟକ.. ତାପରେ ଜୀବନ ଜିଇବା ପାଇଁ ସାଥୀଟିଏ । ଜୀବନସାଥୀ । ସାଥୀ ବିନା ଜୀବନ ଲାଗେ ଖାଲି ଖାଁ ଖାଁ । ଶୂନଶାନ ।ଏ ଇତ ମାନବ ଦର୍ଶନର ଅବିଶ୍ୱରଣୀୟ ସତ୍ୟ । ସବୁ ହେଲା। ମା।ସ୍ଲୋ ଙ୍କ ପିରାମିଡ୍ ଅନୁସାରେ ଉପର ସୋପାନ ରେ ପଦାର୍ପଣ କଲି । ପଛରେ ରହି ଗଲା ସ୍ନେହ ପ୍ରେମ। ତା ର ଆଉ ପ୍ରାଥମିକତା ନାହିଁ। ଅଛି କେବଳ ବୃଥା ଗର୍ବ, ଅହଙ୍କାର,

ଇର୍ଷା, ଦ୍ୱେଶ ଆଉ ବିଦ୍ୱେଷ ଭାବ। କଣ କରିବା। ନା ବିଶ୍ୱାସ ବଞ୍ଚିଛି, ନା ପ୍ରେମ। ବଞ୍ଚିଛି କେବଳ ଛଳନା ଆଉ ଅଭିନୟ।" କେବଳ ଏକ ରୋବୋଟ ଭଳ ବଞ୍ଚିବା କଥା।

ମୁଁ ଏକ ଲୟ ରେ ଶୁଣୁ ଥିଲି ଦିଲ୍ଲିପ ର କଥା। ଦୁଇ ଘଣ୍ଟା ରେ ଲାଣ୍ଡ କରିଗଲୁ। ଯିଏ ଯାହାର ଗନ୍ତବ୍ୟ ସ୍ଥଳକୁ ବହାରିଲୁ।

ମୁଁ ତାକୁ ବାୟ କରୁ କରୁ କହିଲି, " *ଦିଲ୍ଲିପ, ପ୍ରୀତି ତୋର ସ୍ନେହ ଆଦର ର ପ୍ରତିବିମ୍ବ"* ମୋତେ ଭୁଲ ବୁଝିବୁନ। ଦିଲ୍ଲିପ ମୁଣ୍ଡ ହଲାଇ ସମ୍ମତି ଦେଇ ଗ୍ଲିଗଲା।

ତାକୁ ବାୟ କହି ଭାବୁଥିଲି,----

ଯେ ଫ୍ଲାଇଟ୍ ଭିତରେ, ଦାମିକା ସୁଟ ପିନ୍ଧା ଭଦ୍ରଲୋକ ମନରେ ଏତେ କୋହ ଅଛି ବୋଲି ମୁଁ ଜାଣି ନଥିଲି। ସେ ବହୁତ୍ ବଡ଼ ପୋଷ୍ଟ ରେ ଥିଲା ଆଉ ଚାକରି ଛାଡ଼ି ବଡ଼ ବିଜିନେସ କରୁଛି ଜାଣିଥିଲି। ଏ କୋଟିପତି ର ହୃଦୟ ଏମିତି କୋଡି ହୋଇ କାନ୍ଦୁଛି କିଏ ଜାଣିବ!!

ବିଶ୍ୱାସ ର ସବୁତକ ଦ୍ୱାହି ଦେଇ ସମ୍ପର୍କର ବିଶାଳ ହୃଦୟକୁ ନେଇ ସାଂସାରିକ ବୃକ୍ଷରେ ଫଳାଇବା ରେ ଆମେ ଏତେ ଅସମର୍ଥ ହୋଇ ଯାଉ --- ମୁଁ ତିଳେ ତିଳେ ଅନୁଭବ କରୁଥିଲି।

ନୂଆ ଆଶା- ଆକାଂକ୍ଷାର ଭବିଷ୍ୟତ କେବଳ ପ୍ରେମ ଆଉ ବିଶ୍ୱାସ ର ମିଶ୍ରଣ ରେ ହି ଗଢା ଯାଇ ପାରିବ। ନା ବ୍ୟବଧାନ ଥିବ, ନା ଆଉ କିଛି ପ୍ରଭେଦ ! ହୃଦୟ ରୁ ହୃଦୟ କୁ ଥିବା ରାସ୍ତା ର ଦୁରତ୍ୱ ନ୍ୟୁନତମ ହୋଇଥିବ, ଯେମିତି ନୀରବତା ବି ଅନ୍ତର ର ଆବେଗ କୁ ଶୁଣାଇ ପାରିବ। ଥରେ ଲୋଭ ଗ୍ରାସ କଲେ ମନୁଷ୍ୟ, ମନୁଷ୍ୟ ହୋଇ ରହେନା। ନିଶା ଖୋର୍ ହୋଇ ଯାଏ।

ଆଶା ଗୋଟେ ପୁରା ହୋଇ ଗଲେ ପୁଣି ଅନ୍ୟ ଏକ ଆଶା ମୁଣ୍ଡ ଟେକିଦିଏ। ଆମେ ମାୟା ମିରିଗ ପଛରେ ଧାଇଁ ଧାଇଁ ଶେଷରେ କଣ ପାଉ??

ପୂର୍ବତନ ପ୍ରିନ୍ସିପାଲ୍
ଏଲିଟ ପବ୍ଲିକ ସ୍କୁଲ ଏଣ୍ଡ ଜୁନିଅର କଲେଜ
ନଭି ମୁମ୍ବାଇ

# ପ୍ରେମ



ଅଲେଖ ମେହେର

କୁବଳୟା ହସେ    କାସାର ବୁକୁରେ
ଊର୍ମି ମାଳେ ଖେଳ ଦୋଳ,
ଭ୍ରବ ଦିଆ ନଆ    ତାମସୀ କାଳରେ
ବିଧୁ ସାଥେ ହୋଇ ମେଳ।
ପେଶଳ ହିଆରେ    ଘଟର ଊଟଜେ
ଥରେ ଦେଲେ ନାମ ଲେଖି,
ମନ ବନୀ ହସେ    ନଦାଘ ଗ୍ରୀଷମେ
ବସନ୍ତର ଫଗୁ ମାଖି।
ପତା ଦେଲେ ମୁଦି    ବିହରିତେ ବ୍ୟାପେ
ପ୍ରୀତମର ପ୍ରତିଛବି।
ଯେତେ ଦୂରେ ଥିଲେ    ଲାଗେ ତାଙ୍କ ଛୁଆଁ
ବହେ ଅମର  ଜାହ୍ନବୀ,
ଓକାର ବରଜି    ବିଲୋଳ ପରାଣ
ଏଣି କରଇ ମିଳନ,
ବସନ୍ତ ଦୂତର    ସୁମଧୁର ସ୍ୱର
ମୁଖେ କରେ ଉଚ୍ଚାରଣ।
ଅପଢ଼ା ପାଠସେ    ଅମଡା ବାଟରେ
ଅଟନେ ମନ ଉଛନ୍ନ,
ଘୃଣା ହିଂସା କ୍ରୋଧ    ନର୍ବାପିତ କରେ
ତମ କୁ ଯେହ୍ନେଁ ତପନ।

ନର୍ଜନ ଦ୍ୱୀପରୁ ଉଦ୍ଭବ ତାହାର
ଜ୍ୟା-ବାସି କୁହନ୍ତି ପ୍ରେମ,
ବିଭୁ ଦତ୍ତ ସିଏ ବ୍ୟାକୋଶ କୁସୁମ
ନିର୍ମଳ ଭାବ ନିଷ୍କାମ।
କବୀର ଚୈତନ୍ୟ ନାନକ ଶ୍ରୀ ବୁଦ୍ଧ
ଯା'ଗୁଣ ଗାଇଲେ ହସି,
ଆଶକ୍ତି ବର୍ଜିତ ଲାଳସା ରହିତ
ଐରେୟ ହୃଦୁ ମନାସି।
ଓଖ ଠାରୁ ଦୂରେ ଭାବର ଓଘରେ
ବୁଡିବାକୁ ହୁଏ ମନ,
ଦେବାରି ସ୍ୱଭାବ ପରିତ୍ୟାଗ କରି
ଇଶ୍ୱରଙ୍କୁ କର ଧ୍ୟାନ।

ବି:ଦ୍ର-କୁବଳୟା-ନୀଳକଇଁ,କାସାର-ପୋଖରୀ,ତାମସୀ-ରାତ୍ରୀ,ବିଧୁ-ଚନ୍ଦ୍ର,ପେଶଳ-କୋମଳ,ଘଟ-ଶରୀର,ଉଟଜ-କୁଟିଆ,ବନୀ -ଉପବନ,
ବିହରିତେ-ଚଉପାଖେ,ଓକାର ଦୋଷ,ଏଣି-ନିଶ୍ଚିତ,ଅଟନେ-ଯିବାରେ,ଜ୍ୟା-ପୃଥିବୀ,ବ୍ୟାକୋଶକୁସୁମ-ପ୍ରସ୍ଫୁଟିତ ପୁଷ୍ପ,
ଐରେୟ- ମଙ୍ଗଳ, ଓଖ- ଛଳନା,ଓଘରେ-ସ୍ରୋତରେ,ଦେବାରି- ଅସୁର।

ସୋହେଲ୍, ବରଗଡ

# ମୋ ଓଡିଶା

ନିରଞ୍ଜନ ସାହୁ

ଓଡିଶା ଆମରି ଜନମଭୂମୀ ଲୋ
ଓଡିଆ ଆମରି ଭାଷା
ଓଡିଶା ବୋଲାଏ ଠାକୁର ଦେଶ ଲୋ
ରାଇଜ ଭିତରେ ଖାସା ॥

କଳିଙ୍ଗ, ଉତ୍କଳ ଓଡରାଷ୍ଟ୍ର ନାମେ
ପରିଚିତ ଏହି ଭୂମି
ବଙ୍ଗୋପ ସାଗର ନୀଳ ଉର୍ମିମାଳା
ବେଳାଭୂମି ଯାଏ ଚୁମି
ପ୍ରଭୁ ଜଗନ୍ନାଥ ରାଷ୍ଟ୍ରୀୟ ଦେବତା
ତାଙ୍କରି ଭରସା ଆଶା ॥

ଇତିହାସ କହେ ଆମରି ଐତିହ୍ୟ
ଆମ ପରମ୍ପରା କଥା
ସାଗର ସେପାରି ବଣିଜ ବେପାର
ସାଧବ ପୁଅର ଗାଥା
ବୀର ଖାରବେଳ, କପିଳେନ୍ଦ୍ର ଦେବ
ବୀରତ୍ୱ କାହାଣୀ ଘୋଷା ॥

ଓଡିଶୀ, ଚମ୍ପୂ ଯେ ଛାନ୍ଦ ଚଉତିଶା
ଭଜନ, ଜଣାନ ଗୀତ
ଡାଲଖାଇ, ଦଣ୍ଡ, ରସରକେଲି ଯେ
ଛଉ, ଗୀତିନାଟ୍ୟ ନୃତ୍ୟ

କେନ୍ଦର୍, ଖଞ୍ଜରୀ, ପାଲା, ଦାସକାଠି
ଘୁମୁର୍ ଯେ ମନତୋଷା ॥

ଚକୁଳ, ଆରିସା, ଏଣ୍ଡୁରି, କାକର୍
ମୁହାଣ୍ଡି ଯେ ପୋଡପିଠା
ପିପିଲି ଗ୍ରନ୍ଥୁଆ, ତାରକସି କାମ
ବାନ୍ଧଶିଳ୍ପ ପାଟମଠା
ପୁରୀ, କୋଣାରକ, ଲିଙ୍ଗରାଜ, ହୁମା
ସାଥେ ମୁକ୍ତେଶ୍ୱର ମିଶା ॥

ବାରମାସେ ଏଠି ତେର ଯାତ ହୁଏ
ପାଳନ ହୁଅଇ ପର୍ବ
ଓଡିଆ ବୋଲି ମୁଁ ମନରେ ମୋହରି
ଆସଇ ବହୁତ ଗର୍ବ
ଓଡିଶା ରାଇଜ ସମୃଦ୍ଧ କରିବା
ଜାଗଇ ମନରେ ନିଶା ॥

ନହଲପ୍ରସାଦ,
ଗନ୍ଦିଆପାଟଣା, ଢେଙ୍କାନାଳ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା –
୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି
ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ
ଦିଅନ୍ତୁ । www.editor.vedantimagazine@gmail.com

# ଅଯଥା ପ୍ରଶଂସା କରୁଥିବା ଲୋକ ବିପଜ୍ଜନକ



ନରେନ୍ଦ୍ର ପ୍ରସାଦ ବେହେରା

ରାଜା ବିଜୟସେନ ନିଜ ସଭାରେ ଦମ୍ଭପୂର୍ଣ୍ଣ ସ୍ୱରରେ କହିଲେ--କେବଳ ଭୀରୁ, ଅଳସୁଆ ଏବଂ ଶକ୍ତିହୀନ ବ୍ୟକ୍ତି ଈଶ୍ୱରଙ୍କ ଆଶ୍ରୟ ନେଇଥାନ୍ତି । ମୁଁ ଭଗବାନଙ୍କୁ ବିଶ୍ୱାସ କରେ ନାହିଁ। କ୍ଷମତାର ବିସ୍ତାର ସହିତ ମୋର ଶକ୍ତି ସର୍ବତ୍ର ବ୍ୟାପିଯାଇଛି । ରାଜାଙ୍କ କଥାରେ ଚାଟୁକାରମାନେ ସମ୍ମତି ପ୍ରକାଶ କଲେ । ରାଜସଭାରେ ସେ ସମୟରେ ରାଜକବି ସୌମିତ୍ର ମଧ୍ୟ ବସିଥିଲେ । ସେ କିନ୍ତୁ ମୌନ ଥିଲେ । ତାଙ୍କୁ ନୀରବ ରହିବା ଦେଖି ରାଜା କହିଲେ, ଆପଣ କ'ଣ ମୋର ଏ ବିଜୟର ପ୍ରଶଂସା କରି କବିତା ବୋଲିବେ ନାହିଁ । ମହାକବି ବିନମ୍ର ସ୍ୱରରେ କହିଲେ, କ୍ଷମା କରନ୍ତୁ ମହାରାଜ ! ମୁଁ କେବଳ ଈଶ୍ୱରଙ୍କ ଶକ୍ତିର ପ୍ରଶଂସା କରିଥାଏ । ତାଙ୍କରି କୃପାରୁ ଆପଣ ବିଜୟୀ ହୋଇଛନ୍ତି ବୋଲି ମୁଁ ଭାବୁଛି । ଏହା ଶୁଣିବା ପରେ ରାଜା କ୍ରୋଧିତ ହୋଇପଡିଲେ । ସେ କହିଲେ--ଗୋଟିଏ ସପ୍ତାହ ମଧ୍ୟରେ ମୋ ପ୍ରଶଂସାରେ ଏକ କାବ୍ୟ ରଚନା କର, ଅନ୍ୟଥା ତୁମକୁ ମୃତ୍ୟୁ ଦଣ୍ଡ ଦିଆଯିବ । ସଭା ସମାପ୍ତ ହେବା ପରେ କବି ସୌମିତ୍ର ନିଜ ଗୁରୁ ମହର୍ଷି କୃଷ୍ଣପାଦଙ୍କ ନିକଟରେ ପହଞ୍ଚିଲେ ଏବଂ ସବୁକଥା କହିଲେ । ଗୁରୁ କହିଲେ--ଧୈର୍ଯ୍ୟ ରଖ ସୌମିତ୍ର ! ତୁମେ ଯେଉଁ ଈଶ୍ୱରଙ୍କୁ ସ୍ତୁତି କରୁଛ, ତାଙ୍କ ଉପରେ ଭରସା ରଖ । ଦୈବ ଯୋଗକୁ ଏହି ଘଟଣାର ୩ ଦିନ ପରେ ସାପ କାମୁଡାରେ ରାଜାଙ୍କ ଏକମାତ୍ର ପୁତ୍ର ଗୁରୁତର ହୋଇପଡିଲା । ଝଡାଫୁଙ୍କା ଉପଚାର ଆଦି ବ୍ୟର୍ଥ ହେଲା । ରାଜା ହତାଶ ହୋଇପଡିଲେ । ଏହି ସମୟରେ ଜଣାପଡିଲା ଯେ କିଛି ମନ୍ତ୍ରୀ ଏବଂ ପାରିଷଦବର୍ଗ ଷଡଯନ୍ତ୍ର ପୂର୍ବକ ରାଜାଙ୍କୁ ଗାଦିଚ୍ୟୁତ କରିବାକୁ ଚାହୁଁଛନ୍ତି ।

ରାଜକବି ଏହି ଖବର ପାଇବା ମାତ୍ରେ ତୁରନ୍ତ ଗୁରୁ କୃଷ୍ଣପାଦଙ୍କୁ ଧରି ରାଜଭବନରେ ପହଞ୍ଚିଲେ । ରାଜକବି ଦେଖିଲେ ରାଜା ବିଳାପ କରିବାରେ ଲାଗିଛନ୍ତି । ସେ କାନ୍ଦି କାନ୍ଦି କହୁଛନ୍ତି, ଆପଣ ମୋର ଆଖି ଖୋଲି ଦେଇଛନ୍ତି । ଈଶ୍ୱରଙ୍କ ଇଚ୍ଛାରେ ସବୁକିଛି

ହୋଇଥାଏ । ମୁଁ ଏପର୍ଯ୍ୟନ୍ତ ବ୍ୟର୍ଥ ଅହଂକାରରେ ବୁଡି ରହିଥିଲି । ଯାହାର ଦଣ୍ଡ ମୋତେ ମିଳଛି ।

ରାଜ କବିଙ୍କ ପଛରେ ଛିଡା ହୋଇଥିବା କୃଷ୍ଣପାଦ କହିଲେ-ରାଜନ୍ ! ଈଶ୍ୱର କେବଳ ଦଣ୍ଡିତ କରନ୍ତି ନାହିଁ । ସେ ଅତ୍ୟନ୍ତ କରୁଣାମୟ । ଏହାକହି ସେ ତୁରନ୍ତ ରାଜକୁମାରଙ୍କ ନିକଟକୁ ଗଲେ । ତାଙ୍କ ମଥାରେ ହାତ ରଖି ଗଭୀର ଧ୍ୟାନରେ ବୁଡିଗଲେ । ଏହାର ପ୍ରାୟ ଏକ ଘଣ୍ଟା ପରେ ରାଜକୁମାର ଆଖି ଖୋଲିଲେ । ମହର୍ଷି ଧୀରେ ଧୀରେ ଉଠିଲେ ଏବଂ ରାଜକବିଙ୍କ କାନରେ କଛି କହି ବାହାରକୁ ଚାଲିଗଲେ । ଗୋଟିଏ ପଟେ ରାଜକୁମାର ସୁସ୍ଥ ହେଲେ ଅନ୍ୟପଟେ ରାଜକବିଙ୍କ ସହାୟତାରେ ରାଜାଙ୍କୁ ଗାଦିଚ୍ୟୁତ କରିବା ଷଡଯନ୍ତ୍ରର ପର୍ଦ୍ଦାଫାଶ ହେଲା । ଷଡଯନ୍ତ୍ରକାରୀମାନେ ଅଧିକାଂଶ ସେହି ଲୋକ ଥିଲେ, ଯେଉଁମାନେ ନିଜ ଚାଟୁକାରିତା ବଳରେ ସବୁବେଳେ ରାଜାଙ୍କୁ ପ୍ରଶଂସା କରୁଥିଲେ ।

ଏହାପରେ ରାଜା କବିଙ୍କ ସହିତ ମହର୍ଷି କୃଷ୍ଣପାଦଙ୍କ ଆଶ୍ରମରେ ପହଞ୍ଚିଲେ । ମହର୍ଷି କହିଲେ-ରାଜନ୍ ! ସର୍ବପ୍ରଥମେ ପରମାତ୍ମାଙ୍କୁ ସ୍ମରଣ କରିବା ଆବଶ୍ୟକ । ଏ ସୃଷ୍ଟିର ସମସ୍ତ ପ୍ରାଣୀ ତାଙ୍କରି ଶକ୍ତିର ମାତ୍ର ଛୋଟିଆ ଅଂଶ ପ୍ରାପ୍ତ କରି ଶକ୍ତିମାନ ହୋଇପାରନ୍ତି । ଯେଉଁମାନେ କାହାର ଅତିଶୟ ପ୍ରଶଂସା କରିଥାନ୍ତି, ସେମାନେ ନିଶ୍ଚିତ ଭାବେ ସ୍ୱାର୍ଥାନ୍ୱେଷୀ ହୋଇଥାନ୍ତି । ଏଭଳ ଲୋକଙ୍କ ଠାରୁ ସାବଧାନ ରହିବା ଜରୁରୀ । ଏଥର ରାଜାଙ୍କର ଜ୍ଞାନ ଉଦୟ ହେଲା ।

ସଂଗ୍ରହକାରୀ--ନରେନ୍ଦ୍ର ପ୍ରସାଦ ବେହେରା, ଆଳଦା, ଖଇରା,ବାଲେଶ୍ୱର

ଚଳତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ସ୍ୱାଧୀନ ଜୀବନ କାନ୍ଦେ



ବିଶ୍ୱ ରଞ୍ଜନ ମହାନ୍ତି

ଖୋଲ୍ ଆକାଶରେ ଉଡ଼ିଯିବା ପାଇଁ
ଭାବି ନ ଥିଲି ମୋ ମନେ
ବିରାଟ ପୃଥିବୀ ପରି ମଣିଥିଲି
ତ୍ୟାଗରେ ଭୋଗର ସୁଖ ଜାଣିଥିଲି
ସେହି ପବିତ୍ର ବନ୍ଧନେ ।

ଯେଉଁ ବନ୍ଧନ କରି ଦେଇଥିଲା
ସତ୍ତାକୁ ମୋର ଲୀନ,
ସେହି ବନ୍ଧନ ଦେଇଥିଲା ମୋତେ
ମୁକ୍ତିର ସନ୍ଧାନ ।

ଯେତେ ଖୋଜୁଅଛି ଆଉ ସେ ବନ୍ଧନ
ପାଉନାହିଁ ଜମା ତାହାରି ସନ୍ଧାନ
ସ୍ୱାଧୀନ ଜୀବନ ହୁଏ ଆତ୍ମହରା
ସେହି ପୁଲକତ ଗନ୍ଧେ
ପରାଧୀନତାର ସ୍ମରଣେ ଆଜି ମୋ
ସ୍ୱାଧୀନ ଜୀବନ କାନ୍ଦେ ।

ମୁକ୍ତ ବିହଙ୍ଗ ମୁକ୍ତି ଖୋଜେ ନାହିଁ
ଝୁରି ମରୁଥାଏ ଶୃଙ୍ଖଳା ପାଇଁ
ସୁଖର -ଜୀବନ ମୁଖରିତ ଥିଲା
ପ୍ରତି ଶିକୁଳର ଛନ୍ଦେ
ପରାଧୀନତାର ସ୍ମରଣେ ଆଜି
ମୋ ସ୍ୱାଧୀନ ଜୀବନ କାନ୍ଦେ ।

କୁଳସାହି, ଅଲଣା ହାଟ
ଜଗତସିଂହପୁର

# ଅବଶୋଷ



ଲଲ୍ଟେନ୍ଦୁ ବାରିକ

ଧନ ଖୋଜୁଥିଲି ଧନ ପାଇଗଲି
ମିଳଗଲା ସୁଖ ଶାନ୍ତି
ତଥାପି ମନ ମୋ ଝୁରଇ ନିତି
ଗାଁ ବଣ ନଦୀ ତୋଟା ପାଇଁ
ବଡ଼ ହୋଟେଲରେ ଯେତେ ଖାଇଲେ
ପେଟ ଟି ପୂରଇ ସିନା
କିନ୍ତୁ ମନ ଝୁରେ ଗାଁ ର ସେହି
ପଖାଳ କଂସା ଶାଗ ପାଇଁ
ଦାମିକା ରୁମାଲ ରେ ମୁହଁ ପୋଛିଲେ
ଶାନ୍ତି କି ମିଳଇ ଭାଇ
ତଥାପି ମନ ମୋ ଖୋଜଇ ନିତି
ବୋଉ ର ସେହି ପଣତ କାନି
ନରମ ଗଦିରେ ଯେତେ ଶୋଇଲେ
ନିଦ କି ପୁରା ହେଉଛି
ସବୁଠାରୁ ଶାନ୍ତି ବୋଉ ର କୋଳ
ନିଦ ଟି ଜମା ଭାଙ୍ଗେ ନି
ଭଲ ସ୍କୁଲ ରେ ରହି ପାଠ ପଢ଼ିଲେ
ପାଠ ଟି ଅବୁଝା ରହେ

ମା ପାଠ ପଢ଼ା ଜଗତ ର୍ଇଜେ
ଜିଣିବା କୁ ଶକ୍ତି ଦିଏ
ନର୍ସଙ୍କ ର ସେବା ହାତ ଗଣ ତା
ରୋଗ କି ଯାଏ ଉଭେଇ
ମାଆର ସେହି ହାତ ର ପରଶେ
ରୋଗଟି ଉଭେଇ ଯାଏ

ବାସୁଦେବପୁର, ଭଦ୍ରକ

# କରୋନା ଭାଇରସ୍ ଉପରେ ଆଧାରିତ ଗଳ୍ପ- ଅଲୋଡ଼ା ମଣିଷ



ପ୍ରିୟରଞ୍ଜନ ଭାରତୀ

ପୁରୁଣା ବସଷ୍ଟାଣ୍ଡ ପାଖକୁ ଲାଗି ଗୋଟିଏ ଭଙ୍ଗା ଘରଜଘର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଥାଏ। ଯେମିତି ବୟସର ଅପରାହ୍ନ ରେ ନିଃସହାୟ ଲୋକ ଙ୍କୁ ସାହା ହେବା ପାଇଁ କେଉଁ ଆଦିମ କାଳରୁ  ବୁଢ଼ା ବରଗଛ ପରି ଛିଡା ହୋଇଛି। ଘରଜଘର କଥା ନ କହିଲେ ଭଲ। କାହିଁକି କ ନା ବାହାରେ ବୁନ୍ଦାଏ ବର୍ଷା ନ ପଡୁଣୁ ଘରର ଅବସ୍ଥା ଶୋଚନୀୟ ହୋଇ ଯାଏ। ସହରର ଯେତେକ ବୋଲ୍ ଗାଈ, ଷଣ୍ଢ ଆଉ ମେଣ୍ଢା ମାନଙ୍କର ଆଡା ସ୍ଥଳ ହେଉଛି ଏହି ଘରଜଘର। ଭିତରେ ଏକ ଅଦ୍ଭୁତ ଦୁର୍ଗନ୍ଧ ଅସହ୍ୟ।ଘରଜଘର ପାଖକୁ ଲାଗି ରହିଛି ଏକ ସବୁଜ ରଙ୍ଗର ଡଷ୍ଟବିନ୍ ଯାହା ଉପରେ ଲେଖାଯାଇଛି 'ସ୍ୱଚ୍ଛ ଭାରତ ସୁସ୍ଥ ଭାରତ'।  ସହରର ଯେତେକ ଅଳଆ ଆବର୍ଜ୍ଜନା ଆସି ଏଠାରେ ଏକତ୍ରିତ କରାଯାଏ। ଯେମିତି ଦୁର୍ଗନ୍ଧର  ଶ୍ରେଷ୍ଠ ସ୍ଥାନ ହେଉଛି ଏହି ଯାଗା। ଏ ସବୁ ବିଷୟରେ ଦିନବନ୍ଧୁ ଭାବୁଥାଏ,ଆଉ ମନେ ପକାଉ ଥାଏ ନିଜର ଅତୀତର ସୁମଧୁର ସ୍ମୃତିକୁ।

୨୦ ବର୍ଷର ଅତୀତକୁ ସେ ଭଙ୍ଗା ଘରଜଘରେ ବସି ପରସ୍ତ ପରସ୍ତ  କରି ମନେ ପକାଉ ଥାଏ। ତେଲ ଲୁଣର ସଂସାର  ତଥାପି ସମସ୍ତେ ସୁଖୀ, ସେଥିପାଇଁ ଦିନବନ୍ଧୁଙ୍କୁ ଦାଦନ ଖଟିବା ପାଇଁ କଲିକତା ଯିବାକୁ ପଡ଼ିଛି। ପରିବାର କହିଲେ ସ୍ତ୍ରୀ ମାଳତୀ ଆଉ ଦୁଇ ପୁଅ ଗୋଟିଏ ଝିଅ। ଆଜି ସମସ୍ତେ ଉଚ୍ଚ ଶିକ୍ଷିତ, ପୁଅ ଦୁହେଁ ସରକାରି ଚାକରି କରିଛନ୍ତି, ଝିଅର ବାହାଘର ମଧ୍ଯ ସରିଯାଇଛି ଆଉ ମାଳତୀ ସବୁ ମାୟା ବନ୍ଧନକୁ କାଟି ଏକ ଅଜଣା ଦେଶରେ ଆରପାରିକୁ ଚାଲିଗଲାଣି। ପୁଅ ମାନେ ବି ବୁଢ଼ା ବାପାକୁ ଆଉ ଆଗପରି ପଚାରୁନାହାନ୍ତି। ହେଲେ ଦିନବନ୍ଧୁ ଆଜିବି କଲିକତାରେ ଦାଦନ ଶ୍ରମିକ ହୋଇ କାମ କରୁଛି। ମଝିରେ ମଝିରେ ଘରକୁ ଆସେ, କେହି ବି ପଚାରନ୍ତିନି ସତେ ଯେମିତି ଆଜି ସେ ଅଲୋଡ଼ା ମଣିଷ ହୋଇଯାଇଛି ସମସ୍ତଙ୍କ ପାଇଁ। ସମୟ ଗଡ଼ି ଚାଲେ, ସମସ୍ତେ ନିଜ ନିଜ ରାସ୍ତାରେ ଆଗେଇ ଚାଲନ୍ତି। ହେଲେ ହଠାତ୍ ଏକ ଭୟଙ୍କର ପରିସ୍ଥିତି ଆସି ଅସମୟରେ

ନିଃସହାୟ ଲୋକଙ୍କ ପାଖରେ ପହଞ୍ଚି ଯାଏ। ଅଛୁଆଁ ରୋଗ ଛୁଇଁଦେଲେ ମହାମାରୀ ପରି ମାଡ଼ିଥାଏ ଯାହାର ନାଁ ହେଉଛି କରୋନା ଭାଇରସ୍। ସେଥିପାଇଁ ସରକାର ଙ୍କ କଡା କଟକଣା କେହି ବାହାରକୁ ବାହାରି ପାରିବେନ। ସେଥିପାଇଁ ଦିନବନ୍ଧୁ କଲିକତାରୁ ଗାଁ କୁ ଫେରିଆସିଛି। ସରକାରୀ ନିୟମ ଯେ କୌଣସି ଲୋକ ବାହାର ରାଜ୍ୟରୁ ଫେରିବ ପ୍ରଥମେ ୩ ଦିନ ସରକାରୀ ଡାକ୍ତରଖାନାରେ ରହି ସବୁ ପରୀକ୍ଷା କରି ଘରକୁ ଯିବେ। ସବୁ ପରୀକ୍ଷା ରେ ଉତ୍ତୀର୍ଣ୍ଣ ହୋଇ ଦିନବନ୍ଧୁ ଘରକୁ ଫେରିଲା। ବୁଢ଼ାର ମନ ଭିତରେ ଅସୁମାରୀ ସୁଖର ଲହରୀ ଖେଳିଯାଉଥିଲା, ଘରକୁ ଫେରିବା ଖୁସିରେ। ହେଲେ ଘରକୁ ଆସି ଦେଖେ ତ ଡାକ୍ତରଖାନା ଠାରୁ ଅଧିକ କଟକଣା ଘରେ,ବଡ଼ ପୁଅ ଆସି ତାଗିଦ୍ କରି କହିଦେଇଯାଏ ୧୪ ଦିନ ଯାଏଁ ଅଲଗା ରହିବ କାହାକୁ ଛୁଇଁବ ନାହିଁ ନ ହେଲେ ନିଜେ ତ ମରିବ ଆମ ସମସ୍ତଙ୍କୁ ମାରିବ।ଆଉ ସାନ ପୁଅ ଆସି ବାଡିପଛ ଗୁହାଳ ଘରେ ଛିଣ୍ଡା କତରା ଦେଇ କହିଦେଇଯାଏ ଏଠୁ ବାହାରକୁ ବାହାରିଲେ ମୋଠୁ ଖରାପ କେହି ହେବେନି।

ଦିନବନ୍ଧୁ ସମସ୍ତଙ୍କୁ ଚକିତ ହୋଇ ଚାହିଁ ରହିଥାଏ ଆଉ ଭାବୁଥାଏ ସତରେ ଡାକ୍ତରଖାନା କେତେ ଭଲ ଥିଲା, କେତେ ଆସ୍ୱସ୍ଥି ମିଳୁଥିଲା ହାଏରେ କପାଳ... ଭାବନାର ପୂର୍ଣ୍ଣଛେଦ ନ ପଡୁଣୁ ବଡବୋହୂ ଆସି ୫ ମିଟର ଦୂରରେ ଛିଡା ହୋଇ କହିଲା ଖାଇବା ରହିଲା ଖାଇନବ। ଦିନବନ୍ଧୁ ଅବାକ୍ ହୋଇ ଚାହିଁ ଥାଏ ଆଉ ମନେ ମନେ ମାଳତୀ କୁ ମନେପକାଇ କହୁଥାଏ ତୁତୋ ଗଲୁ ମତେ କାହିଁକି ନେଲୁନି ଲୋ ତୋ ସାଥେ। ଅଜସ୍ର ଭାବନା ଭିତରେ କେତେ ବେଳେ ଦିନବନ୍ଧୁ କୁ ନିଦ ହୋଇ ସକାଳ ହୋଇଯାଇଥାଏ ତାକୁ ଜଣା ନ ଥାଏ। ହଠାତ୍ ଗାଁର କିଛି ଲୋକ ଆସି ବଡ଼ ପୁଅକୁ ଉଚ୍ଚ ସ୍ୱରରେ କହୁଥାନ୍ତି କ'ଣ ଗାଁକୁ ମଶାଣି କରିବ ନା କ'ଣ ଯଥା ସମ୍ଭବ ବୁଢ଼ାକୁ ଗାଁରୁ ବାହାର କର ନ ହେଲେ ନିଆଁ ପାଣି ଅଟକ କରାଯିବ। ବଡ଼ ପୁଅ ଆସି ବାପାକୁ କହେ ବାପା ତୁମେ କିଛି ଦିନ ପାଇଁ ଝିଅ ଘରକୁ ଚାଲିଯାଅ ଏ କରୋନା ଭାଇରସ୍ ଚାଲିଗଲେ ମୁଁ ତୁମକୁ ଯାଇ ନେଇ ଆସିବି। ଝିଅ ସୁନି କୁ ଫୋନ୍ କରାଗଲା ସୁନି କହିଲା ଭାଇ ବାପା ବାହାର ରାଜ୍ୟର ଥିଲେ ତାଙ୍କୁ ଡାକ୍ତରଖାନାକୁ ପଠାଇଦିଅ ମୁଁ ଆଣିକି କ'ଣ କରିବି ନିଜେ କ'ଣ ମରିବି। ପୁଅ ଝିଅଙ୍କର ଏପରି ଠେଲାପେଲା କୁ ଦେଖି ଦିନବନ୍ଧୁ ଆଖିରେ ଲୁହ ଜକେଇ ଆସିଲା ଆଉ ସେ ଭାବିଲା ସତରେ ଆଜି ମୁଁ କେତେ ଅଲୋଡ଼ା ମଣିଷ ହୋଇଯାଇଛି। ରାତି ବଢିବା ସହିତ ବୁଢ଼ା ଦେହର ତାତି ବଢୁଥାଏ ମଝିରେ ମଝିରେ ସୁଖିଲା କାଶ ବି ଛାଡୁନଥାଏ। ଝିପ୍ ଝିପ୍ ବର୍ଷା ବି ପଡୁଥାଏ ଚାରିଆଡ଼େ କଳା କଟିମିଟ୍ ଅନ୍ଧାର ଦୁଇ ପୁଅ ଆସି ବାପାଙ୍କ ପାଖରେ ପହଞ୍ଚି କହିଲେ ବାପା ତୁମକୁ

କରୋନା ଭୂତାଣୁ ହୋଇଛି ତୁମେ ଘରୁ ବାହାରି ଯାଅ। ବୁଢ଼ା କଛି କହିବା ପୂର୍ବରୁ ଦୁଇ ପୁଅ ଧକ୍କା ଦେଇ ଘରୁ ବାହାର କରି ଦେଲେ। ଗ୍ଧରିଆଡ଼େ କଳାକଟିମିଟ୍ ଅନ୍ଧାର କୁଆଡେ ଯିବି ମୁଁ, ଏ ବର୍ଷା ଟା ବି ଦାଉ ସାଧୁଛି, ଦିନବନ୍ଧୁ ଆଗକୁ ପାଦ ବଢାଏ ଆଉ ନଜର ଜନ୍ମମାଟିକୁ ମୁଣ୍ଡିଆ ମାରି କହେ ଏ ଜନ୍ମରେ ବୋଧେ ଆଉ ତ ସହ ଦେଖାହେଇପାରିବନ ଏହା କହି ଭେ ଭେ ହୋଇ କାନ୍ଦି ଆଗକୁ ଆଗେଇ ଗ୍ଧଲେ। ବର୍ଷା ଯେତେ ବଢୁଥାଏ ମନର କୋହ ଓ ଆଖିର ଅମାନିଆ ଲୁହ ବି ବଢୁଥାନ୍ତି। ଶେଷରେ ଦିନବନ୍ଧୁ ଗ୍ଧଲି ଗ୍ଧଲି ସହରର ସେହି ଭଙ୍ଗା ଗ୍ଧଳଘରେ ପହଞ୍ଚି ଯାଏ। ଅରକ୍ଷିତ କୁ ଦଇବ ସାହା ପରି ଆଜି ଭଙ୍ଗା ଗ୍ଧଳଘର ଦିନବନ୍ଧୁ ପାଇଁ ଭଗବାନ ସାଜିଛି।୫ଦିନ ହେବ ବୁଢ଼ା ପେଟକୁ ଦାନା ଟିକେ ବି ଯାଇନ, କ'ଣ କରିବ ଗ୍ଧରିଆଡ଼େ ତ ଜନଶୂନ୍ୟ କାହାକୁ ମାଗିବ ଖାଇବା ପାଇଁ। ବାହାରକୁ ବାହାରିଲେ ପୁଲିସ ର ଲଠି ପ୍ରହାର, କେବେ କେବେ ପ୍ରସାସନ ତରଫରୁ ଖାଇବାକୁ ମିଳଲେ ବି ତାହା ସମୁଦ୍ର କୁ ଶଙ୍ଖେ। ଶେଷରେ ଦିନବନ୍ଧୁ ଥକପଡେ, ନିଃସହାୟ ବୋଧ ଅନୁଭବ କରେ, ଆଉ ଭ୍ଧବେ ସତରେ କ'ଣ ଏ କରୋନା ରୋଗ ମୋ ପରିବାର, ଗାଁ, ଦେଶ ଆଉ ସମସ୍ତଙ୍କ ନିକଟରେ ମୋତେ ଅଲୋଡ଼ା ମଣିଷ କରିଦେଲ୍। ବୁଢ଼ା ବସିଥାଏ ସେହି ଭଙ୍ଗା ଗ୍ଧଳଘରେ, ହଠାତ୍ ପଶ୍ଚିମ ଦିଗରୁ କଳାହାଣ୍ଡିଆ ମେଘ ମାଡି ଆସିଲ୍, ଅଣଗ୍ଧଶ ପବନ ବି ବହିବାକୁ ଲ୍ଗିଲ୍ ଲ୍ଗୁଛି ଯେପରି କ୍ଷଣକେ ବିଶ୍ୱ ଧ୍ୱଂସ ହୋଇଯିବ। ଦିନବନ୍ଧୁ ଗୋଟିଏ କୋଣରେ ବସିଥାଏ ବାହାରେ ଅଦିନିଆ ବର୍ଷା ବର୍ଷୁଥାଏ, ଭଙ୍ଗା ଗ୍ଧଳ ଦେଇ ସବୁତକ ବର୍ଷା ଯେମିତି ଦିନବନ୍ଧୁ ଉପରେ ପଡୁଥାଏ ଆଉ ଦିନବନ୍ଧୁ ଏକ ଅଲଗା ଦୁନିଆଁରେ ରହି ଭଗବାନ ଙ୍କୁ ପ୍ରାର୍ଥନା କରି କହୁଥାଏ ହେ ଭଗବାନ ମୋତେ ମୋ ମାଳତୀ ପାଖକୁ ନେଇ ଗ୍ଧଲ ମୁଁ ବଞ୍ଚିବାକୁ ଗ୍ଧହୁଁନ, ବଞ୍ଚିବାକୁ ଗ୍ଧହୁଁନ...କରୋନା ଭାଇରସ୍ ଠୁ ଆଜିର ମଣିଷ ମାନଙ୍କର ବ୍ୟବହାର ଅଧିକ ସାଙ୍ଘାତିକ କରୋନା ଭାଇରସ୍ ଠୁ ମଣିଷ ବଞ୍ଚିଯାଇପାରେ ହେଲେ ଏ ମଣିଷ ନାମକ ପଶୁ ଠୁ ସେ କେବେ ହେଲେ ବି ବଞ୍ଚିପାରିବନି। ମୁଁ ଅଲୋଡ଼ା ମଣିଷ ହେବାକୁ ଗ୍ଧହୁଁନ ପ୍ରଭୁ ମୋତେ ନେଇ ଗ୍ଧଲ ଏକ ଅଲଗା ଦୁନିଆଁକୁ। ମୁଁ ଅଲୋଡ଼ା ମଣିଷ ହେବାକୁ ଗ୍ଧହୁଁନ, ମୁଁ ଅଲୋଡ଼ା ମଣିଷ ହେବାକୁ ଗ୍ଧହୁଁନ। ମୁଁ...... ଅଲୋଡ଼ା.... ମଣିଷ..... ହେବାକୁ..... ଗ୍ଧହୁଁନ.....।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ କଲ୍ୟାଣସିଂହପୁର,
ରାୟଗଡ଼ା

# ଧୁତୁର୍ ଫୁଲ



ସରୋଜ କୁମାର ସାହୁ

ଜଗତେ ଫୁଟିଛି କେତେ ଜାତି ଫୁଲ
ଅଛନ୍ତି ତୋ ସହୋଦର
କ ଗୁଣ ଭରିଛି ତୋରି ଦେହରେ
ପାଉଅଛୁ ଏତେ ଆଦର।
ଶଙ୍କରଙ୍କ ଲାଗି ତୁହି ଅଟୁ ପ୍ରିୟ
ତୋ ନାମ ରହଛି ଜଗତେ
ଭକତି ଭାବରେ ହୋଇଛନ୍ତି ପ୍ରୀତ
ପୂଜୁବୋଲି ବିଧିମତେ।
ଗାଉଅଛୁ ତାଙ୍କ ସ୍ତୁତିର ବନ୍ଦନା
ଚରଣରେ ସଦା ତୁହି
ଭକତି ଭାବକୁ ଚହ୍ନନ୍ତି ବୋଲି ତ
ହସିଉଠେ ଏଇ ମହୀ।
ତୋ ରୂପ ନଆର୍ ଦିଶୁ ମନୋହର୍
ବାସନା ଅଟଇ ଭିନ୍ନ
ପତ୍ରଦେହେ ତୋର ଔଷଧୀୟ ଗୁଣ
ରୋଗୀପୀଡ଼ା ପାଇଁ ଦାନ।

ଫୁଲର ଗର୍ଭରେ ଫୁଲଟିଏ ହୋଇ
ଲୁଚଅଛୁ ତାହା ମଧ୍ୟେ
ଏକ ଦୁଇ ତିନ ବିବିଧ ପ୍ରକାର
ରଙ୍ଗବୋଳ ଦେଉ ରନ୍ଧ୍ରେ।
ଫଳଦେହେ ଭର୍ ବିଷର କଣିକା
ମଞ୍ଜିରୁ ହେଉ ତୁ ଜାତ
ବିଷ କଣିକାରେ ଅମୃତର ସତ୍ତା
ଯୁଗେଯୁଗେ ପ୍ରଣିପାତ।

ଆଠଗଡ, କଟକ

# ପ୍ରତ୍ୟାଶୀ
# ମାଲ୍ୟବନ୍ତ

ଦିନବଂଧୁ ବେଜ

ମୁଁ ଯାଉଛି ଛାଡ଼ି ତୁମ୍ଭ ପାଇଁ
ମୋ ଅନ୍ତନାଡୀକୁ
ମାଳ କରି ପିନ୍ଧ ହେ ବନ୍ଧୁ ।
ମୋ କଲିଜା କନ୍ତ
ସେମିତି ଥିବ ଆସ୍ଥାନରେ
ସନ୍ତକ ଯୁଗ ଯୁଗକୁ
ଅଜଣା ପାହାଡୀ ଗୁମ୍ଫାରେ ।
ମୁଁ ପହଁରୁ ଥିବି_____
ଫୁଟି ଟକମକ ହେଉଥିବା
ନଜ ରକ୍ତ ନଦୀରେ,
ମୋତେ ଆକ୍ତାମାକ୍ତା କରୁଥିବ
ମୋ ଭୁକୁଞ୍ଚିତ ସ୍ନାୟୁ...... ।
ମୁଁ ଧ୍ୟାନସ୍ଥ କପିଳ ମୂନୀ ପରି
ମୋ ତପସ୍ୟାରେ.....
ମୋ ବର୍ଦ୍ଧିତ ଆୟୁ ଆଷାରେ ।
ଚକ୍ଷୁର ଲେଲିହାନ ଶିଖାରେ
ଜାଳ ଦେବାକୁ ଗୃହେଁ ମୁଁ
ଅନ୍ୟାୟ ଦୁର୍ନିତିର ପେଡୀ,
ପାଳନ କରିବାକୁ ଉତ୍ସୁକ
ମୋ ଜୀବନର ଇତିହାସ,
ମୋ ନିର୍ଜୀବ ହାତରେ ଧର୍
ଥିବା ସାହିତ୍ୟ ପରିଭାଷା ।
ମୁଁ ମୋ ପୁସ୍ତକର ମୁଖ୍ୟ ପୃଷ୍ଠା
ମୋ ପୃଷ୍ଠରେ ସ୍ୱାକ୍ଷରିତ ଅଛି
ସେବା, ତ୍ୟାଗ ବଳଦାନ
କରୁଣା ଓ ଦୟାର ସନ୍ତକ ।
ମୋ ନାମ ଏଠାରେ ଥାଉକ
ନ ଥାଉ ହେ ବନ୍ଧୁ...........
କର୍ମ କରିବାକୁ ମୁଁ ଆସିଛି,,
କର୍ମକରି ଏ ଜୀବନ ଗୃଲିଯାଉ
ସାକ୍ଷୀ ଥିବ ଏ ମାଲ୍ୟବନ୍ତ
ଗୁରୁପିୟା ଗୀତ ଗାଉଥିବ ।
ଗୁଞ୍ଜରିତ ହେଉଥିବ
ପାହାଡ଼ୀ ନଈର ଗୁଣୁ ଗୁଣୁ ଶବ୍ଦ ।

ମାଲକାନଗିରି

# ପ୍ରୀତିର ସେଇ ଗାଁ ନଈ



ନବ କୁମାର ଦାସ

କଳ କଳ କରି ବହି ଯାଉଥାଇ
ମୋର ଗାଆଁ ଟିକ ନଈ
ଚହଲ୍ ପାଣିରେ ଛାଇର ଛବିରେ
କଳା ଧଳା ରୂପ ନେଇ...

ରାତି ଅନ୍ଧାରରେ ତାର୍ ଚନ୍ଦ୍ରମାରେ
ଆକାଶ ବି ଖସିଆସେ
ହଲ ଚଲ ପାଣି ଟିକ ଢେଉ ଗଣି
ଗାଆଁ ବୁକୁରେ ଝଲସେ....

ନରିମାଖି ପ୍ରିୟା ଦିଶେ ଭରି ଗୋର୍
ହଳଦୀ ମାଖେ ଲୋ ବସି
ତୁଠ ପଥରରେ ତା ପାଦ ଘଷାରେ
ପାଉଁଜି ଯାଏ ଲୋ ଖସି....

ନଦାଘର ବେଳେ ଆମ୍ବତୋଟା ମାଳେ
ମଳୟ ମହକ ବାସେ
ନଈ କୂଳେ କୂଳେ କୋଇଲିର ମେଳେ
ଗାଆଁ ମୋର ଖାଲି ହସେ....

ସବୁ ଦେଖୁଅଛି ସାଇତି ରଖୁଛି
ଗାଆଁ ଇତିହାସ କେତେ
ଜୀବନ ଦେଇଛି ହସ ଫୁଟାଇଛି
ପ୍ରାଣ ଅଛି ଯେତେ ଯେତେ....

ବାଲିଆପାଳ, ବାଲେଶ୍ୱର

# ଛୋଟ ମୋର ନାଆଟି

## (ଧାରାବାହିକ)



ପ୍ରଫେସର ଅନନ୍ତା ପଣ୍ଡା

ସି ବିଚ୍‌ର ଦୃଶ୍ୟ ଦୁଇଘଣ୍ଟା ଧରି ଦେଖି ଆମେ ଗୋଟିଏ ରେଷ୍ଟୁରାଣ୍ଟ ଗଲୁ । ବାହାରୁ ରେଷ୍ଟୁରାଣ୍ଟର ବାସନା ମତେ ଖୁବ୍ ଆପ୍ୟାୟିତା କରିଥିଲା । ନହାତି ପରିଚତ ଭାରତୀୟ ମନ୍ଦିରର ବାସନା । ଭିତରେ ପଶିଲୁ । କର୍ଣ୍ଣାଟକୀ ସଂଗୀତ, ସେ ଥିଲା ଗୋଟିଏ ସାଉଥ୍ ଇଣ୍ଡିଆନ୍ ରେଷ୍ଟୁରାଣ୍ଟ । ଇଣ୍ଡିଆନ୍ ବ୍ରେକ୍‌ଫାଷ୍ଟ ଉପଭୋଗ କରିବା ପରେ ଜାକ୍‌ସନ ମତେ ଏୟାର ପୋର୍ଟରେ ଛାଡ଼ି ବିଦାୟ ନେଲା ।

ୟା'ପରଠୁ ମୁଁ ପ୍ରାୟ ପ୍ରତିବର୍ଷ ଆମେରିକାନ୍ ଏକାଡ଼େମୀ ବାର୍ଷିକ ଉତ୍ସବରେ ଯୋଗଦାନ ଦେଇଥାଏ । ଏହା ବ୍ୟତୀତ ମତେ ଅନ୍ୟ ୨୮ଟି ଦେଶ ଯିବାର ସୌଭାଗ୍ୟ ମଧ୍ୟ ମିଳଥିଲା । ସେଥି ମଧ୍ୟରୁ ମୁଁ ଏଠାରେ ଗୋଟିଏ ଅନୁଭୂତି ବର୍ଣ୍ଣନା କରୁଛି ।

### ଭାରତ ପାଇଁ ଗୌରବ:-

୧୯୯୦ ମସିହା ନଭେମ୍ବର ମାସରେ ଆଇ.ଏ.ପି.ବି ଦ୍ୱାରା ନ୍ୟାରୋବିରେ ଆୟୋଜିତ ହେଉଥିଲା ଯାହା ଡବ୍ଲୁ.ଏଚ୍.ଏ ଜରିଆରେ ଥିଲା । ଅନ୍ଧତା ଦୂରୀକରଣ ପାଇଁ ଗାଇଡ୍ ଲାଇନ୍ ତିଆରି କରିବା ଏଇ ବୈଠକର ମୁଖ ଉଦ୍ଦେଶ୍ୟ ଥିଲା । ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ (ଜି.ଓ.ଆଇ) ତରଫରୁ କର୍ଣ୍ଣିଆଲ୍ ବ୍ଲାଇଣ୍ଡନେସ୍ ପାଇଁ ମୋ' ନାମ ଦିଆଯାଇ ଥିଲା । ଅନ୍ୟ ପ୍ରମୁଖ ବ୍ୟକ୍ତିମାନଙ୍କ ମଧ୍ୟରେ ଡାଃ ଏସ୍.ଆର.କେ ମଲ୍ଲିକ, ଶ୍ରୀ ନାଗରାଜନ୍, ଡାଃ ନାମପେରୁମାଲ ସ୍ୱାମୀ ଭାରତରୁ ଆମନ୍ତ୍ରିତ ଥିଲେ । ଏମାନଙ୍କ ବ୍ୟତୀତ ପାକସ୍ତାନରୁ ମଧ୍ୟ କେତେଜଣ ପ୍ରମୁଖ ଆମ ସହ ଯାତ୍ରା କରୁଥିଲେ । ମୁଁ ସମସ୍ତଙ୍କ ତୁଳନାରେ ବୟସରେ ବହୁତ ସାନ ଥିଲି । ଯାତ୍ରା ଆରମ୍ଭରୁ ଶେଷ ଯାଏ କେବଳ ଆଫ୍ରିକା ବିଷୟରେ ଆଲୋଚନା

ହେଉଥିଲା । ବାରଂବାର ସେମାନେ ମତେ ଚେତାବନୀ ଶୁଣାଉଥିଲେ । ସେ ହେଲା- ଆଫ୍ରିକାର ବଣ ମଣିଷମାନେ ଏବେବି ଦେଖାଯାଆନ୍ତି । ଜୀବନ୍ତ ମଣିଷର ରକ୍ତ ଶୋଷିବାରେ ସେମାନେ ବହୁ ଆନନ୍ଦ ଲାଭ କରିଥାନ୍ତି । ଏଥିଲାଗି ସେମାନେ ଏକ ପଦ୍ଧତି ଅବଲମ୍ବନ କରିଥାନ୍ତି । ତାହାହେଲା ଜୀବନ୍ତ ମଣିଷର ଜୁଗୁଲାର ଭେନ୍‌ଟିକୁ କାଟି ରକ୍ତସ୍ରାବ ଶେଷ ହେବା ପର୍ଯ୍ୟନ୍ତ ମୁହଁ ଲଗାଇ ଶୋଷିଥାଆନ୍ତି । ସବୁ କଥା ଶୁଣି ମୁଁ ଭୟରେ କାତର ହୋଇ ଯାଇଥିଲି ।

ଡାଃ ମଲ୍ଲିକ ବାରଂବାର କହୁଥିଲେ, "ତୁ ଏକା ଅଛୁ, ଖୁବ୍ ସାବଧାନରେ ରହିବୁ । ତୋ ହୋଟେଲ୍ ମଧ୍ୟ ଆମମାନଙ୍କ ଠାରୁ ବହୁ ଦୂରରେ ?" ଅନ୍ୟମାନେ ଯେଝା ଯେଝା ହୋଟେଲ୍‌କୁ ଟ୍ୟାକ୍‌ସି ନେଇ ଗ୍ଲଲିଗଲେ ଏକା ମୁଁ ରହିଗଲି । ଟ୍ୟାକ୍‌ସି ନେଇ ରିଜର୍ଭ ହୋଟେଲ୍‌କୁ ମୋ'ର ଯିବାକଥା । ଡବ୍ଲ୍ୟୁ.ଏଚ୍.ଓ ଅଫିସ୍‌ରେ କହୁଥିଲେ ହୋଟେଲ୍‌ଟି ଛୋଟ ହେଲେ ମଧ୍ୟ ବୈଠକ ସ୍ଥଳୀର ବିପରୀତ ପଟେ । କେବଳ ରାସ୍ତା ଅତିକ୍ରମ କରିବାକୁ ହେବ ।

ଏୟାର ପୋର୍ଟରୁ ବାହାରି ସୁଟ୍‌କେଶ୍‌ଟି ଧରି ଛିଡ଼ା ହୋଇଥିଲି । ସ୍ଥାନୀୟ ସମୟ ଦିନ ତିନଟା । ସବୁ ଟ୍ୟାକ୍‌ସି ଡ୍ରାଇଭର୍ ଗୁଡ଼ିକ କଳା ଭୁର୍ଷୁଣ୍ଡା । ତା' ସାଂଗକୁ ଧଳା ପୋଷାକ । ବାରିହୋଇ ପଡୁଥାଆନ୍ତି, "କେହି ଏକ କ୍ଷୀଣକାୟ ଡ୍ରାଇଭରଙ୍କୁ ଦେଖିଲେ ଯେତେ ଗ୍ରର୍ଜ କରୁ

ପଛକେ ତା'ରି ଟ୍ୟାକ୍‌ସିରେ ଯିବି । ବହୁ ସମୟ ପରେ ଜଣେ ଡ୍ରାଇଭର୍ ମୁଁ କେଉଁ ହୋଟେଲ୍‌କୁ ଯିବି ବୋଲି ଇଂରାଜୀରେ ପ୍ରଶ୍ନ କଲା । ତା' ପ୍ରଶ୍ନର ସଠିକ୍ ଉତ୍ତର ନ ଦେଇ ମୁଁ କହିଲି, "ନାଁ ତୁମ ସଂଗେ ମୁଁ ଯିବିନି ।"

ମାତ୍ର କାହିଁକି? ବହୁ ସମୟ ଧରି ଏଠି ଛିଡ଼ା ହୋଇଛ । ଅଳ୍ପକେ ସଂଧ୍ୟା ହୋଇଯିବ । ନୂଆ ଜାଗା... ମିଛରେ ହଇରାଣ ହେବ ।

ନାଁ ତୁମେ ଯାଅ । ମୁଁ ଅନ୍ୟ ଡ୍ରାଇଭର ଦେଖିବି ।

ଏନି ଥିଙ୍ଗ୍ ରଙ୍ଗ୍ ଉଇଥ୍ ମି?

ହଁ, ଡର ଲାଗୁଛି ।

କ'ଣ ମୋ' ଚେହେରା ଦେଖି । ଆଫ୍ରିକାର ସମସ୍ତେ ଦେଖିବାକୁ ମୋ' ଭଳି ।

କିଛି ନ କହି ନୀରବ ରହିଲି ।

"ଓଃ... କମ୍ ଅନ୍" କହି ଡ୍ରାଇଭର ଡିକିରେ ମୋ' ସୁଟ୍‌କେଶ୍ ରଖି ହୋଟେଲ୍ ଠିକଣାଟି ମୋ'ଠାରୁ ନେଲା । ଟିକେଟ୍ ଦେବା ସମୟରେ ଡବ୍ଲ୍ୟୁଏଚ୍.ଓ ଅଫିସ୍‌ରେ କହିଥିଲେ ଯେ ହୋଟେଲ୍‌ଟି ଏୟାର ପୋର୍ଟରୁ ବେଶୀ ଦୂର ନୁହେଁ । ଅପେକ୍ଷାକୃତ ଟିକଏ ବେଶୀ ସମୟ ମନେ ହେଲାରୁ ପ୍ରଶ୍ନ କଲି, ହୋଟେଲ୍ ଆଉ କେତେ ଦୂର?

ଏୟାର ପୋର୍ଟରୁ ହୋଟେଲ୍ ଅଠର କିଲୋ ମିଟର । ମାତ୍ର ଆମେ ଟିକଏ ଜଙ୍ଗଲ ପଟ ହୋଇ ଯିବା ।

ଜଙ୍ଗଲ୍!!! ସେଠାରେ ବଣ ମଣିଷ ତ ଥିବେ ନିଶ୍ଚୟ । ଡାଃ ମଲ୍ଲିକଙ୍କ କଥା ବାରଂବାର ମନରେ ଆସୁଥିଲା... ଏବେ ବି ବଣ ମଣିଷ ମାନେ... ଆଉ ଆଗକୁ ଭାବି ନ ପାରି ଆଖିବନ୍ଦ କରି ବସିଲି ।

ଆଖି ବନ୍ଦ କରି ବସିଲେ କ'ଣ ଦେଖିବ? ଦୁଇପଟକୁ ଦେଖ । ଆମେ ଏବେ ଆଫ୍ରିକାନ୍ ସଫାରୀ ଏରିଆ ଅତିକ୍ରମ କରୁଛେ ।

ଦୃଷ୍ଟି ଲମ୍ବାଇଲି । ଦେଖିଲି ଗୋଟିକ ପରେ ଗୋଟିଏ ଜିରାଫ ଭିତରୁ ବାହାରକୁ ମୁହଁ ଲମ୍ବାଉଛନ୍ତି । ଭୟ ଦୂର କରି ଆଗ୍ରହ ସହିତ ଦେଖିବା ଆରମ୍ଭ କଲି । ଗୋଟିଏ ପେଡ୍ ଗାଇଡ୍ ଭଳି ଡ୍ରାଇଭର ଗାଇ ଚାଲିଥିଲା ।

ହୋଟେଲ୍‌ରେ ପହଞ୍ଚିବା ବେଳକୁ ସନ୍ଧ୍ୟା ହୋଇ ଯାଇଥିଲା । ଗାଡ଼ିରୁ ଓହ୍ଲାଉ ଓହ୍ଲାଉ କହିଲା ଏଇ ସ୍ଥାନଟି ଖୁବ୍ ନିରାପଦ ନୁହେଁ । ସାବଧାନରେ ରହିବ । ରାତିରେ ବାହାରକୁ ନ

ବାହାରିବା ଭଲ । ନିଜେ ହୋଟେଲ୍ ଡେସ୍କକୁ ଯାଇ ରେଜିଷ୍ଟର୍‌ରେ ମୋର ନାମ ଲେଖାଇଲା।

ପାସ୍‌ପୋର୍ଟ କପି ଜମା କଲା । ସେତେବେଳେ ସାଧାରଣ ହୋଟେଲ୍ ରୁମ୍‌ରେ ଲକର୍‌ର ସୁବିଧା ନ ଥିଲା । ତେଣୁ ଭାଲ୍ୟୁଏବଲ୍ ଜିନିଷ ରଖାଇବା ପାଇଁ ଅଫିସ୍ ରୁମ୍ ଲକର୍‌ର ଚାବିଟି ମଧ୍ୟ ସଂଗ୍ରହ କଲା । ମତେ ରୁମ୍‌ରେ ଛାଡ଼ି ବିଦାୟ ନେଉଥିଲା । ମୁଁ ଗାଡ଼ିରୁ ଓହ୍ଲାଇବା ସମୟରେ ମିଟର ଚାର୍ଜ ଚେକ୍ କରି ନେଇଥିଲି । ହାତରେ ୩୫ ଡ଼ଲାର ଧରାଇ ଧନ୍ୟବାଦ ଅର୍ପଣ କଲି ।

ଏବେତ ମତେ ଦେଖି ଭୟ ଲାଗୁନ? ଅଳ୍ପ ହସି କହିଲା ଡ୍ରାଇଭର । ମୁଁ କେବଳ ତା' ଆଡ଼କୁ ଚାହିଁ ସ୍ମିତ ହାସ୍ୟ ଦେଲି । ଶୁଭରାତ୍ରି ଜଣାଇ ଡ୍ରାଇଭର ହୋଟେଲ୍ ପାହାଚରୁ ଓହ୍ଲାଇଲା ।

ଆସନ୍ତାଦିନ ମୋ' ଆଫ୍ରିକାନ୍ ସଫାରୀର ଅନୁଭୂତି ଅନ୍ୟମାନଙ୍କ ନିକଟରେ ବଖାଣି ସେମାନଙ୍କୁ ଚମକାଇ ଦେଇଥିଲି । ଡାଃ ମଲ୍ଲିକ ମୋ' ହାତଟାକୁ ଛୁଇଁ କହିଲେ, "ମୁଁ ପରୀକ୍ଷା କରୁଛି ତୁ ସଜୀବ ନା ଭୂତ!!!" ସମସ୍ତେ ଖୁବ୍ ଜୋର୍‌ରେ ହସି ଉଠିଲେ ।

ସ୍ରୋତ ବିପରୀରେ ଆଇ ବ୍ୟାଙ୍କ ଆସୋସିଏସନ୍ ଅନ୍ତର୍ଜାତୀ ଅଫ୍ ଇଣ୍ଡିଆ –

୧୯୮୮ –

୧୯୮୮ ମସିହା ଅଗଷ୍ଟ ୨୫ ତାରିଖ । ଆଇ ଡୋନେସନ୍ ଫୋର୍ଟ ନାଇଟ୍ ପାଳନ କରାଯାଉଥିଲା । ଡାଃ ଢଣ୍ଡା (ଫାଦର୍ ଅଫ୍ କେରାଟୋ ପ୍ଲାଷ୍ଟି, ଇଣ୍ଡିଆ), ଡାଃ ବସୁନ୍ଧରା କାଲେଭର ମିଟିଙ୍ଗ୍ ପାଇଁ ନିମନ୍ତ୍ରିତ ଥିଲେ । ମୋ' ଉପରେ ତାଙ୍କ ଆତିଥ୍ୟ ସତ୍କାର କରିବା ଭାର ନ୍ୟସ୍ତ କରାଯାଇଥିଲା । ମିଟିଂ ଶେଷ ହେବା ପରେ ଆମେ ତିନିଜଣ ଗେଷ୍ଟହାଉସ୍‌ରେ ବସି ଚାହା ପିଉଥିଲୁ ।

ଆଇ ବ୍ୟାଙ୍କ ଆସୋସିଏସନ୍ ଆମେରିକା ବିଷୟରେ ଶୁଣିଛ? ପ୍ରଶ୍ନ କଲେ ଡାଃ ଢାଣ୍ଡା ।

କେବଳ ଶୁଣିନି ସାର୍ । ମୁଁ ବହୁ ପ୍ରଭାବିତା । ମୋ'ର ଯାହା ମନେ ହୁଏ ସେଇ ସଂସ୍ଥାର ପ୍ରୟାସ ଯୋଗୁ ଆମେରିକାରେ ଡୋନର୍ ଆଇର ଅଭାବ ନାହିଁ ।

ଠିକ୍ କହିଛ । ଆମେ ଭାରତରେ ଏଇମିତି ଗୋଟିଏ ସଂସ୍ଥା ଗଢ଼ିବାର ପ୍ରଚେଷ୍ଟାରେ ଅଛୁ । ତୁମ ବିଷୟରେ ମାଡ଼ାମ୍‌ଙ୍କ ଠାରୁ (ଡ଼ାଃ କାଲେଭର) ବହୁତ ଶୁଣିଛି ।

ଆପଣଙ୍କ ସହ କିଛି କାମ କରିବାକୁ ମୁଁ ନିଜକୁ ଭାଗ୍ୟବତୀ ମନେ କରିବି । କ'ଣ କରିବାକୁ ହେବ ମତେ ଆଦେଶ ଦିଅନ୍ତୁ ।

ମୁଁ ଗୌତମ ଭାଇଙ୍କୁ ଅହମଦାବାଦରୁ ଡକାଇଛି । ଏବେ ଆସି ପହଞ୍ଚିବେ । ଡାଃ ରାଓ ଭାରତ ବାହାରେ ଅଛନ୍ତି । ତେଣୁ ଆସି ପାରିବେନି । ଆଜି କିଛି ଗୋଟାଏ ନିର୍ଣ୍ଣୟ ନେବାକୁ

ହେବ ।

ମୁଁ କଛି ନ ବୁଝି ପାରି କହିଲି, ଗୌତମ ମଜମୁଦାର ଆସିବେ । ଆମକୁ ସେ ଖୁବ୍ ବେଶୀ ଡ଼ୋନର୍ ଆଇ ଦେଇଥାଆନ୍ତି । ଢୋଲ୍କା ଭଳ ଛୋଟ ଯାଗାରୁ କେମିତି ଏତେ ବେଶୀ ସଂଗ୍ରହ କରିପାରନ୍ତି, ଉଲ୍ଲେଖନୀୟ ।

ଏଇ ସବୁ କରିବା ପାଇଁ ଧୈର୍ଯ୍ୟ ଆବଶ୍ୟକ କହି ଡାଃ ଢ଼ଣ୍ଡା ବିଶ୍ରାମ ନେବାପାଇଁ ଉଠିଗଲେ। ମାଡ଼ାମ୍ କାଲେଭରଙ୍କ ସଂଗେ ବାର୍ତ୍ତାଳାପ କରିବା ପରେ ଜାଣିବାକୁ ପାଇଲି ଭାରତରେ ଯେତେ ଶୀଘ୍ର ଆଇ ବ୍ୟାଙ୍କ ଆସୋସିଏସନ୍ ଗଢ଼ାଯାଇ ପାରିବତ । ସମାଜ ପାଇଁ

ସ୍ୱାଗତଯୋଗ୍ୟ ଏବଂ ହିତକର । ଆମ ଦେଶରେ ତ ଡ଼ୋନର ଆଖି ସଂଖ୍ୟା ବହୁତ କମ୍ ଏବଂ ଆମେରିକା ତୁଳନାରେ କର୍ଣ୍ଣିଆ ଦ୍ୱାରା ଅନ୍ଧତ୍ୱ ବହୁତ ବେଶୀ । ତୁ ଏହାର ଦାୟିତ୍ୱ ନେ।

ଏଇବର୍ଷ ଶେଷ ସୁଦ୍ଧା ଯେମିତି ଏହାର ଗଠନ ହୋଇ ପାରେ । ତୁ ଦିଲ୍ଲୀରେ ଅଛୁ । ତା'ଛଡ଼ା ଏମ୍ସରେ । ସରକାରକୁ ଭଲ ଭାବେ ପ୍ରଭାବିତ କରି ପାରିବୁ । ଦରକାର ହେଲେ

ଡାଃ ରାଜେନ୍ଦ୍ର ସେଠ୍ଙ୍କର ସାହାଯ୍ୟ ନେବୁ । ମିଃ ଆପ୍ଟେ ମଧ୍ୟ ବହୁ ପରିମାଣରେ ସାହାଯ୍ୟ

କରିବେ ।

ସମସ୍ତଙ୍କର ସାହାଯ୍ୟ ସହାନୁଭୂତି ନେଇ ୧୯୮୯ ମସିହା ଜାନୁଆରୀ ଛଅ ତାରିଖ ଦିନ ହାଇଦ୍ରାବାଦରେ ଆଇ ବ୍ୟାଙ୍କ ଆସୋସିଏସନ୍ ଜନ୍ମ ନେଲା । ଡାଃ ଢ଼ାଣ୍ଡା ପ୍ରେସିଡ଼େ, ଡାଃ କାଲେଭର ସେକ୍ରେଟାରୀ ଏବଂ ମୋ'ର ନାମ ଜୋନାଲ୍ ଚେୟାର ପର୍ସନ ରୂପେ ରଦ୍ଧ କରାଗଲା । ଦୁଇ ପ୍ରକାର ମେମ୍ବରସିପ୍‌ର ନିୟମ ଲାଗୁ କରା ଯାଇଥିଲା । ମୁଁ ଫାଉଣ୍ଡର ଲାଇଫ୍ ମେମ୍ବର ରୂପେ ପରିଚତ ରହିଲି । ଖୁବ୍ ଶୀଘ୍ର ଆସୋସିଏସନ୍‌ର ସ୍ଥିତି ଏବଂ ପ୍ରଗତି

ଲୋକ ଗୋଚରକୁ ଆସିଗଲା । ଭାରତରେ ନେତ୍ର ଦାନ ପାଇଁ ଭିନ୍ନ ଭିନ୍ନ ପ୍ରଦେଶରେ ଅଲଗା

କାନୁନୀ ନିୟମ ବ୍ୟବହାର ହେଉଥିଲା । ତେଣୁ ଗୋଟିଏ ଏକ ସମାନ କାନୁନୀ ନିୟମ ଗଢ଼ିବା

ପାଇଁ ଲାଗି ପ ଲୁ । କାହିଁକ କେଜାଣି ଆସୋସିଏସନ୍‌ର ପ୍ରଗତି କେତେଜଣ ପ୍ରଖ୍ୟାତ ନେତ୍ର

ବିଶେଷଜ୍ଞଙ୍କ ପାଇଁ ଚକ୍ଷୁଶୂଳ ହୋଇ ଉଠିଲା । ମତେ ସାନ୍ତ୍ୱନା ଦେଇ ଡାଃ ସେଠ୍ କହିଥିଲେ, "ମୁଷ୍ଟିମେୟ ବ୍ୟକ୍ତିଙ୍କର ଆକ୍ଷେପକୁ ଭୟକରି ସମାଜର ଉନ୍ନତିରେ ଆଞ୍ଚ ଆଣିବାକୁ କାପୁରୁଷତା କୁହାଯାଏ । କର୍ମ କରି ଚାଲ ।"

୧୯୯୦ରେ ଆଇ ବ୍ୟାଙ୍କିଙ୍ଗ ଉପରେ ଭାରତରେ ଅର୍ନ୍ତଦେଶୀୟ ପ୍ରଥମ ବୈଠକ ଆୟୋଜିତ ହୋଇ ଲୋକପ୍ରିୟତା ମଧ୍ୟ ଲାଭ କରି ପାରିଥିଲା । ୧୯୯୨ରେ ମତେ ସେକ୍ରେଟାରୀ ପଦର ଅଧିକାରିଣୀ କରା ଯାଇଥିଲା, ସେଇ ବର୍ଷ ମୁଁ "ଆଇ ବ୍ୟାଙ୍କିଙ୍ଗ୍" ଉପରେ ବର୍ହିଦେଶୀୟ ବୈଠକ ମଧ୍ୟ ଆୟୋଜନ କରିଥିଲି । ସେଇ ସମ୍ମିଳନୀରେ ଆଇ ବ୍ୟାଙ୍କ ଆସୋସିଏସନ୍ ଅଫ୍ ଆମେରିକା ଏବଂ ଇଣ୍ଟରନ୍ୟାସନାଲ୍ ଫେଡ଼େରେସନ୍ ଅଫ୍ ଆଇ ବ୍ୟାଙ୍କିଙ୍ଗ (ବାଲ୍‌ଟିମୋର) ଆମକୁ ବହୁ ସହଯୋଗ ଦେଇଥିଲେ । ଦୁଇଟିଯାକ ଅନୁଷ୍ଠାନର ସାହାଯ୍ୟରେ ଆମ ଆସୋସିଏସନ୍‌ର ଉତ୍ତରୋତ୍ତର ପ୍ରଗତି ହୋଇଥିଲା । ମୋ'ର ଅଦମ୍ୟ ଚେଷ୍ଟାରେ ଆପ୍ୟାୟିତ ହୋଇ ଭାରତ ସରକାର ଇଣ୍ଟରନ୍ୟାସନାଲ୍ ଲେଭେଲ୍‌ରେ କର୍ଣ୍ଣିଆ ବ୍ଲାଇଣ୍ଡନେସ୍‌ର ଦୂରୀକରଣ ପାଇଁ ଗାଇଡ୍ ଲାଇନ୍ ତିଆରି କରାଇବା ପାଇଁ ମୋ' ନାମ ରୁଜୁ କରିଥିଲେ । ତା'ର ଠିକ୍ ଦୁଇବର୍ଷ ପରେ ଇଣ୍ଡୋନେସିଆର ପ୍ରଧାନମନ୍ତ୍ରୀ ଶ୍ରୀ ସୁହାର୍ତୋ ମତେ ସମ୍ମାନିତ କରିଥିଲେ । ଦେଶର ମୁଷ୍ଟିମେୟ ନେତ୍ର ବିଶେଷଙ୍କର ପ୍ରତିରୋଧ ସତ୍ତ୍ୱେ ମଧ୍ୟ ସଂସ୍ଥା ଆଗକୁ ବଢ଼ିଥିଲା । ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ ମତେ ସଭାପତି ରୂପେ ପ୍ରତିଷ୍ଠିତ କରିବା ପାଇଁ ଜନମତ ଥିଲା । ହେଲେ ମୋ' ଅପେକ୍ଷା ବୟସରେ ବଡ଼ ବ୍ୟକ୍ତିମାନଙ୍କୁ ଏଇ ସମ୍ମାନ ପ୍ରଥମ ପ୍ରାପ୍ତ ହେଉ ବୋଲି ମୁଁ ମତାମତ ଦେଇଥିଲି ।

ନେତ୍ରଦାନ ପଦ୍ଧତି ଦ୍ୱାରା ସମାଜକୁ ବହୁ ସଂଖ୍ୟାରେ ଆକର୍ଷିତ କରିବା ପାଇଁ ଅନ୍ଧକାରରେ ରଶ୍ମି ଏକ ନାଟକ ଲେଖିଥିଲି । ଯାହା ହିନ୍ଦୀରେ ଅନୁବାଦ ହୋଇ (ଏକ କଦମ୍ ପ୍ରକାଶ କୀ ଓର) ମଞ୍ଚସ୍ଥ ହୋଇ ଲୋକ ପ୍ରିୟତା ଲାଭ କରିଥିଲା । ଏତଦ୍ ବ୍ୟତୀତ "ମୋ' କାମନା" ଶୀର୍ଷକ ଏକ ଗୀତି କବିତା ମଧ୍ୟ ଲେଖିଥିଲି । ତାହା ମଧ୍ୟ ହିନ୍ଦୀରେ ଅନୁବାଦ ହୋଇ କଣ୍ଠଦାନ କରାଯାଇଥିଲା । ଯାହା ଓଡ଼ିଶାର ପ୍ରସିଦ୍ଧ ଗାୟକ ଶ୍ରୀ ପ୍ରଣବ ପଟ୍ଟନାୟକଙ୍କ କର କମଳ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

ସମାଜରେ ବହୁତଗୁଡ଼ିଏ ଅବାନ୍ତର କଥା ଘଟି ଯାଇଥାଏ । ସବୁର ଠିକଣା ତ ରଖି ହେବନି । ସେଇମିତି ଏକ ହାସ୍ୟାସ୍ପଦ ଘଟଣା ମୁଁ ଏଠାରେ ଉଲ୍ଲେଖ କରୁଛି । ମୁଁ ସଭାପତି ପାଇଁ ନାମ ରୁଜୁ କରାଯାଇଥିଲା । କେହି ଏକ ସଜ୍ଜନଙ୍କର ନିହିତ ସ୍ୱାର୍ଥ ପୂର୍ଣ୍ଣ କରିବା ପାଇଁ ମୋ'

ନିକଟକୁ ଅଫିସରୁ ଖବର ଆସିଥିଲା, "ମୁଁ ଆସୋସିଏସନ୍" ର ସଭ୍ୟା ନୁହେଁ, ତେଣୁ ମୋ'ର ଆବେଦନ ପତ୍ର ଗୃହୀତ ହୋଇନି ।"

## ଅନ୍ୟ ଏକ ଅନର୍ଥ (୨୦୦୪-୧୩)

### ନିର୍ବାଚନ –୧୮.୧୦.୨୦୦୪

ଅଫିସ୍‌ରେ ବସି କିଛି କାମ କରୁଥିଲି, ମୋ'ର ଜଣେ ସହକର୍ମୀ ତାଙ୍କର ଜଣେ ବାଲ୍ୟବନ୍ଧୁଙ୍କ ସହ ପ୍ରବେଶ କଲେ । ଆଦର ସମ୍ଭାଷଣ ସହ ଆସିବାର ଉଦ୍ଦେଶ୍ୟ(କାରଣ)

ପଚାରିଲି ।

"ଆପଣ ସଂପାଦକ ପୋଷ୍ଟର ଇସ୍ତଫାନାମା ଫେରସ୍ତ କରିନିଅନ୍ତୁ । ମୋ' ବନ୍ଧୁ ଜଣକ ବହୁ ଇଚ୍ଛୁକ ।"

"ମୁଁ ମଧ୍ୟ କମ୍ ଇଚ୍ଛୁକା ନୁହେଁ ।"

ଦୟା କରି ଆପଣ ଫେରସ୍ତ କରି ନିଅନ୍ତୁ ମାଡ଼ାମ୍ । ମୁଁ ନିର୍ବିରୋଧ ହୋଇଯିବି । ପ୍ରଥମତଃ ମୁଁ ଫେରସ୍ତ ନେବା ନିମନ୍ତେ ନୋମିନେସନ୍ ଫାଇଲ୍ କରି ନ ଥିଲି । ତା'ଛଡ଼ା ତୁମେ ନିର୍ବିରୋଧ କେମିତି ହେବ? ତୃତୀୟ ପ୍ରାର୍ଥୀ ତ ଅଛନ୍ତି । କେବଳ ଆପଣଙ୍କ ଭୋଟ କାଟିବା ପାଇଁ ତାକୁ ଛିଡ଼ା କରାଯାଇଛି । ଆପଣ ଫେରସ୍ତ କରିନେଲେ ସେ ଆପେ ଆପେ ହଟିଯିବ। ମୋ' କଥାରେ ବିଶ୍ୱାସ ଆସୁନି ତ ଆପଣଙ୍କ ବନ୍ଧୁଙ୍କୁ ପଚାରନ୍ତୁ । କଥାଟା ସଫା ହୋଇଯିବ।

ସହକର୍ମୀଙ୍କ ମୁହଁକୁ ଚାହିଁ ଅନୁଭବ କଲି ଯେ ସେ ଯେମିତି କିଛିଟା ଚିନ୍ତା ମଧ୍ୟରେ ବୁଡି ଯାଇଛନ୍ତି । ପଚାରିଲି, "ଆର୍ ଇଉ ଓକେ?"

ମୁଁ ଠିକ୍ ଅଛି । ଅଫିସ୍‌ରେ ଗୋଟାଏ ଜରୁରୀ କାମ ମନେ ପଡ଼ିଲା । ମୁଁ ଏବେ ଆସୁଛି । ମୁଁ କିଛି କହିବା ପୂର୍ବରୁ ଆଗନ୍ତୁକ କହିଲେ, "ତୁମେ ଯାଅ, ମୁଁ ମାଡ଼ାମ୍‌ଙ୍କ ସଂଗେ ଟିକିଏ କଥାବାର୍ତ୍ତା କରି ଆସୁଛି ।"

ରମେଶ୍ ତିନ କପ୍ ଚ଼ହା ଆଣିଲା । ଆଗନ୍ତୁକଙ୍କ ହାତରେ ଗୋଟିଏ କପ୍ ଧରାଇ ତୃତୀୟ କପ୍‌ଟି ଫେରାଇ ଦେଲି । ବୁଝିଲେ ମାଡ଼ାମ୍, ମୁଁ ସମ୍ପାଦକ ହେଲେ ଆପଣଙ୍କୁ ବିନା ପରିଶ୍ରମରେ ବହୁତ କଛି ମିଳ ପାରିବ ।

ତୁମ କଥା ବୁଝିବାରେ ମତେ ଟିକଏ ଅସୁବିଧା ହେଉଛି । ଆଚ୍ଛା ଛାଡ଼ ସେ ସବୁ, କହିଲ, ମୁଁ କ'ଣ ପୋଷ୍ଟ ପାଇଁ ଉପଯୁକ୍ତା ନୁହେଁ?

ଉପଯୁକ୍ତା??? ମୋଷ୍ଟ ସ୍ୱିଟେବଲ୍ ପ୍ରାର୍ଥୀନୀ ମାଡ଼ାମ୍ । ସେଇଥିପାଇଁ ତ ଅନ୍ୟମାନଙ୍କ ପାଇଁ ଅସୁବିଧା ।

ତୁମେ ନିଶ୍ଚୟ ଜାଣିଥିବ କେଉଁ ସଂସ୍ଥାର ଉନ୍ନତି କରିବାକୁ ହେଲେ କେତେଜଣ ନିଃସ୍ୱାର୍ଥପର ସ୍ୱେଚ୍ଛାସେବୀ କାର୍ଯ୍ୟକର୍ତ୍ତାଙ୍କର ଉପସ୍ଥିତି ନିଶ୍ଚିତ ଭାବେ ଆବଶ୍ୟକ ।

ଠିକ୍ କହୁଛନ୍ତି ମାଡ଼ାମ୍ । ଏଥର ମତେ ସୌଭାଗ୍ୟ ଦିଅନ୍ତୁ, ଆସନ୍ତା ଥର ମୁଁ ଆପଣଙ୍କ ପାଇଁ ଲଢ଼ିବି । କଛି ବର୍ଷ ପୂର୍ବରୁ ନିର୍ବାଚନ ପାଇଁ ଏତେ ମାରାମାରି ନଥିଲା । ତେଣୁ, ଆପଣ ସହଜରେ ଜିତିଯାଉଥିଲେ, ହେଲେ ବର୍ତ୍ତମାନ କଥା ଅଲଗା । ଏତେ ସବୁ କଥା ଉପରେ ଗୁରୁତ୍ୱ ନଦେଇ କେବଳ ଏତିକ କହିଲି, "ଅର୍ଥାତ୍ ଛଅ ବର୍ଷ ପରେ | କର୍ଣ୍ଣାଲ୍ ପାଇଁ ନିଶ୍ଚିନ୍ତ ଭାବେ ବଡ଼ ଅଫିସ୍ ଦରକାର । ଯାହା ମୁଁ ବିନା ଖର୍ଚ୍ଚାନ୍ତରେ ନିଜ ଅଫିସ୍‌ରୁ ଏସବୁ ଚଳ୍‌ଲୁ ରଖିପାରିବି । ଛଅବର୍ଷ ପରେ ମୋ'ର ଅବସର ସମୟ ନିକଟତର ହୋଇ ଆସିଥିବ । ତେଣୁ ଭଡାରେ ଅଫିସ୍ ନେବାକୁ ହେବ । କେବଳ ସେତିକ ନୁହେଁ, ଆମ ମେମ୍ବର ମାନଙ୍କୁ ହସ୍‌ପିଟାଲ୍ ଅଫିସ୍‌ରେ ପହଞ୍ଚିବାକୁ ନିଶ୍ଚୟ ସୁବିଧା ହେବ । ତା'ଛଡ଼ା ସବୁ କଛି ମୋ' ଆଖି ଆଗରେ ରହିବ ।"

ସବୁ କଥା ନିଜ ଆଖି ଆଗରେ ରଖିଲେ ଅନ୍ୟମାନେ ଚଳବେ କେମିତି? ରହିଲା ଖର୍ଚ୍ଚ କଥା! ଆମଦାନୀ ଏତେ ବେଶୀ ହେବ ଯେ ଏଇ ଖର୍ଚ୍ଚଟା ଗୋଟିଏ ଅଣୁ ସଦୃଶ । ଏଇ ଅଣୁ ବିନ୍ଦୁ ମାନଙ୍କ ସମ୍ମିଶ୍ରଣରେ ସମୁଦ୍ର ଗଢ଼ା ବୋଲି ଆମ ସମସ୍ତଙ୍କର ଜାଣିବା ଉଚତ୍ ।

"ଆଉ ଥରେ ଭାବି ଦେଖନ୍ତୁ" କହି ଆଗନ୍ତୁକ ଅଫିସ ଛାଡ଼ିଲେ । ଟିକଏ ସମୟ ପରେ ଅନ୍ୟ ଏକ ସହକର୍ମୀଙ୍କ ସହିତ ପୁର୍ନଃପ୍ରବେଶ କଲେ । ସହକର୍ମୀଙ୍କ ଆଡ଼କୁ ଚାହିଁ ପଚାରିଲି, "କଛି କହିବ?"

ସାମନା ଚେୟାର ଖଣ୍ଡକ ଟାଣି ବସି ପଡ଼ି ସହକର୍ମ୍ମୀ ଜଣକ କହିଲେ, "ଇଏ ମୋ'ର ଏମ୍‌ବିବିଏସ୍ କ୍ଲାସ୍ ମେଟ୍ ମାଡ଼ାମ୍ । ଆପଣଙ୍କ ସଂଗେ ନିର୍ବାଚନ ବିଷୟରେ କିଛି କହିବାକୁ ଆସିଛି । ଆମ ସେଣ୍ଟର୍‌ର ପ୍ରତିଟି କର୍ମଚାରୀଙ୍କ ଧାରଣା ଆପଣ ମୋ' କଥା ଭାଙ୍ଗିପାରିବେନି। ମୁଁ ଏବେ ଆସୁଛି, ତା' କାମଟା ଯେମିତି ସୁରୁଖୁରିରେ ହୋଇଯାଏ! ମତେ ଆଜ୍ଞା ଦିଅନ୍ତୁ ।

ସହକର୍ମ୍ମୀ ଯିବା ପରେ ଆଗନ୍ତୁକଙ୍କୁ କହିଲି, ସବୁ କଥା ତ ମୁଁ ତୁମକୁ ବୁଝାଇ ଦେଇଛି । ଆଉ ଅଧିକା କିଛି କହିବାର ନାହିଁ ।

ଅଛି ମାଡ଼ାମ୍ ।

ଆଉ କ'ଣ ବାକୀ ରହିଲା?

ଆପଣଙ୍କୁ ମୋ' କଥା ମାନିବାକୁ ପଡ଼ିବ । ନଚେତ୍ ଆମେ ଆପଣଙ୍କୁ ଦେଖି ନେବୁ ।

କ'ଣ ଫିଜିକାଲୀ ନା ମେଣ୍ଟାଲୀ? ବିରକ୍ତିର ସହ ପ୍ରଶ୍ନ କଲି ।

"ଯାହା ବୁଝୁଛନ୍ତି" କହି ଆଗନ୍ତୁକ ଅଫିସ୍ ଛାଡ଼ିଲେ ।

ଆଗନ୍ତୁକ ଯିବାର ବହୁତ ସମୟ ହୋଇ ଯାଇଥିଲେ ମଧ୍ୟ ମୁଁ ଅନ୍ୟ କେଉଁ ଏକ ଯୁଗରେ ପହଞ୍ଚି ଯାଇଥିଲି । ଦେଖିପାରୁଥିଲି ବ୍ରହ୍ମବିଦିନୀ ଗାର୍ଗୀ ତର୍କରେ ଯାଜ୍ଞବଲକ୍ୟଙ୍କୁ ପରାସ୍ତ କରିବାକୁ ଯାଉଥିବା ବେଳେ ପୁରୁଷ କଣ୍ଠ ଗର୍ଜି ଉଠିଥିଲା "ଚୁପ୍ ନ ରହିଲେ କାନ୍ଧରୁ ମୁଣ୍ଡଟା ଅଲଗା କରି ଦିଆଯିବ ।"

"ଲଞ୍ଚ୍ ବ୍ୟବସ୍ଥା କରିବି ମାଡ଼ାମ୍?" ରମେଶର କଣ୍ଠ ସ୍ୱରରେ ନିଜର ସଂବିତ ଫେରି ପାଇଲି।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ମାଁ ମହାଲକ୍ଷ୍ମୀ



ବିଶ୍ୱନାଥ ସେଠୀ

ମାର୍ଗଶିର ମାସ ଆସିଛି ମାଁ ଲକ୍ଷ୍ମୀ
ଘରଣୀ ହୁଅଇ ସଜ,
ତୁମ ପୂଜା ଲାଗି ପ୍ରସ୍ତୁତ ହେଉଛି
ତା ମନେ ଉତ୍ସାହ ଆଜ ।
ଘର, ଦ୍ୱାର ଲିପାପୋଛା କରି ସିଏ
ପରିଷ୍କାର କରିଛନ୍ତି,
ବାସନ, କୁସନ, ଜାଗର କଳସୀ
ସଫା କରି ଥୋଇଛନ୍ତି ।
ଘରଠାରୁ ଦାଣ୍ଡ ଉଆର ଯାଏଁ ମାଁ
ଝୋଟି, ଚିତା କାଟିଛନ୍ତି ।
ମାଆଁ ପଦ୍ମାଳୟା ଆସିବେ ବୋଲି ଗୋ
ପଦ୍ମ ଫୁଲ ଆଙ୍କିଛନ୍ତି ।
ସଜ ପଦ୍ମଫୁଲ ଆଣି ଥୋଇଛନ୍ତି
ତୁମଠାରେ ଚଢାଇବେ,
ଅରୁଆ ଗୁଉଳ ଚୁନାରେ ମଣ୍ଡା
କରି ଭୋଗ ଲଗାଇବେ ।
ପୂଜା ସାମଗ୍ରୀ ଯେ ଗୋଟି ଗୋଟି କରି
ଥୋଇଛନ୍ତି ଯତନରେ,
ଭକ୍ତି ଓ ନିଷ୍ଠାରେ ତୁମ ପୂଜା ଲାଗି
ରହିଛନ୍ତି ପ୍ରସନ୍ନରେ ।
ଆସ ଆସ ମାଆଁ ବିଷ୍ଣୁଙ୍କ ଘରଣୀ
ସବୁ ଘରେ ବିଜେ କର,

ଘରଣୀ ମାନଙ୍କ ପୂଜା ଘେନା କରି
ତାହାଙ୍କୁ ଦିଅ ମାଁ ବର ।
ତୁମ ପାଦ ପଡି ପ୍ରତି ଘର ହେଉ
ଭକତିରେ ପରିପୂର୍ଣ୍ଣ,
ତୁମ କୃପାହେଲେ ସବୁବେଳେ ମାଆଁ
ଥାଳେ ଭରିଥିବ ଅନ୍ନ ।
କାହାଠାରେ ରୋଷ ନକରି ମାଆଁ ଗୋ
ସଭିଙ୍କୁ ପ୍ରସନ୍ନ ହୁଅ,
ସବଘରେ ଧନ, ଜନ, ଗୋପଲକ୍ଷ୍ମୀ
ପରିପୂର୍ଣ୍ଣ କରିଦିଅ ।
ସବୁ ଘରଣୀଙ୍କୁ ରଖୁଥିବ ମାଆଁ
ଅହି ସୁଲକ୍ଷଣୀ କରି,
କଏ ଦୋଷ କଲେ ରୋଷ ନକରି ମାଁ
ଦେଉଥିବ କ୍ଷମା କରି ।
ସଭିଙ୍କ ଉପରେ କୃପାଦୃଷ୍ଟି ଦେଇ
ଲକ୍ଷ୍ମୀବନ୍ତ କରିଦିଅ,
ସବୁ ଘର ହେଉ ଧନଧାନ୍ୟ ପୂର୍ଣ୍ଣ
ଅନ୍ନ ଦାନ ଦେଉଥାଉ ।

ଗାଁ-ଶଙ୍କର୍, ବିନକା,ସୁବର୍ଣ୍ଣପୁର

# ଅଜ୍ଞ



ସୁଲୋଚନା ବେହେରା

ଜାଣେ ନାହିଁ ଶାସ୍ତ୍ର
ଜାଣେ ନାହିଁ ତତ୍ତ୍ୱ
ଜାଣେ ନାହିଁ ଗୂଢ ବେଦ,
ମୋ ମନ ମନ୍ଦିରେ
ବସାଇ ତୁମକୁ
ଭ୍ବେଲେଖେ ଦୁଇ ପଦ।


ହୃଦୟ ଗ୍ରନ୍ଥକୁ
ମନ ମଧ୍ୟେ ମନ୍ଥି
ଭକ୍ତି ରସ ପାନେ ମଜ୍ଜି,
ଆନନ୍ଦରେ ଅଶ୍ରୁ
ଚରଣ ମାର୍ଜନା
ଲେଖେବସି ହେଜି ହେଜି।

ମୁଁହି ଅଜ୍ଞ ଜନ
ନାହିଁ କଛି ଜ୍ଞାନ
ତୁମରି ଆଶିଷେ ଲେଖେ,

ଏହି କରୁଣାରୁ
ନ କରିବ ନ୍ୟୁନ
ମତି ଥାଉ ତୁମ୍ଭ ପାଖେ।

ସଂସାର ବନ୍ଧନ
ବଡ଼ ତ ଅଡୁଆ
ଅସଜଡା ସୂତା ଖିଅ,
ତୁମ୍ଭର ବନ୍ଧନ
ସବୁଠୁ ନିଆର୍
ସେହିଡୋରେ ବାନ୍ଧି ଦିଅ।

ବଇଁଚୁଆ, ବାଲିଅନ୍ତା, ଖୋର୍ଦ୍ଧା



# ବାସ୍ତବତା

ଅଜିତ ପାଢ଼ି

୧. ତୁମେ ତ ଦେଖାଉଛ ପଥ
ନିରବିଚ୍ଛିନ ତୁମ ପ୍ରଦେଶ ରଚନା
ଜାଗ୍ରତ କରୁଛି, ସତେ, ପ୍ରତିସ୍ପନ୍ଦନ !
ସତେ ଅବା ଜିଣିଯିବ
ଶତ ଶତ ଜନ ମାନସ ।

୨. ଘର୍ଘର ନାଦରେ କାଳ ବୈଶାଖୀ
ନିର୍ଜନ ରାତ୍ରିରେ ଭୈରବୀ ଡାକର୍ ।
ଅସହ୍ୟ ଉତ୍ତାପ ବେଦନା ଜୀବନ
ଭିତିନ୍ତ୍ରସ୍ତ, ଦହନୀୟ ସେମାନେ;
ଗରିବ ମୁହଁରେ ଗ୍ରାଉଳ ବଣ୍ଟନ
ଦଉଛ ତୁମେ ତୃଷ୍ଣାର ଶିଥୀଳତା ।

୩. କରୋନାର ଦାରୁଣ୍ୟତା ଭିତରେ ବାସ୍ତବତା !
ଶକ୍ତ ଅବିଶ୍ରାନ୍ତ, "ସୁବ୍ରତଙ୍କ ଚେତନା"
ଭରିଯାଏ ନୂତନ ଉତ୍ସାହର ଭାବନା ।
ନିଷ୍ଚିତ ବଞ୍ଚିଯିବ ଦୁଃସହ୍ୟ ଯାତନା?
ପ୍ରତ୍ୟହ ଦେଉଛନ୍ତି ନିରବତା ର ବାର୍ତ୍ତା ।

୪. ନବୀନ ସଚ୍ଛତା ଭିତରେ କଣ୍ଠରୁଦ୍ଧ ନୁହେଁ
ସତେ ଉତ୍କଳ ପତାକା
ବିଶ୍ୱବାସୀଙ୍କୁ ଦିଏ ନମସ, "ନବୀନ ବାରତା"

ଘାସିରାମ ମାଝୀ ହାଇସ୍କୁଲ୍, ନୂଆଗାଁ

# ନିଷ୍ଠୁର ସମାଜରେ ଅସହାୟ ପିତା ମାତା



ଶକୁନ୍ତଳା ପରିଡା

ମଣିଷ ଏକ ସାମାଜିକ ପ୍ରାଣୀ । ସମାଜରେ ରହିବାକୁ ହେଲେ ସମାଜର ରୀତି, ନୀତି, ପରମ୍ପରା ଓ ଚାଲିଚଳନକୁ ନେଇ ଚଳିବାକୁ ପଡିଥାଏ । ସମାଜ ଦୁଇ ତିନି ଜଣଙ୍କୁ ନେଇ ଗଠିତ ହୋଇନଥାଏ ବରଂ ହଜାର ହଜାର, ଲକ୍ଷ ଲକ୍ଷ ପରିବାର ଓ ଯୁବପିଢିଙ୍କୁ ନେଇ ଗଠିତ ହୋଇଥାଏ । ଆଉ ଗୋଟେ ପରିବାର ଗଠିତ ହୋଇଥାଏ ପିତାମାତାଙ୍କୁ ନେଇ । ଆଉ ଏକ ହଜାର ହଜାର ଲକ୍ଷ ଲକ୍ଷ ପିତା ମାତାମାନେ ଏଇ ଯୁବପିଢିଙ୍କୁ ଗଢି ତୋଳିଥାନ୍ତି ଆଉ ଏକ ହଜାର ହଜାର, ଲକ୍ଷ ଲକ୍ଷ ପରିବାରକୁ ନେଇ ଗୋଟିଏ ସୁନ୍ଦର ସମାଜ ଗଠିତ ହୋଇଥାଏ । ତେଣୁ ଗୋଟିଏ ସୁନ୍ଦର ସମାଜ ଗଠନ କରିବା ପୂର୍ବରୁ ଗୋଟିଏ ସୁନ୍ଦର ପରିବାର ଗଠନ ହେବା ନିତ୍ୟାନ୍ତ ଆବଶ୍ୟକ ଆଉ ଏଇଥିପାଇଁ ପିତା ମାତାଙ୍କ ଆବଶ୍ୟକତା ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ । କାରଣ ପିତାମାତା ହେଉଛନ୍ତି ଘରର ମୁଖ୍ୟ । ଯିଏ ପରିବାରକୁ ସରସ ସୁନ୍ଦର କରି ଗଢ଼ି ତୋଳିଥାନ୍ତି ଓ ଘରକୁ ବୈକୁଣ୍ଠ କରନ୍ତି । ଯେଉଁଥିପାଇଁ ଯଥାର୍ଥରେ କୁହାଯାଇଛି "ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର" ।

ବୈକୁଣ୍ଠ ସ୍ୱର୍ଗରେ ନଥାଏ, ଥାଏ ଘରେ । ଘର କହିଲେ ଇଟା, ବାଲି, ସିମେଣ୍ଟର ଘର ନୁହେଁ କି ଚାରି କାନ୍ଥ ପରିବେଷ୍ଟିତ ନଡା ଛପର ଘର କିମ୍ବା ରାଜପ୍ରାସାଦ ଓ କୋଠାଘର ନୁହେଁ। ସ୍ନେହ, ପ୍ରେମ, ପ୍ରତ୍ୟୟର ଏକ ସୁନ୍ଦର ପରିବାର । ପରିବାର କହିଲେ ରାଜପ୍ରାସାଦ ବା ମହଲରେ ଯେଉଁ ଶାନ୍ତି ମଣିଷ ପାଏନାହିଁ ତାହା ପାଇଥାଏ ଛୋଟ କୁଡିଆଘରେ । ପରିବାର ଏକ ବଜାର ନୁହେଁ ଯେଉଁଠାରେ ବିଭିନ୍ନ ଯୋଗ୍ୟତା ଥାଇ ଅନିଚ୍ଛୁକ ବ୍ୟକ୍ତିକୁ ଜ୍ଞାନ ପ୍ରଦାନ କରାଯାଏ । ପରିବାର ଏକ ରେଳଷ୍ଟେସନ ନୁହେଁ ଯେଉଁଠାରେ ବିଭିନ୍ନ ଉଦ୍ଦେଶ୍ୟରେ ବିଭିନ୍ନ ଲୋକଙ୍କର ସମାବେଶ ହୁଏ । ପରିବାର ଏକ ଆଧ୍ୟାତ୍ମିକ ସଂଗଠନ ଯେଉଁଠି ନିଜସ୍ୱ

ସମାଜପ୍ରବାଦି ବ୍ୟକ୍ତିତ୍ୱ ଥାଏ । ପରିବାର ଏକ ଆଶ୍ଚର୍ଯ୍ୟଜନକ ଭବନ ଯାହା ସଦ୍ ଭାବନାର ଆଧାର, ମାତା ପିତାଙ୍କର ସଦ୍ଭାବନା, ଭାଇ ଭଉଣୀର ସଦ୍ଭାବନା, ରକ୍ତ ସମ୍ପର୍କର ସଦ୍ଭାବନାରେ ପରିବାର ହୁଏ ସୁଖୀ ପରିବାର । ପରିବାର ହୁଏ ବୈକୁଣ୍ଠ ସମାନ ଯେଉଁଥିପାଇଁ ଆଲେକଜାଣ୍ଡର ସେଲକାର୍କ ଦିନେ ନର୍ଜନ ଦ୍ୱୀପରେ ଥାଇ ଲେଖିଥିଲ୍ – "କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର, ଯାର ପ୍ରାପତ ଲାଗି ଦେବତ ନର ।"

ସୁଖୀ ପରିବାରରେ ଯେଉଁ ଅନାବିଳ ସ୍ନେହ, ଅକୁତ୍ରିମ ଭଲପାଇବା ଦେବତାକୁ ବି ମଣିଷ ଜନ୍ମ ନେବାକୁ ଲାଳାୟିତ କରେ । ଯାହାର ଆଧାର ବାପାମାଆ, ତାଙ୍କର ଉପକାର ଅତୁଳନୀୟ, ଅବର୍ଣ୍ଣନୀୟ । ସେଇଥିପାଇଁ ଭାଗବତକାର କୁହନ୍ତି: "ଶତ ଜନନୀ ଉପକାର, ସୁଝିକ ପାରିବ କୁମର" ।

ବାପା ମାଆ ଦୁଇଟି ଶବ୍ଦ ଅର୍ଥ କନ୍ତୁ ତାର ଅନେକ କେତେକ ମହାପୁରୁଷମାନେ କୁହନ୍ତି ବା ଅର୍ଥ ବାୟୁ ପା ଅର୍ଥ ପାଣି । ଜୀବନ ସହିତ ପଷ୍ଟାତ ଓ ଜଳର ସମ୍ପର୍କ ପରି ବାପା ମାଆଙ୍କର ସମ୍ପର୍କ । କାରଣ ସେ ଆମର ଜନ୍ମଦାତା, ପାଳନକର୍ତ୍ତା ଓ ରକ୍ଷାକର୍ତ୍ତା ମଧ୍ୟ । ଯିଏ ଆମ ହାତକୁ ଧରି ଚାଲିବା ଶିଖେଇଛି, ଯିଏ ନଜେ ନଖାଇ ଆମ ମୁହଁରେ ଦାନା ମୁଠାଏ ଦେଇଛି, ଯିଏ ଓଦା ଶେଯରେ ଶୋଇ ଆମପାଇଁ ତା କାନ ପଣତ ବିଛେଇ ଦେଇଛି, ଯିଏ ଆମକୁ ଏତେଠୁ ଏତେବଡ କରିଛି ଓ ଯେ ଆମର ଅଳ ଅଝଟ ସବୁ ସହ୍ୟ କରିଛନ୍ତି , ସେ ହେଉଛନ୍ତି ଆମର ବାପା, ମାଆ । ତେଣୁ ଦୁନଆରେ କୌଣସି ଏମିତି ପୁଅ ଝିଅ ନାହାଁନ୍ତି ଯିଏ ବାପା ମାଆଙ୍କର ଋଣ ସୁଝିପାରିଛି । ସେଇଥିପାଇଁ ଶାସ୍ତ୍ର ଗାଏ – "ପିତା ଧର୍ମ, ପିତା ସ୍ୱର୍ଗ, ପିତା ହିଁ ପରମତପ, ପିତରି ପ୍ରୀତିମା ପର୍ଣ୍ଣେ ପ୍ରିୟନ୍ତେ ସର୍ବ ଦେବତା" ।

ଅର୍ଥାତ ପିତା ଆମର କର୍ମ, ଧର୍ମ ସ୍ୱର୍ଗ ଓ ପିତା ହିଁ ଆମର ପରମତପ, ଜପ ସବୁକଛି । ଯାହାଙ୍କୁ ସ୍ନେହ, ଭଲପାଇବା ଓ ପୂଜା କଲେ ଦେବତାମାନେ ତୋଷ ହୁଅନ୍ତି, ସେ ପିତା ଅମର କେବଳ ଜନ୍ମଦାତା, ପାଳନକର୍ତ୍ତା ନୁହଁନ୍ତି, ସେ ଆମର ପରିଚୟ, ସ୍ୱାଭିମାନ ଓ ଗର୍ବ ଗୌରବ ସବୁକଛି । ସେଥିପାଇଁ ପ୍ରତିଟି ଲୋକମୁଖରେ ଶୁଣାଯାଏ, "ବାପା ଥିବା ପୁଅ ସଭାରେ ହାରେନା, ମାଆ କୋଳେ ପୁଅ ଦୁନଆ ଡରେନା" ।

ଅର୍ଥାତ ବାପା ଥିବ ପୁଅ ଦାଣ୍ଡରେ ମୁଣ୍ଡ ଟେକ ବାଟ ଗୁଲିପାରେ, ନଜ ଶିଙ୍ଘରେ ନଜେ ମାଟି ତାଡେ, ସଭିରେ ଜିତାପଟ ନଏ । ଠିକ୍ ସେହିପରି ମାଆର କୋଳ ସନ୍ତାନକୁ ଅଭୟ ପ୍ରଦାନ କରେ । ସେ ମାଆ କୋଳରେ ଥିବା ପର୍ଯ୍ୟନ୍ତ ସେ ଦୁନଆକୁ ଖାତିରି କରେନା, ତାକୁ ଡର୍‌ଉଥିବା ମଣିଷକୁ ସେ ଫୁକାର୍‌ରେ ଉଡାଏ । ମାଆ କୋଳ ପ୍ରତ୍ୟେକଟି ପିଲ୍ ପାଇଁ ଦୁନଆର ସବୁଠୁ ନର୍‌ପଦ, ଆପଣାର ଓ ମୂଲ୍ୟବାନ ସ୍ଥାନ, ସେ କୋଳରେ ଯେଉଁ କୁହୁକ ଅଛି ବିଶ୍ୱରେ କୌଣସି ବିଦ୍ଧାଣୀ ତାକୁ ଶବ୍ଦରେ ପ୍ରକାଶ କରିପାରିବ ନାହିଁ । ଶିଶୁଟି ଆଖି ବନ୍ଦ କରି ତା ମାଆକୁ ଚହ୍ନିପାରେ, ନାକ ବନ୍ଦ କରି ତା ମାଆ ପଣତକାନ ବାସ୍ନା ବାରିପାରେ । ସେଥିପାଇଁ କବିର ଲିଖନୀ ଲେଖିବସେ: "ମାଆ ସିନା ଜାଣେ ସନ୍ତାନ ବେଦନା, ଆଉ ବା ଜାଣିବ କଏ । ଅଲଣା ଭାତକୁ ହାତ ରନ୍ଧା ଶାଗ, ସର୍‌ଗେ ପରସି ଦିଏ" ।

ଅର୍ଥାତ ହସ ହସ ମୁହଁରେ ବାଢ଼ିଦେବାର କଳା ଯେ ଶିଖିଛି ସେ ହେଉଛି ମାଆ । ତା ହାତରେ ଯେ କୌଣସି ରନ୍ଧାଣ ବି ସୁଆଦ ଲ୍‌ଗେ, ମିଠା ଲ୍‌ଗେ, ଅମୃତ ପରି ଲ୍‌ଗେ । ମାଆ ଦୁଇଟି ଶବ୍ଦ ମା ଅର୍ଥ ମାଟି ଆ ଅର୍ଥ ଆକାଶ ମାଟି ଆଉ ଆକାଶର ମିଳନ ସ୍ଥଳ ହେଉଛି ମାଆ । ସେ ପୃଥିବୀଠାରୁ ସହନଶୀଳ, ସେ ଆକାଶଠୁ ପରିବ୍ୟାପ୍ତ । ମାଆର କୌଣସି ସଜ୍ଞା ନାହିଁ କ ପରିଭାଷା ନାହିଁ । ମାଆ ସବୁବେଳେ ମାଆ ତାର କୌଣସି ନା ନାହିଁ । ସମସ୍ତଙ୍କୁ ଖାଇବାକୁ ଦେଇ ସାରିବା ପରେ ଯିଏ ଖାଏ, ସମସ୍ତେ ଶୋଇବା ପରେ ଯିଏ ଶୁଏ, ପୁଣି କାଉ କା କରିବା ପୂର୍ବରୁ ଯେ ଉଠିପଡି ବାସିକାମ କାଡି ଘର ଚରିପାଖେ ଗୋବରପାଣି ପକେଇ ତୁଳସୀ ଚଉର୍ ମୂଳେ ପାଣିଦେଇ ସାର୍ ପରିବାରର ମଙ୍ଗଳ ମନାସି ଯିଏ ମୁଣ୍ଡିଆ ମାରେ ସେ ହେଉଛି ମାଆ ସନ୍ତାନ ଆଖିରୁ ଲୁହ ପୋଛିବା ପାଇଁ ସରଗର ଚ୍ନ୍ଦ ଆଣି ଦେବା ପାଇଁ ଲେ୍‌ହିତ ଗାଇ ଶୁଣାଏ ଯିଏ ସେ ହେଉଛି ମାଆ । ଯେଉଁଥିପାଇଁ କବି ଲେଖନ୍ତି "ନର୍‌ଶ ମନରେ ଆସେ ଯେବେ କୋହ, କୋଳରେ ବସାଇ ପୋଛି ଦିଏ ଲୁହ, ମାଆର ପଣତ ଶ୍ରୀମନ୍ଦିର ନେତ, ବିପଦେ ଘୋଡାଇ ଦିଏ" । ବିପଦରେ ନଜ ମୁଣ୍ଡପାତି ନଜ ଉପରକୁ ସବୁ ବିପଦକୁ ବରଣ କରି ନେଉଥିବା ମମତାମୟୀ ମୂର୍ତ୍ତିଟି ମାଆ । ଜଣେ ଯୁଦ୍ଧ ବିଶାରଦଙ୍କ ଅଭିଜ୍ଞତାରେ ମାଆ ହେଉଛି ଏପରି ଏକ ଦେବୀ ଯେ ଯୁଦ୍ଧ କ୍ଷେତ୍ରରେ ପୁଅ ଉପରେ ପଡୁଥିବା ବୋମାର ଆଘାତ ପୁଅକୁ ଲ୍‌ଗିବା ପୂର୍ବରୁ ପ୍ରଥମେ ମାଆକୁ ଲ୍‌ଗେ । ବିପଦରେ ମରି ଯାଇଥିବା ମାଆର ମୁହଁରୁ ଆହା ଶବ୍ଦ ବାହାରି ଆସେ ମଧ୍ୟ । ତେଣୁ ବାପା ମାଆଙ୍କୁ

ବାଦ ଦେଲେ ସେ ଜୀବନ କଳ୍ପନା ବାହାରେ । ବାପା ମାଆଙ୍କୁ ଛାଡିଦେଲେ ସେ ଜୀବନରେ କୌଣସି ଅସ୍ତିତ୍ୱ ନାହିଁ । ସେ ଜୀବନ ଜୀବନ ପରି ଲାଗେ ନାହିଁ । ସେ ପାଲଟିଯାଏ ପଥର ମୂର୍ତ୍ତି । ହେଲେ ଆଜିର ଏଇ ଯୁବପିଢିଙ୍କ ଉପରେ କଛି ବି ଫରକ ପଡୁନ । ଯେଉଁଠାରେ ପିତା ମାତାମାନେ ପିଲାମାନଙ୍କ ଖୁସି ପାଇଁ ନିଜର ସର୍ବସ୍ୱ ସମର୍ପଣ କରି ଦେଇଥାନ୍ତି, ନିଜର ସବୁ ଖୁସିକୁ ପଛରେ ପକେଇ ନିଜ ପିଲାମାନେ କେମିତି ଖୁସିରେ ରହିବେ ସେ ବିଷୟରେ ଭାବନ୍ତି, ନିଜେ ଭଲରେ ଗୁଣ୍ଡାଏ ନଖାଇ, ନିଜେ ଭଲ ପୋଷାକ ନପିନ୍ଧି ମୋ ପିଲା କପରି ସବୁ ପିଲାଙ୍କ ସହ ସମାନ ହେବ ଭାବି ନିଜର ପେଟର ଭୋକକୁ ପେଟରେ ମାରି ପିଲାମାନଙ୍କ ପାଇଁ ସଞ୍ଚୟ କରି ରଖିଥାନ୍ତି । ହେଲେ ଆଜିର ଯୁବପିଢିମାନେ ତାଙ୍କର ଝାଳବୁହା ଧନର ମୂଲ୍ୟ ବୁଝନ୍ତିନ । ସେମାନେ ମୌଜ, ମଜଲିସରେ ବହୁତ ବ୍ୟସ୍ତ ରୁହନ୍ତି । ନିଜର ପିଲାମାନଙ୍କୁ କପରି ଏ ଦୁନିଆ ଆଗରେ ନିଜର ଗୋଟିଏ ପରିଚୟ ସୃଷ୍ଟି କରିବେ, ନିଜ ଗୋଡରେ ନିଜେ କପରି ଠିଆହେବେ, ସେ ସବୁ ଭାବି ନିଜର କଷ୍ଟକୁ ପଛରେ ପକେଇ ଦେଇଥାନ୍ତି । ହେଲେ ସେହି ବାପା ମାଆଙ୍କ ଜୀବନରେ ଅନେକ ଝଡ ଉଠେ । କାରଣ ଯେଉଁଠାରେ ପିତା ମାତାମାନେ ତାଙ୍କୁ ଏ ଦୁନିଆ ଆଗରେ ଗୋଟିଏ ଭଲ ମଣିଷ ଓ ସେମାନଙ୍କର ନିଜର ପରିଚୟ ବନେଇଥାନ୍ତି, ଆଜି ସେହି ବାପା ମାଆମାନେ ନିଜର ପରିଚୟ ଖୋଜି ପାଉନାହାନ୍ତି ଏ ସମାଜରେ । ସେମାନଙ୍କର ନିଜ ଘର ତାଙ୍କ ପାଇଁ ପର ହୋଇଯାଇଛି । ଆଜି ସମୟ ସ୍ରୋତରେ ସେ ଭାସି ଯାଇଛନ୍ତି ରାସ୍ତା କଡକୁ, ଆଉ ମୁଣ୍ଡ ଗୁଞ୍ଜିବା ପାଇଁ ଏକମାତ୍ର ସାହାରା ପାଲଟିଛି ବୃଦ୍ଧାଶ୍ରମ । ଯେଉଁ ସମୟରେ ସେ ପିଲାମାନଙ୍କ ସାହାରା ପାଲଟିବା କଥା, ଆଜି ସେହି ପିଲାମାନେ ତାଙ୍କୁ ବେସାହାରା କରି ଦେଇଛନ୍ତି । ଭୁଲି ଯାଇଛନ୍ତି ନିଜର ମାନବିକତା ଆଉ ପାଲଟିଯାଇଛନ୍ତି ହିଂସ୍ର । ତାଙ୍କୁ ଯିଏ ଏପରି ଏତେବଡ କଲା ଆଜି ତାଙ୍କ ଘରୁ ତାଙ୍କୁ ବାହାର କରି ଦିଆଯାଉଛି । ବାଃ, ବାଃ ରେ ଆଜିର ଯୁବପିଢି । ଆମ ଦେଶର ମୁହଁରେ ମୁଖା ପିନ୍ଧିଥିବା ସଚବ ନାଗରିକ । ମନ୍ଦିରକୁ ଯାଉଛ ପଥରକୁ ପୂଜା କରିବା ପାଇଁ, ହେଲେ ନରରୂପୀ ପିତା ମାତା ଭଳ ଭଗବାନଙ୍କୁ ପାଦରେ ଆଡେଇ ଦେଉଛି । ମନ୍ଦିରକୁ ଯାଉଛି ଫଳ ମୂଳ ନେଇ ଯାହାକୁ କ ସେ ପଥର ମୂର୍ତ୍ତି ଖାଲି ହେଲେ ମନୁଷ୍ୟ ରୂପରେ ବିରାଜମାନ କରିଥିବା ଭଗବାନ ବା ପିତା ମାତା ସେମାନଙ୍କୁ ଖାଇବାକୁ ନଦେଇ ଘରୁ ବାହାର କରି ଦିଆଯାଉଛି । ସତରେ ସମୟ କେତେ ବଦଳ ଯାଇଛି ଆଉ ତା ସହିତ ମଣିଷର ଚିନ୍ତାଧାରା ବି ସତରେ ସେ ଯୁଗ ଆଉ ନାହିଁ କ ସେ ରାମ ଆଉ ନାହାଁନ୍ତି ।

ସେଇଥିପାଇଁ ପବିତ୍ର ରାମଚରିତ ମାନସରେ ସନ୍ଥ ତୁଳସୀ ଦାସ ପ୍ରମାଣ କରିଛନ୍ତି "ପ୍ରାତଃକାଳୁ ଉଠ ରଘୁନାଥା, ମାତା ପିତୁ ଗୁରୁ ନୁଆଇ ମାଥା" ।

ଆମେ ମନ୍ଦିର ଯାଉ ଦେବାଦେବୀଙ୍କୁ ଦର୍ଶନ କରିବା ପାଇଁ କିନ୍ତୁ ସେ କଥା କୁହନ୍ତି ନାହିଁ । ଆମେ ଭୋଗ ଲଗାଉ ତାଙ୍କର ପରିଚର୍ଯ୍ୟା ପାଇଁ, କିନ୍ତୁ ସେ ଖାଆନ୍ତି ନାହିଁ । ତାଙ୍କୁ ଦୁଃଖ ଜଣାଉ ସୁଖ ପାଇବା ପାଇଁ, କିନ୍ତୁ ସେ ଶୁଣନ୍ତି ନାହିଁ । କିନ୍ତୁ ଆମର ବାପା ମାଆଙ୍କୁ ନମାଗିଲେ ବି ମିଳିଯାଏ କାରଣ ସେ ଆମର ମନକଥା ଜାଣନ୍ତି କିନ୍ତୁ ଆମେ ତାଙ୍କ ମନକଥା ଜାଣିପାରୁ ନାହିଁ । ଆମ ପାଖରେ ଜୀବନ୍ତ ଭଗବାନ ଯିଏ ଆମର ସବୁ ଅଳି, ଅଝଟକୁ ସହନ୍ତି କିନ୍ତୁ ସେହି ବାପା ମାଆଙ୍କର କଥା ଆମେ ସହିପାରୁ ନଥାଉ । ଯିଏ ଆମକୁ ବଞ୍ଚେଇବାକୁ ଯାଇ ନିଜର ପେଟର ଭୋକକୁ ପେଟରେ ମାରି ଦେଇଥାଏ, ଆଜି ସେମାନଙ୍କୁ ଖାଇବା ପାଇଁ ନଦେଇ ଭୋକିଲା ପେଟରେ ଘରୁ ବାହାରି କରିଦେଉ । ଛୋଟବେଳେ ଯାହାର ହାତ ଧରି ଆମେ ଚାଲି ଶିଖିଥିଲୁ ଆଜି ଯେତେବେଳେ ସେ ଆମର ହାତକୁ ସାହାରା ଭାବି ଚାଲିବା ପାଇଁ ସାହାରା ଖୋଜନ୍ତି ଆମେ ସେମାନଙ୍କ ହାତ ଛାଡି ଦେଇଥାଉ । ଆମର ଦେହ ଖରାପ ହେଲେ ଯିଏ ରାତି ଅନିଦ୍ରା ହୋଇ ଆମର ସେବା କରୁଥାଏ ଆଜି ସେମାନଙ୍କର ଶେଷ ସମୟରେ ଆମର ସେବା ଲୋଡନ୍ତି, ଆମ ଭଳି କିଛି ଅପଦାର୍ଥ ସେମାନଙ୍କୁ ନେଇ ବୃଦ୍ଧାଶ୍ରମରେ ଛାଡିଦେଇ ଆସନ୍ତି । ଭୁଲିଯାଆନ୍ତି ନିଜର ସବୁ ମାନବିକତା ଆଉ ପାଲଟିଯାଆନ୍ତି ହିଂସ୍ର ଓ ନିଷ୍ଠୁର ।

ତେଣୁ ମୁଁ ଶେଷରେ ଏତିକି କହିବା ପାଇଁ ଚାହିଁବି ଦୟାକରି କେହି ବି ଏମିତି କରନ୍ତୁ ନାହିଁ । ଆମକୁ ଯିଏ ପରିଚୟ ଦେଇଛି ସେମାନଙ୍କ ପ୍ରତି ଏମିତି ଦୁର୍ବ୍ୟବହାର ବନ୍ଦ କରନ୍ତୁ । ସେମାନଙ୍କୁ ବେସାହାରା କରି ଦିଅନ୍ତୁନି କାରଣ ସେମାନଙ୍କ ବିନା ଆମେ କିଛି ବି ନୁହଁ ସେମାନଙ୍କୁ ସମ୍ମାନ ଦିଅନ୍ତୁ । କାରଣ ଆମେ ଆଜି ଯାହା ସେମାନଙ୍କ ପ୍ରତି କରିବା, କାଲି ଆମର ପିଲାମାନେ ଆମ ସହ ଠିକ୍ ସେମିତି କରିବେ । ତେଣୁ ସେମାନଙ୍କ ପ୍ରତି ଏମିତି କିଛି କରନ୍ତୁ ନାହିଁ ।

କୋରୁଆ, ନୂଆଗାଁ, ଜଗତସିଂହପୁର

# ଜୟ ତ୍ରିରଙ୍ଗା ପତାକା



ନିଲେଶ କୁମାର ଭୋଇ

ସ୍ୱାଧୀନ ହେଇଛି ଆମରି ଦେଶ
ଏଠି କହିବାରେ କେହି ସ୍ୱାଧୀନ ନୁହେଁ
ଅନ୍ୟାୟ ବିରୋଧେ ଉଠିଲେ ସ୍ୱର
ଲାଠିମାଡ଼ ସିନା ପିଠିଟା ସହେ।
ନିର୍ଯ୍ୟାତନାର କବଳେ ସଢ଼ି
ନାରୀ ମାଗେ ଆଜି ନ୍ୟାୟ ଭିକ୍ଷା
ଶାସନ ନାଁ ରେ ଶୋଷଣ ଚାଲେ
ଏହି କ ଆମର ସ୍ୱାଧୀନ ଦୀକ୍ଷା ?
ସତକୁ ମିଛର ପର୍ଦ୍ଦା ଢାଙ୍କି
ଆଖିଠାର ମାରେ ଅନ୍ୟାୟ ସିନା
ସହାନୁଭୂତିକୁ ଏଡେଇ ଦେଇ
ଏଠି ମିଳେ ନିନ୍ଦା, କୁତ୍ସା ରଚନା।
ଗାନ୍ଧିଜୀଙ୍କ ରାମରାଜ୍ୟ କେବେ
ପାହାନ୍ତି ନିଦର ସପନ ପରି
ବିଂଶତ୍ତୋର ଏଇ ଶତାବ୍ଦୀ ଦେହେ
ସ୍ୱାଧୀନତା ଅଛି ଶବଦ ଧରି।
ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷେ
ଅନ୍ୟାୟ ବିରୋଧେ ଲଢ଼ିବା ଆସ
ଝଲସାଇ ଦେବା ତ୍ରିରଙ୍ଗା ଧ୍ୱଜା
ଐକ୍ୟସୂତ୍ରେ ବାନ୍ଧି ଆମରି ଦେଶ।

କଟ୍ ବିଶ୍ୱ ବିଦ୍ୟାଳୟ ଛାତ୍ର(ବିଜ୍ଞାନ ବିଭାଗ)

# ମୋ ସ୍ୱପ୍ନର ସାଥୀଟିଏ



ମୃଣ୍ମୟୀ ପ୍ରଧାନ

ମନ ଖୋଜେ ମନଟିଏ ପ୍ରାଣ ଖୋଜେ ପ୍ରାଣଟିଏ
ସ୍ୱପ୍ନ ଖୋଜେ ସ୍ମୃତିଟିଏ ଜୀବନର ସାଥୀଟିଏ
ଡାକୁଛି, ଆ'ରେ ଆ'ରେ ମୋ ସାଥୀ ଆ'ରେ
କୋଉଠି ଅଛୁ ମୋ' ପାଖକୁ ଗ୍ଲିଆ ।୧।

ସାଗରରେ ଢେଉ ଉଠି ଛୁଏଁ ତା' କୂଳକୁ
ମୋ' ମନ ଲହରୀ ଆଜି ଖୋଜୁଛି ସାଥୀକୁ
        କୋଉଠି ଖୋଜିବି କହ ପାଇବି କେମିତି
        ଝୁରି ଝୁରି ମୋ ସାଥୀକୁ ବଞ୍ଚିବି ଏମିତି
ପ୍ରେମଭର୍ ସ୍ୱପ୍ନ ନେଇ ବାଟ ଗ୍ଲୁଥିବି
ଗ୍ଲୁ ଗ୍ଲୁ କେତେବେଳେ ସାଥୀ ପାଇଯିବି
        ଅନ୍ଧ ଖୋଜେ ବାଡିଟିଏ ଗ୍ଲିବାର ସାହାର୍ଟେ
        ଆଶା ମୋର ସାଥୀଟିଏ ଜିଇଁବାର ମଉକାଟେ
ଖୋଜୁଛି, ଆ'ରେ ଆ'ରେ ମୋ' ସାଥୀ ଆ'ରେ
ଯୋଉଠି ତୁ ଅଛୁ ମୋତେ ଆଜି ହିଁ ମିଳଯା ।୨।

ସାଥୀ ତୁ କପାଳେ ଲେଖା, ସାର୍ ଜୀବନର
ତୁ ମିଳିଲେ ଭରିଦେବୁ ତୋ ସ୍ନେହ-ସିନ୍ଦୁର
        ତୋ ସିନ୍ଦୁର ପିନ୍ଧି ମୁଁ ଲାଗିବି ସୁନ୍ଦର
        ତୋ ଭଲପାଇବାରେ ଗଢିବି ସଂସାର

ହାତ ଧରି ତୋର ସାଥ୍ ବାଟ ମୁଁ ଗ୍ଭଲିବି
ମୁଁ ମରିବା ଯାଏଁ ତୋର ପାଖେ ପାଖେ ଥିବି
କହୁଛି, ଆ'ରେ ଆ'ରେ ମୋ ସାଥୀ ଆ'ରେ
ତୁ ମିଳବୁକ ନାହିଁ ମୋତେ ଇସାର୍ ଦେଇଯା ।୩।

ବେଦାନ୍ତୀର ଆଗାମୀ ସଂଖ୍ୟା  ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **10** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଧନ୍ୟା ସେ ଜନନୀ



ବିଜୟ କୁମାର ଛାଟୋଇ

ଦଶମାସ ଦଶଦିନ
ଗରଭ ଦୁଃଖ,
ସବୁସହି ଭୁଲିଯାଏ
ସଂସାର ସୁଖ ।

ପୁଅ ହେଉ ଅବା ଝିଅ
ନ ଭାବି ପର,
ଗରଭେ ସାଇତି ଥାଇ
ଯାତନା ଭାର ।

ମନ ଭରି ଖୁସି ବାଣ୍ଟେ
ମରମେ ହସି,
ଈଶ୍ୱରଙ୍କୁ ମନାସଇ
କାମନାରାଶି ।

ଘର ଦୁଃଖ ପତି ସୁଖ
ଭୁଲି ମନରେ,
ଶିଶୁ ଲାଗି ପ୍ରାଣ କାନ୍ଦେ
ସ୍ନେହ ବଶରେ ।
ସତ୍ୟପଥେ ଧର୍ମପଥେ
ବାଟ କଢାଇ,
ପରହିତେ ରହିବାକୁ
ଦିଏ ବତାଇ ।

ନିଜେ ନ ଖାଇ ସାଇତି
ରଖଇ ରସ ,
ସୁନାଫୁଲ ଶିଶୁର କ
ମଧୁର ହସ ।

ବାର ଓଷା ତେର ବ୍ରତ
କରଇ ନିତି,
ମାନେନାହିଁ ଖରା ବର୍ଷା
ଶିଶିର ଭୀତି ।

ଡାହାଣୀ ପିଶାଚ଼ କାଳେ
ଦେଖିବେ ବୋଲି,
ପଣତ କାନିରେ ଭଲେ
ଦିଅଇ ଗୋଳି ।

କୁଦୃଷ୍ଟି କୁମନ ପାଖ
ମଡ଼ାଏ ନାହିଁ,
ସୁଷମ ଖାଦ୍ୟ ଖୁଆଏ
ଘରେ ଲୁଗାଇ ।

ଧନ୍ୟା ସେ ଜନନୀ ଭବେ
କୀରତି ତାର,
ଶତ ପ୍ରଣାମ ଘେନ ମା'
ଏ ଶିଶୁ ଛାର ।

ମହୁରା, ସତ୍ୟବାଦୀ, ପୁରୀ

# ମୁଇଁ ତ ଦାଦନ



ମହେଶ୍ୱର ସାହୁ

ସମୟର ଘାତ ପ୍ରତିଘାତ ମଧ୍ୟ ଦେଇ ସପନ ଉଜୁଡି ଯାଉଥିଲା । ପରିବାରର ଗରିବୀ ସହିତ ଦୁଇ ଭଉଣୀଙ୍କର ବୋଝ ଦୁଲୁକେଇ ଦେଉଥିଲା ସନ୍ତୋଷର କମର ଦଣ୍ଡାକୁ ଯେପରି। ଆର୍ଥିକ ସ୍ୱଚ୍ଛଳତା ଦୃଷ୍ଟିରୁ ସନ୍ତୋଷର ପରିବାର ନିମ୍ନଧରଣର ଥିଲା । ବାପା ହର ସାହୁ ଦିନ ମଜୁରିଆ ଭାବରେ ଗାଁ ଗଣ୍ଡାରେ କାମ କରନ୍ତି । କେତେବେଳେ ସରକାରୀ ରାସ୍ତା କାମ ତ କେତେବେଳେ କାହାର ଘର ଛିଆ କାମ, ଏମିତି କରି ଯାହା ଦୁଇ ପଇସା ପାଆନ୍ତି ସେଇଥିରେ ପରିବାରର ସାତ ଜଣ ସଦସ୍ୟ କାଣ୍ଟିକୁଣ୍ଟି ଚଳ ଯାଆନ୍ତି । ପୁଅ ସନ୍ତୋଷକୁ ପାଠ ପଢେଇବାର ପ୍ରବଳ ଇଛା ଥାଇ ମଧ୍ୟ ହର ସାହୁ ଉତ୍ତମ ଶିକ୍ଷା ଦେବାକୁ ଅକ୍ଷମ ଥିଲେ। କାରଣ ମୁଣ୍ଡ ଉପରେ ଦୁଇ ଝିଅ ସାଙ୍ଗକୁ ପରିବାରର ବୋଝ ।

ସନ୍ତୋଷ ଟାଣି ଟୁଣୀ ଦଶମରୁ ଉପରକୁ ଯାଇ ପାରିଲା ନାହିଁ । ଆଉ ଥରେ ପରୀକ୍ଷା ଦେଲେ ମୋ ପୁଅ ପାସ କରିଯିବ କହି ମାଆ ମନୋରମା ବାଧ କରିବାରୁ ସନ୍ତୋଷ ସ୍ରେକଠୋକ ମନା କରିଦେଲା କହିଲା, ମାଆ ମୋତେ ଲାଜ ଲାଗିବ ! ମୋ ସାଙ୍ଗ ସବୁ ପରୀକ୍ଷାରେ ଭଲ ଫଳ ପାଇ ମହାବିଦ୍ୟାଳୟରେ ପଢିବେ ହେଲେ ମୁଁ ପୁଣି ଦଶମ ପରୀକ୍ଷା ଦେବୀ ! ନାଁ ମାଆ, ମୁଁ ଆଉ ପରୀକ୍ଷା ଦେବିନ ।

"ତେବେ ତୁ କଣ କରିବୁ ?"

"ମୁଁ ଆମ ଗାଁଆ ପିଲାଙ୍କ ସହିତ ସୁରଟ ପଳେଇବି ମାଆ । ନହେଲେ ବାପାଙ୍କ ସହିତ ରାସ୍ତା କାମ କରିବି ।"

"ନା' ଧନ, ତୁ କଣ ରାସ୍ତା କାମ କରି ପାରିବୁ?"

"ହଁ କରିବି ମାଆ ! ଯେତେ କଷ୍ଟ ହେଲେ ମଧ କରିବି । କାମ ନ କଲେ ଦିଦି ବାହାଘର କେମିତି ହେବ ? କହ ମାଆ, ମୋତେ କଛି କରିବାକୁ ପଡିବ !" କହି କାନ୍ଦି ପକେଇଲା ସନ୍ତୋଷ । ମନ ଓ ହୃଦୟର କୋହକୁ ନଜ ହୃଦୟରେ ଗୁପିଧରି ବାଳୁତ ବୟସର ସନ୍ତୋଷ ଚନ୍ତା ଓ ଦ୍ୱିଧାରେ ରଞ୍ଜିତ କରୁଥିଲା ନଜ ଭବିଷ୍ୟତର କଣ୍ଟକମୟ ଚଲା ପଥ । ଦୃଢ଼ ମନା ହୋଇ ଗ୍ଲିଲା ନଜ ଗାଁଆରୁ ସୁରଟରେ ରହୁଥିବା ପିଲାର ଘରକୁ । ସୂତା କଳରେ ନଜ ଗାଁଆର ପିଲାମାନେ ବହୁ ଦିନରୁ କାମ କରିଆସୁଛନ୍ତି । ସେମାନଙ୍କ ସହିତ ଯୋଗା ଯୋଗ କଲା ସୁରଟ ଯିବା ପାଇଁ ।

ବାପା ହର ସାହୁ ଯେତେ ବାରଣ କଲେ ମଧ ତାଙ୍କର ବାରଣକୁ ଭ୍ରୁକ୍ଷେପ ନ କରି ସୁରଟ ଯିବା ପାଇଁ ପ୍ରସ୍ତୁତ ହେଲା । ଗାଁଆ ପିଲା ମାନେ ଦୋଳ ଉତ୍ସବକୁ ଗାଁଆକୁ ଆସିଥିଲେ । ସେମାନଙ୍କ ସହିତ ସନ୍ତୋଷ ଯିବ ବିଦେଶ ।

ହର ସାହୁ କହିଲେ ଶୁଣୁଛ ପୁଅଟାତ ଆମ କଥା ଶୁଣୁ ନାହିଁ । ଆମ ସାହି ପିଲା ରମେଶ, ସ୍ରକେଶ, କାଳଆ, ବଳଆ, ଜଗା, ଗଣେଷ, ହରି କେଉଁ କାଳରୁ ବିଦେଶରେ ରହୁଛନ୍ତି । ସୁରଟରେ ରହି ବେଶ ଦୁଇ ପଇସା ରୋଜଗାର କରୁଛନ୍ତି । କୋଠା ବାଡ଼ି କଲେଣି । ଆମ ପୁଅ ଯଦି ଯିବ କହୁଛି ତାହାହେଲେ ଯାଉ ।

ମନୋରମା ମନ ଦୁଃଖରେ କାନ୍ଦ କାନ୍ଦ ହୋଇ କହିଲେ "ହଁ ଯେ, ସେମାନେ କେତେ କ'ଣ ପଢିଛନ୍ତି । ତାଙ୍କୁ ସବୁ ଜଣା । ହେଲେ ପୁଅଟା ତ ଦଶମ ପାସ କରିପାରିଲା ନାହିଁ । ସେ ଯାଇ ସେଠି କଣ ସେଠିକାର ଭାଷା ବୁଝି ପାରିବ । ପାଠ ପଢୁଆ ପିଲା ସବୁ ମାଲିକଙ୍କୁ ଦରକାର, ହେଲେ ଆମ ପୁଅକୁ କେହି କାମରେ ରଖିବେ କ ନାହିଁ ! କଣ କରିବ ଓ କଣ ଖାଇବ ସେଇ ଚନ୍ତା ମୋର ।"

ହର ସାହୁ ପୁଅ ବିଦେଶ ଯିବ, ମନରେ ଟିକେ ଖୁସି ବସା ବାନ୍ଧୁଥିଲେ ମଧ ଛୋଟିଆ ପିଲା ବୋଲି ଚନ୍ତା ଘାରୁଥାଏ । ହଁ, ଗାଁଆ ପିଲା ଗୁଡାକ ଅଛନ୍ତିତ ଦେଖିବା କେଉଁ ପାଣି କୁଆଡେ ଯାଉଛି । ସେମାନେ ସୁବିଧା ଅସୁବିଧାରେ ଟିକେ ନଜର ଦେବାକୁ ନେହୁରା ହେବି ବୋଲି ମନେ ମନେ ଚନ୍ତା କରୁଥାନ୍ତି ହର ସାହୁ ।

ଆଜି ପୁଅ ଯିବ ଗାଁଆ ପିଲାଙ୍କ ସହିତ ସୁରଟ । ପୁଅ ବିଦେଶ ଯିବ ବୋଲି ମାଆ କଛି ମୁଢି ଓ ଚୁଡା ପ୍ରସ୍ତୁତ କରିଥାନ୍ତି ସାଥିରେ ଦେବା ପାଇଁ । ତିନ ହଳ କପଡା, ଗାମୁଛା ଦୁଇଖଣ୍ଡ ଓ ବାଟରେ ଦାନ୍ତ ଘଷିବା, ଗାଧୋଇବା ପାଇଁ ତେଲ ସାବୁନ ମଧ୍ୟ ପ୍ରସ୍ତୁତ କଲେ । ଗାଁଆର ପିଲା କାଳଆ ପ୍ରାୟ ଦଶ ବର୍ଷ ହେଇଗଲାଣି ବିଦେଶ କରି । କୋଠା ବାଟି କରି ପୁରା ପୁରି ଗାଁଆରେ ପ୍ରତିଷ୍ଠିତ ବ୍ୟକ୍ତି କହିଲେ ଚଳେ । ଗାଁଆକୁ ଆସିଲେ ଗାଁଆ ସାରା ପିଲା ଓ ଅନୁଷ୍ଠାନର ଲୋକ ମାନେ ତା'ରି ପଛରେ । କଏ ଟଙ୍କା ମାଗେ ତ କଏ ମାଂଶ ଭୋଜି । କଏ ମଦ ପିଇବାକୁ କୁହେ ତ କଏ ମିଠା ଏମିତି ଗାଁଆଟା ଯାକର ଲୋକ କାଳଆ ପଛରେ। ସୂତା କାରଖାନାର ମାଲିକଙ୍କୁ ଗାଁଆରୁ ପିଲା ଶ୍ରମିକ ନେଇ ଯୋଗାଏ ଓ ମାସିକ ପ୍ରତି ପିଲାଙ୍କ ବାବଦକୁ ଦୁଇ ହଜାର କରି ମାଲିକ ପାଖରୁ ଆଦାୟ କରେ । ଖାଇଲା ବେଳେ ଫୋନ ତ ବସିବା ବେଳେ ଫୋନ । ପାନ ଖାଇ ପାଟି ପୁରା ଲାଲେ ଲାଲ । ମୋଟର ଗାଡିର ଭଂ ଭାଁ ଶବ୍ଦ କରି ଗାଁ ଦାଣ୍ଡ ଦୁଲୁକେଇ ଦିଏ । ଯେଉଁ ରାସ୍ତାରେ ଚାଲିଯାଏ ସେଇ ରାସ୍ତାଟି ମହକ ଉଠେ ମଲ୍ଲି ମାଳତୀର ଅତର ବାସ୍ନାରେ । ଆଜି ହର ସାହୁ କାଳଆକୁ ନେହୁରା ହେଉଛନ୍ତି, ହାତ ଧରି ପକାଉଛନ୍ତି, କହୁଛନ୍ତି ଧନରେ ମୋ ପୁଅ ତତେ ଲାଗିଲା । ନିଜ ଭାଇ ପରି ଦେଖିବୁ ।

"ହଁ , ଦାଦି ମୋ ଉପରେ ବିଶ୍ୱାସ ରଖ । ମୁଁ ସମ୍ଭାଳିବି ।" କହି ଗାଡ଼ିରେ ବସି ବାହାରିଲେ ଷ୍ଟେସନ ଅଭିମୁଖେ ।

ସନ୍ତୋଷ ସହିତ ଆହୁରି କୋଡିଏ ଜଣ ଯାଇଥାନ୍ତି । ସନ୍ତୋଷ ଗାଡ଼ିରେ ବସିଲା ବେଳେ ବହୁତ ମନ ଦୁଖ କଲା । ବାପା ମାଆଙ୍କ ଓ ଭଉଣୀଙ୍କ ପାଇଁ ମନ ବହୁତ ଗୋଡେଇ ହେଉଥାଏ । ହେଲେ ଯିବାକୁ ବାହାରି ସାରିଛି ମାନେ ଯିବି ଓ ପରିଶ୍ରମ କରିବି, ଭଉଣୀ ବାହାଘରରେ ବାପାଙ୍କୁ ଆଉ କଷ୍ଟ ହେବ ନାହିଁ ଏମିତି ଭାବି ଭାବି ଚାଲିଲା ।

ଏବେ ସେମାନେ ରେଳ ଷ୍ଟେସନରେ ରେଳ ପାଇଁ ଅପେକ୍ଷା କଲେ । ସନ୍ତୋଷକୁ ଆଉ ଘର କଥା ଏତେ ମନେ ପଡୁ ନ ଥାଏ । ଏକ ଅପୂର୍ବ ଆନନ୍ଦ ମନରେ ଖେଳଯାଉଥାଏ । ହଁ, ଏବେ ରୋଜଗାର କରିବି । ମୋ ବାପା ମାଆଙ୍କର ଦୁଃଖ ଦୂର କରିବି ଭାବୁଥାଏ ।

ଷ୍ଟେସନ ଭିତରେ ଟିକେ ଏପଟ ସେପଟ ହେଇ ବୁଲ୍ ବୁଲି କରୁଥାଏ ସନ୍ତୋଷ । କେତେ ବଡ଼ ଷ୍ଟେସନ ଆଉ କେତେ ନୂଆ ନୂଆ ଲୋକ ଦେଖି ତାର ମନ ଆନନ୍ଦିତ ହୋଇ ଯାଉଥାଏ। ଏହି ସମୟରେ କାଳଆ ଡାକ ଛାଡିଲା "ଟ୍ରେନ ଆସିଲା", "ଟ୍ରେନ ଆସିଲା" । ସବୁ ଗୋଟିଏ ଜାଗାରେ ଛିଡା ହୋଇଗଲେ । ସନ୍ତୋଷ ମଧ ଠିଆ ହୋଇଗଲା ସେମାନଙ୍କ ସାଥିରେ । ଛାତିଟା ଧଡ଼ ଧଡ଼ ହୋଇ ଥରୁଥାଏ ସନ୍ତୋଷର । କାଳଆ ସମସ୍ତଙ୍କୁ କହି ପକେଇଲା ଜଲଦି ଉଠିଯାଅ । ଗାଡି ଛାଡିବ । କାଳଆ ଆଣିଥିବା ସମସ୍ତ ପିଲା ଉଠିଗଲେ ଟ୍ରେନ ମଧ୍ୟକୁ ।

ସନ୍ତୋଷ ଦେଖିଲା ସବୁ ଗାଁଆ ପିଲା ଆସିଲେ ହେଲେ କାଳଆ ଭାଇ ଗଲା କୁଆଡେ । ଏହି ସମୟରେ ଗାଡି ଛାଡି ଦେଲା । ସନ୍ତୋଷ ଜଣେ ପିଲାକୁ ପଚାରିଲା ଗଣେଶ କାଳଆ ଭାଇ କୁଆଡେ ଗଲେ । ଗଣେଶ କହିଲା ହଇରେ ତୋ ବାପା ତାକୁ କେତେ ଟଙ୍କା ଦେଇଛି ଯେ ଏଇ ଜେନେରାଲ ବଗିରେ ସେ ଉଠିବ । ସେ ଏସି ବଗିରେ ବସିକ ଯିବ ।

ସନ୍ତୋଷ କହିଲା "କଉ ଟ୍ରେନ ରେ ସେ ଯିବ କ **?**"

ଗଣେଶ," ଆରେ ବାବା, ସେ ହେଲା ଠିକାଦାର **!** ତା ପାଇଁ ଆମେ କାମ ପାଇବା **!** ସେ ଏଇ ଟ୍ରେନ ରେ ଯିବ ହେଲେ ଠିକାଦାରଙ୍କ ପାଇଁ ଏସି ବଗି ଅଛି । ସେ ସେଇଥିରେ ଅଛନ୍ତି। "

ସନ୍ତୋଷ ଟିକେ ଦୀର୍ଘଶ୍ୱାସ ନେଇ, "ଓଃ ହଁ ତାହା ହେଲେ ସେ ଆମ ସହିତ ଯାଉଛନ୍ତି । ହେଲେ ମୁଁ ଭାବିଲି ସେ ଆମକୁ ଗାଡ଼ିରେ ଚଢ଼େଇ ଦେଇ କୁଆଡେ ପଳେଇ ଗଲେ ବୋଧେ **!** ମଣିଷ ବଞ୍ଚିଗଲା । ହେଲେ ଗଣେଶ ଭାଇ କଣ ଟ୍ରେନରେ ଏତେ ଲୋକ ଯାଆନ୍ତି । ପାଦ ପକେଇବାକୁ ଗୋଡ଼ ନାହିଁ । କିଏ ଖାଇନ ଖାଇକ ଥାପଡ଼ ମାରୁଛି ତ କିଏ ପାନ ଛେପ ପକେଇ ଦେଉଛି । କିଏ ବାନ୍ତି କରିଦେଉଛି ତ କିଏ ପରିସ୍ରା କରିଦେଲାଣି ।" କହି ଉପରେ ଉପରେ ହିଁ ହିଁ କରି ହସିଦେଲା ସନ୍ତୋଷ । ଯେମିତି ପଠା ମାଠିଆରୁ ଶବଦ ବାହାରିଲା ପରି ।

ଗଣେଶ କହିପକେଇଲା, " ବେସି ହସ ନାରେ ପୁଅ ଆହୁରି ଏମିତି ଦୁଇଦିନ ଓ ଦୁଇ ରାତି ଏଇ ଟ୍ରେନ ରେ ଯିବ । ଝାଡ଼ା ପରିସ୍ରା କଥା ଭୁଲିଜା କାରଣ ଏଇ ଜଉ ଶୌଚାଳୟ ଅଛି ସେଥିରେ ମଧ୍ୟ ମଣିଷ ମୁଣ୍ଡ । ଏବେ ଚନ୍ତା କର କେହି କେଉଁଠି ଓହ୍ଲେଇଲେ ଆମେ ଟିକେ ବସିଯିବା ।"

ସନ୍ତୋଷ ଟିକେ ଡରିଗଲା । ତାକୁ ବାରମ୍ବାର ପରିସ୍ରା ଲାଗେ । ହେଲେ କେବେ ଜୀବନରେ ଟ୍ରେନରେ ବସି ନଥିଲା । ଟ୍ରେନ ଚାଲିଛି ହେଲେ ଟିକେ ବି ଶବ୍ଦ ନାହିଁ । ତାକୁ ବହୁତ ଭଲ ଲାଗୁଥିଲା । ଏମିତି କିଛି ସମୟ ବିତିଗଲା । ହେଲେ ଲୋକ କମିବେ କଣ ଆହୁରି ଭିଡ଼ ବଢ଼ିବାରେ ଲାଗିଥାଏ । କାଳିଆ ଭାଇର ଦେଖା ନାହିଁ । କୁଆଡେ ଯାଇଛି ତ ଯାଇଛି । ଗାଁଆ ପିଲାମାନେ ଏମିତି ଯିବାର ଅଭ୍ୟାସ ଥିବାରୁ ତାଙ୍କୁ ଅସୁବିଧା ହେଉ ନଥାଏ ।

ସନ୍ତୋଷକୁ ଏବେ ପରିସ୍ରା ଘାରି ଗଲାଣି । ପ୍ରବଳ ପରିସ୍ରା ଲାଗୁଥାଏ । ପାଦ ଉଠେଇ ପକେଇବାକୁ ଜାଗା ନାହିଁ ତ ଯିବ କୁଆଡେ । ଜଣେ ପିଲା ବୁଦ୍ଧିଟିଏ ଦେଲା ଆଉ ପାଣି ପିଇବୁ ନାହିଁ । ବୁଝିଲୁ ! ଲୋକ ମାନେ ଯେତେବେଳେ ଠିଆ ଠିଆ ଢୁଳାଉଥିବେ, ସେତେବେଳେ ଏଇ ବୋଟଲରେ ପରିସ୍ରା କରିଦେ । ଆମେ ସେଇଥିପାଇଁ ଏଇ ବୋଟଲ ଆମ ପାଖରେ ରଖିଛୁ । ତୁ ଯେହେତୁ ଆମ ଗାଁଆ ପିଲା ତୋତେ ଏଇ ବୁଦ୍ଧି ଦେଲି । ଏବେ ତୁ କରିପକା ।

ସନ୍ତୋଷ ବୋଟଲରେ ପରିସ୍ରା କରିଦେଇଥାଏ । ଠିକ ଏହି ସମୟରେ ଜଣେ ଲୋକ ନିଦରେ ଧୁସ କିନା ତା ଉପରେ ପଡି ଗଲା । ଆଉ ବୋଟଲ ଯାଇ ତଳେ ଶୋଇ ରହିଥିବା ଲୋକଟିଏର ମୁହଁରେ । ଯାହା ହେଉ ସ ଲୋକଟି ନିଦରେ କିଛି ପିଇଗଲା । ଏମିତି ଅବସ୍ଥା ମଧ୍ୟରେ ସେମାନେ ଯାଇ ଡହଳ ବିକଳରେ ସୁରାଟରେ ଓହ୍ଲେଇ ପଡିଲେ ଟ୍ରେନରୁ । କାଳିଆ କୁଆଡେ ଥିଲା କେଜାଣି ଆସି ପହଞ୍ଚି ଗଲା । ଆଉ ପଚାରିଲା ବାଟରେ କିଛି ଅସୁବିଧା ହେଲାକି ? ହଁ, ଆଜି ଟିକେ ଗାଡି ଭିଡ଼ ଥିଲା, ଟିକେ କଷ୍ଟ ହେଇଥିବ । ଆସ ଆସ ଖାଇ ନଥିବ ଦୁଇ ଦିନ ହେଇଗଲାଣି । କିଛି ଖାଇ ନଅ କହି ଜଳଖିଆ ଦୋକାନକୁ ନେଇଗଲା । ସନ୍ତୋଷ ମଧ୍ୟ ସେମାନଙ୍କ ସାଥିରେ ଗଲା । ଜଳଖିଆରେ ନାଡ଼ ଭିଜିଲା ନାହିଁ କାଳିଆ ଭାଇ। ଦୁଇ ଦିନ ହେଇଗଲା ଖାଇ ନାହିଁ । ମୋ ପାଖରେ କିଛି ପଇସା ଅଛି ମୋତେ କଣି

ଦିଅ ଖାଇବି କହି ପକେଇଲା ସନ୍ତୋଷ । ହେଲେ କାଳଆ କହିଲା ଏଇନେ ଆଉ ସମୟ ନାହିଁ ତମେ ଗାଡି ଲାଗିଲାଣି ବସି ପଡ଼ । ରୁମରେ ଯାଇ ଖାଇବ । ଆଜି କାମ କରିବାକୁ ପଡିବ ! କାରଖାନାରେ ମାଲିକ ଫୋନ କରିଥିଲେ ! କହି ପାଖରୁ ଡକେଇଥିବା ଗାଡ଼ିରେ ନେଇ ବସେଇ ଦେଲା କାଳଆ । ସବୁ ପିଲା ବସିଗଲେ ।

କାରଖାନାରେ ପହଁଚଲା ପରେ କାଳଆ କହିଲା ଦେଖ ତମେ ମାନେ ଏଠାକୁ ରୋଜଗାର କରିବାକୁ ଆସିଛ । ଅୟାସୀ କରିବାକୁ ନୁହେଁ । ତେଣୁ ଚାଲ ଆଜି ଠାରୁ ତମର କାମ ଆରମ୍ଭ । ଏମିତି କହି ଛିଣ୍ଡା ମଇଳା କପଡା କୁଆଡୁ ଆଣି ଧରେଇ ଦେଇଥିଲା କାଳଆ । ସନ୍ତୋଷ ଦେଖିଲା କପଡ଼ାରେ ମେଣ୍ଟା ଲୋମ ପରି କାଣ୍ଟିଆ ବାସ୍ନା ହେଉଛି । ନାକ ପାଖକୁ ନେଲେ ବାନ୍ତି ଆସୁଛି । ଏଣେ ପେଟରେ ଭୋକ । ହେ ଭଗବାନ କଣ ପାପ କରିଥିଲି କହି ସନ୍ତୋଷ ପିନ୍ଧି ପକେଇଲା କପଡା । ଆଉ ବାହାରି ଗଲା କାରଖାନାକୁ ।

କାରଖାନା ଭିତରଟା ପୁରା ପୁରି ଧୁଳଆ । ଯେମିତି ଧୁଳ ଝଡ଼ ମାଡି ଆସୁଛି କେଉଁ ଅଜଣା ଆକାଶରୁ । ଯାହା ହେଲେବି କାମ କରିବାକୁ ପଡିବ । ଅନ୍ୟ ପିଲା ମାନେ କୁହୁଡ଼ାରେ ପହଁରିଲା ପରି ମାଡି ଯାଉଥାନ୍ତି ବଡ଼ ବଡ଼ ସୂତା ଥଳ ଧରି । ସନ୍ତୋଷ ମଧ୍ୟ ଲାଗି ପଡିଲା କାମରେ । ପେଟ ଭୋକ ପିଠିରେ ମାରି ବୋହି ନେଉଥାଏ ସୂତା ଥଳ ଓ କପଡା ଥଳ ।

ସକାଳ ପହରୁ ଟିକେ ବି ବିଶ୍ରାମ ନାହିଁ । ଖାଇବାର ନାଁ ମଧ୍ୟ କେହି ଧରୁ ନାହାନ୍ତି । ଆଉ ପାଦେ ଚାଲିବାର ବଳ ନାହିଁ । ଟିକେ ବସିଯାଏ କହି ସନ୍ତୋଷ ସେଇ କାରଖାନା କାନ୍ଥକୁ ଆଉଜି ସୂତା ଥଳ ଉପରେ ବସିପଡ଼ିଲା । ଚାରିଆଡ଼ ଅନ୍ଧାରିଆ ଦେଖା ଯାଉଥାଏ । ପାଟି ସୁଖି ଯାଉଥାଏ । କାରଖାନା ପାଣି ପାଟିକୁ ଯାଉ ନ ଥାଏ । କେମିତି କେମିତି ବାସ୍ନା ଆସୁଥାଏ ଯାହାଦ୍ୱାରା ତଣ୍ଟି ଜାଳ ଦେଉ ଥାଏ । ସନ୍ତୋଷ ବସି ପଡିଛି କ ନାହିଁ ଗର୍ଜନ କରି ଉଠିଲେ ସୁପ୍ରଭାଇଜର ମହାଶୟ । "କ୍ୟାରେ ବୈଠନେ କେଲିୟେ ଆୟା କ୍ୟା । ଇଧର କୋଇ ଅୟାସି କରନେକା ନେହି । କାମ କରନେ କା ହେ ତୋ କରୋ, ନେହିଁ ତୋ ଭାଗୋ । ସାଲେ କ୍ୟା ଘୁର ରହା ବେ ।" ଏମିତି କହି ଦୁଇ ଜାବୁଡା ମାରିଦେଲା ହିନ୍ଦୀରେ କହି ବାବୁ ଜଣଙ୍କ । କନ୍ଦୁଆ ଆଖି ଓ ଗରୀବର ବେଦନା ବାବୁଙ୍କୁ ଆଡ଼ ଚାହାଣି ମନେ ହେଲା । ଦୁଇ ମିନଟ ପର୍ଯ୍ୟନ୍ତ ବେହୋସ ହୋଇ ପଡି ରହିଲା ସନ୍ତୋଷ । ପିଲା ମାନେ

ପାଣି ଛିଞ୍ଚି ହୋସକୁ ଫେରେଇଲେ । ବାବୁ ଜଣଙ୍କ କାଳିଆକୁ ଫୋନ କଲେ ଓ କହିଲେ "କ୍ୟା ଢିଲ୍ଲା ବଗ୍ସ ଲୋଗ ଲାୟାରେ ତୁ" କହି ଗାଳି ଗୋଲଜ କଲେ ଓ କାଳିଆ ଆସି ସନ୍ତୋଷକୁ ନେଇ ରୁମକୁ ଗଲା । ସେଠି ଯାହାବି ହେଉ ଗଣ୍ଡେ ଖାଇବାକୁ ମିଳିଲା । ଭଗବାନଙ୍କ ଦାନ କହି ଖାଇ ପକେଇଲା ସନ୍ତୋଷ । ଏବେ ଟିକେ ଶରୀର ଶାନ୍ତ ହେଲା ପରି ମନେ ହେଲା । କାଳିଆକୁ କହିଲା ଭାଇ ମୁଁ ପୁଣି କାମକୁ ଯିବି । ମୋତେ ଭୋକ ଲାଗୁଥିଲା ବୋଲି ସିନା । ନ ହେଲେ ମନ ଦେଇ କାମ କରିବି । କାଳିଆ ପୁଣି ବାବୁଙ୍କୁ ବୁଝେଇ ଛାଡି ଦେଇ ଆସିଲା । ସନ୍ତୋଷ ଏବେ ନିଜ ପରିବାର ଓ ନିଜ ଭଉଣୀଙ୍କ ଚିନ୍ତା କରି ଦୁଇ ଗୁଣ ପରିଶ୍ରମ କଲା । ଘରକୁ କାଳିଆ ଠାରୁ କିଛି ଆଡ଼ଭାନ୍ସ ଟଙ୍କା ଆଣି ବାପାଙ୍କ ପାଖକୁ ପଠାଇଲା । ବାପା ବହୁତ ଖୁସି ହେଇଗଲେ । ପୁଅ ରୋଜଗାର କରି ଦେଇଛି ଭାବି ବାପା ମାଆ ଓ ଭଉଣୀଙ୍କର ଆନନ୍ଦର ସୀମାରହିଲା ନାହିଁ । କାମ ସରିଗଲେ ଘରୁ ହଜାରେ ଫୋନ । ଠିକ ସମୟରେ ଶୋଇବୁ । ଠିକ ସମୟରେ ଖାଇବୁ ଏମିତି ଏମିତି...। ଭଉଣୀ କହୁଥାନ୍ତି ଭାଇ ମୋର ଏଇଟା ଆଣିବ ସନ୍ତୋଷ ମୋର ସେଇଟା ଆଣିବୁ ।

କାରଖାନାରେ ଜ୍ୱର ହେଉକି କଟି ଯାଉ କି ଜଖମ ହେଉ ଘରେ ସମସ୍ତଙ୍କୁ କେବଳ ଖୁସିର ବାର୍ତ୍ତା ଦେବା ପାଇଁ କାଳିଆ ତାଗିଦ କରିଥାଏ । କାଳିଆ କହିଥାଏ ତମେ କେବେ ଏଇଟା ହେଲା ସେଇଟା ହେଲା ଘରକୁ ଜଣେଇବ ନାହିଁ ।

ଆଜି ମାର୍ଚ୍ଚ ମାସର ୨୫ ତାରିଖ । ପ୍ରଥମ ତାଲା ବନ୍ଦ । ଗୋଟିଏ ଦରମାରୁ ଅଧିକ ଆଡ଼ଭାନ୍ସ ନେଇଯାଇଛି ସନ୍ତୋଷ । କାରଖାନା ହୋଇଗଲା ବନ୍ଦ । ଏବେ ମାଲିକ ମାନେ ଧର୍ ଦେଲେ ନାହିଁ । ବାହାରକୁ ବାହାରିଲେ ପୋଲିସର ମାଡ଼ । କାଳିଆ ମାଲିକ ଠାରୁ ପଇସା ମାଗିବାରୁ ମାଲିକ ଏମିତି ସେମିତି ବାହାନା ଦେଖେଇ ଫୋନ କାଟିଲେ । ଚାଉଳ ପାଣି ମିଳିବା କଷ୍ଟ ହେଇଗଲା । ଖାଇବେ କଣ ରହିବେ କେମିତି । କାଳିଆ ଗୋଟିଏ ଭିଡିଓ କରି ଓଡିଶା ସରକାରଙ୍କୁ ଜଣେଇଲା ଯେ ଆମେ ଶହେ ଶ୍ରମିକ ସୁରଟ ରେ ଫସି ରହିଛୁ । ସରକାର କିଛି ରିଲିଫ ଆକାରରେ ଚାଉଳ ପଠେଇଲେ ଓ ସେମାନଙ୍କୁ ଆଣିବାକୁ ଚେଷ୍ଟା ଚଳେଇଲେ । ଏବେ ସନ୍ତୋଷର ପୁଣି ଦୁଃଖ । ଯାହା ରନ୍ଧା ଯାଉଛି ବିନା ତରକାରୀରେ କଏ କେମିତି ପାଇ ଦେଉଛି । ଦିନ ଦିନ ଉପବାସ ରହିବାକୁ ପଡୁଛି । ହେଲେ ବାପା ମାଆଙ୍କୁ ଖୁସିରେ ଅଛୁ ଜଣାଉଥାଏ ସନ୍ତୋଷ । ହାତରେ ପଇସା ନାହିଁ ଯେ

କିଛି କିଣି ଆଣି ଖାଇବ । କଣ କରିବ? କେମିତି ବଞ୍ଚିବ ? ଏଇ ଚନ୍ତାରେ ରହିଥାଏ ସନ୍ତୋଷ ।

ଏବେ ସରକାରୀ ପଞ୍ଜିକରଣରେ ଦାଦନ ଶ୍ରମିକର ନାଁରେ ଫେରିବାର ଅପେକ୍ଷାରେ ସନ୍ତୋଷ। କାଳଆ ଭିଡିଓ କରି ଫେସ ବୁକ ଓ ହ୍ୱାଟ୍ସଆପରେ ଭାଇରଲ କରୁଥାଏ ଭିଡିଓ । ଅପେକ୍ଷାର ଅନ୍ତ ହେଲା । ବସ ମଧ୍ୟ ପହଁଚିଲା ସୁରଟରେ । ସନ୍ତୋଷ ସେଇ ବସରେ ଘରକୁ ଫେରିଲା । ଓଡିଶା ଆସିବା ପରେ ସଙ୍ଗରୋଧ କେନ୍ଦ୍ରରେ ରଖା ଯାଇଥିଲା ସନ୍ତୋଷକୁ। କରୋନା ମହାମାରୀର ପ୍ରକୋପ ସନ୍ତୋଷକୁ ଗ୍ରାସ କଲା ପରି, ସଙ୍ଗରୋଧ କେନ୍ଦ୍ରରୁ ସନ୍ତୋଷ ପୋଜିଟିଭ ବାହାରି କୋଭିଡ ଡାକ୍ତରଖାନାରେ ରହିବାକୁ ପଡିଲା । ଜଣେ ପ୍ରବାସୀର ଜୀବନୀ ଅତ୍ୟନ୍ତ ଦୁଃଖ ଦାୟକ ଓ କୋଭିଡ ଯୁଦ୍ଧା କହୁଥିବା ଲୋକମାନେ, ଅର୍ଥାତ ସରକାରୀ ଚାକରୀ ଧାରୀ ପୋଲିସ ଓ ଡାକ୍ତରଙ୍କର ସୁଖ ଜୀବନ ଜଣେ ଶ୍ରମିକର ନୁହେଁ । ଏଇ ଦାଦନ ଶ୍ରମିକର ମତ ଦାନରେ ନେତାଗିରି ବୋଲାଉଥିବା ସରକାର ନିଶ୍ଚୟ ଧ୍ୟାନ ଦେବା ଦରକାର ଯେ ସରକାର ସେମାନଙ୍କୁ ଓଡ଼ିଶାରେ କାମ ଦେଇ ନ ପରିବାରୁ ସେମାନେ ପ୍ରବାସୀ ଦାଦନ ଶ୍ରମିକର ଉପାଧି ପାଇଛନ୍ତି ।

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ
ବାଲେଶ୍ୱର(ଭଦ୍ରକ)

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଏତେ ଅନ୍ତର



ଖଗେଶ୍ୱର ବାଗ

ପ୍ରଭାତରେ ଉଠି ସ୍ନାନ ସାରି ନୀର
ଅରପଣ କେତେ କର
ଦିବସ ଅନ୍ତିମେ ଟୋପାଏ ବି ଜଳ
ଦେଇନ ସଚରାଚର।।
ମୁଦ୍ରିତ ନୟନ ସାଷ୍ଟାଙ୍ଗ ପ୍ରଣାମ
କେଉଁ ସ୍ୱାର୍ଥ ପୂରଣରେ
ଲୋକନନ୍ଦା ଛଡା ପରଶଂସା କେବେ
ଶୁଣିନ ତୁମ ମୁହଁରେ।।
କଥା ଭାଷା ସତେ କୋକଳ ନନ୍ଦିତ
ଲାଗେ ସୁଧା ସମ ବାଣୀ
କୂଟ କପଟତା ଭରି ରହିଅଛି
ସଂସ୍ପର୍ଶରେ ହୁଏ ଜାଣି।।
ହିତ ଉପଦେଶ ପରକୁ ପ୍ରଦାନ
ମଣିଷରେ ଗଣା ପାଇଁ
ଉଚ୍ଚକୁ ଉଠିଲେ ପାଦ ଧରି ଟାଣ
କେଉଁ ରୂପ ତୁମ ଏଇ।।
ଚତା ଚଇତନ ଲଗାଇଲେ ତନେ
ପଣ୍ଡିତ କ ବୋଲାଇବେ
ବଚନ କରମ ଏକ ବ୍ରହ୍ମଜ୍ଞାନ
ଥିଲେ ସେ ବିଦ୍ୱାନ ଭବେ।।

କରି ଦେଖାଇବା କରମେ ବଚନ
କହିବାରେ ଲାଭ କାହିଁ
ଆଦରଶ ହେଲେ ପ୍ରତି ହୃଦୟରେ
ଚର ଛାପ ଥିବ ରହି ।।
ଏତିକ ଅନ୍ତର ଆକାଶ ପାତାଳ
ମଧ୍ୟରେ କେବେ ନଥିବ
ଦୁର୍ଲ୍ଲଭ ମଣିଷ ଦେହ  ଧରି କାହିଁ
ହୀନମନ୍ୟତାର ଭାବ ।।
ସମ ଦୃଷ୍ଟିକୋଣ ଥିଲେ ସିନା ଚର
ଦୂର ହେବ ଶୂନ୍ୟ ସ୍ଥାନ
ପର ବି ଆପଣା ଚର ନମସ୍ୟ ସେ
ଧନ୍ୟ ହେବ ଏ ଜୀବନ ।।

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଦେଖ ମୋ ମନର ଛବି



ସିଦ୍ଧେଶ୍ୱର ତ୍ରିପାଠୀ

ଦେଖିଯାଅ ଦେଖିଯାଅ ସୁନୟନା
ବିରହ ବେଳର ଦିନ
ପ୍ରସ୍ତର ଏଇ ଛାତିତଳେ ମୋର
ଧାପେ କଳଙ୍କର ଚହ୍ନ ।

ଦେଇ ଯାଅ ଦେଇ ଯାଅ ଛବିଟିଏ
ବିଚର୍ ବୁଝିବ ମନ
ପ୍ରବଞ୍ଚନା ପରେ ବିଷାଦ ମୁହୂର୍ତ୍ତେ
ଧାରେ ଲୁହ  ଭାଗ୍ୟବାନ ।

ଦେବଭାଷାର ସେ କେତୋଟି ଛନ୍ଦକୁ
ବିହିତ ସାତ ସ୍ୱନ
ପ୍ରହରଟେ ଶୁଣି ଜୀଇଁବି  ଭାବିଛି
ଧାର୍ଯ୍ୟ ଧନ୍ୟ ମୋ ଜୀବନ ।

ଦେଖିନଅ ଦେଖିନଅ ପ୍ରାଣପ୍ରିୟା
ବିଘଟନ ଯେତେ ଜହ୍ନ
ପ୍ରସ୍ଥାନ ବେଳେବି ତୁମପାଇଁ ଥିବ
ଧାର ଧାର ଲୁହ ଚହ୍ନ ।

କବିର ଘର
କୁଣ୍ଡିଲେ କେରଙ୍ଗ ଖୋର୍ଦ୍ଧା

# ରାସ୍ତା କଡର ପିଲାଟି



ଲକ୍ଷ୍ମୀ ଆଚାର୍ଯ୍ୟ

କରୁଣ ଚାହାଁଣୀ ଚାହିଁଥିଲା
ଛୋଟ ଆଖି ତାର ଦେଖୁଥିଲା
ଚାହିଁଥିଲା ଆଖି ତରାଟି!
ରାସ୍ତା କଡର ପିଲାଟି ।

ଅବୁଝା ଅକୁହା ମନରେ
ପଚାରୁଥିଲା ସେ ଆଖିରେ
ସମସ୍ତେ ମୋ ପରି ନୁହନ୍ତି!
ରାସ୍ତା କଡର ପିଲାଟି ।
ବାବୁ, ମାଆ କହି ଡାକୁଥିଲା
ହାତ ପତେଇ ମାଗୁଥିଲା
ଖାଇବା ପାଇଁ ପେଟଟି
ରାସ୍ତା କଡର ପିଲାଟି ।

ବେଳେବେଳେ ସିଏ ହସୁଥିଲା
ବେଳେବେଳେ ପୁଣି କାନ୍ଦୁଥିଲା
ଅବୁଝା ତାର ମନଟି
ରାସ୍ତା କଡର ପିଲାଟି ।

ଶିଶୁ ମନ ଚାହେଁ ଖେଳବାକୁ
ଧରିବାକୁ ଯାଏ ଖେଳଣାକୁ
ମା, ନାହିଁ କରେ ଆକଟି
ରାସ୍ତା କଡର ପିଲାଟି ।

କାନ୍ଦଇ ବାଡେଇ ଗୋଡକୁ
ରାସ୍ତାରେ ପିଟଇ ମୁଣ୍ଡକୁ
ମା ମନେ ଉଠେ କୋହଟି
ରାସ୍ତା କଡର ପିଲ୍ଲଟି ।

ଦୋହଲି ଗଲା ମନ ମୋର
ଝରିଲା ଆଖିରୁ ଲୁହ ଧାର
ବିଧାତା କପରି ସହେଟି!
ରାସ୍ତା କଡର ପିଲ୍ଲଟି ।

କଳନା ପାଇଁ ଭବ ନାହିଁ
କେବେ ଚେତିବା ଶିଶୁ ପାଇଁ
ଶିଶୁ ଆମ ଭବିଷ୍ୟତଟି!
ରାସ୍ତା କଡର ପିଲ୍ଲଟି ।

ଶିକ୍ଷୟିତ୍ରୀ, ପୁରୀ ସଦର

**"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ**

# ମାର୍ଥନ୍...



ଡୁମର ନାଥ ପାତ୍ର

କ୍ରୀଂ କ୍ରୀଂ... କବାଟ ତ ଖୋଲା ଅଛି ସଞ୍ଜ ବେଳ ଟା, କଏ ହେଇଥିବ ଭାବି ଭାବି ଶାନ୍ତି ଦେବୀ ଦୁଆର ମୁହଁରେ ହାଜର ହୁଅନ୍ତେ "ମାଆ ଟିକେ ସୋରିଷ ତେଲ ଦବ ଏଇ ଶିଶି ରେ, ତମର ମଙ୍ଗଳ ହବ" କହି ଅଧା ଓଢ଼ୋଣୀ ଟେକ ଇଆଡ଼େ ସିଆଡେ ଚାହିଁ ବ୍ୟସ୍ତ ବିବ୍ରତ ହେଉଥାଏ ବୋହୂ ଟି...କା'ଘର ବୋହୂ କେଜାଣି।

ଏଇମିତି ବାରମ୍ବାର କ୍ରୀଙ୍ଗ୍ କ୍ରୀଙ୍ଗ୍ ... ଆଠ ଦଶ ସ୍ତ୍ରୀ ଲୋକ ସୋରିଷ ତେଲ ନେଇଗଲେଣି। ଶାନ୍ତି ଦେବୀଙ୍କ ମନରେ ପ୍ରଶ୍ନ କଣ ଏ ଚାଲିଛି, ମାଛ ମାଂସ ପାଇଁ ତେଲ ଦରକାର ହବ। ଏବେ ଯିଏ ଆସୁ ମନା କରିଦେବି କହି କବାଟ କଲିଦେଲେ। ସଞ୍ଜ ଗଡ଼ି ରାତି ବି ହେଲାଣି। କଛି ସମୟପରେ ପୁଣି କ୍ରୀଙ୍ଗ କ୍ରୀଙ୍ଗ୍... ଓହୋ ଶାଶୁ ବି ତାଗିଦ୍ କଲେଣି କଏ ଲୋ ଦେଏଖେ। ସେ କୋଉ ଜାଣିବେ ରୋଷେଇ ଘରୁ ତେଲ ଉଭାନ୍ ହେବାକୁ ଗଲାଣି। ଶେଷକୁ କବାଟ ଖୋଲି ଶାନ୍ତି ଦେବୀ କଣ ପଚାରନ୍ତେ ସ୍ତ୍ରୀ ଲୋକ ଟି ଓଗାଳ ପକେଇଲା... ମାଆ ସୋରିଷ ତେଲ ଟିକେ ଦିଅ ଏଇ ପଲିଥିନ୍ ରେ। ବୋତଲ କ ଶିଶି ନାହିଁ। ଯାକୁ ନେଇ ଆମ ଗଳ ମୁହଁ ରେ ରାସ୍ତାରେ ଢାଳ ଦେଲେ ଏ ନଆଁ ଲଗା ମହାମାରୀ ମୋ ଘର କଣ ଆମ ଗଳ ବି ମାଡିବନ...।ଏଇମିତି ସାତ ଘର ଯିବାକୁ ହବ। ଜଲଦି ଦିଅ ମା'... ।

ତେଲ ତ ଦେଇଦେଲେ ଶାନ୍ତି ଦେବୀ ନଜ ଡବା ଫାଙ୍କା କରି। ତତକ୍ଷଣାତ୍ ଲୁଗା ବଦଳେଇ ବାହାରି ଯିବାକୁ ବୋତଲ ଟେ ଅଣ୍ଡାଳଲେ। ଶାଶୁ ପଚାରିଲେ ଆଲୋ କୋଉଠିକୁ ଯିବୁ ଆଉ କ'ଣ ଅଣ୍ଡାଳୁଛୁ...। କହିଦିଅନ୍ତେ ଶାଶୁଙ୍କୁ ମାଆ ଏଇମିତି ଏଇମିତି କଥା। ମୁନା ଟା ପଡ଼ିଥିଲା ଦିହରେ ଆଉ ଯେମିତି ସେ ମହାମାରୀ ଆଉ କାହାକୁ ମାଡ଼ି ନବସୁ। ହେଲେ କଛି ନକହି ବାହାରି ପଡ଼ିଲେ ବଡ଼ ପଲିଥିନ ଟେ ନେଇ ସାତ ଘର ଅଣ୍ଡାଳବାକୁ ସୋରିଷ ତେଲ... ।

ବାଲେଶ୍ୱର

# ମାଁ ପାଇଁ ପଦେ



ତ୍ରିଲୋଚନ ସାହୁ

ମାଆଙ୍କର ପାଦ ମୋ ପାଇଁ ମନ୍ଦିର
ବଚନ ଅମୃତ ପରି
ତା ପଣତ କାନ କବଚ ମୋ ପାଇଁ
କିଏ ହେବ ତାର ସରି ।।
ଠାକୁରାଣୀ ସିଏ ମୁଁ ତାଙ୍କ ଭକତ
ମନ୍ଦିର ଯିବି କାହିଁ
ମୋ ମାଁ ଙ୍କ ଆଶିଷ ଥିଲେ ମୋ ଉପରେ
ଦୁଃଖ ନ ପାରିବ ଛୁଇଁ ।।
ମାଁ ଶବଦ ଏକ ଶବ୍ଦ ନୁହେଁ ଖାଲି
ମମତାର ଭାଷା କୋଷ
ସନ୍ତାନ ତାହାକୁ କଷ୍ଟ ଦେଲେ ସୁଦ୍ଧା
କେବେ ଦିଏ ନାହିଁ ଦୋଷ ।।
ତାର ବୃଦ୍ଧା କାଳେ ହୋଇ ତାର ପିତା
ସେବିବି ସନ୍ତାନ ପରି
ଏତିକ ଆଶିଷ କର ମହାପ୍ରଭୁ
ସଫଳ ହେବି ଯେପରି ।।
ନୟନୁ ଲୋତକ ଝରିଇ ଦେବିନି
ମନ ରେ କରିଛି ପଣ
ଏତିକ ଆଶିଷ କର ମତେ ସର୍ବେ
ଗୁରୁଜନ ସାଧୁଜନ ।।

ତମିଆଁ, ପାଟଣାଗଡ଼, ବଲାଙ୍ଗୀର

# କଥା ଥିଲା



ଲିପ୍ସା ଆଚାର୍ଯ୍ୟ

ସମୁଦ୍ର ଠାରୁ ବି ଅଧିକ ଗଭୀର..

ସମୟ ଗଳିଗଲା

ବସା ଭଙ୍ଗି ପ୍ରାଣବାୟୁ ଉଡିଗଲା

ନା ମୁଁ କହି ପାରିଲି

ନା ତୁମେ କଛି ଶୁଣି ପାରିଲ।

ଏବେ ଭାବୁଛି ଭଲହେଲା...

ନ ହେଲେ

ଦୂର ଦିଗନ୍ତ ସେ ପାରେ

ଅଶାନ୍ତ ଗ୍ରହରୁ ମୁକ୍ତ ହେଇ

ତୁମେ ଆଉ ମୁଁ

ଏ ମହାଯାତ୍ରା ପଥର ପଥିକ ହେଇ ନ ଥାନ୍ତେ।

ଏ ଯାତ୍ରା ସ୍ୱର୍ଗାରୋହଣର ନୁହେଁ

ନା ମୁଁ ଯୁଧିଷ୍ଠିର

ନା ତୁମେ ଦ୍ରୌପଦୀ..।

ସେଥିପାଇଁ ଚନ୍ତା ନାହିଁ

ପରସ୍ପରକୁ ପରିତ୍ୟାଗ କରି

ଏକା ଗ୍ଲିଯିବା ପଥ ଶେଷ ବିନ୍ଦୁରେ ପହଞ୍ଚିବା ପାଇଁ।

ସେଥିପାଇଁ କୁହେ ତୁମର ଆଉ ମୋର ଏ ସମ୍ପର୍କ

କଇଁଛ ଠେକୁଆ ପ୍ରତିଯୋଗିତା ନୁହେଁ।

କଥା ଥିଲା...

ମନର ମନକୁ

ସୂର୍ଯ୍ୟର କମଳକୁ

ଚନ୍ଦ୍ରର କଇଁକୁ..।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# ତୁମେ ଆଉ ମୁଁ...



ଅମୂଲ୍ୟ କୁମାର ପଣ୍ଡା

ତୁମେ ଗୋଲାପର ସଦ୍ୟ ପାଖୁଡାଟେ
ଉଦ୍ୟାନର ଶୋଭା ରାଜି
ମୁହିଁ ସେ ଉଦ୍ୟାନେ ସଜାଗ ପ୍ରହରୀ
କ୍ଳାନ୍ତ ମାଳଟିଏ ସାଜି।

ତୁମେ ଫୁଲଟିରେ ଲୁଚ ରହିଥିବା
ସୁନ୍ଦର ବୃନ୍ତର ଛିଟ
ମୁହିଁ ଅସ୍ତବ୍ୟସ୍ତ ଖୋଜି ବୁଲୁଥିବା
ମଧୁ ମକ୍ଷିକାର କୀଟ ।

ତୁମେ ମହମହ ବିତରିତ ପୁଷ୍ପ
ମଧୁ ମାଳତୀର ବାସ
ମୁହିଁ ଚନ୍ଦ୍ରାଲୋକ ଜ୍ୟୋସ୍ନାରେ ବିଭୋର
ପୂର୍ଣ୍ଣମୀ ରାତିର ରାସ।

ତୁମେ ଝରଝର ଝରି ପଡୁଥିବା
ଝରଣାର ଶୁଦ୍ଧ ଜଳ
ମୁହିଁ ଅଙ୍କୁରିତ ପଙ୍କର ମଧ୍ୟରେ
ଟୁବି ଗାଡିଆର ଦଳ।

ତୁମେ ହିମାଳୟେ ମୁଣ୍ଡ ଟେକଥିବା
ଏଭେରେଷ୍ଟ ଗିରି ଶୃଙ୍ଗ
ମୁହିଁ ଅର୍ଦ୍ଧଭଗ୍ନ ନହାଣ ମୁନର
ବାରବାଟି ମହା ଦୁର୍ଗ ।

ତୁମେ ମରୁଭୂମି ଆଶାର ଆଲୋକ
ଫୁଲ୍ ଫୁଲ୍ ଭର୍ ନଈ
ମୁହିଁ ସ୍ମୃତି ପଟ ଅଲିଭ୍ କାଗଜ
ଫର୍ଦ୍ଦ ଫର୍ଦ୍ଦ ଛିଣ୍ଡା ବହି ।

ତୁମେ ସରଗର ସୁନ୍ଦର ପରୀଟେ
ପ୍ରୀତି ମମତାର ମୋହ
ମୁହିଁ ଗ୍ରହିଚର ତୁମରି ପ୍ରେମିକ
ଛାତି ଭର୍ ହୃଦ କୋହ ।

ଅରଙ୍ଗାବାଦ, ବରୀ, ଯାଜପୁର

# ପ୍ରେମ ର ପରିଭ୍ରଷା



କେଶରୀ ପ୍ରସାଦ ମହାନ୍ତି

ପ୍ରେମ ହେଉଛି ମନ ତଳେ ସୃଷ୍ଟି ହୋଇଥିବା ଏକ ଜୀବନ୍ତ ପ୍ରତିଛବି, କଏ କହେ ପ୍ରେମ, ମନ ତଳେ ବସା ବାନ୍ଧିଥିବା ଅସୁମାରୀ ପ୍ରଶ୍ନ ର ଉତ୍ତର ତ ଆଉ କଏ କହେ ଏହି ପ୍ରେମ ଜୀବନ ରୂପକ ର୍ସାୟନକ ସମୀକରଣ ର ସମାଧାନ, ଫୁଣି କଏ କହେ ପ୍ରେମ ଜୀବନ ରେ ଅଣେ ଅନେକ ପରିବର୍ତ୍ତନ...

ସେ ଯାହା ବି ହେଉ ଆଜି ର ସମାଜ ଚକ୍ଷୁ ରେ ପ୍ରେମ ର ପରିଭ୍ରଷା ସମ୍ପୂର୍ଣ ଭିର୍ଣ୍ଣ...

ବିଗତ କଛି ଦଶନ୍ଧି ପୂର୍ବରୁ ପ୍ରେମ ପାଇଁ ସ୍ୱଚ୍ଛ ହୃଦୟ ର ଆବଶ୍ୟକତା ଥିବା ବେଳେ ଏବେ କନ୍ତୁ ପରିସ୍ଥିତି ଭିର୍ଣ୍ଣ ..

ସମୟ ସହ ତାଳ ଦେଇ ସମାଜ ର ଢାଞ୍ଚା ବଦଳବା ସହ ବଦଳଛି ପ୍ରେମ ର ପରିଭ୍ରଷା | ପ୍ରେମ କେତେବେଳେ ପ୍ରେରଣା ପାଲଟି ଯାଏ ତ କେତେବେଳେ ପ୍ରତାରଣା | ପ୍ରେମ କେବଳ କଣ ଭଲପାଇବା ଭିତରେ ସୀମିତ ? ଭକ୍ତ ଭ୍ରଗବାନ ଙ୍କୁ ପ୍ରେମ କରେ, ମା ତା ସନ୍ତାନ ଙ୍କୁ ପ୍ରେମ କରେ, ନଦୀ ସାଗର କୁ ପ୍ରେମ କରେ, ସୂର୍ଯ୍ୟ ଙ୍କ ଉଦୟ କୁ ପଦ୍ମ କାଢି ଗ୍ରହିଁ ରହିଥାଏ ଇଏ ସବୁ ମୂଳ ରେ ତ ଲୁଚ ରହିଛି ପରସ୍ପର ର ପରସ୍ପର ପ୍ରତି ସ୍ନେହ, ମମତା, ଆବେଗତା ଓ ଆକର୍ଷଣତା | "ଏହି ଭଲ ପାଇବା ହେଉଛି ପ୍ରେମ ରୂପକ ବୃତ୍ତ ର କେନ୍ଦ୍ର, ଆବେଗତା ହେଉଛି ବ୍ୟସାର୍ଧ , ସ୍ନେହ ହେଉଛି ବୃତ୍ତ ର ଜ୍ୟା, ମମତା ହେଉଛି ବୃତ୍ତ ର ବ୍ୟାସ ଆଉ ଆକର୍ଷଣତା ହେଉଛି ପରିଧି |"

ସମାଜ ଆଗରେ ତୁମ ଭିତରେ ଥିବା ପ୍ରେମ ର ସଂଜ୍ଞା ହିଁ ହେଉଛି ବୃତ୍ତ ର ବହିସ୍ଥ ବିନ୍ଦୁ, ବନ୍ଧୁ ବାନ୍ଧବ ପରିବାର ବର୍ଗ ଙ୍କର ନମନ୍ତେ ଏହା ବୃତ୍ତ ଉପରିସ୍ଥ ଓ ସର୍ବ ପରି ତୁମ ପାଇଁ ବୃତ୍ତ ର ଅନ୍ତସ୍ଥ ଅଟେ |

ପ୍ରେମ ସବୁବେଳେ ସ୍ୱଚ୍ଛ ଓ ନିର୍ମଳ, କିନ୍ତୁ ତାକୁ କଦାକାର କରିଦିଏ କୁତ୍ସିତ ଭାବନା ।

ଆଜି ର ସମାଜ ରେ ପ୍ରେମ ଯୁଦ୍ଧ ରେ ବଳି ପଡେ ହୃଦୟ, କାରଣ ଦୁଇଜଣ ଙ୍କର ମଧ୍ୟ ରେ "ତୃତୀୟ ପୁରୁଷ ର ରାଜନୀତି" ହିଁ ପ୍ରେମ କୁ ବିଗାଡି ଦିଏ । ଅନେକ କୁହନ୍ତି ପ୍ରେମ ଭାଙ୍ଗି ଯାଏ, ହେଲେ ପ୍ରେମ ତ କୌଣସି ପଦାର୍ଥ ନୁହେଁ ଯେ ତାହା ଭାଙ୍ଗିଯିବ କି ଛିଡି ଯିବ? କିଛି ସମୟ ରେ କିଛି ପ୍ରେମ କରୁଥିବା ମଣିଷ ହାରିଯାନ୍ତି କାରଣ ସେମାନେ ଜାଣି ନଥାନ୍ତି ଯେ ପ୍ରେମ ତ୍ୟାଗ ରେ ଥାଏ, ଭୋଗ ରେ ନଥାଏ ।

ତେଣୁ ପ୍ରେମ କର ହେଲେ ପ୍ରେମ କୁ ସମ୍ପର୍କ ର ସଂଜ୍ଞା ଦେବାକୁ ଅଯଥା ସ୍ୱପ୍ନ ନ ଦେଖିବା ଶ୍ରେୟସ୍କର... କିଏ ଜାଣେ ତାହା ସ୍ୱପ୍ନ? କି ଦୁଃ ସ୍ୱପ୍ନ? କି ଦିବା ସ୍ୱପ୍ନ ?.....

*ଉପରୋକ୍ତ ଲେଖା ଟି ସମ୍ପୂର୍ଣ ବ୍ୟକ୍ତିଗତ ମତାମତ*
*କାହାର ବ୍ୟକ୍ତି ଗତ ଭାବନା କୁ ଦୁଃଖ ହେଲେ କ୍ଷମା କରିବେ*

ଛାତ୍ର, ଉଦ୍ଭିଦ ବିଜ୍ଞାନ ଛାତ୍ର,
ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ଚପଳା ଗୋ !!



ହରେକୃଷ୍ଣ ପଣ୍ଡା

କାହିଁକି ଚପଳା କବା ମାନସରେ
ମେଘ ଝରକାରୁ ଗୁହିଁଦେଲ ?
ନୀରବ ପଥିକ ଶୀତଳ ପ୍ରାଣରେ
ଉଷ୍ଣତା କଆଁ ଭରିଦେଲ ?
କୌଟିଏ ସପନ ଆଣିଲ ନୟନେ
ଛନ୍ଦ ତୋଳ କଆଁ ଉଭା ହେଲ ?
ଲକ୍ଷେ ଫଗୁଣର ଝଲକ ଦେଖାଇ
ମେଘକୋଳେ କାହିଁ ଲୁଚଗଲ ।
ଦିଗହରା ସେଇ ପଥିକ ଗଣୁଛି
ଦିନ ପରେ ପୁଣି କେତେ ଦିନ,
ସିଏତ ଜାଣେନା କେବେବା ତୁମର
ତୁଟିବ ମନର ଅଭିମାନ ।
ଛୁଇଁଦେଇ ଥରେ ମନକୁ ଯାହାର
ଦେଲ ଏତେବଡ଼ ପ୍ରତାରଣା,
ଆପଣା ଭିତରେ ଆପେ ସେ ଜଳୁଛି
ଆଦରିଛି ସବୁ ବିଡ଼ମ୍ବନା ।
ଚପଳା ଗୋ ! ଅଟ ଚଞ୍ଚଳା ତୁମେ
ଜାଣି ବି ପଥିକ ବାଟବଣା,
ତଥାପି ପଥିକ ନିଜ ଅଜାଣତେ
ଭୋଗୁଥାଇ ଯେତେକ ଯାତନା ।

କୁଆଁସ, ମେର୍ଦା କାଟିଆ ଛକ, ଯାଜପୁର
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ

# ହେ ମାଁ ଦୁର୍ଗେ



ବେବୀ ନାଏକ

ଘଣ୍ଟ ଓ ଘଣ୍ଟା...
କେତେ ଯେ ସ୍ମୃତିମଧୁ
ଶବ୍ଦର ସମାହାର,
ଚତୁର୍ଦ୍ଦିଗ ପୁଣି
ଦୋହଲି ଉଠେ
ପ୍ରଣତି ଆର୍ତ୍ତନାଦର ଝଂକାର ।
କାଶତଣ୍ଡି ଆଣେ ଆଶିଣ ଆଭାସ,
ତହିଁ ଆଖି ପରଦାରେ
ଝଲସି ଉଠେ
ମହିଷାମର୍ଦ୍ଦିନୀର ବେଶ ।
ଅଧର୍ମର ଚେର ଉପୁଡ଼ି
ଧର୍ମର ବୀଜ ବପନ ହବ,
ସବୁରି ଦୁଃଖ ସାଉଁଟି
ସୁଖର ସଂଭାର ଆଣିବ ।
ମାଆ ଆସି ବିଜେ ହେବେ,
ଅଧର୍ମର ଚୁଟି ଧରି
ସଂହାର କରିବେ ।
କେତେ ଯେ ଆଶା ଓ ଅଭିଳାଷ
ସବୁରି ତୁଠରେ
ଖାଲି ଜକେଇ ହଉଛି ।
କ'ଣ ଏହା ସତ ହବ !

ସତ ହେବ ପ୍ରତି ହୃଦ କନ୍ଦରର
ଉଦ୍ ବେଳତ ଆକାଂକ୍ଷା ।
ସତ ହବ କ ଏକ ନବଚେତନା ?
ପ୍ରତି ଲୋଲୁପ ଦୃଷ୍ଟିର
ଡିଆଁ ମର୍ ଆଖି ଶୋଇ ପାରିବ ?
କାଇଁ କେବେ ତ ହେଇନ
କ ଆଜି ସତ ହବ,
ଏଠି ସଭିଏଁ ତ
କମ୍ବଳରେ ଲୁଚ ଲୁଚ
ଦଦର୍ ଜୀବନକୁ
ସିଲେଇ ମାରିବାରେ ବ୍ୟସ୍ତ ।
ଗଜବ୍ ଏ ଦୁନଆଁ ରୀତି
ତୁହାକୁ ତୁହା ହସ ମାଡ଼େ,
ଖାଲି ଅଙ୍ଗୁଳ ସାମ୍ନା ଦି ଗୋଡିଆକୁ ନୁହଁ
ଭାରି ହସ ତ ଆସେ...
ସେ "ମୁଁ" ତ୍ୱ କୁ,
ଦି ମୁହାଁଧାରୀ  ଲୋକର
ହୀନମନ୍ୟତାକୁ ।
ଗୋଟେ ପଟେ ପୂଜ୍ୟପୂଜା
ଦିଅଁ ବୋଲି ମାଁ ଙ୍କୁ ପୂଜୁଛି,
ତହିଁ କୁଆଡେ ନାସିକା କୁଞ୍ଚନରେ
ଚପେ କନ୍ୟାର ତଣ୍ଟି ।
କେଉଁଠି ସୁନା ଜରିଲଗା
ଚକମକଆ ଦାମୀ ଶାଢ଼ୀ ପିନ୍ଧାଏ,
ତ କେଉଁଠି ପତଲ୍ କନାକୁ ଚରି
ନରୀହତାରେ ଲାଳସା ମେଣ୍ଟାଏ ।
କେବେ ତ ମାଆ ବୋଲି

ଆତୁରେ ଅଧିଆ ପଡି ଯାଉଛି,
ତ କେବେ ବୁଢ଼ୀ ମାଆକୁ
ଖୁଦ ମୁଠେକୁ ଗୋଇଠା ମାରୁଛି ।
ଛିଃ ଛିଃ....
ଏ କ ଦୁର୍ବିସହ ଦୃଶ୍ୟ !
ହେ ମାଁ- ଟିକେ ଶୁଣ
ଘେନ ଏ ବିନତି....
କାନ ଦେ
ତତଲ୍ ଲୁହଝର୍
ଲୁଚୁଥିବା କୋହ ନାରୀର,
ଯଦି ନ ହବ ସେ ଦହନ
ଖୋଲି ଦେ ତୋ ଦି' ଆଖି...
ବିରାଜ କର ସିଂହ ଦେହେ
ଉଠ ପୁଣି ତ୍ରିଶୂଳ ଧର,
ସଂହାର କରି ଦେ
ଏ ଯୁଗର ମହିଷାସୁର ର ।
ଶିଖେଇ ଦେ ସଭିଙ୍କୁ
ଏ ଲଜ୍ଜା ଖାଲି ତ ନୁହେଁ ନାରୀର,
ନରକୁ ଟିକେ ଶିଖେଇଦେ...
ରଖିବାକୁ ମାନ
ଜନନୀ, ଜାୟା ଓ ଭଗିନୀର ।

ଅମ୍ବାଭେନା, ବରଗଡ଼

# ବାପା



କରଣ ମନୀଷା ମହାନ୍ତି

ଏବେ ଏବେ ତ ଦେଖିଲି
ଗୋଟେ ମୃତ୍ୟୁକୁ ବାପା
କେଇ ହଳ ଆପଣାର ଆଖି
ତିନ୍ତି ଯାଉଥିଲ୍ ଲୁହରେ

ଦରବରେ ଶୋଇଥିବା
ମଲ୍ ଦେହକୁ ଦେଖି
ଜକେଇ ଆସିଲ୍ ଆଖି

ସେ ଚକ୍ରାରରେ
ସବୁ ଠିକ ବହୁତ ପୂର୍ବ ପରି
ଅଫେରନ୍ତା ସ୍ମୃତିର ଇଲ୍‌କାରେ
ଯେଉଁଦିନ ତୁମେ ବାଛି ନେଲ
ସେ ପଥ,

ଆସ ଦେଖି ଯିବ ଥରେ ବାପା
ତୁମେ ଯିବା ପରେ
ଲିଭିଛି ସିନ୍ଦୂର
ହଜିଯାଇଛି ମୋ ମାଆ ଓଠର ହସ
ହାତର ପାଣି କାଚ
ଭାଙ୍ଗି ଟୁକୁରା ଟୁକୁରା,

ସିନ୍ଦୁର ନ ଥିବା ମଥାର
ପରିଚୟ କ'ଣ ଏଠି ବାପା
ତୁମେ ଆଜି ଖୁବ ମନେ ପଡୁଛ,
ସେ ପ୍ରତିଶ୍ରୁତି ଗୁଡାକ
କେବେ କେବେ ଖୁବ
ଛିଗୁଲେଇ ହୁଅନ୍ତି,

ସେ ଶବ୍ଦ ସବୁ ପଣ୍ଟରେ
ନିରବ ଭାଷାରେ
ଆଉ କ'ଣ ସଜେଇବୁନି ଶବ୍ଦ
ବାପାଙ୍କୁ ନେଇ।

ରେଣୁ, ଡେଲାଙ୍ଗ
ପୁରୀ

# ଦୃଶ୍ୟ ଆର ପାରି ର



ପ୍ରକାଶ ସାହୁ

ସବୁ ପ୍ରକାର ପୂର୍ବ ପ୍ରସ୍ତୁତି ପରେ ଯୁଦ୍ଧ ଜାହାଜ ର ସମୟ ଆସି ସାରିଥାଏ ମୁମ୍ବାଇ ସହର ସହିତ ସବୁ ସମ୍ପର୍କ ଛିନ୍ନ କରି ଭିନ୍ନ ଏକ ଦୁନିଆ କୁ ଯିବାକୁ। ଯେଉଁଠି ଥାଏ କେବଳ ଆକାଶ, ପାଣି ଆଉ ସେମାନେ ଖବର ଆଦାନପ୍ରଦାନ କରନ୍ତି ପବନ ମାଧ୍ୟମ ରେ। ନବ ବିବାହିତ ବଧୂ ର ଗୃହ ପ୍ରବେଶ ପରି ବିଶାଳ ସମୁଦ୍ର ଜାହାଜକୁ ସ୍ୱାଗତ କରେ। ମହାସାଗର ର ନୀଳ ଲହଡି କୁ ଚିରି ଆଗକୁ ଆଗକୁ ବଢି ଚାଲେ ଜାହାଜ । କିଛି ଦୂର ବାଟର ସାଥି ହୁଅନ୍ତି କିଛି ପକ୍ଷୀ ସେମାନେ ଉଡୁଥାନ୍ତି ଜାହାଜ ର ଗତି ସହିତ ସମାନ୍ତରାଳ ହୋଇ।

ପ୍ରତିଦିନ ଆଖି ସାମ୍ନା ରେ ପ୍ରତିଫଳିତ ମୁମ୍ବାଇ ସହର। ଧୀରେ ଧୀରେ ଦୁରେଇ ଯାଏ। ସହରଟି କ୍ରମଶଃ ଝାପ୍ସା ହେବାକୁ ଲାଗେ। ଉଚ୍ଚ ଅଟ୍ଟାଳିକା, ତାଜ ହୋଟେଲ, ଭାରତୀୟ ରିଜର୍ଭ ବ୍ୟାଙ୍କ ର ମୁଖ୍ୟାଳୟ ସବୁ ଡ୍ରଇଂଙ୍ଗ ପେପର ର ସ୍କେଚ ଭଳି ଦେଖା ଯାଆନ୍ତି। ବାସ ତା ପରେ ଖାଲି ଆକାଶ, ପାଣି ଆଉ ପବନ । ମୁମ୍ବାଇ ସହର କେଉଁଆଡ଼େ ହଜିଯାଏ ଆଖି ସାମ୍ନା ରୁ ସେହି ଡ୍ରଇଂଙ୍ଗ ଖାତାର କେଉଁ ଗୋଟେ ପୃଷ୍ଠା ରେ।

ନେଟୱର୍କ ଛିନ୍ନ ହେବା ପୂର୍ବରୁ ନିଜଲୋକଙ୍କ ସହିତ ଶେଷ ଦୁଇ ପଦ ଫୋନରେ କଥା ହୋଇ ଫେରିଆସିବାର ପ୍ରତିଶୃତି ଦେବା ପରେ ସମସ୍ତେ ବିଦାୟ ନିଅନ୍ତି କିଛି ଦିନ, ସପ୍ତାହ ଅବା ମାସ ପାଇଁ ଦେଶର ଜଳ ସୀମା ଏବଂ ଭାରତୀୟ ମର୍ଚ୍ଚାଣ୍ଟ ଶିପ କୁ ସୁରକ୍ଷା ଦେବା ଲାଗି। ଏହି ଦିନ ମାନଙ୍କରେ ଭୁଲିବାକୁ ହୁଏ ଆପଣାର ଲୋକ ମାନଙ୍କୁ । ଜାହାଜ କୁ ସ୍ୱାଗତ କରେ ଆର ପାରି ଦୁନିଆର ଭିନ୍ନ ଏକ ଅସ୍ଥାୟୀ ପରିବାର। ମାଟି ବଦଳରେ ପାଣି, ସହର ବଦଳରେ ସାଗର ଆଉ ସେହି ଅଜାତ, ଅମାପ ବିଶାଳ ସମୁଦ୍ରରେ ଖେଳ ବୁଲୁଥିବା

ଜଳୀୟ ଜୀବ ହୁଅନ୍ତି ନୂଆ ବନ୍ଧୁ। ଆରମ୍ଭ ହୁଏ ଆର ପାରି ଦୁନିଆର ସୁମଧୁର ଆଉ ମନଲୋଭା ଦୃଶ୍ୟ।

ଦିନ ର ଆରମ୍ଭ ହୁଏ ସୂର୍ଯ୍ୟ ଙ୍କ ସୁନେଲି କିରଣ ରେ। ସକାଳୁ ସାମୁଦ୍ରିକ ମୃଦୁ୍ୟ ପବନ ବହୁଥାଏ। ଚତୁର୍ଦିଗ ର ଲବଣ ଯୁକ୍ତ ପାଣି ରେ ସୁନାର ପତଳା ସ୍ତର ପଡିଥାଏ। ବେଳେ ବେଳେ ସମୁଦ୍ର ର ଲହଡି ସେହି ସ୍ତରକୁ ଦୋହଲାଇ ଦେଉଥାଏ। ଜାହାଜର ଆଖ ପାଖରେ ଡ଼ଲଫିନ, ଫ୍ଲାଇଙ୍ଗ ଫିଶ, ଜଲି ଫିଶ ମାନଙ୍କର କ୍ରୀଡା ମନର ଉଦାସପଣକୁ ଦୂର କରେ। କିଛି ମାଇଲ ଦୂରରେ ଥିବା ଦେଶୀ ଏବଂ ବିଦେଶୀ ଜାହାଜ, କ୍ରୁଜ ଜାହାଜ ମାନେ କାର୍ତିକ ମାସ ରେ ନଦୀର ସ୍ଥିର ଜଳ ରେ ଭାସୁଥିବା କାଗଜ ତିଆରି ଡ଼ଙ୍ଗି ପରି ମନେ ହୁଏ।

ସମୂଦ୍ର ର ଅନେକ ଛୋଟ ବଡ଼ ଦ୍ୱୀପ କୁ ଅତିକ୍ରମ କଲାବେଳେ ପିଲା ଦିନ ର ଜୋଗ୍ରାଫି ବହି କଥା ମନେ ପଡେ। ଯେମିତି ଭିନ୍ନ ଭିନ୍ନ ପ୍ଲେଟ ମାନଙ୍କୁ ନେଇ ଦ୍ୱୀପ, ଛୋଟ ଛୋଟ ଦ୍ୱୀପ ମାନଙ୍କୁ ନେଇ ମହାଦ୍ୱୀପ ଆଉ ଏହି ମହାଦ୍ୱୀପ କୁ ନେଇ ଆମ ପୃଥିବୀର ର ନିର୍ମାଣ। କିନ୍ତୁ ଜାହାଜରୁ ଦେଖାଯାଉଥିବା ସେହି ଛୋଟ ବଡ଼ ଦ୍ୱୀପ ଗୁଡିକ ଆମେ ରହୁଥିବା ଦ୍ୱୀପ ଅପେକ୍ଷା ବହୁତ ଗୁଣ ରେ ଛୋଟ। ଦୃଶ୍ୟମାନ ସେହି କ୍ଷୁଦ୍ର ଦ୍ୱୀପ ରୁ ଆଖି ନେଉଟାଇ ନେବା ପାଇଁ ଇଚ୍ଛା ହୁଏ ନାହିଁ। ନା ଥାଏ ପ୍ରଦୂଷିତ ଜଳ ବାୟୁ ନା ଥାଏ ଶବ୍ଦ ପ୍ରଦୂଷଣ। ହତ୍ୟା, ଲୁଣ୍ଠନ, ଭ୍ରଷ୍ଟାଚାର ଆଉ ପ୍ରତାରଣା ମୁକ୍ତ ଏବଂ ସୁନ୍ଦର ସବୁଜିମା ଭରା ଶାନ୍ତ ଆଉ ନିର୍ମଳ ପରିବେଶରେ ଭ୍ରମଣ କରି ନୂତନ ପ୍ରଜାତି ର ବୃକ୍ଷ, ସରୀସୃପ ଏବଂ ଜୀବଜନ୍ତୁ ମାନଙ୍କୁ ଆବିଷ୍କାର କରିବାର ଦିବାସ୍ୱପ୍ନ ରେ ମନ ବିଭୋର ହୋଇଉଠେ। ଜାହାଜ ର ଲମ୍ବା ହର୍ଣ୍ଣ ମନକୁ ପୂର୍ବ ଅବସ୍ଥାକୁ ଫେରାଇ ଆଣେ।

ସନ୍ଧ୍ୟା ସମୟର ଦୃଶ୍ୟ ବର୍ଣ୍ଣନା କରିବା କଷ୍ଟକର କେବଳ ଅନୁଭବ କରିହୁଏ। ସୂର୍ଯ୍ୟାସ୍ତ ସହିତ ରଜନୀର ଆଗମନ ହୁଏ। ନୀଳ ପରି ଦେଖା ଯାଉଥିବା ମହାସାଗର ଟି ଅଙ୍ଗାର ପରି କଳା ପାଲଟିଯାଏ। ବେଳେବେଳେ ଜହ୍ନ ଆଲୁଅ ରେ ଛୋଟ ଛୋଟ ଲହଡି ଗୁଡିକ ଝଲକୀ ଉଠନ୍ତି।ଏବେ ଆଉ କୌଣସି ଜଳୀୟ ଜୀବର କ୍ରୀଡା ଦେଖିବାକୁ ମିଳେନ ସମସ୍ତେ ଶୋଇପଡ଼ନ୍ତି ଗଭୀର ସମୁଦ୍ର ଜଳ ରେ ଦିନ ତମାମ କ୍ରୀଡ଼ାରତ ହୋଇ ଥକିଯାଇଥାନ୍ତି।

ରାତି ଆରମ୍ଭ ରେ ମହାସାଗର ର ମଧ୍ୟଭାଗ ରେ ଭାସୁଥିବା ଜାହାଜର ଉପର ଭାଗରେ ବସି ଚତୁର୍ଦିଗକୁ ଦେଖିଲ୍ ପରେ ସାମାନ୍ୟ ଭୟ ଲାଗିବା ସ୍ୱାଭାବିକ। ଆକାଶକୁ ଚାହିଁଲେ ମିଞ୍ଜି ମିଞ୍ଜି ହେଉଥିବା ତାରା ଆଉ ଜହ୍ନ ସେମାନଙ୍କ କ୍ଷୀଣ ଆଲୁଅରେ କହିଛି କୁହନ୍ତି ଏହି ଯେମିତି, ଆମେ ଅଛୁ ସବୁଠି ଆଉ ରହୁଥିବୁ ସବୁଠି ତୁମ ସାଥିରେ ତୁମେମାନେ ଧରିତ୍ରୀ ର କୋଳ ରେ ହିଁ ଅଛ ନିଜକୁ କେବେ ଏକା ମନେ କର ନାହିଁ। ମନେ ହୁଏ କବି ଅବା ଭାବୁକ ଟେ ହୋଇ ଏହି ଜହ୍ନ ଆଉ ତାର ମାନଙ୍କୁ ନେଇ ନୂଆ କବିତା ଲେଖିବା କୁ।

ଶାନ୍ତ ସମୁଦ୍ର ବି ବେଳେବେଳେ ଅଶାନ୍ତ ହୋଇ ଉଗ୍ର ରୁପ ଧାରଣ କରେ । କେବେ ପ୍ରଚଣ୍ଡ ଉତ୍ତାପ ତ ପୁଣି କେବେ ହାଡ଼ଭଙ୍ଗା ଶୀତ। ଶୀତ ଦିନେ କୁହୁଡି ଏବଂ ବର୍ଷା ଦିନେ ବର୍ଷା ର ପ୍ରଭାବ ରେ ଭିଜିବିଲିଟୀ କମ ରହେ। ଯେଉଁଥି ପାଇଁ ଜାହାଜକୁ ଆଗକୁ ଅତିକ୍ରମ କରିବାରେ ସାମାନ୍ୟ ଅସୁବିଧା ର ସମ୍ମୁଖୀନ ହେବାକୁ ପଡେ। ବର୍ଷା ଦିନେ ସାମୁଦ୍ରିକ ଝଡ଼ ର ଭୟ ରହେ। ଏହି ସମୟରେ ସମୁଦ୍ର ଅଶାନ୍ତ ରହେ ଯାହା ଜାହାଜ ରେ କାର୍ଯ୍ୟରତ ନାବିକ ମାନଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ମାତ୍ର ଏହି ଦୁର୍ଦ୍ଦିନ ବେଶୀ ଦିନ ପାଇଁ ରହେ ନାହିଁ।

ରାତି ପରେ ଦିନ ଆଉ ଦୁଃଖ ପରେ ସୁଖ ଆସିବା ପରି ସମୁଦ୍ର ରେ କିଛି ଦିନର ଡିପ୍ଲୟମେଣ୍ଟ ସଫଳତା ସହିତ ଶେଷ ହେବା ପରେ । ପ୍ରତ୍ୟାବର୍ତ୍ତନ ହୁଏ ମୁମ୍ବାଇ ସହର କୁ। ଆରପାରି ଦୁନିଆ ରୁ ନିଜ ଦେଶ ର ମାଟି ମା କୋଳ କୁ ଫେରି, ନିଜ ଲୋକଙ୍କ ସହିତ ଫୋନ ରେ କଥା ହୋଇ ସୁରକ୍ଷିତ ଯାତ୍ରା ର ସମ୍ବାଦ ଦେବା ପରେ ବିଗତ ଦିନର ଦୁଃଖ ଦୁରେଇ ମନ ହାଲକା ହୋଇଯାଏ। ଜାହାଜ ଟି ପୋତାଶ୍ରୟ ଲାଗିବା ପରେ ପୁଣି ଥରେ ମୁମ୍ବାଇ ସହର ର କେଉଁ ସିନେମା ହଲ, ପାର୍କ, ହୋଟେଲ ଆଉ ମରାଇନ ଡ୍ରାଇଭ ଯିବା ର ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଯାଏ।

ନଭୀ ମୁମ୍ବାଇ, ମହାରାଷ୍ଟ୍ର

# ମୁଖା

ସନାତନ ଦାସ

ଭଦ୍ର ମୁଖା ତଳେ ଅଭଦ୍ର ମଣିଷ
ସମାଜରେ ମାଳ ମାଳ,
କାହାକୁ କହିବା କଏ ବା ବୁଝିବ
ଏତେ ଘୋର କଳ କାଳ..!!

ନାରୀ ସୁରକ୍ଷା ପାଇଁ ଦେଉଥାଏ
ନିତି ଯିଏ ସମ୍ଭାଷଣ,
ନିଜ କନ୍ୟା ଭ୍ରୁଣ ହତ୍ୟା କରି ସେ
ନାରୀ କୁ କରେ ଶୋଷଣ..!!

ସତ୍ୟ ନ୍ୟାୟ ପାଇଁ ଭାଷଣ ମାରେ
ମୁହଁରେ ହସ ଫୁଟାଇ,
ଅନ୍ୟାୟ ର କଳା କାରବାର ତଳେ
ନିଜକୁ ଦିଏ ମଜାଇ..!!

ମିଠା କଥା କହି ମନ କିଣି ନେଇ
ପଛରେ ଚଟା କାଟିବେ,
ପେଟରେ ବିଷ ମୁହଁ ରେ ଅମୃତ
ତୁମକୁ ଗ୍ରାସି ଯିବେ..!!

ଏମିତି ଭଦ୍ର ଲୋକଙ୍କ ଠାରୁ ତୁମେ
ସର୍ବଦା ଦୂରେଇ ଥିବ,
ସରଳ ହୋଇଲେ ଏଇ ଦୁନିଆରେ
କେବେ ବଞ୍ଚି ନ ପାରିବ..!!

ସଅଁରା, ଜଗତସିଂହପୁର

# ପୋଲିସ ଅଫିସର



ସଙ୍ଗୀତା ମହାନ୍ତି

ନାମ ତାଙ୍କର ଦେବଦତ୍ତ କର
ଦେଖିବାକୁ ପୁରା ଯୋଦ୍ଧା ଆକବର
ହେଲେ ସେ ଜଣେ ପୋଲିସ ଅଫିସର
କେଉଁ କଥାରେ ନଥାଏ ତାଙ୍କର ଡର
ମନଟି ତାଙ୍କର ଭାରି ପରିଷ୍କାର
ଭାବନ୍ତି ସେ ସଭିଙ୍କୁ ନିଜର
ନାହିଁ ମନେ ତାଙ୍କର ଛନ୍ଦ କପଟ
ସେ ଅଟନ୍ତି ଭାରି ନିଷ୍କପଟ
ରୂପଟି ତାଙ୍କର ନଡିଆ ପରି
ମୁହଁରେ ରାଗ କିନ୍ତୁ ମନଟି ନରମ ଭାରି
କେବେ ଲୋଭ କରନ୍ତି ନାହିଁ ଟଙ୍କା ପଇସାକୁ
ସବୁବେଳେ ବୁଝନ୍ତି ସେ ମଣିଷ ମନକୁ
ପତ୍ନୀ ତାଙ୍କର ବିଜୟା କର
ଦେଖିବାକୁ ପୁରା ଫୁଲର ପର
ପୁତ୍ର ଦୁଇଟି ଜଗା ବଳିଆ
ହେଲେ ସେ ତାଙ୍କର କୁଳ ନନ୍ଦନ ।

ତୁଳସୀପୁର, ମଠସାହି

# ତୋ ପ୍ରେମରେ....

ଶୁଭଲକ୍ଷ୍ମୀ ସାହୁ

ତୋ ପ୍ରେମରେ ପଡିଗଲି ମୁଁ କାଳଆ
ପ୍ରେମରେ ପଡିଗଲି
ଉଧାରେ ଉଧାରେ ଉଧାରେ ମତେ
ନହେଲେ ବୁଡିଯିବି ।
କ ମାୟା ଜାଣୁ ସତ ତୁ କହ
ମନ୍ତ୍ର ମୁଗ୍ଧ ମତେ କଲୁ
ଠାଣୀ ବାଣୀ ଦେଖି ତୋର
ସବୁ ଭୂଲିଗଲି ।
ତୋ ପ୍ରେମରେ ପଡିଗଲି ମୁଁ କାଳଆ
ପ୍ରେମରେ ପଡିଗଲି
ଉଧାରେ ଉଧାରେ ଉଧାରେ ମତେ
ନହେଲେ ବୁଡିଯିବି ।୧ ।

ନୀତି ଦର୍ଶନ ତୋର ଖୋଜୁଛି
ତୋ ପାଇଁ ମନ ଝୁରି ମରୁଛି
ତତେ ଟିକେ ଦେଖିବାପାଇଁ
ବିକଳ ହେଇ ଧାଇଁ ଯାଉଛି,
ତୋ ପ୍ରେମରେ ପଡିଗଲି ମୁଁ କାଳଆ
ପ୍ରେମରେ ପଡିଗଲି
ଉଧାରେ ଉଧାରେ ଉଧାରେ ମତେ
ନହେଲେ ବୁଡିଯିବି ।୨ ।

ତୋ ନାଆଁରେ ଦିନ ଆରମ୍ଭ
ତୋ ନାଆଁରେ ଶେଷ
ରଖି ଥା ମତେ ସଦା ତୋ ପାଖେ
ଥାଉ କୃପା ଅଶେଷ,
ତୋ ପ୍ରେମରେ ପଡିଗଲି ମୁଁ କାଳଆ
ପ୍ରେମରେ ପଡିଗଲି
ଉଧାରେ ଉଧାରେ ଉଧାରେ ମତେ
ନହେଲେ ବୁଡିଯିବି ।୩।

ନେତୁଆ, କେନ୍ଦ୍ରାପଡା

**"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ**

# ବିଜ୍ଞାନ ଆଲୁଅରେ ନୈତିକତାର ମୂଲ୍ୟାଙ୍କନ



ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ

ପ୍ରଖ୍ୟାତ ବୈଜ୍ଞାନକ ନର୍ବଟ ୱିନର (**Norbert Wiener**) ଙ୍କ ମତରେ "ମାନବ ସମାଜ ଯେତେ ଉନ୍ନତି କଲେ ହେଁ ତାର ନୈତିକ ମୂଲ୍ୟବୋଧ ଓ ମାନଦଣ୍ଡ ସଭ୍ୟତାର ମାପକାଠି ହୋଇ ରହିବ ।" ମାତ୍ର ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଜ୍ଞାନ ର ଦୂରୁପଯୋଗ ସମାଜର ନୈତିକ ଅଧୋଗତି ର କାରଣ ହେବା ସହିତ ମଣିଷକୁ ସ୍ୱାର୍ଥ କୈନ୍ଦ୍ରିକ କରିଥିଲା । ପରମାଣୁ ବିଜ୍ଞାନ ର ଅପବ୍ୟବହାର ସମାଜକୁ ହତାଶ ଓ ମ୍ରିୟମାଣ କରିବା ବୋଧ ହେଲା ।

ଠିକ୍ ସେମିତି ସାଂପ୍ରତିକ ସମୟରେ ସୂଚନା ଓ ପ୍ରଯୁକ୍ତି ବିଜ୍ଞାନର ବହୁଳ ବ୍ୟବହାର ସମାଜରେ ସୁପ୍ରଭାବ ସହିତ କୁପ୍ରଭାବ ପକେଇଚାଲିଛି । ଆଜିର ବ୍ୟସ୍ତବହୁଳ ଜୀବନକୁ ଶାନ୍ତିମୟ କରିବା ସକାଶେ ମଣିଷ ଏହାର ସାହାଯ୍ୟ ନେଉଛି ଏବଂ ମାତ୍ରାଧିକ ବ୍ୟବହାର କରି ମାନବିକ ବୌଦ୍ଧିକ ଶକ୍ତି ର ଅବମୂଲ୍ୟାୟନ ର ସମ୍ଭାବନା ସୃଷ୍ଟି କରିଛି ।

ଆଜିର ମଣିଷ ବସ୍ତୁବାଦୀ ଜୀବନର ହିସାବ ନକାଶ ରେ ମସଗୁଲ ହୋଇ ନୈତିକ ମୂଲ୍ୟବୋଧ କୁ ଗୁରୁତ୍ୱ ଦେବା କଥା ଭୁଲି ଯାଇଛି । ଏଭଳ ଏକ ପରିସ୍ଥିତି ର ଆଶୁଆଶଙ୍କା କରି ବହୁ ପୂର୍ବରୁ ବୈଜ୍ଞାନକ ୱିନର ମାନବ ସମାଜକୁ ସଜାଗ କରିବା ନିମନ୍ତେ ତାଙ୍କର ଏକ ବହୁ ମୂଲ୍ୟ ପୁସ୍ତକ **"THE HUMAN USE OF HUMAN BEINGS : CYBERNETICS AND SOCIETY "** ରେ ଉଲ୍ଲେଖ କରିଥିଲେ ଯେ ------

**"Social danger of our new technology and the social obligations of those responsible for management to see that the new modalities are used for the benefit of man ,for increasing his leisure and enriching his spiritual**

**life , rather than merely for profit and the worship of the machine as a new brazen calf ."**

ବାସ୍ତବିକ ମଣିଷକୁ ଚେତନା ଚକ୍ଷୁ ଖୋଲିବାକୁ ପଡିବ । ସ୍ୱେଚ୍ଛାକୃତ ବିଭୀଷିକାମୟ ପରିସ୍ଥିତିରୁ ମୁକୁଳବା ପାଇଁ ବସ୍ତୁବାଦୀତାର ମୋହ ତ୍ୟାଗ କରି ନୈତିକତା ଉପରେ ଗୁରୁତ୍ୱ ଦେବାକୁ ହେବ । ଆଧ୍ୟାତ୍ମିକତା ଓ ସାମାଜିକ ପ୍ରଥା ଉପରେ ପରିବେଷ୍ଟିତ ଜୀବନ ବ୍ୟଥିତ କରି ସମାଜକୁ ଏକ ସୁସ୍ଥ ଦିଗ ଓ ବାଗ ନିର୍ଣ୍ଣୟ କରିବା ରେ ସହାୟତା କରିବାକୁ ପଡିବ । ନଚେତ୍ ସମାଜ ଏଭଳ ଏକ ସ୍ଥିତି ରେ ଉପନୀତ ହେବ, ଯାହା କ କଳ୍ପନାତୀତ ହେଇଯିବାର ସମ୍ଭାବନାକୁ ଏଡେଇ ଦିଆଯାଇପାରେନା ।

ବିଜ୍ଞାନର ବସ୍ତୁବାଦୀତା ସହିତ ବିଜ୍ଞାନ ସଭ୍ୟତାର ପରିପକ୍ୱତା ଆନୟନ ସକାଶେ ନୈତିକ ମୂଲ୍ୟବୋଧ ର ବିଶିଷ୍ଟ ଆସନ ପ୍ରତିପାଦନ କରିବା ଶ୍ରେୟସ୍କର ନୁହେଁ କ **????**

ଓଡିଆ ଅଧ୍ୟାପିକା, ସରକାରୀ ଏସ୍ ଏସ୍ ଡି, ଏଚ୍ ଏସ୍ ଏସ୍ ,
ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ,ବାଲିଶଙ୍କର୍, ସୁନ୍ଦରଗଡ ।



# ଚଲାପଥ

ମନୋରଞ୍ଜନ ସୁରୁଜାଲ

ବାଟ ଗ୍ଲୁ ଗ୍ଲୁ ଝୁଣ୍ଟି ଗଲେ ପ୍ରଭୁ
ହାତ ଧରି ଟାଣି ନେବ
ଦୁଃଖେ ପଡିଥିଲେ ମନେ ଧୈର୍ଯ୍ୟ ଭରି
ପିଠିକୁ ଆଉଁସି ଦେବ।
ଦୁଃଖ ବନ୍ଧୁ ବୋଲି ଭରସା ରଖିଛି
ମୁହିଁ ଯେଣୁ ମହା ଦୁଃଖି
ସୁଖର ବେଳକୁ ପାଖ ମାଡ ନାହିଁ
ଦୁଃଖେ ରୁହ ପାଖାପାଖି।
ଭକତ ତୁମର ପଥିକ ହୋଇଲେ
ଛାଇ ହୁଅ ଚଲାପଥେ
ଭକତ ଆଖିରୁ ଲୋତକ ଝରିଲେ
ପୋଛି ଦିଅ ନଜ ହାତେ।
ସଂସାର ଗଞ୍ଜାଣା ସହିବାକୁ ସିନା
ସଂସାରେ ଧରିଛି ଦେହ
ମାତା ପିତା ପୁତ୍ର ଦୁହିତା ଭରିଯା
ଅଭିନୟେ ପୋଛ ଲୁହ।

ପଠେଇଛ ପ୍ରଭୁ ଏ ଧରା ଧାମକୁ
କରିବାକୁ ତୁମ କର୍ମ
ଅଳକ ସୁଖରେ ମଜ୍ଜିଛି ମୋ ମନ
ଭୁଲି ଅଛି କର୍ମ ଧର୍ମ।
ସତ୍ଯ ଧର୍ମ ପଥେ ଚଲାଅ ମତିକ
ପୂର୍ଣ୍ଣ କର ମନୋରଥ
ଆଖି ଲୋଡୁଥାଉ ତୁମରି ଦର୍ଶନ
ନେଇ ଯାଅ ସେହି ପଥ।

ଅଇଁଲାପାଲି, ଧମା, ସମ୍ବଲପୁର

# ଆସନ୍ତା କାଲି



ଗୁପ୍ତେଶ୍ୱର ଗ୍ୱନ୍ଦ୍

ଆସ ଆସ ଆସ ହେବା ସଜ ବାଜ
କରିବା ପାଇଁ କ ସୁ ସୁଆଗତ।
ମୋ'ର ଦେଶର ଶିଳ୍ପୀ ଶ୍ରମିକ କୃଷକ
କଳାକାର କାରିଗର ସମସ୍ତ ।।୧
ପୁଅ ଝିଅ ଛାତ୍ର ଛାତ୍ରୀ ବୈଜ୍ଞାନକ
ସମାଜ ସେବକ ଦେଶ ପ୍ରେମିକ।
ବଇଦ ନାବିକ ହେ ଯାନ ଗ୍ୱଳକ
ଯୁବକ ମୋ ଦେଶର ସଇନକ।।୨
ଆଗାମୀ ଦିନରେ ସଫଳତା ପାଇଁ
ଏବେ ଠୁ ଯୋଜନା କରି ପ୍ରସ୍ତୁତ।
ଡାକ୍ତର ହୋଇବା କ ଇଞ୍ଜିନୟର
କର୍ମ କରି ଯିବା ଅନବରତ।।୩
ବୃଥା ରେ ମୁହୂର୍ତ୍ତ ନଷ୍ଟ କରିବା ନ
ହାତ ଛଡା କରିବା ନ ସୁଯୋଗ।
ତତ ପର ହୋଇ ରହି ଥିବା ସଦା
କରିବା କାଳର ସୁବିନଯୋଗ।।୪
ତିଳେ ମାତ୍ର ଅବହେଳା କଲେ ଜାଣ
ଭୋଗିବା କେତେ ଯେ ଶୋକ ଯାତନା।
ପଛେ ଝୁରି ଝୁରି କ ଲାଭ ମିଳବ **?**
ପରିଶେଷେ କରି ଅନୁଶୋଚନା ।।୫

କୃଷକ ଯେମିତି ଯଥା ସମୟରେ
ବନ୍ଧ ବାନ୍ଧି ସଞ୍ଚୟ କରେ ଜଳ।
ପରିଶ୍ରମ କେବେ ନ ହୁଅଇ ବ୍ୟର୍ଥ
ତେଣୁ ସିଏ ସିନା ଲଭେ ସୁଫଳ ।।୬
ଆଳସ୍ୟ ପ୍ରବୃତ୍ତି ନ ଆଣେ ମନେ ସେ
ଗ୍ରୀଷମ ବର୍ଷା ଶୀତ ସକାଳ।
ଧାଇଁ ଯାଏ ସଦା କର୍ମ କ୍ଷେତ୍ରେ ତାର
ହସ୍ତେ ଧରି କ ଲଙ୍ଗଳ କୋଦାଳ।।୭
ମାଟି କାଦୁଅରେ ହୋଇ ସରବର
ମଜ୍ଜି ଥାଏ କର୍ମେ କର୍ମ କୁଶଳ।
ଦୃଢ଼ ବିଶ୍ୱାସ ଟି ଯୋଗାଏ ତାହାରେ
ଶରୀରରେ ଶତ ସିଂହ ର ବଳ।।୮
ହେ ବାଳକେ ! ବୋଲ ମାନ ପଢ଼ ପାଠ
ଦିନେ ହେବ ତୁମେ ସୁ ନାଗରିକ ।
ଅର୍ଜିଲେ ସୁନାମ ଦେଶ ବିଦେଶରେ
ଧନ୍ୟ ହୋଇବେ ଜନନୀ ଜନକ।।୯
କାହାକୁ ଅପେକ୍ଷା କରେ ନ କେବେ ବି
ଗଡ଼ି ଚାଲି ଥାଏ ସମୟ ରଥ।
ନିଜ ନିଜ ଲକ୍ଷ୍ୟ ହାସଲ ନିମନ୍ତେ
ସାଧିଲେ ପୂର୍ଣ୍ଣ ହେବ ମନୋରଥ।।୧୦

ସମସିଂହା, ଝାରସୁଗୁଡା

# ହଜିଗଲା ମୋ ପିଲାଦିନ

ଜନ୍ମଜୟ ନାୟକ

ଗାଁ ଦାଣ୍ଡ ଲୁଚକାଳି ଗ୍ରାମବାଡି ବରକୋଳି
ବୋଉର ସେ ମିଠାଗାଳି,
ରଜଦୋଳି ଆଉକଳି ବାପାପାଖେ ମୋର ଅଳି
ଆଖିଭରେ ପାରେନି ଭୁଲି ।
ପଡିଆରେ ଗୁଡିଉଡା ଧୂଳିଖେଳ ବୋହୂଗ୍ରେରି
ସାଜିଛି ଆଜି ସାତସପନ,
ବୋଉ ଜହ୍ନମାମୁଁ ଗୀତ ଜେଜେମା'ର ଗପପେଡି
ହଜିଲା ପାଇ ଯଉବନ ।
ବଢିପାଣିରେ ମାଛଧରା ଭଉଣୀ ସାଥେ ଝଗଡା
ଥିଲା ଜହ୍ନ ତୋଳିବାକୁ ମନ,
ବରଷା ପାଣିରେ ନାଚ ଆଉ କାଗଜଡଙ୍ଗା ଭସା
ଅତୀତର ସେଇ ଅଭୁଲା ଦିନ ।
ଗାଁ ସାଙ୍ଗସାଥୀ ଆଉ ବିଦ୍ୟାଳୟ ଖେଳ ମଜା
ଫେରାଇ ଦିଅନ୍ତାକି ସମୟ,
ମାନସ ପଟ୍ଟ ର ସେ ଅନାବିଳ ସ୍ମୃତି
ତରଳାଏ ପଥର ହୃଦୟ ।
ଦୂର ସମୁଦ୍ରର ନିଃସଙ୍ଗ ସ୍ରୋତରେ
ହାତ ଠାରେ ପିଲାଦିନ,
କୁହୁଡି ପହଁରି ପାଏନି ସ୍ମୃତି ର ଶେଫାଳି
ନିଜ ଉପରେ କରେ ଅଭିମାନ ।

TGT PCM, ଚିଲିକା ନୋଡାଲ ହାଇସ୍କୁଲ, ପୁରୀ

# ଉଦବୋଧନ
## ଭାଗ (୩)



କୌସ୍ତୁଭ ଜାଲ

ରାଷ୍ଟ୍ର ନିର୍ମାଣର ଅନ୍ୟ ଏକଗୁରୁତ୍ୱ ପୂର୍ଣ୍ଣ ଅଙ୍ଗ ହେଉଛି ଶିକ୍ଷା | "ଶିକ୍ଷା ହେଉଛି ସମାଜର ଆଧାର ଶିଳା" | ଯେଉଁ ଦେଶର ଶିକ୍ଷା ଯେତିକି ଉଚ୍ଚତର ସେହି ଦେଶ ସେତିକି ବିକାଶଶୀଳ । ପ୍ରାଚୀନ ଭାରତରେ ମଧ୍ୟ ଶିକ୍ଷାର ବିକାଶ ଅସାଧାରଣ ଥିଲା| ଦେଶ ବିଦେଶ ରୁ ନାଳନ୍ଦା, ତକ୍ଷଶିଳା କୁ ଆସି ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରାପ୍ତି କରୁଥିଲେ | ସେଥିପାଇଁ ସେସମୟର ଭାରତରେ ଶିକ୍ଷା ର ଅଦ୍ଭୁତ ପୂର୍ବ ବିକାଶ ସାଧିତ ହୋଇଥିଲା ବୋଲି ଇତିହାସ ପୃଷ୍ଠାରୁ ଜଣାପଡେ | କିନ୍ତୁ ଆଜି ମଧ୍ୟ ଗୋଟିଏ ପଟେ IIT, IIM, NIT ପରି ସୁନ୍ଦର ଶିକ୍ଷା ସଂସ୍ଥାନ ମାନ ଅଛି | କିନ୍ତୁ ଅନ୍ୟ ପଟେ ଜଣେ ଗରିବ ପିଲାକୁ ସ୍ବରଶିକ୍ଷା ଅଭିଯାନ ର ଲାଠି ତା ହାତରେ ଧରାଇ ଦିଆଯାଇଛି | ଏହି ଶୈକ୍ଷିକ ବେମାରୀ ର ମୂଳ କାରଣ ଆମର ଦୁର୍ବଳ ଶିକ୍ଷା ନୀତି | ପ୍ରକୃତ ମେଧା ଶକ୍ତି ଥାଇ ମଧ୍ୟ ଗରିବୀ ଯୋଗୁଁ ଜଣେ ଗରିବ ପିଲା ଉଚ୍ଚତର ଶିକ୍ଷାରୁ ବଞ୍ଚିତ ହେଉଛି ଏବଂ ଅନ୍ୟ ପଟେ ମେଧାହୀନ ଧନବାନ ର ପୁଅ ଉଚ୍ଚତର ଶିକ୍ଷା ର ଅଧିକାର ପାଉଛି | ଏହି ବୈଷମ୍ୟ ନୀତି ରାଷ୍ଟ୍ର ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି କରୁଛି | ଶିକ୍ଷା କ୍ଷେତ୍ରରେ ଆଉ ଏକ ବେମାରୀ ଆମକୁ ପଥଭ୍ରଷ୍ଟ କରୁଛି ଏବଂ ତାହାହେଉଛି ଅନ୍ଧବିଶ୍ୱାସ | ଅନେକ କ୍ଷେତ୍ରରେ ଦେଖାଯାଏ ଏଦେଶର ଗୋଟିଏ ଯୁବା ନିଜର ସଫଳତା ପାଇଁ ମନ୍ଦିରକୁ ଯାଇ ନଡ଼ିଆ ଟିଏ ଫୋଡି ଭଗବାନକୁ ଲାଞ୍ଚ ଦେଇଥାଏ । ଏହି ପୁରୁଷାର୍ଥ ହୀନ ବିଚାର କଣ ଶିକ୍ଷାର କଷାଟୀ ହୋଇପାରେ? ତେବେ ଏଭଳି ସ୍ଥଳେ ଆମର ବିକାଶ କିପରି ସମ୍ଭବ ହେବ?

ଏ କଥା ଉତ୍ତମ ଅଟେ କି ବ୍ୟକ୍ତି ନିଜର ଧର୍ମକୁ ଶ୍ରେଷ୍ଠ ମନେକରେ । କିନ୍ତୁ ଏହାର ଅର୍ଥ ଏଇଟା ନୁହେଁ ଯେ ଅନ୍ୟର ଧର୍ମକୁ ଘୃଣାକରିବା | ଯେତେଦିନ ପର୍ଯ୍ୟନ୍ତ ଏହି ଅନ୍ଧବିଶ୍ୱାସ

ଦୂରହେବ ନାହିଁ ସେତେଦିନ ପର୍ଯ୍ୟନ୍ତ ରାଷ୍ଟ୍ର ନିର୍ମାଣ ସମ୍ଭବ ନୁହେଁ | ଅମର ସଂସ୍କୃତି ଆମର ସଭ୍ୟତାକୁ ସାରା ଦୁନିଆ ନତ ମସ୍ତକ ହେଉଛି | ତେବେ କାହିଁକି ଆସ୍ଥା ନାମରେ ଅନ୍ଧବିଶ୍ୱାସ କରାଯାଉଛି? ତେଣୁ ପ୍ରତ୍ୟେକ ବ୍ୟକ୍ତି ମତପନ୍ଥରୁ ଊର୍ଦ୍ଧ୍ଵକୁ ଉଠି ସଜାଗ ରହିଲେ ସାମାଜିକ ଶକ୍ତିର ବିକାଶ ସାଙ୍ଗେ ସାଙ୍ଗେ ରାଷ୍ଟ୍ର ମଧ୍ୟ ବିକାଶ ର ରାଜପଥରେ ଆଗେଇଯିବ|

ରାଷ୍ଟ୍ର ନିର୍ମାଣ ସେତେବେଳେ ସମ୍ଭବ ହେବ ଯେତେବେଳେ କେବଳଗୋଟିଏ ବ୍ୟକ୍ତିନୁହେଁ କିମ୍ବା କେବଳ ସରକାର ନୁହେଁରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ସ୍ୱଚ୍ଛତା ସମ୍ପନ୍ନ ରହିବେ । ନିର୍ମାଣ ସେତେବେଳେ ସମ୍ଭବ ହେବ ଯେତେବେଳେ ଗୋଟିଏ ଗରିବ ପିଲା କେବଳ ମଧ୍ୟାହ୍ନ ଭୋଜନ ପାଇଁ ନୁହେଁ ଅପିତୁ ଜ୍ଞାନାର୍ଜନ ପାଇଁ ବିଦ୍ୟାଳୟକୁ ଯିବ । ରାଷ୍ଟ୍ର ନିର୍ମାଣ ସେ ପର୍ଯ୍ୟନ୍ତ ସମ୍ଭବ ହେବ ନାହିଁ ଯେପର୍ଯ୍ୟନ୍ତ ଜଣେ ବ୍ୟକ୍ତି ନୈତିକତା ରୂପେ ହୀନ, ଚାରିତ୍ରିକ ରୂପେ ଭ୍ରଷ୍ଟ, ଧାର୍ମିକ ରୂପେ ଅନ୍ଧ, ରାଜନୈତିକ ରୂପେ ମନ୍ଦ, ମାନସିକ ରୂପେ ଦେବାଳିଆ ତଥା ଶୈକ୍ଷିକ ମୂଲ୍ୟବୋଧର ଆଧାରକୁ ଜୀର୍ଣ୍ଣ ଶୀର୍ଣ୍ଣ କରି ଅଖଣ୍ଡ ଭାରତକୁ ଖଣ୍ଡ ଖଣ୍ଡ କରିବାର କୁତ୍ସିତ ପ୍ରୟାସ କରୁଥିବ । ଏଭଳି ଛୋଟ ଛୋଟ ହୀନ ବିଚାର ପ୍ରତି ଜାଗ୍ରତ ରହିଲେ ରାଷ୍ଟ୍ର ନିର୍ମାଣ ସମ୍ଭବ ହେବ । କାହିଁକନା ପାହାଡ଼ ସହିତ କେହି ଝୁଣ୍ଟି ହୁଏନାହିଁ, ଅପିତୁ "ଛୋଟ ଛୋଟ ପଥରରେ ଝୁଣ୍ଟି ହୋଇଥାଏ " ।

ପରିଶେଷରେ ମୁଁ ନିଜକୁ ଗର୍ବାନ୍ୱିତ ମନେ କରେ ଭାରତୀୟ ବୋଲି | ସଲାମ୍ କରୁଛି ଦେଶର ବୀର ଜବାନ୍ ମାନଙ୍କୁ ଯିଏକି ସରହଦ୍ ସୀମାରେ ନିଜର ଜୀବନ କୁ ବାଜି ଲଗାଇ ସର୍ବଦା କର୍ମ ତତ୍ପର, ଯାହାଙ୍କ ପାଇଁ ଆମେ ସୁଖ ଶାନ୍ତିରେ ଜୀବନ ବିତାଉଛୁ, ସଲାମ୍ କରୁଛି ଦେଶର ସେହି ଅନ୍ନଦାତାକୁ ଯିଏକି ନିଜର ପ୍ରକୃତ ପ୍ରାପ୍ୟ ନ ପାଇ ମଧ୍ୟ ମୁଣ୍ଡର ଝାଳ ତୁଣ୍ଡେ ମାରି, ନିଜେ ବହୁ କଷ୍ଟ ସହି ଦେଶବାସୀଙ୍କ ଉଦର ଶାନ୍ତ କରୁଛି ତଥା ସଲାମ୍

କରୁଛି ସେହି ସମସ୍ତ କର୍ମବୀରମାନଙ୍କୁ ଯେଉଁମାନେକି ନିଜ ନିଜର କର୍ମକୁ ସୁଚାରୁ ରୂପେ ସମ୍ପାଦନ କରୁଛନ୍ତି | ପରିଶେଷରେ ପୁଣିଥରେ ଦେଶବାସୀଙ୍କୁ ଏତିକି ନିବେଦନ କରେକି ଆମେ ସମସ୍ତେ ନିସ୍ୱାର୍ଥ ଭାବେ ମିଳିମିଶି କର୍ମରତ ହେବା, ଏହା ଆମର ପରମ କର୍ତ୍ତବ୍ୟ । ଏତିକି ହେଲେ –

ଆମ ଦେଶ ମହାନ୍ ଥିଲା, ମହାନ୍ ଅଛି, ମହାନ୍ ରହିବ

ଏହି ଦମ୍ଭ ସମସ୍ତଙ୍କଠାରେ ଯେବେ ବଜାୟ ରହିବ

ଦିନ ଆସିବ ପାକସ୍ତାନ୍ ମଧ୍ୟ "ଜୟହିନ୍ଦ" କହିବ

କେବଳ ପାକସ୍ତାନ୍ ନୁହେଁ ସାରା ଦୁନଆଁ "ଜୟହିନ୍" କହିବ

"ଜୟହିନ୍ଦ" ....".ଜୟ ଭାରତ"

ଡୁଡୁକା, ବଲାଙ୍ଗୀର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# କରୋନା ପ୍ରତି ଦୃଷ୍ଟି



ସରୋଜ କୁମାର ଜେନା

ଦେଖ ହା ହା କାର ଏ ସାର୍ ସଂସାର
   ମରୁଛନ୍ତି ମର୍ତ୍ତ୍ୟ ନର,
କରୋନାର ଜ୍ୱର କରୁଛି ବିସ୍ତାର
ଏଠି ଯେ ସବୁ ସହର ।।୧।।

ହୋଇଣ ସେ ଜାତ ଗ୍ରାସୁଚ ଜଗତ
      ଏହି କାରୋନା ଭୂତାଣୁ,
ମନରେ ଛନକା ସର୍ବ ହୁଏ ଫିକା
     ତାର ନାମ ଶୁଣୁ ଶୁଣୁ ।।୨।।

ମାରୁଥିଲେ ଖଗ ବାଦୁଡ଼ି ବିହଙ୍ଗ
     ଖାଉଥିଲେ ତାର ମାଂସ,
ଦେଶ ଯେ ଚୀଇନା ଭୂତାଣୁ କରୋନା
     ସୃଷ୍ଟି କଲ୍ ତାର ବଂଶ ।।୩।।

କରେ ଥଣ୍ଡା ଛିଙ୍କ ପୀଡ଼ା ହୁଏ ବେକ
     ଲ୍‌ଗିରହେ ନିତି ଖାସ,
ସଂକ୍ରମିତ ଜ୍ୱର ମାନେ ନାହିଁ ଘର
    କରିଗଲେ ସର୍ବନାଶ ।।୪।।

ଶହ ଶହ ଦେଶ କରିଲାଣି ଗ୍ରାସ
ନାହିଁଯେ ପ୍ରତିଷେଧକ,
ହେଉ ନାହିଁ ଭେକ ଚନ୍ତା ମଗ୍ନେ ଦେଖ
ସବୁ ଦେଶ ବୈଜ୍ଞାନକ ।।୫।।

ଲାଗିଲେ ସନ୍ଦେହ ଯାଇ ଦେହ ଦେଖ
ନକଟସ୍ଥ ମେଡ଼ିକାଲ,
ଆମ୍ବୁଲାନ୍ସ ଯୋଗେ ରୋଗୀ ଯିବ ବେଗେ
କରିବଟି ତାକୁ କଲ୍ ।।୬।।

ନାସା ସଙ୍ଗେ ମୁଖ ଘୋଡ଼ାଇଣ ରଖ
ପିନ୍ଧିବ ସମସ୍ତେ ମାସ୍କ,
ସଭିଙ୍କୁ କହୁଛି ଅଳ ମୁଁ କରୁଛି
ଭାବିବ ନାହିଁ ଯେ ଯୋକ୍ସ ।।୭।।

ସଭିଙ୍କୁ କହିବ ଦୂରେଇ ରହିବ
ଯେଉଁଠି ଥିବେ ଗହଳ,
ସାବୁନକୁ ଧରି ହାତ ସଫା କରି
ଖାଦ୍ୟ ଦେବ ଧାନେ ଗିଳ ।।୮।।

ଆସିଛି ବିପତ୍ତି ଶୀଘ୍ର କର ଇତି
ଶୁଣହେ ଜଗତ ନାଥ,
ଯାଉହେ ଦୂରେଇ କରୋନାର ଛାଇ
କରିଦିଅ ତାର ଅନ୍ତ ।।୯।।

ବାଲିଝରୀ, ନରସିଂହପୁର, କଟକ

# ଛାଡଖାଇ

ଶ୍ୟାମସୁନ୍ଦର କୁମ୍ଭାର

କୁକୁଡ଼ା, ଛାଗଳ ତାଙ୍କ ନିଜ କଥା
ହେଉଛନ୍ତି କୁହାକୁହି ।
ପୂଜାମୁଣ୍ଡ ଆମେ ଏ ଜୀବ ଜଗତେ
ଆମଠୁ କେ ଦୁଃଖୀ ନାହିଁ ।।

ଭାବିଥିଲୁ ମନେ ଓଷାବ୍ରତ କରି
ଏହି ମାନବ ସମାଜ ।
ଜୀବ ହିଂସା ଠାରୁ ଗଲେଣି ଦୁରେଇ
ଏବେ ଆମେ ନିରାପଦ ।।

କିନ୍ତୁ ଏକ ହେଲା କାର୍ତ୍ତିକ ସରିଲା
ଆସିଗଲା ଛାଡଖାଇ ।
ମାସଟା ଯାକର ଲାଳସା ମେଣ୍ଟିଲା
ମଟନ ଚିକେନ ଖାଇ ।।

ଏ ବଡ଼ ବିଚିତ୍ର ମାସିକିଆ ବ୍ରତ
ନିଷ୍ଠାରେ କଲେ ପାଳନ ।
ମାସ ପୁରିଗଲା ବ୍ରତ ସରିଗଲା
ପୁଣି ଆଇଁସରେ ମନ ।।

କ ଲଭ ପାଇଲ ଏଡ଼େ ବ୍ରତ କରି
ପୁନରମୂଷିକ ଭବ।
ଜୀବହିଂସା ମନୁ ନ ଗଲ୍ ପାଶୋର୍
ନଗଲ୍ ପୂର୍ବ ସ୍ୱଭବ ।।

ମାୟାରେ ପଡ଼ି ହେ ବାୟା ହେଉଅଛ
ଏ ନୁହେଁ ମୁକତି ମାର୍ଗ ।
ସତ୍ୟ, ଶାନ୍ତି, ଦୟା, କ୍ଷମା ଅନୁସର
ଏ ଅଟେ ମୁକତି ଯୋଗ ।।

ସନ୍ଧିବାହାଲ, ଗାଇସିଲେଟ
ବରଗଡ଼

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# କଏ କେଉଁଠି



ମେନନ୍ ସାହୁ

('ଯ','ଡ' ଆଦ୍ୟପ୍ରାନ୍ତାନୁପ୍ରାସ)

ଯେଉଁଠି ଶାବଳ ସେଇଠି କୁଡିଯେଉଁଠି ଘର ସେଇଠି ବାଡି
ଯେଉଁଠି ସିଲଟ ସେଇଠି ଖଡି । ଯେଉଁଠି ପଖାଳ ସେଇଠି ବଡି ।

ଯେଉଁଠି ମମତା ସେଇଠି ଖୁଡୀ ଯେଉଁଠି ଯୁଦ୍ଧ ସେଇଠି ରଡି
ଯେଉଁଠି ବାମନ ସେଇଠି ଗେଡୀ ।ଯେଉଁଠି ଉପର ସେଇଠି ସିଡି ।

ଯେଉଁଠି ଗ୍ୟାରେଜ୍ ସେଇଠି ଗାଡି ଯେଉଁଠି ଶବ ସେଇଠି ହାଡି
ଯେଉଁଠି ପାହାଡ ସେଇଠି ଗୋଡି । ଯେଉଁଠି ଧାନ ସେଇଠି ଅଗାଡି ।

ଯେଉଁଠି ସମୟ ସେଇଠି ଘଡି ଯେଉଁଠି ଗଂଗା ସେଇଠି ବୁଡି
ଯେଉଁଠି ନଦ ସେଇଠି ଘୁଙ୍ଗୁଡି । ଯେଉଁଠି ବ୍ରତ ସେଇଠି ଲେଡୀ ।

ଯେଉଁଠି ଶଙ୍ଖାରୀ ସେଇଠି ଚୁଡୀ ଯେଉଁଠି ଅଜା ସେଇଠି ଲଉଡି
ଯେଉଁଠି ଗୁପ୍ତାଙ୍ଗ ସେଇଠି ଚଡି । ଯେଉଁଠି ମଲେଇ ସେଇଠି ଗ୍ରିବିଡି ।

ଯେଉଁଠି ଧାନ ସେଇଠି ଗୁରୁଡି ଯେଉଁଠି କୂଅ ସେଇଠି ଦଉଡି
ଯେଉଁଠି ସାଲାଡ୍ ସେଇଠି କାକୁଡି । ଯେଉଁଠି ବୋଲବମ୍ ସେଇଠି କାଉଡି

ଯେଉଁଠି ଖଇ ସେଇଠି କଉଡି ଯେଉଁଠି ବରଫ ସେଇଠି କୁହୁଡ଼ି
ଯେଉଁଠି ଦଳ ସେଇଠି ଚଙ୍ଗୁଡି । ଯେଉଁଠି ବେସନ ସେଇଠି ପକୁଡି

ଯେଉଁଠି ଫୁଲ ସେଇଠି ଝୁଡି ଯେଉଁଠି ବର୍ଷା ସେଇଠି ଘଡଘଡି
ଯେଉଁଠି ପିରତୀ ସେଇଠି ଯୋଡି । ଯେଉଁଠି ଭଜା ସେଇଠି ଚଡଚଡି ।

ଯେଉଁଠି ଖଜୁରୀ ସେଇଠି ତାଡି ଯେଉଁଠି ଗୁଣିଆ ସେଇଠି ଝାଡି
ଯେଉଁଠି ପାଟି ସେଇଠି ଥୁଡି । ଯେଉଁଠି କୁକୁଡା ସେଇଠି ଖୁଡି ।

ଯେଉଁଠି କାଉଣ୍ଟର ସେଇଠି ଧାଡି ଯେଉଁଠି ବଙ୍କା ସେଇଠି ମୋଡି
ଯେଉଁଠି ଶେଷ ସେଇଠି ଧଡି । ଯେଉଁଠି ଆକାଶ ସେଇଠି ଉଡି ।

ଯେଉଁଠି ଶିର ସେଇଠି ନାଡୀ ଯେଉଁଠି କଚଡା ସେଇଠି କବାଡି
ଯେଉଁଠି ଗହଣା ସେଇଠି ପେଡୀ ।ଯେଉଁଠି ଲୁହା ସେଇଠି ହାତୁଡି ।

ଯେଉଁଠି ମିଠା ସେଇଠି ପିମ୍ପୁଡି ଯେଉଁଠି ଆମିଷ ସେଇଠି ବିରିଡି ।
ଯେଉଁଠି ପତର ସେଇଠି ଫଡି । ଯେଉଁଠି ଗଞ୍ଜେଇ ସେଇଠି ବିଡି ।

ପର୍ଜଙ୍ଗ, ଢେଙ୍କାନାଳ

# ଆସ୍ତିକବାଦର ଅହେତୁବାଦୀ ପକ୍ଷ



ବାଲ୍ମୀକି ନାୟକ

ଆସ୍ତିକବାଦ ମଣିଷ ସମାଜର ଅଶେଷ କ୍ଷତି କରିଛି ବୋଲି କହିଲେ, ଅଧିକାଂଶ ବ୍ୟକ୍ତି ତୀବ୍ର ବିରୋଧ କରିବେ । ଧର୍ମଗ୍ରନ୍ଥଗୁଡିକୁ ଲେଖିବା, ପଢିବା, ବ୍ୟାଖ୍ୟା କରିବା, ଅନୁବାଦ କରିବା, ଅନୁଶୀଳନ କରିବା, ଗବେଷଣା କରିବା ଓ ଲୋକମାନଙ୍କୁ ପ୍ରବଚନ ମାଧ୍ୟମରେ ବୁଝାଇବାପାଇଁ ଯେଉଁ ମୂଲ୍ୟବାନ ମାନବ ସମ୍ବଳ ଖର୍ଚ୍ଚ ହେଉଛି, ତାହାର ବଦଳରେ ମଣିଷ ସମାଜକୁ ମିଳୁଛି କଣ?

ଧର୍ମଗୁରୁମାନେ ଧର୍ମଗ୍ରନ୍ଥ ମନ୍ଥନ କରି ଯେଉଁ ଜ୍ଞାନ ପ୍ରାପ୍ତ କରନ୍ତି, ତାହା ସବୁ ପ୍ରବଚନ ରୂପେ ବ୍ୟକ୍ତ କରନ୍ତି । ମୋଟ ଉପରେ ପ୍ରବଚନର ସାର ହେଉଛି – ମିଥ୍ୟା କୁହନାହିଁ, ଚୋରି, ଡକାୟତି, ବେଇମାନୀ, ବ୍ୟଭିଚାର, ଅନାଚାର କମ୍ବା ଶୋଷଣ କରନାହିଁ । ଜୀବେ ଦୟାକର ହିଂସା କରନାହିଁ । ଶେଷରେ ମହତ୍ତ୍ୱପୂର୍ଣ୍ଣ ପ୍ରଚାର ହେଉଛି, "ଧନ ହେଉଛି ମାୟା, ମୋହର ବନ୍ଧନ ତେଣୁ ତାକୁ ତ୍ୟାଗ କର ।" ଏହି ଶେଷ କଥାକୁ ବିଚାର କରାଯାଉ । ଜଣେ ସାଧାରଣ ଗୃହସ୍ଥ ପରିବାର ପୋଷଣର ନୈତିକ ଦାୟିତ୍ୱ ବହନ କରିଥିବାରୁ ଧନ ରୋଜଗାର କରିବା ପାଇଁ କଠିନ ପରିଶ୍ରମ କରିଥାଏ । ତାର ପରିଶ୍ରମ ଫଳ ସ୍ୱରୂପ ସେ ଅଳ୍ପ କମ୍ବା ବହୁତ ଧନ ରୋଜଗାର କରିପାରିଥାଏ । ସେ ଯଦି ପ୍ରବଚନ ବାଚକ ଭଳି ଗୃହତ୍ୟାଗୀ, ପଳାୟନବାଦୀ ସାଧୁ ହୋଇଥାନ୍ତା, ସେ କଣ ଧନ ରୋଜଗାର କରିବାକୁ ଇଚ୍ଛା କରିଥାନ୍ତା କି? ହାତରେ ଧନ ନଥିଲେ ସେ କଣ ତ୍ୟାଗ କରିଥାନ୍ତା । ଦ୍ୱିତୀୟତଃ ନିଜ ପରିବାର ପ୍ରତିପୋଷଣ କରୁଥିବା ଗୃହସ୍ଥ ପାଇଁ ଯଦି ଧନ ହେଉଛି ମୋହ ମାୟାର ବନ୍ଧନ ତେବେ ସଂସାରତ୍ୟାଗୀ ସାଧୁ ଦାନ ଦକ୍ଷିଣା ଆକାରରେ

ନେଉଥିବା ଧନ କଣ ମୋହମାୟାର ବନ୍ଧନ ନୁହେଁ? ଆଜିର ଯୁଗରେ ତଥାକଥିତ ବାବା ମାନଙ୍କର କେତେକେତେ ସମ୍ପତ୍ତି ଠୁଳ ହୋଇଛି କଏ ବା ନଜାଣେ?

କୌଣସି ଗୁରୁ କେବେ ଭକ୍ତମାନଙ୍କୁ ଗୃଷ ସମ୍ପର୍କୀୟ, ବୈଷୟିକ ସମ୍ପର୍କୀୟ କମ୍ବା ବିଜ୍ଞାନ ସମ୍ପର୍କୀୟ ଜ୍ଞାନ ପ୍ରବଚନରେ ଶୁଣାଉଛନ୍ତି କ? ଜୀବନରେ ବ୍ୟବହାର୍ଯ୍ୟ କୌଣସି ଗୋଟିଏ ବି ଜିନଷ ଧର୍ମଶାସ୍ତ୍ର ଦ୍ୱାର୍ ଉତ୍ପାଦନ ହୋଇପାରି ନାହିଁ । ଧର୍ମଶାସ୍ତ୍ରରୁ ଯାହା ମିଳଛି, ତାହା କେବଳ ସ୍ୱପ୍ନ । ଯାହା କେବେ ବି ପୂରଣ ହୁଏ ନାହିଁ । କନ୍ତୁ ପୂରଣ ହେବାର ଗଭୀର ବିଶ୍ୱାସକୁ ନେଇ ଜୀବନର ଶେଷ ନଃଶ୍ୱାସ ତ୍ୟାଗ କରିଥାଏ ଅବୋଧ ମଣିଷ ।

ଆସ୍ତିକବାଦ ଦ୍ୱାର୍ ମଣିଷ ସମାଜର ଦ୍ୱିତୀୟ କ୍ଷତି ହେଉଛି – ମଣିଷ ଆତ୍ମବିଶ୍ୱାସ ହରେଇ ବସୁଛନ୍ତି । ଅନେକ ପ୍ରକାର ଭିତ୍ତିହୀନ ବିଶ୍ୱାସ ମନରେ ସ୍ଥାୟୀ ରୂପେ ଜମା ହୋଇ ରହୁଥିବାରୁ ସ୍ୱଭାବତଃ ମଣିଷ ଭୟାଳୁ ତଥା ଅସହାୟ ବୋଧ କରିଥାଏ । ରାସ୍ତା ଉପରେ ଲାଲ କନାରେ କଛି ବନ୍ଧାହୋଇ ପୁଡିଆଟିଏ ପଡିଥିବା ଦେଖିଲେ ଧର୍ମଭୀରୁ ମଣିଷ ଭୟରେ ଛାନଆ ହୋଇ ଦୁଇପାଦ ପଛକୁ ଘୁଞ୍ଚି ଆସୁଛି । କଳା ବିଲେଇଟିଏ ରାସ୍ତା ପାର କରିଗଲେ ଆଜି ବି ନବେ ପ୍ରତିଶତ ବ୍ୟକ୍ତି ନର୍ଭୟରେ ଆଗେଇ ଯିବାକୁ ସାହସ କରୁନାହାନ୍ତି । ଆସ୍ତିକ ବାଦ ମଣିଷଠାରୁ କ୍ଷମତା ଓ ପ୍ରତିଭା ଉପରେ ଥିବା ଆତ୍ମବିଶ୍ୱାସକୁ ବି କମ୍ କରିଦେଉଛି । ମଣିଷକୁ ପରୋକ୍ଷଭାବେ ଦୈବୀଶକ୍ତିର ଗୋଲାମ ବନେଇ ଦେଉଛି ।

"ଭୟ" ପ୍ରାଣୀ ଭିତରେ ଅତିରିକ୍ତ କ୍ରୁରତାକୁ ଜନ୍ମ ଦେଇଥାଏ । ଭୟାଳୁ ବ୍ୟକ୍ତି ନଜକୁ ଅସୁରକ୍ଷିତ ମନେକରିଥାଏ ଏବଂ ସେ ଅନ୍ୟ ପ୍ରତି ଅଧିକ କ୍ରୁର ବ୍ୟବହାର କରିଥାଏ । ନଜ ଅଧିକାରପାଇଁ ସଂଘର୍ଷ କରୁଥିବା ମହିଳାମାନଙ୍କୁ ପ୍ରତ୍ୟେକ ଦେଶରେ ଡାହାଣୀର ଆଖ୍ୟା ଦେଇ ଅତ୍ୟାଚାର କରାଯାଏ ଏବଂ ହତ୍ୟା ବି କରାଯାଏ । ନୂତନ ଚନ୍ତାଧାରା ବ୍ୟକ୍ତ କରୁଥିବା ବୁଦ୍ଧିଜୀବୀ, ବୈଜ୍ଞାନକ ଓ ଦାର୍ଶନକମାନଙ୍କୁ ମୌଳବାଦୀମାନେ ଅତି ନଷ୍ଠୁର ଭାବେ ବିଷପାନ କରାଇ କମ୍ବା ଅଗ୍ନିରେ ପୋଡି ହତ୍ୟା କରିଛନ୍ତି ।

ପ୍ରାଣୀ ଜଗତରେ ମନୁଷ୍ୟ ଏକ ବିବେକଶୀଳ ପ୍ରାଣୀ । କନ୍ତୁ ଈଶ୍ୱରଙ୍କ ଉପରେ ଆସ୍ଥା ରଖୁଥିବା ମନୁଷ୍ୟ ନଜ ବିବେକକୁ ବ୍ୟବହାର କରିପାରେ ନାହିଁ । ଶାରୀରିକ ଓ ମାନସିକ

ଭବେ ସୁସ୍ଥ ତଥା ଶିକ୍ଷିତ ବ୍ୟକ୍ତିର ମନରେ ବି ଭୂତ, ପ୍ରେତକୁ ଡରିବା, ଶୁଭ, ଅଶୁଭ ଦିନକୁ ମାନବା, ବିଷ ଓ ଅମୃତବେଳା ଦେଖି କାମ ଆରମ୍ଭ କରିବା ଭଳି ତର୍କହୀନ ବିଶ୍ୱାସ କରିବାକୁ ଶିକ୍ଷା ଦେଉଛି, ଏପରିକି ଶିକ୍ଷିତ ବ୍ୟକ୍ତିମାନଙ୍କୁ ବି ଅଜ୍ଞାନୀଙ୍କ ଭଳି ବ୍ୟବହାର କରିବାକୁ ଶିକ୍ଷା ଦେଉଛି ।

ଆସ୍ତିକବାଦ ଦ୍ୱାରା ଆଉ ଏକ କ୍ଷତି ହେଉଛି – ମନୁଷ୍ୟ ଈଶ୍ୱରଙ୍କ ବାହାନାରେ ନିଜର ଉତ୍ତରଦାୟିତ୍ୱରୁ ମୁକ୍ତି ପାଇ ଯାଉଛି । ସେ ନିଜେ ଭୁଲ୍ କାମ କରିଥିବା ଯୋଗୁଁ ପରିଣାମ ମନ୍ଦ ହେଲେ, କହିଦିଏ – ସବୁକିଛି ଈଶ୍ୱରଙ୍କ ଇଚ୍ଛା, ମୁଁ ତ ଛାର ମଣିଷ କଣ ବା କରିପାରିବି? ଏହି ଗୋଟିଏ ବାକ୍ୟ କହି ସେ ନିଜର କର୍ତ୍ତବ୍ୟ, ଉତ୍ତରଦାୟିତ୍ୱ ଓ ନେଇଥିବା ଭୁଲ୍ ନିର୍ଣ୍ଣୟରୁ ମୁକ୍ତି ପାଇଯାଉଛି । ଅନ୍ୟ ପକ୍ଷରେ ସେ ନିଜକୁ ଈଶ୍ୱରଙ୍କର କେବଳ ଆଦେଶ ପାଳନକାରୀ ବିଶ୍ୱସ୍ତ ଭକ୍ତ ରୂପେ ପ୍ରମାଣିତ କରିଦେଉଛି । କିନ୍ତୁ ଏହାଦ୍ୱାରା ତାର ବ୍ୟକ୍ତିତ୍ୱ, ମାନବିକତା, ସମ୍ବେଦନଶୀଳତା ଓ ସାମାଜିକ ପ୍ରତିବଦ୍ଧତା କେତେ ଦୂର କ୍ଷତିଗ୍ରସ୍ତ ହେଉଛି, ସେ କଥା ସେ ଅନୁଭବ କରିପାରୁନି । ନିଜ ବିବେକ ଆଗରେ ଦୋଷୀ ହୋଇଥିଲେ ବି ନିଜର ଭୁଲ ପାଇଁ ଅପରାଧ ବୋଧ ଅନୁଭବ କରୁନାହିଁ ।

ଆସ୍ତିକବାଦକୁ ଗ୍ରହଣ କରିବା ଅତି ସହଜ କାମ । ଏହା ପିଲା ଖେଳ ସଦୃଶ । ଏହା ଏକ ପରିବାର ପ୍ରଦତ୍ତ ସଂସ୍କାର ମାତ୍ର । ପ୍ରତ୍ୟେକ ପିଲା ନିଜ ପରିବାର ଲୋକମାନଙ୍କ ବିଶ୍ୱାସ ଅନୁସାରେ ଈଶ୍ୱର, ଆଲ୍ଲା, ଗଡ୍ କିମ୍ବା ଅନ୍ୟ ଦେବତାଙ୍କ ବିଶ୍ୱାସୀ ହୋଇଯାଆନ୍ତି । ଈଶ୍ୱରଙ୍କ ଅସ୍ତିତ୍ୱକୁ ମାନିବା ପାଇଁ କୌଣସି ବିଶେଷ ବିଦ୍ୟା, ବୁଦ୍ଧି, ଚିନ୍ତନ, ମନନ କିମ୍ବା କର୍ମକୁଶଳତାର ଆବଶ୍ୟକ ନାହିଁ । ପିଲାଟି ନିଜ ବାପା ମାଆ, ଭାଇ ଭଉଣୀ ଓ ଗୁରୁଜନଙ୍କ ଦ୍ୱାରା ଈଶ୍ୱରଙ୍କ ପାଇଁ ତ କରୁଥିବା ପୂଜା, ପ୍ରାର୍ଥନା ଆଦି ଦେଖି ଖୁବ୍ ସହଜରେ ଆସ୍ତିକ ହୋଇଯାଏ ।

ନାସ୍ତିକବାଦ ହେଉଛି ଏକ କଷ୍ଟ ସାଧ୍ୟ କାମ । କାରଣ ପ୍ରତ୍ୟେକ ନାସ୍ତିକବାଦୀ ମଣିଷ ଗୋଟିଏ ଆସ୍ତିକ ପରିବାରରେ ହିଁ ଜନ୍ମ ଗ୍ରହଣ କରିଥାଏ । ପିଲାଟି ବେଳୁ ତା ମନରେ ଆସ୍ତିକବାଦର ଛାପ ପଡିସାରିଥାଏ । ପିଲାଟି ବଡ ହେବାପରେ ତାର ଉର୍ବର ମସ୍ତିଷ୍କରେ

ଯଦି ପ୍ରଶ୍ନ ଉଠିବ, ସେ ଯଦି ଈଶ୍ୱରଙ୍କ ଅସ୍ତିତ୍ୱକୁ ନେଇ ସନ୍ଦେହ ପ୍ରକଟ କରିବ, ସମାଜରେ ପ୍ରଚଳିତ ପଦ୍ଧତିକୁ ତର୍କ ସଙ୍ଗତ ଭାବେ ଅନୁଶୀଳନ କରିବ ଏବଂ ଧର୍ମ ବିଶ୍ୱାସୀ ସମାଜକୁ ଶାସନ କରୁଥିବା ମୌଳବାଦୀ ଗୋଷ୍ଠୀଙ୍କୁ ପ୍ରତିବାଦ କରିବାର ସାହସ ସଞ୍ଚୟ କରିପାରିବ, ତେବେ ହିଁ ସେ ନାସ୍ତିକବାଦକୁ ଗ୍ରହଣ କରିପାରିବ । ଆଜି ପର୍ଯ୍ୟନ୍ତ ପୃଥିବୀରେ ଜନ୍ମଗ୍ରହଣ କରିଥିବା ପ୍ରାୟ ସମସ୍ତ ହେତୁବାଦୀମାନଙ୍କର ଜୀବନ ବହୁ ବାଧାବିଘ୍ନ ଦେଇ ଗତିକରିଛି ।

ଈଶ୍ୱର ଏବଂ ତାଙ୍କର ବିଭିନ୍ନ ଅବତାରକୁ ପ୍ରସନ୍ନ କରି ଭକ୍ତମାନଙ୍କୁ ସୁଖ ଓ ଶାନ୍ତି ପ୍ରାପ୍ତ କରାଇବାପାଇଁ ପୂଜକ ଗୋଷ୍ଠୀର ଜନ୍ମ ହୋଇଥିଲା । ସେମାନଙ୍କର ଜୀବିକା ଅର୍ଜନ ହେଉଛି ଭକ୍ତମନଙ୍କଠାରୁ ମିଳୁଥିବା ଦାନ ଓ ଦକ୍ଷିଣା । ସମସ୍ତ ପ୍ରକାର ଧର୍ମୀୟ ଆୟୋଜନ, କର୍ମକାଣ୍ଡ ଏବଂ ଧର୍ମୀୟବ୍ୟାପାର ଈଶ୍ୱର ଅବଧାରଣା ଉପରେ ହିଁ ଆଧାରିତ ହୋଇଛି । ଉପରୋକ୍ତ ଆଲୋଚନାର ଅଭିପ୍ରାୟ ହେଉଛି – "ଈଶ୍ୱର" ମନୁଷ୍ୟର କେବଳ କଳ୍ପନା ପ୍ରସୂତ ଶକ୍ତି ନୁହେଁ କିମ୍ବା "ଈଶ୍ୱର" ଆଦିମାନବର ଅବୋଧ ବିଶ୍ୱାସରୁ ଜାତ କୌଣସି ମାୟାବୀ ଚରିତ୍ର ନୁହେଁ । ଏହା ମାନବ ଜାତିର ଏକ ହାନୀକାରକ ଅବଧାରଣା ଯାହା ମଣିଷ ଦ୍ୱାରା ଅନ୍ୟ ଏକ ଧର୍ମ ସମ୍ପ୍ରଦାୟର ମଣିଷମାନଙ୍କୁ ଗୋଲାମ ବନେଇ ରଖିବାକୁ ନିର୍ଦ୍ଦେଶ ଦେଉଛି । ଗୋଲାମ ବନେଇବା ସମ୍ଭବ ନହେଲେ ହତ୍ୟା କରିଦେବାକୁ ନିର୍ଦ୍ଦେଶ ଦେଉଛି । ପ୍ରକୃତରେ "ଈଶ୍ୱର" ମନୁଷ୍ୟ ଦ୍ୱାରା ମନୁଷ୍ୟକୁ ଶୋଷଣ କରିବାପାଇଁ ଅନୁମତି ଦେଉଥିବା ଏକ ବଳିଷ୍ଠ ଏଜେନସି କହିଲେ ଭୁଲ ହେବନାହିଁ । ଏହା ମାନବୀୟ ସ୍ୱତନ୍ତ୍ରତା, ସମାନତା ଏବଂ ଭାଇଚାରାର ସମ୍ପୂର୍ଣ୍ଣ ପରିପନ୍ଥୀ । ଈଶ୍ୱର ହିଁ ମନୁଷ୍ୟର ଅଜ୍ଞାନତା ଓ ଅନ୍ଧବିଶ୍ୱାସର ପାଳନକର୍ତ୍ତା । ତେଣୁ ଆସ୍ତିକବାଦ ଆମ ପାଇଁ ସତରେ କେତେ ଲାଭଦାୟକ – ବିଚାର କରିବାର ସମୟ ଆସିଯାଇଛି ।

କେ.ଆର. ପୁରମ, ବାଙ୍ଗାଲୋର

# ତୁମେ ଅଛ ବୋଲି



ତପନ କୁମାର ସାହୁ

ମନ ଉଦ୍ୟାନରେ ତୁମେ ଅଛ ବୋଲି
ସବୁବେଳେ ଧିମା ଧିମା ବାସ୍ନା
ନଶ୍ୱାସ ରେ ପ୍ରସ୍ୱାଶ ରେ ଲିନ
ଏବେ ମୋର ଅଙ୍ଗେ ଅଙ୍ଗେ ଖେଳୁଛି
ମହକୁଛି ଦେହ ଚନ୍ଦନ ଚନ୍ଦନ ।।

ମୋ ନିରବତା ରେ ତୁମେ ଅଛ ବୋଲି
ଅନୁଭବୁଛି ମୋ ହୃଦୟର ହୃଦ୍-ସ୍ପନ୍ଦନ କୁ
ଦେଖି ପାରୁଛି ମୋ ଆଖିର ଲୁକାୟିତ ଲୁହକୁ
ଶୁଣି ପାରୁଛ ମୋ କଷ୍ଟଦାୟକ କୋହକୁ
ଲାଘବ କରୁଛି ମୋ ଜର୍ଜରିତ ଯନ୍ତ୍ରଣାକୁ ।।

ମୋ ଏକାକୀପଣରେ ତୁମେ ଅଛ ବୋଲି
ବାଣ୍ଟି ଦିଏ ତୁମ ସାଥେ କୋହ  ଆଉ ଲୁହ
କେନ୍ଦ୍ରୀଭୂତ କରେ ସମସ୍ତ ଲୟ କୁ
ତୁମ ନୟନର କଳା କଳା ଡୋଳା ଉପରେ
ହଜି ଯାଏ କିଛି କ୍ଷଣ ତୁମ ଅନ୍ତର ରାଜ୍ୟ ରେ ।।

ମୋ ଅତୀତରେ ତୁମେ ଅଛ ବୋଲି
ବିତି ଯାଇଥିବା ତମାମ୍ ଆୟୁଷ ମାନେ
ଲୁଚିବାର ବାହାନା କରି କରି ଥକି ପଡନ୍ତି
ବର୍ତ୍ତମାନ କୁ କଷ୍ଟ ଦେବାରେ ମିଳେ
ତାଙ୍କୁ ଶାନ୍ତିର ଶାନ୍ତିସ୍ତୁପ  ।।

ମୋ ଲେଖା ରେ ତୁମେ ଅଛ ବୋଲି
ଆଜି ବି ମୋ ପୁରୁଣା ଡାଏରୀ ଫାଙ୍କରେ
ଗୋଲାପ ଟେ ଶୁଖି କି ପଡ଼ିଛି
ବେଳେ ବେଳେ ଇଚ୍ଛା ହେଲେ ଗପୁଛି
ମୟୂର ଚନ୍ଦ୍ରିକା ସାଥେ
ଆବୃତୀ କରୁଛି ପୁରୁଣା ସ୍ମୃତିକୁ ।।

ବେଲଗାଁ, ଏମ୍. ରାମପୁର
କଳାହାଣ୍ଡି

# ଭସା ଶବ



ସନ୍ଦୀପ ମହାରଣା

ଖିବିବାକୁ ଅସରନ୍ତି ସପନ ର ଢେଉ
ବଢେ ମୋର ସ୍ୱପ୍ନ ସାଥେ
ଅତିକ୍ରମ କରେ ଚରମ ସୀମାକୁ
ଛାଡି ସବୁ କଥା ଯେତେ ।

ବଢ଼ି ଗ୍ଲେ ପୁଣି ସମୁଦ୍ର ଗହ୍ୱର
ପ୍ରଖର ବେଗ କୁ ଧରି
ଦୃଷ୍ଟି ଆନମନା ହୋଇ କାଇଁ ସିଏ
ଦୂର ଟାପୁକୁ ଆଦରି ।

ଜ୍ୱାଳା ସତେ ରୁଦ୍ର ସହି ସେ ନପାରି
ଉଡିଯାଏ ବାଷ୍ପ ହୋଇ
କେତେବେଳେ ପୁଣି ଘନ ଅନ୍ଧକାରେ
ବହିଯାଏ କୁଳ ଦେଇ ।

ରୁଦ୍ଧ ଆବେଗ ରେ ଆବେଗିତ ହୋଇ
କଣ୍ଠ ଭରି ଆସେ କେବେ
ସାୟଂ କାଳେ ପୁଣି ସେ ଅସ୍ତ ସୁରୁଜେ
ମନ ଲାଖିଯାଏ କେବେ ।

ବିଡମ୍ବନା ସତେ ତା ହୃଦ ବକ୍ଷର
ଆଜି ଯାଏଁ ନାଇଁ ଠାବ
ଯାଯାବର ସତେ ସମୁଦ୍ର ଦେଶର
ବିଗଳତ ଭସା ଶବ ।

ଇନ୍ଦୁପୁର, କେନ୍ଦ୍ରାପଡ଼ା

# ପ୍ରକୃତିର ଖେଳ



ସଂଜୀବ ମେହେର

ଚନ ବୋଲି ଏକ ଦେଶ
ମଣିଷ କୁ ଛାଡି ସବୁ ଖାଉଥିଲେ
ସାପ ବେଙ୍ଗ ଆଉ ଯୋକ ।
ପ୍ରକୃତିକୁ ଜମା ମାନୁ ନଥିଲେ ସେ
ରଖିଥିଲେ ହାତ ମୁଠେ
ସହି ନ ପାରିକ ଶେଷରେ ପ୍ରକୃତି
ସାପ ଭଳ ଦେଲ୍ ଗୋଟେ ।
ଭିବିଲ୍ ଦିନେ ସେ ସବୁ ସାରିଦେବି
ମଣିଷକୁ ଦେବି ମାରି
କରୋନା ନାମରେ ଅତି ଆତଙ୍କିତ
ଜନ୍ମାଇଲ୍ ମହାମାରୀ ।
କାୟା ବିସ୍ତାରିଲ୍ ଏ ଦେଶୁ ସେ ଦେଶ
ପାରିଲେନ କେହି ରୋକ
ସର୍ଦ୍ଦି, ଥଣ୍ଡା, କାଶ ଏ ଭଳ ବ୍ୟାପିଲ୍
ଶେଷରେ ବୁଜିଲେ ଆଖି ।
ପ୍ରକୃତି କହିଲ୍ ଏଇତ ଆରମ୍ଭ
ଆଗକୁ ରହିଛି ବାକ
ଆଣିବି ଆହୁରି ମାରାତ୍ମକ ରୋଗ
ପଡ଼ିବି ଯେବେ ମୁଁ ଥକ ।
ଏଇ ଥର ତକ ଦୟା ମୁଁ କରୁଛି
ଉପାୟ ଦେଉଛି କହି

ମନ ଦେଇ ଶୁଣ ନର ନାରୀ ଗଣ
ରୋଗ ଯେ ଡେଇଁବ ନାହିଁ ।
ମୁହଁ ରେ ମାସ୍କ ହାତେ ହେଣ୍ଡ୍ ଗ୍ଲୋବ
ଦେହକୁ ରଖିବ ସଫା
ରୋଗ ଡେଇଁବନ ଜାଣିଥା ସଭିଏଁ
ରୋଗ ପଡ଼ିଯିବ ଫିକା ।
ବାରମ୍ବାର ନିଜ ହାତ ଧୋଉଥିବ
ଦୂରତା ରଖିବ ଭାଇ
ପାଟି ଆଉ ଆଖି ନାକର ଭିତରେ
ହାତ ପୁରେଇବ ନାହିଁ ।
ବସ୍, ଟ୍ରେନ ଯାତ୍ରା କମ୍ବା ଜାନଯାତ୍ରା
ଜନଗହଳ ର ସ୍ଥାନ
ଏଇ ସବୁଠାରୁ ଦୂରରେ ରହିଲେ
ସବୁ ଭଲ ହେବ ଯାଣ ।

ସାନବାବେଜୁରୀ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# (ସୁନାଯୋଡ଼ି ର ଗପ)
# ରାଜନୈତିକ ସତ୍ୟ



ବିଜୟ କୁମାର ଜେନା

ଅନେକ ନିର୍ବାଚନ ମଣ୍ଡଳୀ ପରି ସୁନାଯୋଡ଼ି ବି ଗୋଟିଏ ନିର୍ବାଚନ ମଣ୍ଡଳୀ। ବହୁତ ବର୍ଷ ଧରି ସୁନାଯୋଡ଼ିର ସାଂସଦ ଥିଲେ ବକ୍ରତୁଣ୍ଡ ଓଝା। ସୁନାଯୋଡ଼ିର ସୁଖବି (ସୁନାଯୋଡ଼ି ଖଣି ଓ ପରିଶୋଧନ ପ୍ରକଳ୍ପ)ରେ, ମାନନୀୟ ସାଂସଦଙ୍କ ଭଲ ଖାତିର ଥାଏ। ସାଂସଦୀୟ କର୍ତ୍ତବ୍ୟ ଓ ସୁଖବି'ର ପ୍ରଶାସନିକ ଦାୟିତ୍ୱ ବିଷୟରେ, ସାଂସଦ ଓ ସୁଖବି'ର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉଭୟ ପରସ୍ପର ପ୍ରତି ଅଧିକାଂଶ ସମୟରେ ପରିପୂରକ ରହୁଥିଲେ।

କିନ୍ତୁ, କିଏ ଜାଣିଥିଲ୍ ଯେ, ସେଦିନ ଗୌରୀ ବାବାଙ୍କ ମନ୍ଦିର ପରିସରରେ, ସାଂସଦ ପାଣ୍ଠି ବିନିଯୋଗରେ ନିର୍ମିତ 'ରୋଷେଇ ଘର' ଉଦଘାଟନ ଉତ୍ସବ ହେବ ତାଙ୍କର କର୍ମମୟ ଜୀବନର ଅନ୍ତିମ ଦିବସ।

ମନ୍ଦିର ପରିସରରୁ ବାହାରି, ତାଙ୍କ ଗାଡ଼ି ଠିକ୍ ମୋଡ଼ ନେଲ୍ ବେଳକୁ ସେପଟୁ ସୁଖବି ଭିତରୁ ଆସୁଥିବା ନାଲି-କାଦୁଅ ବୋଝେଇ ଟ୍ରକ ସହ ତାଙ୍କ ଗାଡ଼ି ଧକ୍କା ହେଲ୍। ଆହତ ବକ୍ରତୁଣ୍ଡଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା ପୂର୍ବରୁ ତାଙ୍କ ପ୍ରାଣବାୟୁ ଉଡି ଯାଇଥିଲ୍।

ତାଙ୍କ ଆତ୍ମା ସିଧା ସଳଖ ପହଞ୍ଚିଗଲ୍ ସ୍ୱର୍ଗର ଫ୍ରଣ୍ଟ ଅଫିସ୍ ରେ; ଯେଉଁଠି ଯମରାଜାଙ୍କ ପି. ଏ. ଚନ୍ଦ୍ରଗୁପ୍ତ ମହାଶୟ ତାଙ୍କ ଫାଇଲ୍ ଖୋଲି, ସାମନାରେ ଥିବା ଅଧସ୍ତନ ଯମଦୂତଙ୍କୁ କିଛି ନିର୍ଦ୍ଦେଶ ଦେଉଥିଲେ।

-"ସ୍ୱାଗତମ ! ସୁସ୍ୱାଗତମ୍ ବକ୍ରତୁଣ୍ଡ ମହାଶୟ। ଯମଲୋକକୁ ସ୍ୱାଗତମ୍।" ଆନନ୍ଦରେ କହିଲେ ଚନ୍ଦ୍ରଗୁପ୍ତ, -"ଆପଣଙ୍କୁ ଏଠାରେ ଥଇଥାନ କରିବା ପୂର୍ବରୁ କିଛି ସମସ୍ୟା ଦେଖା

ଦେଇଛି। ଆପଣ ତ ଆଉ ସାଧାରଣ ଲୋକ ନୁହନ୍ତି; ଆପଣ ସୁନାଯୋଡ଼ି ପରି ଏକ ବିଶିଷ୍ଟ ସାଂସଦୀୟ କ୍ଷେତ୍ରର ଲୋକ ପ୍ରତିନିଧି। ଯେଉଁଠି ସୁଖବି - ସୁନାଯୋଡ଼ି ଖଣି ଓ ପରିଶୋଧନ ପ୍ରକଳ୍ପ ଅଛି। କୋଟି କୋଟି ଟଙ୍କାର ସରକାରୀ ଉଦ୍ୟୋଗ। ଦେଶର ବିଭିନ୍ନ ଅଞ୍ଚଳର ଲୋକଙ୍କ ସଂସ୍ପର୍ଶରେ ଆପଣଙ୍କ କର୍ମମୟ ଜୀବନ କଟିଛି। ଆପଣଙ୍କ ପରି ଉଚ୍ଚ ଶ୍ରେଣୀର ଲୋକଙ୍କ ପ୍ରବେଶ ଏଠାରେ କ୍ୱଚତ ହୁଏ। ତେଣୁ ଆପଣଙ୍କୁ ଏଠାରେ କେଉଁଠି ଓ କଭଳ ଥଇଥାନ କରାଯିବ ସେଥିନେଇ ଆମେ ଟିକେ ଚନ୍ତାରେ ପଡିଛୁ।"

-"ଠିକ୍ ଅଛି, ମୋତେ ଭିତରକୁ ଯିବାକୁ ଦିଅନ୍ତୁ; ମୁଁ ମୋ ଜାଗା ନଜେ ସ୍ଥିର କରିନେବି।" କହିଲେ ବକ୍ରତୁଣ୍ଡ।

-"ଦେଖନ୍ତୁ, ଏତେବେଳକୁ ଆପଣ ଯମଲୋକରେ ନଜର ସ୍ଥାନ ପାଇ ସାରନ୍ତେଣି। କନ୍ତୁ, ଖୋଦ୍ ଯମରାଜାଙ୍କ ଆଦେଶ ଅଛି ଯେ, ସେ ଆପଣଙ୍କ ଫାଇଲ୍ ରେ ସେ ଦସ୍ତଖତ କରିବା ପୂର୍ବରୁ, ଆପଣ ପୁରା ଗୋଟିଏ ଦିନ ନର୍କରେ ଓ ଗୋଟିଏ ଦିନ ସ୍ୱର୍ଗରେ କଟେଇବେ। ଆଉ ତାପରେ ଆପଣ ସ୍ଥିର କରିବେ ଯେ ଆପଣ ଅନନ୍ତ କାଳ ପାଇଁ କେଉଁଠି ରହିବେ।" କହିଲେ ଚନ୍ଦ୍ରଗୁପ୍ତ।

ବକ୍ରତୁଣ୍ଡ -"ସତରେ ନା କଣ ? ମୁଁ କନ୍ତୁ ପ୍ରଥମରୁ କହିରଖେ ଯେ ମୁଁ ସ୍ୱର୍ଗରେ ହିଁ ରହିବି। ତେଣୁ ଆଉ ସେ ନର୍କ ଦେଖି ଆସିବା କଣ ଦରକାର ? ସିଧା ସ୍ୱର୍ଗରେ ରହିବାର ବ୍ୟବସ୍ଥା କରିଦିଅନ୍ତୁ।"

-"ଦୁଃଖିତ ଆଜ୍ଞା !! ଯାହା ନୟମ ଆମ ମୁଖିଆ ଲାଗୁ କରିଛନ୍ତି, ତାକୁ ବଦଳେଇବାର ସାଧ ଆମର ନାହିଁ।" ଏତିକ କହି, ଚନ୍ଦ୍ରଗୁପ୍ତ ତାଙ୍କର ଜଣେ ଅନୁଚରଙ୍କୁ ନର୍ଦ୍ଦେଶ ଦେଲେ ଯେ, ସେ ଏହି ନୂତନ ଆଗନ୍ତୁକଙ୍କୁ ପ୍ରଥମେ ନର୍କ ଦେଖାଇ ଆଣିବେ।

ଅନୁଚର ଜଣଙ୍କ ବକ୍ରତୁଣ୍ଡଙ୍କୁ ଧରି ନର୍କକୁ ଯିବାପାଇଁ ଉଦ୍ଦିଷ୍ଟ ଲିଫ୍ଟ ଭିତରକୁ ଯାଇ ସ୍ୱିଚ ଚପିଲେ। ଲିଫ୍ଟ ଗଲିଲା ତଳକୁ ତଳକୁ ଆହୁରି ତଳକୁ।

ଲିଫ୍ଟ ରହିଲା ଯେଉଁଠି, ବାହାରକୁ ଆସି ବକ୍ରତୁଣ୍ଡ ଦେଖିଲେ, ସେମାନେ ଗୋଟିଏ ସବୁଜ ଘାସ ଲନ'ର ଠିକ୍ ମଝିଆ ମଝି ସ୍ଥାନରେ ଠିଆ ହେଇଛନ୍ତି। ସତେ ଯେମିତି ସୁନାଯୋଡ଼ି ଶୈଳନିବାସ'ର ବଗିଚା। ସାମନାରେ ସୁଖବି କ୍ଲବ୍ ହାଉସ ପରି ବିରାଟ ଏକ କ୍ଲବ୍। ତା ଆଗକୁ ପାଣି ଫୁଆରା ଓ ରଙ୍ଗୀନ ଆଲୋକରେ ସଜ୍ଜିତ ସାବେରୀ ଲେକ ପରି, ସୁନ୍ଦର କୁନି ହ୍ରଦଟିଏ। ତାଙ୍କର ଠିକ୍ ସାମନା ବଗିଚାରେ ଠିଆ ହେଇଛନ୍ତି ଅନେକ ପୂର୍ବତନ ବିଧାୟକ ମନ୍ତ୍ରୀ ବନ୍ଧୁ - ଦଳୀୟ କର୍ମୀ - ସୁଖବି କର୍ମଚାରୀ ସଂଘ ମାନଙ୍କର କିଛି ପ୍ରତିନିଧି, ସୁଖବି'ର ବହୁତ ପଦସ୍ଥ ଅଧିକାରୀ; ବିଶେଷ କରି ବିଭିନ୍ନ ବିଭାଗୀୟ ମୁଖ୍ୟ। ଏମାନଙ୍କ ସହ ସେ ପୃଥିବୀରେ ଥିଲାବେଳେ ବହୁତ ସୁନ୍ଦର ସମୟ କଟେଇ ସାରିଛନ୍ତି।

ସମସ୍ତେ ଯେମିତିକି ଡିସେମ୍ବର ଏକତିରିଶ ସନ୍ଧ୍ୟାର ପାର୍ଟି ପାଇଁ ତୟାର ହେଇ ଆସିଛନ୍ତି। ନୂଆ ପୋଷାକରେ ସମସ୍ତେ ଖୁବ୍ ସୁନ୍ଦର ଦେଖାଯାଉଥିଲେ। ସମସ୍ତେ ହାତ ହଲେଇ ବକ୍ରତୁଣ୍ଡଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଲେ, ହାତ ମିଳେଇଲେ। ସାଧାରଣ ଜନତାଙ୍କ ଟଙ୍କାରେ ସେତେବେଳେ କେମିତି କଣ ସବୁ ଅୟାସ ଆରମ୍ଭ କରୁଥିଲେ ଓ ପାର୍ଟି ପିକନିକ୍ କରୁଥିଲେ, ସମସ୍ତେ ସେସବୁର ସ୍ମୃତି ଚାରଣ କଲେ।

ତାପରେ ସେମାନେ ଏକ ବନ୍ଧୁତ୍ୱପୂର୍ଣ୍ଣ ମିନି ଗଲ୍ଫ ଖେଳଲେ, କ୍ଲବ୍ ର ସ୍ୱୀମିଙ୍ଗ ପୂଲ୍ ପାଖରେ ସଜା ଯାଇଥିବା ଡାଇନିଂ ଟେବୁଲ ସମୂହରେ ସାମୁହିକ ପାନ ଭୋଜନର ମଜା ନେଲେ। ପାନୀୟରେ ଥିଲା ସାମ୍ପେନ, ୱାଇନ, ବିଭିନ୍ନ ପ୍ରକାରର ସ୍କଚ ହୁଇସ୍କି ପୁଣି ସାଥିରେ ଥିଲା - ଲୋବଷ୍ଟର ଚିଙ୍ଗୁଡ଼ି, ଖାସି ମାଂସ କଷା, ଦେଶୀ କୁକୁଡ଼ା, ଗୁଣ୍ଡୁରି ଚଢ଼େଇ ରୋଷ୍ଟ ଇତ୍ୟାଦି ବିଭିନ୍ନ ସୁସ୍ୱାଦୁ ଆମିଷ ନିରାମିଷ ଭୋଜନ।

ଏସବୁ ପାନ ଭୋଜନ ଓ ମନୋରଞ୍ଜନ ର ଦାୟିତ୍ୱରେ ଥିଲେ କିଛି ଯମଦୂତ। ଏହି ଯମଦୂତ ମାନେ ସମସ୍ତଙ୍କ ଆଦେଶ ଅତି ବିନୟର ସହ ମାନୁଥିଲେ, ଅତି ଭଦ୍ର ବ୍ୟବହାର କରୁଥିଲେ; ଥିଲେ ଅତ୍ୟନ୍ତ ମିଷ୍ଟଭାଷୀ। ଗୀତ ନାଚ ସହ ବିଭିନ୍ନ ହାସ୍ୟ ପରିହାସ ଭିତରେ ସମୟ ସେଠାରେ ଏତେ ସୁନ୍ଦର ଓ ଉପଭୋଗ୍ୟ ଥିଲା ଯେ, କେତେବେଳେ ଦିନଟି ସରିଗଲା, ଜଣା ପଡ଼ିଲା ନାହିଁ। ଲାଗିଲା ଯେମିତି ନଭେମ୍ବର କି ଡିସେମ୍ବର ମାସର ସୁନାଯୋଡ଼ିଆ ଦିନଟିଏ।

ଏବେ ସେଠାରୁ ଫେରିବା ସମୟ ହେଲା। ସେଠାରେ ସମସ୍ତେ ମିଳମିଶି ବକ୍ରତୁଣ୍ଡଙ୍କୁ ହୃଦୟସ୍ପର୍ଶୀ ବିଦାୟ ସମ୍ଭାଷଣ ଜଣେଇଲେ। ଲିଫ୍ଟରେ ସେ ଉପରକୁ ଉଠୁଥିବା ସମୟରେ, ତଳେ ଠିଆ ହୋଇଥିବା ନର୍କବାସୀମାନେ ତାଙ୍କୁ ହାତ ହଲେଇ ସମ୍ମାନ ଜଣାଇଲେ - ତାଙ୍କ ଆଡ଼କୁ ଉଡନ୍ତା ଚୁମା ଛାଡ଼ିଲେ।

ଲିଫ୍ଟ ଉଠିଲା ଉପରକୁ ଉପରକୁ; ରହିଲା ଠିକ୍ ସେଇଠି, ସ୍ୱର୍ଗର ଫ୍ରଣ୍ଟ ଅଫିସ୍ ସମ୍ମୁଖରେ। ଲିଫ୍ଟରୁ ବାହାରିଲା ବେଳକୁ ବକ୍ରତୁଣ୍ଡ ଦେଖିଲେ, ତାଙ୍କୁ ଯେମିତିକି ଅପେକ୍ଷା କରି ବସିଛନ୍ତି ଚନ୍ଦ୍ରଗୁପ୍ତ; ସଙ୍ଗେ ସଙ୍ଗେ କହିଲେ, -"ସାଂସଦ ମହୋଦୟ, ଏବେ ଆପଣ ସ୍ୱର୍ଗପୁର ବୁଲି ଦେଖିବାକୁ ହେବ।"

ବକ୍ରତୁଣ୍ଡଙ୍କୁ ନେଇ, ଆଉ ଜଣେ ସୁଦର୍ଶନ ଯମଦୂତ; ସ୍ୱର୍ଗ ପାଇଁ ଉଦ୍ଦିଷ୍ଟ ଲିଫ୍ଟରେ ପଶିଲେ। ଲିଫ୍ଟ ଉଠିଲା ଉଠିଲା ଉପର ଆହୁରି ଉପରକୁ। ରହିଲା ତାର ନିର୍ଦ୍ଦିଷ୍ଟ ସ୍ଥାନରେ। ବାହାରକୁ ଆସି ବକ୍ରତୁଣ୍ଡ ହଠାତ୍ ଭାବିଲେ, ସେ ପଞ୍ଚପଟମାଳ ହିଲ୍ ଟପ୍ କୁ ଆସି ଯାଇ ନାହାଁନ୍ତି ତ !! ଦୂରରେ ମେଘ ମଣ୍ଡିତ ପାହାଡ଼ ଶ୍ରେଣୀ। ଗୁରି ଆଡ଼େ ଧଳା ତୁଳା ପରି ମେଘ ଓ କୁହୁଡ଼ି, ଏ ପାହାଡ଼ରୁ ସେ ପାହାଡ଼ ମଧ୍ୟରେ ଭାସମାନ ଭେଳା ଯେମିତି।

ସେଠାରେ ସେ ପ୍ରାୟ ଚବିଶ ଘଣ୍ଟା କଟେଇଲେ। ସେଠାରେ ଦେଖାହେଲେ କିଛି ସାଧା ସିଧା ମଣିଷ। କିଛି ଥିଲେ ସେ'ଭିତରେ ଯେଉଁମାନେ କି, ଅଳ୍ପ ଚହ୍ନା ଚହ୍ନା ଲାଗୁଥିଲେ। ହୁଏତ କେବେ କେଉଁ କାମରେ ସାଂସଦ ଅଫିସ୍ କୁ ଆସିଥିବେ କି କଣ। ପ୍ରାୟ ସମସ୍ତେ କିନ୍ତୁ ଚୁପ୍ ଗୁପ୍ ନିଜ ଭିତରେ ମଗ୍ନ ଥିଲେ - ସମସ୍ତଙ୍କ ମୁହଁରେ ଥିଲା ଏକ ଚମତ୍କାର ମୃଦୁହସ। ସମସ୍ତେ ନୀରବରେ ନିଜ ନିଜର କାମ କରି ଯାଉଥାନ୍ତି। କିଛି ସେମିତି ନିରୀହ ଆତ୍ମାଙ୍କ ସହ, ସେ ଏ ମେଘ'ରୁ ସେ ମେଘ - ଏ ପାହାଡ଼ ଚୂଡ଼ା'ରୁ ସେ ପାହାଡ଼ ଚୂଡ଼ା - ସବୁ ବୁଲିଲେ। ଦେଖିଲେ, ଆହୁରି ଉପରୁ ଝରି ଆସୁଥିବା ନଦୀଟିଏ। ପଗ୍ଭରି ବୁଝିଲେ, ସେ ଥିଲା ସ୍ୱର୍ଗଗଙ୍ଗା ମନ୍ଦାକିନୀ। କେହି କେହି ସେ ନଦୀରେ ସ୍ନାନ ତର୍ପଣ ଆଦି କରୁଥାନ୍ତି। ନଦୀ'ର ଅନତି ଦୂରରେ ଉଦ୍ୟାନଟିଏ। କେହି ଜଣେ କହିଲା, ସେଇଟା ନନ୍ଦନ କାନନ। ବକ୍ରତୁଣ୍ଡ ସେ ଉଦ୍ୟାନରେ ଦେଖିଲେ ଏକ ନୂଆ ପ୍ରଜାତିର ଫୁଲ; ଜଣେ ଚହ୍ନେଇ ଦେଲେ ଯେ ସେଇଟା ପାରିଜାତ। ବହୁତ ସୁନ୍ଦର ତା ବାସ୍ନା। ଦୂରରୁ ଦୁନ୍ଦୁଭି ବାଦ୍ୟର ମୃଦୁ ଶବ୍ଦ

ଶୁଭୁଥିଲା। ସେଠାରେ କେହି କାହାକୁ କିଛି କହୁ ନଥିଲେ। ପଚାରିଲେ ହିଁ କିଛି ସଂକ୍ଷିପ୍ତ ଉତ୍ତର ମିଳୁଥିଲା। ଏହି ମେଘ ବାଦଲ ଓ ମଧୁର ସଙ୍ଗୀତ ରାଗିଣୀ ଭିତରେ କେତେବେଳେ ଚବିଶ ଘଣ୍ଟା ବିତିଗଲା। ଯାହାହେଉ, ସାଙ୍ଗରେ ଯାଇଥିବା ଦେବାନୁଚର ସହ ସେ ପୁଣି ଫେରି ଆସିଲେ ଚନ୍ଦ୍ରଗୁପ୍ତ ବସିଥିବା ସ୍ଥାନକୁ।

ମୃଦୁ ହସି, ଚନ୍ଦ୍ରଗୁପ୍ତ କହିଲେ, -"ଆପଣ ପୁରା ଦିନଟିଏ ନର୍କରେ ଓ ଆଉ ଗୋଟିଏ ସମ୍ପୂର୍ଣ ଦିନ ସ୍ୱର୍ଗରେ କଟେଇ ଦେଲେ। ଏବେ ଆପଣ କହିବେ, କୋଉଠି ରହିବେ। ଯାହାକି ଅନନ୍ତ କାଳ ପାଇଁ ଆପଣଙ୍କର ବାସସ୍ଥାନ ହେଇ ରହିବ। ଆପଣଙ୍କ ଠାରୁ ଶୁଣିଲା ପରେ ମୁଁ ଦସ୍ତାବିଜରେ ସେତିକି ଲେଖି, ଯମରାଜାଙ୍କ ମୋହର ମାରି ଆଣିବି। ଥରେ ସେ ମୋହର ବାଜିଗଲେ, କସ୍ମିନ କାଳେ ସେ ଆଦେଶ ଆଉ ବଦଳିବାର ନାହିଁ।"

ସାଂସଦ ବକ୍ରତୁଣ୍ଡ ଗୋଟିଏ ମିନଟ ପାଇଁ ଭାବିଲେ, ତାପରେ କହିଲେ, -"ଠିକ୍ ଅଛି, ମୁଁ ଆଗରୁ କେବେ କୌଣସି ପ୍ରକାର ଯୋର ଦେଇ କହି ନଥିଲି ଯେ ମୁଁ ସ୍ୱର୍ଗରେ ହିଁ ରହିବି। ସ୍ୱର୍ଗ ନିଶ୍ଚିତ ଭାବରେ ଶାନ୍ତ ଓ ନୈସର୍ଗିକ। କିନ୍ତୁ ମୁଁ ଭାବୁଛି, ମୋ ପାଇଁ ନର୍କ ହିଁ ଅଧିକ ଉପଯୁକ୍ତ ସ୍ଥାନ ହେବ। ମୋତେ ନର୍କରେ ରଖେଇ ଦିଅନ୍ତୁ।"

ବାସ୍, ତାପରେ - ଚନ୍ଦ୍ରଗୁପ୍ତଙ୍କ ଅନୁଚର ଜଣେ ବକ୍ରତୁଣ୍ଡଙ୍କୁ ନେଇ ଲିଫ୍ଟରେ ପଶିଲା। ଲିଫ୍ଟ ଖସିଲା ତଳକୁ ତଳକୁ - ସିଧା ନର୍କକୁ।

ଯେତେବେଳେ ବକ୍ରତୁଣ୍ଡ ଲିଫ୍ଟ'ର ଦ୍ୱାର ଖୋଲି ବାହାରକୁ ଆସିଲେ, ଦେଖିଲେ ସେ ଯେମିତି ଚୈତ୍ର ମାସ ଖରାରେ ଧୂଳି ଉଡୁଥିବା ଗୋଟିଏ ନାଳି ମାଟି ଓ କାଦୁଅ ଭରା ଶୁଖିଲା ପୋଖରୀ କୂଳରେ ଠିଆ ହେଇଛନ୍ତି। ତାଙ୍କୁ ଲାଗିଲା ଯେମିତି କି ସେଇଟା, ସୁନାଯୋଡ଼ି ରୁ, ଟିକେ ଛାଡ଼ିକି ବିସ୍ତୀର୍ଣ୍ଣ ଅଞ୍ଚଳ ମାଡ଼ି ବସିଥିବା ରେଡ୍ ମଡ ପଣ୍ଡ ଅଞ୍ଚଳ; ଯେଉଁଠି ସୁଖବି'ରୁ ନିର୍ଗତ ସମସ୍ତ ବର୍ଜ୍ୟବସ୍ତୁ ଜମା ହୁଏ। ନାକରେ କଷ୍ଟିକ୍ ସୋଡ଼ା ଓ ପଚାଶଢ଼ା ପାଉଁଶ ପାଣିର ଗନ୍ଧ। ଠିକ୍ ଆଗରେ, କ୍ଷତ ବିକ୍ଷତ କେତୋଟି ମଇଁଷି; ମାଟି କାଦୁଅ ହେଇ ଶିଙ୍ଗ ଉଠେଇ ତାଙ୍କ ଆଡ଼କୁ ଚାହିଁଛନ୍ତି। ତାଙ୍କ ଚାରିପଟେ, ସହର ଓ ସୁଖବି'ରୁ ବାହାରିଥିବା ଆବର୍ଜନା

ସବୁ କୁଢ଼ କୁଢ଼ ଜମା ହେଇଛି। ପବନ ଟିକେ ଦେହରେ ବାଜିଲ୍ ଯେ, ଦେହ କୁଣ୍ଡେଇ ହେଲାଣି - ଆଖିରେ ସେ ବିଷାକ୍ତ ନାଲି ଧୂଳ ବାଜି ଆଖି ପୋଡ଼ି ଉଠୁଛି।

ସେ ଦେଖିଲେ, ଅନେକ ତାଙ୍କର ପରିଚତ ବନ୍ଧୁ, ବିଧାୟକ, ବ୍ୟବସାୟୀ, କନଟ୍ରାକ୍ଟର, ସୁଖବି'ର କଛି କଛି ବିଭାଗୀୟ ପଦସ୍ଥ ଅଧିକାରୀ ମାନେ - ସମସ୍ତେ ଚିରା ଫଟା ମଇଳା ପୋଷାକ ପିନ୍ଧି ସେସବୁ ଆବର୍ଜ୍ଜନାକୁ ଘାଣ୍ଟି ଗ୍ଭଲିଛନ୍ତି। ଦେଖିଲେ, ଜଣେ ସୁଖବି'ର ପୂର୍ବତନ ଅଧିକାରୀ - ଯିଏ କ ପର୍ଯ୍ୟାବରଣ ଓ ପରିବେଶ ସୁରକ୍ଷା ଦାୟିତ୍ୱରେ ଥିଲେ, ସେ ଆଣ୍ଠୁ ମାଡ଼ି ହାମୁଡ଼ି ବସିଛନ୍ତି - ତାଙ୍କ ପିଠି ଉପରେ କେଉଁଠୁ କେଜାଣି ଆସି ପଡୁଛି ଉତ୍ତପ୍ତ ନାଲି ରଙ୍ଗର ତରଳ ପଦାର୍ଥ ଅନବରତ ଭାବରେ। ସେ ଅଞ୍ଚଳ ପୁରା ଧୂସର ଧୂଳ ଧୂସରିତ। ଉପରୁ କେଉଁଠୁ ଅଳଆ, ପଲିଥିନ୍, ନାଲି ମାଟି, ଧଳା କଳା କାଦୁଅ ବର୍ଷା ହେଉଛି ଯେମିତି। ଗ୍ଭରି ଆଡ଼େ ଦୁର୍ଗନ୍ଧ। ଅତି ଖରାପ ଓ ଭୟଙ୍କର ବାତାବରଣ।

ବିଡ଼ି ଟାଣି ଟାଣି ଆସିଗଲ୍ ଜଣେ ବେହେଡା ଦାନ୍ତିଆ ଯମଦୂତ। ଦୁର୍ଗନ୍ଧ ବାହାରୁଥିବା ମୁହଁ ହଲେଇ, ବକ୍ରତୁଣ୍ଡଙ୍କ କାନ୍ଧ ଉପରେ ତା ଲୋମଶ ହାତ ବୁଲେଇ, ଟାଣି ନେଲ୍ ସେଇ ଅଳଆ ଆବର୍ଜ୍ଜନା ଭିତରକୁ।

"ମୁଁ କଛି ବୁଝି ପାରୁନ କଣ ଇଏ **??**" ବ୍ୟସ୍ତ ବିବ୍ରତ ହୋଇ କହି ଉଠିଲେ ସାଂସଦ ବକ୍ରତୁଣ୍ଡ, -"ଗତକାଲି ଏଇଠି ସୁନ୍ଦର ଘାସ ଗାଲିଗ୍ଭ, ସନ୍ତରଣ ପୋଖରୀ, କ୍ଲବ୍ ହାଉସ, ଗଲ୍ଫ କୋର୍ସ, ବଗିଗ୍ଭ, ବାର ଇତ୍ୟାଦି କେତେ କଣ ଥିଲ୍। ଆମେ କ ସୁନ୍ଦର ପାର୍ଟି କରିଥିଲୁ - ଚଙ୍ଗୁଡ଼ି ଲୋବଷ୍ଟର୍, ଖାସି ମାଂସ, ଦେଶୀ କୁକୁଡ଼ା ମାଂସ ଇତ୍ୟାଦି ସହ ସାମ୍ପେନ ୱାଇନ ହୁଇସ୍କି ପିଉଥିଲୁ। କେତେ ସୁନ୍ଦର ସବୁ ଥିଲ୍ - ଖାଦ୍ୟ, ପରିବେଶ ସାଙ୍ଗସାଥି, ହସ ଖୁସି ସବୁ ଥିଲ୍। କନ୍ତୁ, **....** ଆଜି **?** ଆଜି ଏଇଠି ମରୁଭୂମି **!!** ଅସନା ଅଳଆ ଆବର୍ଜ୍ଜନା'ର ପାହାଡ଼ ମଝିରେ, ଏ ବିଷାକ୍ତ ପୋଖରୀ କୂଳରେ ମୋ ସାଙ୍ଗ ସାଥି ଚହ୍ନା ପରିଚତ ସମସ୍ତେ ପଡ଼ିଛନ୍ତି **!!** ଯନ୍ତ୍ରଣା ଭୋଗୁଛନ୍ତି **!!** କଣ ହେଇଗଲ୍ **??** କଣ ଏସବୁ **??** କୁହ **...** ଯମଦୂତ ମହାଶୟ, କଣ ଏସବୁ **??**"

ସେ ଯମଦୂତ ଆହୁରି ଆହୁରି ବିକଟାଳ ଦିଶୁଥିଲା। କଳା କଳା ଭୟଙ୍କର ଦାନ୍ତ ଦେଖାଇ ହସିଲା। ସାଂସଦ ବକ୍ରତୁଣ୍ଡଙ୍କ ଆଡ଼କୁ ଲଣ୍ଡାଏ ଛେପ ପକାଇ କହିଲା, -"ନୂଆ କଥା କିଛି ନୁହେଁ ମ ବନ୍ଧୁ !! ଏସବୁ ତ, ତୁମ ବୃତ୍ତିର ନିତି ଦିନିଆ କଥା। ଏଠି ଆମେ ସେୟା ଦେଖାଇଲୁ। ଗତକାଲି ଆମେ ନିର୍ବାଚନ ପ୍ରଚ୍ଚାର କରୁଥିଲୁ; ଆଉ ଆଜି - ତୁମେ ତୁମ ଭୋଟ ଦେଇ ସାରିଛ।"

ଦାମନଯୋଡି

“ବେଦାନ୍ତୀ” ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଗାଁ ରୁ ସହର ଯାଏଁ



କୃଷ୍ଣ ଚନ୍ଦ୍ର ବାରିକ୍

"ଗାଁ "ଜନ୍ମ ନେଇ ଥିଲା ଫଟା ମାଟି ର ଢେକଲ୍ ଆଁ ଭିତରୁ
ସହର ଜନ୍ମ ନେଲା ପିଚୁ ସଡ଼କ ର ଜାତୀୟ ରାଜପଥ ରୁ

"ଗାଁ " ଖେଳୁଥିଲା କତିକତି, ବୋହୁଚୋରୀ, ପୁଚ ଓ କବାଡି
"ସହର" ଖେଳଲା କେବଳ ଆଲୁଅ ଓ ଅନ୍ଧାର ରେ ଲୁଚକାଳି

" ଗାଁ " ପଢୁଥିଲା ପଠାଣି ସାମନ୍ତ ର ଜହ୍ନ ଆଲୁଅ ର ପ୍ରେମରେ
" ସହର" ପଢୁଛି ଆର୍ଥିକ ସମ୍ବଳ ର ଦମ୍ଭିଲା ବେକରେ

"ଗାଁ" ନାଚୁଥିଲା ଶାଢ଼ୀ ପିନ୍ଧା ସଜ କୁ  ଓ ରକ୍ତଜବା ଅଳତା ପାଦରେ
" ସହର" ନାଚୁଛି  ମର୍ଯ୍ୟାଦା ବାହାରେ ରଙ୍ଗ ବୋଳା ଓଠର ମହୁଆ ନିଶା ରେ

"ଗାଁ " ବି ପ୍ରେମ କରୁଥିଲା ଲାଜ ର ଲାବଣ୍ୟବତୀ ସହ ଦଣ୍ଡା ବାଲୁଙ୍ଗା ର ଦୁଷ୍ଟାମୀ ରେ
"ସହର" ବି ପ୍ରେମ କରୁଛି ହେଲେ ମୂହୁର୍ତ୍ତ ମଧୁର ଗୁପ୍ତ ପିପାସା ରେ

"ଗାଁ" ଗାଉଥିଲା ଖଞ୍ଜଣି, ମୃଦଙ୍ଗ ଝାଞ୍ଜ ର ଝଙ୍କାରେ ନିତାଳ ତଲ୍ଲୀନ ତାଳ
"ସହର" ଗାଉଛି  ମଧୁଶାଳା ର ଦୁଆର ବନ୍ଧ ରେ ରତିରାଗ ର ସୁର

"ଗାଁ " ଆଙ୍କୁଥିଲା ବାପା ଙ୍କ କୋଳ ରେ ଧ୍ରୁବ ନକ୍ଷତ୍ର ର ପ୍ରଶ୍ନବାଚୀ ଚହ୍ନ
"ସହର" ଆଙ୍କୁଛି ସମାଜ ପିଠି ରେ ଐତିହ୍ୟ ର ବିକୃତ ରୂପ

" ଗାଁ" ବଞ୍ଚି ରହିବାକୁ ଗ୍ଢହେଁ ସଂସ୍କୃତିର ସୁରକ୍ଷା ଓ ପରମ୍ପରା ପ୍ରତୀରକ୍ଷା ପାଇଁ
"ସହର " ତ କେବଳ ବାନ୍ଧି ରଖିବାକୁ ଗ୍ଢହେଁ ଅର୍ଥ ମୋହ ର ପସାପାଲି ରେ

ରଜିବ, ବାଙ୍କୀ, କଟକ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ମାନସ ନାୟକ



ଶୋଭଗିନ ବିଶି

ଆସ ଆସ ବାରେ ମନସ ନାୟକ, ବିରାଜ ହୃଦକନ୍ଦରେ ।
ମାନସୀ ନାୟିକା ଦେବତା ରୂପରେ, ପୂଜିବି ମନ ମନ୍ଦିରେ ॥
ଅନ୍ତର ଚକ୍ଷୁରେ ଦରଶନ ଦିଅ, ଦେଖି ମୁଁ ପାରିବି ଏକା ।
ଅନନ୍ତ ସମୟ ସାଥେ ତୁମ ରହି, କରିବି ମୋହର ସଖା ॥
କେତେ କାୟା କେତେ ହୃଦୟ ସହିତ, ହୋଇଛି ଭେଟ ମୋହର ।
ପ୍ରେମ ପୂଜାରିଣୀ ଗ୍ରାହ୍ୟ ନ କରିଲି, ଲାଗିଲେନ କେ ନଜର ॥
ରୂପ, ବର୍ଣ୍ଣ, ଗୁଣ କପରି ତୁମ୍ଭର, ଦର୍ଶନ ମୁଁ କରିନାହିଁ ।
ପ୍ରେମର ରେଖାଟେ ମୋ ହୃଦୟେ ଟାଣ, ମଳୟ ମରୁତ ଆଣି ॥
ହୃଦ ମରୁଭୂମେ ବସନ୍ତର ପର୍ଣ୍ଣ ଅଦିନେ ଉଠୁ କଅଁଳ ।
କୃଷ୍ଣ ପ୍ରେମେ ଯେହ୍ନେ ରାଧା ହୃଦ-ଗଙ୍ଗା, ପ୍ରଣୟେ ଥିଲା ଉଚ୍ଛୁଳ ॥
ପ୍ରଣୟ ଅବିର ବୋଳଦେଇ ଯାଅ, ସପ୍ତରଙ୍ଗ ଆଣି ଅଙ୍ଗେ ।
ଶତ ବାଧାବିଘ୍ନ ସତ୍ତ୍ୱେ ରହିଥାଉ, ତେଜ ରହୁ ଯୁଗେ ଯୁଗେ ॥

ଦୁଆନ ପଲ୍ଲୀ, ବରଗଡ

# ମୋ 'ବାପାଙ୍କୁ ଯେପରି ଜାଣେ



ଆଲୋକ କୁମାର ପଣ୍ଡା

ଯାହାଙ୍କଠୁଁ ଲେଖିବା ଶିଖିଛି,ତାଙ୍କ ବିଷୟରେ କ'ଣ ଲେଖିବି ?...

ଇଶ୍ୱରଙ୍କୁ କିଛି ମାଗିଲେ ହୁଏତ ବିଳମ୍ବ ହୋଇପାରେ,ମୋ' ବାପା ଆଗରୁ ଯାଚ ଦିଅନ୍ତି ହସିହସି ...

ନିଜେ ସାଇକେଲ ବସି ମୋ' ହାତରେ ଧରାଇଦିଅନ୍ତି ବାଇକର ଚାବି...ମୁଁ ସ୍ୱପ୍ନ ଦେଖେଁ, ପୂରା କରିବାର ରାସ୍ତା ଦେଖାନ୍ତି ମୋ' ବାପା...ପରିବାର ଉପରେ ଯେବେ ବିପଦ ଆସେ, ସର୍ବପ୍ରଥମେ ତାକୁ ମୋ'ବାପାଙ୍କ ସମ୍ମୁଖୀନ ହେବାକୁ ପଡେ.. ନିଜ ଦୁଃଖ ଚାପି ଆମକୁ ସୁଖ ବାଣ୍ଟିଥାନ୍ତି ମୋ' ବାପା..ଠିକ୍ ଭୁଲ ମଧ୍ୟରେ ତଫାତ୍ ତାଙ୍କଠୁଁ କିଏ ଅଧିକ ଜାଣିନି...ଅଜାଡି ଦେବାକୁ କହନ୍ତି ଜଗତର ହିତେ ସକଳ ଆୟୁଷ...ଚାଲିବା ମାଆଠୁଁ ଶିଖିଛି,ହେଲେ ନିଜ ଗୋଡରେ ଛିଡା ହେବାର କଳା ଓ କୌଶଳ ଶିଖାଇଛନ୍ତି ମୋ' ବାପା...ସୁଖରେ ପ୍ରମତ୍ତ କି ଦୁଃଖରେ ଅଧିର ହୁଅନ୍ତିନି ବାପା..ଛ'ଋତୁରେ ସମାନ ନିର୍ବିକାର ସିଏ ...ସ୍ନେହକାଙ୍ଗାଳ ମଣିଷଟେ... ଯେଉଁଦିନ ଏ ଦୁନିଆ କହିବ,ପୁଅଟି ଠିକ୍ ତା' ବାପାଙ୍କ ପରି;ସେ ଦିନ ହେବ ମୋ' ଜୀବନର ସବୁଠୁଁ ବଡ ଉପଲବ୍ଧି ।

ଶିକ୍ଷକ, କପସିପାଲି ଆଶ୍ରମ ବିଦ୍ୟାଳୟ, ବଲାଙ୍ଗିର

# ମନର ଭାବନା



ଅନାମ ଚରଣ ସାହୁ

ଦୀପ ଜଳ ଯେହ୍ନେ ଆଲୋକ ବିତରେ
ଅନ୍ଧକାର କରେ ଦୂର
ସେହିପରି ଆମ ଜୀବନ ସୁନ୍ଦର
ଲାଗିଲେ କାମେ କାହାର ।

ତିଳ ତିଳ ଜଳ ଜୀବନ ଦିପାଳୀ
ଯେବେ ଲିଭୁ ନାହିଁ ଦୁଃଖ
ପର ଉପକାର ହେଉ ସେବାବ୍ରତ
ବାଣ୍ଟି ଚାଲୁଥିବା ସୁଖ ।

ସେହି ସର୍ବଜ୍ଞାତା ଜଗତ ବିଧାତା
ଯତନେ ଗଢିଛି ଭାବି
ମାନବ ଜୀବନ ଅମୂଲ୍ୟ ସମ୍ପଦ
ବିତୁ ଭାଗବତ ସେବି ।

ସଭିଙ୍କର ପଥ ହେଉ କୁସୁମିତ
ଏତିକି ମିନତି ମୋର
ଦିନଟିଏ ନୁହେଁ ସବୁଦିନ ଚାହେଁ
ଦିପାବଳୀ ବାରଂବାର ।

ବିଭୂତିପୁର, କାକଟପୁର,ପୁରୀ

# ଆହତ ପ୍ରେମିକାର ଅନ୍ତର୍ଦାହ...



ଅଞ୍ଜଳ ଭୋଇ

ନୀଳାଭ ଆକାଶର ଦେହରେ ଉଡ଼ି ବୁଲୁଥିବା ...
ଉଡ଼ାନ୍ ଖୋର ଡେଣା ମୋର
ସେଦିନ.....ହଠାତ୍......
ସମୟ ସହ ଧକ୍କା ଖାଇ ଧର୍ଶାୟୀ ହୁଏ........

ମୋ ଆହତ ତନୁରୁ ଥପ୍ ଥପ୍ ଝରୁଥିବା ରକ୍ତର ବୁନ୍ଦାମାନ ଭୂଇଁକୁ ଓଦା କରୁଥାଏ ଓ
ତତଲ୍ ନଶ୍ୱାସମାନ .............
ଝାଳ ହୋଇ ନଗିଡ଼ି ପଡୁଥାଏ ।

ଆସନ୍ନ ମୃତ୍ୟୁକୁ ଅପେକ୍ଷା କରି
ମୁଁ ମନେ ପକାଉଥାଏ ....
ମୋର ତମାମ୍ ନୀରିହ ଭଲ ପାଇବାକୁ।
ଯେଉଠି ନା ପାଇବାର ପ୍ରତ୍ୟାଶା ଥିଲା ... ନା ଥିଲା ଭୁଲିବାର ପ୍ରଶ୍ନ।

କପରି ମୋର ସାଦା ପୃଷ୍ଠାରେ ସେ
ଶବ୍ଦ ହୋଇ ଓହ୍ଲାଇ ଆସୁଥିଲେ
ପାହାଚ ପରେ ପାହାଚ .......
ଶବ୍ଦର ଦେହରେ ରଙ୍ଗ ବୋଲୁଥିଲେ
ମୁଠା ମୁଠା ଅନ୍ଧାରକୁ ଫିଙ୍ଗି ଦେଇ
ଆଲୁଅରେ ଗଢୁଥିଲେ କବିତାର ଦେହଳୀ......।

ଆଜି ଯେପରି ସବୁକଛି .....
ନିଃଶେଷ ହୋଇଯାଉଛି ....।
ମୋ ସୁଖଦ ଭାବନା ସବୁ
ଶୂନ୍ୟକୁ ଲମ୍ଫ ମାରି କୁଆଡ଼େ
ଉଭାନ୍ ହୋଇଯାଉଛନ୍ତି....।

ଆଉ ମୁଁ........
ବଞ୍ଚିବାର ଲାଳସାରେ ଆତୁର ହୋଇ
ମୃତ୍ୟୁ ସହ ଯୁଦ୍ଧ କରି
ବାରମ୍ବାର ପରାଜିତ ହେଉଛି......।

ବେନାଆଁପାଲି , ବରଗଡ଼

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ ।
ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଅନ୍ତରୀକ୍ଷରେ ସ୍ୱପ୍ନପାଦ



ସୁଭଦ୍ରା ରାଉତ

ଚଳାଚଳ ଜୀବନ ଯାତ୍ରା ରୁ ବାହାରିଯାଇ କେହି କେହି କାଳ୍ପନିକ ଜଗତ ମଧ୍ୟରେ ସାଉଁଟି ଚାଲନ୍ତି ନିଜର ଗୋଟିଏ ମାର୍ଜିତ ବ୍ୟକ୍ତିତ୍ୱକୁ । ଏ କଥାକୁ ନିର୍ଭୁଲ ଭାବରେ ଗ୍ରହଣ କରିନେବା ଠିକ୍ ହେବ । କାରଣ ବିଶ୍ୱର ଶହେ ପ୍ରତିଶତ ପିଲାଙ୍କ ଭିତରୁ ଚାଳିଶ ପ୍ରତିଶତ ପିଲା ଏହିଭଳି ନିଜର ଏକ କାଳ୍ପନିକ ପୃଥିବୀ ମଧ୍ୟରେ ନିଜପାଇଁ ଗୋଟିଏ ଅଦୃଶ୍ୟ ଘର ତିଆରି କରନ୍ତି, ଯେଉଁଥିରେକି ସେ ନିଜ ଆତ୍ମୀୟ ଜନଙ୍କୁ ନେଇ ସେମାନଙ୍କର ଦୈନଦିନ ବ୍ୟବହାରରେ ଟିକିଏ ପରିବର୍ତ୍ତନ ଆଣି ଏକ ଭ୍ରାନ୍ତମୟ ପରିବେଶ ସୃଷ୍ଟି କରନ୍ତି । ଏବଂ ସମୟେ ସମୟେ ସେ ସେହି ଅଜଗତିକ ପରିବେଶକୁ ବାସ୍ତବତାକୁ ଆଣିବା ପାଇଁ ଚେଷ୍ଟା କରି କିଛି ପରିମାଣରେ ସଫଳ ହୁଅନ୍ତିତ କେବେକେବେ ସଫଳ ନହୋଇପାରି ନିଜର କୋଳାହଳମୟ ଜୀବନ ଯନ୍ତ୍ରଣାରୁ ମୁକୁଳିବା ପାଇଁ ଭୁଲ୍ ପଦକ୍ଷେପ ଗ୍ରହଣ କରନ୍ତି । ଏହା କଣ ଏକ କିଶୋର କିଶୋରୀ ସମସ୍ୟା ନୁହେଁ କି ?

ଶିଶୁଟିଏ ଭୂମିଷ୍ଠ ହେବାପରଠୁ ତ ସମସ୍ୟା ତାର ଚତୁଃପାର୍ଶ୍ୱରେ ଘେରି ରହିଥାଏ । କେବଳ ମାନବ ଜଗତ ପାଇଁ ନୁହେଁ, ପୃଥିବୀ ଯୋଗୁଁ ଜନ୍ମିତ ପ୍ରାକୃତିକ ଏବଂ ମାନବକୃତ ଉପାଦାନ ଗୁଡ଼ିକ ମଧ୍ୟ ମାନବଜାତି ପାଇଁ ବିଭିନ୍ନ ସମସ୍ୟା ର ସମ୍ମୁଖୀନ ହୁଅନ୍ତି । ଆଖିବୁଜି ଆମେମାନେ ଏ କଥାକୁ ସମ୍ପୂର୍ଣ ରୂପେ ମାନିନେଇ ପରିବାନି ଯେ କେବଳ ମାନବଜାତି ପାଇଁ ପୃଥିବୀର ସନ୍ତାନ ମାନେ ସମସ୍ୟା ଘେରରେ ଘାଣ୍ଟି ହେଉଛନ୍ତି । ଏବଂ କେତେକ ପ୍ରାକୃତିକ ଉପାଦାନ ନିମନ୍ତେ ମାନବଜାତି ସମସ୍ୟାର ଚକ୍ରବ୍ୟୁହ ରେ ଛନ୍ଦି ହୋଇପଡୁଛନ୍ତି , ଆମକୁ ଏ କଥାକୁ ବି ମାନିନେବାକୁ ହେବ ଯେ ବେଳେବେଳେ ମଣିଷ ମଧ୍ୟ ମଣିଷ ପାଇଁ ସମସ୍ୟା ପାଲଟି ଯାଉଛି । ଗୋଟିଏ ଗୋଟିଏ ଛୋଟ ଛୋଟ ଧୂଳିକଣା ଯେପରି ଏକଜୁଟ ହୋଇ

ପରବର୍ତ୍ତୀ ସମୟରେ ଏକ ବିଶାଳ ପ୍ରସ୍ତରରେ ପରିଣତ ହୋଇଯାଏ ଠିକ୍ ସେହିପରି ଅତି ଛୋଟଛୋଟ ସମସ୍ୟା ର କାରଣ ମଧ୍ୟ ଦିନେ ଏକ ବିରାଟ ପାଚେରୀ ହୋଇ ଦଣ୍ଡାୟିତ ହୋଇଯାଏ ଗୋଟିଏ ଛାତ୍ରଛାତ୍ରୀ ସମ୍ମୁଖରେ । ପରିଣତ ସ୍ବରୂପ ସେମାନେ ନିଜର ସ୍ୱପ୍ନକୁ ପୁରା କରିବା ନିମନ୍ତେ ଖୁବ୍ ପଛରେ ରହିଯାନ୍ତି । ଏହା କଣ ଛାତ୍ର/ଛାତ୍ରୀ ମାନଙ୍କ ପାଇଁ ଅନ୍ତରୀକ୍ଷରେ ସୁପ୍ନପାଦ ରଖିବା ଭଳି ନୁହେଁ କି ?

ପାହାଚ ଚଢିବା ଆଗରେ ସେମାନଙ୍କ ପାଇଁ କଣ୍ଟା ସାଜେ ଏକ ବିଶୃଙ୍ଖଳିତ ପରିବେଶ । ମୋର ଏହି ମନ୍ତବ୍ୟ ଉପରେ ବିପକ୍ଷ କଥା ବି ଆସିପାରିବ ଯେ ବିଶୃଙ୍ଖଳା ପରିବେଶ ଛଡ଼ା ଅନ୍ୟକିଛି କାରଣ ମଧ୍ୟ ଥାଇପାରେ । କିନ୍ତୁ, ବିଶୃଙ୍ଖଳିତ ପରିବେଶ ହିଁ ଗୋଟେ ଛାତ୍ର/ଛାତ୍ରୀ ର ଉନ୍ନତ ଭବିଷ୍ୟତ, ସାବଲୀଳ ଜୀବନଯାପନ ଓ ପରିମାର୍ଜିତ ଭାଷା ଉପରେ ଯେ ଅନ୍ୟାନ୍ୟ କାରଣ ଅପେକ୍ଷା ଗଭୀର ପ୍ରଭାବ ପକାଏ ଏଥିରେ ଦ୍ୱିମତ ହେବାର କୌଣସି କାରଣ ହିଁ ନାହିଁ । କାରଣ ଗୃହ ହିଁ ଗୋଟେ ପିଲାର ପ୍ରଥମ ବିଦ୍ୟାଳୟ । ସେହି ଗୃହସ୍ଥ ଜୀବନରେ ତା ସହ ବିଭିନ୍ନ ସମ୍ପର୍କରେ ଯୋଡ଼ି ହୋଇଥିବା ସଦସ୍ୟ ମାନେ ନିଜ ଆଗ୍ରର ବ୍ୟବହାର, କଥନ ଶୈଳୀ ରେ ଯେତେ ସଂସ୍କାର ଆଣିବେ ସେ ସବୁ ଗୋଟେ ପିଲାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସେତେ ସୁନ୍ଦର ପଥ ତିଆରି କରିବ । ଆଉ ଯେତେ ଶୃଙ୍ଖଳିତ ପରିବେଶ ତିଆରି ହେବ ସେତେ ବେଶୀ ପିଲାର ମାନସିକ ଗ୍ଲାପ ଦୂର ହେବ ।

ଗୋଟେ ଉଦାହରଣ - ବର୍ତ୍ତମାନ ର ଖବରକାଗଜ ରେ ବାହାରୁଥିବା ଗୋଟେ ଘଟଣା ଯେ 'ଜଣେ ଛାତ୍ର / ଛାତ୍ରୀ ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛି । ଏହାର କାରଣ କଣ୍ ଜାଣନ୍ତି ? ମୋ ମତରେ ଏହାର କାରଣ ଏକ ଶୃଙ୍ଖଳିତ ପରିବେଶ । ହୋଇପାରେ ସେ ଗରିବ, ହୋଇପାରେ ତାର ପରିବାର ଲୋକ ଶିଷ୍ଟ ଭାଷା ବ୍ୟବହାର କରୁନଥିବେ ଏବଂ ହୋଇପାରେ ସେମାନେ ଦିନମଜୁରିଆ ଭଳି ମୂଲ ଲାଗି ଜୀବନ ଜିଉଁଥିବେ । କିନ୍ତୁ ସେମାନେ ଶୃଙ୍ଖଳିତ ହୋଇଥିବେ ଅଥବା ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ର/ଛାତ୍ରୀ ନିଜକୁ କୋଳାହଳମୟ ପରିବେଶ ରୁ ଦୂରେଇ ରଖିଥିବ ।

ପିଲ୍ମାନେ ବିଦ୍ୟା ଆହରଣ କରିବା ପରଠୁ ହିଁ ସେମାନଙ୍କ ପିତାମାତା ହୁଅନ୍ତୁ ବା ସେମାନଙ୍କ ପରିବାର ର ଅନ୍ୟାନ୍ୟ ସଦସ୍ୟ, ସେମାନେ ମଧ୍ୟ ନିଜର ଚରିତ୍ରିକ ବ୍ୟବହାର ଓ ଭାଷାରେ ପରିବର୍ତ୍ତନ ଆଣିବା ଆବଶ୍ୟକ । ଫଳରେ ଛାତ୍ର / ଛାତ୍ରୀ ନିଜକୁ ଅଯଥା ମାନସିକ ଗ୍ଲପରୁ ଦୂରେଇ ରଖି ପାରିବେ । ଏବଂ ଯଦିବା ସେମାନେ ବାହାର ଜଗତରୁ କିଛି କୁଶିକ୍ଷା ଆହରଣ କରନ୍ତି ତେବେ ସେଇ କୁଶିକ୍ଷା ନିଜ ପାରିବାରିକ ସଦସ୍ୟଙ୍କ ସୁସଂସ୍କାର ପାଇଁ ଲୋପ ପାଇଯିବ ।

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ (ଓଡ଼ିଆ)
ଗ୍ରେରମୁହାଁ, ଧର୍ମଶାଳା, ଯାଜପୁର

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ପ୍ରତ୍ୟାଶା-ଏକ ନୂଆ ଆଶା



ଆୟୁଷ୍ମାନ ତ୍ରିପାଠୀ

ଅନ୍ଧାର ନିଶା ର ଅଜଣା ପଥରେ
ଚାଲୁଛି ଆଜି ମୁଁ ଏକା
ଦରିଦ୍ର ଜୀବନେ ମିଥ୍ୟା ସ୍ୟନନ୍ଦରେ
ଆଗଉଛି ସଦା ଏକା।

ଅବୋଧ ମାର୍ଗରେ ଅଜ୍ଞାନୀ ସାଙ୍ଗରେ
ମିତ୍ରତା ମୋ ସାଥେ କଲେ
ଅତି ନିଜ ବନ୍ଧୁ ସ୍ୱସଖା ପାଣିରେ
ବିଶ୍ୱାସରେ ବିଷ ଦେଲେ।
ସଂସାର ସିନ୍ଧୁରେ ପୋତପାଳ ସାଜି
ଆରମ୍ଭ କରିଲି ଯାତ
ଅଣ୍ଟି ଛୁରି ତଣ୍ଟି କାଟେ ବନ୍ଧୁ ଆଜି
ସାଗରେ ହେଲି ନିପାତ।
ବୁଦ୍ଧି ଯାତ ହେଲା ଘାତ ପ୍ରାପ୍ତ କରି
ଆପଣାକୁ ପର କଲି
ପରକୁ ଆପଣା ମୁଁ ନିଜର କରି
ସଂସାର ପଥେ ତରିଲି।
ସ୍ୱପ୍ନରେ ଆଦେଶ ଦେଲେ ମହାବାହୁ
କର୍ତ୍ତବ୍ୟରେ ନ ପଛାଅ
ଅହଂକାରକୁ ପଛରେ ରଖ ଯହୁଁ
ଆଶାର କିରଣ ଜଗାଅ।

ଆଶାରେ ନଗ୍ନଶା ଦେଖାଦେଲେ ନର
ପଛ ଘୁଞ୍ଚା ଦିଅ ନାହିଁ
ପ୍ରତ୍ୟାଶା ଜଗାଅ କୋଠାରେ ମନର
ନବରୁପ ଆଶା ଯହିଁ।
ପ୍ରତ୍ୟାଶା ଆଶାର ନବ ଭବ୍ୟ ଧନ
ପ୍ରତିରୁପରୁ ବିନାଶ
ଘନତ୍ୱ ଆଶାରେ ନଗ୍ନଶା ସେ ମନ
ପ୍ରତିବିମ୍ବକୁ ପ୍ରକାଶ।
ଆଜିର ଏ ସର୍ବ ବିଜ୍ଞାନ ସମରେ
ଭ୍ରାନ୍ତର ରୂପ ସମ୍ଭାଳ
ମନର ଅନ୍ଧାର କୋଠାର ଘାତରେ
ପ୍ରତ୍ୟାଶା ପ୍ରଦୀପ ଜାଳ!
ପ୍ରତ୍ୟାଶା ପ୍ରଦ

ସିନ୍ଧେକେଲ୍, ବଲାଙ୍ଗୀର

ବେଦାନ୍ତୀର ଆଗାମୀ ସଂଖ୍ୟା  ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **10** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ମାଟିର ମଣିଷ

ବେଣୁଧର ସୂତାର

ସୁଖର ସୂରୁଯ
ଆସେନ ଯା ପାଇଁ
ଆଲୋକର ରୂପନେଇ
ସବୁଜ ଧରାର
ସିଏ ରୂପକାର
ମାଟିର ମଣିଷ ସେହି ।
ବିଳାସ ବାଦର
ତୀବ୍ର ବିରୋଧି
ରୁଦ୍ର ସାଧନା ତାର
ନଖିଳ ମୁଖରେ
ହସ ଫୁଟାଇବା
ତା ଜୀବନ ଅଙ୍ଗୀକାର ।
ଧମନୀ ଚପୁଡି
ରକ୍ତ ନଗାଡି
ଲଗାଇ ପରାଣ ବାଜି
ବସୁମତୀ ହସ
ମହାନ ଦୃଶ୍ୟ
ତ ପାଇଁ ସମ୍ଭବ ଆଜି ।

ଚୈନ୍ଦ୍ର ରଜନୀ
ଆଣିନ ତା ପାଇଁ
ଜ୍ୟୋସ୍ନା ଶୀତଳ ଗତି
ସିଏ ଅଖିଳ ର
ଅନ୍ନଦାତା, ତା
ବିଶ୍ୱ ମାନବ ପ୍ରୀତି ।
ବସୁମତୀ ସୁତ
ନୁହେଁ ବିଚଳତ
ଦାରିଦ୍ର୍ୟର କଷାଘାତେ
ନର୍ବିକାରେ ଯେ
ବିତରେ ବିଭବ
ଆନନ୍ଦ ଅଶ୍ରୁ ପାତେ ।
ଶୁଣିଛକ ଥରେ
ମାଟି ମଣିଷ ର
ଅନ୍ତର ତଳର କଥା
ଦେଖିଛକ କେବେ
ବେଦନା ଦଗ୍ଧ ତା
ସଠସାର ର ମହାବ୍ୟଥା ।

ଯାହା ପାଇଁ ଆଜି
ଦେଖୁଛ ଧରାରେ
ଆଗାମୀର ସମ୍ଭାବନା
ବିଦ୍ରୋହେ ତାର
ବୁଲିବ ମହୀରେ
ମୃତ୍ୟୁ ର ପରୱାନା ।
ମୁଗ୍ଧ କରିନ
ଦଗ୍ଧ ପରାଣ
ସରକାରୀ ସୁରନାମା
ମିଛ ଇସ୍ତାହାରେ
ହୋଇକ ପାରିବ
ଧରା ରାଣୀ ମନୋରମା ।
ଆଗାମୀ ବିଶ୍ୱ
କର୍ଣ୍ଣଧାର ସେ
କରନ ତା ପ୍ରତି ହେଳା
ତା ବିନା ଅନନ୍ତ
ଉଦରେ ଜଳବ
ଜ୍ୱାଳା ର ଅଗ୍ନିମାଳା ।

ପ୍ରାଣବନ୍ତ ସେ ଯେ
ପ୍ରଣବ ପୁତ୍ର
କର୍ମର ରଣାଙ୍ଗନେ
ତା ଭାଗ୍ୟ ନଶାଣ
ବିଜୟ ବିଷାଣ
କର୍ମର ଜୟଗାନେ ।
ଅବହେଳତ ସେ
ନସ୍ୱ ମଣିଷ ଟି
ବିଶ୍ୱ ମୁଖେ ଦିଏ ଦାନା
ଶାନ୍ତି ମୈତ୍ରୀ ପ୍ରୀତି
ପବିତ୍ର ବନ୍ଧନେ
କରତାରେ ନରାଜନା ।

କେଶଦୁରାପାଳ
କେନ୍ଦୁଝର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଉତ୍କଳ ସଂସ୍କୃତି



ଟୁକୁନା ସାହୁ

ଗୌରବେ ମଣ୍ଡିତ ଉତ୍କଳେ ଜନ୍ମିତ
ଚକ୍ରବର୍ତ୍ତୀ ରାଜାଗଣ
ପୁଷ୍କରଣୀ କେତେ ଖନନ କରିଲେ
ରଖିବାକୁ ପ୍ରଜା ପ୍ରାଣ ।

କଛି ଚକ୍ରବର୍ତ୍ତୀ ରଖିଛନ୍ତି କୀର୍ତ୍ତି
ପାହାଡ଼ ବକ୍ଷକୁ ଚରି
ତୋଳଛନ୍ତି ସ୍ତୁପ ମନ୍ଦିର ନଗର
ପଥରେ ଜୀବନ ଭରି ।

ପାଷାଣ ଗାଉଛି ବୀରତ୍ୱର ଗାଥା
ଧଉଳ ରହିଛି ସାକ୍ଷୀ
ବିରଙ୍ଗନା ସ୍ୱର ମଉଳ ଯାଇଛି
ବୁଜିଛି ସେ ଦୁଇ ଆଖି ।

ନାହିଁ ସେ ବୋଇତ ସାଧବର ସୁତ
ପାଇକ ଆଖଡ଼ା କାହିଁ
କେବେ ଯେ ଫେରିବ ହତ ଗଉରବ
ରହିଛି ଏ ଆଖି ଚାହିଁ ।

ସାନ୍ତର୍ ପଲ୍ଲୀ ଗଞ୍ଜାମ

# ପାଗଳ



ସୁଶୀଲ କୁମାର ମହାପାତ୍ର

ଫେରୁଥାଏ ମୁ ଅଫିସ ରୁ ସେଦିନ ଦେଖା ହେଲା ଜଣେ ଲୋକ ସହ | ପରିପାଟୀ ରୁ ପାଗଳ ମନେହେଉଥିଲା କନ୍ତୁ କଣ ସେ ଗପୁଥିଲା ମୁଁ ବୁଝିବା ବାହାରେ | ସମସ୍ତେ ଗାଲି ଯାଉଥାନ୍ତି ପାଗଳ କହି । ମୁଁ ଟିକେ ଅଟକଲି ଭାବିଲି କଣ କହୁଛି ସେ ! ନୀରିକ୍ଷଣ କଲି ବୁଝିପାରୁନଥାଏ କଛି | ମନରେ ଅସୁମାରୀ ପ୍ରଶ୍ନ କାହିଁକ ମଣିଷ ପାଗଳ ଯେ ? ପାଗଳ କଣ ମଣିଷ ନୁହଁ ?

ଘରକୁ ଫେରିଲି, କନ୍ତୁ ମୋ ମନ ସେଇଠି ବୋଧେ ଅଟକ ଯାଇଥିଲା | ଭାବୁଥାଏ କଏ ଏଠି ଭଲ ଯେ... ସମସ୍ତେ ଗୋଟିଏ ଗୋଟିଏ ପାଗଳ.. କଏ ପ୍ରେମ ପାଇଁ.. କଏ ସମ୍ପର୍କ ପାଇଁ.. କଏ ଧନ ଆଉ ସମ୍ପତି ପାଇଁ ତ କଏ କ୍ଷମତା ପାଇଁ... ସମସ୍ତେ ଏଠି ପାଗଳ..କନ୍ତୁ ସେ ଏକା କାହିଁକ ପାଗଳ ପଦବାଚ୍ୟ... ?

ଭାବିଲି ମୁଁ ବି ପାଗଳ? ସକାଳୁ ସନ୍ଧ୍ୟା ଯାଏ ଅଫିସ । ତାପରେ ଘର ଚନ୍ତା । ପୁଣି କେତେବେଳେ ବୟସର ମଧାହ୍ନ ରେ ଖୋଜେ ପିଲାଦିନ.. ପାଉଁଶ ଗଦାରେ ଖୋଜେ ସମ୍ପର୍କ କୁ... ଏଇ ପାଗଳାମି ନୁହେଁ ତ ଆଉ କଣ ଯେ... ଆଉ ରହିଲା ପରିପାଟୀ... ଏଠି କଏ କଣ ପିନ୍ଧୁଚ ସବୁ ତ ପାଶ୍ଚାତ୍ୟ ସଭ୍ୟତା....

ସତରେ ଆଖିରୁ ଦୁଇ ଟୋପା ଲୁହ ଆସିଯାଇଥିଲା ମୋ ଅଜାଣତରେ... ସେ ପାଗଳ ନା ଆମେ ପାଗଳ... ସେ ବୋଧେ ଶାନ୍ତିରେ ଆଉ ଆମେ କଛି ପାଇବା ଆଶା ନେଇ ସବୁ ହରାଇ ବସୁଛେ.......

ବିରାମହରାଜପୁର, ସୁବର୍ଣ୍ଣପୁର

# ସେ ଦୁନିଆ କୁ ଯିବା ଫେରି



ଶାନ୍ତନୁ କୁମାର ରାଉତ

ଚାଲ ସେ ଦୁନିଆ କୁ ଯିବା ଫେରି
ଯେଉଁଠି ନଥିବ ପ୍ରେମର ବାରଣ
ଜାତି ଅଜାତିର ପାଚେରୀ
ଚାଲ ସେ ଦୁନିଆକୁ ଯିବା ଫେରି...... !!

ଶିକୁଳିରେ ବନ୍ଧା ବନ୍ଧନକୁ କାଟି
ଉଡୁଥିବା ଆମେ
ମୁକ୍ତ ଆକାଶର ବିହଙ୍ଗ ପରି
ଚାଲ ସେ ଦୁନିଆ କୁ ଯିବା ଫେରି..... !!

ବହିଲା ନଦୀର ସୁଅର ତାଡିର
ମନ ରହୁନାହିଁ କାହା ଅଧିନରେ
ଜଣେ ସଙ୍ଗ ହେଲେ ଅନେକ ସଂହାରି
ଚାଲ ସେ ଦୁନିଆ କୁ ଯିବା ଫେରି..... !!

ଏ ଦୁନିଆରେ ଆଉ ନାହିଁ ସୁବିଚାର
ଲୋକଙ୍କ ବଚନ ସାଣ ଖଣ୍ଡା ଧାର
ନାବ ଥିଲେ ନାହିଁ ନାଉରି
ଚାଲ ସେ ଦୁନିଆକୁ ଯିବା ଫେରି..... !!

ସେ ଦୁନିଆ ହେଲେ ହଉ ପଛେ ପର
ଆମେ ଗଲା ପରେ ହୋଇବେ ନିଜର
କୋଣେ ରହିଯିବା ମିଞ୍ଜି ତାରା ପରି
ଚାଲ ସେ ଦୁନିଆକୁ ଯିବା ଫେରି..... !!

ପାଟରଙ୍ଗା, ଯାଜପୁର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ସାଜିଛି ଅଭିମନ୍ୟୁ



ଶରତ କୁମାର ନାଏକ

ଏ ମୋହଗ୍ରସ୍ତ ଜଞ୍ଜାଳମୟ ଜଗତେ
ସାଜିଛି ମୁଁ ଅଭିମନ୍ୟୁ
ଭେଦି ଚାଲିଛି
ଜୀବନରେ ବିଶାଦର ଚକ୍ରବ୍ୟୁହକୁ ।।

ନାହିଁ ମୋର ପଛଘୁଞ୍ଚା
ମସ୍ତକ ଉପରେ ଧରି
ଆତ୍ମବିଶ୍ୱାସର ରଥଚକ୍ର
ତଡୁଛି ବର୍ଚ୍ଛା ରୂପେ ଆସୁଥିବା
ଯାବତୀୟ ଦୁଃଖ ଓ ଜ୍ୱାଳା ।।

ଅଛନ୍ତି ମୋର ପାଣ୍ଡବ ରୂପୀ ସାଥିଗଣ
ପରନ୍ତୁ ତୁଙ୍ଗଗିରି ସଦୃଶ
ଏ ଚକ୍ରବ୍ୟୁହର ପାଦଦେଶରେ
ଦୁର୍ଲଙ୍ଘ୍ୟ ସାଜିଛି ତାଙ୍କ ଉଦ୍ୟମ ।।

ଅପ୍ରତିଭ ହୋଇଯାଇଛି ଯୁଦ୍ଧ ପାଇଁ
ହେଲେ ମୁଁ ଦୃଢମନା ନର୍ବିକଳ୍ପ
ଲଢ଼ିବାକୁ ବିପର୍ଯ୍ୟୟ ସହ
ନ କରି ତିଳେ ମାତ୍ର ଭୟ ।।

ଜାଣିଛି ମୁଁ ଅଛି ଧର୍ମପକ୍ଷେ
କଟିଲେ କଟୁ ମୋର ମସ୍ତକ
ଦେହ ହେଉ ଚରି,
ଛିଟିକ ପଡୁ ପଛେ ରକ୍ତଛିଟା
ସାଜିଥିବି ଅଭିମନ୍ୟୁ ପରି ।।

ଧର୍ମଗଡ,କଳାହାଣ୍ଡି

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **10** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଅଦିନଆ ମୌସୁମୀ



ରୁଦ୍ର ନାରାୟଣ ଦାଶ

ସିପ୍ରା ଦେବୀ ହଠାତ କବାଟ ଖୋଲି ଲାଇଟ ସୁଇଚ୍ ଅନ୍ କରିଦେଲେ। ନାଁ କରେଣ୍ଟ ନାହିଁ। କରେଣ୍ଟ କୁ ଏତିକ ବେଳକୁ ଯିବାର ଥିଲା। ରୋଷେଇ ଘରୁ କ୍ୟାଣ୍ଡେଲ ଆଣି ଭ୍ୟାନଟରେ ପଡ଼ିଥିବା ଛୋଟ ଲାଇଟର ଦ୍ୱାରା ଅଗ୍ନି ସଂଯୋଗ କରି ଚାଲିଆସିଲେ ଆଇନା ପାଖକୁ। ବାରମ୍ବାର ମହମବତୀର ନଆଁ ସାହାଯ୍ୟରେ ନିଜ ମୁହଁକୁ ପରଖିବାକୁ ଚେଷ୍ଟା କରୁଥିଲେ। "ଛାଡ଼!" କହିଦେଇ ରୋଷେଇଘରକୁ ଗଲେ ଚା କରିବାକୁ।

ଚା ହେଉ ହେଉ କେତେବେଳେ ଯେ ତାଙ୍କ ଅନ୍ୟମନସ୍କ ଯୋଗୁଁ ଚା ଉତୁରି ପଡ଼ି ତାଙ୍କ ହାତରେ ଫୋଟକା କରିଦେଲା ଜାଣିପାରିଲେ ନାହିଁ। ଅଧାକପ ଚା ନେଇ ଘରର ମେନ ଡୋର ବନ୍ଦ କରି ବାଲକୋନ ରେ ଆସି ଠିଆ ହେଲେ ମହମବତୀ ସହ। ଥୁଆହୋଇଥିବା ଟେବୁଲରେ ଚା କପ ଥୋଇଦେଇ ବାହାରକୁ ଅନାଇ କହୁଥିଲେ କଛି ଗୁଣୁଗୁଣୁ ହୋଇ। ସେ ମୋତେ କେମିତି ଚିହ୍ନିପାରିଲେ ଏତେ ଦିନ ପରେ!

ସେ! ସେ କଏ? ହଁ ସେ ଯାହା କଥା ଭାବୁଛନ୍ତି ସେ ତ ଦୀର୍ଘ ପଚିଶ ବର୍ଷ ତଳୁ ଜାଣିଥିବା କ୍ଷେତ୍ରମୋହନ। ସେ ତ ତାଙ୍କ କଲେଜ ବେଳର ସାଙ୍ଗ। ହଁ। ସେ ତାଙ୍କର ନିବିଡ଼ ବନ୍ଧୁ ଥିଲେ। ବନ୍ଧୁତ୍ୱର ସେତୁ ଯେ ପ୍ରେମରେ କେତେବେଳେ ରୂପାନ୍ତରିତ ହୋଇଗଲା କେହି ଜାଣନ୍ତିନି। ସମ୍ପର୍କର ସେତୁ ଗାଢ଼ ହେଉ ହେଉ ଶୋଭେଶ ଆସି ପଶିଗଲେ ଝଡ଼ ପରି ଦୁହିଁଙ୍କ ମଧ୍ୟରେ। ପ୍ରତିପତ୍ତି, ରୂପରେ ମୋହିତ ହେଇଯାଇଥିଲେ ବୋଧେ ସିପ୍ରା ଦେବୀ। ସମୟ ସ୍ରୋତରେ ଅଲଗା କରିଦେଲେ ନିଜଠୁ କ୍ଷେତ୍ରମୋହନଙ୍କୁ ଆଉ ଧରିନେଲେ ଶୋଭେଶଙ୍କ ହାତ। ମାତ୍ର କୋଉ ଖୁସିରେ ରହିପାରିଲେ ଅବା। ସବୁବେଳେ ଘରେ ଖେଚ଼େରେ ମେଚ଼େରେ ଲାଗିଥାଏ ଦୁହିଁଙ୍କର ପଇସାପତ୍ର, ଘର ପରିବାରକୁ ନେଇ।

ଏତେ କଥା ଭାବୁ ଭାବୁ ଫେରିଆସିଲେ ସେ କିଛି ଘଣ୍ଟା ପୂର୍ବର ଘଟିଥିବା ଘଟଣାକୁ। ଅଫିସରୁ ବାହାରିବା ବେଳେ ବର୍ଷାର ପ୍ରକୋପ ଯେ ବଢ଼ିଯାଇଥିଲା। ଯୋଗକୁ ହଠାତ ଅଟୋଟେ ମିଳଗଲା ପାଖରେ।

-ଷ୍ଟେସନ ବଜାର ଯିବୁ!

-ହଁ ମାଡ଼ାମ।

ଦୁହିଁଙ୍କୁ ସ୍ୱର ଚିହ୍ନା ଚିହ୍ନା ଲାଗିଲା; ମାତ୍ର ପଚାରିଲେନି କି ପଚାରିବା ଭଳି ପରିସ୍ଥିତି ବା କୋଉଠି ଥିଲା। ବରଷାର ବିଦ୍ୟୁତ ଯୋଗୁଁ ରାସ୍ତା ଅନ୍ଧାର ସେଥିପାଇଁ ଅଟୋ ର ଲାଇଟ ଲଗାଇଦେଲେ ଚାଳକ। ଆଖି ପଡ଼ିଗଲା ହଠାତ ଡ୍ରାଇଭର ର ସିପ୍ରାଦେବୀଙ୍କ ମୁହଁକୁ ସାମ୍ନା ଆଇନା ମାଧ୍ୟମରେ। ଚିହ୍ନିବାକୁ ଚେଷ୍ଟା କଲେ ମାତ୍ର; ଚିହ୍ନିବାର ଦୋଛକରେ ଠିଆହେଇ ପଚାରିଦେଲେ

-ଆପଣ ସିପ୍ରାଦେବୀ ନା!

-ଏଁ!

ଜାଣିପାରିଲେନି ସିପ୍ରାଦେବୀ। ପଚାରିଲେ,

-ଆପଣ କେମିତି ଜାଣିଲେ?

-ଆପଣ ଅଫିସରୁ ଆସିଲେ ବୋଧେ!

ସିପ୍ରାଦେବୀ ଏକ ପ୍ରାଇଭେଟ ଅଫିସରେ ଚାକରୀ କରୁଥିଲେ। ନାଁ। ତଥାପି ସେ ଚିହ୍ନିପାରିଲେ ନାହିଁ। ସେପଟୁ ଡ୍ରାଇଭର କହିଲେ -" ମାଡ଼ାମ, ମୁଁ କ୍ଷେତ୍ରମୋହନ"।

-କ୍ଷେତ୍ରମୋହନ! ତୁମେ କ'ଣ ଅଟୋ ଚଲଉଛ!

-ହଁ, ମାଡ଼ାମ।

-ତୁମେ ମାଡ଼ାମ ଡାକବା କେବେଠୁ ଆରମ୍ଭ କରିଦେଲଣି ମୋତେ।

-ଚାକରୀ କରିଥିବା ଲୋକଙ୍କୁ ତ ସମ୍ମାନ ଦିଆଯାଏ ନା!

ଶୁଣୁଶୁଣୁ ତାଙ୍କ ଆଖି ଭରିଆସିଲା ପଶ୍ଚାତାପରେ। ସେ ନିଜ ଘର କଥା କହୁଥିଲେ। କହୁଥିଲେ ସୁବିଧା ଦେଖି ଆମ ବଙ୍ଗଳା ଆଡ଼େ ଆସିବ। କହୁକହୁ ବଜାର ଚାଲିଆସିଲା। ବଙ୍ଗଳା ସାମ୍ନାରେ ଅଟୋ ରହିଲା। ସିପ୍ରାଦେବୀ ଭ୍ୟାନଟରୁ ଟ.୫୦୦ ଟେ ବାହାର କରି ଦେଲେ ତାଙ୍କୁ। କହିଲେ, "ଛୁଆମାନଙ୍କ ପାଇଁ କିଛି ନେଇଯିବ"। ସେପଟୁ ହସଭରା ଉତ୍ତର ଆସିଲା, "ମୁଁ ବାହା ହେଇନି"। -କ'ଣ ବାହା ହେଇନ?

-ନାଁ, ପ୍ରଥମ ପ୍ରେମକୁ କିଏ କେବେ କ'ଣ ଭୁଲିପାରେ?

ବର୍ଷାର ବିପ୍ଲାତରେ ଭିଜିଯାଇଥିଲେ ସିପ୍ରାଦେବୀ। ଏତକ ଭାବୁ ଭାବୁ କଲିଂ ବେଲ ବାଜିଉଠିଲା। ଭାବନାର ବେଳାଭୂମିରୁ ମନ ଫେରାଇ ଦେଖନ୍ତି ତ ମହମବତୀର ନିଆଁ ତାଙ୍କ ଲାଲ ଶାଢ଼ୀର ପଣତରେ ଲାଗିସାରିଥିଲା।

ଭୁବନେଶ୍ୱର

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **10** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କିମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

ହ୍ୱାଟସଆପ୍ ନଂ-9594993733

# ମା

ରୋହିତ୍ ନାଏକ

ମା ଶବ୍ଦ ଅର୍ଥ ଜାଣି ନଥିଲି
ଡାକଲି ଯେବେ ପ୍ରଥମେ
ମା ମାନେ କଣ ଏବେ ବୁଝିଲି
ଅଛି ଯେ, ତାଙ୍କଠୁ ଦୂରେ ॥
ମା ଶବ୍ଦ ଯେ କେତେ ମଧୁର
ଅମୃତ ସମାନ ସ୍ୱର
ମା ବୋଲି ଥରେ ସକାଳୁ ଡାକଲେ
ଦିନ ହୁଏ ମୋ ମଧୁର ॥
ମା କୋଳ ଠାରୁ ଆରାମ ଝୁଲଣ
ନାହିଁ ଏହି ତିନ ଲୋକେ
ମା ଜଗତର ଛାଇ ପ୍ରାୟ
ଛାୟି ନାହିଁ ଆଉ କେଉଁ ତଳେ ॥
ମା ହାତବଢା ପଖାଳ ପେଜ ତୋରାଣୀ
ଏହି ଥମ ଭୋଗ କେଉଁ ଦ୍ରବ୍ୟ ନୁହଁଇ ॥
ମା ଯେ ସବୁଠୁ ଅଗ୍ରେ ପୂଜିତା, ତାଠୁ ବଡ କେ ନୁହଁ
ମାଙ୍କୁ ସମ୍ମାନ, ସେବା ଯେ କରିବ ନ ମଣିବ ତାଙ୍କୁ ହେୟ ॥
ମାର ମହତ୍ୱ ଗାନ କରିବାକୁ ମୁଁ ଅଟେ ଅକ୍ଷମ
ମାତ୍ର କଛି ଅଂଶ ଗୁଣ ଲେଖି, ରଖୁଛି ମୋର କଲମ ॥

# ସାଧବବୋହୂ

ପ୍ରକାଶ କୁମାର ଗୃନ୍ଦ

ସପନଦୀପର ସାଧବପୁଅ ମୁଁ
ତୁ ମୋ ସାଧବବୋହୂ
ଗୃଲି ତୋ ଅଳସୀ ରୂପ ତୋ କଳସୀ
କଥା ତୋ କୋଇଲି କୁହୁ ।।

ଫଗୁଣ ଆସିଲେ ମଳୟ ବହିଲେ
ତୋ ଦେହ ବଉଳ ବାସେ
ସତେ ଗୃନ୍ଦ ଆଜି ଗୃନ୍ଦିନୀ ଗ୍ତିରେ
ନୂଆବୋହୂ ପରି ଦିଶେ
ନୂଆ ନୂଆ ଲ୍ଗେ ମତେ ମୋ ଦୁନିଁଆ
ପାଦ ଟିକେ ଥୋଉ ଥୋଉ
ସପନଦୀପର ସାଧବପୁଅ ମୁଁ
ତୁ ମୋ ସାଧବବୋହୂ ।।

ପହିଲି ଆଷାଢ଼ ବରଷାଟା ଯେବେ
ପଡେ ତୋ ଦେହରେ ଛିଟା
ମାଟି ବାସୁଥାଏ ମହୁଆ ମହୁଆ
ସତେ କଢି ଦରଫୁଟା
ମାଟି ହୁଏ ସୁନା ତୋହରି ପରଶେ
ତୁହି ଯେବେ ଛୁଇଁ ଦଉ
ସପନଦୀପର ସାଧବପୁଅ ମୁଁ
ତୁ ମୋ ସାଧବବୋହୂ ।।

ଜୟପୁର ଶାସନ ପିପିଲି ପୁରୀ

# ଗ୍ଳଲିଗଲୁ ତୁ

ସମ୍ବିତ ଦାଶ

ଗ୍ଳଲିଗଲା ଗ୍ଳଲିଗଲା ସେଇ
ଅତୀତର ଦିନ,
ଭବିଷ୍ୟତର ଚନ୍ତା କରିବାକୁ
ଗୃହୁଁ ନାହିଁ ମନ ।
କୁଆଡେ ଗ୍ଳଲିଗଲୁ ରେ ତୁ
ମତେ ଏକା କରି,
ଭାବିଲେ ସେ କଥା ଦିନ ପରେ
ଦିନ ଯିବ ସରି ।
ଭାବି ମୁଁ ନଥିଲି ଗ୍ଳଲିଯିବୁ ତୁ
ବହୁତ ସିଘିର,
କାହିଁ ଛାଡି ଗ୍ଳଲିଗଲୁ ରେ ତୁ
କରି ମତେ ପର ।
ମନେ ପଡ଼ିଯାଏ ମୋର ସେହି
ପିଲାଦିନର କଥା,
ନୀତି ଶୋଇଲାବେଳେ ଆଁଉସିଦେଉ
ମୋର ମଥା ।
ତୋ କଥା ଭାବିଲେ ଆଖିରୁ ଝରି
ଯାଏ ମୋର ଲୁହ,
ଜଗତର ନାଥ କାଳଆ ଠାକୁର କାଇଁ
ତାକୁ ନେଇଗଲ କୁହ ।

ପଲ୍ଲୀକଣ୍ଠା, ଏରସମା, ଜଗତସିଂହପୁର

# ବ୍ୟସ୍ତ ସହର



ଦୁଷ୍ମନ୍ତ ବେହେରା

ବାଙ୍ଗର ଗ୍ରାମ ରେ ଅନେକ ପରିବାର ବାସ କରନ୍ତି। ସେଇ ଗାଁରେ ବାସ କରନ୍ତି ମଦନ ଦାସ। ପରିବାର କହିଲେ ସ୍ତ୍ରୀ- ରୀନା ମଣି ଦାସ ପୁଅ-ରାମପ୍ରସାଦ ଦାସ। ମଦନ ଦାସ ର ଘରେ ଅନେକ ଦୁଃଖ ବଞ୍ଚିବାର ଆଶା ପେଟର ଭୋକ ଅନେକ କଥା କହୁଥିଲା ଏଇତ ଜୀବନ।

ଜୀବନର ସ୍ୱାଦ କୁ ରାଖିଲା
ବେଳକୁ ଲକ୍ଷ୍ୟ ଭାସି ଯାଉଛି
ଭାବନା ସୁଅରେ କେମିତି ବୁଡିବି
ଦୁଃଖ ମୋ ଭସେଇ ନେଉଛି...

ନିଶ୍ୱାସ ର ପବନ ମନେ ପକାଉଥିଲା ଜୀବନ କେମିତିକା। ଏମିତି ରେ କିଛି କାମ ମଦନ ଦାସ କୁ ଦିନେ କାମକଲେ ଦୁଇ ଦିନ ବନ୍ଦ। ପଇସା ର ଅଭାବି ଓ ଚୁଲି ଓଳିଏ ଜଳଲେ ଓଳିଏ ବନ୍ଦ ଓଳିଏ ଖାଇଲେ ଓଳିଏ ବନ୍ଦ, ଦିନ ମଜୁରୀଆ ମୁହଁ ର ଚାହାଣୀ ଟିକକ ଅପେକ୍ଷା କରିଥାଏ ବାବୁ ମାନେ ଆସି କେତେବେଳେ ଡାକବେ।

ଲୁତକ ଚାହାଣୀ ଚାହିଁଛି ତୁମକୁ
କେତେବେଳେ ବାବୁମାନେ ଆସିବ
ପେଟର ଭୋକ କୁ ମେଣ୍ଟିବା
ଆଗରୁ ମନକୁ ମେଣ୍ଟିଯାଅ.........

ମାଟିଘରର ଚାରିକାନ୍ଥ କହୁଥିଲା ଲଙ୍ଘିଯା ଗାଁ ଛାଡି ସହରକୁ। ରାମପ୍ରସାଦ ବାପାଙ୍କର ଦୁଃଖ ଗରିବର ଅଭାବ ଦେଖି "ମା" କୁ କହିଲା ମୁଁ ସହରକୁ ଯିବି କିଛି ରୋଜଗାର କରିବି। "ମା"

କହିଲେ ତୁ ଏବେ ପଢୁଛୁ କ'ଣ ରୋଜଗାର କରିପାରିବୁ ହଁ ମା ଭୋକ ଦେଖେଇ ଥାଏ ରୋଜଗାର ବାଟ......

ଆଶା ଦେଖାଏ ଜୀବନ
ଜୀବନ ଦେଖାଏ ଲକ୍ଷ୍ୟ
ଲକ୍ଷ୍ୟ ଦେଖାଏ ଯୋଗ୍ୟତା
ଏଯୋଗ୍ୟତା ଟିକକ ଶୋଆଇ ଦିଏନା

"ମା" ଅପେକ୍ଷା କରିଥାନ୍ତି ସ୍ୱାମୀଙ୍କୁ ବେଳ ଅନ୍ଧାର ହେଇ ରାତି ନଅଟା ସମୟ ବେଳେ ଆସି ପହଞ୍ଚିଲେ। ଖାଇ ବସିବା ସମୟରେ ରୀନା ମଣି କହିଲେ ପୁଅ ବାହାରୁଛି ସହର ଯିବ କଛି ରୋଜଗାର ଆଶାରେ। ମଦନ କହିଲେ ଗୋଟିଏ ବୋଲି ପୁଅ କଣ କାମ କରିପାରିବ। ହଉ ଯାଉ ।

ତା' ପରଦିନ କଛି ଟଙ୍କା, ବ୍ୟାଗ୍ ଓ ପୋଷାକ ନେଇ ବାହାରିଲା ସହର ଅଭିମୁଖେ। ବସ୍ ଷ୍ଟାଣ୍ଡ ରେ ବସ୍ ରେ ବସି ରାମପ୍ରସାଦ ବାହାରି ଗଲେ । ସକାଳ ସମୟ ଛଅଟା ବସ୍ ରୁ ଓହ୍ଲାଇ ଏଣେତେଣେ ଅନାଇ ଏଇତ ସହର ଏଠି ସବୁ ଜିନଷ ନୂଆ ଲାଗୁଛି।

କଛି ଦୂର ଗଲାପରେ ଗାଡିର ଶବ୍ଦ ଲୋକଙ୍କ କୋଳାହଳ ଓ ଲୋକସଂଖ୍ୟା ଦେଖି - ଓହଃ ବ୍ୟସ୍ତ ସହର। ଧୂଳ ଉପରେ ପବନର ମାଡ। କଏ ଏଠି କାହାର ଠିକଣା ରଖିଛି। ସତେ ଯେମିତି କଏ ଯାଉଛି ଆଉ କଏ ଆସୁଛି। ଏଠି ଏତେ ବ୍ୟସ୍ତ।

ଏ ସହରର ପାଦଦେଶରେ ଯେଉଁଠାରେ ଆଖି ପଡିଲା ରାମ ପ୍ରସାଦ ର ସେଠି ସେ ଦେଖିଲା ବସ୍ ଷ୍ଟାଣ୍ଡ ରେ ବସ୍ ବ୍ୟସ୍ତ, ଦୋକାନ ରେ ଦୋକାନୀ ବ୍ୟସ୍ତ, ରେଳ ଷ୍ଟେସନ୍ ରେ ରେଳ ବ୍ୟସ୍ତ, ଏଠି ରିକ୍ସା, ଅଟୋ, ବ୍ୟସ୍ତ କନ୍ତୁ ଏଠି କାହାର ପରିବେଶ ଚନ୍ତା ପଡୁନାହିଁ । ନଜ ସ୍ୱାର୍ଥ ରେ ମଣିଷ ନଜେ ବ୍ୟସ୍ତ ।

କଛି ଦୂର ଚାଲିଗଲା ପରେ ଶୋଷ ଲାଗିଲା। ବ୍ୟାଗ୍ ରଖିଦେଇ ପାଣି ଟ୍ୟାପ୍ ପାଖକୁ ଗଲା ପାଣି ପିଇ ସାରି ଆସି ଦେଖିଲା ବ୍ୟାଗ୍ ନାହିଁ । ବ୍ୟାଗ୍ ରେ ଥିବା ଟଙ୍କା ଓ ପୋଷାକ ଚୋରି ହୋଇ ଯାଇଛି ।

ବ୍ୟସ୍ତତ ଲ୍ଗୁଛି ମନ ଭିତରେ
ଦେହ ଅଥୟ ହେଉଛି
ଉଛୁର ବେଳକୁ ଦ୍ୱଷିତ ଦୁନଆ
ଭ୍ବିଲେ ବୁଡୁଛି ଭ୍ଲେଣୀ.....

ଦୁଃଖ ସାଉଟା ସ୍ୱପ୍ନ ଗୁଡିକ
ଆଶା ଦୁନଆରେ ମିଳେଇ, ଯାଉଛି
ଲୁହକୁ ପୋଛିଲ୍ ବେଳକୁ
ଜୀବନ ଟିକକ ଭ୍ସି ଯାଉଛି.....

କଣ କରିବି କଏ କାମ ଦବ ପାଖରେ ତ ପଇସା ନାହିଁ। ଖାଇବି କ'ଣ ? ଏ ସହର ତ ବ୍ୟସ୍ତ । ଏଠି ପବନ ଅଣ ନଶ୍ୱାସୀ ର ବାଟ ନେଇ ଖୋଜି ବୁଲୁଛି କେମିତି ମୁକ୍ତି ପାଇବି। ଏ ସହର ରେ ମୋ ମନର କଥା କାହାକୁ କହିବି। ଶୁଣିବ କଏ। ଏଠି ଗ୍ସ୍ତା ଠାରୁ ଚଲ୍ବାଟ ବ୍ୟସ୍ତ।

ସମୟ ଆସି ଦଶଟା ପେଟରେ ଭ୍କେ। ପାଖରେ ତ ପଇସା ନାହିଁ ଖାଇବାକୁ ଦବ କଏ। ମନରେ ଭ୍ବୁ ଭ୍ବୁ ଆମ ଗାଁ ରେ ତ ଘରୁ ବାହାରିଲେ ଅନେକ ଲ୍କେ ପଗ୍ଋରନ୍ତି। ଆରେ ଗ୍ମ କୁଆଡେ ବାହାରିଲୁ ଖବର କ'ଣ। ଆଉ ଇଏତ ସହର ଏଠି କଏବା ପଗ୍ଋରେ । ଏଇଆ ଭ୍ବୁ ଭ୍ବୁ ଅନେକ ସମୟ ବିତି ଯାଉଥାଏ । ପେଟର ଭ୍କେ ବ୍ୟସ୍ତ ମନ ଓ ଆଖିର ଲୁହ ବୋହି ଯାଉଥାଏ। ଏହି ସମୟରେ ଜଣେ ଭଦ୍ର ଲ୍କେ ଆସି ପଗ୍ଋରିଲେ କ'ଣ ହେଇଛି ବାବୁ। ତୁମ ଆଖିରେ ଲୁହ।

ଆଜ୍ଞା ମୁଁ ଗାଁ ରୁ ସହର ଆସିଛି। କଛି ଗ୍ଜେଗାର ଆଶା ରେ କନ୍ତୁ ଏଠି ସମସ୍ତେ ବ୍ୟ । ମୋ ବ୍ୟସ୍ତ ରେ ଥିବା ଟଙ୍କା ଗ୍ଋେରି ହୋଇଗଲ୍ କ'ଣ କରିବି ଆଜ୍ଞା ।

ହଉ ବାବୁରେ ଦୁଃଖ କରନାହିଁ। ମୁଁ କଛି ଟଙ୍କା ଦେଉଛି ତୁମେ ଗାଁ କୁ ଫେରିଯାଅ। ଗ୍ମ କଛି ସମୟ ଭ୍ବିଲ୍ ମୁଁ ଗାଁ ରୁ ସହର କୁ ଆସିଛି ପୁଣି ଗାଁ କୁ ଫେରିଯିବି। ଆରେ ହଁ ତ ଆମର ଗ୍ଋଷ ଜମି ତ ଅଛି। ମୁଁ ଗାଁ କୁ ଫେରି ଗ୍ଋଷ କରିବି।

ରାମପ୍ରସାଦ ବସ୍ ରେ ଗାଁ କୁ ଫେରିଲା। ଘରେ ପହଞ୍ଚି "ମା" କୁ ସବୁକଥା କହିଲା । "ମା" ସେଠି ସମସେ ବ୍ୟସ୍ତ । ସେଠି କଏ କାହାକୁ ପଚାରନ୍ତି ନାହିଁ । ତୁମ ଦୁଃଖ ରେ ଦୁଃଖି ତୁମ ସୁଖରେ ସୁଖୀ, ବଡ ବିଚିତ୍ର ଏ ସହର ଦୁନିଆ ।

"ମା" ମୁଁ ଆମ ଜମିରେ ପନିପରିବା ଚାଷ କରିବି। ମୁଁ ଏଣେ ତେଣେ କାହିଁକି ବୁଲିବି। ଏଠି ଆମର ସୁନା ଫଳିବ।

ମାଟିର ବାସ୍ନାରେ ବିମୋହିତ ହୋଇ
ଦେଖିଲି ନୂଆ ସ୍ୱପ୍ନ
ମୋ ଗାଁ ମାଟି ମମତା କୋଳରେ
ନେଇଛି ତା' କୋଳେ ମୋତେ...

ଫଳିବ ମାଟିରେ ସୁନା
ଦେଖିବ ସାରା ଦୁନିଆ
କହୁଥିବେ ଜନେ ରଖିଛି ଟେକ
ମାଟି ଦେଶର ନାଁ.......

ଦୁଇ ବର୍ଷ ପରେ ରାମପ୍ରସାଦ ଜମିରେ ଫଳିଲା ସୁନା। ଖୁସିର ଲହରି ଦେଖି ଗାଁ ଲୋକେ ଓ ରାମପ୍ରସାଦ ମନରେ ହସର ଲହରି ଖେଳିଗଲା ।

ମଣିଷ ନିଜର ପରିଶ୍ରମ, ଲକ୍ଷ୍ୟ ଓ ମନ ବଳକୁ ନେଇ ଯେ କୌଣସି କାମ କୁ ନେଇ ଲକ୍ଷ୍ୟସ୍ଥଳ ରେ ପହଞ୍ଚି ପାରିବ ।।।

ରାସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

# ବରଷା



ପବିତ୍ର ବେହେରା

ଗର୍ଜନ କରି ଧାଇଁ ଆସଇ ବର୍ଷା
ଘଡଘଡି କୁ ସାଙ୍ଗରେ ନେଇ,
କହିବ ଯେପରି ନିଜ ସାଥିକୁ କେହି
ତା ପାଶୁ ନେଉଛି ଛଡ଼େଇ ।।

ବିଜୁଳିବତୀ ଦିଅଇ ସାହାସ
ଭୟ ନାହିଁ ତୋ ପାଶେ ଅଛି ମୁଇଁ,
ସାଗର ପାଶରୁ ତୋର ସାଥିକୁ ଆମେ
ନିଶ୍ଚୟ ଆଣିବା ଡରେଇ ।।

ପବନ ବି ବଢାଇ ଦିଏ ତା ହାତ
ବରଷାକୁ ନିଏ ସେ ଉଡେଇ ,
ତୋ ସାଥି ପାଶରେ ଅତି ଶୀଘ୍ର ତୋତେ
ନିର୍ଭୟେ ଦେବି ମୁଁ ପହଞ୍ଚାଇ ।।

ବର୍ଷା ରାଣୀ ର ଲୋତକ ରେ ପୁଣି
ବସୁଧା ମାଆ ହୁଏ ଶ୍ୟାମଳା,
ଧନ୍ୟ ତୁ ଜୀବଜଗତ କୁ ଦେଉଛୁ ସୁଖ
ନିଜେ ସହି ଦୁଃଖ ଜ୍ୱାଳା ।।

ଯେବେ ବଢିଯାଏ ତୋ ଦୁଃଖ ଭାର
ବଢିଯାଏ ତୋ ଲୋତକ ଧାର,
ଜଳମୟ ହୁଏ ଏ ଧରା ପୃଷ୍ଠ
ଜୀବଜଗତ ଯେ ଥରହର ।।

ସମ୍ବଲପୁର


www.vedantimagazine.com

# ତୁମେ



ନେପାଳ କୁମାର ବେହେରା

ପୂର୍ବାକାଶେ ଦିବାକର ଝଲସିବା ପରଠୁ
ପ୍ରତିଟି ଶିଶିର ଟୋପାରେ
ତୁମର ଉପସ୍ଥିତିକୁ
ଅନୁଭବ କରିଛି ମୁଁ ।
ଶୀତୁଆ ସକାଳର ଉସୁମ ଖରାଟେ
ସାଜିଛ ତୁମେ ।

ସୁନେଲି ଧାନ ବିଲର
ମନୋରମ ଦୃଶ୍ୟରେ ବି
ତୁମରି ଉପସ୍ଥିତି ବୋଧେ ।
କେଜାଣି ସକାଳ ଗାଧୁଆ ବି
ଥରେଇ ଦିଏ ଦେହକୁ,
ମତେଲାଗେ ତୁମେ
ସ୍ପର୍ଶ କରିଦେଇଗଲ ବୋଧେ
ନରମ ହାତରେ ।।

ରାତିର ଝିଁ ଝିଁକାରୀ ଶବ୍ଦରେ ବି
ଆକାଶକୁ ଚାହିଁ ଦିଏ କିଛି କ୍ଷଣ
କାଳେ ସେଇଠି ବି
ତୁମ ଉପସ୍ଥିତି ଜାହିର୍ କରିଥିବ ।।

ତୁମେ ରାତିର ନିଘୋଡ ନିଦରେ
ରାଜକୁମାରୀ ସାଜିବା
ଏଇଟା ମୋ ପାଗଳାମୀ ବୋଧେ ।।

ଲାଗେ ଯେମିତି ତୁମେ
ଦିବାନିଶି ପାଖରେ ଅଛ ।
କିନ୍ତୁ, କାହିଁ
ସବୁକିଛି ତ ସ୍ୱପ୍ନପରି ଲାଗେ ।।

ଜାମୁଖୋଲ,କଣ୍ଠାମାଳ,ବୌଦ୍ଧ

# ଦେବଦୂତ



ନବୀନ କୁମାର ପଧାନ

ଶୀତୁଆ ସକାଳ, ଗାଁ ଦାଣ୍ଡରେ ଉଚ୍ଛୁଳ ପଡୁଥାଏ ରାମ ନାମ ସତ୍ୟ ହେ । କିଏ ଏମାନେ କାହିଁକି ଏ ଶବ୍ଦ ଶୁଭୁଛି । ସମସ୍ତେ ଅପରିଚିତ । ଖବର ନେବାରେ ଜଣାପଡିଲା ଏକ ସ୍ୱେଚ୍ଛାସେବୀ ସଂଗଠନ । ରାତି ଅଧରେ ଅସହାୟର ଶବ ସତ୍କାର କରେ, ରୋଗରେ ପୀଡିତ ଅସହାୟ ଲୋକଙ୍କୁ ଡାକ୍ତର ଖାନା ନେବାର ବ୍ୟବସ୍ଥା କରେ । ଆବଶ୍ୟକ ହେଲେ ନିଜେ ରକ୍ତଦାନ କରେ ରୋଗୀର ଜୀବନ ବଞ୍ଚାଏ । ଜାତିପ୍ରଥା ରୂପି ଲକ୍ଷ୍ମଣରେଖା ଯେତେବେଳେ ସମାଜ ଡେଇଁବାକୁ ସାହସ କରେନି ସେଇ ସଂଗଠନ ସାହାଯ୍ୟର ହାତ ବଢାଏ । ଯେଉଁଠାରେ ନିଜର ରକ୍ତ ନିଜକୁ ପର କରେ, ସେଠାରେ ନିଜର ହୋଇ ସେଇ ସଂଗଠନ ଦେବଦୂତ ସାଜେ ।

ଭାରତ ସ୍ୱାଧୀନ ହେବାର ଏତେ ବର୍ଷ ପରେ ବି ଜାତିପ୍ରଥା ରୂପକ ରାକ୍ଷସ ରାଜୁତି କରେ କୁସଂସ୍କାର ଓ ଅନ୍ଧବିଶ୍ୱାସ ପରି ସେନାପତିକୁ ନେଇ ।

ନିଜ ପାଇଁ ତ ସମସ୍ତେ କରନ୍ତି କିନ୍ତୁ ଯେ ପର ପାଇଁ କଷ୍ଟ ସହେ । ବିପନ୍ନକୁ ସାହାଯ୍ୟ ର ହାତ ବଢାଏ ସେ ହେଉଛି ପ୍ରକୃତ ଦେବଦୂତ । ପ୍ରଣାମ ସେଇ ଦେବଦୂତର ମାନବୋଚିତ କାର୍ଯ୍ୟକୁ ।।

ବଲାଙ୍ଗୀର

# ଗୁରୁ ନବବର୍ଷ



ଲକ୍ଷ୍ମଣ ମହାନ୍ତି

ପୁଷ୍ପିତ ଗଗନ ପୁଷ୍ପିତ ଝର
ଶତଦଳ ପୁଷ୍ପେ ପ୍ରଭୃତ କର
ତମସାଦୁରିତ ପୂର୍ଣ୍ଣ ସଂଶାର
ଶୁଭେଚ୍ଛା ଘେନ ମୋ ନବବର୍ଷର.....|
ତ୍ୱକ ସାରବାଣୀ ତେଜିଣ ମୁଖେ
ଅମୀୟ ବରସୁ ଉନ୍ମୁକ୍ତଚତ୍ତେ
କର୍ଣ୍ଣେ ଗୁଞ୍ଜରୀତ ସୁ-ବାର୍ତ୍ତାମୁଦେ
ପ୍ରତ୍ୟାଶୀ ସାଫଲ୍ୟ ସୁଷମା ମଞ୍ଜେ.....|
ଆମୃତତ୍ତ୍ୱେ ଲଭ ସଂଶାର ସିନ୍ଧୁ
ଅଭିଷାପ ଧୌତ ଶୀଶୀର ବିନ୍ଦୁ
ସମାକୁଳ ପୁଷ୍ପ ମାଣୀକ୍ୟ ଝଳେ
ସ୍ପନ୍ଦୀତସୌରଭମନ୍ଦଅନଳେ.....|
ଜଗନ୍ନାଥ କୃପା ମନାସିଚତ୍ତେ
ଅମିୟ ତୁଲେ ପୁଷ୍ପ ଅନ୍ତରିକ୍ଷେ
ଅମଳ ଅବନୀ ଦିବ୍ୟଜ୍ୟୋତି
ଅରକ୍ଷିତ ପ୍ରାଣେ ଶାନ୍ତି ବାରିଧି.....|
ନୁହେଁ ମୁଁ ଶ୍ରେୟ ନୁହେଁ ବିଦୁଷ
କ୍ଷମା କରବାରେ ଥିଲେ ମୋ ଦୋଷ

# ସୂର୍ଯ୍ୟ



ଚନ୍ଦ୍ରଶେଖର କୁଅଁର

ଉଦିତ ଭାସ୍କର ଦିଅନ୍ତି ଆଭାସ
ନୂତନ ସକାଳ ପାଇଁ
ଯେଝା କର୍ମେ ସର୍ବେ କରନ୍ତି ଗମନ
ଲକ୍ଷ୍ୟ ଅନ୍ୱେଷଣ ନେଇ ॥
ଉଦେ ସବିତା ପୂର୍ବେ ଗଗନେ ନିତି
ଲୋହିତ ରୂପଟି ହୋଇ
କିରଣ ତାପ ତେଜ ପ୍ରଦାନ କରେ
ସୃଷ୍ଟି ର ମଙ୍ଗଳ ପାଇଁ ॥
ସକଳ ଜୀବନ ସକଳ ପରାଣ
ସକଳ ସୃଷ୍ଟି ଯେ ପରା
ଅରୁଣ ଦର୍ଶନେ ଏହି ଗଗନରେ
ଆଲୋକିତ ହୁଏ ଧରା ॥
ଖେଚର ଉଡ଼ନ୍ତି ମୁକ୍ତ ଆକାଶରେ
ଦିଗ ବଳୟ କୁ ଦେଖି
ବିଚରନ୍ତି ପକ୍ଷୀ ଖାଦ୍ୟକୁ ଭକ୍ଷିଣ
ଆନନ୍ଦ ଉଲ୍ଲାସ ହୋଇ ॥
ପ୍ରଭାତେ ଗମନ୍ତି ଚଷା କୃଷିକ୍ଷେତ୍ରେ
ଭୋର ପ୍ରତ୍ୟୁଷରୁ ଉଠି
ସୂର୍ଯ୍ୟ କିରଣରେ ଆନନ୍ଦେ ଖେଳନ୍ତି
ସରୋବରେ ପଦ୍ମ ଫୁଟି ॥

ପ୍ରଭୃତ ସ୍ନାନ ଅଟେ ମଙ୍ଗଳମୟ
ରବି ଙ୍କୁ ପୟ ତର୍ପଣ
ଉଦ୍ଦିଷ୍ଟ ଲ୍ଘବ ଶିଶୁଙ୍କ ସକାଶେ
ପ୍ରାତଃ ଗଭସ୍ତି କରଣ ॥
ଭାନୁଙ୍କ ତେଜ ହୁଏ ଉଦ୍ଧ୍ୟତମୟ
ନିଦାଘ ଋତୁ ସମୟେ
ପ୍ରବଳ ଅନଳ କରଣ ଦିଅନ୍ତି
ଧରିତ୍ରୀକୁ ଅଭିପ୍ରାୟେ ॥
କୃଷକ ଗାଆନ୍ତି ହଳଆ ଗୀତଟେ
ଦିନକାର୍ଯ୍ୟ ସମୟରେ
ଗୋରୁ ଧରି ସଞ୍ଜେ ଗୋଠରୁ ଗୋପାଳ
ହରଷେ ଗୃହକୁ ଫେରେ । ॥
ସେହି ଦିନକର ପଶ୍ଚିମାଲେଟି ଯେ
ସନ୍ଧ୍ୟା ଧୀରେ ଧୀରେ ଆସେ
ବିହଙ୍ଗ ଫେରନ୍ତି ନୀଡ଼ କୁ ସେମନ୍ତ
ରାବ ଦେଇ ଯେଝା ବାସେ ॥
ହୁଅନ୍ତି ଅସ୍ତ ସେହି ଦିନମଣିଟି
ପଶ୍ଚିମ ଦିଗ ଅନାଇ
ଆଲୁଅ ଛାଡ଼ଇ ଅନ୍ଧାର ଘୋଟଇ
ରାତ୍ରୀ ସ୍ୱାଗତ ସୂଚାଇ ॥

ଶିକ୍ଷକ, ଅମାମୁଣ୍ଡା, ମନହିରା, ବଲାଙ୍ଗୀର

# ଇନ୍ଦୁ



ଦେବାଶିଷ୍ ସାଗର

ଚାତକ ପକ୍ଷୀ ପରି ଅନାଇଁ ରହିଛି ମାଁର ଦି 'ଟୋପା ଔଷଧକୁ । ସେ କେବେ ଔଷଧ ଦେବ ତା' ପାଟିରେ, ଯାହା ଫଳରେ ମୁକ୍ତି ପାଇବ ସେ ଅସହ୍ୟ, ଦାରୁଣ, ରୁଗ୍‌ଣ ବ୍ୟାଧିରୁ । ଜନ୍ମଦାତ୍ରୀ ମାଁ କ'ଣ ଶିଶୁର ବ୍ୟାଧିକୁ ବୁଝିପାରୁ ନାହଁ । ସବୁ ଜାଣି ଶୁଣି ମାଁ ତା ' ପାଟିରେ ଦି' ଟୋପା ଔଷଧ ଦେଉ ନାହିଁ, କାଳେ ଯେଉଁ ମହାନ ପରିବର୍ତ୍ତନର ବାର୍ତ୍ତା ଦେଇଥିବା କୋଠର ହେଲେ ମଧ୍ୟ କୋମଳ ପିତାଙ୍କ ପାଠପଢ଼ା ଯେମିତି ବାଧା ସୃଷ୍ଟି ନ ହେଉ । ସେହି ପିତା ହେଉଛନ୍ତି ବାବା ସାହେବ ଆମ୍ବେଦକର । ଯିଏକ ଦରିଦ୍ର, ଶୋଷିତ, ଦଳତ, ନଷ୍ପେସିତ, ନାରୀ ମାନଙ୍କ ଉପରେ ହଜାର ହଜାର ବର୍ଷ ପୂର୍ବରୁ ହୋଇଆସୁଥିବା ଅତ୍ୟାଚାରକୁ ହଟାଇବା ପାଇଁ ବିଦ୍ୟା ଅଧ୍ୟୟନ କରୁଛନ୍ତି ବିଦେଶରେ ।

ବାବା ସାହେବ ଆମ୍ବେଦକର ନିଜ ପାଠପଢ଼ାରେ ବାଧକ ସାଜିଥିବା ଭୋକର ମୁକାବିଲା ପାଇଁ ଗୋଟିଏ ପତ୍ର ଲେଖିଛନ୍ତି ନିଜର ଧର୍ମପତ୍ନୀ ରମାବାଇଙ୍କ ନିକଟକୁ । ପତ୍ରରେ ସେ କପରି ଗୋଟିଏ ବ୍ରେଡ୍ (ପାଉଁରୁଟି) ଖାଇ ରହୁଛନ୍ତି ତାର କରୁଣ ଦୃଶ୍ୟ ବର୍ଣ୍ଣନା କରି ଆର୍ଥିକ ସହଯୋଗ ପାଇଁ ଆହ୍ୱାନ କରିଛନ୍ତି । ସର୍ବଗୁଣା ସଂପୂର୍ଣ୍ଣା ଭାରତୀୟ ନାରୀ ମାତା ରମାବାଇ ଦୂର ଦେଶରେ ଥିବା ସ୍ୱାମୀଙ୍କ ଏପରି ପତ୍ର ପାଇଁ ନିଜ ଆଖିର ଲୁହ ନ ଝରାଇ, ସମସ୍ତ ଲୁହକୁ ସେ ହୃଦୟରେ ଘର କରିଦେଲେ । ସେ ଲୁହ ସବୁବେଳେ ମନେ ପକାଇ ଦିଏ ବାବା ସାହେବଙ୍କ ସେ କରୁଣ ଭୋକଲା ବାର୍ତ୍ତାକୁ । କିନ୍ତୁ ନିଜ ପାଇଁ ନୁହେଁ ହଜାର ହଜାର ଭାରତୀୟ ମାନଙ୍କ ମୁକ୍ତି ପାଇଁ ବାବା ସାହେବଙ୍କ ବିଦ୍ୟା ଅଧ୍ୟୟନ ଥିଲା ବାଧତାମୂଳକ, ଯାହାକି ମାତା ରମାବାଇଙ୍କ ବୁଝିବାରେ ଅସୁବିଧା ନ ଥିଲା ।

ଏ ପଟେ ଦରିଦ୍ର ଦାଉ ସାଧୁଛି ମାତା ରମାବାଇଙ୍କ ଘରେ । ଘରେ ଖାଇବା ପାଇଁ କିଛି ନାହିଁ। ଗୋଟିଏ ଶିଶୁକୁ ହରାଇ ସେ ଏବେ ହରାଇବାକୁ ଯାଉଛନ୍ତି ନିଜର ପୁତ୍ରୀକୁ; ହେଲେ କ'ଣ କରିବେ ତା'ରି ପାଇଁ ସେ ଦି' ଟୋପା ଔଷଧ ଆଣି ପାରୁ ନାହାଁନ୍ତି । ଅର୍ଥର ଅଭାବ

ଯୋଗୁଁ କେବଳ ପୋଡ଼ା ରୁଟି ଖଣ୍ଡେ ଖଣ୍ଡେ ଖାଇ ଦିନ ବିତାଉଛନ୍ତି ଏହି ପରିବାର । କିନ୍ତୁ ରମାବାଇଙ୍କ ଆଖିରେ ସେ ଗୋଟିଏ ଚିନ୍ତା ସ୍ୱାମୀଙ୍କ ଭୋକିଲା ପେଟ । ତାଙ୍କରି ମନରେ କେବଳ ଗୋଟିଏ ଆଶା ସ୍ୱାମୀଙ୍କ ମହାନ ସଂଗ୍ରାମରେ ନିଜକୁ ଭାଗିଦାରିଣୀ କରିବା । ଫଳରେ ଭୋକିଲା ପେଟରେ ମାତା ରମାବାଇ ଗୋବରକୁ ଶୁଖାଇ "ଛେନା" ବା ଜାଳିଣି ପ୍ରସ୍ତୁତ କରି ତାକୁ ସେ ବିକ୍ରି କରି କିଛି ଟଙ୍କା କରିଛନ୍ତି ସେ ରୋଜଗାର । ସେହି ଟଙ୍କାକୁ ସେ ପଠାଇବେ ବିଲାତରେ ପାଠପଢୁଥିବା ବାବୁଙ୍କ ପାଖକୁ । କାରଣ ସେ ପାଠ ନ ପଢ଼ିଲେ ତାଙ୍କ ସ୍ୱପ୍ନ , ଆଶା , ପ୍ରତିଜ୍ଞା , ଧର୍ମ ହୋଇଯିବ ବିଫଳ । ତେଣୁ ତାଙ୍କୁ ପାଠ ପଢ଼ିବାକୁ ପଡ଼ିବ ।

ରୋଗଗ୍ରସ୍ତା ଶିଶୁ ଯିଏକି ନିଜର ପିତାଙ୍କୁ ମଧ୍ୟ ଦେଖି ନାହିଁ, କିନ୍ତୁ ସେ ଅନାଇଛି ମାଁର ଦି' ଟୋପା ଔଷଧକୁ । ସେ କୋମଳମତି ଶିଶୁ ହେଉଛି ମାତା ରମାବାଇଙ୍କ ଗୋଟିଏ କନ୍ୟା "ଇନ୍ଦୁ" । ଏଇ ଇନ୍ଦୁକୁ କେବେ ଦେଖି ନାହାଁନ୍ତି ବାବା ସାହେବ, କେବଳ ରମାବାଇଙ୍କ ପତ୍ର ସାହାଯ୍ୟରେ ଜାଣିବାକୁ ପାଇଁ ଥିଲେ ନିଜ ଝିଅ ବିଷୟରେ ।

ଜନ୍ମ ଦେଇଥିବା ମାତାଙ୍କ ମନରେ ଗୋଡାଏ ପ୍ରଶ୍ନ । କ'ଣ ହେବ ସେ ଶିଶୁର, ଯିଏକି ମତେ ଅହର୍ନିଷ ଅନାଇଁ ରହିଛି ଦି' ଟୋପା ଔଷଧ ନିମନ୍ତେ । ଯିଏ କି ଦୁନିଆର କିଛି ଦେଖି ନାହିଁ, କିଛି ଦେଖିବାର ଆଶା କରୁଛି ମାଁଙ୍କ ପାଖରୁ । ଅନ୍ୟ ପଟରେ ମୁକ୍ତି ସଂଗ୍ରାମରେ ଝାସ ଦେଇଥିବା ସ୍ୱାମୀଙ୍କ ପାଖକୁ ଅର୍ଥ ପଠାଇବା ନିତାନ୍ତ ଆବଶ୍ୟକ । ଅସ୍ଥିରତା ପରିବେଶ ହେଲେ ମଧ୍ୟ ମାତା ରମାବାଇ ବିଚ୍ୟୁତି ହୋଇ ନାହାନ୍ତି ନିଜ ଲକ୍ଷ୍ୟରୁ । ଔଷଧକୁ ଚାହିଁ ରହିଥିବା କୋମଳ ଶିଶୁ "ଇନ୍ଦୁ" ମୁହଁରେ ଔଷଧ ଟୋପେ ନ ଦେଇ, ଛେନା ବିକ୍ରିରେ ମିଳିଥିବା ଅର୍ଥକୁ ପଠାଇଛନ୍ତି ବାବା ସାହେବଙ୍କ ପାଖକୁ ଏବଂ ତା' ସଂଗରେ ପଠାଇଛନ୍ତି ନିଜର ଦୁଃଖ ଦିନର ପରିସ୍ଥିତିର ବାର୍ତ୍ତା ପତ୍ର ମାଧ୍ୟମରେ । କ'ଣ କରିବ ସେ ଶିଶୁ ରୋଗକୁ ପ୍ରତିରୋଧ କରିବା ପାଇଁ ତା' ଶରୀରରେ ଶକ୍ତି ନାହିଁ, କିନ୍ତୁ ମନରେ ନିଶ୍ଚିତ କିଛି ଭାବିଥିବ । ନିଜ ଝିଅର ପାଟିରେ ଦି' ଟୋପା ଔଷଧ ନ ଦେଇ ମାଁ ସମସ୍ତ ଟଙ୍କା ପଠାଇଛି ବିଦେଶକୁ ।

ପଶ୍ଚିମ ଦିଗରେ ସୂର୍ଯ୍ୟଙ୍କର ଆଗମନ ପରି କୋମଲ ଶିଶୁର ସେହି ଚକାଚକା ଆଖି ଧିରେ ଧିରେ ଅନ୍ଧାରର ରାସ୍ତାକୁ ଆପଣେଇ ଦେଲା । କ'ଣ କରିପାରିଥାନ୍ତା ସେ, କିନ୍ତୁ ଅନ୍ତରେ

ଅନ୍ତରେ ନିଜ ପିତାଙ୍କୁ କରିଛି ରୋଜଗାର ନ କରି ମଧ୍ୟ ଦେଇଛି ଆର୍ଥିକ ସହାୟତା । ନିଜେ ଔଷଧ ନ ଖାଇ ଅନ୍ୟ ମାନେ ଔଷଧ ଖାଇବେ ବୋଲି ପିତାଙ୍କୁ କରିଛି ସାହାଯ୍ୟ ।

ଆଧୁନିକ ସମାଜରେ କ'ଣ ଏ ଶିକ୍ଷିତ ଭଦ୍ର ବ୍ୟକ୍ତି ବୁଝି ପାରୁ ନାହାଁନ୍ତି ବର୍ତ୍ତମାନର ଇନ୍ଦୁମାନଙ୍କ ଆଖିର ଲୁହକୁ । ମନେ କରି ପାରୁ ନାହାଁନ୍ତି କି ସେ ଶିଶୁ ବୀରଙ୍ଗନାର ବୀରତ୍ୱର ଗାଥାକୁ । ତାହାରି ବଳିଦାନ ପାଇଁ ବର୍ତ୍ତମାନ ପାଇପାରିଛନ୍ତି ଅନେକ ସୁଖ ଓ ସୁବିଧା । ସେହି ସୁବିଧାବାଦୀ ଲୋକମାନେ ଟିକିଏ ମନେ ପକାନ୍ତୁ ସେ ଚକାଚକା ଆଖିକୁ; ଅନ୍ତିମ ସମୟରେ କ'ଣ ଭାବି ଘୁମାଇ ଥିବ ମହାନିଦ୍ରା କୋଳରେ ?

ବଡ଼ନୂଆଁପାଲି, ଚେରୁପାଲି
ସୁବର୍ଣ୍ଣପୁର

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **10** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କିମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ପ୍ରିୟତମା



ଟିକେରାଜ ସାହୁ

ଚାନ୍ଦର ଚାନ୍ଦିନୀ ଫିକା ପଡିଯିବ
ତୁମକୁ ଦେଖିଲେ ଥରେ
ପ୍ରଥମ ଦେଖାରେ ମନ ରହିଗଲା
ମାନସୀ ଗୋ ତୁମ ଠାରେ ।

ଚାଲିରେ ତୁମର ରୁଣୁ ଝୁଣୁ ସୁଭେ
ପାଦର ପାଉଁଜି ସ୍ୱର
କୋଇଲି ପରି ତୁମର କଣ୍ଠସ୍ୱର
ଲାଗେ ମୋତେ ମନୋହର ।

ଦୁଇ ଆଖି ତୁମର ନୀଳ ସାଗର
ଓଠ ଗୋଲାପର କଢି
ଗୋରା ଗୋରା ଦେହେ ମାନୁଅଛି ତୁମ
ହଳଦି ରଙ୍ଗର ଶାଢି ।

ମନରେ ମନରେ ଭଲପାଇ ଅଛି
ତୁମକୁ ଦେଖିଲା ପରେ
ପାଗଲ ସାଜିଛି ପ୍ରିୟତମା ଆଜି
ତୁମ କବିତା ଲେଖାରେ ।

# ଶ୍ରୀମଦ୍ ଭଗବତ୍ ଗୀତାର ଅଷ୍ଟାଦଶ ଅଧ୍ୟାୟର ସାରକଥା



ନରେନ୍ଦ୍ର ପ୍ରସାଦ ବେହେରା

ସଂସାରର ଅର୍ଥହେଲା ଯାହା ବର୍‌ବର ଘୂରୁଅଛି । ଜୀବାତ୍ମା ଜନ୍ମଲାଭ କରୁଛି, ପୁଣି ମରୁଛି, ପୁଣି ଜନ୍ମଲାଭ କରୁଛି, ପୁଣି ମରୁଛି । ଏଣୁ ଜୀବାତ୍ମା ଚକ୍ରଭଳି ଘୂରି ଚାଲିଛି । ଏଥିରୁ ରକ୍ଷା ପାଇବାର ନାମ ମୋକ୍ଷ ବା ମୁକ୍ତି । ସଚ୍ଚିଦାନନ୍ଦ ପରମାତ୍ମାଙ୍କୁ ଲାଭ କରିପାରିଲେ ସଂସାର ଚକ୍ରରୁ ମୁକ୍ତି ମିଳିବ ଓ ମୋକ୍ଷ ଲାଭ ହେବ । ଅଷ୍ଟାଦଶ (ଶେଷ) ଅଧ୍ୟାୟରେ ସମସ୍ତ ଗୀତା ଶାସ୍ତ୍ରର ସାର ସଂକଳନ ସହିତ ମୋକ୍ଷଲାଭର ଉପାୟ ବର୍ଣ୍ଣନା କରାଯାଇଥିବାରୁ ଏ ଅଧ୍ୟାୟର ନାମ ଯୋଗ ରଖାଯାଇଛି । ଅଧ୍ୟାୟର ଆରମ୍ଭରେ ଅର୍ଜୁନଙ୍କ ପ୍ରଶ୍ନର ଉତ୍ତରରେ ଭଗବାନ୍ କହିଲେ-ସନ୍ୟାସର ଅର୍ଥ ସକାମ କର୍ମର ତ୍ୟାଗ ଓ ତ୍ୟାଗର ଅର୍ଥ କର୍ମଫଳର ତ୍ୟାଗ । କିନ୍ତୁ ସନ୍ୟାସୀମାନେ କର୍ମତ୍ୟାଗ ନ କଲେ ମୁକ୍ତି ମିଳେ ନାହିଁ ବୋଲି ଯେଉଁ ଯୁକ୍ତି କରନ୍ତି ଭଗବାନ୍ ତାହାକୁ ଗ୍ରହଣ କରି ନାହାନ୍ତି । କର୍ମ ତ୍ୟାଗକଲେ ସୃଷ୍ଟି ରକ୍ଷା ଅସମ୍ଭବ । ଏଣୁ କର୍ମ ତ୍ୟାଗ କରିବା ଉଚିତ ନୁହେଁ । ମାତ୍ର କର୍ମଫଳ କାମନା ତ୍ୟାଗ କରିବାକୁ ହେବ । ତାହେଲେ , କର୍ମତ୍ୟାଗ ଦ୍ୱାରା ଯେଉଁ ଫଳ ମିଳେ, ନିଷ୍କାମ କର୍ମଦ୍ୱାରା ସେହି ଫଳ ମିଳିବ ।

ଯଜ୍ଞ, ଦାନ, ତପସ୍ୟା-ଏ କର୍ମଗୁଡିକ ତ୍ୟାଗ କରିବା ଉଚିତ ନୁହେଁ । ଚିତ୍ତ ଶୁଦ୍ଧି ପାଇଁ ଏ ସବୁର ଅନୁଷ୍ଠାନ ଆବଶ୍ୟକ । ଫଳାକାଂଖ୍ୟା ତ୍ୟା କରି ଏ ସବୁ ମଧ୍ୟ ଅନୁଷ୍ଠାନ କରିବାକୁ ହେବ । ସ୍ୱଧର୍ମ ଅନୁସାରେ ମିଳିଥିବା କର୍ମ ମଧ୍ୟ ନିଷ୍କାମ ଭାବରେ ଅନୁଷ୍ଠାନ କଲେ ମୁକ୍ତିଲାଭ ହୁଏ । ଏହାକୁ ସାତ୍ତ୍ୱିକ ତ୍ୟାଗ କୁହାଯାଏ । କର୍ମ ଦୁଃଖ ଓ କଷ୍ଟଦାୟକ -ଏ ଭୟରେ ଯେ କର୍ମ ତ୍ୟାଗ କରନ୍ତି, ସେହି ତ୍ୟାଗ କୁ ରାଜସ ତ୍ୟାଗ କହନ୍ତି । ମୋହବଶତଃ କର୍ତ୍ତବ୍ୟ କର୍ମ ତ୍ୟାଗ କୁ ତାମସ ତ୍ୟାଗ କହନ୍ତି । ଦେହଧାରୀ ବ୍ୟକ୍ତି କେବେହେଲେ କର୍ମ ତ୍ୟାଗ କରି ପାରନ୍ତି ନାହିଁ । କିନ୍ତୁ ଯେ କର୍ମଫଳ ତ୍ୟାଗ କରିପାରନ୍ତି ସେ ସବୁ କର୍ମ କରି ମଧ୍ୟ ପ୍ରକୃତ ତ୍ୟାଗୀ। ଅତ୍ୟାଗୀ (ସକାଭ) ବ୍ୟକ୍ତିମାନଙ୍କର କର୍ମଫଳ ତିନି ପ୍ରକାର ହୋଇଥାଏ । ପୁଣ୍ୟ କର୍ମ ପାଇଁ ପରଲୋକରେ ସ୍ୱର୍ଗାଦି ଲୋକ ଲାଭ (ଇଷ୍ଟ), ପାପକର୍ମ

ପାଇଁ ନରକ ଭୋଗ (ଅନଷ୍ଟ) ଏବଂ ମିଶ୍ରକର୍ମ ପାଇଁ ମନୁଷ୍ୟ ଲୋକ ମିଳଥାଏ । ଯେ କୌଣସି କର୍ମ ନିମିତ୍ତ ପାଞ୍ଚଗୋଟି- ଅଧିଷ୍ଠାନ, କର୍ତ୍ତାକରଣ ପୃଥକ୍ ଚେଷ୍ଟା ଓ ଦୈବ-କାରଣ ଅଟେ । କିନ୍ତୁ ଯେଉଁମାନେ ମୁଁ ଏହା କଲି ବା କରୁଛି, ମନେ କରିନ୍ତି ସେମାନେ ମୂଢ଼। ଯେଉଁମାନେ କର୍ତ୍ତୃତ୍ୱ ତ୍ୟାଗ କରନ୍ତି ସେମାନେ ଶୁଭାଶୁଭ ଫଳରୁ ମୁକ୍ତ ହୁଅନ୍ତି । କର୍ମପ୍ରେଦନା (ପ୍ରେରଣା) ତିନିପ୍ରକାର-ଜ୍ଞାନ, ଜ୍ଞେୟ, ପରିଜ୍ଞାତା ଏବଂ କର୍ମ ସଂଗ୍ରହ ତିନିପ୍ରକାର-ଜ୍ଞାନ, କର୍ମ ଓ କର୍ତ୍ତା । ଜ୍ଞାନ, କର୍ମ ଓ କର୍ତ୍ତା ଗୁଣଭେଦରେ ମଧ୍ୟ ତ୍ରିବିଧ-ସାତ୍ତ୍ୱିକ, ରାଜସିକ ଓ ତାମସିକ । ଭିନ୍ନ ଭିନ୍ନ ଦେହରେ ଅବସ୍ଥିତ ଆତ୍ମାଙ୍କୁ ଏକ ଅକ୍ଷୟ ଅବିଭକ୍ତ ଆତ୍ମା ବୋଲି ଯେଉଁ ଜ୍ଞାନ, ଜାଣେ ତାହା ସାତ୍ତ୍ୱିକ ଜ୍ଞାନ । ସମସ୍ତ ଭୂତରେ ଅବସ୍ଥିତ ଥିବା ଆତ୍ମାଙ୍କୁ ପୃଥକ୍ ପୃଥକ୍ ମନେ କରୁଥିବା ଜ୍ଞାନକୁ ରାଜସ ଏବଂ ଯେଉଁ ଜ୍ଞାନ ଅସଂପୂର୍ଣ୍ଣ, ଅଯୌକ୍ତିକ, ଅଯଥାର୍ଥ ଓ ଏକ ବିଷୟରେ ଆସକ୍ତ ତାକୁ ତାମସ ଜ୍ଞାନ କୁହାଯାଏ। ନିଷ୍କାମ କର୍ମ ଆସକ୍ତି, ଅନୁରାଗ ଓ ଦ୍ୱେଷଶୂନ୍ୟ ଭାବରେ ଅନୁଷ୍ଠିତ ହେଲେ ତାହାକୁ ସାତ୍ତ୍ୱିକ କୁହାଯାଏ । ଫଳକାମନା, ଅହଂକାର ଓ କଷ୍ଟର ସହିତ କରାଯାଉଥିବା କର୍ମକୁ ରାଜସ କୁହାଯାଏ । ଭବିଷ୍ୟତର ଫଳ, ବିତ୍ତାଦିର କ୍ଷୟ, ହିଂସା, ନିଜର ସାମର୍ଥ୍ୟ ବିଗ୍ଭର ନ କରି ମୋହବଶରେ ଯେଉଁ କର୍ମ କରାଯାଏ ତାହାକୁ ତାମସିକ କହନ୍ତି । ଆସକ୍ତି ଓ ଅହଂକାର ଶୂନ୍ୟ, ଧୈର୍ଯ୍ୟଶୀଳ, ଉତ୍ସାହୀ, ନିର୍ବିକାର, କର୍ତ୍ତାକୁ ସାତ୍ତ୍ୱିକ କର୍ତ୍ତା କୁହାଯାଏ। ବିଷୟାନୁରାଗୀ, କର୍ମଫଳଅଭିଳାଷୀ, ପରଧନ ଲୋଭୀ, ହିଂସ୍ରକ, ଶୌଚ ଓ ଆଗ୍ଭରଶୂନ୍ୟ, ଲାଭାଲାଭରେ ହର୍ଷ ଓ ଶୋକଯୁକ୍ତ କର୍ତ୍ତାକୁ ରାଜସ କୁହାଯାଏ । ଅସାବଧାନ, ବିବେକ ଶୂନ୍ୟ, ଅବିନତୀ, ଶଠ, ଅମଙ୍ଗଳକାରୀ, ଅଳସ, ବିଷାଦ ଓ ଦୀର୍ଘସୂତ୍ରୀ କର୍ତ୍ତାଙ୍କୁ ତାମସକର୍ତ୍ତା କହନ୍ତି ।

ବୁଦ୍ଧି ଓ ଧନ ମଧ୍ୟ ଗୁଣଭେଦରେ ତ୍ରିବିଧ । ପ୍ରବୃତ୍ତି, ନିବୃତ୍ତି କାର୍ଯ୍ୟାକାର୍ଯ୍ୟ, ଭୟାଭୟ, ବନ୍ଧନ ଓ ମୋକ୍ଷ-ଏ ସବୁକୁ ଠିକ୍ ଠିକ୍ ରୂପେ ଯେ ଜାଣିପାରେ ତାହା ସାତ୍ତ୍ୱିକ ବୁଦ୍ଧି । ଧର୍ମ ଅଧର୍ମ, କାର୍ଯ୍ୟ ଓ ଅକାର୍ଯ୍ୟକୁ ଯେଉଁ ବୁଦ୍ଧି ଠିକ୍ ରୂପେ ଜାଣିପାରେ ନାହିଁ ତାହାକୁ ରାଜସ ବୁଦ୍ଧି କୁହାଯାଏ । ଅଜ୍ଞାନ ଅନ୍ଧକାରରେ ଆଚ୍ଛନ୍ନ ହୋଇଥିବାରୁ ଅଧର୍ମକୁ ଧର୍ମ ମନେକରେ, ସବୁ ବିଷୟକୁ ବିପରୀତ ଭାବରେ ଉପସ୍ଥାପନ କରେ ତାହା ହେଉଛି ତାମସ ବୁଦ୍ଧି । ସାତ୍ତ୍ୱିକ ଧୃତି ଏକାଗ୍ର ଓ ଐକାନ୍ତିକ ଭାବରେ ମନ, ପ୍ରାଣ ଓ ଇନ୍ଦ୍ରିୟର କ୍ରିୟାକୁ ନିୟନ୍ତ୍ରିତ କରି ପରମାତ୍ମାଙ୍କ ସହିତ ସଂଲଗ୍ନ କରାଏ । ଧର୍ମ ଅର୍ଥ କାମକୁ ଧାରଣ କରୁଥିବା ଓ ଫଳ ପାଇବାକୁ ଆଶା ରଖୁଥିବା ଧୃତିକୁ ରାଜସୀ କୁହାଯାଏ । ନିଦ୍ରା, ଭୟ, ଶୋକ, ଗର୍ବ ତ୍ୟାଗ

କରୁନଥିବା ଦୁର୍ମେଧା ଧୃତି ତାମସୀ ଅଟେ । ସୁଖ ମଧ୍ୟ ତିନ ପ୍ରକାର । ଯେଉଁ ସୁଖରେ ଆନନ୍ଦ ଲାଭ ହୁଏ, ଦୁଃଖର ଅବସାନ ହୁଏ, ପ୍ରଥମେ ବିଷପରି ଓ ପରେ ଅମୃତ ପରି ଲାଗେ ତାକୁ ସାତ୍ତ୍ୱିକ ସୁଖ କୁହାଯାଏ । ବିଷୟ ଓ ଇନ୍ଦ୍ରିୟ ସଂଯୋଗରୁ ଜାତ ପ୍ରଥମେ ଅମୃତ ପରି ଓ ପରେ ବିଷୟପରି ହେଉଥିବା ସୁଖକୁ ରାଜସ ସୁଖ କହନ୍ତି । ବୁଦ୍ଧିର ମୋହଜନକ, ନିଦ୍ରା ଆଳସ୍ୟ ଓ ପ୍ରମାଦରୁ ଉତ୍ପନ୍ନ ସୁଖକୁ ତାମସ କୁହାଯାଏ । ବର୍ଣ୍ଣାଶ୍ରମ ଭେଦରେ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କର ପାଇଁ ଭିନ୍ନ ଭିନ୍ନ କର୍ମର ବ୍ୟବସ୍ଥା କରାଯାଇଥିଲା । ଯାହାର ପ୍ରକୃତି ଯେପରି ତା ପାଇଁ ନିର୍ଦ୍ଦିଷ୍ଟ ହୋଇଥିବା କର୍ମକୁ ତା'ର ସ୍ୱଭାବ ନିୟତ କର୍ମ ବା ସ୍ୱଧର୍ମ କୁହାଯାଏ । ଶମ, ଦମ, ତପ, ଶୌଚ, ସରଳତା, ଜ୍ଞାନବିଜ୍ଞାନ, ଓ ଆସ୍ତିକତା ବ୍ରାହ୍ମଣର ସ୍ୱଧର୍ମ । ଶୌର୍ଯ୍ୟ, ତେଜ, ଧୃତି, ଦକ୍ଷତା, ଦାନ, ଯୁଦ୍ଧରେ ଅପରାଙ୍ମୁଖତା, ଇଶ୍ୱର ବିଶ୍ୱାସ ହେଉଛି କ୍ଷତ୍ରିୟର ସ୍ୱଭାବ ଜାତ କର୍ମ ବା ସ୍ୱଧର୍ମ । କୃଷି, ଗୋପାଳନ ଓ ବାଣିଜ୍ୟ ବୈଶ୍ୟର ସ୍ୱଧର୍ମ ଏବଂ ପରିଚର୍ଯ୍ୟାତ୍ମକ କର୍ମ ଶୂଦ୍ରର ସ୍ୱଧର୍ମ । ନିଷ୍କାମ ଭାବରେ କର୍ତ୍ତବ୍ୟ ପ୍ରେରଣାରେ ସ୍ୱଧର୍ମ ପାଳନ କଲେ ବ୍ୟକ୍ତି ପରମ ପଦ ଲାଭ କରେ । ସ୍ୱଧର୍ମରେ କିଛି ଦୋଷ ଥିଲେ ମଧ୍ୟ ତାକୁ ତ୍ୟାଗ କରି ପରର ଧର୍ମ ଗ୍ରହଣ କରିବା ଉଚିତ୍ ନୁହେଁ । କାରଣ ପ୍ରତ୍ୟେକ କର୍ମ ମଧ୍ୟ ଦୋଷଯୁକ୍ତ । ସାଂଖ୍ୟଯୋଗୀଙ୍କ ମତରେ ଜ୍ଞାନ ଲାଭ ପରେ ସମ୍ପୂର୍ଣ୍ଣ ରୂପେ କର୍ମ ତ୍ୟାଗ କଲେ 'ନୈଷ୍କର୍ମ୍ୟ ସିଦ୍ଧି' ଲାଭ ହୁଏ । କିନ୍ତୁ ଭଗବାନଙ୍କ ମତ ହେଲା -ସ୍ୱଭାବ ନିୟତ କର୍ମ ନିଷ୍କାମ ଭାବରେ ସଂପାଦନ କଲେ ନୈଷ୍କର୍ମ୍ୟ ସିଦ୍ଧି ଲାଭହୁଏ । ଶ୍ରୀମଦ୍ ଭଗବତୀଙ୍କର ମଧ୍ୟ ଏହି ମତ । ନୈଷ୍କର୍ମ୍ୟ ସିଦ୍ଧି ଲାଭ ହେଲେ ରାଗଦ୍ୱେଷ ଦୂର ହୋଇ କର୍ମ ଯୋଗୀଙ୍କର ମନ ଭକ୍ତିରସରେ ପ୍ଲାବିତ ହୁଏ । ଭକ୍ତି ବଳରେ ସେ ଭଗବାନଙ୍କର ପ୍ରକୃତ ସ୍ୱରୂପ ଉପଲବ୍ଧି କରନ୍ତି ଏବଂ ପାପମୁକ୍ତ ହୋଇ ମୋକ୍ଷ ଲାଭ କରନ୍ତି । ପବିତ୍ର ଭୋଜନ, ଶରୀର ବାକ୍ ମନର ସଂଯମ, ସର୍ବଦା ଈଶ୍ୱରଧ୍ୟାନ, ବୈରାଗ୍ୟ, ଅହଙ୍କାର ବଳଦର୍ପକାମକ୍ରୋଧ ପରିଗ୍ରହତ୍ୟାଗ, ନିର୍ମମ, ଶାନ୍ତ ପ୍ରଭୃତି ଗୁଣ ବିଶିଷ୍ଟ ଯୋଗୀ ବ୍ରହ୍ମପ୍ରାପ୍ତିର ଉପଯୁକ୍ତ ହୁଅନ୍ତି । ପରମାତ୍ମାଙ୍କଠାରେ ସର୍ବଦା ମନ ସ୍ଥିର ରଖିଲେ ତାଙ୍କ ଅନୁଗ୍ରହରୁ ସମସ୍ତ ଦୁଃଖ କଷ୍ଟକୁ ଅତିକ୍ରମ କରିହେବ । ଆଉ ଅହଙ୍କାର ବଶତଃ ତାଙ୍କ ଉପଦେଶ ନମାନିଲେ ବିନାଶ ନିଶ୍ଚୟ ହେବ । ପ୍ରକୃତି ଅନୁସାରେ ଅର୍ଜୁନ ଯୁଦ୍ଧ କରିବାକୁ ବାଧ୍ୟ ହେବେ । ଈଶ୍ୱର ସମସ୍ତ ପ୍ରାଣୀଙ୍କ ହୃଦୟରେ ଅବସ୍ଥାନ କରି ତାଙ୍କୁ ଯେପରି ଚଳାନ୍ତି ସେମାନେ ସେହିପରି ଚଳିବାକୁ ବାଧ୍ୟ ହୁଅନ୍ତି । କଥାରେ ଅଛି --" ଦଇବ ଦଉଡି ମଣିଷ ଗାଈ, ଯେଣିକି ଟାଣଇ ତେଣିକି

ଯାଇ। " ତେଣୁ ସର୍ବଭାବରେ ସେହି ପରମ ପୁରୁଷଙ୍କର ଶରଣ ନେଲେ ପରମଶାନ୍ତି ଓ ନିତ୍ୟଧାମ ଲାଭ ହେବ ।

*ଶେଷରେ ଭଗବାନ କହିଲେ-* ଶାସ୍ତ୍ରମାନଙ୍କରେ ମୋକ୍ଷଲାଭ ପାଇଁ ବିଭିନ୍ନ ଧର୍ମାନୁଷ୍ଠାନର ବର୍ଣ୍ଣନା ଅଛି । ମାତ୍ର ସେ ସବୁରେ ନ ଭ୍ରମି ଏକମାତ୍ର ପରମପୁରୁଷଙ୍କର ଶରଣାଗତ ହେଲେ ସମସ୍ତ ପାପରୁ ମୁକ୍ତ ହୋଇ ମୋକ୍ଷଲାଭ ହୁଏ । ଗୀତା ଧର୍ମଶାସ୍ତ୍ରର ଶେଷ ଉପଦେଶ ହେଲା ଅଚଳା ଭକ୍ତିଦ୍ୱାରା ବ୍ରହ୍ମପ୍ରାପ୍ତି ସହଜ । ଜ୍ଞାନଯୋଗ, ଧ୍ୟାନଯୋଗ ବା କର୍ମଯୋଗ-ଯେ କୌଣସି ଯୋଗ ସାଧନାରେ ଅଚଳା ଭକ୍ତି ନମିଶିଲେ ମୁକ୍ତି ମିଳେ ନାହିଁ । ଗୀତାଜ୍ଞାନର ଅଧିକାରୀ, ଗୀତା ପାଠର ଫଳ ଓ ଗୀତା ବ୍ୟାଖ୍ୟାର ଫଳ ମ  ଭଗବାନ୍ କହିଛନ୍ତି । ଗୀତାଶାସ୍ତ୍ର ଅଧ୍ୟୟନ ଓ ମନନଦ୍ୱାରା ବ୍ୟକ୍ତି ମନରେ ଭକ୍ତିର ସଞ୍ଚାର ହୁଏ । ସେ କ୍ରମେ କ୍ରମେ କର୍ମଯୋଗ ପଥରେ ଅଗ୍ରସର ହୋଇ ଶେଷରେ ମୋକ୍ଷଲାଭ କରେ । ଏଣୁ କଥିତ ଅଛି --ବୁଝ ନ ବୁଝ ପଢ ଗୀତା....

ଶେଷରେ ଅର୍ଜୁନ ସ୍ୱୀକାର କରିଛନ୍ତି ଯେ ତାଙ୍କ ମନରୁ ମୋହ ଦୂରହେଲା । ସେ ଅବିଚଳିତ ରହି ଭଗବାନ୍ ଶ୍ରୀକୃଷ୍ଣଙ୍କ ଆଜ୍ଞା ପାଳନ କରିବେ ଓ ଯୁଦ୍ଧ କରିବେ ।

*ସଞ୍ଜୟ କହିଲେ--*ବ୍ୟାସଦେବଙ୍କ ଦୟାରୁ ସେ ଗୀତାଶାସ୍ତ୍ରର ସମସ୍ତ ଧର୍ମତତ୍ତ୍ୱ ଶୁଣିପାରିଲେ, ବିଶ୍ୱରୂପ ଦର୍ଶନ କରିପାରିଲେ । ସେ ସବୁ ସ୍ମରଣ କରି ସେ ବାରମ୍ବାର ଉଲ୍ଲସିତ ଓ ରୋମାଞ୍ଚିତ ହେଉଥିଲେ । ତାଙ୍କର ଶେଷ ମତ ହେଲା --ଯେଉଁ ପକ୍ଷରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଓ ଧନର୍ଦ୍ଧର ଅର୍ଜୁନ ଅଛନ୍ତି ସେ ପକ୍ଷର ଯୁଦ୍ଧରେ ବିଜୟ ନିଶ୍ଚିତ ।

ଆଳନ୍ଦା, ଖଇରା, ବାଲେଶ୍ୱର

# ସାଉଁଟା ସ୍ମୃତି



ପ୍ରମୋଦ କୁମାର ସାହୁ

କେବେ ସାଗରର ଉତ୍ତାଳ ଢେଉରେ,
କେବେ ତୁମେ ଶୀତଳ ଜ୍ୟୋସ୍ନାରେ,
କେବେ ମରୁ ମରୀଚିକା ସାଜି
ଆସ ମୋର ପ୍ରତିଟି ସ୍ୱପ୍ନରେ ।
କେବେ ତନ୍ଦ୍ରାମୟୀ ମଳୟ ପବନେ
କେବେ ପୁଣି ଶୀତର ଶିଶିରେ
ପୁଲକିତ କରୁଅଛ ତୁମେ
ସଜ ଫୁଟା ଫୁଲର ବାସ୍ନାରେ ।
କବିତାର ପ୍ରତି ଛନ୍ଦେ ତୁମେ ପୁଣି
ସଙ୍ଗୀତର ସପ୍ତ ମୂର୍ଚ୍ଛନାରେ,
ମୋ ଜୀବନ ଆଜୀବନ ଯିବ
ତୁମ ସ୍ମୃତି ସବୁ ସାଉଁଟାରେ ।

ଜଳେଶ୍ୱର ବ୍ରହ୍ମପୁର,
ଉଦୟପୁର, ଯାଜପୁର

# ଅନାହାର ସତ ମହାଭାରତ



ଏମ୍.ବିଜୟ କୁମାର

କୁପୋଷଣ ଆଜି ବିଶ୍ୱେ ଚର୍ଚ୍ଚିତ
ଅନାହାର ସତ ମହାଭାରତ
ଝିଣ୍ଟୁ ପରିବାର ଅନାହାର ରେ
ଅକାଳ ମରଣ କାନଭାସରେ
ନଗଡା ପୃଷ୍ଟିହୀନ କଥା କହ
କ ମାଁ ଓ ଶିଶୁ ର ଭୋକଲ୍ ଦେହ
ଖାଇବା ନ ପାଇ ଆମ୍ବ କୋଇଲି
ଚହଲ ପଡ଼େ ଭୋକ ହୁଳା ହୁଳ
ସର୍ବେ ଆହାର ଦିଏ ହସି ହସି
ପେଟରେ ଭୋକ ବିଷ ପିଏ ଗୃଷି
ଭୋକ କାନଭାସ ଚନ୍ଦ ବିଚନ୍ଦ
କଥା କହିଲେ ଗାଥା କାଳ ରନ୍ଦ
ଦାନ ମାଝୀ କାନ୍ଧେ ବୁହିଲ୍ ଶବ
ଆଉ କ ପ୍ରମାଣ ଦେବାକୁ ହେବ
ଛୁଆ ବିକ୍ରୀ , ପୁଞ୍ଜି 'କେବିକେ ଜିଲ୍ଲା

ବିଶ୍ୱ ଚର୍ଚ୍ଚିତ ତେହେଲିକା କଲ୍
ଅନାହାର ତେଆଶି କୋଟି ଲୋକ
ଷାଠିଏ ଲକ୍ଷ ଗରିବଙ୍କ ଭୋକ
ଲେଖି କ ହେବ ସକଳ ବୃତ୍ତାନ୍ତ?
କେବେ ହେବ ଭୁକମରୀର ଅନ୍ତ
ନାମରୁପରେ ହିଁ ପରିବର୍ତ୍ତନ
ଭୁକମରୀ, ଅନାହାର,  କୁପୋଷଣ
ଅନାହାର ସତ ମହାଭାରତ
ଦଶାର ଦିଶା ରଚ ମୁକ୍ତି ପଥ
କୁପୋଷଣ ଆଜି ବିଶ୍ୱ ଚର୍ଚ୍ଚିତ
ଅନାହାର ସତ ମହାଭାରତ

ଉତ୍ତର୍, ଶ୍ରୀରାମ କଲୋନୀ
ପୁବା ଶାସନ ଭୁବନେଶ୍ୱର

# ଆଞ୍ଚଳିକ

# କଥାନ୍ ---

## ଛୁଟି ର୍ ଲାଗି

ସତ୍ୟନାରାୟଣ ମିଶ୍ର

ହରି ଉଠାନ୍ ଏକାଦଶୀ ସରଲା ଧାପ୍ ବେକୁଣ୍ଠ ପୁରେ ହରିକେ ଭେଟବା ଲାଗି ଜନ୍ତପତି ଯମରାଜା ହାଜର୍ । ହରି ତାକେ ଦେଖିକରି ଉସତ୍ ହେଲେ ଆରୁ ପଚାର୍ଲେ "ହଇହୋ ! ତମେ କେଁ ? ଭୁବନ୍ କେ ତମେ ଛନେ ଛାଡି ଦେଲେ ବଡା ଗଡ଼ ବଡ୍ । ହେତେ ଦାଇତ୍ୱ କାହାକେ ଦେଇକରି ଇ ନ୍ କେ ଆସିଛ ? ହଁ, କାଣ୍ କହେବ ଯେ ଜଲଦି କହିକରି ତମର କାମ୍ ଥି ହାଜର ହେବ " ....

ଯମ କହେଲା "ହେ ନାରାୟଣ ! ତମେ ତ ଅନ୍ତର୍ଯ୍ୟାମୀ, ତମକୁ ମୁଇ କାଏଁ ଟା ଜନାମି । ଖୁବ୍ ଦିନ ହେଲା ଡିଉଟି କରି କରି ମୁଁଇ ଅଥା ହେଇଗଲି ନ ପ୍ରଭୁ, ମତେ ଦୁଇ ମାସ ର୍ ଲାଗି ଛୁଟି ମଞ୍ଜୁର କରୁନ୍ । ଆପ୍ଲିକେସନ ଥି ସାଇଁନ୍ କରୁନ୍ । ପ୍ଲିଜ ସାର୍" । ବିଷ୍ଣୁ କହେଲେ " ହଏ ହୋ ! ତମେ ସଂସ୍କୃତକେ ଛାଡି କରି ଏତେ ଇଂଲିଶ କେନ୍ତା କହୁଛ? କେଁନୁ ଶିଖିଲ ଇ ଭାଷା ?

ଜମ କହେଲା "ପ୍ରଭୋ ! ଏଭେ ମୋର ସଂଜୀବନ ପୂର୍କେ ବହୁତ ଟେ ଇଂଲିଶ କହୁ ପାପୀ ଆସୁଛନ୍ , ସେମାନଙ୍କ ର୍ କଥା ମନେ ଶୁଣି ସୁନ ତ ଅଟୋମେଟିକ ମୁଁ ଇ ବି ହେବିଟ ଥି ପଡ଼ିଗଲି ନ । ଯଦି ଭୁଲ ଅଛେ ଖେମା କରିଦେବେ ପ୍ରଭୁ !, ମୋର ଛୁଟି ଟା କେ ଟିକେ ...। " ଅସମ୍ଭବ , ବିଷ୍ଣୁ କହେଲେ ଅସମ୍ଭବ । ତମେ ଛୁଟି ଥି ରାହେଲେ ଏତେ ବଡ୍ ଦାୟିତ୍ୱ କହେ ମୁଣ୍ଡେଇ ନ ପାରେ । ତମେ ଛୁଟି ନାଇଁ ନେଇ ପାର " । ଯମ ଟିକେ ଖିଜି କରି କହେଲା " ହଁ ଯଦି ଛୁଟି ନାଇଁ ମିଳେ ତ ମୁଁଇ ସର୍ଭିସ ନୁ ରିଯାଇନ୍ ଦେବା କେ ଅଲ ରେଡି ପ୍ରସ୍ତୁତ" । ହରି ଭାବଲେ ମହା ଅଡୁଆ ହେଲା ଇଟା ।ଲୋକ ମାନେ ମଲେ ଯମ ପୁରେ କଏ ବିଚାର୍ କରବା, ପାପୀ ର୍ ଶାସ୍ତି ବିଧାନ କଏ କରବା, । ଦୁଇ ମାସ ର୍ ଲାଗି ଯମ ଛୁଟି ଥି ରହୁ , କଏ ବି ନାଇଁ ମରୁ ।ଭୁବନ ଟା ବନ୍ଦ ରହୁ ଦୁଇ ମାସ୍ ...। କହେଲେ "ଠିକ୍ ଅଛେ, ତମେଛୁଟି ଥି ରହ ଦୁଇ ମାସ୍ । ଲୋକମାନେ ବି ଦୁଇମାସ ନାଇଁ ମରନ୍ "।

ଯମ ଖୁସି ଥି ପ୍ରଭୁ କ ଯେ ବୋଲି କହେଲା " ପ୍ରଭୁ , ଲୁକେ ଏତକେ ଆପଙ୍କର୍ ଯେ ଯେ କାର୍ କର୍ବେ । ଆହୁର୍ ଭକ୍ତି କର୍ବେ । ଯାଉଁ ଛେ ହରି" କହିକରି ପଲେଇ ଆସଲା ଯମ । ତ, ମାସେ ଭିତିରେ ବନେ କେତେ କଥା ଘଟନା ଉଲଟ ପାଲଟ୍ ହେଇଗଲା ଯମ ଛୁଟି ନେଲା କେ । ଲୁକେ ଆରୁ କହେ ବି ନାଇଁ ମଲେ । ବେମରିଆ ଯେତେ ଜଲଦି ଜଲଦି ଭଲ ହେଇଗଲେ । ବୁଢ଼ା ବୁଢ଼ୀ ମାନେ ମଲା ଅବସ୍ଥା ନୁ ଚେଙ୍ଗା । ଲୁକେ ତ ରୁଗେ ଦୁଃଖେ ନ ପଡୁ ଥାଇ, ହେ ଭଗବାନ୍ ବୋଲି କହେବାର ଟା ବି ଆରୁ ନାଇଁ ନ । ଇ ଆଡେ ଯେ ବ୍ରମହା କେ ବି ଅଡୁଆ ।

ଆତ୍ମା ତ ମର୍ତ୍ତଲୁକ୍ ନୁ ଆସୁଛେ ନାଇଁ । ନୁଆଁ ଜୀବ ର୍ ସୁରୁଷ୍ଟି କର୍ବେ କେନ୍ତା ?? ହଜର ଯେତେ ଅସୁବିଧା କେ ଚର୍ତୁର୍ମୁଖ ଗଲେ ଆରୁ ଚତୁର୍ଭୁଜ କେ ବୈକୁଣ୍ଠ ନେ ଜନେଇ ଦେଲେ। କହେଲେ "ହେ, ପର୍ଭୁ ! ମୁଇ ଯେନ ଲୋକ ର୍ ଭାଗ୍ୟ ଥି ଇ ମାସେ ମୃର୍ତ୍ତୁ ଲେଖିଥିଲି ସେଟା ଅକାମି କରିଦେଲେ ଆପନ୍ । ଯମ କେ ଛୁଟି ଦେଇ କରି ଭାବୁଛନ୍ ଲୁକେ ତମର୍ ଜଏ ଜଏ କରୁଛନ୍ । ତୁଛା ଟା । ସୁବିଧା ବାଦି ମୁନୁସ ମାନେ ସୁଖେ ରହେଲେ ବୋଲି ତମର ନାଁ ନେବାକେ ଭୁଲି ଗଲେନ । ଜଲଦି ଯମ କେ ଡାକ କରି ତାର୍ କାମେ ଥପନା କର । ନହେଲେ, ନାରାୟନ୍, ପରକୁତି ର୍ ନୀତି ନିଅମ୍ ଗଡ଼ ବଡି ହେଇଯିବା ।

ବିଷ୍ଣୁ ଭାବଲେ ବ୍ରମହା ତ ଠିକ୍ କହୁଛନ୍ । ସୃଷ୍ଟି ର୍ ନିଅମ୍ ଖତମ ହେବା ର୍ ଆଗୁ ଯମ ର୍ ଛୁଟି ବାତିଲ କରାଯିବା । ମାସେ ତ ରହେଲା ନ । ମୁଇ ତାକେ ଇଛେନ୍ ଡକେଇ କରି ସଂଜୀବନ ପୁର ର୍ କାମ ଭାର୍ ବୁହେଇ ଦେମି । ତାପରେ ବ୍ରମହା କେ କହେଲେ "ତମେ ଯ ବେଦବର ! ମୁଇ ଇଥିର ସୁବିଧା ବଡା ଜଲଦି କରିଦେମୀ ।" ବ୍ରମହା ହଁ କହି କରି ଫିରିଲା ଉତୁରୁ ବିଷ୍ଣୁ ଜୟ ବିଜୟ ପଠେଇ କରି ଯମ କେ ଡ କା ଲେ ଆରୁ ଯମ ଲୋକ ର୍ କାମ୍ କର୍ବାକେ ଆଦେଶ ଦେଲେ ।" ଓଃ ଛୁଟି ଅଧା ଥି କେନ୍ସିଲ୍ , !! ଓ ଗଡ଼ , ଆଇ ଓବେ ୟୋର୍ ଅର୍ଡର୍ " କହି କରି ଯମ ଧଏଲା ତାର୍ ଦଂଡା କ ଯମ ପୁରେ ହାଜର୍ ।

ସିଂଧେକେଲା, ବଲାଙ୍ଗୀର

# ମାଁର ହୁରୁଦ୍



ଡିସମ୍ବର ମେହେର

କଥା ନେ ଅଛେ ଜାହାର୍ ମାଁ ନେଇଁ ନା ତାର୍ ଗାଁ ନେଇଁ । ମୁନୁସ୍ ହୋ କ ପଶୁ ହୋ ମାଁ ର୍ ମମତା ସମାନ୍ ଆଏ । ପୋ ଝି ଲ୍‌ଗି ସେ ଜୀବନ୍ ଦେଇକରି କାମ୍ କର୍ସି ତାର୍ ଜତନ୍ ରଖସି । ହେନ୍ତା ଛୁଆ ଭି ମାଁ କେ ଛନେକ ନାଇଁ ଦେଖ୍ଲେ ମୁହୁ ପିତା ପିତା କରୁଥିସି । ମାଁ ମାଁ ବୋଲି କେତେ ନୁରି ଖୁସି ହେଉଥିସି। (ହେନ୍ତା ଗୁଟେ ଘଟନା )

ଶୀତ୍ ମାସର୍ ଦିନ୍ । ସୁନ୍ ସାନ୍ ସହର୍ । ଲକ୍ ଡାଉନ୍ ଲ୍‌ଗି ର୍‌ଏତ୍ ବେଲିଆ ର୍‌ସ୍ତାନେ ଗୁଟେ ଲୋକ୍ ନାଇଁ ଦିସବାର୍ ।ପିଲ୍‌ହାରି କୁକୁର୍ ଟେ ଜାଗା ଖୁଜି ବୁଲୁ ଥିଲ୍ କେନ୍ ଠାନେ ଛୁଆ ଜନମ୍ କରବାକେ ଜେନ୍ ଠାନେ ମୋର୍ ଛୁଆ ସୁରକ୍ଷିତ ରହି ପାର୍ବା । ବଡ଼ମହଲ୍ ଘର୍ ଟେ ନଜର୍ ପାଏଲ୍ ଇଟା ଠିକ୍ ଠାନ୍ ଭ୍‌ବ୍ଲା ।ତର୍‌ନେ ବସିଥିଲ୍ ବେଲେ ସିକୁରିଟି ଗାର୍ଡ ଦେଖି ପକାଲ୍ କ, ପଥର୍ ଟେ ଫିଙ୍କ ଦେଲ୍ ପିଲ୍‌ହାରି କୁକୁର୍ ଫେର୍ ଅଲଗା ଜାଗା ଖୁଜି ବୁଲ୍ଲା ।ପେଟ୍ ଦରଦ୍ ଫାଟି ଯାଉଥାଏ ଜାଗା ଖୁଜି ଖୁଜି ଅଥା ହେଉ ଯାଉଥିଲ୍ ଫେର୍ ଥରେ ଗୁଟେ ଗୁହା ଦୁକାନ୍ ପଛ୍ ଆଡେ ବସ୍ଲା ।ଗୁହା ବାଲ୍ ଦୁ କାନ୍ ଖାପି କରି ଘର୍ ଯାଉଥିଲ୍ । କୁକୁର୍ କେ ଦେଖ୍ଲା କେ ସେ ଭି ର୍‌ଗ୍ ହେଇକରି ଗରମ୍ ପାଏନ୍ ପୁଟେ କୁକୁର୍ ଉପ୍ରେ ଝଲକ ଦେଲ୍ ।ବୁପ୍ରି ମାଁ ଜୀବନ୍ ବିକ୍ଲେ ଥରମରି କରି ଧାଇଁ ପଲ୍‌ଲ୍ ।କେନ୍ ଠାନ୍ ନାଇଁ ମିଲ୍ଲାକେ ଗୁଟେ ଡ୍ରେନ୍ ତର୍‌ନେ ଛୁଆ ଜନମ୍ କଲ୍ । ଶୀତେ ଖୁବ୍ କଲିବିଲି ହେଲ୍ ।ଛୁଆ ୮ଟା କେ ପେଟ୍ ତଲେ ଚେକେଇ କରି ଉଷୁମ ନେ ରଖିଥାଏ ।କୁକ୍ରା ଡକାନେ ଓଷ୍ ପଡଲ୍ ମାଁ କୁକୁର୍ ଦୁଲକ ଯାଉଥାଏ ।ନଜେ ପଛେ ଶୀତେ ଥରୁଥରେ ଛୁଆ ମାନକେ ଶୀତ୍ ନାଇଁ ଲ୍‌ଗୁ ବୋଲି ସବୁ ବେଲେ ଯତନେ ଆବରି କରି ରଖି ଥାଏ ।

ଦିନ୍ କେ ଦିନ୍ ଛୁଆ ମାନେ ବଡ଼ ହେଇତେଲ୍ ଗଲେ ।ତାକର୍ ଲ୍‌ଗି ଖାନା ଖୁଜି ବୁଲ୍ଲା। ସହରର୍ ଗଲି କନ୍ଦି ନେ ଖାନା ମିଲୁନାଇଁ ଥାଇ ।ଜେନ୍ ଦୁକାନ୍ ସାମ୍ନାକେ ଗଲେ ବାଡି ମାଡ୍ ଦେଉଛନ୍ । ମାଁ କୁକୁର୍ ଡଷ୍ଟବିନ୍ ମାନକେ ଚଘିଚଘି ଖାନା ଖୁଜିକରି ଛୁଆମାନକେ ଖୁଆଉଥିଲ୍ ।

ଦିନକର୍ କଥା ଛୁଆମାନଙ୍କର ସାଙ୍ଗେ ମାଁ କୁକୁର୍ ରସ୍ତାତର୍‌ନେ ସୁଇଥିଲା ।ପାସେ ଗୁଟେ ବୋଲେରୋ ଗାଡ଼ି ଭି ଥାଏ ।ପହପହ ନୁ ବୋଲେରୋ ବାଲା ଗାଡ଼ି ନେ ବସ୍ଲା ଆର୍ ବେକ୍ ଗିଆର୍ ଲଗେଇ ପଛକେ କରୁଥିବାର୍ ସମିଆଁନେ ୮ପଟ୍ ଛୁଆ କୁକୁର୍ ଉପ୍ରେ ଗାଡ଼ି ଚକା ଚଘିଗଲା । ମାଁ କୁକୁର୍ ଛାତିଫଟା କନ୍ଦନା ,ଦୁଇ ଦିନ୍ ପତେ ଭୁକଭୁକ କାନ୍ଦୁଥାଏ, ଛୁଆ ମାନକର୍ ଡେଡ୍ ବଡି ପାସକେ କାହାକେ ଆନ ନାଇଁ ଦେଉଥାଇ ।ରସ୍ତା ପାସେ ସଭେଁ ଇ ଦୁରୁସ୍ କେ ଦେଖିକରି କେହି ମନକେ ମସାଲି ନେଇଁ ପାରୁଥାଇ ।ପଶୁ ହେଲେ ଭି ମାଁ ର ହୁରୁଦ୍ ର ଦରଦ୍ ଇନ ଅଲଗା ବାରି ହେଉଯାଉଥିଲା ।

ଗଣ୍ଡାବାହାଲି ନୂଆପଡା

# ଏକତା ହିଁ ବଲ୍



ଶୁକଦେବ ସାହୁ

ଗୁଟେ ବୁଆର୍ ଗ୍ବରଟା ପୁଓ ଥିଲେ
ସବୁବେଲେ ଗାଲିମାଡ୍
ଦିନକର୍ ଦିନେ ବୁଆର୍ ଡକର୍କେ
ଆଘେ ହେଲେ ସଭେ ଠାଡ୍।୧।

ଗୁଟେ ଗୁଟେ କାଠି ଦେଇକରି ବୁଆ
କହେଲା ପୁଓମାନକେ
ଭାଂଗି କରି ଦେଖ ପାରୁଛ କାଏଁଜେ
ହଏରେ ମୋର୍ ପୁତେ।୨।

କଡକାଚ୍ କରି ଭାଂଗିଦେଲେ ସଭେ
ମୁହୁଁ ହେଲେ ଦେଖାଦେଖି
କାଠି ଭାଂଗବାର୍ କାଜେ ଆଗୋ ବୁଆ
ଥିଲୁ କାଏଁ ଆମକୁ ଡାଖି।୩।

ଫାଲତୁ କାମକେ ସମିଆ ନାଇଁନ
ଜାଉଛୁଁ ଜେ ଜାହାର୍ ବାଟେ
ରହ ବଲିକରି ବାଟ୍ କେ ଛେକଲା
ଆରୁ ଛନେ ରହ ବେଟେ।୪।

କାଠି ବିଡା ଗୁଟେ ଦେଲା ବଡଖାକେ
ଭାଂଗ୍ ତ ରେ ବେଟା ବଲିଁ

ବଡଖାନ୍କୁ ବଡ୍ ମଝିଆଁ ସାନ୍ ମଝିଆଁ
ତେହେରୁ ସାନର୍ ପାଲି।୫।

କହେ ଭି ବିଡା ଭାଂଗି ନାଇଁ ପାରଲେ
ଫିଟିଗଲା ଦିହୁଁ ଝାଲ୍
ଗୁଟେ ଗୁଟେ କରି ହାରିଗଲେ ସଭେଁ
ମୁହୁଁ ପଡିଗଲା ଲାଲ୍।୬।

କହେଲା ବୁଆ ସୁନ ମୋର୍ ଛୁଏ
ଗୁଟମୁଟ୍ ହେଇଥିଲେ
ବାଲ୍ ବଁକା ନାଇଁ କରି ପାରନ୍ ସତରୁ
ଜେତେ ଭି ଚେରେଷ୍ଟା କଲେ।୭।

ବୁଝଲେ ପୁଓମାନେ ଏକତା ହିଁ ବଲ୍
ରହେଲେ ସଭେ ମିଲିମିସି
ଏକଜୋଟ୍ ଦେଖିକରି ପୁଓମାନକୁଁ
ବୁଢା ହେଲା ବହୁତ୍ ଖୁସି।୮।

ଖାରୀ,ତରଭା,ସୋନପୁର

# ତଲସିଆ



ସହଦେବ ଧରୁଆ

ଧରତନ କୁଲେ ଜନ୍‌ମିଲ୍ ଦିନୁ
ପହଁଟି ପହଁଟି ଆଏସ୍ ସଏଲତା
ଜଲି ପୁଡି ଛିଡି ଖାର୍
ସିଥଲି ଧଏଲ୍ କାଁଥି ବାଗିର୍
ଝରି ଝରି ଗ୍ଲିଛେ ।।

ସୁଖର୍ କଥା ମାର୍ ଗୁଲି
ଇନ ଅନରଗଲ୍ ଦୁଖ୍-ଭୁଗଲି
ସୁଖର୍ ପସର୍ ନୁରମି ବଏଲେଁ
ଦବ୍ ଦବାଲ୍ ଗାଗରଟା
ଦୁଖର୍ ଦଲଦଲିଥିଁ ଫସି
ଗେରମେଟେଇ ହଉଛେ ।।

ତାଲ୍ ଗଛର୍ ଛଏଁର୍ କେ
କାଏଁ ଭରସା ବୁଆ
ଆର୍ମ୍ କରି ବସମି ଘଡେ
ବେଲ୍ ତୋ ଢଲକଲେ
ଛଏଁର୍ ଭିଲ ଖସରୁଛେ ।।

ସୁଖ୍ ସୁଖ୍ ବଲି ତୋ
ଚକା ଠାନୁ ସିରଜିନା ହେଇ
ସୁରୁଜ୍ କରନ୍ କେ ସହେଲ୍
ରଗରଗା ଜୁଏନୁ ଜନମିଲ୍
ଚକଗ୍‌ବତିର୍ ପୋ ଯଦି ଇନେ
ମରନ୍ ମୁହେଁ ପଡୁଛେ ।।

ମୁଇଁ କେନ୍ ଖେତର୍ ଠେଲ୍ ଯେ
କଲଠାମି, ସହେମି ଆର୍
ଦମ୍ ଧରି ଟିକ ରହେମି
ପାହା ତୋ ଟେକ ହେଇ
ମରନ୍ ଗୁଡାକେ ନରଦୁଛେ
ନେଇଁ ଗ୍ରହେଲେଁ ଭିଲ
ତଲ୍'ସିଆ ଜାବରି ଧରିଛେ ।।

ଭରନ୍ ଭରନ୍ ଦୁଖ୍
ଉଲ୍‌ଦି ଲଦିହେଇ ବୁଝାଟେ
ମୁଡେ ବୁହି ମୁଡ୍ ଘୁର୍
ଚିଁତାନେ ଘାରି ଘୁରି ହେଇ
ବୁଧିସୁଧି ସଭୁ ବନା
ଧସକ ବିଦରି ଉଦରୁଛେ ।।

ସହଦେବ ଧରୁଆ
ଆଂଚଳକ ଶିକ୍ଷା ପ୍ରତିଷ୍ଠା

# ଦୁଇ ଦିନଆ ମୁନୁଷ୍ ଜୀବନଟା ତୋର



ସଞ୍ଜୟ କୁମାର ନାଏକ

ହେ କଥା କେ ତୁଇ ସୁରତାକର୍
ରାଗ୍ ରିସ୍ମି, ହିଁ ସାହଁକାର ଯେତେ
ତୋର ମନ୍ ଠାନୁ ତୁଇ ଦୂର କର୍ ।
ଇତାରକଥା ସେତା କେସେ ତାର ଟା ଇତା କେ
ଚୁଗ୍ଲିଆ କଥା କେ ତୋର୍ ବନ୍ଦକର
ପରର୍ ଦୋଷ କେ ଖୁଜୁଥିସୁଯେ
ପ ହେଲ୍ ଦେଖ୍ ତୋର୍ ମନ୍ ଭିତର ।
ଏକା ଆଇଛୁ ଏକା ଯିବା ନଜନପିଲ୍ ପିଚକା
କ ନ ବୁହିନଉ ତୁ ଇ ଧନର ଭାର୍
ଜୀବନ୍ ଥିବା ଯାଏ କ୍ ଛଁଟୁଛୁ ଯେତେ
ହେଧନ ମଲ୍ କେ ହେବା ତୋର୍ ଦର୍କାର୍ ।
ସତ୍ କଥା ପଦେ ତୋର୍ ଟୁଣ୍ଡୁ ନ ବାହାରେ
ପୁରି ଛେ ତୋର୍ ନେ ମିଛର ଭଁଡାର
ସମିଆଁ ଦେଖି ଉକ୍ଲେଇ ଦେସୁତୁଇ
ନଥେ ତୋର୍ ଟିକେ ସୋର ସୁତର ।
ଚଉରାଶି ଲକ୍ଷ ଯୋନ ପରେ ତୋର୍
ମୁନୁଷ୍ ଜୀବନଟା ହେଇଛେ ସାର
ଭଲ୍ କାମ୍ ଥି ବାବୁ ମନ୍ ଲଗାଯେ
ଇ ଭବସଁସାରୁ ହେବୁ ତୁ ଇ ପାର ।
ଇ ଭବ୍ ସଁସାରୁ ହେବୁ ତୁଇ ପାର୍ ।

ବଡ଼ଝାଙ୍କର ପାଲି(ପିପଲ ଡାବର)
ଶିକ୍ଷକ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ପାଟଣାଗଡ଼

# ହାବଡେ

ସୁନୀଲ କୁମାର ଅଗସ୍ତି

ଦୁଖର୍ ଜୀବନେ ....
ମୁନୁଷ୍ ଡହକ୍ ବିକଲ୍
ଅବଗା ଖେପେକ୍ ସୁଖର୍ କା'ଯେ,
ବିନ୍ ମୋଲର୍ ଦରବେ
ବୁଲସି ନୁରି 'ସୁଖ୍'
ଅନମୁନଷିଆର୍ ତହଁକେ,,
ମୁନୁଷ୍ ବାଗିର୍ ....
ଝନେ ମୁନୁଷ୍ ଜୀବନେ
ବୁଲଲେ ନୁରି ନାଁଇଁ ମିଲନ୍ 'ଜନେ',
ଥିଲେ କପାଲେ
ହେସନ୍ ହବଡେଇ ଜୀବନେ
ଗୁନୀ ଜ୍ଞାନୀ ଝନେ,,
ଆତମାର୍ ପେହେଗ୍ଚନ୍
ଅସଲ୍ ରସ୍ ସଂସାରର୍
"ଜ୍ଞାନ୍ ରସ୍" ବଲେ
ହେସି ମୁନୁଷ୍ ମହାନ୍,
ସକଲୁ ସଂଜ୍ ଗିନ ତବଲ୍
ଖଞ୍ଜନୀ ବଜାର୍ ଧୁନେ
ନାଁଇଁ ମିଲେ ଇ'ରସ୍
ନ' ପଚରନ୍ ଢେଲ୍ ଢେକାନ୍,,

ଟିଟିଲ୍ଗଡ଼,ବଲ୍ଙ୍ଗୀର

# ମୁଇଁ ହେଇ ଯାଏଁତି କେଁ



ବାଙ୍କାବିହାରି ମହାକୁର

ମୁଇଁ ହେଇ ଯାଏଁତି କେଁ ଫୁଲ୍'ଗୁଟେ
ସମ୍'କୁ ବନାଁତି ନଜର୍,
ମହରଗ ସଁସାର୍ ଭିଡ୍ ଭିତ୍'ରେ
ନଝର୍'ତା ଭ୍ବର୍ ଝର୍ ।

ଗ୍ବରିକୁଁତି କହଁର୍ ଯାଏତା ଖେପି
ଦୁଖିର୍ ଦୁଖ୍ ଯାଏତା ଅଁଟି,
ଢାଲିଆ ଖୁଁସାନେ ଗଜ୍'ର୍ କର୍ବାକେ
କହେ ଉସତେ ନେତା ସାଉଁଟି ।

କବି ଲିଖିଦେତା ଅଖର୍ ସଜାଇ
ଭୁଗି ଦେଖୁଥିତା ସପନ୍,
ପେର୍'ମେ ଦୁହିକର୍ ମନ୍ ଜୁଟାଇ
ଜୀବନ୍'ଟା ହେତା ଧଏନ୍ ।

ତିହାର୍ ପରବ୍ ଗୁଢ଼ି ଗଁଭୀର୍ନେ
ଘିନଁତି ସମ୍'କର୍ ମନ୍,
ଘର୍ ସଜାଠାନୁ ବିହା ବର୍'ପନ୍
ପୁଜା ଯାତ୍'ର୍ ସବୁଠାନ୍ ।

ଶିଖାଇ କରି ସେନେହୋ ପେରମ୍

ହୁରୁଦ୍'କେ ଯାଏଁତି ଜିତି,
କଁଟାର୍ ବାଟେ ପଡିକରି ମୁଇଁ
ବାଟ୍'କେ ଡଉଲ୍ କରଁତି ।

ଲୁକ୍ ପାହାଡତଲେ ଜାଗା ପାଇକରି
ତରି ଯାଏଁତି ଇ ସଁସାରୁ,
ଲଲ୍‌ଗୁଲ୍ ଜୀବନ୍ ହେତା ବର୍କଷା
ହେତେଉ ଥିତେଁ ଗଲ୍ ଉତାରୁ ।

ବୁରୁବୁଡା ବୀରମହାରାଜପୁର ସୁବର୍ଣ୍ଣପୁର

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଭାବ୍

ଡ. ସୁଧାଂଶୁ ମେହେର

ସାତ୍ ସମୁନ୍ଦର୍ ଭିତ୍‌ରେ
ରୁପାର୍ ଫରୁଆନେ ଭଅଁର୍ ଲେଖେ
ଜନ୍‌ହ ମାମୁଁର୍ ଗାଁଖୁଲିନେ
ଖର୍ ଛୁଆଟେ ଲେଖେଁ ବସିଛେ
ବାଇଶ୍ ହାତର୍ ଚୂଆଁ ଭିତ୍‌ରେ
ପଥର୍ କର୍‌ପନେ ଖୁନ୍ଦି ହେଇଛେ.. ..

ପୁର୍‌କାଲର୍ ରଜାର୍‌ନୀ କଥାନ ଲେଖେଁ
କେଭେକେନ୍ତା ଶୁନ୍‌ବାକେ ମିଲୁଛେ
ଗଅଁଡିଆ ଘରେ ଚଁ କରୁଥିବାର୍
ସୁଆଁଲି ପିଠା ଲେଖେଁ କେଭେ ଘାଏ ବାସୁଛେ.. ..

ନୂଆଁ ଭୁଆଷେନର୍ ଉଢ୍‌ନା ତଲର୍
ମୁଲ୍‌କ ହଁସି ଯେନ୍ତା ହଜିଗଲ୍‌ନ
ଟେଁଣା ଟିପିଥି ମଏନାବସା
ଆର୍ କାହିଁ ଦେଖା ନାଇଁନ
କାଦୋ ସର୍‌ସର୍ ଗାଁ ଖୁଲିର୍ ବାସ୍‌ନା
ଯେତେ ଖୁଜ୍‌ଲେ ଆର୍ ନାଇଁ ମିଲେ.. ..

ସବୁ ହଜିଗଲ୍ ପଛେ ଇଟା ବି ହଜିଗଲ୍‌ନ
ମୁନୁଷ୍ ଭିତ୍‌ରେ ଇ ଭାବ୍‌ଟା କେଭୁ ଲିଭିଗଲ୍‌ନ..
ଯେତେ ଗହକ ଦେଖେଇ ହେଲେବି
ସବୁ ଉପରେ ଉପ୍‌ରେ
ଭାବ୍‌ର୍ ରସି ଛିଡି ଗଲ୍‌ନ ଏଭେ
ସେଟା କେନ୍ତାଟା ଆସ ଖୁଜ୍‌ମା ଥରେ .. ..

ଆକାଶବାଣି, ଦୂରଦର୍ଶନ ଗୀତିକାର ତଥା କବି

# ଶିଶୁ ବିଭାଗ



# ପୋଡ଼ା କନ୍ଦମୂଳର ଦିନ



ଡ଼ଃ ରଞ୍ଜିତ କୁମାର ସାହୁ

ରାତି ସାରା କାକର ପଡ଼ିଛି । ସକାଳର କରଣରେ ଘାସ ଗାଲିଚା ଝଲମଲ ହେଇ ଉଠିଛି । କାହ୍ନୁ ନଜର ଟୋପି ଆଉ ସ୍ୱେଟର ପିନ୍ଧି ବାହାରିଗଲା ଅଗଣାକୁ । ସକାଳୁ ପକ୍ଷୀମାନଙ୍କୁ ଦାନା ଦେବା ତାହାର ଅଭ୍ୟାସ । ସିଏ ସକାଳୁ ନିଜ ଅଗଣାରେ ଭଙ୍ଗା ଖୁଦ ଇତ୍ୟାଦି ବିଞ୍ଚାଡି ଦିଏ ପକ୍ଷୀମାନଙ୍କ ପାଇଁ । ବାପା କହିଛନ୍ତି ଘରଚଟିଆ ଭଳି ପକ୍ଷୀମାନେ ଆମର ବହୁତ ଉପକାରୀ । ସେମାନେ କୀଟ ପତଙ୍ଗଙ୍କୁ ଖାଇ ପରିବେଶକୁ ରକ୍ଷା କରନ୍ତି । ଘର ଆଗରେ ସୁଧୀର ବସିଛି ଗତ ରାତିରେ ଜଳା ହୋଇଥିବା ଭେଗି ନିଆଁର ପାଉଁଶ ଗଦା ପାଖରେ ।ଜେଜେଙ୍କ ଘର ସାମ୍ନାରେ ଧାନ କ୍ଷେତ । କେତେ ଯୁଗରୁ ଏହି ପରମ୍ପରା ଚାଲି ଆସିଛି, ଉତ୍ତରାୟନ ରବିଙ୍କର ସନ୍ତକ ସହ କୃଷି ସମ୍ପୃକ୍ତ ପୁରୁଣା ଜିନିଷ ସବୁ ଅଗ୍ନିଦାହ କରି ନୂଆଁ ଜୀବନଟେ ଆରମ୍ଭ କରିବାର । ପୌରାଣିକ କାରଣ ଯାହା ହେଉ ନା କାହିଁକି ଏହି ପ୍ରଚଳନ ଦ୍ୱାରା ଚାଷ ଜମିରେ ଉଦ୍ଭିଦ ଜଡ଼ିତ ଦ୍ରବ୍ୟ ସବୁ ଭସ୍ମ ହୋଇ ପୁନଃ ମୃତ୍ତିକାରେ ସଂଲିଷ୍ଟ ହେଇଯାଏ । ଅପକାରୀ କୀଟ ପତଂଗ ନଷ୍ଟ ହେଇ ଯାଆନ୍ତି । ଭାରି ମଜା ଲାଗିଥିଲା କାହ୍ନୁକୁ ଜଳୁଥିବା ଭେଗିରେ ମଟର ଆଉ ଶିମ୍ବ ସବୁ ତାରରେ ଗୁନ୍ଥି ପୋଡିକ ସାଙ୍ଗ ମାନଙ୍କ ସହ ଖାଇବାରେ । ଗାଆଁ ଗଣ୍ଡାରେ ଏହି ପରମ୍ପରା ଧୀରେ ଧୀରେ ଲୋପ ପାଇଗଲାଣି, ସହର କଥା ନ କହିଲେ ଭଲ । ସହରବାସୀ ମାନେ ତ ଏହା ବିଷୟରେ ଜାଣି ମଧ୍ୟ ନଥିବେ । ଆଉ ଧୀରେ ଧୀରେ ଜଙ୍ଗଲ ସବୁ ସମାପ୍ତ ହୋଇ ଯାଉଥିବା ଯୋଗୁଁ କାଠ ମଧ୍ୟ ମିଳୁ ନାହିଁ ସବୁଠାରେ ଭେଗି ଜଳାଇବା ପାଇଁ ।

କାହ୍ନୁ ଦେଖିଲା ସୁଧୀର କୁହୁଳଥିବା ନିଆଁ ରେ ଗୋଟିଏ ଫୁଙ୍କ ନଳାରେ ପାଉଁଶ ଆଉ ନିଆଁ ଭିତରେ କଛି ଆଡଉ ଥିଲା । ମନେ ପଡିଗଲା କାହ୍ନୁର ପୂର୍ବ ରାତିରେ ଭେଗି ନିଆଁ ସବୁ ଲିଭିଗଲା ପରେ, ଜଳୁଥିବା କୋଇଲା ଭିତରକୁ କଛି କନ୍ଦମୂଳ ପକା ଯାଇଥିଲା । ସୁଧୀର ବୋଧହୁଏ ସେହି ଗୁଡାକୁ ବାହାର କରୁଥିଲା ।ସୁଧୀର ପଛକୁ ଚାହିଁ ଦେଖିଲା କାହ୍ନୁ ଠିଆ

ହେଇଛି । ତାହା ହାତକୁ ପୁଳାଏ ପୋଡା କନ୍ଦମୂଳ ଧରେଇ ଦେଇ କହିଲା, "ଏହି ଗୁଡିକ ଠିକରେ ସିଝିଯାଇଛି ଆଉ ଏବେ ଥଣ୍ଡା ହେଇସାରିଛି । ବାକି ଗୁଡାକ ମୁଁ ପରେ ବାହାର କରିକି ଅନ୍ୟମାନଙ୍କୁ ବାଣ୍ଟି ଦେବି । "



ଧନ୍ୟବାଦ ଜଣେଇ କାହ୍ନୁ ପୋଡା କନ୍ଦମୂଳ ନେଇ ଘର ଭିତରକୁ ଆସିଲା । ତାହା ହାତରେ ପୋଡା କନ୍ଦମୂଳ ଗଣ୍ଡାକ ଦେଖିକି ଛୁଟିରେ ବୁଲି ଆସିଥିବା ବଡ ପିଉସୀ କହିଲେ, "ଯାହା ହେଉ ମୋର ପ୍ରିୟ ଜିନିଷଟି ଆଣିଲୁ । ମଧୁମେହ ରୋଗ ଯୋଗୁଁ ମୁଁ ଆଳୁ ଖାଇ ପାରୁନି କିନ୍ତୁ କନ୍ଦମୂଳ କିଛି ପରିମାଣରେ ଖାଇ ପାରିବି । "

" ଓଃ ଏହା କଣ ଔଷଧ କି?" କାହ୍ନୁ ପଚାରିଲା ।

"ନା କିନ୍ତୁ ଏଥିରେ ପ୍ରଚୁର ପରିମାଣରେ ଭିଟାମିନ "ଏ" ତିଆରି କରିବାର ରସାୟନ ଅଛି ଯାହା ବିଟା କରୋଟିନ କୁହା ଯାଏ । କନ୍ଦମୂଳର ରଙ୍ଗ ଯେତେ ଗାଢ଼ ସେତେ ପରିମାଣରେ ବିଟା କରୋଟିନ ଥାଏ । ଏହା ସହ ଏଥିରେ ଭିଟାମିନ "ଇ" ଆଉ "ସି" ଥାଏ । ଏଥିରେ ଥିବା ଶର୍କରା ଜଟିଳ ରକମର ଏବଂ ଏଥିରେ ବହୁତ ତନ୍ତୁ ଥାଏ । ତେଣୁ ଏହା ମଧୁମେହ ଭଳି ରୋଗୀଙ୍କ ପାଇଁ ଉପକାରୀ । ଏହା ବ୍ୟତୀତ ଏଥିରେ ବିଭିନ୍ନ ଖଣିଜ ପଦାର୍ଥ ମଧ୍ୟ ଅଛି ଯେଉଁଥିରୁ ପୋଟାସିଉମ ଆଉ ଲୌହ ପ୍ରମୁଖ । ଏହାର ପତ୍ରକୁ ଶାଗ ଭଳି ମଧ୍ୟ ବ୍ୟବହାର କରା ଯାଏ। ଏଥିରେ ସ୍ନେହସାର ନଥିବାରୁ ଲୋକେ ଏହାକୁ ବହୁତ ପସନ୍ଦ

କରନ୍ତି । ଦେଖିବାକୁ ଗଲେ ସବୁ ପ୍ରକାର ପରିବା ମଧ୍ୟରୁ କନ୍ଦମୂଳ ସବୁଠାରୁ ପୁଷ୍ଟିକର," ପିଉସୀ କହିଲେ ।



"ଓଃ ତାହା ହେଲେ ତ ଏହାକୁ ବହୁତ ଲୋକ ଖାଉଥିବେ ? ମୁଁ ତ ଭାବୁଛି ଯୁଗ ଯୁଗରୁ ଏହା ଭାରତରେ ବ୍ୟବହୃତ ହୋଇ ଆସିଛି । ସତ କଥା କହିବାକୁ ଗଲେ ଏହାର ସୁଆଦ ନଥାଏ, କଣ ଅଛି କଣ ନାହିଁ କିଏ ଦେଖୁଛି? " କାହ୍ନୁ କହିଲା ।

"ପୃଥିବୀର ବହୁତ ଦେଶରେ ଏହାର ଉତ୍ପାଦନ ହୁଏ ଏବଂ ଏହା ଖିଆ ଯାଏ । କିନ୍ତୁ ଆଳୁ ଭଳି ଏହା ମଧ୍ୟ ବିଦେଶରୁ ଆସିଛି । ଏହା ପ୍ରଥମେ ଆମେରିକା ମହାଦେଶର ମଧ୍ୟବର୍ତ୍ତୀ ଅଞ୍ଚଳରେ ଚାଷ କରା ଯାଉଥିଲା," ପିଉସୀ କହିଲେ ।

"ଓଃ ମୁଁ ଭାବିଥିଲି ଏହା ଭାରତୀୟ ମୂଳର ବୋଲି," କାହ୍ନୁ କହିଲା ।

"ନା ଏହା ଆମେରିକାରୁ ଆସିଛି କିନ୍ତୁ ଏବେ ଚାରିଆଡେ ଲୋକ ପ୍ରିୟ ଅଟେ । ଅନ୍ୟ ଫସଲ ତୁଳନାରେ ଏଥିରେ କୀଟ ପତଂଗ ଓ ରୋଗ କମ ତେଣୁ ଏହା ଚାଷୀ ମାନଙ୍କର ମଧ୍ୟ ପ୍ରିୟ," ପିଉସୀ କହିଲେ ।

"ସୁଧୀର କହୁଥିଲା ତାଙ୍କ ଘରେ କେହି ପୋଡା କନ୍ଦମୂଳ ପସନ୍ଦ କରନ୍ତି ନାହିଁ, କେବଳ ସିଝା ଖାଆନ୍ତି ଆଉ ଅନେକ ପ୍ରକାର ବ୍ୟାନଜନ କଥା କହୁଥିଲା କାଲି ଆମେ ଏଗୁଡ଼ାକ ନିଆଁରେ ପକେଇଲା ବେଳକୁ," କାହ୍ନୁ କହିଲା ।

"ମୂଳ ଜାତୀୟ ଖାଦ୍ୟ ମଧ୍ୟରୁ କନ୍ଦମୂଳ ଗୋଟିଏ ଯାହା ଆମେ କଞ୍ଚା ମଧ୍ୟ ଖାଇ ପାରିବା ଯେମିତି କ ଏହାର ଜୁସ କରିକ," ପିଉସୀ କହିଲେ ।

"ସିଏ ଆଉ ମଧ୍ୟ କହୁଥିଲା ତାଙ୍କ ବାଡ଼ିରେ କୁଆଡେ ଏହାର ଗ୍ଧରି ଗୁଣ ବଡ କନ୍ଦମୂଳ ହେଇଥିଲା ଥରେ । ଭାରି ପବନା ଟୋକା," କାହ୍ନୁ କହିଲା ।

"ସତ ହେଇ ଥାଇ ପାରେ । ପ୍ରାୟ **6500** ପ୍ରକାରର କନ୍ଦମୂଳ ଅଛି ପେରୁ ଦେଶର ଆଳୁ ସଂରକ୍ଷଣ କେନ୍ଦ୍ରରେ । ସବୁଠାରୁ ବଡ କନ୍ଦମୂଳ **37** କ.ଗ୍ରା. ଓଜନର ଜଣେ ସ୍ପାନସ୍ କୃଷକ ଅମଳ କରିଥିଲେ," ପିଉସୀ କହିଲେ ।

"ଆଛା ସେ କୃଷକ ତ ଭାରି ପ୍ରସିଦ୍ଧ ହେଇ ଯାଇ ଥିବେ **?**" କାହ୍ନୁ କହିଲେ ।

"ସବୁଠାରୁ ପ୍ରସିଦ୍ଧ କନ୍ଦମୂଳ ଗ୍ଧଷୀ ହେଲେ, ଆମେରିକାର ରାଷ୍ଟ୍ରପତି ଜର୍ଜ ଓ୍ୱାଶିଂଟନ ଯିଏ ଆମେରିକା ବିପ୍ଲବ ପୂର୍ବରୁ ଜଣେ କନ୍ଦମୂଳ ଗ୍ଧଷୀ ଥିଲେ," ପିଉସୀ କହିଲେ ।

"ମୋତେ ଭୋକ ଲାଗିଲାଣି । ଆପଣ ପୂଜା ସାରିଲେ ଖାଇବା ଏହି ଗୁଡିକ । ଶୀଘ୍ର ଆସନ୍ତୁ," କାହ୍ନୁ କହିଲା ।



ପୂଜା ଲାଗି ଫୁଲ ତୋଳିବାକୁ ଯାଉ ଯାଉ ପିଉସୀ ଆରମ୍ଭ କରିଦେଲେ ତାଙ୍କର ସୁମଧୁର ସ୍ୱରରେ ଗୀତ ବୋଲିବା । ପିଉସୀ ଖୁସି ହୋଇଗଲେ ଗୀତ ବୋଲନ୍ତି । କାହ୍ନୁ ଖୁସି ହୋଇ ଶୁଣିବାକୁ ଲାଗିଥିଲା ଆଉ ଆପେକ୍ଷା କରିବାକୁ ଲାଗିଲା ପିଉସୀଙ୍କର ପୂଜା ସରିବାକୁ । ଟେବୁଲ ଉପରେ ଥୁଆ ହୋଇଥିବା ପୋଡା କନ୍ଦ ମୂଳର ବାସ୍ନା ଭରିବାକୁ ଲାଗିଥିଲା କକ୍ଷରେ । ଶୀତ ଦିନରେ କନ୍ଦମୂଳ ପୋଡାର ସ୍ୱାଦଟି ଅଲଗା ହିଁ ହୋଇଥାଏ

୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ଗ୍ଲରଲୋଟସଭିଲେ, ଭିର୍ଜିନଆ, ଯୁକ୍ତରାଷ୍ଟ୍ର ଆମେରିକା



# କୀଟପତଂଗ ଓ ପରିବେଶ



ନୀଳମାଧବ ସାହୁ

ରାସ୍ତାରେ କାରଟି ଧୀର ବେଗରେ ଯାଉଥାଏ | ସେତିକବେଳେ ସୂର୍ଯ୍ୟ ଅସ୍ତ ହୋଇ ଆସିଲେଣି ଓ କାରର କାଚରେ କୀଟପତଙ୍ଗଗୁଡିକ ଆସି ବାଜୁଥାନ୍ତି | "ଏଗୁଡା କଣ କାଚରେ ଆସି ବାଜୁଛି," ମୁନା ପାଟି କରି କହିଲା | ମୁନାର ବାପା ମୁକେଶ ବାବୁ ଉତ୍ତର ଦେଲେ ଯେ ସେଗୁଡା କଛି ନାଇଁ କୀଟପତଙ୍ଗ ଗୁଡାକ ଆସି ବାଜୁଛି | ମୁକେଶବାବୁ ଜଣେ କୃଷି ଅଧିକାରୀ ହୋଇଥିବାରୁ କୀଟପତଙ୍ଗ ବିଷୟରେ ବହୁତ କଛି ଜ୍ଞାନ ଅଛି | ମୁକେଶବାବୁଙ୍କ ଦୁଇ ସହଯୋଗୀ ମୁନାର ଜିଂଜ୍ଞାସା ଦେଖି ବହୁତ ଖୁସି ହେଲେ ଓ କୀଟପତଙ୍ଗ ବିଷୟରେ କଛି ବୁଝାଇବାକୁ ମୁକେଶବାବୁଙ୍କୁ ଅନୁରୋଧ କଲେ | ଏଥିରେ ଅନୁରୋଧ କରିବାର କଣ ଅଛି ନିଶ୍ଚୟ କହିବି ବୋଲି ମୁକେଶବାବୁ ଉତ୍ତର ଦେଲେ |

ଆଗକାଳରେ ଏମିତି ଯିବା ଆସିବା କଲାବେଳେ ଆହୁରି ଅଧିକ କୀଟପତଙ୍ଗ ଆସି କାରର କାଚରେ ଲାଗିଯାଉଥିଲେ | ଏବେ ଏହାର ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି, ଯାହାର କ ମୁଖ୍ୟ କାରଣ ହେଲା ଜଳବାୟୁ ପରିବର୍ତ୍ତନ ଓ ପ୍ରଦୂଷଣ | ବିଶେଷ କରି କୀଟପତଙ୍ଗ ଆମ ପାଇଁ କେତେ ଉପଯୋଗୀ ଅଟନ୍ତି ସେ ବିଷୟରେ ସାଧାରଣ ଲୋକମାନେ ବହୁତ କଛି ଜାଣିବାର ଅଛି |



ପ୍ରଥମେ ମୁକେଶବାବୁ ମୁନାକୁ ପଚାରିଲେ, "ତୁ କେଉଁ କେଉଁ କୀଟପତଙ୍ଗଙ୍କୁ ଜାଣିଛୁ କହିଲୁ|" ମୁନା ଉତ୍ତର ଦେଲା ଯେ, ସେ ପ୍ରଜାପତି, କଙ୍କି, ମହୁମାଛି, ଜୁଳୁଜୁଳଆ ପୋକ ଓ ଝିଂଟିକା ଇତ୍ୟାଦି ବିଷୟରେ କଛିଟା ଜାଣିଛି | ରଙ୍ଗବିରଙ୍ଗ ପ୍ରଜାପତି ଦେଖିବାକୁ ବହୁତ ସୁନ୍ଦର ହୋଇଥାଏ ଓ ଜୁଳୁଜୁଳଆ ପୋକ ରାତିରେ ଦେଖିଲେ ତା' ପଛରେ ଆଲୋକ ଲାଗିଲା ପରି ଦେଖାଯାଏ | ତାପରେ ମୁକେଶବାବୁ ପୁଣି କହିଲେ ଆମ ଦେଶରେ ବିଭିନ ସ୍ଥାନରେ ପ୍ରଜାପତି ଉଦ୍ୟାନ ସବୁ ବନାଯାଇଛି ଯାହାଦ୍ୱାରା ପର୍ଯ୍ୟଟକମାନେ ପ୍ରଜାପତିର ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରନ୍ତି | ଲେସିଫେରିନ ନାମକ ରସାୟନ ପଦାର୍ଥ ଜୁଳୁଜୁଳଆ ପୋକରେ ଥିବାରୁ ରାତିରେ ବା ଅନ୍ଧାରରେ ତାହା ଆଲୋକ ପ୍ରଦାନ କରିଥାଏ ଯାହାକ ଦେଖିବାକୁ ବହୁତ ସୁନ୍ଦର ଲାଗେ |



"ବାପା ଏହି ଛୋଟ କୀଟପତଙ୍ଗ କପରି ଏତେ ଉପକାରୀ ଜଣାଉନ," ମୁନା ମୁକେଶବାବୁଙ୍କୁ କହିଲା | ପୁଣି ମୁକେଶବାବୁ କୀଟପତଂଗମାନଙ୍କ ଉପକାରିତା ଉପରେ ଅବଗତ କରାଇଲେ | କୀଟପତଙ୍ଗ (ମହୁମାଛି, ଭଅଁର, ପ୍ରଜାପତି, ଲେଡୀବାର୍ଡ, ମଥ ଇତ୍ୟାଦି) ଉଦ୍ଭିଦମାନଙ୍କର ପରାଗସଙ୍ଗମରେ ପରାଗ ବାହକ ରୂପେ କାର୍ଯ୍ୟ ସମ୍ପାଦନ କରନ୍ତି | ଯାହାଫଳରେ ପୁଲଟି ଫଳରେ ପରିଣତ ହୁଏ ଓ ଆମେମାନେ ଖାଇବାକୁ ଖାଦ୍ୟ ପାଉ | କୀଟପତଙ୍ଗ ନଥିଲେ ଏହି ପରାଗସଙ୍ଗମ ହୋଇପାରନ୍ତା ନାହିଁ ଓ ଆମେ ସମସ୍ତେ ଭୋକ ଉପାସରେ ଦିନ ବିତାଉଥାନ୍ତେ | ପକ୍ଷୀ, ସରୀସୃପ ଓ ଅନ୍ୟ ଛୋଟ ସ୍ତନ୍ୟପାୟୀ ପ୍ରାଣୀମାନେ ଖାଦ୍ୟ ପାଇଁ ବିଭିନ୍ନ ପ୍ରକାରର କୀଟପତଙ୍ଗ ଉପରେ ନର୍ଭର କରନ୍ତି | ଏହି କୀଟପତଙ୍ଗ ନଥିଲେ ଅନ୍ୟ ପ୍ରାଣୀ ମାନେ ବି ବଂଚପାରନ୍ତେ ନାହିଁ ଓ ପରିବେଶ ସନ୍ତୁଳନ କେବେଠୁ ହରେଇସାରନ୍ତାଣି | ମହୁମାଛି ଯୋଗୁ ଆମେଆମେ ମହୁ ପାଉଛୁ ଯାହାକ ଔଷଧ ରୂପେ ବ୍ୟବହାର କରାଯାଏ | ପାଟପୋକ ଯୋଗୁ ପାଟ ପୋଷାକ ତିଆରି ହୋଇପାରୁଛି ଯାହାକ ଆମେ ମଣିଷମାନେ ବ୍ୟବହାର କରୁ | କେତେକ ପ୍ରଜାତିର କୀଟପତଂଗକୁ

(ଯେପରି କ ପିମ୍ପୁଡି, ଝିଂଟିକା, ଝଡିପୋକ ଇତ୍ୟାଦି) ଆଦିବାସୀ ଲୋକମାନେ ଖାଦ୍ୟ ରୂପେ ବ୍ୟବହାର କରନ୍ତି ଯେଉଁଥିରେ କ ପ୍ରୋଟିନ ଭରପୂର ଭାବେ ରହିଛି | କୀଟପତଙ୍ଗମାନଙ୍କର ଉପସ୍ଥିତି ଗୋଟିଏ ସୁସ୍ଥ ପରିବେଶ ଓ ଜୈବବିବିଧତାକୁ ସୂଚାଏ ବୋଲି ବୈଜ୍ଞାନିକମାନେ ମତ ପ୍ରକାଶ କରିଛନ୍ତି | ତେଣୁ ଆମେମାନେ ଛୋଟ ଦିଶୁଥିବା କୀଟପତଙ୍ଗମାନଙ୍କୁ ହେୟ ମନେକରିବା ଅନୁଚତ |



ଜୈବିକ କୃଷିରେ କୀଟମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି | ମାଟିକୁ ହାଲକା ଓ ଜୈବିକ ସାର ପ୍ରସ୍ତୁତିରେ କେତେକ କୀଟ ଉପଯୋଗୀ ଅଟନ୍ତି | ବିଭିନ୍ନ ଉପକାରୀ କୀଟପତଙ୍ଗ, ପକ୍ଷୀ ଓ ସରୀସୃପ କ୍ଷତି ପହଞ୍ଚାଉଥିବା ଅନ୍ୟ କୀଟମାନଙ୍କୁ ଶିକାର କରିଥାନ୍ତି ଯାହା ଫଳରେ ପ୍ରାକୃତିକ ଉପାୟରେ ଅଦରକାରୀ କୀଟମାନଙ୍କୁ ପରିଚାଳନା କରାଯାଇଥାଏ |

ମୁକେଶବାବୁଙ୍କ ସହଯୋଗୀ ଦୁହେଁ ବି ଖୁସିହେଲେ ଓ ଆଉ କଣ ଏହା ଉପରେ ଜାଣିଛ ବୋଲି ମୁକେଶବାବୁଙ୍କୁ ପ୍ରଶ୍ନ କଲେ | ମୁନା ବି ଧୀରେ ବସି ସବୁ କିଛି ଶୁଣୁଥିଲା | ତାପରେ ମୁକେଶବାବୁ କୀଟପତଙ୍ଗମାନଙ୍କ ବିଲୋପର କାରଣ ଓ ସଂରକ୍ଷଣ ବିଷୟରେ ଅବଗତ କରାଇଲେ | ଜଙ୍ଗଲ ନଷ୍ଟ, ବିଭିନ୍ନ ପ୍ରକାରର ପ୍ରଦୂଷଣ ଓ ମୁଖ୍ୟତଃ ଚାଷ ଜମିରେ ବ୍ୟବହୃତ ରାସାୟନିକ ସାର ଓ କୀଟନାଶକ ଔଷଧ, ଜୈବବିବିଧତା ନଷ୍ଟ, ବାସସ୍ଥାନ ନଷ୍ଟ, ନିର୍ଦ୍ଦିଷ୍ଟ ପ୍ରଜାତିର ଗଛଲତା ନଷ୍ଟ ଓ ଜଳବାୟୁ ପରିବର୍ତ୍ତନ ଇତ୍ୟାଦି ଯୋଗୁଁ କୀଟପତଂଗମାନଙ୍କ ସଂଖ୍ୟା ଲୋପ ପାଇଲାଣି | ଏହାର ପ୍ରଭାବ ଅନ୍ୟ ଜିବା ଉପରେ ଓ ମଣିଷମାନଙ୍କ ଉପରେ ପଡିବ ମଧ୍ୟ ଆରମ୍ଭ ହୋଇଗଲାଣି | ତେଣୁ ସମୟ ଥାଉଥାଉ ଆମମାନଙ୍କୁ ଏହା ପ୍ରତି ସଚେତନ ହୋଇ ସଂରକ୍ଷଣ ପାଇଁ ଆଗକୁ ବଢିବାକୁ ହବ | କୃଷିକ୍ଷେତ୍ରରେ ରାସାୟନିକ ସାର ଓ କୀଟନାଶକ ଔଷଧର ବ୍ୟବହାରକୁ ବନ୍ଦ କରି ଜୈବିକ କୃଷି ପ୍ରତି ଧ୍ୟାନ ଦେବାକୁ ପଡିବ | ନିଜ ଆଖପାଖ ପରିବେଶରେ ବିଭିନ୍ନ ପ୍ରକାର ଗଛଲତା

ଲଗାଇ ସବୁଜିମା ଭରିବାକୁ ହେବ ଯାହାଫଳରେ ସେମାନଙ୍କୁ ତାଙ୍କ ବାସସ୍ଥାନ ମିଳବ | ନିଜ ବାଡ଼ିରେ, ବିଦ୍ୟାଳୟ, ବିଶ୍ୱବିଦ୍ୟଳୟ ଓ ଅନ୍ୟ ଅନୁଷ୍ଠାନଗୁଡିକରେ ବଗିଚ୍ଚ ସୃଷ୍ଟି କରିବାକୁ ହେବ | ଜଙ୍ଗଲକୁ ପୁନଃ ସବୁଜିମା କରିବାକୁ ହବ | ଯାହାଫଳରେ କୀଟପତଙ୍ଗମାନଙ୍କ ସଂଖ୍ୟା ଲୋପ ପାଇବାରୁ ବଞ୍ଚିଯିବ ଓ ପରିବେଶର ସନ୍ତୁଳନ ବଜାୟ ରହିବ |

ଶେଷରେ ମୁନା ଛୋଟ ପିଲ୍ ହୋଇକ ବି କୀଟପତଙ୍ଗ ବିଷୟରେ ବହୁତ କଛି ଜାଣିଲ୍ ଓ ତା' ସହ ମୁକେଶବାବୁଙ୍କ ଦୁଇ ସହଯୋଗୀ ମଧ୍ଯ ବିଶେଷ କଛି ଜାଣିବାକୁ ପାଇଲେ ଓ ମୁକେଶବାବୁଙ୍କୁ ଧନ୍ୟବାଦ ଜଣାଇଲେ | ଏହି କୀଟପତଙ୍ଗ ବିଷୟରେ ଆଲୋଚନା କରୁକରୁ କାରରେ ସ୍ୱଳ୍ପ ସମୟର ଯାତ୍ରା ସମାପ୍ତ ହେଲ୍ ଓ ସମସ୍ତେ ନିଜନିଜ ଗନ୍ତବ୍ୟ ସ୍ଥଳରେ ପହଂଚଗଲେ |



ସମରଝୋଳ, ଗଂଜାମ, ଓଡିଶା

# ହସ୍ତାକ୍ଷର

ଅଚ୍ୟୁତାନନ୍ଦ ବିଶ୍ୱାଳ

ହସ୍ତାକ୍ଷର ଲେଖା ଅତି ଦରକାରୀ
ପିଲ୍‌ମାନେ ଲେଖ ନିତି;
ଉତ୍ତମ ଶିକ୍ଷାର ନିଦର୍ଶନ ବୋଲି
ରହିଛି ଏହାର ଖ୍ୟାତି ।୧।
ଅକ୍ଷର ସୁନ୍ଦର ହେବା ସହ ବର୍ଣ୍ଣା-
ଶୁଦ୍ଧି ଦୋଷ ହୁଏ ଦୂର;
ସେଥିପାଇଁ ପିଲ୍ ମାନେ ଏଥି ପ୍ରତି
ହୁଅ ସବୁ ଆଗଭର ।୨।
ସେବ ସମୟର ପରି ହସ୍ତାକ୍ଷର
ଲେଖା ହେଉ ନାହିଁ କାହିଁ;
ଏହି କ୍ରମ ଜାରି ରହିଲେ ଜାଣିଥା
କ୍ଷତି ଛଡା ଲାଭ ନାହିଁ ।୩।
ନିତି ହସ୍ତାକ୍ଷର ଲେଖିବା ସକାଶେ
ଗୁରୁ କଲେ ଉତ୍ସାହିତ;
ନିଶ୍ଚିତ ଭାବରେ ଛାତ୍ରଛାତ୍ରୀ ମାନେ
ହେବେ ବହୁ ଉପକୃତ ।୪।
ହେ ଶିକ୍ଷାର୍ଥୀ ବୃନ୍ଦ ମନେ ବହି ମୋଦ
ଘେନ ଏହି ପରାମର୍ଶ;
ନିତି ଏହି କାମ କରି ଭଲ ପଢି
ଉଜ୍ଜ୍ୱଳ କର ଏ ଦେଶ ।୫।

ମହୁକୁଦ, ସରାପାଲି, ରେଢାଖୋଲ, ସମ୍ବଲପୁର

# ଭକ୍ତି ପୁଷ୍ପ

ଧରିତ୍ରୀ ଦାସ

ଥରେ ଗୋଟିଏ ଗ୍ରାମରେ ଜଣେ ବ୍ରାହ୍ମଣ ବାସ କରୁଥିଲେ । ସେ ଠାକୁରଙ୍କୁ ଫୁଲରେ ସଜାଇ ପୂଜା କରିବାକୁ ଭଲ ପାଆନ୍ତି । ଏଣୁ ସେ ପ୍ରତିଦିନ ରାତି ୪ଟାରୁ ଉଠି ସାହିର ଅନ୍ୟ ଲୋକଙ୍କ ବାଡିରେ ପଶି ଫୁଲ ଚୋରିକରି ସବୁ ନେଇ ଆସନ୍ତି । ଏମିତିକି ଫୁଲଗଛ ଥିବା ବାଡିବାଲା ସକାଳୁ ଉଠି ଗୋଟେ ବି ଫୁଲ ପାଏନି । ମନ ଦୁଃଖରେ ସେ ମନେ ମନେ ଗାଳିକରେ, ଗରଗର ହୁଏ ଏବଂ ପର ମୁହୂର୍ତ୍ତରେ ନିଜକୁ ବୁଝାଇ ଦିଏ। କହେ ମୁଁ ଠାକୁରଙ୍କୁ ଦେଇଥାନ୍ତି, ହେଲା ଯିଏତ ନେଇଛି ସିଏତ ସେଇ ଠାକୁରଙ୍କୁ ଦେବତ। ହେଉ ହେଲା ନେଲା ନେଲା ଆଉ କ'ଣ କରିବା । ମାତ୍ର ମଣିଷ ମନତ ବେଳେ ବେଳେ ରାଗିଯାଇ ରାତି ତିନଟାରୁ ଉଠି ଜଗି ବସନ୍ତି ଫୁଲ ଚୋରକୁ ଧରିବା ପାଇଁ । କିନ୍ତୁ ବ୍ରାହ୍ମଣ ଜଣକ କେମିତି କେଜାଣି ଜାଣି ପାରି ସେଦିନ ଆଉ ସେ ଜଗି ବସିଥିବା ଲୋକର ବାଡିକୁ ଫୁଲ ତୋଳିବାକୁ ଯାଏନି । ମାତ୍ର ଦୁଇ ତିନି ଦିନ ପରେ ପୁଣି ଯାଏ । ଏଣୁ ଲୋକମାନେ ପୂର୍ବଦିନ ସଂଧ୍ୟାହେବା ପୂର୍ବରୁ ଫୁଲ କଢ଼ ସବୁ ତୋଳି ରଖିଦିଅନ୍ତି ।

କିଛିଦିନ ବିତିଗଲା ବ୍ରାହ୍ମଣ ଜଣକ ଏକ ତୀର୍ଥ ସ୍ଥାନକୁ ଯାଇଥାନ୍ତି । ସେଠାରେ ମହାନ୍ ସାଧୁ, ମହର୍ଷିମାନେ ଏକତ୍ରିତ ହୋଇଥାନ୍ତି । ପ୍ରବଚନ ଚାଲିଥାଏ । ହଠାତ୍ ଜଣେ ସାଧୁ ଦେଖିବାକୁ ସତେ ଯେପରି ଭଗବାନଙ୍କର ପ୍ରତିମୂର୍ତ୍ତୀ । ସେ ଆସି ପ୍ରବଚନ ଦେଉଥାନ୍ତି । ତାଙ୍କୁ ଦେଖି ବ୍ରାହ୍ମଣ ଜଣକ ଭଗବାନଙ୍କୁ ଦେଖିଲା ଭଳି ଅନୁଭବ କଲେ । ଏବଂ ତାଙ୍କ କଥାକୁ ଧ୍ୟାନ ସହକାରେ ଶୁଣିବାକୁ ଲାଗିଲେ । କଥା ପ୍ରସଙ୍ଗରେ ସାଧୁ ଜଣକ କହିଲେ ଯେ ଯେଉଁ ଲୋକ ବଜାରରୁ କିଣି ଆଣି ବାସୀ ଫୁଲ ଠାକୁରଙ୍କୁ ପ୍ରଦାନ କରେ କିମ୍ବା ଚୋର ନେଇଯିବା ଭୟରେ ପୂର୍ବଦିନ ସଂଧ୍ୟାରୁ କଢ଼ ତୋଳି ଆଣି ରଖି ତା ପର ଦିନ ସକାଳୁ ସେହି ଫୁଲରେ ଠାକୁରଙ୍କୁ ପୂଜାକରେ କିମ୍ବା ଅନ୍ୟର ବାଡିରୁ ଯେଉଁ ଲୋକ ଫୁଲ ଚୋରି କରି ଆଣି ଭଗବାନଙ୍କ ପୂଜାରେ ଲଗାଏ, ଈଶ୍ୱର ତା ଉପରେ କେବେବି ସନ୍ତୁଷ୍ଟ ହୁଅନ୍ତି ନାହିଁ । ସେହି

ଲୋକ ଭଗବାନଙ୍କ ନିକଟରେ ଦୋଷୀ ହୋଇଯାଏ । ଏକଥା ଶୁଣିବା ମାତ୍ରେ ବ୍ରାହ୍ମଣ ଜଣକ ବଡ଼ ଅଡୁଆରେ ପଡ଼ିଗଲେ।

ସେ ହାତ ଯୋଡ଼ି ଠିଆ ହେଲେ ଏବଂ କହିଲେ ମହାଭାଗ ଯାହା ବାଡ଼ିରେ ଫୁଲ ନାହିଁ ସେ କପରି ପ୍ରଭୁଙ୍କୁ ପୂଜିବ । ଏକଥା ଶୁଣି ସାଧୁ କହିଲେ । ଆଜ୍ଞା ଆପଣ କହୁଛନ୍ତି ଯାହା ବାଡିରେ ଫୁଲ ନଥିବ, ଅର୍ଥାତ ତାର ବାଡ଼ି ତ ନିଶ୍ଚୟ ଥିବ । ତେବେ ତାର ଠାକୁର ପୂଜା କରିବାର ଅଛି ତ ସେ ବାଡ଼ିରେ ଦୁଇ ଗ୍ଚରିଟା ଫୁଲ ଗଛ ଲଗାଇ ତାର ଯତ୍ନ ନେବ ଏବଂ ସେ ସେହି ଗଛର ଫୁଲ ନେଇ ଈଶ୍ୱରଙ୍କୁ ପୁଜା କରିବ । ଭଗବାନଙ୍କ ପାଇଁ କ'ଣ ସେ ଏତିକ କରି ପାରିବ ନାହିଁ । ପୁନର୍ବାର ବ୍ରାହ୍ମଣ ଜଣକ କହିଲେ "ଯଦି ଫୁଲଗଛ ଥିବ ମାତ୍ର ସେଥିରେ ଫୁଲ ଫୁଟି ନଥିବ ତେବେ ସେ କ'ଣ କରିବ" । ସାଧୁ ଜଣକ ଉତ୍ତର ଦେଲେ ଆଜ୍ଞା ଯଦି ଫୁଲ ଫୁଟି ନଥିବ ତଥାପି ସେଲୋକ ଅନ୍ୟ ବାଡିରୁ ଫୁଲ ନ ଆଣି ନିଜର ଭକ୍ତି ରୂପକ ପୁଷ୍ପରେ ସେ ଈଶ୍ୱରଙ୍କୁ ପୂଜିଲେ ଈଶ୍ୱର ଅତ୍ୟନ୍ତ ପ୍ରୀତ ହେବେ ଏବଂ ଆଶୀର୍ବାଦ ମଧ ଦେବେ । ସର୍ବାଦୌ କହିବାକୁ ଗଲେ ନିଜେ ଲଗାଇଥିବା ଗଛରୁ ଫୁଲ ଆଣି ପୂଜା କରିବା ଆମର କର୍ତ୍ତବ୍ୟ ହେବା ଉଚିତ ।

ଏକଥା ଶୁଣିବା ପରେ ବ୍ରାହ୍ମଣ ଜଣକ ଚିନ୍ତାକଲେ ଆରେ ଯଦି ଏକଥା ସତ ତେବେ ମୁଁ ତ ଅପରାଧ କରୁଛି ତା ସହିତ ଅନ୍ୟମାନଙ୍କୁ ମଧ ଅପରାଧୀ ସଜାଉଛି କାରଣ ମୋରି ଫୁଲ ଆଣିବା ଭୟରେ ଲୋକେ ପୂର୍ବଦିନ ଠାରୁ ଫୁଲ ତୋଳି ରଖି ବାସୀ ଫୁଲରେ ଠାକୁରଙ୍କୁ ପୂଜନ୍ତି । ଏଣୁ ଏସବୁ ଅପରାଧରେ ମୁଁ ହିଁ ଭାଗୀ । ତେଣୁ ତା ପରଦିନଠାରୁ ବ୍ରାହ୍ମଣ ଜଣକ କେବେବି କାହା ବାଡ଼ିକୁ ଫୁଲ ଆଣିବାକୁ ଗଲେ ନାହିଁ । ଖାଲି ସେତିକି ନୁହେଁ ସେ ନିଜ ବାଡିରେ କିଛି ଫୁଲଗଛ କିଣି ଆଣି ଲଗାଇ ତାର ଯତ୍ନ । ନେଲେ । କିଛିଦିନ ପରେ ସେ ଦେଖିଲେ ତାଙ୍କ ବାଡ଼ିର ସୌନ୍ଦର୍ଯ୍ୟ ବୃଦ୍ଧି ଘଟିଛି।ସେ ବହୁତ ଖୁସି ହେଲେ ।

ଖାଲି ସେତିକି ନୁହେଁ ସୌନ୍ଦର୍ଯ୍ୟ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଠାକୁର ପୂଜା ପାଇଁ ପ୍ରଚୁର ଫୁଲ ମଧ ତାଙ୍କୁ ମିଳିଗଲା।

ବ୍ରାହ୍ମଣ ବ୍ୟକ୍ତିଙ୍କର ଏପରି ପରିବର୍ତ୍ତନ ଦେଖି ଗ୍ରାମବାସୀମାନେ ବିସ୍ମିତ ହେଲେ । କିଛି ଲୋକ ମଧ ତାଙ୍କୁ ଯାଇ ପଚ୍ଚରିଲେ ବ୍ରାହ୍ମଣ ଗୋସାଇଁ ଆପଣ ଆଉ କାହିଁକି ଫୁଲ ଆଣିବାକୁ

ଯାଉନାହାନ୍ତି । ଏକଥାର ଉତ୍ତରରେ ସେ କହିଲେ ଆରେ ନାଇଁରେ ମୁଁ ମୋ ଅଜାଣତରେ ଫୁଲ ଚୋରି କରିବାକୁ ଯାଇ ବଡ ଭୁଲ କରୁଥିଲି ବୋଲି ଜାଣି ପାରୁ ନଥିଲି । ମାତ୍ର ଯେତେବେଳେ ଜାଣିବାକୁ ପାଇଲି ଯେ ଭଗବାନଙ୍କୁ କେବଳ ନିଜେ ଲଗାଇଥିବା ଗଛର ଫୁଲ ପ୍ରଦାନ କଲେ ସେ ସନ୍ତୁଷ୍ଟ ହୁଅନ୍ତି ଏବଂ ଅନ୍ୟର ବାଡିରୁ ଫୁଲ ଆଣିଦେବା ଦୋଷାବହ, ତେଣୁ ମୁଁ ନିଜ ବାଡିରେ ଆଣି ଫୁଲ ଗଛ ଲଗାଇଲି । ଦେଖୁନ ମୋ ବାଡିରୁ ପ୍ରଚୁର ଫୁଲ ମିଳିବା ସଙ୍ଗେ ସଙ୍ଗେ ମୋ ବାଡି କେଡେ ସୁନ୍ଦର ଲାଗୁଛି । ତାଛଡା ଏକଥା ଜାଣି ରଖ ପୂର୍ବଦିନ ଫୁଲ ତୋଳି ରଖିବା ମଧ୍ୟ ଦୋଷାବହ। ଏହା ଦ୍ୱାରା ଭଗବାନ ଅସନ୍ତୁଷ୍ଟ ହୁଅନ୍ତି ।

ବ୍ରାହ୍ମଣ ଗୋସାଇଁଙ୍କର ଏତାଦୃଶ କଥା ଶୁଣି ଗ୍ରାମବାସୀମାନେ ମଧ୍ୟ କିଛି ଶିଖିଲେ ଏବଂ ତାଙ୍କ କଥାକୁ କାର୍ଯ୍ୟରେ ଲଗାଇବାକୁ ଯାଇ ନିଜ ନିଜ ବାଡିରେ ଫୁଲଗଛ ଲଗାଇଲେ ଏବଂ ନିଜବାଡିର ଫୁଲରେ ଭଗବାନଙ୍କୁ ପୂଜା କରିବାକୁ ଲାଗିଲେ।

କାହା ବାଡ଼ିରୁ ଫୁଲ ଚୋରି କରି
ପୂଜା କରିବା ଦୋଷା ବହ ଭାରି।
ଭକ୍ତି ରୂପକ ପୁଷ୍ପ ଦାନ କରି
ପୂଜିବା ଆସ ଆମେ ନରହରି।

ରାଉତରାୟ ପୁର, ପହଙ୍ଗା, ଯାଜପୁର

# ଅକଲ ମକଲ ଟକଲ ଟିଆଁ



ଶ୍ରୀ ସତ୍ୟବ୍ରତ ସାହୁ

ଅକଲ ମକଲ ଟକଲ ଟିଆଁ
ଟୁଆଁକୁ ଅନାଇ କହିଲା ଚଆଁ
ନିତି ଘସିମାଜି ଗାଧୋଉ ଥା'
ନହେଲେ ହୋଇବ କାଛୁ କୁଣ୍ଡିଆ ।(୧)
ଅକଲ ମକଲ ଟକଲ ଟିଆଁ
ଟୁଆଁକୁ ଅନାଇ କହିଲା ଚଆଁ
ଅଳସୁଆ ହୋଇ ପଢୁନୁ କଆଁ
ପରୀକ୍ଷା ବେଳକୁ ହେବୁ ଛାନିଆଁ ।(୨)
ଅକଲ ମକଲ ଟକଲ ଟିଆଁ
ଟୁଆଁକୁ ଅନାଇ କହିଲା ଚଆଁ
ବଡ଼ ବଡ଼ ନଖ କାଟୁନୁ କଆଁ
(ସଭିଏଁ)ନାକ ଟେକୁଛନ୍ତି ଶୁଣି ତୋ' ନାଆଁ ।(୩)
ଅକଲ ମକଲ ଟକଲ ଟିଆଁ
ଟୁଆଁକୁ ଅନାଇ କହିଲା ଚଆଁ
ହାତ ନଧୋଇ ତୁ ଖାଉଛୁ କଆଁ
ରୋଗେ ପଡ଼ି ହେବୁ ହୀନିମାନିଆ (୪)
ଅକଲ ମକଲ ଟକଲ ଟିଆଁ
ଚଆଁ କଥା ଶୁଣି କହିଲା ଟୁଆଁ
ଆଖି ମୋ' ଫିଟାଇ ଦେଲୁରେ ଚଆଁ
କାଲି ଭଲ ରୂପ ଦେଖିବୁ ଥା' ।(୫)

ପଲ୍ଲାସାହି, କମାଳପୁର,
ଅହିୟାସ, ଯାଜପୁର

# ମନେ ରଖିବା ଜିଲ୍ଲା ତିରିଶି



ରୋହିତ ସେଠୀ

ଜଟିଆ ଅଜା ଡାକ ପକାଇ
କହିଲେ ପିଲେ ଆସ
ଜିଲ୍ଲା ତିରିଶି ନାମ କହିବି
ପାଖରେ ମୋର ବସ ।

ନାତି ନାତୁଣୀ ଧାଇଁ ଆସିଲେ
ଅଜାକୁ ଗଲେ ଘେରି
ମନ ଖୁସିରେ କହିଲେ ପିଲେ
କରନ ଅଜା ଡେରୀ ।

ଆରମ୍ଭ କଲେ କନ୍ଧମାଳରୁ
ଗଞ୍ଜାମ ନୟାଗଡ଼
ଝାରସୁଗୁଡ଼ା ବଲାଙ୍ଗିରକୁ
ପୁରୀ ସୁନ୍ଦରଗଡ଼ ।

ସମ୍ବଲପୁର ମୟୂରଭଞ୍ଜ
କଟକ ନୂଆପଡ଼ା
ମାଲକାନଗିରି ଖୋରଦ୍ଧା
ସାଥେ ଭଦ୍ରକ ରାୟଗଡ଼ା ।

କେନ୍ଦ୍ରାପଡ଼ା କୋରାପୁଟ ଯେ
ଜଗତସିଂହପୁର
ସୁବର୍ଣ୍ଣପୁର କଳାହାଣ୍ଡିକୁ
ଜିଲ୍ଲାଟି କେନ୍ଦୁଝର ।

ଦେବଗଡ଼ ଆଉ ବରଗଡ଼
ବଉଦ ବାଲେଶ୍ୱର
ନବରଙ୍ଗପୁର ଗଜପତି ଯେ
ଜିଲ୍ଲାଟି ଯାଜପୁର ।

ଅନୁଗୁଳ ଢେଙ୍କାନାଳ ମିଶାଇ
ତିରିଶି ଜିଲ୍ଲା ହେଲ୍
ମୁଖସ୍ଥ କରି କହିବ ଯିଏ
ହେବଟି ସୁନାପିଲ୍ ।

ଶିକ୍ଷକ, ଦୁତିମେଣ୍ଡି(ମଲିକସାହି)
ଖଜୁରୀପଡ଼ା,କନ୍ଧମାଳ

# ଜହ୍ନ

ନିରଞ୍ଜନ ସାହୁ

ସଭିଙ୍କର ପ୍ରିୟ ଅଟେ ଜହ୍ନମାମୁଁ
ସରଗ ରହିଜେ ଘର
ରାତିରେ ପୃଥିବୀ ଆଲୋକିତ କରେ
ବୁଣି ସେ ରଜତ କର ॥

ଶିବଙ୍କ ମଥାରେ ଶୋଭାପାଏ ପୁଣି
ବିଷ୍ଣୁଙ୍କ ନୟନ ସାଜେ
ବିଭୁଙ୍କ ନିର୍ଦ୍ଦେଶ ମାନିଥାଏ ସଦା
ଅଟଳ ରହଇ କାର୍ଯ୍ୟେ
ବାଟୋଇ ସାଜି ସେ ବାଟ ଚାଲିବାରେ
ରହିଥାଏ ତତପର ॥

ତାହା ଯୋଗୁଁ ମାସ ଦୁଇ ପକ୍ଷ ହୁଏ
ସମୁଦ୍ରେ ଜୁଆର ଆସେ
ଅମାବାସ୍ୟା ଦିନ ଦିଶେ ନାହିଁ ସିଏ
ପୂର୍ଣ୍ଣିମାରେ ପୁରା ଦିଶେ
ତାହାକୁ ମାନିକ ନାନାଦି ପରବ
ଜଗତେ ପାଳନ୍ତି ନର ॥

ତାହା ପରଶରେ କୁସୁମ ବିକଶେ
ଫଳ ପରିପୁଷ୍ଟ ହୁଏ
ଔଷଧୀୟ ବୃକ୍ଷେ ଔଷଧୀୟ ଗୁଣ
ତା ଯୋଗୁଁ ପ୍ରକାଶ ପାଏ

ବିଜ୍ଞାନ କହଇ ଉପଗ୍ରହ ତାକୁ
ଆମ ଏଇ ମରତର ॥

ଅବୋଧ ଶିଶୁଙ୍କୁ ଚନ୍ଦ୍ରମା ଦେଖାଇ
ମାଆ କରିଥାଏ ବୋଧ
କବି, କଳାକାର, ଭାବୁକ, ପ୍ରେମିକ
ଚନ୍ଦ୍ର ଦେଖି ଗଦଗଦ
ପୁରାଣ ପୃଷ୍ଠାକୁ ଚନ୍ଦ୍ରମାର କାହାଣୀ
କାହାକୁ ବା ଅଗୋଚର ॥

ନହଲପ୍ରସାଦ, ଗନ୍ଧିଆପାଟଣା, ଢେଙ୍କାନାଳ



# ଚିତ୍ର



ରିୟାନ୍ସ ପଣ୍ଡା




ଷ୍ଟାଣ୍ଡର୍ଡ ୧, ରବୀନ୍ଦ୍ର ଭାରତୀ ଗ୍ଲୋବାଲ ସ୍କୁଲ,
ବାଙ୍ଗାଲୋର

# ଜାନୁୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୧/୨୦୨୧ | ଇଂରାଜୀ ନୂତନ ବର୍ଷ |
| ୦୬/୦୧/୨୦୨୧ | ପଠାଣି ସାମନ୍ତ ଚନ୍ଦ୍ରଶେଖରଙ୍କ ଜୟନ୍ତୀ |
| ୦୯/୦୧/୨୦୨୧ | ସଫଳା ଏକାଦଶୀ |
| ୧୧/୦୧/୨୦୨୧ | ଶିବ ଚତୁର୍ଦ୍ଦଶୀ |
| ୧୨/୦୧/୨୦୨୧ | ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ |
| ୧୩/୦୧/୨୦୨୧ | ଅମାବାସ୍ୟା, ଶ୍ରୀମନ୍ଦିରେ ବକୁଳ ଲାଗି |
| ୧୪/୦୧/୨୦୨୧ | ଉତ୍ତରାୟଣ ମକର ସଂକ୍ରାନ୍ତି, ପୋଙ୍ଗଲ |
| ୧୭/୦୧/୨୦୨୧ | ଶରଣ ଶେଷ |
| ୨୩/୦୧/୨୦୨୧ | ନେତାଜୀଙ୍କ ଜୟନ୍ତୀ, ଶାମ୍ବ ଦଶମୀ ଓ ସୂର୍ଯ୍ୟଦେବଙ୍କ ପୂଜା |
| ୨୪/୦୧/୨୦୨୧ | ପୁତ୍ରଦା ଏକାଦଶୀ, ରବିନାରାୟଣ ବ୍ରତ |
| ୨୬/୦୧/୨୦୨୧ | ୭୪ତମ ସାଧାରଣତନ୍ତ୍ର ଦିବସ |
| ୨୭/୦୧/୨୦୨୧ | ଶିବ ଚତୁର୍ଦ୍ଦଶୀ |
| ୨୮/୦୧/୨୦୨୧ | ଦେବାଭିଷେକ |
| ୩୦/୦୧/୨୦୨୧ | ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ |
| | |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com

## ଡିସେମ୍ବର ମାସର ବିଜେତାଙ୍କ ନାମ



ଜୀବନ ଜୀବିକାରେ ସଂକୁଳ ଚଲ୍ତପଥ,
ସବୁଜ ଗାଲିଗ୍ଚରେ ବଳାକା ଯୁଥ ଯୁଥ
ଏ ମନ ମୁକୁରରେ ଜୀବନ୍ତ କେତେ ଛବି,
କାହାକୁ ରୂପଦେବି, କାହାକୁ ଭୂଲିଯିବି?
ଏ ଅଭିନବ ଦୃଶ୍ୟ ବେଦାନ୍ତି କରୁଣାରେ
ଚହଲି ଗଲ୍ ମନ ତା ରୂପ ମାଧୁରୀରେ

ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ପଟିଆ, ଭୁବନେଶ୍ୱର

ଦିଗନ୍ତ ବିସ୍ତାରି ନୀଳ ଜଳ ରାଶି,
ନାରିକେଳ ମାଳ ଗଳାର ହାର,
ସବୁଜିମା ଭରା ସୁକୋମଳ ଧରା,
ମରାଳ ମାଳନୀ ଶୋଭା ଶୃଙ୍ଗାର,
ଧନ୍ୟ ଏଇ ସୃଷ୍ଟି, ଚର ବୈଚତ୍ର୍ୟମୟ,
ସ୍ରଷ୍ଟା ଯାର ଅବିନଶ୍ୱର,
ସ୍ଥାବରଜଙ୍ଗମ କରୁଛନ୍ତି ଲୀଳା,
ଯୁଗ ପରେ ଯୁଗ ରଚ ସ୍ୱାକ୍ଷର।

ବିଜେତା: ମୀନାକ୍ଷି ପାଢୀ, ଥାନେ, ମହାରାଷ୍ଟ୍ର

ଅନୁପମ ତୁମ ସୃଷ୍ଟି
ପଞ୍ଚ ଭୂତର ସମାହାର
ଅନୁଭବେ ସଦା ଜୀବନ୍ତ
ସୃଷ୍ଟି, ପାଳନ, ସଂହାରକୁ
ତୁମେ କୋଳରେ ଧରି ରଖ
ସାରା ବିଶ୍ୱକୁ ଦିଅ ନୂଆ
ଆଶା ଓ ଆଲୋକର
ସଂଧାନ........ ହେ ଈଶ୍ୱର।

କୀର୍ତ୍ତି ଦେବୀ, ସିଭିଲ୍ ଟାଉନ୍ ସିପ୍, ରାଉରକେଲା

ସୁନୀଳ ଆକାଶ ପରିବେଶ ସ୍ୱଚ୍ଛ
ନିରିମଳ ପୁଷ୍କରିଣୀ ନିର
ଅପୂର୍ବ ଶୋଭରେ ବିମଣ୍ଡିତ ଧରା
ଶୁଭ୍ର ବଗବଗୁଳ  ସୁନ୍ଦର
ଶୀତ ଆଗମନେ ହର୍ଷ ସର୍ବ ମନେ
କାର୍ଯ୍ୟକ୍ଷେତ୍ରେ ସର୍ବେ ତରତର
ଆକୃଷ୍ଟ କରେ ଏ ନୂଆ ଅବତାର  ।

ବାଙ୍କାବିହାରି ମହାକୁର, ବୁରୁବୁଡା  ବୀରମହାରାଜପୁର ସୁବର୍ଣ୍ଣପୁର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା –
vedantimagazine@gmail.com

# ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପଇଁ କଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତି ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁ www.vedantimagazine.com visit କରନ୍ତୁ ।

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**